
ଫେବୃଆରୀ ୨୦୨୩ • ୫୦ ଟଙ୍କା
ରେବତୀ
ଆମ ମାଟିର ସ୍ୱର
website :
www.rebatee.in
ପ୍ରସଙ୍ଗ :
ଜନଜାତି


RUCHI FOODLINE Tea
Dum Hardam
Har sip mein dum
Utkarsh PREMIUM KADAK CHAI
Utkarsh Leaf
Elaichi Chai
Utkal Dust
FREE RUCHI Haldi Powder ₹5 (12g)
www.tea.ruchifoodline.com
@ruchiteaofficial

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ପଞ୍ଚମ ବର୍ଷ : ୪ର୍ଥ ସଂଖ୍ୟା, ଫେବୃଆରୀ ୨୦୨୩ ■ Vol-5, Issue : 4, February 2023



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**


ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି

ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ : **ରବୀନ୍ଦ୍ର କୁମାର ବିଶ୍ୱାଳ**

ଅଳଂକରଣ ବିଭାଗ
- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ମ
- ଚିତ୍ରକଳା : ସଂଜୟ କୁମାର ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ



**Bhubaneswar Office**
**Rebatee Media House Pvt. Ltd.**
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
E-mail
*rebatimedia@gmail.com*

**Editorial Office**
Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920
E-mail :
*rebati.rebati2018@gmail.com*
*rebati.edit2020@gmail.com*


Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : ୫୦ ଟଙ୍କା ମାତ୍ର ■ Price : **INR 50/- Only**

ସୂ ଚୀ ପ ତ୍ର

| ୫ମ ବର୍ଷ | ୪ର୍ଥ ସଂଖ୍ୟା | ଫେବୃଆରୀ ୨୦୨୩ |

ଆମ ମାଟିର ସ୍ୱର



୭ ସମ୍ପାଦକୀୟ : ଜନଜାତି ଓ ପାରିବାରିକ... : ସୁବାସିନୀ ଜେନା











୮
ବିଶେଷ ମତ : ଜାତୀୟ ଜୀବନର...:
ଡକ୍ଟର ଶିଶିର ବେହେରା

୧୦
ମାନନୀୟେଷୁ : ଅସାମାନ୍ୟ ଅସୀମ:
ଭାସ୍ୱତୀ ବସୁ

୧୬
ପ୍ରସଙ୍ଗ-୧ : ଖଡ଼ିଆଙ୍କ ଖୋଜ୍ :
ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର

୨୨
ପ୍ରସଙ୍ଗ-୨ : 'ଧରନୀ ପେନୁ'ର...:
ଅଜିତ କୁମାର ଭୋଇ

୨୮
ପ୍ରସଙ୍ଗ-୩ : ବିପନ୍ନ ପରିଧାନ:
ଡକ୍ଟର ରଂଜନ ପ୍ରଧାନ

୩୬
ପ୍ରସଙ୍ଗ-୪ : କୋୟା ଜନଜାତି...:
ଡକ୍ଟର ଦେବାଶିଷ ପାତ୍ର

୪୬
ପ୍ରସଙ୍ଗ-୫ : ବିହନ ବୁଣାର ପର୍ବ :
ସବ୍ୟସାଚୀ ବିଷୋୟୀ

୫୨ ଆଇନକାନୁନ୍ : ଆଡ୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ
୫୪ ଦ୍ୱି-ପ୍ରଚ୍ଛଦ : ଶିବାଙ୍ଗିଧାରା ବନ୍ଦନା ସାହୁ
୫୬ ଧାରାବାହିକ କାବ୍ୟ : ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି
୫୭ ସମକାଳ କବିତା : ଚନ୍ଦ୍ର କୁମାର ମହାନ୍ତି
୫୮ : ପ୍ରଶାନ୍ତ ଦାସ
୫୯ : ସୁଧୀର ମେହେର
୬୦ : ଡକ୍ଟର କମଳାକୃଷ୍ଣ ତ୍ରିପାଠୀ
୬୧ : ନର୍ମଦା ନୀଳୋତ୍ପଳା
୬୨ : ରାଜଶ୍ରୀ ମହାପାତ୍ର
: ସ୍ନେହାଶିଷ ମହାନ୍ତି
୬୩ : ସିପୁନୁ ଜେନା
: ଆଲୋକ କୁମାର ରାୟ
୬୪ କଥା-କାହାଣୀ-୧ : ଶକ୍ତିପ୍ରଭା ମିଶ୍ର
୬୭ କଥା-କାହାଣୀ-୨ : ଡ. ସୁଜାତା ଶୁଭଦର୍ଶିନୀ ନାୟକ











୭୨ ପ୍ରେରଣା : କନ୍ଦର୍ପ ବେହେରା
୭୮ ପ୍ରସଙ୍ଗ-୬ : ବିଜୟ କୁମାର ଜେନା
୮୨ ପ୍ରସଙ୍ଗ-୭ : ବିଜୟ ଉପାଧ୍ୟାୟ
୮୬ ପ୍ରସଙ୍ଗ-୮ : ପତିତପାବନ ଗିରି
୯୧ ପୁଷ୍ପବିତାନ : ଶ୍ୱେତା ରାଉତ
୯୬ ଧାରାବାହିକ : ଜୟନ୍ତୀ ରଥ
୧୦୦ ସ୍ୱାସ୍ଥ୍ୟ-ଚର୍ଚ୍ଚା : ରବୀନ୍ଦ୍ର କୁମାର ବିଶ୍ୱାଳ







## ନିୟମିତ ବିଭାଗ


ରୋଷେଇଶାଳ:
୧୦୪ : ସମ୍ବେଦନା ମିଶ୍ର

୧୦୬ ଶେଷପୃଷ୍ଠା : ସାହିତ୍ୟିକର ଶିଷ୍ଟାଚାର : କୃଷ୍ଣ କୁମାର ମହାନ୍ତି





ପ୍ରଚ୍ଛଦ ଭାବନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ମଡେଲ୍ : ଆରୋହୀ ଅର୍ପିତା ଦାସ୍, ବାରିପଦା
ଉଚ୍ଚତା : ୫ ଫୁଟ୍ ୫ ଇଞ୍ଚ
ବୃତ୍ତି : ଅଭିନୟ/ମଡେଲିଂ
ରୁଚି : ନାଚ ଓ ଭ୍ରମଣ
ଶିକ୍ଷା : +୩ ଓ ଶାରିରୀକ ଶିକ୍ଷାରେ ସ୍ନାତକ ଛାତ୍ରୀ
ପ୍ରଚ୍ଛଦ ଫଟୋଗ୍ରାଫି : ପପୁ ବେହେରା,ମିଡ଼ିଆ କ୍ରିଏସନ ଫଟୋଗ୍ରାଫି
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କମ୍ପ, ସୋନପୁର
କଷ୍ଟ୍ୟୁମ୍ ଓ ମେକ୍ଅପ୍ : ପ୍ରିୟା ଜେନା, ସାଇନ ଏନ୍ ଗ୍ଲୋ, ବାଲେଶ୍ୱର
ସ୍ଥାନ : ବେତନଟୀ, ମୟୂରଭଞ୍ଜ

**ମଲାଟ କଥା :** ଜନଜାତିଙ୍କ ଜୀବନଚର୍ଯ୍ୟା ମୁଖ୍ୟସ୍ରୋତରେ ସାମିଲ ହୋଇ ନଥିଲେ ହେଁ ଏକ ନିଆରା ସରଳପଣ ଉକୁଟି ଉଠେ ସେମାନଙ୍କ ଦିନଲିପିରେ । ସହରର ଚାକଚକ୍ୟ ଠାରୁ ଦୂରରେ ଥାଇ ସେମାନେ ପ୍ରକୃତି ଓ ପୃଥିବୀର କୋଳରୁ ସାଉଁଟି ଆଣନ୍ତି ବଞ୍ଚିବାର ବାହାନା । ନଥାଏ ଛଳନା, ନଥାଏ କପଟତା । ଏକ ମାନବୀୟ ଗୁଣବତ୍ତାରେ ହଜାରେ ଶିକ୍ଷିତଙ୍କଠୁ ବଡ଼ ହୋଇ ଦିଶେ ସେମାନଙ୍କ ନିଷ୍ପାପ ମୁହଁ । ବନବାସୀ ସେମାନେ । ଜଙ୍ଗଲର ଗଛଗୁଳ୍ମ, ପଶୁପକ୍ଷୀଙ୍କ ମେଳରେ ବିତେ ସେମାନଙ୍କ ସମୟ । ପ୍ରକୃତି କୋଳର ଆଦିମ ମଣିଷ ସେମାନେ, ବଣପାହାଡ଼, ଝରଣା ସେମାନଙ୍କ ଜୀବନଜୀବିକାର ଠିକଣା । ସରଳ ନିଷ୍ପାପ ଏଇ ମଣିଷମାନେ ପରିବାରରେ ଚଳନ୍ତି ଖୁସିରେ । ଜନଜାତି ଧାଙ୍ଗଡ଼ିଟିଏ ପୋଷା ଛେଳି ସହ ମିତ ବସିବାର ମୁହୂର୍ତ୍ତ ଏ ମାସର ପ୍ରଚ୍ଛଦ ଆମର ।











## ରେବତୀରେ ନବଉନ୍ମେଷର ଅୟମାରମ୍ଭ ହେଉ

● ଜାନୁଆରୀ ମାସର 'ରେବତୀ' ପଢିବା ପରେ ଆପଣଙ୍କୁ ସାଧୁବାଦ ନ ଜଣେଇ ଓ ମୋର ମତାମତ ନ ଜଣାଇ ରହିପାରୁ ନାହିଁ ! ଅତି ଚମତ୍କାର ପତ୍ରିକା ! ପ୍ରଥମେ ଏହାର କାଗଜର ଉଚ୍ଚମାନ, ପ୍ରଚ୍ଛଦ, ପରିପାଟୀ, ପ୍ରସଙ୍ଗ ଚୟନ, ଭାଷାର ପାଟବ, ଉପସ୍ଥାପନାର ଶୈଳୀ ସମସ୍ତ ବିଭାଗ ପାଇଁ ସଂପାଦନା ମଣ୍ଡଳୀ ଓ ଲେଖକ/ ଲେଖିକା, ଉପସ୍ଥାପକ/ ଉପସ୍ଥାପିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ! ପ୍ରତ୍ୟେକ ଲେଖାର ଭାଷା ବିନ୍ୟାସ ପ୍ରଶଂସନୀୟ ! ଏସବୁ ବ୍ୟତୀତ ସୃଜନର ନୂଆ ମୁହଁ ରୂପେ ସାହିତ୍ୟ, ଚିତ୍ରକଳା, ସଂପାଦନାରେ କେତେଜଣ ବିଶିଷ୍ଟ ତରୁଣ ପିଢିର କଳାକାରଙ୍କ ସହ ପରିଚୟ ହୋଇ ମନ ଆନନ୍ଦିତ ହେଲା ! ସେମାନଙ୍କ ଲେଖା ପଢି ହୃଦ୍‌ବୋଧ ହେଲା ଯେ ଓଡିଆ ସାହିତ୍ୟର ନବ ଉନ୍ମେଷର ଯୁଗ ଆସିଛି ! ମୁଁ ବିଶେଷ ଧନ୍ୟବାଦ ଦେବି ସମସ୍ତ ପ୍ରସଙ୍ଗର ଉପସ୍ଥାପକ/କା ମାନଙ୍କୁ , ଯେଉଁମାନେ ଅତି ସୁନ୍ଦର ଭାବେ ପ୍ରସଙ୍ଗଗୁଡିକ ଉପସ୍ଥାପନ କରିଛନ୍ତି ! ଗାଳ୍ପିକ ରବି ପଣ୍ଡା, ଡକ୍ଟର ରଂଜନ ପ୍ରଧାନ, ଚିତ୍ତରଂଜନ ନାୟକ, ମାନମୟୀ ରଥ, ଡକ୍ଟର ହିରଣ୍ମୟୀ ମିଶ୍ର, କ୍ଷେତ୍ରବାସୀ ନାଏକ, କମଳ କୁମାର ମହାନ୍ତି, ଓଁ ଅଭିଜ୍ଞାନ ସାହୁ, ସୁବ୍ରତ କୁମାର ସେନାପତି ଇତ୍ୟାଦି ଅତି ପ୍ରାଞ୍ଜଳ ଭାବେ, ଚିତ୍ତ ବିନୋଦକ ଢଂଗରେ ପ୍ରସଙ୍ଗ ଗୁଡିକ ପରଷି ଦେଇଥିବାରୁ ! ଏହାଛଡା ଦୁଇ ବରିଷ୍ଠ ସାହିତ୍ୟିକ ଦେବ୍ରାଜ ଲେଙ୍କା ଓ ଡକ୍ଟର ଫନୀ ମହାନ୍ତିଙ୍କ ନିଜ ଭାଷାରେ, ନିଜ ସ୍ୱରରେ ନିଜ ଜୀବନାନୁଭୂତିର ପରିବେଷଣ କରି ସଂପାଦକ ମଣ୍ଡଳୀ ପ୍ରମାଣିତ କରିଛନ୍ତି ଯେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବରିଷ୍ଠ ଓ କନିଷ୍ଠ ପରସ୍ପରର ପରିପୂରକ ! ଅତୀତର ପୃଷ୍ଠଭୂମି ଉପରେ ହିଁ ବର୍ତ୍ତମାନ ଓ ଭବିଷ୍ୟତ ପ୍ରତିଷ୍ଠିତ !

**ଡକ୍ଟର ସୁମିତ୍ରା ମିଶ୍ର,**
**ଅବସରପ୍ରାପ୍ତ ପ୍ରଫେସର, ଭୁବନେଶ୍ୱର**

## କବି ଫନୀ ମହାନ୍ତିଙ୍କ ଆଲେଖ ଭଲ ଲାଗିଲା

● ଆଜି 'ରେବତୀ'କୁ ତନ୍ନ ତନ୍ନ କରି ପଢ଼ିଲି । ସବୁ ଗୁଡ଼ାକ ଆର୍ଟିକିଲ ଖୁବ୍ ଉପାଦେୟ । ପ୍ରିୟକବି ଡ. ଫନୀ ମହାନ୍ତିଙ୍କ ସାକ୍ଷାତକାରଟି ଖୁବ୍ ଭଲ ଲାଗିଲା । ସୁବ୍ରତ ଭାଇଙ୍କ ଫିଚର୍ ବି ଅନନ୍ୟ । ଚିତ୍ରକଳା ବିଭାଗଟି ଆକର୍ଷଣୀୟ ହୋଇଛି ଓ ପରିଶେଷରେ ଆପଣଙ୍କ 'ନବପ୍ରଜନ୍ମର ପ୍ରତିବଦ୍ଧତା' ଶିରୋନାମାରେ ଯୁବପିଢ଼ିଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ଖୁବ୍ ଭଲ ଲାଗିଲା । 'ନୂଆଁମୁହଁ' ଭିତରେ ମୁହଁଟିଏ ହୋଇ ପାରିବାରୁ ବେଶ୍ ଆନନ୍ଦିତ ।

**ଶୁଭସ୍ମିତା ତ୍ରିପାଠୀ,** ବ୍ରହ୍ମପୁର

## ନୂଆ ନୂଆ ଫୁଲଙ୍କ ହାଟ ବସିଛି 'ରେବତୀ'ରେ ଏଥର

●ନବଜାତକର ପାଳନ ପୋଷଣ କଥାରୁ ଆରମ୍ଭ ହୋଇଛି ଏଥରର 'ରେବତୀ'ର ପୃଷ୍ଠା । ସମ୍ପାଦିକା ପ୍ରତିଥର ପରି ପରିବାର, ପରିବାରରେ ନାରୀର ଭୂମିକା, ପୁରୁଷର ନାରୀ ପ୍ରତି ଅଫୁରନ୍ତ ଭଲପାଇବା ଓ ପ୍ରୋତ୍ସାହନ ଏବଂ ଏକ ଆଦର୍ଶ ପାରିବାରିକ ଜୀବନ ପାଇଁ ଯାହା ଯାହା ଲୋଡା ସେଥିପ୍ରତି ବିଶେଷ ଦୃଷ୍ଟି ନିକ୍ଷେପ କରିଥାନ୍ତି । ଏଥର ମଧ୍ୟ ଏକ ନବଜାତକର ଉପଯୁକ୍ତ ଲାଳନ ପାଳନ ପାଇଁ ଉଭୟ ବାପା ମାଆଙ୍କ କର୍ତ୍ତବ୍ୟକୁ ସେ ଯେଉଁ ପରି ଭାବେ ସଂପାଦକୀୟରେ ଆଲୋକପାତ କରିଛନ୍ତି ତାହା ପ୍ରଣିଧାନଯୋଗ୍ୟ । ଡକ୍ଟର ଶିଶିର ବେହେରା ପ୍ରତି ଥର ପରି ନିଜର ବିଭାଗଟିକୁ ସୁଚାରୁରୂପେ ସମ୍ପାଦନା କରିଛନ୍ତି । ଡକ୍ଟର ରଂଜନ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ 'ନବ ପ୍ରଭାତର ନବାବ'ରେ ବେଶ୍ ଚମକୁଛନ୍ତି ଶୈଳୀ ସମ୍ରାଟ ଦେବ୍ରାଜ୍ ଲେଙ୍କା । ପ୍ରଶ୍ନ ଗୁଡ଼ିକ ସହ ତାଙ୍କ ରୋକ୍ ଠୋକ୍ ଜବାବ୍ ବେଶ୍ ସ୍ପର୍ଶ କଲା । ସମକାଳୀନ ସ୍ରଷ୍ଟା ମାନଙ୍କ ମତାମତ ଶୈଳୀ ସମ୍ରାଟଙ୍କୁ ନେଇ ଖୁବ୍ ଭଲ ଲାଗିଲା । ସବୁଠୁ ଭଲ ଲାଗିଲା ଲେଖା ଭିତରେ ଏ ଟ୍ୟାଗ୍‌ଟି: 'ବେସାଲିସ ବାଦ୍‌ଶାହ ଓ ପାଠକର ଲେଖକ' । ସାହିତ୍ୟରେ ଟିକେ ଖଚଡାମି ନକଲେ ନଚଳେ । ଆଃ ! କି ବିନ୍ଦାଶ୍ ସ୍ୱୀକୋରୋକ୍ତି । ଏମିତି କେବଳ କେବଳ କେବଳ 'ଖେଳ', 'ଝିଅ କାନ୍ଦୁଚି'ର ସ୍ରଷ୍ଟା ହିଁ କହି ପାରନ୍ତି ଆଉ ଉପନ୍ୟାସ ପାଇଁ ପାଇ ପାରନ୍ତି ସୁନା ମୁଦିଟିଏ । ଦେବ୍ରାଜ ସାର୍‌ଙ୍କ ଏକ ପାରିବାରିକ ଫଟୋ ଦିଆ ଯାଇଥିଲେ ଆଉ ଟିକେ ବି ଭଲ ଲାଗିଥାନ୍ତା । 'ପୁଷ୍ପଧନୁର ପ୍ରେମିକ' : ଆଃ କି ଚମତ୍କାର ଏ ଶୀର୍ଷକ ! ପ୍ରେମ ପୃଥିବୀର ପରିବ୍ରାଜକ ସତରେ ପ୍ରିୟତମା, ସୁନୟନା, ଅହଲ୍ୟା, ଚିତ୍ର ପ୍ରତିମାର ନାୟକ କବି ଫନୀ ମହାନ୍ତି । ଗାଳ୍ପିକ ରବି ପଣ୍ଡା ଯେଉଁପରି ଭାବେ କାବ୍ୟ ଜଗତର ଅନ୍ୟତମ ନାୟକଙ୍କ ପୃଷ୍ଠାକୁ ସଜାଇଛନ୍ତି କଲମରେ ସେଥିରୁ ନାୟକଙ୍କ ପ୍ରତି ତାଙ୍କର ଅତୁଟ ଭଲ ପାଇବା, ସମ୍ମାନ ବେଶ୍ କରି ବାରି ହୋଇ ପଡୁଚି । 'ନଅ ନୂଆ ମୁହଁ ବିଶ୍ୱାସର ଜହ୍ନ ଆଲୁଅ'- ଏ ଜହ୍ନ ଆଲୁଅକୁ ପ୍ରତି ଥର ନିସର୍ଗରେ ଖୋଜିବା ସହଜ କଥା ନୁହଁ । ସେପରି ଅଦମ୍ୟ ବିଶ୍ୱାସ ଭଲ ପାଇବା ତରୁଣଙ୍କ ପ୍ରତି ରହିଛି ବୋଲି ତ କବି ଚିତ୍ତରଞ୍ଜନ ନାୟକ ପ୍ରତି ଥର ଏ ନୂଆବର୍ଷ ବିଶେଷାଙ୍କରେ 'ରେବତୀ' ପୃଷ୍ଠାରେ ଏ ବିଭାଗକୁ ଉଭାସିତ କରି ପାରୁଛନ୍ତି ବୀରେନ୍ଦ୍ର, ଗୌରୀ, ଅଂଶୁମାନ, ଅଜୟ, ଶୁଭସ୍ମିତା, ପ୍ରତୀଚୀ, ଲକ୍ଷ୍ମୀଧର, ଶ୍ରୀସିକ୍ତା, ମନୀଷାଙ୍କ ପରି ଅନେକ ଉଜ୍ଜ୍ୱଳ ତରୁଣଙ୍କ ସୁଶୀତଳ ଜ୍ୟୋତ୍ସ୍ନାକୁ ସାଥିରେ ଧରି । ସମସ୍ତଙ୍କୁ ଅଲଗା ଅଲଗା ପ୍ରଶ୍ନରେ ସୃଜନର କାଠଗଡାରେ ଛିଡ଼ା କରାଇବାର କଳାଟି ଭଲ ଲାଗିଲା । ତରୁଣ କବିମାନଙ୍କ ଉତ୍ତର ଓ କବିତାଗୁଡ଼ିକ ମଧ୍ୟ ଖୁବ୍ ଚମତ୍କାର । 'କଳା ବିଭାଗର କିମିଆ'କୁ ମଧ୍ୟ ବେଶ୍ କରି ନିଷ୍ଠାପର ଭାବେ ମାନମୟୀ ରଥ ତୋଳି ଧରୁଛନ୍ତି ପ୍ରତି ଥର ଅତି ସୁନ୍ଦର ଭାବେ । ଚିତ୍ରଶିଳ୍ପୀଙ୍କ ଚିତ୍ରଗୁଡ଼ିକ ଖୁବ୍ ସୁନ୍ଦର କରିଚି ମଧ୍ୟ ଏ ଫିଚର୍‌କୁ । ପଥର, କୁହୁକ କୁହୁଳେ, ନୀରବ ଆଖିର ଭାଷା, ରବିବାର, ନିରବତା ଓ ତୁମେ, ସଙ୍ଗୀତ, ଆରମ୍ଭ, ବର୍ଣ୍ଣବୋଧ କବିତା ସବୁ ଖୁବ୍ ମନୋଜ୍ଞ । କବିତାରେ ସଂଯୋଜିତ ଚିତ୍ର ସବୁ ପାଇଁ ଚିତ୍ରଶିଳ୍ପୀ ମାନଙ୍କୁ ମଧ୍ୟ ହୃଦୟରୁ ଭଲପାଇବା । ଗପ, ସମାଲୋଚନା ଓ କବିତା: ଏ ତିନିଟି ବିଭାଗର ନବ ସମ୍ଭାବନାମାନଙ୍କୁ ଖୋଜିବା ଓ ସେମାନଙ୍କ ବହି କିମ୍ବା ପ୍ରକାଶିତ ଲେଖା ସବୁ ପଢ଼ି ଆଲୋଚନା କରିବା ଜଣେ ସୃଜକର ଅନ୍ତରଙ୍ଗ ପଠନ ପ୍ରବୃତ୍ତିର ପରିଚୟ ଦିଏ ଯାହା ସ୍ପଷ୍ଟ ବାରି ହୋଇ ପଡୁଛି କମଳ କୁମାର ମହାନ୍ତିଙ୍କ ସ୍ୱତନ୍ତ୍ର ଆଲେଖ୍ୟରେ । ତାଙ୍କ କମାଲ ଲେନ୍ସରେ ଚକ୍ ଚକ୍ କରୁଛନ୍ତି ଗାଳ୍ପିକ ଶାନ୍ତନୁ, କବି ସୁମିତ ଓ ଆଲୋଚକ ମାଧବାନନ୍ଦ । ଲୋପାମୁଦ୍ରା ମିଶ୍ର ଆମ ସମୟର ଜଣେ ଅନନ୍ୟ ଯୁବ କଥାକାର । ଉଭୟ ଗପ ଓ ଉପନ୍ୟାସରେ ତାଙ୍କ ପ୍ରତିଶ୍ରୁତି ବଦ୍ଧତା ବାରି ହୋଇ ପଡ଼େ । ଯୁବପିଢିଙ୍କ ଲେଖାକୁ ପଢ଼ି ସବୁବେଳେ ପ୍ରେରଣା ଦେଇ ଆସୁଥିବା ଲେଖିକା ହିରଣ୍ମୟୀ ମିଶ୍ରଙ୍କ ସଂକ୍ଷିପ୍ତ ଆଲୋଚନା ଲୋପାମୁଦ୍ରାଙ୍କୁ ନେଇ ଭଲ ଲାଗିଲା । ଗଳ୍ପରେ ନୂଆ ମୁହଁ ଭାବେ କ୍ଷେତ୍ରବାସୀ ନାଏକ ଧର୍ମରାଜଙ୍କ ଗପକୁ ନେଇ ଯେଉଁ ଆଲୋଚନା କରିଛନ୍ତି ତାହା ଭଲ ଲାଗିଲା । ପ୍ରକାଶନ ପୃଥିବୀରେ ଛଅ ନୂଆ ମୁହଁଙ୍କୁ ନେଇ ଓମ୍ ଅଭିଜ୍ଞାନ ସାହୁଙ୍କ ଉପସ୍ଥାପନା ସୁନ୍ଦର ହୋଇଚି । ଶେଷରେ ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତି ଯେଉଁ ଆଶା ତକ ପୋଷଣ କରିଛନ୍ତି ଲେଖାଲେଖି ସହ ପଢିବା ଅଭ୍ୟାସକୁ ବଢାଇବା ଦିଗରେ ତାହା ସଫଳ ହେଉ ବୋଲି ମୁଁ କାମନା କରୁଚି । ମୋ ଦ୍ୱାରା ପ୍ରସ୍ତୁତ ପ୍ରଥମ ଫିଚର୍ 'ନୂଆ ପତ୍ରିକା, ଆଶାର ନୂଆ ଦିଶା' ପାଇଁ କୃଷ୍ଣ କୁମାର ମହାନ୍ତିଙ୍କୁ ଅଶେଷ ଅଶେଷ ଧନ୍ୟବାଦ କାରଣ ତାଙ୍କ ପ୍ରୋତ୍ସାହନ ନଥିଲେ ହୁଏତ ଏ ଦିଗରେ ମୁଁ ହାତ ଦେଇ ନଥାନ୍ତି । 'ରେବତୀ' ପ୍ରକୃତରେ ଏ ଜାନୁଆରୀରେ ନୂଆ ନୂଆ ଫୁଲଙ୍କ ହାଟ ନେଇ ଆସିଚି । ଆସନ୍ତୁ 'ରେବତୀ'ର ଭଲପାଇବାର ରଙ୍ଗରେ ଆହୁରି ରଙ୍ଗିନ ହୋଇ ଉଠିବା ।

**ସୁବ୍ରତ କୁମାର ସେନାପତି,** ଖାରବେଳ ହଷ୍ଟେଲ, ଭୁବନେଶ୍ୱର

ସମ୍ପାଦକୀୟ

# ଜନଜାତି ଓ ପାରିବାରିକ ଶୃଙ୍ଖଳା

ପାରିବାରିକ ଶୃଙ୍ଖଳା ସବୁବେଳେ ପରିବାରର ସଦସ୍ୟମାନଙ୍କ ଉପରେ ଗଭୀର ଭାବେ ପ୍ରଭାବ ପକାଇଥାଏ । ଯେଉଁ ପରିବାର ଯେତିକି ଶୃଙ୍ଖଳା-ମଣ୍ଡିତ, ସେଇ ପରିବାରର ସଦସ୍ୟମାନେ ସେତିକି ସୁସଂସ୍କୃତ ଓ ସେତିକି ସଂସ୍କାରିତ ବୋଲି ଆମେ ଦେଖିଥାଉଁ । ଅନେକ ସମୟରେ ପରିବାର ପରିଚାଳନାଗତ ଭୁଲତ୍ରୁଟି ଯୋଗୁଁ ଅନେକ ପରିବାରରେ ବିଶୃଙ୍ଖଳା ଓ ଅଶାନ୍ତି ଦେଖା ଦେଇଥାଏ । ଫଳରେ ପୁରା ପରିବାରଟି ଗୋଟିଏ ନର୍କକୁଣ୍ଡ ପାଲଟି ଯାଏ ।

କହିବା ନିଷ୍ପ୍ରୟୋଜନ ଯେ, ପରିବାର ପରିଚାଳନା ପାଇଁ କେଉଁଠାରୁ ତାଲିମ ନେବାକୁ ପଡ଼ିନଥାଏ ବା ଏଥିପାଇଁ କୌଣସି ଶିକ୍ଷାନୁଷ୍ଠାରେ ଅଧ୍ୟୟନ କରିବାର ଆବଶ୍ୟକତା ନଥାଏ । ଯେଉଁ ପରିବାରର ବରିଷ୍ଠ ସଦସ୍ୟମାନେ ସେମାନଙ୍କ ପୂର୍ବ ସମ୍ପର୍କୀୟମାନଙ୍କ ଠାରୁ ଯାହା ଓ ଯେମିତି ଶୃଙ୍ଖଳା ଓ ଶିଷ୍ଟାଚାର ତଥା ସଂସ୍କାରର ସୂତ୍ର ଶିଖିଥିବେ ସେମାନେ ସେମାନଙ୍କ ଉତ୍ତରପିଢ଼ିକୁ ସେଇପରି ଶିଖାଇବାକୁ ଚାହିଁବେ । କିନ୍ତୁ ଆଜିକାଲି ସମାଜର ଅଗ୍ରଗତି ସଙ୍ଗେ ସଙ୍ଗେ ଆମେମାନେ ଏତେ ବେଶି ଯାନ୍ତିକ ଓ ଅର୍ଥରୋଜଗାରର ଏକ ମେସିନ୍ ହୋଇ ସାରିଲୁଣି ଯେ, ଆମ ପାଖରେ ପରିବାରକୁ ସୁପରିଚାଳିତ କରି ଗଢ଼ିବା ଦିଗରେ ନା ଅଛି ସମୟ, ନା ଆଗ୍ରହ ।

ଏ କଥା ଭୁଲିଯିବା ଉଚିତ ନୁହେଁ ଯେ, ଅର୍ଥ ମଣିଷ ଜୀବନରେ ଏକ ବଡ଼ ଆବଶ୍ୟକତା ହେଲେ ମଧ୍ୟ, ଅର୍ଥ ହିଁ ଜୀବନକୁ ଅନର୍ଥ କରିବାର ଏକ ହେତୁ ହୋଇ ଛିଡ଼ାହୁଏ ଅନେକ କ୍ଷେତ୍ରରେ । ସୁତରାଂ ନିଜକୁ ଆମେ ଏ ଦିଗରେ ସଚେତନ କରି ନିଜ ପରିବାର ପାଇଁ ସମୟ ବାହାର କରିବା ଏକାନ୍ତ ଆବଶ୍ୟକ । ଏପରି ଘଟିଲେ ଯାଇ ଆମେ ଏକ ସୁନ୍ଦର ଓ ଶୃଙ୍ଖଳା-ମଣ୍ଡିତ ପରିବାର ଉପହାର ଭାବେ ଦେଇ ପାରିବା ଆମ ସମାଜକୁ ।

ଏ ଦିଗରେ ନାରୀଟିଏର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆମେ ଜାଣୁ । କାର୍ଯ୍ୟତଃ ଆମେ ଦେଖୁ ମଧ୍ୟ, ବାସ୍ତବ କ୍ଷେତ୍ରରେ ନାରୀଟିଏ ହିଁ ସବୁ ଦାୟଦାୟିତ୍ୱ ନିଜ ମୁଣ୍ଡ ଉପରକୁ ନେଇଥାଏ । ଏ ପରିପ୍ରେକ୍ଷୀରେ ଆମେ ଜନଜାତି ସମୁଦାୟଙ୍କ ପାରିବାରିକ ଚଳଣି ଓ ପରିବାରର ଶୃଙ୍ଖଳା ବିଷୟରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ପୃଥିବୀର ଆଦିମ ଅଧିବାସୀ ଭାବରେ ବିଭିନ୍ନ ସମ୍ପ୍ରଦାୟର ଜନଜାତି ରହିଛନ୍ତି ମାନବ ସମାଜ ସହିତ ଯୋଡ଼ି ହୋଇ । ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ବିକାଶ ଠାରୁ ଦୂରରେ ରହିଥିଲେ ମଧ୍ୟ ଏଇ ଜନଜାତି ସମୁଦାୟ ବେଶ୍ ସରଳ ଓ ନିରାଡ଼ମ୍ବର ଜୀବନଯାପନ କରିଥାନ୍ତି । ଏହି ସରଳତା ତାଙ୍କ ଜୀବନର ଏକ ଅମୂଲ୍ୟ ସମ୍ପଦ । ଯେହେତୁ ସେମାନେ ପ୍ରକୃତି ସହ ବଞ୍ଚନ୍ତି, ସୁତରାଂ ପ୍ରକୃତି ପରି ସୁନ୍ଦର ଓ ସରଳ ହୋଇଥାଏ ସେମାନଙ୍କ ଚଳଣି । ପ୍ରକୃତି ପ୍ରତି ଆମେ ନାନା ଅତ୍ୟାଚାର କରୁଥିଲେ ହେଁ ପ୍ରକୃତି କେବେ ବି ଆମକୁ ଅନାଦର କରେ ନାହିଁ । ଆମର ସବୁ ଅତ୍ୟାଚାର ସହି ଆମକୁ ଜୀବନ ଯାପନର ସୁନ୍ଦର ବାତାବରଣ ଦେଇଥାଏ ପ୍ରକୃତି । ଜନଜାତି ସମୁଦୟ ଏଇ ପ୍ରକୃତି ପାଖରୁ ହିଁ ଶିଖିଥାନ୍ତି ବଞ୍ଚିବାର ଅସଲ ମନ୍ତ୍ର ।

ଆପଣମାନେ ଜାଣିଥିବେ, ଏକ ଜନଜାତି ପରିବାରରେ ନାରୀ ହିଁ ସଦା ପ୍ରାଧାନ୍ୟ ପାଇଥାଏ । ଜନଜାତିର ନାରୀଟିଏ ଘର ସଜାଇବା ଠାରୁ, ପିଲାପିଲି ଲାଳନପାଳନ, ରୋଷେଇବାସ କରିବା ଏବଂ ବାହାରେ ପୁରୁଷଙ୍କ ସହିତ ମିଶି ଶ୍ରମଦାନ ମଧ୍ୟ କରିଥାଏ । ନାରୀକୁ ଜନଜାତି ସମ୍ପ୍ରଦାୟ ଯଥେଷ୍ଟ ସମ୍ମାନ ଦେବା ସହ ସେମାନଙ୍କୁ ପରିବାରର ମୁଖ୍ୟ ବୋଲି ପରିଗଣିତ କରିଥାନ୍ତି । ଜନଜାତି ସମୁଦାୟରେ ନାରୀଟିଏ ଘରର ଯାବତୀୟ ସାଂସାରିକ କାର୍ଯ୍ୟ କରିବା ସହିତ ବିଲବାଡ଼ିରେ କାମ କରି ଗୁଜୁରାଣ ମେଣ୍ଟାଇଥାଏ । ସେମାନଙ୍କ ଘରକୁ ସୁନ୍ଦର ଭାବେ ଲିପାପୋଛା କରି ପରିଷ୍କାର ପରିଚ୍ଛନ୍ନ ରଖିବା ଠାରୁ ଜଂଗଲରୁ ଜଂଗଲ ଜାତ ସାମଗ୍ରୀ ସଂଗ୍ରହ କରିବା ପର୍ଯ୍ୟନ୍ତ ଛୋଟରୁ ଛୋଟ କାମ ସେମାନେ କରିଥାନ୍ତି । କେବଳ ଏତିକି ନୁହେଁ, ଆପଣମାନେ ଆଦିବାସୀ ବହୁଳ ଅଞ୍ଚଳରେ ଦେଖିବେ ହାଟ ବା ବଜାରରେ ମହିଳାମାନେ ହିଁ ବିଭିନ୍ନ ଜଂଗଲଜାତ ସାମଗ୍ରୀ ବିକ୍ରି କରୁଥିବାର । ତେଣୁ ଜନଜାତିଙ୍କ ଭିତରେ ନାରୀମାନଙ୍କୁ ଯଥେଷ୍ଟ ସମ୍ମାନ ଦିଆଯିବାର ଏକ ସମୃଦ୍ଧ ପରମ୍ପରା ଆମେ ଲକ୍ଷ୍ୟ କରୁ । ଏମିତିକି ଆମର ବିବାହ ପରମ୍ପରାରେ ଆମେ କନ୍ୟାଘରୁ ଯୌତୁକ ଭଳି ଏକ ଜଘନ୍ୟ କଥା ଆଶା କରୁଥିବା ବେଳେ ଜନଜାତି ପରମ୍ପରାରେ ସେମାନେ କନ୍ୟାଙ୍କୁ ବିଭିନ୍ନ ପ୍ରକାର ଗୃହପାଳିତ ପଶୁ ଯଥା: ଗାଈ, ଛେଳି, କୁକୁଡ଼ା ଉପହାର ଦେଇ ତା ବଦଳରେ କନ୍ୟାକୁ ବିବାହ କରି ଆଣିଥାନ୍ତି । ସୁତରାଂ ନାରୀଟିଏ ଜନଜାତି ସମାଜରେ ବେଶ୍ ସମ୍ମାନଜନକ ଭାବେ ବଞ୍ଚିଥାଏ, ଏ କଥାକୁ ଅସ୍ୱୀକାର କରାଯାଇ ନପାରେ । ଏହା ଆମକୁ ଏଇ ଶିକ୍ଷା ଦିଏ ଯେ, ଆମେ ମଧ୍ୟ ପରିବାରରେ ନାରୀକୁ ଯଥାସାଧ୍ୟ ମର୍ଯ୍ୟାଦା ପ୍ରଦାନ କରି ସେମାନଙ୍କୁ ଉତ୍ତମ ପରିବାର ଗଢ଼ିବାର ବାଟଟିଏ ଦେଖାଇ ଦେବା ଉଚିତ । ଉତ୍ତମ ପରିବାରଟିଏ ଗଢ଼ି ହେଲେ, ସେଇ ପରିବାରରେ ଶୃଙ୍ଖଳା ଓ ଶିଷ୍ଟାଚାର ସ୍ୱତଃ ବିଦ୍ୟମାନ ହେବ- ଏଥିରେ ତିଳେ ମାତ୍ର ସନ୍ଦେହର ଅବକାଶ ନାହିଁ । ଆଜିର ଶିକ୍ଷିତ, ସଭ୍ୟ ତଥା ବିକଶିତ ସମାଜରେ ବସବାସ କରି ନାରୀକୁ ଅମର୍ଯ୍ୟାଦା କରିବାର ପାଶବିକ ପ୍ରବୃତ୍ତି ଠାରୁ ଦୂରେଇ ରହି ଆମେ ଆସନ୍ତୁ ସେଇ ଜନଜାତି ସମୁଦାୟଙ୍କ ଠାରୁ ସେମାନଙ୍କ ସରଳପଣ ଆଉ ନିରାଡ଼ମ୍ବର ଜୀବନଯାପନର ସୂତ୍ର ଆହରଣ କରିବା ।

**ସମ୍ପାଦିକା**



ବିଶେଷ ମତ

# ଜାତୀୟ ଜୀବନର ତୀର୍ଥସ୍ଥାନ : ବିର୍‌ଲା ଭବନ


## ଡକ୍ଟର ଶିଶିର ବେହେରା

ସହକାରୀ ପ୍ରଫେସର୍,
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ
କେନ୍ଦୁଝର ପରିସର, କେନ୍ଦୁଝର,
ଫୋନ: ୮୨୪୯୮୯୫୨୭୪



▲ଶିଶିର ବେହେରା

ରକ୍ତମାଂସର ଶରୀର ଧରି ମର୍ତ୍ତ୍ୟଜଗତରେ ନିଜକୁ ଉତ୍ସର୍ଗ କରିପାରେ ସେହିଜନ, ଯିଏ ଦେବତାର ଅଂଶ ବା ମହାମାନବ । ଦେଶ ଓ ଦଶର ସର୍ବବିଧ କଲ୍ୟାଣ ଏବଂ ତତ୍ ସହିତ ମାନବଜାତିର ଦିଗ୍‌ଦର୍ଶକ ହେବାରେ ସେହି ମହାମାନବ ହିଁ ହୋଇପାରନ୍ତି ମହାନ୍ ଆତ୍ମା- ମହାତ୍ମା । ଆମ ଜାତୀୟ ମାନସରେ ଏହିଭଳି ଜଣେ ଯୋଗଜନ୍ମାଙ୍କୁ ପ୍ରାପ୍ତ କରିବାର  ମହାର୍ଘ ଅବସର ସମଗ୍ର ଭାରତବର୍ଷକୁ ଗୌରବାନ୍ୱିତ କରିଛି । ସିଏ ହେଉଛନ୍ତି ସକଳ ଜନବନ୍ଦିତ, ସକଳ ହୃଦୟ ସ୍ପନ୍ଦିତ ଜାତିର ପିତା ମହାତ୍ମାଗାନ୍ଧି ବା ବାପୁଜୀ । ବିଶ୍ୱର ମହାନ ଜନନାୟକ ସର୍ବୋପରି ଭାରତବର୍ଷର ଇତିହାସପୁରୁଷ ମହାମାନବ ମହାତ୍ମାଗାନ୍ଧୀଙ୍କ ଆବିର୍ଭାବ ମାନବ ସମାଜ ପ୍ରତି ପରମ ଆଶୀର୍ବାଦ । ଗାନ୍ଧୀ କେବଳ ମାତ୍ର ନାମ ନୁହନ୍ତି, ଏକ ଚେତନା, ସତ୍ୟ-ଅହିଂସାର ମୂର୍ତ୍ତିମନ୍ତ ପ୍ରତୀକ । ଭାରତୀୟ ଜାତୀୟ ଜୀବନ ଓ ଗଣଚେତନାର ସେ ଉଜ୍ଜ୍ୱଳ ଆଲୋକବର୍ତ୍ତିକା । ରକ୍ତମାଂସଧାରୀ ଏହି ଅସାମାନ୍ୟ ମଣିଷର ଆଦର୍ଶ, ତ୍ୟାଗ, ସମର୍ପିତ ବ୍ୟକ୍ତିତ୍ୱ ଏବଂ ନମନୀୟ ସାଧୁତା ତାଙ୍କୁ ପ୍ରତିଟି ମାନବ ଅନ୍ତରରେ ମହାତ୍ମା ଆସନରେ ଅଧିଷ୍ଠିତ କରାଇଛି । ବିଶ୍ୱବାସୀଙ୍କୁ ବିସ୍ମିତ କରାଇଥିବା ବିଂଶ ଶତକର କ୍ରାନ୍ତିକାରୀ ପୁରୁଷ ତଥା ଭାରତୀୟ ସ୍ୱାଧୀନତା ସଂଗ୍ରାମର ନିରସ୍ତ୍ର ସେନାପତି ମହାତ୍ମାଗାନ୍ଧୀ ଯେତିକି ବିସ୍ମୟକର, ସେତିକି ଅନୁକରଣୀୟ ମଧ୍ୟ । ତାଙ୍କର ଆଦର୍ଶ, ଚିନ୍ତାଧାରା, ଧ୍ୟାନଧାରଣା, ତ୍ୟାଗ-ତିତିକ୍ଷା ଏବଂ ଜୀବନଚଳଣି ବିଶ୍ୱର ପ୍ରମୁଖ ଦାର୍ଶନିକ, ଚିନ୍ତାନାୟକଙ୍କ ଗଭୀର ଭାବରେ ପ୍ରଭାବିତ କରିଛି । ସେଥିପାଇଁ ମାର୍ଟିନ୍ ଲୁଥର୍ କିଙ୍ଗ୍ କହିଥିଲେ- "Gandhi was ineviatable if humanity is to progress. Gandhi is inescapable we may ignore him at our own risk."

ଚଳିତ ନବବର୍ଷ ଜାନୁଆରୀ ୨୦୨୩ ସଂଖ୍ୟାରେ 'ରେବତୀ'ରେ ପ୍ରକାଶିତ ହୋଇଛି 'ଗୌରବମୟ ଗାନ୍ଧୀସ୍ମୃତି' ଆଲେଖ । ଲେଖିକା ଶବନମ୍ ଆଦେନୀ ଏହି ଶୀର୍ଷକରେ 'ମହାତ୍ମାଙ୍କର ଅନ୍ତିମ ୧୪୪ଦିନର ଜୀବନ୍ତ ସାକ୍ଷୀ ବିଡ଼୍‌ଲା ହାଉସ୍' ସଂପର୍କରେ ଯେଉଁ ତଥ୍ୟଧର୍ମୀ ପ୍ରାମାଣିକ ଇତିହାସକୁ ଉତ୍‌ଥାପିତ କରିଛନ୍ତି, ତାହା ସକଳ ଭାରତୀୟଙ୍କ ଲାଗି ଏକ ମହାର୍ଘ ପ୍ରସଙ୍ଗ ବୋଲି ବିବେଚନା କରା ଯାଇପାରେ । ଜାନୁଆରୀ ସଂଖ୍ୟାରେ ଏହି ଚର୍ଚ୍ଚା ମଧ୍ୟ ବେଶ୍ ପୁଲକପ୍ରଦ । ଇତିହାସର ଏକ କରୁଣ ଅଧ୍ୟାୟ ଲେଖା ହୋଇଛି ଜାନୁଆରୀରେ । ବାପୁଜୀଙ୍କୁ ଅକସ୍ମାତ ହତ୍ୟା ସହ ଜାତୀୟ ଜୀବନର ଅନ୍ଧକାରାଚ୍ଛନ୍ନ ପରିବେଶ ନିର୍ମାଣର ମୂକସାକ୍ଷୀ ମଧ୍ୟ ଜାନୁଆରୀ ମାସ । 'ରେବତୀ'ର ଜାନୁଆରୀ ସଂଖ୍ୟାରେ ଗାନ୍ଧୀସ୍ମୃତି ପ୍ରକ୍ଷାଳନ ହିଁ ମହାତ୍ମାଗାନ୍ଧୀଙ୍କ ପ୍ରତି ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ବୋଲି ବିଚାର କରିବାକୁ ହେବ । ସେଥିପାଇଁ ଲେଖିକା ଶବ୍‌ନମ୍‌ଙ୍କ ପ୍ରୟାସ ପ୍ରଶଂସାର୍ହ । ଯେଉଁ ବିର୍‌ଲା ଭବନ ବହନ କରିଛି ଗୌରବମୟ ସ୍ମୃତି, ତାହାର ସେ ସଂକ୍ଷିପ୍ତ ଇତିହାସ ଦେଇ ଗାନ୍ଧିଜୀଙ୍କ ରହଣିର ୧୪୪ଦିନ ଓ ସ୍ମୃତିସୌଧର ସଂଗ୍ରହଶାଳା ସମ୍ବନ୍ଧରେ ଲେଖିଥିବା ଆଲେଖ ସମ୍ବନ୍ଧରେ ମୋର ବିଶେଷ ମତ ।

ବିର୍‌ଲା ଭବନ ସହ ଗାନ୍ଧୀଙ୍କ ସଂପର୍କ ଯେପରି ନିବିଡ଼, ପରବର୍ତ୍ତୀ କାଳରେ ତାଙ୍କର ମୃତ୍ୟୁ (୧୯୪୮ ଜାନୁଆରୀ ୩୦) ଘଟଣା ଏବଂ ଗାନ୍ଧୀସ୍ମୃତି ନିର୍ମାଣ ହେବାର ରୋଚକ ଇତିହାସ ଏକ ଏକ ଆଲୋଡ଼ନକାରୀ ପ୍ରସଙ୍ଗ ରୂପେ ସେହିପରି ଭାରତୀୟ ଜୀବନରେ ଉଭା ହୋଇଛି । ଏହି ବିର୍‌ଲା ଭବନ ସଂପର୍କରେ ଅନେକ ଆଲୋଚନା ତର୍କ-ବିତର୍କ, ମୀମାଂସାଦି ସଂଘଟିତ ହୋଇଛି । ଦିଲ୍ଲୀରେ ଅବସ୍ଥିତ ଏହି 'ଗାନ୍ଧୀସ୍ମୃତି' ମିଉଜିୟମ ଅତୀତରେ ବିର୍‌ଲା ହାଉସ୍ ବା ଭବନ ନାମରେ ପରିଚିତ ଥିଲା । ୧୯୪୭ ମସିହା ସେପ୍ଟେମ୍ବର ୯ ତାରିଖରୁ ଜୀବନର ଶେଷ ୧୪୪ଟି ଦିନ ଏହି ଭବନରେ ଅତିବାହିତ କରିଥିଲେ ଗାନ୍ଧିଜୀ । ୧୯୨୮ ମସିହାରେ ଦିଲ୍ଲୀରେ ୧୨ଶଯ୍ୟା ବିଶିଷ୍ଟ ଭକ୍ତ ଭବନଟିକୁ ନିର୍ମାଣ କରାଇଥିଲେ ବିଶିଷ୍ଟ ଶିଳ୍ପପତି ଘନଶ୍ୟାମ ଦାସ ବିର୍‌ଲା । ଗାନ୍ଧିଜୀ ଏଠାରେ ଅବସ୍ଥାନ କରିବା ପରେ ବହୁ ରାଜନେତା ପ୍ରମୁଖ ବ୍ୟକ୍ତିତ୍ୱଙ୍କ ଯା'ଆସ ଲାଗି ରହୁଥିଲା । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ମଧ୍ୟ ଗାନ୍ଧିଜୀଙ୍କ ସହ ଏହିଠାରେ ଆତିଥ୍ୟ  ଗ୍ରହଣ କରୁଥିଲେ । ଗାନ୍ଧିଙ୍କ ସହ ନିୟମିତ ଦେଖା କରିବା ଓ ଆଲୋଚନା ହେଉଥିଲା ଏହି ଭବନରେ । ୧୯୪୮ ମସିହା ଜାନୁଆରୀ ମାସ ୩୦ ତାରିଖରେ ଏହି ବିର୍‌ଲା ଭବନରୁ ପ୍ରାର୍ଥନା ସଭାକୁ ଯିବା ସମୟରେ ଭବନର ଚତ୍ୱରରେ ନାଥୁରାମ ଗଡ୍‌ସେର ଗୁଳିରେ ଟଳି ପଡ଼ିଥିଲେ । ମହାମାନବ ମହାତ୍ମାଗାନ୍ଧୀ । ଗାନ୍ଧିଜୀଙ୍କ ମୃତ୍ୟୁ ପରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏହି ଭବନଟିକୁ ଏକ ସ୍ମୃତିସୌଧ ରୂପେ  ସଂରକ୍ଷିତ କରିବା ପାଇଁ ବିରଲା ପରିବାରଙ୍କୁ ପ୍ରସ୍ତାବ ଦେଇଥିଲେ । ମାତ୍ର ଘନଶ୍ୟାମ ଦାସ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ସହ ଉତ୍ତରରେ ନେହେରୁଙ୍କୁ ଜଣାଇଥିଲେ- ଏହି ଘରଟି ତାଙ୍କର ସ୍ମୃତିର ଭଣ୍ଡାର, ଯାହା ତାଙ୍କ ନିକଟରେ  ଏକ ପୁସ୍ତକ ଭଳି ସାଇତା ହୋଇ ରହିଛି । ଏହା ସ୍ମରଣ କରି ଘରଟିକୁ ସେ ଉପଭୋଗ କରିବାକୁ ଚାହାନ୍ତି । କିନ୍ତୁ, ସରକାରଙ୍କ ପକ୍ଷରୁ ପରାମର୍ଶ ଥିଲା ଏହା ଯେ- ଯେଉଁଠାରେ ମହାତ୍ମାଗାନ୍ଧୀ ନିହତ ହୋଇଥିଲେ, ଭବନରେ  ସେହି ଅଂଶଟିକୁ ଗାନ୍ଧିଜୀଙ୍କ ସ୍ମୃତିରେ ହସ୍ତାନ୍ତର କରାଯାଉ ।

ଏହି ବିରଲା ହାଉସ୍ ସମ୍ବନ୍ଧରେ ଘନଶ୍ୟାମ ଦାସ ବିର୍‌ଲାଙ୍କ ସହିତ ପଣ୍ଡିତ ନେହେରୁଙ୍କ ମତ ବିରୋଧ ଦେଖା ଦେଇଥିଲା । ଏ ସମ୍ପର୍କରେ ଆଦିତ୍ୟ ବିର୍‌ଲା ଗୋଷ୍ଠୀର ୱେବ୍‌ସାଇଟ୍‌ରେ 'The Voice of the Mahatma' ଶୀର୍ଷକ ଡକ୍ଟର ପ୍ରଜ୍ଞାରାମଙ୍କ ଏକ ଲେଖା ସ୍ଥାନିତ ହୋଇଛି । ଯେଉଁଥିରୁ ଜଣାଯାଇଛି- ଘନଶ୍ୟାମ ଦାସ ଅନିଚ୍ଛା ପ୍ରକାଶ ସହ କହିଥିଲେ: ଏହି ଅଂଶଟିକୁ ମାଗିବା ଅର୍ଥ, କାହାର ସନ୍ତାନକୁ ଦୁଇଭାଗ କରି ତା'ର ଗୋଟିଏ ଅଂଶ ଦେବା ପାଇଁ କହିବାକୁ ବୁଝାଉଛି ।

କ୍ରମେ କିନ୍ତୁ ବିର୍‌ଲା ପରିବାର ଉପରେ କ୍ରମାଗତ ଚାପ ପଡ଼ିବାରୁ ପଟେଲ୍ ଏଥିରେ ହସ୍ତକ୍ଷେପ କରି ଏପରି

ନକରିବାକୁ ବାରଣ କରିଥିଲେ । ତାଙ୍କର ବିଚାର ଥିଲା- 'ଏହିଭଳି ଭାବରେ ଘରଟିକୁ ଆଣିବା ଅର୍ଥ ଗାନ୍ଧିଜୀ ଓ ଘନଶ୍ୟାମ ଦାସ ବିର୍‌ଲାଙ୍କ ଅନୁଭୂତିକୁ ମର୍ଯ୍ୟାଦା ନଦେଇ ବରଂ ଅଶୋଭନୀୟ ଭାବେ ଜୋର୍ ଜବରଦସ୍ତ ଭାବେ ଗ୍ରହଣ କରିବା ।'

ସମୟକ୍ରମେ ପଟେଲଙ୍କର ଦେହାନ୍ତ ଘଟିଛି । ଦେଶର ପ୍ରଧାନମନ୍ତ୍ରୀ ବଦଳିଛନ୍ତି । ନେହେରୁଙ୍କ ପରେ ଲାଲବାହାଦୁର ଶାସ୍ତ୍ରୀ ଏବଂ ତାଙ୍କ ପରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ହୋଇଛନ୍ତି ଦେଶର ପ୍ରଧାନମନ୍ତ୍ରୀ । କ୍ରମାଗତ ଚାପ ଓ ଦେଶବାସୀଙ୍କ ଆଗ୍ରହ ପାଇଁ ଉକ୍ତ ଭବନଟିକୁ ନଇେ ଶେଷରେ ସମାଧାନ ପନ୍ଥା ବାହାରିଲା । ସରକାର ୫୪ଲକ୍ଷ ଟଙ୍କା ବିନିମୟରେ ବିରଲା ପରିବାରଙ୍କ ନିକଟରୁ ଭବନଟିକୁ କ୍ରୟ କରିନେଲେ । ୧୯୭୧ ମସିହା ଅକ୍ଟୋବର ମାସ ୨ ତାରିଖରେ ତତ୍କାଳୀନ ରାଷ୍ଟ୍ରପତି ଭିଭି ଗିରିଙ୍କ ହାତରେ ଏକ ଅନାଡ଼ମ୍ବର ଉତ୍ସବରେ ବିର୍‌ଲା ଭବନଟିକୁ ସମର୍ପି ଦିଆଗଲା । ୧୯୭୩ ମସିହା ଅଗଷ୍ଟ ୧୫ ତାରିଖରେ ଏହିଟିକୁ ଜନସାଧାରଣଙ୍କ ପାଇଁ ଉନ୍ମୁକ୍ତ କରି ଦିଆଗଲା ଏବଂ ଏହାର ନାମକରଣ କରାଗଲା 'ଗାନ୍ଧୀସ୍ମୃତି' । ଏଠାରେ ଗାନ୍ଧିଜୀଙ୍କ ଜୀବନ ଓ ମୃତ୍ୟୁ ସହିତ ଜଡ଼ିତ ଅନେକ ସାମଗ୍ରୀ ସଂରକ୍ଷିତ କରି ରଖା ଯାଇଛି । ଗାନ୍ଧୀଜୀ ବାସ କରୁଥିବା ଗୃହ, ବ୍ୟବହାର କରୁଥିବା ସାମଗ୍ରୀର ସଂରକ୍ଷଣ ସହ ଯେଉଁ ସ୍ଥାନରେ ଗୁଳିବିଦ୍ଧ ହୋଇଥିଲା, ସେହି ସ୍ଥାନରେ ଏକ ଶହୀଦ ସ୍ତମ୍ଭ ସ୍ଥାପିତ ହୋଇଅଛି । ଜାତୀୟ ସୌଧର ମାନ୍ୟତା ସହ ଗାନ୍ଧୀସ୍ମୃତି ଏବଂ ଦର୍ଶନ ସମିତି ଭାବରେ ଏବେ ଏହା କାର୍ଯ୍ୟରତ ୨୦୦୫ ମସିହାରେ ଏହି ସ୍ଥାନରେ ଗାନ୍ଧୀଙ୍କୁ ଉପଜୀବ୍ୟ କରି ଏକ ମଲ୍‌ଟିମିଡ଼ିଆ ମ୍ୟୁଜିୟମର କଳ୍ପନା କରାଯାଇଅଛି ।

ବିର୍‌ଲା ଭବନ ଯଥାର୍ଥରେ ଗାନ୍ଧୀସ୍ମୃତି ବହନକାରୀ ଏକ ଜାତୀୟ ସ୍ମାରକୀ । ୧୯୧୫ରୁ ୧୯୪୮ ମଧ୍ୟରେ ଗାନ୍ଧିଜୀଙ୍କ ଦିଲ୍ଲୀ ରହଣିର ସମୟ ସୀମା ଥିଲା ୭୨୦ ଦିନ । ତନ୍ମଧ୍ୟରୁ ୧୪୪ଦିନ ସେ ଅତିବାହିତ କରିଥିଲେ ଏହି ଭବନରେ । ଯାହାର ସାମଗ୍ରିକ ସୂଚନା ଭାରତ ସରକାରଙ୍କ 'Gandhi Smriti and Darshan Samiti' ୱେବ୍‌ସାଇଟ୍‌ରେ ଉପଲବ୍ଧ ।

ଏହି ମୂକସାକ୍ଷୀ ବିର୍‌ଲା ଭବନରୁ ମହାମାନବଙ୍କ ମହାପ୍ରୟାଣ ଖବର ପାଇ ତତ୍କାଳୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁ ଜାତି ଉଦ୍ଦେଶ୍ୟରେ ଏକ ରେଡ଼ିଓ ବାର୍ତ୍ତା ପ୍ରଦାନ କରି ଯାହା କହିଥିଲେ, ତାହା ଆଜିବି ପ୍ରତିଟି ଭାରତୀୟ ଆତ୍ମାକୁ ଆନ୍ଦୋଳିତ କରିଥାଏ । ସେ କହିଥିଲେ-

"ବନ୍ଧୁ ଓ ସହକର୍ମୀମାନେ ! ଆମ୍ଭମାନଙ୍କର ଜୀବନରୁ ଆଲୁଅ ଲିଭିଗଲା । ଏବେ ଖାଲି ଅନ୍ଧକାର । ମୁଁ ଜାଣିପାରୁ ନାହିଁ, ଆପଣମାନଙ୍କୁ କ'ଣ କହିବି ଆଉ କିପରି କହିବି । ଆମମାନଙ୍କର ପ୍ରିୟ ନେତା ଯାହାଙ୍କୁ ଆମେ ବାପୁ କହୁଥିଲୁ, ଆଜି ଆମମାନଙ୍କର ଜାତିର ପିତା ଆଉ ନାହାନ୍ତି । ହୁଏତ ଏପରି କହିବା ମୋର ଭୁଲ ହୋଇଛି । ବରଂ ଏହା କହିବି- ଆମେ ଆଉ ତାଙ୍କୁ ଦେଖି ପାରିବା ନାହିଁ, ଯାହାଙ୍କୁ ଆମେ ବହୁଦିନ ଧରି ଦେଖି ଆସିଥିଲୁ । ଆମେ ଆଉ ତାଙ୍କର ଉପଦେଶ କିମ୍ବା ସାନ୍ତ୍ୱନା ପାଇବା ପାଇଁ ତାଙ୍କ ପାଖକୁ ଛୁଟି ଯାଇପାରିବା ନାହିଁ । ଏଇଟା ହିଁ ଏକ ଭୟାବହ ଆଘାତ କେବଳ ମୋ ପାଇଁ ନୁହେଁ, ଏହି ଦେଶର ଲକ୍ଷ ଲକ୍ଷ ମଣିଷଙ୍କ ପାଇଁ ।"


▶ ଶବ୍‌ନମ୍ ଆଦେନୀ

ମହାମାନବ ମହାତ୍ମାଗାନ୍ଧୀ ଯଥାର୍ଥରେ ଜଣେ ରକ୍ତମାଂସଧାରୀ ଦେବାତ୍ମା । ତାଙ୍କର ଆଦର୍ଶ, ଅହିଂସା ନୀତି, ବଳିଦାନ ଆଜି ବି ସକଳଙ୍କ ପାଇଁ ଶିହରଣ ସୃଷ୍ଟି କରେ । ଆମେରିକାର ତତ୍କାଳୀନ ବୈଦେଶିକ ମନ୍ତ୍ରୀ ଜର୍ଜ ମାଶାଲ୍ ଗାନ୍ଧୀଜୀଙ୍କୁ ସମଗ୍ର ବିଶ୍ୱ-ବିବେକର ମୁଖପାତ୍ର ଭାବରେ ବର୍ଣ୍ଣନା କରିଛନ୍ତି । ଏକ ଚଳନ୍ତି ଇତିହାସ ଓ ଅନୁଷ୍ଠାନ ରୂପେ ମହାତ୍ମାଙ୍କ ଗୁଣଗାନ ହୋଇ ଆସୁଛି ବିଶ୍ୱର କୋଣାନୁକୋଣରେ । 'ରେବତୀ'ରେ ଲେଖିକା ଶବ୍‌ନମ୍ ଆଦେନୀ ମହାତ୍ମାଗାନ୍ଧୀଙ୍କ ଅନ୍ତିମ ୧୪୪ଦିନ ଜୀବନ୍ତସାକ୍ଷୀ ବିର୍‌ଲା ହାଉସ୍ ସମ୍ପର୍କରେ ପ୍ରଦାନ କରିଥିବା ସୂଚନାସବୁ ଜାତୀୟ ଜୀବନର ଏକଏକ ଗୌରବସ୍ମାରକୀ । 'ଗାନ୍ଧୀସ୍ମୃତି'ର ପରିଚୟ ସହ ପର୍ଯ୍ୟଟକ ଭାବରେ ତାଙ୍କର ଅନୁଭବ ଓ ଗାନ୍ଧିଜୀଙ୍କ ସ୍ମୃତି ସାମଗ୍ରୀର ବିବରଣୀକୁ ଚମତ୍କାର ଭାବରେ ଉପସ୍ଥାପିତ କରିଅଛନ୍ତି । ଗାନ୍ଧୀପ୍ରେମୀ ଏବଂ ସକଳ ଭାରତୀୟଙ୍କ ପାଇଁ ଏହି ଗାନ୍ଧିସ୍ମୃତି ଦେବାଳୟ ଠାରୁ କୌଣସି ଗୁଣରେ ଊଣା ନୁହେଁ । ଗୋଟିଏ ବାସଗୃହ ଆଜି ପବିତ୍ର ପୀଠ ଭାବରେ ଯେପରି ମର୍ଯ୍ୟାଦା ଲାଭ କରିଛି, ତାହା ପୁଣ୍ୟାତ୍ମା ତଥା ଧୂଳିମାଟିର ସନ୍ଥ ମହାତ୍ମାଗାନ୍ଧୀଙ୍କ ପାଇଁ ହିଁ ସମ୍ଭବ ହୋଇଛି । ସେହି ଭୂମି ସକଳଙ୍କ ମନଜଗତକୁ ଗାନ୍ଧୀ ଚେତନାରେ ଆଚ୍ଛାଦିତ କରିଦେବାରେ ସମର୍ଥ ।

## 'ଶେଷପୃଷ୍ଠା'ରୁ ସବୁଥର ଆରମ୍ଭ କରେ ପଢ଼ା

● ଜାନୁଆରୀ ୨୦୨୩ ର 'ରେବତୀ' ପାଇଲି । ସବୁଥର ଭଳି ପୁଲକିତ ହେଲି ହାତରେ ଧରି । ଆଗରୁ କହିଚି 'ଶେଷପୃଷ୍ଠା' ହିଁ ମୋର ପ୍ରଥମ ପୃଷ୍ଠା । ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ କୃଷ୍ଣଙ୍କର ଏଇ ମୂଲ୍ୟବାନ ପୃଷ୍ଠା । ଏଥର 'ନବପ୍ରଜନ୍ମର ପ୍ରତିବଦ୍ଧତା'ରେ ମୋ ମନରେ ଯାହା ଯାହା ପ୍ରଶ୍ନ ଉଠେ ତାହା ହିଁ ଲେଖାହୋଇଛି । ମୋ କଥା ହିଁ କହୁଛି । ପ୍ରଥମେ ମୁଁ ପଢୁଥିଲି ଅନେକ ବହି, ଆମ ଘରେ ଥିବା ଛୋଟିଆ ଲାଇବ୍ରେରୀରୁ । ସେ ସବୁ ପଢ଼ିଲା ବେଳେ ଭାବୁଥିଲି ମୁଁ ବି ଏମିତି ଲେଖି ପାରିବି । ପଢ଼ାପଢ଼ିରୁ ହିଁ ମୋର ଲେଖାଲେଖି ଆରମ୍ଭ । ଲେଖକ ହେବା ଆଗରୁ ମୁଁ ପାଠକ । ଏବେ ବି ମୁଁ ଜଣେ ପାଠକ । ମୁଁ ପଢ଼େ । ଫେସ୍‌ବୁକ୍‌ରେ ଅବଶ୍ୟ କେବେ କହେ ନାଇଁ ମୁଁ ଏବେ ଅମୁକ ବହି ପଢୁଛି । ବେଶୀ କାହାକୁ ପଢ଼େ ? ନବପ୍ରଜନ୍ମର ଲେଖକଙ୍କୁ । ଯେଉଁମାନେ କହନ୍ତି ବରିଷ୍ଠ ଲେଖକମାନେ ନୂଆ ଲେଖକଙ୍କୁ ପଢ଼ନ୍ତି ନାଇଁ ତାହା ମୁଁ ଗ୍ରହଣ କରିବି ନାଇଁ । ମୁଁ ମୋ ତରଫରୁ ନୂଆପିଢ଼ି ଲେଖକ / ଲେଖିକାଙ୍କ ସହ ଯୋଗାଯୋଗ କରେ । ଅଭିନନ୍ଦନ ଜଣାଏ । କିନ୍ତୁ ଫେସ୍‌ବୁକ୍‌ରେ ସେମାନଙ୍କ ସହ ବେଶୀ ସମ୍ପର୍କିତ ହୋଇପାରେନା । ତାଙ୍କ ବହିର ସମୀକ୍ଷା କରିପାରେନା ମୋର ବ୍ୟସ୍ତତା ପାଇଁ । ସମୟ କ୍ରମେ କିଛିଜଣ ଫେସ୍‌ବୁକ୍‌ରେ ପ୍ରସିଦ୍ଧି ପାଆନ୍ତି ଓ ଚଟ୍‌କିନା ମୋ ଠୁ ଦୂରେଇ ଯାଆନ୍ତି କିମ୍ବା ଆଉ ସଂପର୍କିତ ରହନ୍ତି ନାଇଁ । ମୁଁ ଆଉ ତାଙ୍କୁ ଖୋଜି ପାଏନା । ତାହା ମୋର ଅନ୍ୟତମ ଦୁଃଖ । ନବପିଢ଼ିଙ୍କ ଲେଖାକୁ ତାଙ୍କର ମତାମତକୁ ଜୀବନ ପ୍ରତି ତାଙ୍କ ଦୃଷ୍ଟିକୋଣକୁ ମତେ ଭଲଲାଗେ । ଏଇ କିଛିଦିନ ଭିତରେ ଏଥେନା ପ୍ରକାଶନୀରୁ ପ୍ରକାଶିତ ହେଉଛି ମୋର ନୂଆ ଗଳ୍ପ ସଂକଳନ 'ଆଖି' । ତା ସାଥିରେ ମୁଁ ପାଞ୍ଚଜଣ ଯୁବ ଗାଳ୍ପିକଙ୍କ ମୋ ଗପ ଉପରେ ମତାମତ ପ୍ରକାଶ କରିଛି । ଇଚ୍ଛା କରିଥିଲେ ମୁଁ ଯେକୌଣସି ପ୍ରସିଦ୍ଧ ଗାଳ୍ପିକଙ୍କ ମତ ସ୍ଥାନିତ କରି ପାରିଥାନ୍ତି ବହିରେ । କିନ୍ତୁ ଗୁରୁତ୍ୱ ଦେଲି ନୂଆ ମତକୁ । ନୂଆ କରି ଦ୍ୱିତୀୟ ଭାଗରେ କୃଷ୍ଣଙ୍କ ପାଲଟା ପ୍ରଶ୍ନ ମୁଁ ପଚାରିବି । ଅଧିକାଂଶ ଯୁବ/ନବ୍ୟ ମୁଁ ବି ମତ ରଖିବି । ସେମାନେ ଆହୁରି ଆଗକୁ ଆସନ୍ତୁ । ବିଭିନ୍ନ ପତ୍ରପତ୍ରିକା ପରିଚିତ ହୁଅନ୍ତୁ ବଳିଷ୍ଠ ଓ ଅଭିଜ୍ଞ ଲେଖନୀ ସହିତ 'ଆଉଟ୍ ଡେଟେଡ' କୁହନ୍ତୁ ନାଇଁ ସେମାନଙ୍କୁ । ସମୟ ଯେଉଁଠି ଆସି ପହଂଚିଲେ ବି ମା'ର ସ୍ନେହ କେବେ ଆଉଟ୍ ଡେଟେଟ୍ ହୁଏ ନାଇଁ । କୃଷ୍ଣ ! ତୁମର ଏଇ 'ଶେଷପୃଷ୍ଠା' ଅନେକ କିଛିକୁ ସଜାଡ଼ି ଦେବାର ସାମର୍ଥ୍ୟ ରଖେ । ଅନେକ ଭଲପାଇବା 'ଶେଷପୃଷ୍ଠା'କୁ, ରେବତୀର ସମସ୍ତ ବିଭାଗର ଲେଖକଲେଖିକାଙ୍କୁ ଓ ମୁଖ୍ୟ ସମ୍ପାଦିକାଙ୍କୁ ।

**ଗାୟତ୍ରୀ ସରାଫ୍,** ବଲାଙ୍ଗୀର

# ଅସାମାନ୍ୟ ଅସୀମ



# ମୋ ବାବୁଜୀ, ମୋ ଶବ୍ଦରେ


**ଭାସ୍ୱତୀ ବସୁ**

ପ୍ଲଟ୍ ନଂ-୭୪/୧୨୨୫/୨୧୨୧, ସାଇବିହାର,
ଦୁର୍ଗାମାଧବ ନଗର, ଭୁବନେଶ୍ୱର-୭୫୧୦୨୯
ଫୋନ : ୯୯୩୮୭୧୩୩୪୬


ଫଟୋ ସୌଜନ୍ୟ : ଲେଖିକା

ମୁଖ୍ୟପୃଷ୍ଠ ପୋଟ୍ରେଟ୍ : ବିମଳ ଦାସ

**ସେ ନଥାନ୍ତି ସୀମାବଦ୍ଧତାରେ, ସେ ନଥାନ୍ତି ବି କାହା ଅଧୀନରେ । ଅସୀମ ସେ । ଅସୀମ ତାଙ୍କର ଉଡ଼ାଣ । ନାଁ ତାଙ୍କର ଅସୀମ ବସୁ । ବିବିଧା ବିଭକ୍ତ ତାଙ୍କ ବ୍ୟକ୍ତିତ୍ୱ । ତାଙ୍କ ତିରୋଧାନର ଏ ମାସ ଆମ ପାଇଁ ତାଙ୍କୁ ମନେ ପକେଇବାର ମାସ । ତାଙ୍କର ସୁଯୋଗ୍ୟା କନ୍ୟା ଭାସ୍ୱତୀ ବାଢି ଦିଅନ୍ତି ଏ ଶବ୍ଦାର୍ଘ୍ୟ ।**



▶ଲେଖିକା ଭାସ୍ୱତୀ ବସୁ

ବାବୁଜୀଙ୍କ ବିଷୟରେ କିଛି କେହି ଲେଖିବାକୁ କହିଲେ ମୁଁ ଟିକେ ଦ୍ୱିଧାରେ ପଡ଼େ, କଣ ଲେଖିବି ? ଜଣେ ଝିଅର ଦୃଷ୍ଟିରେ ବାପା ନା ଗୋଟିଏ ସାଧାରଣ ମଣିଷ ନଜରରେ ଅସାଧାରଣ ଜଣେ ଚରିତ୍ର, କୋଉ ଜଣକ ଅସୀମ ବସୁ ?

ମୁଁ ବାରମ୍ବାର ବିଭିନ୍ନ ଜାଗାରେ କହିଛି, ଲେଖିଛି ଯେ ଆମ ଭିତରେ ଠିକ ବାପ ଝିଅ ଭଳି ସମ୍ପର୍କ ନଥିଲା, ଆମ ସମ୍ପର୍କ ବନ୍ଧୁ ଭଳି ଥିଲା । ଗୋଟିଏ ଝିଅର ତା ବାପା ସହିତ ଶୈଶବରୁ ଯୌବନ ଯାଏଁ ଯାହା ସବୁ ସ୍ମୃତି ଥାଏ ସେସବୁ ସ୍ମୃତି ମୋ ପାଖରେ କାଁ ଭାଁ ଅଛି । ବେଳେବେଳେ ଲାଗେ ମୁଁ ତାଙ୍କୁ ଆଦୌ ଜାଣିଛି କି ? ମୋର କଣ ଅଧିକାର ଅଛି ତାଙ୍କ ବିଷୟରେ କିଛି ଲେଖିବାର ? ମୁଁ ତାଙ୍କର କିଛି ଝଲକ ହିଁ କେବଳ ଦେଖିଛି । ଆମ ପରିଚୟ, ଆମ ନିବିଡ଼ତା, ବନ୍ଧୁତ୍ୱ କେବଳ କିଛି ବର୍ଷର, ତାଙ୍କର ଶେଷ କିଛି ବର୍ଷର । ଆଜି ଏ ଲେଖାରେ ତାଙ୍କର ସେଇ କିଛି ଝଲକ ହିଁ ଆପଣମାନଙ୍କ ସହିତ ବାଣ୍ଟିବି ।

## ଚିତ୍ରକର ଅସୀମ ବସୁ

ଖୁବ୍ କମ୍, ମାତ୍ର ଥରେ କି ଦୁଇଥର ମୁଁ ତାଙ୍କୁ କାନ୍‌ଭାସ୍ ଉପରେ ପେଣ୍ଟିଙ୍ଗ୍ କରିବାର ଦେଖିଛି । ସେ ପେଣ୍ଟିଙ୍ଗ୍ ଗୁଡ଼ିକ ବି ସେ କାହାକୁ ଦେଲେ ଜଣାନାହିଁ । ତାଙ୍କର ରଙ୍ଗ ତୁଳୀ ଉପରେ ଯାବତୀୟ ଦୁର୍ବଳତାର ବହିଃପ୍ରକାଶ ଘଟୁଥିଲା କଭର୍ ଡିଜାଇନିଂରେ ।

ତାଙ୍କ କୋଠରୀ ସାରା ବିଛେଇ ହେଇ ରହୁଥିଲା କ୍ରାଉନ୍ ସାଇଜ୍, ଡିମାଇ ସାଇଜ୍‌ର ଡ୍ରଇଂ ଶିଟ୍, ହ୍ୟାଣ୍ଡ୍‌ମେଡ଼ ପେପର୍, ଟ୍ରେସିଂ ପେପର୍, ରଙ୍ଗ ଡବା ଆଉ ତୁଳୀ ।

ଖଟ ଉପରେ କୁଜା ହେଇ ବସି ମୁଣ୍ଡ ନୁଏଇଁ ସେ ଆଙ୍କି ଚାଲୁଥିଲେ । ବାଁ ହାତର ଆଙ୍ଗୁଠି ସନ୍ଧିରେ ଜଳୁଥିଲା ସିଗାରେଟ୍ । କଭର ଡିଜାଇନ କଲା ପୂର୍ବରୁ ସେ ବହିଟିକୁ ସମ୍ପୂର୍ଣ୍ଣ ପଢୁଥିଲେ । ଲେଖକ ବା ପ୍ରକାଶକଙ୍କ ବରାଦ ଅନୁସାରେ ସେ ଡିଜାଇନ୍ କରୁ ନଥିଲେ । ଅବଶ୍ୟ ଖୁବ କମ ଲୋକଙ୍କୁ ମୁଁ  ବରାଦ କରିବାର ଦେଖିଛି ।

"ବହିର କଭର୍ କଣ ହବ ତମେ କେମିତି ଚିନ୍ତା କର ?"

ଏ ପ୍ରଶ୍ନର ଉତ୍ତରରେ କହୁଥିଲେ, "ବହିଟି ପଢ଼ି ସାରିଲା ପରେ ପ୍ରଥମ ଯୋଉ ଚିତ୍ରଟି ମୋ ମୁଣ୍ଡକୁ ଆସେ, ମୁଁ ତାକୁ ରିଜେକ୍ଟ କରିଦିଏ । କାରଣ ସେ ଚିତ୍ରଟି ଅଭିଅସ୍ । ସମାନ ଆଇଡିଆ ପ୍ରତିଟି ଆର୍ଟିଷ୍ଟ ମୁଣ୍ଡକୁ ଆସିବ । ମୁଁ ତାକୁ ବାଦ୍ ଦେଇ ଆଉ ଦୁଇ ତିନୋଟି ଚିତ୍ର ଭାବେ ଆଉ ମନେମନେ ସେଗୁଡ଼ିକୁ ପାଖାପାଖି ରଖି ଦେଖିବାକୁ ଚେଷ୍ଟା କରେ । ସେଥିରୁ ଯୋଉଟା ମତେ ସବୁଠୁ ଭଲ ଲାଗେ ମୁଁ ତାକୁ ହିଁ ଆଙ୍କେ । କାହିଁକି ନା ମୁଁ ଭାବେ ବହିର ମଲାଟ ହିଁ ବହିର ଲଲାଟ । ପାଠକ ପ୍ରଥମେ ମଲାଟ ଦେଖି ହିଁ ଆକର୍ଷିତ ହେବା ଦରକାର ।"

ସେ ଆଙ୍କିଥିବା ମଲାଟ ଗୁଡ଼ିକର ବିଶେଷତ୍ୱ ହଉଛି ସେଗୁଡ଼ିକର ରଙ୍ଗ ଆଉ ଅକ୍ଷର ଶୈଳୀ । ତାଙ୍କ ପ୍ରାୟ କଭର୍‌ରେ ସେ ଗୋଟିଏ ବିଶେଷ ଧରଣର ସବୁଜ ରଙ୍ଗ ବ୍ୟବହାର କରୁଥିଲେ । ସାଧାରଣ ସବୁଜ ସହ ଅନ୍ୟ ଗୋଟିଏ ଦୁଇଟି ରଙ୍ଗ ମିଶେଇ ସେ ଯୋଉ ସବୁଜ ତିଆରି କରୁଥିଲେ, ପ୍ରିଣ୍ଟିଂ ପ୍ରେସ୍ କର୍ମଚାରୀ ଓ ପ୍ରକାଶକମାନଙ୍କ ଭାଷାରେ ସେଇଟା 'ଦାଦା ଗ୍ରୀନ୍' ବୋଲି ବିଖ୍ୟାତ ଥିଲା । (ବାବୁଜୀଙ୍କୁ ପ୍ରାୟ ସମସ୍ତେ 'ଦାଦା' ବୋଲି ଡାକନ୍ତି)

ତାଙ୍କ କଭର୍‌ରେ ସେ ଚିତ୍ର କମ, ଅକ୍ଷର ବେଶୀ ବ୍ୟବହାର କରୁଥିଲେ । ଅକ୍ଷରକୁ ଭାଙ୍ଗି, ସଜେଇ ଏମିତି ଆଙ୍କୁଥିଲେ ଯେ ଅକ୍ଷରଗୁଡ଼ିକ ଗୋଟେ ଗୋଟେ ଚରିତ୍ର ପାଲଟି ଯାଉଥିଲେ । ସେମାନେ ହସୁଥିଲେ, କାନ୍ଦୁଥିଲେ, କଥା କହୁଥିଲେ । ଅକ୍ଷରକୁ ନେଇ ଏମିତି ଖେଳିବା ମୋ ଆଖପାଖର କୌଣସି ଆର୍ଟିଷ୍ଟ୍‌ଙ୍କୁ ମୁଁ ଦେଖିନି ।

ସେ ବହିର କୌଣସି ନିର୍ଦ୍ଦିଷ୍ଟ ଗପ କିମ୍ବା ଚରିତ୍ରକୁ ନେଇ ମଲାଟ ଆଙ୍କୁ ନଥିଲେ । କହୁଥିଲେ- "ମଲାଟ ଆଉ ଅଳଙ୍କରଣ ଭିତରେ ଥିବା ପାର୍ଥକ୍ୟକୁ ଅନେକେ ଅଣଦେଖା କରନ୍ତି । ମଲାଟ ବହିର କୌଣସି ନିର୍ଦ୍ଦିଷ୍ଟ ଘଟଣା କିମ୍ବା ଚରିତ୍ରକୁ ନୁହେଁ ବରଂ ବହିର ଥିମ୍‌କୁ ରିପ୍ରେଜେଣ୍ଟ୍ କରିବା ଉଚିତ । ତାର ବିମୂର୍ତ୍ତ ଆବେଦନ ହିଁ ବହି ପ୍ରତି ଆକର୍ଷିତ କରିବ ।"

## କଳା ନିର୍ଦ୍ଦେଶକ ଅସୀମ ବସୁ

ମା' ରୋଷେଇ କରୁଥିଲେ, ମୁଁ କଣ୍ଢେଇ ଧରି ଖେଳରେ ମସ୍‌ଗୁଲ୍ । ପଡ଼ିଶା ଘରର ଜଣେ ମହିଳା ଘର ଭିତରକୁ ପଶି ଆସିଲେ- "ଭାଉଜ, ତଅପୋଇ ଦେଖିଲଣି ? ଅସୀମ ବାବୁଙ୍କ ନାଁ ଏଡ଼େ ଏଡ଼େ ଅକ୍ଷରରେ ଦେଖଉଛି ।" ବାସ୍, ଆମେ ମାଆ ଝିଅ ଚାଲିଲୁ ସିନେମା ଦେଖି । ଅନ୍ଧାର ହଲ୍‌ରେ ସିନେମା ପରଦାରେ ଏଡ଼େ ଏଡ଼େ ଅକ୍ଷରରେ ବାବୁଜୀଙ୍କ ନାଁ ଦେଖି ମା' କେତେ ଶିହରିତ ହେଇଥିଲେ ଜାଣିନି; ହେଲେ ସେ ବୟସରେ ସେଇ ନାଁ ଦେଖେଇବାର ଅର୍ଥ ମୋ ପାଖରେ କିଛି

ନଥିଲା । କିନ୍ତୁ ସିନେମାରେ ଶୁଟିଂ ଆରମ୍ଭ ହେଲେ ମାସ ମାସ ଧରି ବାବୁଜୀଙ୍କ ଦେଖା ମିଳୁନଥିଲା । ଶୁଟିଂ ଦେଖିବା ମୋ ଭାଗ୍ୟରେ ନଥିବାରୁ ମୁଁ ଜାଣୁ ନଥିଲି ଯେ ସେଠି ସେ କଣ କରନ୍ତି । କିନ୍ତୁ ପୋଷ୍ଟ ପ୍ରଡକ୍ସନ୍ ବେଳେ ବା ରିଲିଜ ପୂର୍ବରୁ ଚାରିଆଡ଼େ ଫରଫର ହଉଥିଲା ହାତ ଲେଖା ନାଁ ସବୁ । ନିର୍ଦ୍ଦେଶକ, ହିରୋ, ହିରୋଇନ ସମସ୍ତଙ୍କ ନାଁ ଗଢ଼ୁଥିଲା ଚଟାଣରେ । ରୋହିତ କାକୁ (ରୋହିତ ବଟୁ) ବିଷ୍ଣୁ କାକୁ ସମସ୍ତେ ଲାଗି ପଡୁଥିଲେ ବାବୁଜୀଙ୍କ ଅଙ୍କା ପୋଷ୍ଟର୍‌ର ଏକାଧିକ କପି ତିଆରିରେ ।

ଥରେ ନାଟକ ଦେଖିବାକୁ ଯାଇଥିଲି । ଅଭିନେତ୍ରୀମାନଙ୍କ କୋଳରେ ଚଢ଼ି, ଆଲୁଚପ୍ ଖାଇ, ଗାଲରେ ଲିପଷ୍ଟିକ୍ ଦାଗ ନେଇ ଯେତେବେଳେ ମାଆଙ୍କ ପାଖ ସିଟ୍‌ରେ ବସିଲି ସେତେବେଳେ ନାଟକ ଆରମ୍ଭ ହୋଇ ଯାଇଥାଏ ।

ମଞ୍ଚ ଉପରକୁ ଅନେଇ ଦେଖିଲି କବାଟ, ଝରକା, କାନ୍ଥ, ପରଦା....ସବୁ ତ ଘର ଭଳି, ଏଥିରେ ବାବୁଜୀ କଣ କରିଛନ୍ତି ? ହଁ, ତାଙ୍କ ସେଟ୍ ସେତିକି ହିଁ ବାସ୍ତବ ଦିଶୁଥିଲା ।

ରବୀନ୍ଦ୍ର ମଣ୍ଡପ ତିଆରି ସମୟରୁ ବାବୁଜୀଙ୍କ ଶେଷ ଦିନ ଯାଏଁ ସେଠି ତାଙ୍କର ରାଜତ୍ୱ ଚାଲୁଥିଲା । କିଏ ଥିଲା ସେଟ୍‌କୁ ଟକ୍କର ଦେଲା ବାଲା !

ଓଡ଼ିଶାରେ ପ୍ରଥମ ରିଭଲଭିଙ୍ଗ୍ ଷ୍ଟେଜ୍, ପ୍ରଥମ ଟ୍ରାପ୍ ଓଏ, ସବୁ ତାଙ୍କ ଦ୍ୱାରା ତିଆରି ହେଇଥିଲା । ମଞ୍ଚ ଉପରେ ଦାସିଆ ବାଉରୀ ନଡ଼ିଆ ଟେକି ଧରିଛନ୍ତି ଆଉ ଜଗନ୍ନାଥଙ୍କ ହାତ ନେପଥ୍ୟରୁ ଲମ୍ବି ଆସି ସେ ନଡ଼ିଆ ନେଇ ଯାଇଛି ଦେଖି ଆକୁଳ ଦର୍ଶକ ଭକ୍ତିରେ କାନ୍ଦିଛନ୍ତି ।

ଔଷଧ ଖାଇ ହିରୋ ଟେବୁଲ୍ ପଛରେ ଟଳି ପଡ଼ିଛନ୍ତି ଆଉ ତାଙ୍କ ରୂପ ବଦଳି ସେ ରାକ୍ଷସରେ ପରିଣତ ହେଇଛନ୍ତି, ଅନ୍ୟ ଚରିତ୍ରଟିଏରେ । "ନା ନା ଏ ଅସମ୍ଭବ" କହି ଟେବୁଲ୍‌ଟିକୁ ଘୁଂଚେଇ ଦେଇ ଦର୍ଶକ ଦେଖିଛନ୍ତି ମଣିଷ ଚରିତ୍ରରେ ଅଭିନୟ କରିଥିବା ଅଭିନେତାଙ୍କ ଚିହ୍ନବର୍ଣ୍ଣ ନାହିଁ! ତେବେ ସେ କଣ ସତରେ ରାକ୍ଷସ ହେଇଗଲେ !

ମଞ୍ଚରେ ଟ୍ରାପ୍‌ର ଏ ମାୟା ତ ସିଏ ହିଁ ତିଆରି କରିଥିଲେ !

ସେଟ୍‌ରେ ବ୍ୟବହୃତ ରଙ୍ଗର ନାନ୍ଦନିକତା ଆଉ ବ୍ୟବହାରିକ ପ୍ରୟୋଗ ତାଙ୍କ ଭଳି ଆଜିଯାଏଁ ପ୍ରାୟ କେହି କରି ପାରନ୍ତିନି । ତାଙ୍କ ମୃତ୍ୟୁ ଦିନ ବି ତ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନାଟକ ମଞ୍ଚ ପରିକଳ୍ପନା ତାଙ୍କର ହିଁ ଥିଲା ।

## ନିର୍ଦ୍ଦେଶକ ଅସୀମ ବସୁ

ତାଙ୍କ ନିର୍ଦ୍ଦେଶିତ ଅନେକ ନାଟକ ଦେଖିଥିଲି, ହେଲେ କେବେ ତାଙ୍କ ନିର୍ଦ୍ଦେଶନାରେ ଅଭିନୟ କରିନଥିଲି । ତାଙ୍କର ନାଟ୍ୟ ଦଳ ଥିଲା, ସେ ନିର୍ଦ୍ଦେଶକ ଥିଲେ, ମୁଁ ଅଭିନେତ୍ରୀ ଥିଲି । କିନ୍ତୁ ସେ କେବେ ବି ମତେ ଡାକୁ ନଥିଲେ । ବୋଧହୁଏ ତାଙ୍କୁ ଲାଗୁଥିଲା ଯେ ଦଳର ଅନ୍ୟ ସଦସ୍ୟମାନେ ଭାବିବେ ଯେ ଦାଦା ତାଙ୍କ ଝିଅକୁ ପ୍ରମୋଟ୍ କରୁଛନ୍ତି ବୋଲି ।

କିନ୍ତୁ ଥରେ ଜଣେ ଅଭିନେତ୍ରୀ ନାଟକ ମଞ୍ଚସ୍ଥ ହବାର ଦିନ ପାଖେଇ ଆସିବା ପରେ ହଠାତ୍ ମନା କରିଦେଲେ । ମୁଁ ଜିଦ୍ କଲି ଯେ ସେ ଚରିତ୍ରରେ ମତେ ନିଆଯାଉ । ଚରିତ୍ରଟି ମୂକ ଏବଂ ଶେଷ ଦୃଶ୍ୟରେ କାନ୍ଦିବା ଛଡ଼ା ଅନ୍ୟ ଅଭିନୟର ସୁଯୋଗ ନଥିବାରୁ ଅନନ୍ୟୋପାୟ ବାବୁଜୀ ମତେ ସୁଯୋଗ ଦେଲେ ଆଉ ମଞ୍ଚାୟନ ପରେ ମୋ ଅଭିନୟ ଦେଖି ଦଳର ସଦସ୍ୟମାନେ ସନ୍ତୁଷ୍ଟ ହେଲେ ।

ତାପର ଠାରୁ ମୁଁ ତାଙ୍କର ପ୍ରାୟ ନାଟକରେ ଅଭିନୟ କରିଛି । ସେ ସମୟରେ ତାଙ୍କ ନିର୍ଦ୍ଦେଶକ ବାଲା ରୂପ ଦେଖିବାର ସୌଭାଗ୍ୟ ପାଇଛି ।

ସେ କାହାକୁ ଅଭିନୟ କରି ଦେଖାଉ ନଥିଲେ । ଅନୁକରଣ ଅପେକ୍ଷା ଅଭିନେତାର ନିଜସ୍ୱ ଅଭିନୟକୁ ସେ ଅଧିକ ପ୍ରାଧାନ୍ୟ ଦଉଥିଲେ । କଡ଼ା ନିର୍ଦ୍ଦେଶକ ଥିଲେ । ବାରମ୍ବାର ବୁଝେଇବା ସତ୍ତ୍ୱେ ଭୁଲ୍ କଲେ ସରୁଆ ଅଙ୍ଗୁଠି, ପତଳା ପାପୁଲି ହଲେଇ ବହୁତ ଗାଳି ଦଉଥିଲେ ।

ହେଲେ ତାଙ୍କ ରାଗ କ୍ଷଣସ୍ଥାୟୀ ଥିଲା ।

ଧୈର୍ଯ୍ୟ ବି ବହୁତ ଥିଲା । କୌଣସି ଅଭିନେତା ଚରିତ୍ର ବୁଝି ନପାରିଲେ, ଅଭିନୟ ନକରି ପାରିଲେ ସେ ଧୈର୍ଯ୍ୟ ଧରି ତାଙ୍କ ସହ ଲାଗି ରହୁଥିଲେ ।

"ବାବୁଜୀ, ତାଙ୍କ ଦେଇ ହଉନି, ତମେ ଅଲଗା କାହାକୁ କାହିଁକି ନଉନ ? ବେକାର ସମୟ ନଷ୍ଟ ହଉଛି । ଡ୍ରାମା ପାଖେଇ ଆସିଲାଣି ।"

"ହଉ ହବ । ସେ ପାରିବେ ।"

ଆଉ ସତକୁ ସତ ନାଟକ ଦିନ କାହାରି ଅଭିନୟ ଖରାପ ହଉନଥିଲା । ତାଙ୍କ ନିରଳସ ଚେଷ୍ଟା ଆପାତ ଅସମ୍ଭବକୁ ସମ୍ଭବ କରି ଦଉଥିଲା ।

## ପ୍ରତିବଦ୍ଧ ଅସୀମ ବସୁ

କାର୍ଡ଼ରେ ନାଟକର ସମୟ ହେଇଛି ସାତଟା ପନ୍ଦର ।

ମୁଁ ଆଉ ବାବୁଜୀ ପାଖାପାଖି ବସିଛୁ । ହଲ୍‌ରେ ହାତ ଗଣତି ଦର୍ଶକ । ମୁଖ୍ୟ ଅତିଥି ମନ୍ତ୍ରୀ ମହୋଦୟ ଆସି ନାହାଁନ୍ତି । ବାବୁଜୀ ମତେ ପଚାରିଲେ- "କେତେଟା ବାଜିଲା ?"

"ସାତଟା ବାର ।"

"ତା'ମାନେ ଆଉ ତିନି ମିନିଟ୍ ।"

ସତକୁ ସତ ତିନି ମିନିଟ୍ ପରେ ଠିକ୍ ସାତଟା ପନ୍ଦରରେ ବାବୁଜୀ ମାଇକ୍ରୋଫୋନ ଧରି ମଞ୍ଚରେ ଠିଆ । ନାଟକ ସଠିକ୍ ସମୟରେ ଆରମ୍ଭ ହବା ଦରକାର । କେବଳ ନାଟକ ନୁହଁ, କଳାର ପ୍ରତି କ୍ଷେତ୍ରରେ ତାଙ୍କର ଦାୟବଦ୍ଧତା ଅନବଦ୍ୟ । ଅସୁସ୍ଥ ଦେହରେ ମଧ୍ୟ ଶୁଟିଂ କରିଛନ୍ତି କେବଳ କଥା ଦେଇଥିଲେ ବୋଲି ।

ଶୁଟିଂ ସେଟ୍‌କୁ ଯିବା ପାଇଁ ଗାଡ଼ି ଆସିବ ଦିନ ଆଠଟା ବେଳେ, ବାବୁଜୀ ସମ୍ପୂର୍ଣ୍ଣ ରେଡି ହେଇ ବସି ରହିଛନ୍ତି ସକାଳ ସାଢ଼େ ସାତରୁ । ଗାଡ଼ି ଆସିବାକୁ ପନ୍ଦର ମିନିଟ୍ ଡେରି କଲେ ସେ ଘର ଗେଟ୍ ଯାଏଁ ଏପଟ ସେପଟ ହଉଥିବେ ପନ୍ଦର ଥର । ମୁହଁରେ ବିରକ୍ତି- "ଏମାନଙ୍କ ସମୟ ଜ୍ଞାନ ନାହିଁ ।"

ମନେ ଅଛି, ଥରେ ଦୂରଦର୍ଶନ ତରଫରୁ ଗୋଟିଏ ଶିଶୁ ନାଟ୍ୟ କାର୍ଯ୍ୟକ୍ରମ ଚାଲିଥାଏ । ବିଭିନ୍ନ ନାଟ୍ୟ ଦଳର ପ୍ରାୟ ବାରଟି ଶିଶୁ ନାଟକକୁ କଳିଙ୍ଗ ଷ୍ଟୁଡ଼ିଓରେ





ଶୁଟ୍ କରାଯାଉଥାଏ । ସେତେବେଳେ ମୋର ଗୋଟିଏ ଶିଶୁ ନାଟ୍ୟ ଦଳ ଥିଲା । ଆମ ଦଳର ଦୁଇଟି ନାଟକ ନିର୍ବାଚିତ ହେଇଥାଏ ।

ବାରଟି ଯାକ ନାଟକ ପାଇଁ ସେଟ୍ ତିଆରି କାମ ବାବୁଜୀଙ୍କର । ଶୁଟିଂ ସହ ନିରବଚ୍ଛିନ୍ନ ଭାବରେ ସେଟ୍ କାମ ଚାଲିଥାଏ । ରିହାର୍ସଲ, ମେକ୍‌ଅପ୍, ଶୁଟିଂ ସବୁ ମିଶି ରାତିଦିନ କାମ ଚାଲିଛି । ଗୋଟିଏ ଗୋଟିଏ ନାଟକ ଶୁଟିଂ ପ୍ରାୟ ଦୁଇଦିନ ଲାଗୁଥାଏ ।

ମୋ ନାଟକ ପାଳି ଆସିଲା ବେଳେ ଅନ୍ୟ ଦୁଇଟି ଦଳର କାମ, ଅର୍ଥାତ୍ ଚାରି ପାଞ୍ଚଦିନର ଶୁଟିଂ ସରିଥାଏ । ଆମ କାମ ଆରମ୍ଭ ହେଲା । ପିଲାଙ୍କ ସହ ରିହାର୍ସଲ ମଝିରେ ମୁଁ ଦେଖୁଥାଏ ବାବୁଜୀ ସେଟ୍ ତିଆରିରେ ବ୍ୟସ୍ତ । ରାତି ଦିନ କାମ ପାଇଁ ଦୁଇଟି ଟିମ୍‌ରେ ତାଙ୍କ ଲୋକମାନେ ବିଭକ୍ତ । ଗୋଟେ ଟିମ୍ ବିଶ୍ରାମ ନେଲେ ଅନ୍ୟ ଟିମ୍ କାମ କରେ । ତାଙ୍କର କିନ୍ତୁ ବିଶ୍ରାମ ନାହିଁ । ଆଙ୍ଗୁଠି ସନ୍ଧିର ସିଗାରେଟ୍ ସେମିତି ଜଳୁଥାଏ ।

ପ୍ରଥମ ଦିନ ମୁଁ ଚବିଶ ଘଣ୍ଟା ନ ଶୋଇ କାମ କରିଗଲି । ଦ୍ୱିତୀୟ ଦିନ ସନ୍ଧ୍ୟା ପରଠୁ  ମତେ ନିଦ ଲାଗିବା ଆରମ୍ଭ ହେଲା । ରାତି ନଅଟା ବେଳକୁ ଚେୟାର୍‌ରେ ବସି ବସି ମୁଁ କେତେବେଳେ ଶୋଇ ପଡ଼ିଛି ଜାଣିନି ।

ନିଦ ଭାଙ୍ଗିଲା ବେଳେ ଅନୁଭବ କଲି ଯେ ଆଉ ନୁହଁ, ଅନ୍ତତଃ କିଛି ଘଣ୍ଟା ବିଶ୍ରାମ ନନେଲେ କାମ କରି ପାରିବିନି । ଟିକେ ଗଡ଼ି ପଡ଼ିବା ପାଇଁ ମେକପ୍ ରୁମ୍ ଆଡ଼କୁ ଯାଉ ଯାଉ କଣେଇକି ଅନେଇଲି । ବାବୁଜୀ ସେମିତି ଠିଆ ହେଇ ମିସ୍ତ୍ରୀମାନଙ୍କୁ କାମ ବୁଝଉଛନ୍ତି । ଏ ଲୋକ ମଣିଷଟି !

## ଅଭିନେତା ଅସୀମ ବସୁ

ପିଲାବେଳେ ସିନେମାରେ ଦେଖୁଥିଲି, ସେ କେବେ ପାଗଳ ସାଜିଛନ୍ତି ତ କେବେ ଚାକର । 'ସଉତୁଣୀ' ସିନେମାରେ ତାଙ୍କ ଅଭିନୟ ଦେଖି ସତ ଭାବି ଗାଳି ଦେଇଥିଲି- "ଛୁଆଟାକୁ ଭୂତ ଆସି ନେଇ ଯାଉଥିଲା ବେଳେ ତମେ ଶୋଇଗଲ କେମିତି ?"

ମୋର ମ୍ୟାଟ୍ରିକ ପରୀକ୍ଷା ଆଗରୁ ଦୂରଦର୍ଶନର ଗୋଟିଏ ନାଟକରେ ସେ ଅଭିନୟ କରିଥିଲେ । ସେ ସମୟରେ ତାଙ୍କୁ ବଡ଼ ପାଟିରେ ସଂଳାପ ମୁଖସ୍ଥ କରିବାର ଶୁଣି ମୋର ମୁଖସ୍ଥ ହେଇ ଯାଇଥିଲା ।

ଅନେକ ନାଟକରେ ତାଙ୍କୁ ଅଭିନୟ କରିବାର ଦେଖିଛି । ମୁଗ୍ଧ ହେଇଛି । 'ନିଶାନ୍ତ' ନାଟକରେ ସେ ହେଇଥିଲେ ଜଣେ ନିରୀହ ହାବିଲଦାର । ଜଣେ ନେତା ତାଙ୍କୁ ଉଠ୍ ବସ୍ କରାଉଥାନ୍ତି (ଆକ୍ଷରିକ ଭାବରେ) । ପତଳା, ହାଡ଼ୁଆ ଚେହେରାରେ ସେଇ ଥରିଥରି ବସ୍‌ଉଠ୍ କରିବା ଦେଖି ମୋ ଆଖିରେ ଲୁହ ଜକେଇ ଥିଲା ।

ବୟସ ଜନିତ ଅସୁସ୍ଥତା ଯୋଗୁଁ ପରବର୍ତ୍ତୀ କାଳରେ ଅଭିନୟ ନକରି କେବଳ ନିର୍ଦ୍ଦେଶନା ଦଉଥିଲେ । ସେତିକିବେଳେ ସ୍ଥିର ହେଲା ନାଟକ 'ଅଥଚ ଚାଣକ୍ୟ' ମଞ୍ଚସ୍ଥ ହବ । ସତୁରୀ ଦଶକର ବିଖ୍ୟାତ ନାଟକ । ବାବୁଜୀ ସେତେବେଳେ ସେଥିରେ 'ଲୋକ' ଚରିତ୍ରରେ ଅଭିନୟ କରିଥିଲେ ।

ଏବେ ସେ ନାଟକରେ ମୁଁ ସୁହାସିନୀ ଚରିତ୍ରରେ ଅଭିନୟ କରିବି । ଅନ୍ୟ ସବୁ ଚରିତ୍ର ବଛା ହେଇଗଲା । ହେଲେ 'ଲୋକ' ! ସେଇଟା କିଏ କରିବ ?

ଅନେକ ବାକ୍‌ବିତଣ୍ଡା ପରେ ସମସ୍ତେ ଜୋର୍ କରି ବାବୁଜୀଙ୍କୁ ରାଜି କରେଇଲେ ।

ରିହାର୍ସଲରେ ସେ ଗୋଟେ ଚେୟାର୍‌ରେ ବସି ନିର୍ଦ୍ଦେଶନା ଦେବା ସହ ନିଜ ସଂଳାପ ଗୁଡ଼ିକ ପଢ଼ି ଦିଅନ୍ତି ଆଉ ଆମେ ମଞ୍ଚା (ମଞ୍ଚ ନୁହଁ)ଉପରେ ସେ ବସିଥିବାର କଳ୍ପନା କରି ଅଭିନୟ କରୁ ।

ନାଟକ ଦିନ ମୁଁ ସେଟ୍ ଦେଖିଲି । ଷ୍ଟେଜ୍ ଅପ୍ ସେଣ୍ଟରରେ ଗୋଟିଏ ବାଉଁଶ ମଞ୍ଚା । ତା ଉପରେ ପତଳା କନ୍ଥା ପରା ହେଇଛି । ବାବୁଜୀ ସେଥିରେ ଚଢ଼ି ଅଧାଶୁଆ ହେଇ ରହିଲେ । ଦୁଇ ଘଣ୍ଟାର ନାଟକ । ବାବୁଜୀଙ୍କ ସିନ୍ ବେଳେ ମଞ୍ଚା ଉପରେ ଆଲୁଅ ପଡ଼େ ଓ ସେ ହାତରେ  ଭରା ଦେଇ ମୁହଁ ଉଠେଇ ଅଭିନୟ କରନ୍ତି । ଅନ୍ୟ ସିନ୍‌ରେ ସେ ମୁହଁ ମାଡ଼ି ନିଶ୍ଚଳ ହେଇ



ଶୋଇ ରୁହନ୍ତି । ଅଶୀ ବର୍ଷ ବୟସରେ, ଅସୁସ୍ଥ ଶରୀରରେ ଦୁଇ ଘଂଟା କାଳ, ସେଇ ମଂଚା ଉପରେ । ଶୋଷ ହେଲେ ପାଣି ବି ପିଇ ପାରିବେନି ।

ମୋ ଶେଷ ସିନ୍ । ଯୋଉଥିରେ ରାଜା ଘର ଲୋକେ ସୁହାସିନୀକୁ ଗୋଡ଼େଇଛନ୍ତି । ଧରି ପାରିଲେ ଝୁଣି ପକେଇବେ । ସୁହାସିନୀ ଆଉ ଦୌଡ଼ି ପାରୁନି । ଆଉ ବଞ୍ଚିବାର ଆଶା ନାହିଁ । 'ଲୋକ' କହୁଛି- "ଆ ମା । ମୋ ପାଖକୁ ଆ । ମୁଁ ତତେ ସବୁଦିନ ପାଇଁ ବଞ୍ଚେଇ ଦିଏ । ମୋ ପଛ କରି ଠିଆ ହ । ତୋ ଆଖି ଦେଖିଲେ ମୋ ହାତ ଥରିଯିବ । ମୁଁ ତତେ ବଞ୍ଚେଇ ପାରିବିନି ।" କି ଗଳା ! କି ମଡ୍ୟୁଲେଶନ୍ ! କି ଅଭିନୟ !

ଦେଖନ୍ତୁ, ସେଦିନ କଥା ମନେ ପକେଇ ମୋ ରୋମ କେମିତି ଟାଙ୍କୁରି ଉଠୁଛି ! ମୁଁ କେଡ଼େ ଭାଗ୍ୟବତୀ ଯେ ତାଙ୍କ ସହିତ ଅଭିନୟ କରିବାର ସୁଯୋଗ ପାଇଛି ! ହଉ ପଛେ ସେଇ ଗୋଟିଏ ନାଟକ, ହେଲେ ମୋ ପାଇଁ ତ ଅମୂଲ୍ୟ ସମ୍ପଦ !



## ବାପା ଅସୀମ ବସୁ

ଝାପ୍‌ସା ମନେ ପଡ଼େ ବାପୁଜୀ ନଗରରେ ଆମ ଭଡ଼ା ଘରର ବାରଣ୍ଡା । ବାବୁଜୀଙ୍କ ମୋର ଠିଆ ହେଇଛୁ । ଅଗଣାରେ ଦୁଇଟି ବିଲେଇ ଛୁଆ ଖେଳୁଛନ୍ତି, ଲାଞ୍ଜ ପିଟି ପିଟି ମତେ କହୁଛନ୍ତି- "ଦେଖ, ବିଲୁଆ କଥା ଶୁଣି କୁମ୍ଭୀରଟା ଏଇମିତି ଲାଞ୍ଜ ଫଟ ଫଟ କରିଥିଲା ।" (କିନ୍ତୁ ବିଲୁଆ କୁମ୍ଭୀର ଗପ ଶୁଣିବା କଥା ମୋର ମନେ ନାହିଁ ।)

ମନେପଡ଼େ ଧୁମ୍ ଜ୍ୱରରେ ମତେ ବାବୁଜୀ ଆସି ଡାକ୍ତର ପାଖକୁ ନେଇ ଯାଇଥିଲେ । ସେଠୁ ଫେରିବା ବାଟରେ କଣ କାମ ପଡ଼ିବାରୁ ମତେ ପିଇସୀଙ୍କ ଘରେ ରଖି ଦେଇଗଲେ । ମୁଁ ଖୁବ କାନ୍ଦିଲି । କେହି ମତେ ସମ୍ଭାଳି ନପାରି ବାବୁଜୀଙ୍କୁ ଡାକି ଆଣିଲେ । ବାବୁଜୀ ଆସି ମତେ କାଖ କରି ପଚାରିଲେ- "କଣ ହେଲା ?" ଆଉ ମୁଁ ତାଙ୍କ କାନ୍ଧରେ ଶୋଇଗଲି ।

ଆଉ ମନେପଡ଼େ ବାବୁଜୀଙ୍କୁ ଦେଖିଲା କ୍ଷଣି ସାନସାନ ପିଲାମାନେ ଘେରି ଯାଉଥିଲେ । ବାବୁଜୀ ସମସ୍ତଙ୍କୁ ଚକ୍‌ଲେଟ ଦଉଥିଲେ । ମୋର ସେଇ ଚକ୍‌ଲେଟ ଉପରେ ଖୁବ ଲୋଭ ହଉଥିଲା । ହେଲେ ଖାଲି ଦୂରରୁ ଦେଖୁଥିଲି, କେବେ ମୁହଁ ଖୋଲି ମାଗି ପାରିନି । ବହୁତ ଚକ୍‌ଲେଟ୍ ଖାଇଛି ହେଲେ ସେଇ ଚକ୍‌ଲେଟ୍ ନିଶ୍ଚୟ



ଅଧିକ ସୁଆଦିଆ ଥିଲା କାରଣ ଏ ଚକ୍‌ଲେଟ୍‌ରେ କାଇଁ ମନ ଭରେନି ତ !

## ପ୍ରେମିକ ଅସୀମ ବସୁ

ବାବୁଜୀଙ୍କ ଏକଦଶାହ ଦିନ ମାନି ଅପା ମୋ ପାଖକୁ ଆସି, ମୋ ହାତକୁ ଧରି କହିଲେ- "ଭାସ୍ୱତୀ, ମୋ କଥା ଶୁଣି ତମେ ଆଶ୍ଚର୍ଯ୍ୟ ହେଇପାର, କିନ୍ତୁ ଜାଣିଛ, ଦାଦା ଚାଲିଗଲେ, ମତେ ଲାଗୁଛି ଯେମିତି ପ୍ରେମିକ ଚାଲିଗଲେ ।" ମୁଁ କହିଲି- "ମୁଁ ଆଶ୍ଚର୍ଯ୍ୟ ହଉନି ଅପା ।"

କଣ ଥିଲା ସେ ମଣିଷ ପାଖରେ ଯେ ଓଡ଼ିଶାର ଉପାନ୍ତ ଅଂଚଳର ଗୋଟିଏ 'ମହିଳା ସଂଗଠନ' ଅସୀମ ବସୁଙ୍କ ଦ୍ୱାଦଶାହ ପାଳିବାର ସମ୍ବାଦ, ଖବର କାଗଜରେ ବାହାରିଥିଲା ! ଥିଲା ନାରୀ ପ୍ରତି ସମ୍ମାନ ବୋଧ । ତାଙ୍କ ଜୀବନରେ ଅନେକ ନାରୀ ଆସିଛନ୍ତି । ବନ୍ଧୁ ଭାବରେ, ପ୍ରେମିକା ଭାବରେ, ସାଥି ଭାବରେ ଅଥବା ସହକର୍ମୀ ଭାବରେ । ପ୍ରତିଟି ନାରୀ ପ୍ରତି ତାଙ୍କର ସମ୍ମାନ ଥିଲା ।  ଥରେ ମଞ୍ଚ ପୂଜା ପରେ ଜଣେ ବରିଷ୍ଠ ଅଭିନେତାଙ୍କୁ ପ୍ରଣାମ କଲି । ସେ ମୋ ପିଠି ଛୁଇଁ ଆଶୀର୍ବାଦ କଲେ । ମତେ ତାଙ୍କ ଛୁଆଁ ଭଲ ଲାଗିଲାନି ।


ବାବୁଜୀଙ୍କୁ କହିଲାରୁ ସେ କହିଥିଲେ- "ପୁରୁଷମାନେ ବୁଝନ୍ତିନି ଯେ ଝିଅମାନେ ସ୍ପର୍ଶ ଚିହ୍ନି ପାରନ୍ତି । ଅପରିଷ୍କାର ସ୍ପର୍ଶଟିଏ ଦେଲେ ଝିଅଟି ଆଉ ସମ୍ମାନ କରିବନି ।"

## ବନ୍ଧୁ ଅସୀମ ବସୁ

ମୁଁ ନିଜକୁ ଯାଜ୍ଞସେନୀ କୁହେ । ତାଙ୍କ ଭଳି ମୋର ବି ଶୈଶବ ନାହିଁ । ମୁଁ ଝିଅ ହିସାବରେ ବାବୁଜୀଙ୍କ କୋଳରେ ଖେଳିବାର ଖୁବ୍ କମ ସୁଯୋଗ ପାଇଛି । ତାଙ୍କ ଉପରେ ଥିବା ଅଭିମାନ ସବୁ ତରଳି ବନ୍ଧୁତ୍ୱରେ ପରିଣତ ହେଲା ବେଳକୁ ବେଶ୍ ଡେରି ହେଇଯାଇଥିଲା । ତାଙ୍କ ଜୀବନର ଶେଷ କିଛି ବର୍ଷ ହିଁ ଆମେ ନିକଟତର ହେଇ ପାରିଥିଲୁ । କିନ୍ତୁ ସେ କିଛି ବର୍ଷ ମୋ ଜୀବନର ଶ୍ରେଷ୍ଠ କେତୋଟି ବର୍ଷ ଥିଲା ଦେଖା ହେଲେ ଆମେ ଧୁମ ଗପୁଥିଲୁ । ସେ କି ଗପ ! ଛୁଞ୍ଚିରୁ ହାତୀ ଯାଏଁ କିଛି ବାଦ୍ ପଡୁନଥିଲା । କୌଣସି ସଙ୍କୋଚ ନଥିଲା । ଯେକୌଣସି ବିଷୟରେ ଆମେ ଅବାଧ ଆଲୋଚନା କରି ପାରୁଥିଲୁ । ତାଙ୍କ ଭଳି ବନ୍ଧୁ କେତେ ଲୋକଙ୍କୁ ମିଳେ !

ତାଙ୍କ ଶେଷ ମୁହୂର୍ତ୍ତରେ ମୁଁ ଥିଲି, ତାଙ୍କ ପାଖରେ, ତାଙ୍କ ହାତକୁ ଛୁଇଁ । ଜାଣେନା ମୋ ସୌଭାଗ୍ୟ କି ମୋ ଦୁର୍ଭାଗ୍ୟ ।

# ଆମ ଜନଜାତି ଆଦିମ ଅଧିବାସୀ






# ପାହାଡ଼ି ଖଡ଼ିଆଙ୍କ ସନ୍ଧାନେ

**ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର**

ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ତିରିଂ
ମୟୂରଭଞ୍ଜ-୭୫୭୦୫୩,
ଫୋନ: ୭୮୭୩୭୧୯୧୬୩

ଫଟୋ ସୌଜନ୍ୟ : ଲେଖକ

ପ୍ରକୃତି ସେମାନଙ୍କ ଧାତ୍ରୀ, ପ୍ରକୃତି ସେମାନଙ୍କ ପାଇଁ ନିୟାମକ । ପ୍ରକୃତି ହିଁ ଆରାଧ୍ୟ, ପ୍ରକୃତି ହିଁ ଶକ୍ତି । ସେମାନଙ୍କ ଜୀବନ ଓ ମରଣ ପ୍ରକୃତି ସହ ଜଡିତ । ସେମାନେ ନିଜେ ଭୂମି କର୍ଷଣ କରି ଖାଦ୍ୟ ଉତ୍ପାଦନ କରିବାକୁ ଚାହାନ୍ତି ନାହିଁ । ପ୍ରକୃତି ଦେଇଥିବା ବନ୍ୟଜାତ ସାମଗ୍ରୀ ସେମାନଙ୍କର ସାଧନ । ଜଙ୍ଗଲ ହିଁ ସେମାନଙ୍କ ଜୀବନ ଜୀବିକା । ଖାଇବା ଓ ଉପାର୍ଜନ ସବୁକିଛି ବନ୍ୟଜାତ ସାମଗ୍ରୀ ସଂଗ୍ରହରୁ । ଶିକାର ଓ ସଂଗ୍ରହ ସେମାନଙ୍କ ଧର୍ମ । ସେମାନେ ଜନଜାତିଙ୍କ ମଧ୍ୟରେ ଭିନ୍ନ ଏକ ନାଁ : **ପାହାଡ଼ି ଖଡ଼ିଆ** ।

ସାନ୍ତାଳ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ସଂଖ୍ୟାଲଘୁ ଜନଜାତି ସମୁଦାୟ ହେଉଛନ୍ତି ପାହାଡ଼ି ଖଡ଼ିଆ । ଏମାନେ ମୁଳତଃ ଶିକାରପ୍ରିୟ ଜନଜାତି ଓ ଖାଦ୍ୟ ପାଇଁ ବଣଜଙ୍ଗଲ ଉପରେ ନିର୍ଭରଶୀଳ । ସଂପ୍ରତି ବନବିଭାଗର କଟକଣା ଫଳରେ ଏମାନଙ୍କର ଜୀବନଧାରଣର ଶୈଳୀରେ ଆସିଛି ଏକ ବଡ଼ ପରିବର୍ତ୍ତନ ।୧୯୫୮ରେ ଶିମିଳିପାଳ ଜାତୀୟ ଉଦ୍ୟାନ ଓ ୧୯୭୩ରେ ବ୍ୟାଘ୍ର ସଂରକ୍ଷିତ ଅଭୟାରଣ୍ୟ ଘୋଷିତ ହେବା ପରେ ଶିକାର ଓ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ ଉପରେ କଡ଼ା କଟକଣା ଲାଗିଥିଲା । ଫଳରେ ଜଙ୍ଗଲ ଉପରେ ନିର୍ଭରଶୀଳ ପାହାଡ଼ି ଖଡ଼ିଆଙ୍କର ଆର୍ଥିକ ସ୍ଥିତି ସ୍ୱାଭାବିକ ଭାବେ ବିପନ୍ନ ହୋଇଥିଲା । ପାହାଡ଼ି ଖଡ଼ିଆଙ୍କ ସାମାଜିକ-ଆର୍ଥିକ ଅବସ୍ଥାକୁ ଲକ୍ଷ୍ୟରେ ରଖି ସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି । ଏହି ସବୁ ସରକାରୀ କାର୍ଯ୍ୟକ୍ରମର ମୂଳ






ଲେଖକ ଦେବେନ୍ଦ୍ର ପ୍ରିୟଦର୍ଶୀ ତେଜ

ଉଦ୍ଦେଶ୍ୟ ପାହାଡ଼ି ଖଡ଼ିଆ ଜନଜାତିଙ୍କର ଶିକ୍ଷା, ଅର୍ଥନୀତି ଓ ସାମାଜିକ ଅବସ୍ଥାର ବିକାଶ । ପାହାଡ଼ି ଖଡ଼ିଆ ମାନେ ମୂଳତଃ ମୟୂରଭଞ୍ଜର ବିଜାତଳା, ମୋରଡା, ଉଦଳା, ଯଶିପୁର ଓ କରଞ୍ଜିଆ ବ୍ଲକରେ ଦେଖିବାକୁ ମିଳିଥାନ୍ତି । ଏମାନେ ସଂଖ୍ୟାରେ ସ୍ୱଳ୍ପ ।

'ଖଡ଼ିଆ' ଶବ୍ଦ ଖଡ଼ ଖଡ଼ିଆରୁ ଆସିଛି । ଖଡ଼ଖଡ଼ିଆ ମାନେ ପାଲିଙ୍କି ବୋହୁଥିବା ଏକ ସଂପ୍ରଦାୟ । ସେହିପରି ଖଡ଼ିଆଙ୍କ ପୂର୍ବଜମାନେ ସବୁବେଳେ କାନ୍ଧରେ ବାହୁଙ୍ଗି ବୋହୁଥିବାରୁ ସେମାନଙ୍କର ଏଭଳି ନାମକରଣ ହୋଇଥିବା ଅନୁମାନ ।

ଖଡ଼ିଆ ଜନଜାତି ମୁଖ୍ୟତଃ ତିନିଟି ଗୋଷ୍ଠୀରେ ବିଭକ୍ତ । ଯଥା: ପାହାଡ଼ି ଖଡ଼ିଆ,ଧେଲକି ଖଡ଼ିଆ ଓ ଦୁଧ ଖଡ଼ିଆ । ଏହି ତିନି ଗୋଷ୍ଠୀ ଗୁଣ ଓ ପ୍ରକୃତିରେ ପରସ୍ପର ଠାରୁ ଭିନ୍ନ । ପାହାଡ଼ି ଖଡ଼ିଆମାନେ ଚାଷବାସ କରିବାକୁ ଭଲପାଆନ୍ତି ନାହିଁ । ଶିକାର ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବଂଚିବା ସେମାନଙ୍କର ଧର୍ମ । ଧେଲକି ଖଡ଼ିଆ ଓ ଦୁଧ୍ ଖଡ଼ିଆମାନେ ଚାଷ କରନ୍ତି ଓ ଖାଦ୍ୟ ଉତ୍ପାଦନ କରନ୍ତି । ଏମାନଙ୍କ ମଧ୍ୟରେ ଦୁଧ୍ ଖଡ଼ିଆ ଜନଜାତି ଲୋକେ ଚାଷକାର୍ଯ୍ୟରେ ନୂଆ ନୂଆ ପଦ୍ଧତି ଆପଣାଇବାରେ ଧୁରୀଣ । ଏସବୁ ମୁଖ୍ୟ ଗୋଷ୍ଠୀ ବାଦ୍ ଅନ୍ୟ ତିନି ଖଡ଼ିଆ ଗୋଷ୍ଠୀ ବି ଦେଖିବାକୁ ମିଳନ୍ତି । ସେଗୁଡିକ ହେଲେ ମୁଣ୍ଡା ଖଡ଼ିଆ, ଓରାଁ ଖଡ଼ିଆ ଓ ବର୍ଗା ଖଡ଼ିଆ । ଏହି ଖଡ଼ିଆ ଗୋଷ୍ଠୀଙ୍କର ନିଜସ୍ୱ ସାଂସ୍କୃତିକ ବୈଶିଷ୍ଟ୍ୟ ନାହିଁ । ଏମାନେ ପ୍ରାୟତଃ ମୁଖ୍ୟ ଖଡ଼ିଆ ଗୋଷ୍ଠୀଙ୍କର ଅଂଶବିଶେଷ କହିଲେ ଭୁଲ ହେବ ନାହିଁ ।

ଜନଶ୍ରୁତି କହେ ପାହାଡ଼ି ଖଡ଼ିଆମାନେ ବିନ୍ଧ୍ୟ ଓ କୈମୁର ମାଳ ଅଂଚଳର ଉତ୍ତର ଭାଗରୁ ସ୍ଥାନାନ୍ତରିତ ହୋଇ ବିଭିନ୍ନ ଉର୍ବର ନଦୀ ଇଲାକାରେ ବସବାସ କରିଥିଲେ । କାଳକ୍ରମେ ସେମାନେ ଦକ୍ଷିଣ ମାଳଭୂମିରେ ବସତି ସ୍ଥାପନ କରିବା ପରେ ଶେଷରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ପାହାଡିଆ ଅଂଚଳରେ ପୂର୍ଣ୍ଣ ରୂପେ ବସବାସ କରିଥିଲେ । ପରେ ପରେ ଏମାନଙ୍କ ମଧ୍ୟରୁ କିଛି ଝାରଖଣ୍ଡର ସିଂହଭୂମ ଓ ମାନଭୂମ ଅଂଚଳରେ ବସତି ସ୍ଥାପନ କରିଥିଲେ । ଧେଲକି ଖଡ଼ିଆ ଓ ଦୁଧ୍ ଖଡ଼ିଆ କମ୍ପୁର ମାଳଅଂଚଳରରୁ ଆସି ପ୍ରଥମେ ଝାଡ଼ଖଣ୍ଡର ରାଂଚି ଜିଲ୍ଲା ବିରୁପାରଗନାରେ ବସତି ସ୍ଥାପନ କରିଥିବା ଅନୁମାନ କରାଯାଏ । ପରେ ଦୁଧ୍ ଖଡ଼ିଆ ମାନେ ଏମାନଙ୍କ ସ୍ଥାନାନ୍ତରଣ ପଥକୁ ଅନୁସରଣ କରିଥିବା ଜଣାଯାଏ । ମୟୂରଭଞ୍ଜର ଶିମିଳିପାଳ ପାର୍ବତ୍ୟ ଅଂଚଳ ପାହାଡ଼ି ଖଡ଼ିଆଙ୍କର



ମୁଖ୍ୟ ଆବାସ ଭୂମି । ଏଠାରୁ ସ୍ଥାନାନ୍ତରିତ ହୋଇ ସୁନ୍ଦରଗଡ଼, କେନ୍ଦୁଝର ଓ ସମ୍ବଲପୁର ଅଂଚଳରେ ଏମାନେ ବସତି ସ୍ଥାପନ କରିଥିବା ଜଣାଯାଏ ।

୧୯୯୧ ଜନଗଣନା ପରିସଂଖ୍ୟାନ ଅନୁଯାୟୀ ଓଡ଼ିଶାରେ ଖଡ଼ିଆ ଜନଜାତିଙ୍କର ସଂଖ୍ୟା ୧,୪୪,୧୭୮ ଥିଲାବେଳେ ୨୦୦୧ ଜନଗଣନା ବେଳେ ଏହି ସଂଖ୍ୟା ବଢି ୧୬୮୪୦୭ ହୋଇଥିବା ଜଣାଯାଏ । ୨୦୦୧ ଜନଗଣନା ଅନୁଯାୟୀ ଲିଙ୍ଗ ଅନୁପାତ ପ୍ରତି ୧୦୦୦ ପୁରୁଷରେ ୧୦୪୬ ମହିଳା ଥିବା ବେଳେ ଏମାନଙ୍କ ସାକ୍ଷରତା ହାର ୧୨.୧୬% ଥିବା ସୂଚନା ମିଳେ ।

ପାହାଡ଼ି ଖଡ଼ିଆଙ୍କ ବସତି ଗାଁ ଗୁଡ଼ିକ ସାଧାରଣତଃ ଆକାରରେ ଛୋଟ । ଅତି ବେଶିରେ ପାଂଚରୁ କୋଡିଏଟି ପରିବାର ଗୋଟିଏ ଗାଁରେ ବସବାସ କରିଥାନ୍ତି । ପାହାଡ ଉପରେ,ଢାଲୁ ଅଂଚଳରେ ଅଥବା ପାହାଡ଼ ତଳେ ଏମାନଙ୍କର ଗାଁ । ମଝିରେ ରାସ୍ତା ଦୁଇଧାଡିରେ ଘର ଖଡିଆ ଗାଁ ଗୁଡ଼ିକର ବୈଶିଷ୍ଟ୍ୟ । ଘର ଗୁଡ଼ିକ ପାଖକୁ ପାଖ ଲଗାଲଗି, ଗାଁର ରାସ୍ତା ସଂକୀର୍ଣ୍ଣ । ଲୋକବିଶ୍ୱାସ ଅନୁଯାୟୀ କୌଣସି ନିର୍ଦ୍ଦିଷ୍ଟ ଜାଗାରେ ବସତି ସ୍ଥାପନ କରିବା ପୂର୍ବରୁ ଖଡ଼ିଆମାନେ ସେଇ ଜାଗାର ଭୂମିକୁ ପରୀକ୍ଷାନିରୀକ୍ଷା କରି ନିଶ୍ଚିନ୍ତ ହୋଇଥାନ୍ତି ଯେ ଏହା ସେମାନଙ୍କ ବସତି ସ୍ଥାପନ ପାଇଁ ଉପଯୋଗୀ କି ନୁହେଁ । ସେମାନଙ୍କର ଧାର୍ମିକ ମୁଖ୍ୟ ଦେହୁରୀଙ୍କ ନେତୃତ୍ୱରେ କିଛି ଲୋକ ଯାଇ ଜାଗା ଚିହ୍ନଟ କରିଥାନ୍ତି । ଦେହୁରୀ ସେଠାରେ ମାଟି ଖୋଳି ଗୋଟିଏ ଖୁଣ୍ଟ ପୋତିଥାନ୍ତି । ଖୁଣ୍ଟ ଉପରେ କିଛି ଅରୁଆ ଚାଉଳ ପକେଇ ଚାଲି ଆସନ୍ତି । ପରଦିନ ସକାଳୁ ଯାଇ ତନ୍ନତନ୍ନ ପରୀକ୍ଷା କରାଯାଏ ଏହି ଚାଉଳ ଅଖଣ୍ଡ ଭାବରେ ଅଛି ନା ତଳେ ବୁଣି ହୋଇଯାଇଛି । ଯଦି ଚାଉଳ ଅଖଣ୍ଡ ଅବସ୍ଥାରେ ଥାଏ ସେଠାରେ ଗାଁ ବସେଇବାକୁ ନିଷ୍ପତ୍ତି ନିଆଯାଏ । ଯଦି ଚାଉଳ ବୁଣି ହୋଇ ଯାଇଥାଏ ତାହେଲେ ସେଠାରେ ବସତି ସ୍ଥାପନ ସେମାନଙ୍କ ପାଇଁ ଅନୁକୂଳ ନୁହେଁ ବୋଲି ସେମାନେ ବିଶ୍ୱାସ କରିଥାନ୍ତି ।

ଖଡ଼ିଆଙ୍କ ଘର ସାଧାରଣତଃ ଆୟତାକାର ବିଶିଷ୍ଟ । କାନ୍ଥ ଗୁଡ଼ିକ ଶାଳକାଠରେ ନିର୍ମିତ ଓ ଉପରେ କାଦୁଅ ନେସା ହୋଇଥିବା ଦେଖିବାକୁ ମିଳେ । ଘରର ମଥାନ ଓ ଛାଉଣି କାଠ ଛାଂଚ ଉପରେ ଜଙ୍ଗଲି ଘାସ ଓ ନଡା ଦ୍ୱାରା ହୋଇଥାଏ । ସମୟର ପରିବର୍ତ୍ତନ ଅନୁଯାୟୀ ଏବେ ଏସବୁ ଘରର ଛାଉଣିରେ ମଧ୍ୟ ପରିବର୍ତ୍ତନ ହେଲାଣି । ପାହାଡିଆ ଅଂଚଳ ଛାଡି ଖଡ଼ିଆମାନେ ନିଜର ଜୀବନ ଜୀବିକା ପାଇଁ ଅନ୍ୟ ଅଂଚଳରେ ଆସି ଅନ୍ୟ ଗୋଷ୍ଠୀର ଜନଜାତିଙ୍କ ସମୁଦାୟଙ୍କ ସହ ବସବାସ କରିବା ଆରମ୍ଭ କଲେଣି । ଫଳରେ ସେମାନଙ୍କ ଆର୍ଥିକ ଓ ଧାର୍ମିକ ସ୍ତରରେ ନାନାଦି ପରିବର୍ତନ ହେଲାଣି । ସେମାନେ ଚାଷବାସ କଲେଣି,ଗୃହପାଳିତ ପଶୁ ପାଳନ କଲେଣି ଓ ଦିନ ମଜୁରିଆ ଭାବେ ଜୀବିକା ନିର୍ବାହ କଲେଣି ।

ଆଜିକାଲି ଆଧୁନିକତାର ପ୍ରଭାବରେ ଜନଜାତି ପାରମ୍ପରିକ ଜୀବନରେ ପୋଷାକ ପତ୍ର, ଖାଦ୍ୟପେୟ, ସବୁଥିରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିଲାଣି । ଜୀବନ ଶୈଳୀର ଏହି ବ୍ୟାପକ ପରିବର୍ତନରେ ଖଡ଼ିଆ ଜନଜାତି ବା ବାଦ୍ ପଡ଼ିବ କାହିଁକି ? ଗୋଟିଏ ସମ୍ପ୍ରଦାୟ ତାର ଐତିହ୍ୟ ଓ ସଂସ୍କୃତି ଦ୍ୱାରା ହିଁ ନିଆରା ଭାବେ ବାରି ହୋଇ ପଡିଥାଏ । ବସ୍ତୁବାଦୀ ପରିବର୍ତ୍ତନ ସତ୍ତ୍ୱେ ସେମାନଙ୍କ ଚଳଣି, ଭାବନା, ମୂଲ୍ୟବୋଧ, ବିଶ୍ୱାସ ଓ ବ୍ୟବହାରରେ ପରିବର୍ତ୍ତନ ଏତେ ସହଜ ନୁହେଁ ।

ପାହାଡ଼ି ଖଡ଼ିଆମାନଙ୍କର ନିଜସ୍ୱ କଥିତ ଭାଷା ଅଛି ମାତ୍ର ଲିପି ନାହିଁ । ବାହାର ଲୋକଙ୍କ ସହ କଥା ହେଲାବେଳେ ସେମାନେ ଓଡ଼ିଆ, ମୁଣ୍ଡା, ହିନ୍ଦୀ, ସାନ୍ତାଳି ଭାଷା ବ୍ୟବହାର କରିଥାନ୍ତି । ଶିକ୍ଷାର ବିସ୍ତାର ହୋଇ ନଥିବାରୁ ଅନ୍ୟଭାଷା କହିପାରୁଥିଲେ ବି ଲେଖାପଢାରେ ଏମାନେ ପଛୁଆ ।



ପାହାଡ଼ି ଖଡ଼ିଆ ମାନଙ୍କର ମୁଖ୍ୟ ଖାଦ୍ୟ ଭାତ । ସେମାନେ ଦିନରେ ତିନିଥର ଭାତ ଖାଆନ୍ତି । ପଖାଳ ଓ ତବତ ଉଭୟ ସେମାନଙ୍କର ପ୍ରିୟ । ସକାଳ ୭ରୁ ୮ଟା ଭିତରେ ସେମାନଙ୍କ ଭାତରନ୍ଧା ସରିଯାଏ । ଭାତ ସାଙ୍ଗରେ ବାଡ଼ିରୁ ସଂଗୃହିତ ଶାଗ, ହାଟରୁ କିଣିଥିବା ଶୁଖୁଆ ପ୍ରତି ବକ୍ତରେ ଖାଇବାରେ ସେମାନଙ୍କର ଆନନ୍ଦ । ବର୍ଷା ଓ ଖରାଦିନରେ ମିଳୁଥିବା



ଜଙ୍ଗଲି ଛତୁକୁ ସେମାନେ ତରକାରୀରେ ବ୍ୟବହାର କରିଥାନ୍ତି । କଦଳୀ, ଲେମ୍ବୁ, ପଣସ, ଆମ୍ବ, ଅଁଳା ସେମାନଙ୍କର ମୁଖ୍ୟ ଫଳାହାର । ପର୍ବପର୍ବାଣିରେ ଛେଳି, ମେଣ୍ଢା, କୁକୁଡ଼ା ମାଂସ ଓ ବିଭିନ୍ନ ଜଙ୍ଗଲୀ ପକ୍ଷୀଙ୍କର ମାଂସ ଖାଇବାକୁ ଭଲ ପାଆନ୍ତି । ସେମାନଙ୍କ ରନ୍ଧାବଢ଼ାରେ ମାତ୍ରାଧିକ ମସଲାର ବ୍ୟବହାର ହୁଏ ନାହିଁ । ଅଳ୍ପ ଟିକେ ଲୁଣ, ତେଲ, ହଳଦୀ ଗୁଣ୍ଡ ଓ କଂଚା ଲଙ୍କା ବଟାରେ ସେମାନଙ୍କ ତରକାରୀ ପ୍ରସ୍ତୁତ ହୋଇଯାଏ । ହାଣ୍ଡିଆ ସେମାନଙ୍କର ପ୍ରିୟ ପାନୀୟ । ଦିନକୁ ଦୁଇରୁ ତିନିଥର ହାଣ୍ଡିଆ ନପିଇଲେ ସେମାନଙ୍କର ମନ ଶାନ୍ତି ହୁଏ ନାହିଁ । ଘରେ ଚାଉଳରୁ ସେମାନେ ହାଣ୍ଡିଆ ପ୍ରସ୍ତୁତ କରନ୍ତି । ଜଙ୍ଗଲରୁ ସଂଗ୍ରହ କରାଯାଇଥିବା ଏକପ୍ରକାର ଔଷଧୀୟ ଚେରରୁ ସେମାନେ ଏକ ବଟିକା ପ୍ରସ୍ତୁତ କରିଥାନ୍ତି । ଯାହାକୁ 'ରାନୁ' କୁହାଯାଏ । ଏହି 'ରାନୁ' ବା ବଟିକାକୁ ରନ୍ଧା ଭାତରେ ପକେଇ ରାତି ସାରା ଛାଡି ଦିଆଯାଏ । ରାନୁର ପ୍ରଭାବରେ ପ୍ରକ୍ରିୟାକରଣ ହୋଇ ସକାଳକୁ ହାଣ୍ଡିଆ ପ୍ରସ୍ତୁତ ହୋଇଯାଏ । ପର୍ବପର୍ବାଣି, ଉତ୍ସବ ଅନୁଷ୍ଠାନରେ ହାଣ୍ଡିଆକୁ ଇଷ୍ଟଦେବଙ୍କ ପାଖରେ ସମର୍ପଣ ଅନ୍ତେ ଉଭୟ ପୁରୁଷନାରୀ ଏହାର ସେବନ କରିଥାନ୍ତି ।

ପାହାଡ଼ି ଖଡ଼ିଆଙ୍କର ପ୍ରତ୍ୟେକ ପର୍ବପର୍ବାଣିରେ ଖାଦ୍ୟ ଏକ ମୁଖ୍ୟ ଭୂମିକା ନିର୍ବାହ କରିଥାଏ । ପାହାଡ଼ି ଖଡ଼ିଆଙ୍କର ମୁଖ୍ୟ ପର୍ବ ଗୁଡିକ ହେଲା ଫଗୁ, ଆମ୍ ନୂଆଖାଇ, କରମା ପୂଜା, ଫୁଲ ଭାଙ୍ଗନି, ଚଇତ ପରବ, ମକର ସଂକ୍ରାନ୍ତି, ଜେଠ ନୂଆଖାଇ । ଏହି ପର୍ବ ଦିନମାନଙ୍କରେ ସେମାନେ ମାଂସ, ମଦ ଓ ପିଠା ନିଶ୍ଚୟ ଖାଇଥାନ୍ତି । ମହୁଲ ପିଠା, ମାଂସ ଖେଚିଡ଼ି, ପିତାଳୁ କିମ୍ବା ସିଝା,କରଡ଼ି ଭଜା, କୋଲେଇ ଲୋଥା ସେମାନଙ୍କ ଖାଦ୍ୟ ସଂସ୍କୃତିର ନିଆରା ନିଦର୍ଶନ । ଖାଦ୍ୟ ପ୍ରସ୍ତୁତି ଓ ଗ୍ରହଣ ବେଳେ ସେମାନେ ଗୋପନୀୟତା ରକ୍ଷା କରିଥାଆନ୍ତି । ସେମାନଙ୍କ ବିଶ୍ୱାସ ଦୁଷ୍ଟଶକ୍ତିର ନଜର ଖାଦ୍ୟ ଉପରେ ପଡିଲେ ସେମାନଙ୍କର ପିଲାର ଦେହ ଅସୁସ୍ଥ ହେବ । ଖାଦ୍ୟ ପ୍ରସ୍ତୁତି ବେଳେ କୌଣସି ବହିରାଗତ ଲୋକ ପହଂଚିଲେ ସେମାନେ ଖାଦ୍ୟକୁ ସାଙ୍ଗେ ସାଙ୍ଗେ ଢଙ୍କେଇ ଦେଇଥାନ୍ତି । ସାଧାରଣତଃ ପାହାଡ଼ି ଖଡ଼ିଆମାନେ ଜଙ୍ଗଲକୁ ମହୁ,ଝୁଣା,କନ୍ଦ ସଂଗ୍ରହ କରିବାକୁ ଗୋଷ୍ଠୀବଦ୍ଧ ହୋଇଗଲା ବେଳେ ସାଙ୍ଗରେ ଖାଦ୍ୟ ଧରି ଯାଇଥାଆନ୍ତି । ସାରାଦିନ ଜଙ୍ଗଲରେ କଟାଇବାର ଥିବାରୁ ସାଙ୍ଗରେ ଖାଦ୍ୟନେବାକୁ ସେମାନେ ଭୁଲି ନଥାନ୍ତି । ବର୍ଷାଋତୁ ବ୍ୟତିରେକ ଅନ୍ୟଦିନମାନଙ୍କରେ ସେମାନେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହରେ ବାହାରି ଥାଆନ୍ତି ।

ଖାଦ୍ୟ ଗ୍ରହଣରେ ଅନ୍ୟମାନଙ୍କ ଭଳି ପାହାଡି ଖଡ଼ିଆମାନେ କିଛି କଟକଣା ମାନି ଥାଆନ୍ତି । ଗର୍ଭବତୀ ମହିଳାମାନଙ୍କୁ ଭାକୁର ମାଛ, ପୋଇ ଶାଗ, ବିରିଡାଲି, ଭେଣ୍ଡି ଖାଇବା ନେଇ ଦୃଢ ଭାବେ ମନା କରାଯାଇଥାଏ । ଫୁଲ ଭାଙ୍ଗିନି ପୂଜା ପୂର୍ବରୁ ଗଛରୁ ନୂଆ ପତ୍ର, ଫୁଲ, ଫଳ ତୋଳି ଖାଇବା ଉପରେ କଡା କଟକଣା ଥାଏ । ସେହିପରି ନୂଆଖିଆ ପରବ ପୂର୍ବରୁ ପାହାଡ଼ି ଖଡ଼ିଆ ଲୋକେ ନୂଆ ଚାଉଳ ଖାଇନଥାନ୍ତି । ଜଣଙ୍କ ମୃତ୍ୟୁରେ ଶୁଦ୍ଧିକ୍ରିୟା ନସରିବା ଯାଏ ଆଇଁଷ ଭକ୍ଷଣ ବାରଣ ଥାଏ । ଏହି ସମୟରେ ବୋଇତାଳୁ ଓ ଲାଉ ଖାଇବା ନେଇ ମଧ୍ୟ କଟକଣା ରହିଛି ।

ପାହାଡ଼ି ଖଡ଼ିଆ ପୁରୁଷମାନଙ୍କ ଭୂଷଣ କସ୍ତା ଧୋତି, ଲୁଙ୍ଗି, ଗଞ୍ଜି ଏବଂ ସାର୍ଟ । ଆଧୁନିକତାର ପ୍ରଭାବରେ ଆଜିକାଲି ଖଡ଼ିଆ ଯୁବବର୍ଗ ଜିନ୍ସ,ଟିସାର୍ଟ ପିନ୍ଧିଲେଣି । ମହିଳାମାନେ କସ୍ତା ଶାଢି ପିନ୍ଧି ଥାଆନ୍ତି । ହାତରେ ବହୁସଂଖ୍ୟାରେ କାଚ ବା ଦସ୍ତାର ଚୁଡି ପିନ୍ଧିଥାଆନ୍ତି । ମୁଣ୍ଡରେ କେଶ କଂଟା, ରୂପାର କାନ ଝୁମୁକା, କୋମୋ, ପାଗରା,ବାଙ୍କୁ, ଚୁରପୁଲି, କଡୁଆ, ଦୋରା ଆଦି ଅଳଙ୍କାର ସେମାନେ ପିନ୍ଧିଥାଆନ୍ତି ।

ନରତତ୍ୱବିଦ ମାନଙ୍କ ମତରେ ପରିବାର ହେଉଛି ପ୍ରଥମ ସାମାଜିକ ସଂଗୋଷ୍ଠୀ । ସେ ଜନଜାତି ହୁଅନ୍ତୁ କି ସାଧାରଣ ବର୍ଗ ପରିବାରକୁ ସମାଜର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବରେ ଗ୍ରହଣ କରାଯାଇଛି । ଆର୍ଥିକ,ସାମାଜିକ, ସାଂସ୍କୃତିକ, ମନସ୍ତାତ୍ୱିକ, ଧାର୍ମିକ ପ୍ରତିଟି କ୍ଷେତ୍ରରେ ପରିବାର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ପାହାଡ଼ି ଖଡ଼ିଆଙ୍କ ପରିବାର କ୍ଷୁଦ୍ର ଓ ସରଳ;ବିବାହିତ ଦମ୍ପତି ଓ ପିଲାମାନଙ୍କୁ ନେଇ ସେମାନଙ୍କର କଳେବର । ଖଡ଼ିଆ ଜନଜାତି ସଂପ୍ରଦାୟରେ ବାହାଘର ପରେ ନବଦମ୍ପତି ସେମାନଙ୍କ ମୂଳ ପରିବାର ଠାରୁ ଅଲଗା ରହିବାର ପରମ୍ପରା ରହିଛି । ବିବାହିତ ସନ୍ତାନମାନେ ବାପାମାଙ୍କ ଠାରୁ ଅଲଗା ହୋଇ ନିଜର ଘର ବସାଇବା ସହ ନିଜର ଅଲଗା ହାଣ୍ଡିରେ ରୋଷେଇ କରିଥାନ୍ତି । ଏ ଦୃଷ୍ଟିରୁ ସେମାନଙ୍କ ସଂପ୍ରଦାୟରେ ଯୌଥ ପରିବାର ଅପେକ୍ଷା



ପାହାଡ଼ି ଖଡିଆଙ୍କ ଲୁଗା ଓ ଗହଣା ପରିଧାନ



ପାହାଡ଼ି ଖଡିଆ ଲୋକ

ଅଣୁ ପରିବାର  ଅଧିକ ଦେଖିବାକୁ ମିଳେ । ପାହାଡ଼ି ଖଡ଼ିଆ ପରିବାରରେ ବାପା ହେଉଛନ୍ତି ପରିବାରର ମୁରବୀ । ସେ ନିଜ ଇଚ୍ଛାରେ କୌଣସି ପ୍ରସଙ୍ଗରେ ନିଷ୍ପତ୍ତି ନେଇ ପାରନ୍ତି ଓ ତାହା ହିଁ ଚୂଡ଼ାନ୍ତ ହୋଇଥାଏ । ବେଳେ ବେଳେ ନିଷ୍ପତ୍ତି ନେବା ପୂର୍ବରୁ ସେ ପତ୍ନୀ ଓ ପ୍ରାପ୍ତବୟସ୍କ ସନ୍ତାନଙ୍କର ମତ ନେଇ ଥାଆନ୍ତି । ଖଡ଼ିଆ ସଂପ୍ରଦାୟରେ ପିଲାମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦିଆ ଯାଇଥାଏ । ସେମାନେ ନିଜ ଇଚ୍ଛାରେ ଜୀବନକୁ ଜିଇଁ ପାରନ୍ତି । ବାପାମାଙ୍କର ହସ୍ତକ୍ଷେପ ଆଦୌ ନଥାଏ ।

ପାହାଡ଼ି ଖଡ଼ିଆ ଜନଜାତିର ଲୋକେ ସାଧାରଣତଃ ଅନ୍ତର୍ବିବାହରେ ବିଶ୍ୱାସ ରଖନ୍ତି । ଅନ୍ୟ ଜାତି ଓ ଜନଜାତିରେ ବିବାହକୁ ସେମାନେ ଅପରାଧ ମଣିଥାଆନ୍ତି । ଯଦି କେହି ଅନ୍ୟ ଜାତିରେ ବିବାହ କରେ ତାହେଲେ ତାକୁ ସାମାଜିକ ବାସନ୍ଦ କରିବାକୁ ସେମାନେ ପଛାନ୍ତି ନାହିଁ । ସେମାନଙ୍କର ବିବାହ କର୍ମକାଣ୍ଡ ପାଇଁ ଜାତି ପକ୍ଷରୁ  ସ୍ୱତନ୍ତ୍ର ବିଧି ବ୍ୟବସ୍ଥା ରହିଛି । ସେହି ବ୍ୟବସ୍ଥାକୁ ମାନି ସେମାନଙ୍କ ବିବାହ ସଂପାଦିତ ହୋଇଥାଏ । ଅନ୍ୟ ଜନଜାତି ଭଳି ବାଲ୍ୟ ବିବାହରେ ସେମାନେ ବିଶ୍ୱାସ ରଖନ୍ତି ନାହିଁ । ପୁଅଝିଅଙ୍କ ବୟୋପ୍ରାପ୍ତି ପରେ ହିଁ ବିବାହ କଥା ସେମାନେ ଚିନ୍ତା କରନ୍ତି । ପୁଅର ବୟସ ୧୮ ଓ ଝିଅର ବୟସ ୧୬ ହେଲେ ହିଁ ଯାଇ ସେମାନେ ବିବାହ କରାଇଥାନ୍ତି ।  ନିଜ କୁଟୁମ୍ବ ସଂପର୍କୀୟଙ୍କ ସହ ବିବାହ ସେମାନଙ୍କ ପାଇଁ ବର୍ଜନୀୟ । ବିଧବା ବିବାହ ପରିସ୍ଥିତି କ୍ରମେ ଅନୁମୋଦନୀୟ । ବାହାଘର ବେଳେ ବରପକ୍ଷ ତରଫରୁ କନ୍ୟାପିତାଙ୍କୁ କନ୍ୟାପ୍ରାପ୍ୟ ଦେବା ବ୍ୟବସ୍ଥା ଖଡ଼ିଆ ସମାଜରେ ପ୍ରଚଳିତ । ବୈବାହିକ ଜୀବନରେ ମନୋମାଳିନ୍ୟ ଘଟିଲେ ବା କୌଣସି ସମସ୍ୟା ଘଟିଲେ  ଖଡ଼ିଆ ସମାଜରେ ବିବାହ ବିଚ୍ଛେଦ ନିୟମ ଦୃଷ୍ଟିରୁ ସମ୍ମତ । ବିବାହ ବିଚ୍ଛେଦ ଅନୁମୋଦିତ ହେଲେ ବିବାହ କାଳରେ ନିଆ ଯାଇଥିବା କନ୍ୟାପ୍ରାପ୍ୟ ସ୍ତ୍ରୀର ପରିବାର ଫେରାଇବାର ନିୟମ ରହିଛି ।

ପାହାଡ଼ି ଖଡ଼ିଆ ସମାଜରେ ମୃତଲୋକର ଶବ ସଂସ୍କାର ନେଇ ଭିନ୍ନ ନିୟମ ରହିଛି । ଜଣେ ବିବାହିତ ପୁରୁଷ ବା ମହିଳା ମୃତ୍ୟୁବରଣ କଲେ ତାଙ୍କର ମୃତଦେହକୁ ପୋଡା ଯାଇ ଦାହ କରାଯାଏ । ଯଦି ଅବିବାହିତ ହୋଇଥାଆନ୍ତି ତାହେଲେ ତାଙ୍କର ମୃତଦେହକୁ ମାଟି ତଳେ କବର ଦିଆ ଯାଇଥାଏ । ମୃତଦେହର ଦାହସଂସ୍କାର ପରେ ଚିତାଭସ୍ମକୁ ଏକ ନୂଆ ମାଟି କଳସରେ ପୂରେଇ ସେଥିରେ ଚାଉଳ ମିଶେଇ ନଦୀ ଗର୍ଭରେ ବିସର୍ଜନ କରାଯାଏ । ଖଡ଼ିଆ ମାନଙ୍କର ଶୁଦ୍ଧିଘର ମଧ୍ୟ ଅନ୍ୟମାନଙ୍କ ପରି ଦଶଦିନ ବ୍ୟାପୀ ଚାଲେ । ଶୁଦ୍ଧିଘର ଶେଷଦିନରେ ସଂପର୍କୀୟଙ୍କୁ ଭୋଜି ଦିଆ ଯାଇଥାଏ । ଶେଷରେ ଏକ ଲମ୍ବା ପଥରକୁ ସ୍ମୃତିସ୍ତମ୍ଭ ରୂପରେ ଘର ନିକଟରେ ସ୍ଥାପନ କରାଯାଏ ।

ଶିକାର ପାହାଡ଼ି ଖଡ଼ିଆ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ବିଭବ । ସାଧାରଣତଃ ବୈଶାଖ ମାସରେ ଖଡ଼ିଆମାନେ ଜଙ୍ଗଲକୁ ଶିକାର କରିବାକୁ ଯାଆନ୍ତି । ଶିକାର କାଳରେ ସେମାନେ ଗୋଟିଏ ଗୋଟିଏ ଛୋଟ ଦଳରେ ବିଭକ୍ତ ହୋଇ ହାତରେ ଧନୁ ତୀର ଧରି ଘରୁ ବାହାରି ଯାଆନ୍ତି । ଧନୁ ଓ ତୀରର ଆକାର ଓ ଲମ୍ବ ଖଡ଼ିଆ ପୁରୁଷ ମାନଙ୍କର ଶାରୀରିକ ଆକୃତି ଓ ପ୍ରକୃତି ଅନୁଯାୟୀ ଭିନ୍ନ ଭିନ୍ନ ହୋଇଥାଏ । ଧନୁ ଗୁଡ଼ିକ ବାଉଁଶରେ ତିଆରି ଓ ଶର ଗୁଡ଼ିକ କ୍ଷୀପ୍ର ଗତିରେ ଯିବା ପାଇଁ ତାର ପଛ ଭାଗରେ ଚଢେଇର ପର ସଂଯୋଜିତ ହୋଇଥାଏ । ଧନୁଶର ବ୍ୟତୀତ ପକ୍ଷୀ ଶିକାର ପାଇଁ ସେମାନେ ଜଙ୍ଗଲରେ ଫାଶ ବସେଇଥାଆନ୍ତି ।

ଜଳାଶୟରୁ ଗୋଷ୍ଠୀବଦ୍ଧ ହୋଇ ମାଛ ଧରିବା ଓ ଏକକ ଭାବେ ମାଛ ଧରିବା ପାହାଡ଼ି ଖଡ଼ିଆମାନଙ୍କର ଆଉ ଏକ ସଉକ । ଏଥିପାଇଁ ସେମାନେ ଜାଲ ଓ ବଂଶୀଖଡ଼ା ବ୍ୟବହାର କରିଥାନ୍ତି । ମାଛଧରା ଜାଲକୁ ସେମାନଙ୍କ ଭାଷାରେ 'ଜାଲମ୍' ଓ ବଂଶୀ ଖଡ଼ାକୁ 'ହାଇବେଲ୍ ଡାଙ୍ଗ୍' କୁହାଯାଇଥାଏ ।

ଦୈନନ୍ଦିନ ଜୀବନରେ ଖଡ଼ିଆମାନେ ଖୁବ୍ କମ୍ ଘରୋଇ ଆସବାପତ୍ର ବ୍ୟବହାର କରିଥାଆନ୍ତି । ଯାହା ଅତି ଆବଶ୍ୟକ କେବଳ ସେତିକି ବ୍ୟବହାର କରିବାକୁ ସେମାନେ ପସନ୍ଦ କରନ୍ତି । ଅନାବଶ୍ୟକ ଓ ଦାମୀ ଜିନିଷ ବ୍ୟବହାରରେ ସେମାନେ ବିଶ୍ୱାସୀ ନୁହନ୍ତି । ବାସନକୁସନ,ଆଇନା,ଟର୍ଚ୍ଚ ଲାଇଟ୍, ଲଣ୍ଠନ, ରେଡିଓ,ମଶାରି ଭଳି ଜିନିଷ ପ୍ରତି ଖଡ଼ିଆ ଘରେ ଦେଖିବାକୁ ମିଳେ ।

ପ୍ରତ୍ୟେକ ଖଡ଼ିଆ ଗାଁରେ ସେମାନଙ୍କର ପାରମ୍ପରିକ ପଂଚାୟତ ଥାଏ ଓ



ଜଣେ ଜଣେ ଗାଁ ମୁଖିଆ ଥାଆନ୍ତି । ଗାଁ ମୁଖିଆଙ୍କୁ ସେମାନେ 'ପ୍ରଧାନ' କହନ୍ତି । 'ପ୍ରଧାନ' ଗ୍ରାମସଭାର ଅଧ୍ୟକ୍ଷତା କରନ୍ତି,ସେହି ସଭାରେ ଅନ୍ୟ ନେତୃସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ଲୋକଙ୍କର ଅନ୍ତଃକନ୍ଦଳ ଯଥା ବିବାହ ବିଚ୍ଛେଦ, ସମ୍ପତ୍ତି ଭାଗ ଆଦି ସମାଧାନ ହୁଏ, ବିଭିନ୍ନ ସାମାଜିକ ପ୍ରଥା ପରମ୍ପରାର ନିୟମ ପ୍ରଣୟନ ହୁଏ । ମହାମାରୀ କିମ୍ବା ଅନ୍ୟ ଜରୁରୀକାଳୀନ ପରିସ୍ଥିତିରେ ଗାଁକୁ ରକ୍ଷା କରିବା ପାଇଁ ଲୋଡା ହେଉଥିବା ପୂଜାପାଠ ଲାଗି ପ୍ରଧାନ ଲୋକଙ୍କ ଠାରୁ ଚାନ୍ଦା ଆଦାୟ କରନ୍ତି । ଗାଁରେ ବିଭିନ୍ନ ପଡ଼ା ଥାଏ । ପଡ଼ାର ମୁଖିଆଙ୍କୁ 'ଦଣ୍ଡିଆ' କୁହାଯାଏ । ପ୍ରଥମେ ବିଭିନ୍ନ ସମସ୍ୟା 'ଦଣ୍ଡିଆ'ଙ୍କ ଦ୍ୱାରା ସମାଧାନ କରିବାକୁ ଚେଷ୍ଟା କରାଯାଏ ପଡ଼ା ସ୍ତରରେ ତାହା ସମାଧାନ ନହୋଇ ପାରିଲେ ଗାଁ







ପଂଚାୟତ ପରିଷଦକୁ ଏହା ଆସିଥାଏ । ପଂଚାୟତର ନିଷ୍ପତ୍ତି ଚୂଡ଼ାନ୍ତ,ଏହାକୁ ମାନିବାକୁ ସମସ୍ତେ ବାଧ୍ୟ ।

ପାହାଡ଼ି ଖଡ଼ିଆମାନେ ପ୍ରକୃତି ଦ୍ୱାରା ଲାଳିତ ପାଳିତ । ସେମାନଙ୍କ ଅର୍ଥନୀତି ଜଙ୍ଗଲ ଆଧାରିତ । ଶିମିଳିପାଳ ବିଭିନ୍ନ ଗଛଲତା ଓ ବିଭିନ୍ନ ପ୍ରଜାତିର ଜୀବଜନ୍ତୁଙ୍କର ଏକ ଗନ୍ତାଘର । ଶିମିଳିପାଳର ବିଭିନ୍ନ ଭାଗରୁ ମହୁ,ଲାଖଝୁଣା ଓ କନ୍ଦ ସଂଗ୍ରହ କରି ସ୍ଥାନୀୟ ବଜାରରେ ବିକ୍ରି କରି ସେମାନେ ଦିପଇସା ଉପାର୍ଜନ କରିଥାଆନ୍ତି । ବର୍ଷାଦିନରେ ଜଙ୍ଗଲକୁ ଯିବା ସମ୍ଭବପର ହେଉନଥିବାରୁ ଶୀତ ଓ ଗ୍ରୀଷ୍ମଦିନରେ ସେମାନେ ଏସବୁ ସଂଗ୍ରହ ପାଇଁ ଜଙ୍ଗଲକୁ ଯାଇଥାଆନ୍ତି । ଏକବିଂଶ ଶତାବ୍ଦୀରେ ମଧ୍ୟ ପାହାଡ଼ି ଖଡ଼ିଆମାନେ ଚାଷବାସକୁ ଗମ୍ଭୀରତାର ସହ ନେଇ ନାହାନ୍ତି । କଟକଣା ସତ୍ତ୍ୱେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ବିକ୍ରୟରୁ ମିଳୁଥିବା ଅର୍ଥ ଉପରେ ସେମାନେ ନିର୍ଭରଶୀଳ ।

ପାହାଡ଼ି ଖଡ଼ିଆମାନେ ବହୁ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିବାରେ ବିଶ୍ୱାସୀ । ସେମାନେ ଠାକୁରାଣୀଙ୍କୁ ନିଜର ଆରାଧ୍ୟ ମାନନ୍ତି । ସୂର୍ଯ୍ୟ ଓ ଧରଣୀ ଦେବତାଙ୍କୁ ପୂଜା କରନ୍ତି । ଜଙ୍ଗଲ ଠାକୁରାଣୀଙ୍କୁ ପୂଜା ନକରି କୌଣସି ବି ଖଡ଼ିଆ ଜଙ୍ଗଲ ଭିତରକୁ ମହୁ ଓ ଝୁଣା ସଂଗ୍ରହ କରିବାକୁ ଯାଆନ୍ତି ନାହିଁ । ସେହିପରି ଶିକାର ଓ ଖାଦ୍ୟ ସଂଗ୍ରହ ପୂର୍ବରୁ ପୂଜାର୍ଚ୍ଚନା କରିବା ସେମାନଙ୍କର ବିଧେୟ । ଖଡ଼ିଆ ଭାଷାରେ ଦେବଦେବୀଙ୍କୁ 'ବୋଙ୍ଗା' ସମ୍ବୋଧିତ କରାଯାଇଥାଏ । ଖଡ଼ିଆମାନଙ୍କର ଧର୍ମ ହିନ୍ଦୁ ଓ ଖ୍ରୀଷ୍ଟ ଧର୍ମର ଏକ ମିଶ୍ରିତ ବ୍ୟବସ୍ଥା । ସୂର୍ଯ୍ୟ, ଚନ୍ଦ୍ର, ନଦୀ ସମସ୍ତେ ସେମାନଙ୍କର ଉପାସ୍ୟ । ସୂର୍ଯ୍ୟ ସେମାନଙ୍କ ପାଇଁ ଧର୍ମ ଦେବତା । ଶିମିଳିପାଳର ପ୍ରତ୍ୟେକଟି ପାହାଡ଼ ସେମାନଙ୍କ ପାଇଁ ଦେବଦେବୀ । ପାହାଡ଼ ଗୁଡ଼ିକର ନାମକରଣ ବି ସେମାନେ ଆପଣା ମତେ କରିଛନ୍ତି । କେଉଁ ପାହାଡ଼ ସେମାନଙ୍କ ପାଇଁ ପୁରୁଷ ତ କେଉଁ ପାହାଡ଼ ସେମାନଙ୍କ ପାଇଁ ନାରୀ । ସେମାନଙ୍କ ଦ୍ୱାରା ପାହାଡ଼ ଗୁଡ଼ିକର ନାମକରଣ ଏମିତି; ବାଦାମ ବୁଢ଼ୀ, ରାଜାରଜା, ପବନବୀର, ମହାବୀର, ଭଣ୍ଡାର ଦେବତା, ଠାକୁରାଣୀ, ବାଉଳି, ବାସୁଳି, ଗ୍ରାମଦେବୀ ଇତ୍ୟାଦି । ଡାହାଣୀ ଚିରଗୁଣି, ଭୂତପ୍ରେତରେ ଖଡ଼ିଆ ମାନେ ବିଶ୍ୱାସୀ । ରୋଗରେ ପଡ଼ିବା କି ମୃତ୍ୟୁ ହେବାକୁ ସେମାନେ ଦୁଷ୍ଟ ଶକ୍ତିର ପ୍ରଭାବରୁ ହେଉଥିବା ବିଶ୍ୱାସ କରନ୍ତି । ନିରାକରଣ ପାଇଁ ସେମାନେ ଆଜି ବି ଗୁଣି ଗାରେଡ଼ି ଓ ଗୁଣିଆ ଉପରେ ନିର୍ଭର କରନ୍ତି ।

ପ୍ରତ୍ୟେକ ଜନଜାତିଙ୍କର ନିଜର ସ୍ୱତନ୍ତ୍ର ଖାଦ୍ୟ, ପୋଷାକ ଶୈଳୀ, ଗୃହନିର୍ମାଣ, ବିବାହ ପରମ୍ପରା, ସାମାଜିକ ଜୀବନ ଶୈଳୀ ଥାଏ । ଏସବୁ ସେମାନଙ୍କୁ କେବଳ ଆତ୍ମସନ୍ତୋଷ ଦେଇନଥାଏ ବରଂ ସମସ୍ତଙ୍କ ଠାରୁ ଭିନ୍ନ କରି ଗଢି ତୋଳିଥାଏ । ବସ୍ତୁବାଦୀ ପରିବର୍ତ୍ତନ ସତ୍ତ୍ୱେ ସେମାନଙ୍କ ଚଳଣି, ଭାବନା, ମୂଲ୍ୟବୋଧ, ବିଶ୍ୱାସ ଓ ବ୍ୟବହାରରେ ପରିବର୍ତ୍ତନ ଏତେ ସହଜ ନୁହେଁ । ଏ ଦୃଷ୍ଟିରୁ ପାହାଡ଼ି ଖଡ଼ିଆ ମାନଙ୍କର ଜୀବନଧାରଣ ଶୈଳୀ ଓ ସ୍ୱତନ୍ତ୍ର ପାରମ୍ପରିକ ବିଭବ ସେମାନଙ୍କ ମନସ୍ତାତ୍ତ୍ୱିକ ଓ ସାଂସ୍କୃତିକ ଜୀବନକୁ ଯେ ସହଜ ଓ ସୁନ୍ଦର କରିଛି, ଏଥିରେ କୌଣସି ସନ୍ଦେହ ନାହିଁ ।





# 'ଧରନୀ ପେନୁ'ର ପରମ୍ପରା

# ଧରନୀ ତତ୍ତ୍ୱ ଏକ ଗବେଷଣା


**ଅଜିତ କୁମାର ଭୋଇ**

କୁଲିଆପଡ଼ା, ମହାଲିଙ୍ଗ, ଭାୟା-ବୋର୍ଡା
କଳାହାଣ୍ଡି-୭୬୬୦୩୬
ଫୋନ:୯୯୩୭୧୪୯୮୨୮

ଫଟୋ ସୌଜନ୍ୟ : ଲେଖକ




◄ଲେଖକ ଅଜିତ କୁମାର ଭୋଇ

ପେନ୍- ଉର୍ଜା(ଶକ୍ତି)= ଜୁମା(Spirit)

ବେଳ- ପ୍ରକୃତି ବା ବସ୍ତୁ (Metal)

ଦେଶିଆ କନ୍ଧ ମାନେ ପେନ୍ ଶକ୍ତିର ପ୍ରତୀକ (Symbol) ଭାବରେ ଧରନୀ ବା ଜାଡେନ୍‌କୁ ମାନନ୍ତି । କନ୍ଧ ମାନେ ଧରନୀ ବା ଜାଡେନ୍‌କୁ ଉଭୟ ପୁରୁଷ ତତ୍ତ୍ୱ ଓ ନାରୀ ତତ୍ତ୍ୱ ଅର୍ଥରେ ସମ୍ବୋଧନ କରନ୍ତି । ଯଥା 'ଜାଡେନ୍ ବୁଢ଼ାନ୍ତ' ଓ 'ଜାଡେନ୍ ବୁଢ଼ୀନ୍ତ' ।

କୁଟିଆ ବା ଡଙ୍ଗରିଆ କନ୍ଧମାନେ ଏହି ଧରନୀକୁ 'ଧରନୀ ପେନୁ' କୁହନ୍ତି । କୁଇ ଭାଷାରେ ପେନୁ ଅର୍ଥ 'ଝିଅ' ଅର୍ଥାତ ସ୍ତ୍ରୀ ତତ୍ତ୍ୱ ଓ ପେନକା କହିଲେ 'ପୁଅ' ଅର୍ଥାତ ପୁରୁଷ ତତ୍ତ୍ୱ । ନିଜର ପୂର୍ବ-ପୁରୁଷାର ପେନ୍ ଶକ୍ତି ଓ ପ୍ରକୃତି ଶକ୍ତିର ସଂଯୋଗ ସ୍ଥଳୀ ଯାହା କନ୍ଧମାନଙ୍କ ସବୁଠାରୁ ପବିତ୍ର ସ୍ଥଳି ହେଉଛି 'ଧରନି ପେନୁ' ।

ପ୍ରକୃତି ପୂଜକ ଆଦିବାସୀ କନ୍ଧ ମାନେ ପ୍ରକୃତିର ଜୀବନ ଚକ୍ରର ପ୍ରତୀକ ଭାବରେ ଧରନି ପେନୁକୁ 'ପ୍ରକୃତି ଓ ପୁରୁଷ'ର ସ୍ଥଳି ଆକାରରେ ଗ୍ରାମ ମଝିରେ ସ୍ଥାପନ କରନ୍ତି । କନ୍ଧ ସଂସ୍କୃତି-ପରମ୍ପରାରେ ସବୁଠାରୁ ବଡ଼ ଦର୍ଶନ ତତ୍ତ୍ୱ (Philosophy) ହେଉଛି 'ଜାଡେନ' ବା 'ଧରନି ତତ୍ତ୍ୱ' ।

## ଧରନୀର ତ୍ରି-ଶୁଳ ମାର୍ଗ

ପ୍ରକୃତି ଉପାସକ ଆଦିବାସୀ ପ୍ରକୃତର ବିପକ୍ଷରେ କେବେ ଯାଏ ନାହିଁ ତାର ଧର୍ମୀୟ ଅବଧାରଣା ମଧ ପ୍ରକୃତି ଜୀବନ ଚକ୍ର ଆଧାରିତ ଯାହା ଦେଖିବାକୁ ମିଳେ ଧରନି ପୂଜାର ତ୍ରିଶୁଳ ମାର୍ଗରେ ।

ଧରନି ପୂଜା ସମୟରେ ଧରନି ପଥର ଉପରେ ସିନ୍ଦୂର ଦ୍ୱାରା ଏକ ତ୍ରିଶୂଳ ମାର୍ଗର ଚିତ୍ର ଅଙ୍କା ଯାଇଥାଏ । ଜୀବନ ଚକ୍ରର ତିନୋଟି ମାର୍ଗ ତ୍ରି-ଶୁଳ (ମାର୍ଗ) । ଗୋଣ୍ଡି ଭାଷାରେ ଏହି ତ୍ରିଶୂଳ ମାର୍ଗକୁ ତୁଣ୍ଡା , ମୁଣ୍ଡା, କୁଣ୍ଡା କୁହାଯାଏ ଯାହାର ଅର୍ଥ: ତୁଣ୍ଡା- (ଜନ୍ମ) ମୁଣ୍ଡା- (ପରିପୂର୍ଣ୍ଣତା) କୁଣ୍ଡା-(ମୃତ୍ୟୁ) ଅଟେ । ଏହାକୁ ତ୍ରି-ଶୂଳ ପଦ୍ଧତିର ପ୍ରାଚୀନ ପଦ୍ଧତିକୁ ପାଟା-ଡାକା-ରୁଞ୍ଜି କୁହାଯାଏ ।

ତ୍ରିଶୂଳ ମାର୍ଗର ଚିହ୍ନ ହେଉଛି ତ୍ରିଶୂଳ ଆକାର କିନ୍ତୁ ମଝିର ଶୁଳ ଦୁଇ ପଟ ଅପେକ୍ଷା ଟିକେ ଅଧିକ ଲମ୍ବ ଥାଏ । ଏହି ତ୍ରିଶୂଳ ମାର୍ଗର ତତ୍ତ୍ୱ ଆକାରେ ଧରନିର ଆଗରେ ତିନୋଟି ଚାଉଳ ପୁଞ୍ଜି ଜାନୀ- ପୁଝାରୀ ଦିଅନ୍ତି । ଏହି ତିନୋଟି ପୁଞ୍ଜି ଯେଉଁ ଦେବତାମାନଙ୍କୁ ଦିଆଯାଏ ସେମାନେ ହେଲେ:

୧. ଜଅଁରା ତତ୍ତ୍ୱ
୨. ଜାଡେନ ତତ୍ତ୍ୱ
୩. ଧର୍ମ ଦେବତା ତତ୍ତ୍ୱ

ଆଦିବାସୀ ତଥା କନ୍ଧମାନଙ୍କର ଏହି ତିନି ମାର୍ଗ ଏକ ବିରାଟ ଆଦିବାସୀ ଦର୍ଶନ ଅଟେ ଯାହାକୁ ବୁଝିବା ଖୁବ କଷ୍ଟକର ।

(ଗଡ଼ଜାତ ସମୟରେ କନ୍ଧ ମାନଙ୍କୁ ଶାସନ କରିବା ଦୃଷ୍ଟିରୁ ଖଜଣା (Tax) ଆଦାୟ ସୁବିଧା ଦୃଷ୍ଟିରୁ ବ୍ରିଟିଶ ଓ ରାଜକୀୟ ବ୍ୟବସ୍ଥା କନ୍ଧ ମାନଙ୍କୁ ଭାଗ ଭାଗ କରି ବିଭାଜନ କଲେ । କଥା ସମତଳ ଅଞ୍ଚଳରେ ବସବାସ କରୁଥିବା କନ୍ଧମାନଙ୍କୁ ଦେଶିଆ କନ୍ଧ, ପାହାଡ ଅଞ୍ଚଳର କନ୍ଧମାନଙ୍କୁ ଡଙ୍ଗରିଆ କନ୍ଧ ବା ଦେଶୀୟ କନ୍ଧ ଓ ପାହାଡ ପାଦ ଦେଶର କନ୍ଧମାନଙ୍କୁ ପରଜା କନ୍ଧ । କିନ୍ତୁ ସବୁ କନ୍ଧ ଗୋଟିଏ । ସବୁ କନ୍ଧମାନଙ୍କର ମୂଳ ଆଧାର ସଂସ୍କୃତି Rituals ଏକ ।)

## ଜଅଁରା ତତ୍ତ୍ୱ

ଜଅଁରା ଶବ୍ଦ ହେଉଛି କନ୍ଧ ଶବ୍ଦ । ଏହାର ଅର୍ଥ ହେଉଛି ଯିଏ 'ଜୀବନ ଦିଏ' । ନିଜ ପୂର୍ବ ପୁରୁଷାର ଅଂଶ (ଜିନ) ପାଇଁ ଏକ ନୂତନ ଜୀବର ସୃଷ୍ଟି ହୁଏ ବୋଲି ଆଦିବାସୀ ବିଶ୍ୱାସ କରେ । ('ପୁନର୍ଜନ୍ମ ଜନ୍ମ' ତତ୍ତ୍ୱ ନୁହେଁ) । ଅର୍ଥାତ ଜଅଁରା କହିଲେ ନିଜର ପୂର୍ବ-ପୁରୁଷା 'ପେନ୍ ଶକ୍ତି' ଅଟେ ।

ନିଜ ପୂର୍ବ-ପୁରୁଷା ପେନ୍ ଶକ୍ତିକୁ ଆଦିବାସୀ ଦୁଇ ପ୍ରକାରେ ରଖେ । ଘର ଭିତରେ ଏବଂ ଘର ବାହାରେ । ଗୁମ୍ଫା ସଭ୍ୟତାରେ ଆଦି ଯୁଗରୁ ଆଦିବାସୀ କନ୍ଧ ତାର ପେନ୍ ଶକ୍ତିକୁ ଗୁମ୍ଫା ମାନଙ୍କରେ ସ୍ଥାପନା କରି ରଖି ଆସୁଥିଲେ । ପରେ ପରେ ମଣିଷର କ୍ରମବିକାଶ ସହ ନିଜର

ଖାଦ୍ୟପୂର୍ତ୍ତି ପାଇଁ କନ୍ଧ ମାନେ ବାରମ୍ବାର ବିସ୍ଥାପନ ହେବାକୁ ଲାଗିଲା । ଗୋଟିଏ ଜଙ୍ଗଲରୁ ଆଉ ଏକ ଜଙ୍ଗଲ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନ । ସେତେବେଳେ ଗଛ ମୂଳମାନଙ୍କରେ ନିଜର ପେନ୍ ଶକ୍ତିକୁ ରଖିବା ବା ବା ପୂଜିବା ଆରଂଭ କଲେ । ଏଣୁ ଯେଉଁ ଗଛ ସବୁଠାର ଅଧିକ ବର୍ଷ ବଞ୍ଚେ ସେହି ଗଛ ମାନଙ୍କରେ କନ୍ଧ ମାନେ ତାଙ୍କ ପୁର୍ବ ପୁରୁଷା 'ପେନ୍ ସ୍ଥଳି' ଭାବେରେ ବାଛି ନେଲେ । ମହୂଲ ଗଛ, କେନ୍ଦୁ,ଶାଳ, ସିମେଲ ଭଳି ଅଧିକ ଦିନ ବଞ୍ଚୁଥିବା ଗଛ ମାନଙ୍କରେ ପେନ୍ ଶକ୍ତିକୁ ପୂଜା କରିବାର ପାରମ୍ପାରିକ ସାଂସ୍କୃତିକ ଧାରା ବର୍ତ୍ତମାନ ମଧ୍ୟ ଚାଲି ଆସୁଛି ।

ବର୍ତମାନ ମଧ୍ୟ ଅନେକ କନ୍ଧ ଗାଆଁ ମାନଙ୍କର ଧରଣି ସ୍ଥଳରେ ଏହି ଗଛ ସବୁ ଥିବାର ଦେଖି ପାରିବେ । ଏଣୁ କନ୍ଧ ଲୋକ କଥା ଅଛି

'ଜଅରା ର କେ ଜୀବନ ଲୋଭ
ଧନୀକେ ଧନ୍ ଲୋଭ ।'


ମେରିହା ଧରନୀ

କନ୍ଧମାନଙ୍କ ଦୁଇଟି ପେନ ସ୍ଥଳୀ ଥାଏ ଗୋଟିଏ ଧରଣୀ ଆଉ ଗୋଟିଏ 'ମଷାନ୍ କୁନା', ମସାନ କୁନାକୁ ଘର ଭିତରେ ପୂଜା କରୁଥିବା ବେଳେ ଧରଣୀକୁ ଘର ବାହାରେ ପୂଜା କରନ୍ତି ।

## ଜାଡେନ୍ ତତ୍ତ୍ୱ

ଜାଡେନ ଅର୍ଥ ହେଉଛି ପୃଥିବୀ ବା ଧର୍'ତୀ । ପ୍ରକୃତିର ସବୁ ପ୍ରକାର ବସ୍ତୁ (Metal) ହେଉଛି ଏ ପ୍ରକୃତିର ଗୋଟେ ଗୋଟେ ଅଂଶ । ପାଣି, ପବନ, ଆକାଶ, ପୃଥିବୀ, ଅଗ୍ନି, ମାଟି, ପଥର ଏସବୁ ପ୍ରକୃତିର ଅଂଶ ସେଥିପାଇଁ ଧରନୀ ଖୁଣ୍ଟକୁ ଧରତି ମାଆ ବା ପୃଥି ବୋଲି କନ୍ଧ ସମ୍ବୋଧନ କରେ ।

ଜାଡେନ ତତ୍ତ୍ୱ ବିନା ଜୀବିକା ନିର୍ବାହ କରିବା କନ୍ଧ ପକ୍ଷରେ ଅସମ୍ଭବ । ଜୀବିକା ନିର୍ବାହ କରିବା ପାଇଁ ଜୀବଜଗତର ସମସ୍ତ ବସ୍ତୁର ପ୍ରତୀକ ହେଉଛି ଧରନୀ । ଜୀବନ ବଞ୍ଚିବାର ଆଧାରରେ ଅଞ୍ଚଳର ଭୂମି ବା ମାଟି ଅନୁଯାୟୀ ୭ ପ୍ରକାର 'ଧରନୀ' ଥାଏ । ଏଣୁ କନ୍ଧ 'ସାତ ଧରନୀ ସାତ ପୃଥୀ' ବୋଲି ସମ୍ବୋଧନ କରେ । ଏହି 'ସାତ-ପୃଥୀ ସାତ-ଜାଡେନ୍' ପୃଥିବୀର ସାତଟି ମହାଦେଶର ମାଟିକୁ ଇଙ୍ଗିତ କରୁଥିବାର ଅନେକ ଜାନୀ-ପୁଝାରୀ କୁହନ୍ତି ।

ଅନେକ କନ୍ଧ ଅଞ୍ଚଳରେ ପ୍ରାୟ ୭ ପ୍ରକାର ଜାଡେନ ପୂଜା କରୁଥିବା ବେଳେ ଅନେକ ସ୍ଥାନରେ ୧୨ ପ୍ରକାର ଜାଡେନ ପୂଜା କରାଯାଉଛି । କଳାହାଣ୍ଡିର ବାରେଙ୍ଗଗଡ଼ (ଭାନ୍ ପୁର) ଠାରେ ବର୍ତ୍ତମାନ ମଧ୍ୟ ଅସୁରକ୍ଷିତ ଅବସ୍ଥାରେ ଅନେକ ପ୍ରାଚୀନ ୧୨ ଭୀମା ଜାଡେନ ଅଛି ।

## '୭ ଜାଡେନ୍' ବା '୭ ଧରନୀ' (ଦେଶିଆ କନ୍ଧ)

୧. ମାଟ୍ ଜାଡେନ୍
୨. ପାଟ୍ ଜାଡେନ୍
୩. ବୀର ଜାଡେନ୍
୪. ଦୁଧ ଜାଡେନ
୫. ଲଛମି ଯାଡେନ
୬. ଛତର ଜାଡେନ୍
୭. ଭିମା ଜାଡେନ୍

ଏକ ନିର୍ଦ୍ଦିଷ୍ଟ ଅଂଚଳର ଅଧିଷ୍ଠାତ୍ରୀ ଦେବୀ-ଦେବତା ଥାନ୍ତି ଏବଂ ସେହି ଅଞ୍ଚଳର ମୁଖ୍ୟ ଦେବୀଙ୍କ ଅନୁସାରେ ଧରନୀମାନଙ୍କର ପ୍ରକାର ସବୁ ହୋଇଥାଏ । ଅଞ୍ଚଳ ଅନୁଯାୟୀ ଧରନୀ ମାନଙ୍କ ପ୍ରକାର ଓ ନାଆଁ ପରିବର୍ତ୍ତନ ହେବାର ଦେଖା ଦେଇଥାଏ ।

(ଉପର ବର୍ଣ୍ଣିତ ଧରନୀ ସବୁ ଉଦନ୍ତୀ ନଦୀ ଉପତ୍ୟକାର ଅଧିଷ୍ଠାତ୍ରୀ ଦେବୀ ଡୁକୁରି ବୁଢୀଙ୍କ ଅନୁଯାୟୀ ଉଡ଼ନ୍ତି ନଦୀ ଅଞ୍ଚଳର ଜାଡେନ୍ ମାନଙ୍କୁ ଉଲ୍ଲେଖି କରାଗଲା ।)

## ଡଙ୍ଗରିଆ ଅଂଚଳର ୭ ଧରନୀ

୧. ସରୁ ପେନୁ
୨. ବୁରା ପେନୁ
୩. ଟାଣା ପେନୁ
୪. ବେଲ୍ଲା ପେନୁ
୫. ପିଡେର ପେନୁ
୬. ଲହା ପେନୁ
୭. ଦାର୍ଣୀ ପେନୁ

ଏହି ଅଞ୍ଚଳ ଚକାପାଦ ପେନୁ, ମହସିଂ ପେନୁ, ତରଙ୍ଗ ପେନୁ ଏଭଳି ନାମ କରଣ ଥିବା ମଧ୍ୟ ଦେଖାଯାଏ । (ନରସିଂମା ଜାନୀ)


ଟୋକି ପରବ, ବନ୍ଧକନା, କଳମପୁର

## ନିୟମଗିରି କନ୍ଧ ଅଂଚଳର ୭ ଧରନୀ ପେନୁ

୧. ସରୁ ପେନୁ (ପର୍ବତ ଦେବତା)
୨. ସୁଗା ପେନୁ (ଝରଣା ଦେବତା)
୩. ଗସ୍'ସା ପେନୁ (ବନ ଦେବତା)
୫. ପିଦଜୁ ପେନୁ (ବର୍ଷା ଦେବତା)
୬. ବେଲା ପେନୁ (ସୂର୍ଯ୍ୟ ଦେବତା)
୭. ଡ୍ରାଞ୍ଜୁ ପେନୁ (ଚନ୍ଦ୍ର ଦେବତା)

ଉପୋରକ୍ତ ୩ ପ୍ରକାର ଧରନୀର ସୂଚନା ଏଥିପାଇଁ ଦିଆଗଲା ଯେ ପ୍ରକୃତିର ତତ୍ତ୍ୱ ଆଧାରରେ ସ୍ଥାନ, କାଳ, ପାତ୍ରର ପରିବର୍ତ୍ତନ ଅନୁଯାୟୀ 'ଧରନୀ'ର ପରିବର୍ତ୍ତନ

ହେଉଛି । ସେ ଯାହାହେଉ ପ୍ରକୃତି ଉପାସନାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ବଡ଼ ଉଦାହରଣ ହେଉଛି ଧରନୀ ।

## ଧର୍ମ ଦେବତା ତତ୍ତ୍ୱ

ଧର୍ମ ଦେବତା ପାଇଁ ଧରନୀ ପାଖରେ ଦିଆ ଯାଉଥିବା ୩ ନମ୍ବର ପୁଞ୍ଜି ଅଟେ । ଏହି ତିନୋଟି ପୁଞ୍ଜି ପରେ ଗ୍ରାମ ଓ ଅଞ୍ଚଳର ଅନେକ ଦେବାଦେବୀ ମାନଙ୍କ ପୁଞ୍ଜି ଦିଆଯାଏ । ଏଠାରେ ଧର୍ମର ଅର୍ଥ 'ପ୍ରକୃତିର ନିୟତି' ହେଉଛି ଆଦିବାସୀ ଧର୍ମ । ସୂର୍ଯ୍ୟ-ଚନ୍ଦ୍ରର ଅବସ୍ଥିତି, ନୂତନ ସୃଷ୍ଟି ଓ ପ୍ରକୃତିର ପରିବର୍ତ୍ତନକୁ ଆଦିବାସୀ ଧର୍ମ ରୂପେ ବିବେଚନା କରେ (ମାନବୀୟ ଧର୍ମ ନୁହେଁ) ।

ପ୍ରକୃତି ଓ ପୁରୁଷର ମିଳନ ତତ୍ତ୍ୱ ହେଉଛି ଆଦି ସଭ୍ୟତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦର୍ଶନ ତତ୍ତ୍ୱ । ତେଣୁ ଧରନୀକୁ ଉଭୟ ପୁରୁଷ ଓ ନାରୀର ପ୍ରତୀକ ଭାବେ ଆରାଧ କରାଯାଏ ।


ଘଣ୍ଟାଶୁନି ମନ୍ଦିର ଟିଟିଲାଗଡ଼ ସ୍ଥିତ ହ୍ୟୁମାନ ସ୍ତମ୍ଭ

ଏହି ପ୍ରକୃତିର ଧର୍ମ ଦର୍ଶନ ଅନୁଯାୟୀ ଆଦିବାସୀ 'ପ୍ରକୃତି ଓ ପୁରୁଷ'ର ମିଳନ ଆଧାରରେ ତାର ଜୀବନଚର୍ଯ୍ୟା ନିର୍ଦ୍ଧାରଣ କରେ ।

ଉଦାହରଣ ସ୍ୱରୂପ, କନ୍ଧ ବିବାହ ସମୟରେ ପୁଅ ଓ ଝିଅକୁ ନଙ୍ଗଲ ଏବଂ ଯୋଏଡରେ ବସେଇ ନେଙ୍ଗା କରିବା । ଯାହାକୁ କନ୍ଧ 'ମୁଁହଜୁଆ' କୁହନ୍ତି । ମଙ୍ଗଳ ହେଉଛି ପୁରୁଷ ଓ ଜୋଏଡ଼ ହେଉଛି ନାରୀ ।

ଆଦିବାସୀ 'ଢୋଲ'ର ଦର୍ଶନ ତତ୍ତ୍ୱ ଆଧାରରେ ଢୋଲର ଗୋଟିଏ ପାର୍ଶ୍ୱ (ବଡ ପାର୍ଶ୍ୱ) (Masculine) ପୁରୁଷର ପ୍ରତୀକ ଯାହାର ସ୍ୱର ମୋଟା ଶୁଭେ ଏବଂ ଆଉ ଏକ ଛୋଟ ପାର୍ଶ୍ୱ (Feminine) ପତଳା ଶୁଭେ, ସେହି ପାର୍ଶ୍ୱକୁ ନାରୀର ପ୍ରତୀକ ରୂପେ ବିବେଚନା କରାଯାଏ । (ଗବେଷକ ସାଲେଗ୍ରାମ ହୋତା ଢୋଲ ତତ୍ତ୍ୱକୁ ବିସ୍ତାର ରୂପେ ଲେଖିଛନ୍ତି)



ପାଷାଣ କାଳୀନ ପ୍ରକୃତି ଓ ପୁରୁଷ ତତ୍ତ୍ୱର ପ୍ରମାଣ ଐତିହାସିକ ଯୋଗିମଠ ପାହାଡ ନିକଟରେ 'ପଟୁଆ ଡୁଙ୍ଗୁରି' । ପ୍ରଥମ ଥର ଏକ Yoni Stone ଆମେ ଅନୁସଂଧାନ କରିଛୁ ।

ଏହି ପରି ସାଂସ୍କୃତିକ Cultural ଏବଂ ପ୍ରତ୍ନତାତ୍ତ୍ୱିକ Archeological ଅନେକ ପ୍ରମାଣ ରହିଛି ।

## ପଞ୍ଚଶକ୍ତି ଓ ଧରନୀ

ଧରନୀରେ ଆଦିବାସୀ ତ୍ରିଶୂଳ ମାର୍ଗ ବ୍ୟତୀତ ଆଉ ଏକ ଚିହ୍ନ ଆଛେ. ତାହା ହେଉଛି କନ୍ଧମାନଙ୍କ ଅଧିକାରର ଚିହ୍ନ ଚନ୍ଦ୍ର-ସୂର୍ଯ୍ୟ । ଯାହା ସିନ୍ଦୂର ଦ୍ୱାରା ଧରନୀ ଖୁଣ୍ଟରେ ଆଙ୍କେ ଓ ପୂଜା କରେ । ପରବର୍ତ୍ତୀ ସମୟରେ ଏହି ପ୍ରକୃତି ତତ୍ତ୍ୱକୁ ଜୈନ ଓ ବୌଦ୍ଧ ଧର୍ମ ମଧ ଗ୍ରହଣ କରୁଥିବାର ଅନେକ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ରହିଛି ।

ପାପୁଲିର ପଞ୍ଚ ଅଙ୍ଗୁଳି ସହ ଚନ୍ଦ୍ର-ସୂର୍ଯ୍ୟ ଥିବା ପ୍ରତ୍ନତାତ୍ତ୍ୱିକ ପ୍ରମାଣ ବର୍ତ୍ତମାନ ମଧ କନ୍ଧାନ ଗଡ଼ ଅଂଚଳରେ ଦେଖିବାକୁ ମିଳେ । ତାହାକୁ ହ୍ୟୁମାନ ସ୍ତମ୍ଭ ମଧ କୁହାଯାଏ ।

## ହ୍ୟୁମାନ ସ୍ତମ୍ଭ

ମଧ୍ୟଯୁଗୀୟ ଓଡ଼ିଶା ଇତିହାସରେ ଭାରତ ସମେତ ଚାଇନା, ମଙ୍ଗୋଲିଆ, ତିବ୍ବତ ଭଳି ଏସୀୟ ମହାଦେଶରେ ଦକ୍ଷିଣ କୋଶଳର ଏକ ସ୍ୱତନ୍ତ୍ରତା ଥିଲା ତାହା ହେଉଛି ତନ୍ତ୍ର । ଯେଉଁ ଅଂଚଳ 'କୁଆଁରୀ ପାଟଣା' ରୂପେ ପ୍ରସିଦ୍ଧି ଲାଭ କରିଥିଲା । ତନ୍ତ୍ରର କ୍ରମବିକାଶ ସମୟରେ ଏହି ଅଞ୍ଚଳ ଘଞ୍ଚ ବଣଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ଯେଉଁ ଅଞ୍ଚଳକୁ ବାହ୍ୟଶତ୍ରୁ ଆକ୍ରମଣରୁ ରକ୍ଷା ଦିଗରେ ଓ ଏଠିକାର କନ୍ଧମାନଙ୍କୁ ପରାସ୍ତ କରିବା ଅସମ୍ଭବ ଥିଲା । ଏହି ବିଷୟକୁ ନେଇ ଅନେକ ଥର ପ୍ରାମାଣିକ ଆଲୋଚନା ହୋଇଛି ।

ଆଦିବାସୀମାନଙ୍କୁ ପରାସ୍ତ ନକରି ପାରିବାର ମୁଖ୍ୟ କାରଣ ହେଉଛି 'ଗଡ଼' ବ୍ୟବସ୍ଥା । କନ୍ଧମାନଙ୍କ 'ଗଡ଼' ବ୍ୟବସ୍ଥା ଓ ଯୁଦ୍ଧ କୌଶଳ ଏତେ ଶକ୍ତ ଥିଲା ଯେ ଗଡ଼କୁ ଭେଦ କରିବା ଅସମ୍ଭବ ଥିଲା ।

କନ୍ଧାନ ଗଡ଼ର ଅନେକ ପ୍ରମାଣ ଯାହା ଆଗରୁ ଅସୁରଗଡ଼, ପୋଡ଼ାଗଡ଼, ଗୋଡାଗଡ଼, ଛୋରିଆ ଗଡ଼ ଠାରୁ ମାରାଗୁଡା ରୂପେ ଅନେକ ଗଡ଼ର ପ୍ରତ୍ନତାତ୍ତ୍ୱିକ ପ୍ରମାଣ ମିଳି ସାରିଛି ।

## ହୋୟୁମ ମାନ ସ୍ତମ୍ଭ କ'ଣ ?

ପ୍ରକୃତି ଉପାସନା ଆଦିବାସୀଙ୍କ ପଞ୍ଚ ଅଙ୍ଗୁଳି ବିଶିଷ୍ଟ ପାପୁଲିର ଚିହ୍ନ ଅର୍ଥାତ ପଞ୍ଚ ଶକ୍ତିକୁ ଉପାସନା କରୁଥିବାର ସଂକେତ । ଏହି ପଞ୍ଚ ପାପୁଲିର ଚିହ୍ନକୁ ଗୋଣ୍ଡି ଭାଷାରେ 'ହୋୟୁମ ମାନ' କୁହାଯାଏ ଅର୍ଥାତ 'ପଞ୍ଚ ଶକ୍ତି' ।

କନ୍ଧାନ ଗଡ଼ ମାନଙ୍କରେ ଅନେକ ସ୍ଥାନରେ ଏହି କନ୍ଧାନ ଗଡ଼ର ଚିହ୍ନ ଦେଖିବାକୁ ମିଳେ । କନ୍ଧାନ ଗଡ଼ର ପ୍ରବେଶ ଦ୍ୱାର ତିରିତଲା ଗଡ଼ (ଟିଟିଲାଗଡ) ଠାରେ ଦୁଇଟି ସ୍ଥାନରେ ଏହି ସ୍ତମ୍ଭ



ଅଛି । ବର୍ତ୍ତମାନର ଟିଟିଲାଗଡ 'କୁମୁଡ଼ା ପାହାଡ' ଗୁମ୍ଫାରେ ଏବଂ ଘଣ୍ଟାସୁନି ମନ୍ଦିର ଠାରେ ଏହି ସ୍ତମ୍ଭ ଅଛି ।

ଏହି ହୋୟୁମ୍ ମାନ ସ୍ତମ୍ଭ ଆଗରୁ କର୍ଣ୍ଣାଟକ ସ୍ଥିତ ଭାଟଲି ଠାରେ ମିଳି ସାରିଛି ଯାହା ସେଠିକାର ଆଦିବାସୀ ଶାସନର ପ୍ରମାଣ ଦିଏ ।

ଏହି ପଞ୍ଚ ପ୍ରକୃତି ଶକ୍ତି ସହ ସୂର୍ଯ୍ୟ ଓ ଚନ୍ଦ୍ର ଚିହ୍ନ ସମ୍ପୂର୍ଣ୍ଣ ରୂପେ କନ୍ଧାନ ଗଡ଼ର ପ୍ରମାଣ ଦିଏ । ଯାହାକୁ କନ୍ଧମାନେ ଯୁଗ ଯୁଗରୁ ପୂଜା କରି ଆସୁଛନ୍ତି ।

## କନ୍ଧମାନେ ଉପାସନା କରୁଥିବା ପଞ୍ଚ ପ୍ରକୃତି ଶକ୍ତି

୧. ଜଳ ଦେବତା - ଜଳ କାମିନୀ ଦେବତା

୨. ଅଗ୍ନି ଦେବତା - ଅଗ୍ନି ଭୈରୋ

୩. ଆକାଶ ଦେବତା - ଭୀମା ଦେବତା

୪. ଭୂମି ଦେବତା - ଜାଡେନ ବା ଧର୍ଣୀ ପେନୁ

୫. ପବନ ଦେବତା - ଗୁରୁବୁଡ଼ା

ଏମାନଙ୍କ ସହ ସୂର୍ଯ୍ୟକୁ କନ୍ଧମାନେ ଧରମ୍ ଦେବତା ଓ ଚନ୍ଦ୍ରକୁ ଜଅରା ଦେବତା ରୂପେ ମାନିଥାଉ । ଏହି ସୂର୍ଯ୍ୟ ଚନ୍ଦ୍ର ଚିହ୍ନକୁ ଗୋଣ୍ଡି ଭାଷାରେ ଜଙ୍ଗୋ-ଲିଙ୍ଗୋ କୁହାଯାଏ ।

ଏହି ପଞ୍ଚ ଶକ୍ତିକୁ ଉପାସନା କରୁଥିବା କନ୍ଧ ମହିଳା ଯାହାଙ୍କୁ 'ଛୁଟିବୁଢ଼ି' କୁହାଯାଏ । ଛୁଟିବୁଢୀଙ୍କୁ ଆଜି ମଧ୍ୟ କନ୍ଧମାନେ ବଲାଙ୍ଗିର ରାଣୀପୁର ଝରିଆଲ ସ୍ଥିତ 'କଅଁଶିଲ' ଗାଆଁ ମୁଣ୍ଡରେ ପୂଜା କରି ଆସୁଛନ୍ତି ।

(କନ୍ଧମାନେ ମୂର୍ତ୍ତୀ ପୂଜା କରନ୍ତି ନାହିଁ କିନ୍ତୁ ତନ୍ତ୍ରାଚାର କନ୍ଧାନ ଅଂଚଳର ବିକାଶ ହେଲା ପରେ ପରେ ମୂର୍ତ୍ତୀପୂଜା ଆଡ଼କୁ ଅପଭ୍ରଂଶ ହେଲେ)

## କନ୍ଧାନ ଗଡ଼ ବା କନ୍ଧସିଲ୍ ଗାଆଁ

୧୧୦୨ ଖ୍ରୀ:ଅ:ରେ ସ୍ଥାନୀୟ ସାମନ୍ତ ରାଜା 'ହରିନାଥ ଦେବ' ରାମେଶ୍ୱର ଦେବଙ୍କ ମୃତ୍ୟୁ ପରେ ପାଟଣା ରାଜ୍ୟର ରାଜା ହେଲେ । ସେତେବେଳେ ରାଜା ଉଦେପୁର ରାଜଧାନୀରେ ନରହି ଏକ ବିରାଟ ପଥର ଚଟାଣ ଉପରେ ସୁନ୍ଦର 'କନ୍ଧ ଗାଆଁ ମାନ' ବା 'କନ୍ଧ ଗଡ ମାନ' ଥିବା ଦେଖିଥିଲେ । ଏଣୁ ସୁରକ୍ଷିତ ଓ ସୁନ୍ଦରତା ପାଇଁ କନ୍ଧ ଗଡ଼ରେ ରହିବାର ଇଚ୍ଛା ପ୍ରକାଶ କଲେ । କନ୍ଧମାନେ ଶିଲ୍ ବା ପଥର ଉପରେ ରହୁଥିବାରୁ 'କଅଁଶିଲ' ହୋଇଥିବା ମୌଖିକ ଇତିହାସରୁ ଜଣାଯାଏ । ପରେ ପରେ କଅଁଶିଲରୁ କୋଶଳ ହୋଇଛି ।

ରାଜା ହରିନାଥ ଦେବ କନ୍ଧମାନଙ୍କ ସହ ବନ୍ଧୁତା ଓ ବୁଝାମଣା କରି କଅଁଶିଲ ଠାରେ ରାଜଧାନୀ କଲେ । ରାଜା ହରିନାଥ ଦେବ ୧୧୦୨ ରୁ ୧୧୧୭ ପର୍ଯ୍ୟନ୍ତ କଅଁଶିଲ ରାଜଧାନୀରେ ରହିଲେ । ଏହି ବର୍ଷ ଭିତରେ ରାଜଧାନୀର ସୌନ୍ଦର୍ଯ୍ୟକରଣ ଓ ଉନ୍ନତି ଦିଗରେ ଅନେକ କାର୍ଯ୍ୟ କଲେ ।

ରାଣୀପୁର ଝରିଆଲକୁ ଲାଗି ପୂର୍ବରେ ସ୍ଥିତ 'କଅଁସିଲ୍ ଗାଆଁ' ଯାହା ପୂର୍ବତନ 'କୋଶଳ ରାଜଧାନୀ' ଥିବା ଅନେକ ଲେଖାରୁ ଜାଣିହୁଏ । ସେହି କନ୍ଧମାନଙ୍କ ଗଡକୁ ଭାଙ୍ଗି ସୁନ୍ଦର ରାଜଧାନୀ ତିଆରି କଲେ । କନ୍ଧାନ ଗଡ଼ର ସିଂହଦ୍ୱାର ଯାହା ପଞ୍ଚ ଶକ୍ତି ଓ ସୂର୍ଯ୍ୟ ଚନ୍ଦ୍ର ଥିବା ଦ୍ୱାରକୁ ଭାଙ୍ଗି କୋଶଳର ରାଜଧାନୀ ତିଆରି କରା ଯାଇଥିବାର ମୌଖିକ ଇତିହାସ ବର୍ତ୍ତମାନ ମଧ୍ୟ ଅଛି । କଅଁଶିଲ ଗାଆଁ ଠାରେ ବର୍ତ୍ତମାନ ମଧ୍ୟ ଏହି ସିଂହଦ୍ୱାର ଭଗ୍ନ ଅବସ୍ଥାରେ ଅଛି ଯାହାକୁ ଗାଆଁ ଲୋକେ କନ୍ଧ ସିଂଦ୍ୱାର କୁହନ୍ତି ।

ରାଣୀପୁର-ଝରିଆଲ, କଅଁଶିଲ, ବାହାବଲ ଓ ବାଲିଖମାର ଭଳି ଗାଆଁ ଚତୁପାର୍ଶ୍ୱ ସୁନ୍ଦରୀ କରଣ ହେଉଥାଏ । ସେତେବେଳ ଯାଏ କନ୍ଧ ମାନେ ଚୁପଚାପ ରାଜାଙ୍କ ଅଧୀନରେ ଶାସନାଧୀନ ରହିଲେ । ରାଜା ହରିନାଥ ଦେବ ଯେତେବେଳେ ଯାଜପୁରରୁ 'ତେର ଘର ବ୍ରାହ୍ମଣ' ଆଣି ଆଦିବାସୀଙ୍କ ମନ୍ଦିର 'ଛେଲିଆ ଦେଉଳ' ଓ କଲ ପଞ୍ଚନ ଦେଉଳରେ ଜଗନ୍ନାଥଙ୍କ ମୂର୍ତ୍ତି ସ୍ଥାପନା କଲେ ସେତେବେଳେ କନ୍ଧମାନେ ତୀବ୍ର ବିରୋଧ କରିଥିଲେ ।

କନ୍ଧମାନେ ନିଜ ସଂସ୍କୃତିକୁ ବଂଚେଇ ରଖିବା ପାଇଁ ସାଂସ୍କୃତିକୀକରଣକୁ ଅନେକ ବିରୋଧ ଓ ପ୍ରତିବାଦ କଲେ । ଫଳତଃ ବ୍ରାହ୍ମଣ ଓ ଜଗନ୍ନାଥ ମନ୍ଦିରକୁ ବିରୋଧ କରିବାକୁ ଯାଇ 'ଗାଈ' ଗୁଡ଼ିକ ହତ୍ୟା କଲେ ।

ଏହି ଉକ୍ତିର କନ୍ଧ ମାନଙ୍କ ସୁନ୍ଦର ଡାକା ଗୀତ ଅଛି:

**"ସି ଲିଟି ଘୁ'ର୍‌ଲିଆ/କାଲି ଗାଏ କେ ଠେସ୍'ତେ ଦେଲ ରାନୀପୁର**


ତ୍ରି-ଶୂଳ ମାର୍ଗ



/ ଝୁରଲିଆ କନ୍ଧେନ୍ ରାନୀପୁର ଝୁରଲିଆ.. ।"

ପରେ କନ୍ଧମାନଙ୍କ ପ୍ରତିବାଦ ଫଳରେ ରାଜା ବାଧ୍ୟ ହୋଇ କଅଁଶିଲ ତ୍ୟାଗ କରି ପାଟଣାଗଡ଼କୁ ସ୍ଥାନାନ୍ତରଣ କଲେ । ଯେଉଁ ଠାରେ ଆଦିବାସୀଙ୍କ ଇତିହାସର କଥା ଉଠେ ସେହି ଜାଗାରେ ଇତିହାସ ନୀରବ ହୋଇଯାଏ ।

## ମେରିଆ ପ୍ରଥା ଓ ଧରନୀ ଇତିହାସ

ସାଧାରଣ ଭାବେ କନ୍ଧାନ ଅଂଚଳରେ ଦୁଇ ପ୍ରକାର ଧରନୀ ଦେଖାଯାଏ । ଗୋଟାଏ ହେଉଛି ପଥର ଧରନୀ ଅନ୍ୟଟି ହେଉଛି କାଠ ଧରନୀ । କାଠ ଧରଣିକୁ ମେରିଆ ଧରନୀ ଓ ପଥର ଧରନିକୁ ଜାଡେନ ଧରନି ରୂପେ ଚିହ୍ନଟ କରାଯାଏ । ଉଭୟ ଧରଣିର ଉପାସନା ଓ ପୂଜା ପ୍ରାୟ ସମାନ ଥିବା ବେଳେ କିଛି କିଛି ପରିବର୍ତ୍ତନ ଦେଖାଯାଏ ।

ମେରିଆ ଧରନୀରେ ମେରିଆ ପର୍ବ ୧୨ ରୁ ୧୪ ବର୍ଷରେ ପାଳନ ହେଉଥିବା ବେଳେ ଜାଡେନ ଧରନୀ ପାଇଁ ମଧ୍ୟ ଏହି ସମୟ ଲାଗୁ ହୁଏ । ମେରିଆ ଧରନୀ ଦୁଇଟି ସର୍ଗି ଗଛର ସମାନ ଗଣ୍ଡିକୁ ମଝିରେ ବାଉଁଶ ଦ୍ୱାରା ପୋତା ଯାଏ ଯାହା ଇଂରାଜୀର 'H' ଆକାର ଦେଖାଯାଏ । ୧୨ ରୁ ଚଉଦ ବର୍ଷ ବ୍ୟବଧାନ ପରେ 'H' ଆକାର ଦୁଇଟି ଖୁଣ୍ଟ ଭୂ-ଚଳନ ଦ୍ୱାରା ଯୋଡ଼ି ଯାଏ ଯାହା ଇଂରାଜୀ ଅକ୍ଷର 'A' ଭଳି ଦେଖାଯାଏ । ସେତେବେଳେ ସେହି ସ୍ଥାନରେ ପୁଣିଥରେ ମେରିହା ବଳୀ ଦିଆଯାଏ । ଏହି ମେରିହା ପର୍ବ ଏକ ଗୁପ୍ତପୂଜା ଥିଲା ଯାହା ନିଜ ସଂପ୍ରଦାୟ ମଧ୍ୟରେ ସୀମିତ ଥିଲା । ଯେଉଁଠି କନ୍ଧ


ମେରିଆ ଧରନୀ

ନୂଆଁ ଗାଆଁ ବସାଏ ସେଠି ପ୍ରଥମେ ଧରନି ପେନ୍ ଶକ୍ତିକୁ ସ୍ଥାପନ କରେ । ସେତେବେଳେ ଜାନୀ ତାର ନିଜ ପ୍ରଥମ ପୁଅ-ଝିଅକୁ ବଳୀ ଦେଉଥିବାର ଜଣାଯାଏ । ବର୍ତ୍ତମାନ ମଣିଷ ବଳି ପ୍ରଥା ବଦଳରେ ପୋଡ଼ ବଳୀ ଦିଆ ଯାଉଛି । ଆଜିଯାଏ ବାହ୍ୟ ମଣିଷକୁ ଧରନୀ ପାଖରେ ବଳି ଦେବାର କୌଣସ କନ୍ଧ ଜାନୀ ପୂଜାରୀ ସ୍ୱୀକାର କରନ୍ତି ନାହିଁ ବା ପରମ୍ପରା ନାହିଁ । ଜାନୀର ପ୍ରଥମ ପୁଅ ବା ପ୍ରଥମ ଝିଅକୁ ବଳୀ ଦିଆ ଯାଉଥିବାର କୁସଂସ୍କାରକୁ ବର୍ତ୍ତମାନ ମଧ୍ୟ ସ୍ୱୀକାର କରନ୍ତି । ଏଣୁ ମଣିଷ ବଦଳରେ ପୋଡକୁ ବଳୀ ଦେଉଥିବାରୁ ସେହି ପୋଡ଼କୁ 'ଜାନୀ ପୋଡ଼' ବୋଲି କୁହାଯାଇଥାଏ ।

ଏହି ମେରିଆ ପ୍ରଥା ବିଷୟରେ ଦୁନିଆଁ ସାମ୍ନାକୁ ପ୍ରଥମ ଥର ଆଣିଥିଲେ ବ୍ରିଟିଶ୍ ସାହେବ କ୍ୟାମ୍ବେଲ (Campbell) । କନ୍ଧ ଅଞ୍ଚଳରେ ଖଜଣା ଆଦାୟ ପାଇଁ 'ମାଡ୍ରାସ ପ୍ରେସିଡେନ୍ସି' ଦ୍ୱାରା ୧୧ ଜାନୁଆରୀ ୧୮୩୬ ରେ ଇଂରେଜ ଅଫିସର Russellକୁ ନିଯୁକ୍ତ ଦିଆଯାଏ । କନ୍ଧ ଅଞ୍ଚଳରେ ବାହ୍ୟ ବ୍ୟକ୍ତିର ଅନୁପ୍ରବେଶକୁ ଘୋର ବିରୋଧ କରି ବ୍ରିଟିଶମାନଙ୍କୁ ହତ୍ୟା କରନ୍ତି । ପରେ ପରେ ମେରିଆ ପ୍ରଥା ଉଚ୍ଛେଦ ପୂର୍ବକ କନ୍ଧମାନଙ୍କୁ ଧର୍ମାନ୍ତରଣ କରିବା ପାଇଁ ଘୁମୁସର-କଳାହାଣ୍ଡି ଅଞ୍ଚଳରେ ମାଡ୍ରାସ ପ୍ରେସିଡେନ୍ସି ଦ୍ୱାରା ୨୨ ଫେବୃୟାରୀ ୧୮୩୬ରେ 'କ୍ୟାମ୍ପବେଲ' (Campbell) ସାହେବକୁ ନିଯୁକ୍ତି ପାଇଁ ଦିଆ ଯାଇଥିଲା ।

Russell ଦ୍ୱାରା 'ମେରୀହା' Agency ନାମରେ ଏକ ଏଜେନ୍ସି ତିଆରି କରି କନ୍ଧମାନଙ୍କୁ ଦମନ କରିବା ଆରମ୍ଭ କଲେ । ବ୍ରିଟିଶରମାନଙ୍କ ମୂଳ ଲକ୍ଷ୍ୟ ଥିଲା ମିଶନାରୀ ମାଧ୍ୟମରେ କନ୍ଧମାନଙ୍କୁ ଧର୍ମାନ୍ତରଣ କରିବା । ଏଣୁ ଚକ୍ରାନ୍ତ ପୂର୍ବକ କନ୍ଧମାନଙ୍କ ମେରିଆ ପର୍ବ ଦମନ୍ କରି ହଜାର ହଜାର ଆଦିବାସୀଙ୍କୁ ହତ୍ୟା କଲେ ଓ ରସୁଲ୍‌କୁଣ୍ଡା ଜେଲରେ ବନ୍ଦୀ କରୁଥିଲେ । କ୍ୟାପ୍‌ଟେନ୍ Russell ଦ୍ୱାରା ମେରିଆ ପର୍ବ ଆଳରେ ଦମନ କରିବା ପାଇଁ ଏକ ସ୍ୱତନ୍ତ୍ର ଜେଲ ପ୍ରସ୍ତୁତ କରାଯାଇଥିଲା । ତାହା 'ରସୁଲକୁଣ୍ଡା' ଜେଲ । ଏହି ପରି 'ଧରନୀ ପେନୁ' ସଂସ୍କୃତିର ସୁରକ୍ଷା ପାଇଁ ଇଂରେଜ ସହ ଅନେକ ଲଢ଼େଇ କରିଛନ୍ତି ।

ଆବହମାନ କାଳରୁ କନ୍ଧ ଆଦିବାସୀ ପ୍ରକୃତି ଉପାସନାର ଧରନୀ ପେନୁର ସଭ୍ୟତାକୁ ଏତେ ଘାତ ପ୍ରତିଘାତ, ସାଂସ୍କୃତିକ ଆକ୍ରମଣ, ଦମନ, ବିଶ୍ୱାସ-ଅନ୍ଧବିଶ୍ୱାସ ରାସ୍ତା ସତ୍ତ୍ୱେ ଆଜି ବି ତାର ମୌଳିକତା ବଞ୍ଚେଇ ରଖି ପାରିବାରେ ସଫଳ ହୋଇଛି ।

**(ଉତ୍ସ: ବିଟେ ଭୋଇ, ମଧୁ ପୂଝାରୀ, କେର୍‌କେରା ଜାନି, ନରସିମ୍ହା ଜାନି, ଦୁର୍ଯ୍ୟୋଧନ ଭୋଇ)**

# ବିପନ୍ନ ପରିଧାନ



# ଓଡ଼ିଶାର ଜନଜାତିଙ୍କ ପରିଧାନ

**ଡକ୍ଟର ରଂଜନ ପ୍ରଧାନ**
ଜିଲ୍ଲା ପ୍ରତିନିଧି: ସମ୍ବାଦ, କନ୍ଧମାଳ (ଫୁଲବାଣୀ)
ଫୋନ୍: ୯୪୩୭୨୧୩୮୫୪

ଫଟୋ ସୌଜନ୍ୟ : ଲେଖକ



▲ ଲେଖକ ଡ. ରଂଜନ ପ୍ରଧାନ

ଆଦିବାସୀଙ୍କ ପୋଷାକ ପରିଧାନର ଗୋଟିଏ ନିଆରା ଶୈଳୀ ଓ ରୁଚି ରହିଛି । ବସ୍ତ୍ର ଓ ପରିଧାନକୁ ନେଇ ଆଦିବାସୀମାନେ ସବୁବେଳେ ଚର୍ଚ୍ଚାରେ ମଧ୍ୟ ରହିଥା'ନ୍ତି । ପ୍ରତି ଜନଜାତି ଗୋଷ୍ଠୀର ଏକ ସ୍ୱତନ୍ତ୍ର ପରିଧାନ ରହିଛି । ଅତୀତରେ ଆଦିବାସୀମାନେ ଗଛ ପତ୍ର, ବଳ୍‌କଳ ଏବଂ ପଶୁ ଚମଡ଼ାରୁ ପ୍ରସ୍ତୁତ ପୋଷାକ ଆଦି ପିନ୍ଧୁଥିଲେ । ପରେ ସେମାନେ କପା ତୁଳାରୁ ସୂତା ଭିଣି ଖଦଡ଼ ପିନ୍ଧିଲେ । ଆଧୁନିକତା ସହ ତାଳ ଦେଇ ଏବେ କିନ୍ତୁ ଆଦିବାସୀମାନେ ବଜାରରୁ ମିଳୁଥିବା ଟେରିକଟନ, ନାଇଲନ୍, ପଲିଷ୍ଟରରୁ ପ୍ରସ୍ତୁତ ପୋଷାକ, ଶାଢ଼ୀ ପିନ୍ଧିଲେଣି । ତଥାପି ଆଦିବାସୀଙ୍କ ପାରମ୍ପରିକ ପୋଷାକ ଏବଂ ପରିଧାନର ପ୍ରାସଙ୍ଗିକତା ଏବେ ବି ରହିଛି । ଯାନିଯାତ୍ରା, ପର୍ବପର୍ବାଣି ସମୟରେ ଆଦିବାସୀ ଯୁବକ, ଯୁବତୀମାନେ ସେମାନଙ୍କ ପାରମ୍ପରିକ ପୋଷାକ ପରିଧାନ କରି ବାହାରି ପଡ଼ିଲେ ସେମାନେ କେଉଁ ଜନଜାତି ଗୋଷ୍ଠୀର ବୋଲି ସହଜରେ ଜାଣି ହୋଇଯାଏ ।

ଓଡ଼ିଶାରେ ୬୨ ପ୍ରକାର ଜନଜାତିଗୋଷ୍ଠୀ ବସବାସ କରନ୍ତି । ପ୍ରତି ଜନଜାତି ଗୋଷ୍ଠୀଙ୍କର ପୋଷାକ ପରିଧାନର ଗୋଟିଏ ସ୍ୱତନ୍ତ୍ର ପରିଚୟ ରହିଛି । ପୋଷାକ ପରିପାଟୀରୁ ହିଁ ସେମାନଙ୍କୁ ଚିହ୍ନି ହୋଇଥାଏ । ଲାଲ୍ ଓ ସବୁଜ ରଙ୍ଗର ଗାରଟଣା କପଡ଼ା ପିନ୍ଧିଥିବା ଆଦିବାସୀଙ୍କୁ ଦେଖିଲେ, ସେମାନେ ନିଶ୍ଚୟ ସାନ୍ତାଳ ହୋଇଥିବେ ବୋଲି ଆମେ ଅନୁମାନ କରିନେଉ । ସେହିଭଳି ଲାଞ୍ଜିଆ ସଉରା, ଗଦବା ଏବଂ ଡଙ୍ଗରିଆ କନ୍ଧ ଭଳି କିଛି ଜନଜାତି ଗୋଷ୍ଠୀର ଲୋକେ ଧଳା ଓ ଲାଲ୍ ରଙ୍ଗର ଗାରଟଣା ମୋଟା ଖଦି କପଡ଼ା ପିନ୍ଧିଥାନ୍ତି । ଲାଞ୍ଜିଆ ସଉରାମାନେ ଅଣ୍ଟାରେ ଏକ ଦୀର୍ଘ କୌପିନ ପରିଧାନ କରିଥାନ୍ତି । ବଣ୍ଡାମାନେ ଶରୀରର ଊର୍ଦ୍ଧ୍ୱ ଅଂଶକୁ ମାଳି ଦ୍ୱାରା ଆଚ୍ଛାଦିତ କରିଥିବାବେଳେ ନିମ୍ନ ଅଂଶକୁ ଛୋଟ ନୀଳ ରଙ୍ଗର କପଡ଼ା ଦ୍ୱାରା ବେଷ୍ଟନ କରିଥାନ୍ତି । ବାଥୁଡ଼ିମାନେ ଧଳା ଧୋତି ପରିଧାନ କରିଥାନ୍ତି ଓ ମୁଣ୍ଡରେ ପଗଡ଼ି (ଠେକା) ବ୍ୟବହାର କରିଥାନ୍ତି । କପଡ଼ା ଓ ପୋଷାକ ହିଁ ଜନଜାତି ଗୋଷ୍ଠୀଙ୍କର ପରିଚୟ ବହନ କରିଥାଏ । ବଣ୍ଡା ଜନଜାତିର 'ରିଙ୍ଗା' ହେଉ କି ଡଙ୍ଗରିଆ କନ୍ଧଙ୍କ 'କାପଡ଼ାଗନ୍ଦା'; ଏସବୁ ପାରମ୍ପରିକ ପୋଷାକର ଏକ ସାମାଜିକ ଓ ସାଂସ୍କୃତିକ ମୂଲ୍ୟବୋଧ ରହିଛି ।

ଆଦିବାସୀମାନେ ଦୈନନ୍ଦିନ ଜୀବନରେ ସାଧାରଣ ପୋଷାକ ପିନ୍ଧିଥାନ୍ତି । କିନ୍ତୁ କୌଣସି ମେଳା ମହୋତ୍ସବ, ପର୍ବପର୍ବାଣି ସମୟରେ ପରିଧାନରେ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ପର୍ବପର୍ବାଣି ସମୟରେ ଆଦିବାସୀମାନେ ସେମାନଙ୍କର ପାରମ୍ପରିକ ପୋଷାକ ପରିଧାନ କରିଥାନ୍ତି । ବଣ୍ଡା, ଗଦବା, ଡିଡାୟୀ, କୁଟିଆ କନ୍ଧଙ୍କ ଭଳି ଜନଜାତିର ଲୋକେ ନିଜେ ବୁଣୁଥିବା ପୋଷାକ ବୟନ କରିଥାନ୍ତି । ସେମାନେ ଅନ୍ୟମାନଙ୍କଠାରୁ ପୋଷାକ ନ କିଣି ବରଂ ନିଜ ପୋଷାକ ନିଜେ ବୁଣନ୍ତି । କିନ୍ତୁ ଆଉ କେତେକ ଜନଜାତିର ଲୋକେ କପଡ଼ା ପାଇଁ ଦଳିତ ପାଣ, ଡମ, ମାଳି ଓ ଅନ୍ୟ ବୁଣାକାର ସମ୍ପ୍ରଦାୟର ଲୋକଙ୍କ ଉପରେ ନିର୍ଭର କରିଥାନ୍ତି । ଆଦିବାସୀ ଓ ଦଳିତ ଶ୍ରେଣୀର ବୁଣାକାରମାନେ ଦେଶୀ ଜ୍ଞାନକୌଶଳର ପ୍ରୟୋଗ କରି କପଡ଼ା ବୁଣିଥାନ୍ତି ।

ଜନଜାତିଙ୍କ ପାରମ୍ପରିକ ପୋଷାକ ଓ ପରିଧାନ ବିଶେଷକରି ଜୈବିକ ଉତ୍ସରୁ ମିଳିଥାଏ । ବିଶେଷକରି କପା, ଶିମିଳି ତୁଳା ଏବଂ ଅନ୍ୟାନ୍ୟ ପାରମ୍ପରିକ ଗଛର ତନ୍ତୁରୁ ସେମାନେ ସୂତା ପ୍ରସ୍ତୁତ କରିଥାନ୍ତି । ମାତ୍ର, ଆଜିକାଲି ଆଦିବାସୀମାନେ ସିନ୍ଥେଟିକ୍, ନାଇଲନ, ଟେରିକଟନ କପଡ଼ା ପିନ୍ଧିଲେଣି । କିନ୍ତୁ ଏସବୁ ସିନ୍ଥେଟିକ ବସ୍ତ୍ର ପର୍ବପର୍ବାଣି, ଯାନିଯାତରା ସମୟରେ ପିନ୍ଧିବା ବାରଣ ଥାଏ ।

ଓଡ଼ିଶାରେ କେତେକ ଜନଜାତି ଗୋଷ୍ଠୀ ସେମାନଙ୍କର ପୋଷାକ ଓ ପରିଧାନକୁ ନେଇ ବେଶ୍ ପରିଚିତ ।

## ଡଙ୍ଗରିଆ କନ୍ଧଙ୍କ 'କାପଡ଼ାଗନ୍ଦା'

ଓଡ଼ିଶାର ରାୟଗଡ଼ା ଏବଂ କଳାହାଣ୍ଡି ଜିଲ୍ଲାରେ ଡଙ୍ଗରିଆ କନ୍ଧମାନେ ବସବାସ କରିଥାନ୍ତି । ଏହି ଜନଜାତିର ଲୋକେ ମୁଖ୍ୟତଃ ନିୟମଗିରି ପାହାଡ଼ରେ ବାସ କରୁଥିବାର ଦେଖାଯାଏ । ଏମାନେ ଡଙ୍ଗର (ପାହାଡ଼)ରେ ବାସ କରୁଥିବାରୁ ଏମାନଙ୍କର ନାମ 'ଡଙ୍ଗରିଆ କନ୍ଧ' ହୋଇଛି । ଡଙ୍ଗରିଆ କନ୍ଧ ଜନଜାତିର ଲୋକମାନେ ରାୟଗଡ଼ା ଜିଲ୍ଲାର ବିଷମକଟକ, ମୁନିଗୁଡ଼ା ଓ କଲ୍ୟାଣସିଂହପୁର ବ୍ଲକରେ ବାସ କରୁଥିବାବେଳେ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକରେ ଦେଖିବାକୁ ମିଳନ୍ତି ।

ଡଙ୍ଗରିଆମାନଙ୍କ ପାରମ୍ପରିକ ବେଶଭୂଷା ହିଁ ସେମାନଙ୍କର ଅନ୍ୟତମ ପରିଚୟ । ପୁରୁଷ ଓ ମହିଳାମାନେ ସାଧାରଣତଃ ପାରମ୍ପରିକ ବେଶ ପୋଷାକରେ ପ୍ରାୟ ସମାନ ଦେଖାଯାଆନ୍ତି ।



ଡଙ୍ଗରିଆ କନ୍ଧ

ମୁଣ୍ଡରେ ଖୋସା ଓ ବାଳଛପା ସହ ଖୋସାରେ ଛୋଟଛୋଟ କାତି ଖୋସିଥାନ୍ତି । ଉଭୟ ଡଙ୍ଗରିଆ ପୁରୁଷ ଓ ଯୁବତୀମାନେ ନାକରେ, କାନରେ ବିଭିନ୍ନ ପ୍ରକାର ଅଳଙ୍କାର ପରିଧାନ କରିଥାନ୍ତି । ଉଭୟ ପୁରୁଷ ଓ ମହିଳାମାନେ ଶରୀରରେ ଚିତା କୁଟେଇଥାନ୍ତି । ମାତ୍ର ଡଙ୍ଗରିଆ କନ୍ଧଙ୍କ ସ୍ୱତନ୍ତ୍ର କାର୍ପାସ ଚଦର 'କାପଡ଼ାଗନ୍ଦା' ହିଁ ସେମାନଙ୍କୁ ଅନ୍ୟ ଜନଜାତିଙ୍କ ଠାରୁ ଅଲଗା କରିଥାଏ ।

ଡଙ୍ଗରିଆମାନେ ମୁଖ୍ୟତଃ ଧଳା ଓ ନାଲି ରଙ୍ଗର କପଡ଼ା ପରିଧାନ କରିଥାନ୍ତି । ସେମାନେ ଏକ ପ୍ରକାର ସ୍ୱତନ୍ତ୍ର ଚଦର (ଶାଲ୍) ଘୋଡ଼େଇ ହୋଇଥାନ୍ତି, ଯାହାକୁ 'କାପଡ଼ାଗନ୍ଦା' କହନ୍ତି । ଏହି ଚଦରରେ ସେମାନଙ୍କ ପାରମ୍ପରିକ ଚିତ୍ରକଳା ପ୍ରଦର୍ଶିତ ହୋଇଥାଏ । 'କାପଡ଼ା' ଅର୍ଥ ମୁଣ୍ଡ ବା ଚଦରର ଦୁଇ ପାର୍ଶ୍ୱ ଏବଂ 'ଗନ୍ଦା' ଅର୍ଥ 'କପଡ଼ା' । ସାଧାରଣତଃ କାପଡ଼ାଗନ୍ଦାର ଦୈର୍ଘ୍ୟ ୩ ହାତ ଏବଂ ଓସାର ୨ ହାତ ଲମ୍ବ ହୋଇଥାଏ । ମାତ୍ର ଏଥିରେ ପରିବର୍ତ୍ତନ ମଧ୍ୟ ଦେଖିବାକୁ ମିଳିଥାଏ । କେତେକ ସ୍ଥଳରେ ଡଙ୍ଗରିଆମାନେ ୪ ହାତ ଲମ୍ବ ଏବଂ ୨ ହାତ ଓସାର ବିଶିଷ୍ଟ କାପଡ଼ାଗନ୍ଦା ମଧ୍ୟ ବୁଣୁଥିବାର ଦେଖାଯାଉଛି ।

ଡଙ୍ଗରିଆ ମହିଳାମାନେ ମୁଖ୍ୟତଃ ୪ ପ୍ରକାର ବସ୍ତ୍ରର ବ୍ୟବହାର କରିଥାନ୍ତି । ଏସବୁ କପଡ଼ାକୁ ଡଙ୍ଗରିଆମାନେ ନିଜେ ହାତରେ ବୁଣିଥାନ୍ତି । ପ୍ରଥମ ପ୍ରକାରର ପୋଷାକ ହେଉଛି 'ଶିଆଳିଗନ୍ଦା' । ଏହା ଶରୀରର ନିମ୍ନ ଭାଗ (ଅଣ୍ଟାରୁ ଗୋଡ଼ ଯାଏଁ)କୁ ବେଷ୍ଟିତ କରିଥାଏ । ଡଙ୍ଗରିଆମାନେ ଅନ୍ୟ ଏକ ପ୍ରକାର ପୋଷାକର ବ୍ୟବହାର କରିଥାନ୍ତି । ଏହାର ନାମ 'ଉଲୁମିଗନ୍ଦା' । ଏହା ଶରୀରର ଊର୍ଦ୍ଧ୍ୱ ଅଂଶ (ଅଣ୍ଟାରୁ ବେକ ଯାଏଁ)କୁ ଆବୃତ କରିଥାଏ । ଏହାର କିଛି ଅଂଶ ମୁଣ୍ଡକୁ ମଧ୍ୟ ବେଷ୍ଟିତ କରିଥାଏ । ତୃତୀୟ ପ୍ରକାର ପୋଷାକ ହେଉଛି 'ଆଙ୍ଗିନାଗନ୍ଦା' । ଏହାକୁ ଅଣ୍ଟାରେ ପରସ୍ତ ପରସ୍ତ କରି ଆବୃତ କରାଯାଇଥାଏ । ବିଶେଷକରି ମହିଳାମାନେ 'ଆଙ୍ଗିନାଗନ୍ଦା'ର ବ୍ୟବହାର କରିଥାନ୍ତି । ଏହା ଦେଖିବାକୁ ଏକ ମୁଣା ସଦୃଶ । ମହିଳାମାନେ ଜଙ୍ଗଲରେ ବୁଲୁଥିବା ବେଳେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଏହି ମୁଣାରେ ରଖିଥାନ୍ତି । ପୁରୁଷମାନେ ମୁଖ୍ୟତଃ ଶରୀରର ନିମ୍ନ ଅଂଶରେ ବସ୍ତ୍ର ପରିଧାନ କରିଥାନ୍ତି । ଏସବୁ ବ୍ୟତୀତ ଡଙ୍ଗରିଆ କନ୍ଧମାନେ ଏକ ସ୍ୱତନ୍ତ୍ର ଚଦର ବ୍ୟବହାର କରିଥାନ୍ତି । କୁଇ ଭାଷାରେ ଏହି ଚଦରର ନାମ ହେଉଛି 'କପଡ଼ାଗନ୍ଦା' ।

'କାପଡ଼ାଗନ୍ଦା'ରେ ଡଙ୍ଗରିଆ କନ୍ଧଙ୍କ ସଂସ୍କୃତି ଓ ପରମ୍ପରାଭିତିକ ଚିତ୍ରକଳା ସ୍ଥାନ ପାଇଥାଏ । କପଡ଼ାଗନ୍ଦାରେ ମୁଖ୍ୟତଃ ୪ ପ୍ରକାର ରଙ୍ଗ ବ୍ୟବହାର କରାଯାଇଥାଏ । ନାଲି, ଧୂସର (ମାଟିଆ), ସବୁଜ ଓ ହଳଦୀ ରଙ୍ଗ ବ୍ୟବହାର କରାଯାଇଥାଏ । ଏହି ରଙ୍ଗ ସହିତ ଡଙ୍ଗରିଆମାନଙ୍କର ପ୍ରକୃତି, ପରମ୍ପରା, ଆଧ୍ୟାତ୍ମିକ ଚେତନା ନିହିତ ଥାଏ । ନାଲି ରଙ୍ଗ ରକ୍ତର ପ୍ରତୀକ ହୋଇଥିବାରୁ ଏହା ସେମାନଙ୍କ ପାରମ୍ପରିକ ବିଶ୍ୱାସ ସହ ଯୋଡ଼ି ହୋଇଥାଏ । ବିଭିନ୍ନ ପ୍ରକାର ପଶୁପକ୍ଷୀଙ୍କ ରକ୍ତକୁ ଆଦିବାସୀମାନେ ସେମାନଙ୍କ ଦେବଦେବୀଙ୍କୁ ଅର୍ପଣ କରିଥାନ୍ତି । ଏଣୁ ନାଲି ରଙ୍ଗର ଏକ ମହତ୍ୱ ରହିଛି । ଚିରସବୁଜ ପାହାଡ଼ ଓ ଅରଣ୍ୟ, ଗଛଲତା ହେଉଛି ଆଦିବାସୀଙ୍କର ଜୀବନ ବଞ୍ଚିବାର ମୂଳ ଫର୍ମୁଲା । ଏଣୁ ସବୁଜ ରଙ୍ଗକୁ ଛାଡ଼ି ଡଙ୍ଗରିଆଙ୍କ ସଂସ୍କୃତି ଓ ପରମ୍ପରା କଥା ଚିନ୍ତା କରାଯାଇ ନ ପାରେ । ଡଙ୍ଗରିଆ କନ୍ଧମାନଙ୍କର ମୁଖ୍ୟ ଫସଲ ହେଉଛି ହଳଦୀ । ଏଣୁ ହଳଦୀ ରଙ୍ଗର ଏକ ସ୍ୱତନ୍ତ୍ର ପ୍ରଭାବ ଡଙ୍ଗରିଆ କନ୍ଧ ସଂସ୍କୃତି ଓ ପରମ୍ପରାରେ ଦେଖିବାକୁ ମିଳିଥାଏ । ମାଟି (ଧରିତ୍ରୀ ମାତା) ବିନା ଡଙ୍ଗରିଆ କନ୍ଧଙ୍କ ଅସ୍ତିତ୍ୱ ହିଁ ନଥାଏ । ଧରଣୀପେନୁ ଡଙ୍ଗରିଆ କନ୍ଧଙ୍କ ପ୍ରମୁଖ ଠାକୁରାଣୀ ହୋଇଥିବାରୁ ସେମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନକୁ ମାଟିଆ ରଙ୍ଗ ସ୍ୱତନ୍ତ୍ର ଭାବେ ପ୍ରତିନିଧିତ୍ୱ କରିଥାଏ । ଏହା ପରୋକ୍ଷରେ ସେମାନଙ୍କ 'କାପଡ଼ାଗନ୍ଦା'ରେ ପ୍ରତିଫଳିତ ହୋଇଥାଏ ।

ପ୍ରାକୃତିକ ଉପାୟରେ ଡଙ୍ଗରିଆ କନ୍ଧମାନେ ଏସବୁ ରଙ୍ଗ ପ୍ରସ୍ତୁତ କରିଥାନ୍ତି । ବିଭିନ୍ନ ପ୍ରକାର ଜଙ୍ଗଲୀ ଫଳ, ଫୁଲ ଓ ଲାଲ୍ ମାଟିରୁ ସେମାନେ ନାଲି ରଙ୍ଗ ପ୍ରସ୍ତୁତ କରିଥାନ୍ତି । ହଳଦୀରୁ ସେମାନେ ହଳଦୀ ରଙ୍ଗ ପ୍ରସ୍ତୁତ କରୁଥିବାବେଳେ ବିଭିନ୍ନ ପ୍ରକାର ସବୁଜ ପତ୍ରରୁ ସେମାନେ ସବୁଜ ରଙ୍ଗ ପ୍ରସ୍ତୁତ କରିଥାନ୍ତି । ସୁରମା ନାମକ ଏକ ସ୍ୱତନ୍ତ୍ର ମାଟିରୁ ସେମାନେ ମାଟିଆ ରଙ୍ଗ ପ୍ରସ୍ତୁତ କରିଥାନ୍ତି । ଏସବୁ ରଙ୍ଗ ସହ ସେମାନେ ଏକ ସ୍ୱତନ୍ତ୍ର ପ୍ରକାର ଜୈବିକ ଅଠା ମିଶାଇଥାନ୍ତି । ଫଳରେ କପଡ଼ାରୁ ଏତେ ସହଜରେ ରଙ୍ଗ ଛାଡ଼ି ନଥାଏ । ଏହିସବୁ ରଙ୍ଗରେ ସେମାନେ ବହୁଦିନ ଧରି ସୂତାକୁ ବୁଡ଼ାଇ ରଖନ୍ତି ଏବଂ ପରେ ଖରାରେ ଶୁଖାଇ ଏହାକୁ ବୁଣାବୁଣି ନିମନ୍ତେ ପ୍ରସ୍ତୁତ କରନ୍ତି ।

'କାପଡ଼ାଗନ୍ଦା'ର ଦୁଇ ମୁଣ୍ଡରେ ଡଙ୍ଗରିଆ କନ୍ଧଙ୍କ ଚିତ୍ରକଳା ବୁଣାଯାଇଥାଏ । ମଝି ଅଂଶଟି କେବଳ ଈଷତ ଧଳା (ଅଫ୍ ହ୍ୱାଇଟ୍) ରଙ୍ଗର ହୋଇଥାଏ । ପାରମ୍ପରିକ ଧର୍ମଧାରଣା ଏବଂ ବିଶ୍ୱାସ ସହ ଜଡ଼ିତ ଅନେକ ଚିତ୍ରକଳା ଏଥିରେ ବୁଣାଯାଇଥାଏ । ତ୍ରିଭୂଜାକୃତି, ଗୋଲାକୃତିର ଚିତ୍ର ସହ ଧାଡ଼ିଧାଡ଼ି ଗାର ମଧ୍ୟ ଅଙ୍କିତ ହୋଇଥାଏ । 'କପଡ଼ାଗନ୍ଦା'ର



କୁଟିଆ କନ୍ଧଙ୍କ ସହ ଲେଖକ

ଧଡ଼ିରେ ତ୍ରିଭୂଜାକାରର କଳାକୃତି ବୁଣାଯାଇଥାଏ । ଏଥିରେ ସବୁଜ ରଙ୍ଗର ଛୋଟଛୋଟ ଗାର ଟଣା ଯାଇଥାଏ । କୁଇ ଭାଷାରେ ଏହାର ନାମ 'କୁଡ଼ିଲିଙ୍ଗା' । 'କୁଡ଼ି' ଅର୍ଥ ସଦର (ପୂଜାସ୍ଥଳ) ଏବଂ 'ଲିଙ୍ଗା' ଅର୍ଥ ଚିତ୍ରକଳା । ଅର୍ଥାତ୍ ଏହି ଚିତ୍ର ମାଧ୍ୟମରେ ଡଙ୍ଗରିଆମାନେ ସେମାନଙ୍କ ଉପସନା ସ୍ଥଳକୁ ପ୍ରଦର୍ଶିତ କରିଥାନ୍ତି । ଡଙ୍ଗରିଆମାନଙ୍କ ଦେବତାମାନେ ଏଠାରେ ବିଜେ କରିଥାନ୍ତି ବୋଲି ବିଶ୍ୱାସ ଥାଏ । ସେହିଭଳି ନାଲି ଛୋଟ ତ୍ରିଭୂଜାକୃତିର ଚିତ୍ରକଳାକୁ କୁଇ ଭାଷାରେ 'କ୍ରାଲିହିପା' କୁହାଯାଇଥାଏ । କ୍ରାଲିହିପାର ଅର୍ଥ ପଶୁପକ୍ଷୀ ବଳି ପାଇଁ ବ୍ୟବହୃତ ଟାଙ୍ଗିଆ । ସେଥିପାଇଁ ରକ୍ତର ରଙ୍ଗ ଆଧାରରେ ନାଲି ରଙ୍ଗର ତ୍ରିଭୂତ ଅଙ୍କନ କରାଯାଇଥାଏ । 'କାପଡ଼ାଗନ୍ଦା'ର ଦୁଇ ପାର୍ଶ୍ୱରେ ଧଡ଼ି ରହିଥାଏ ।

'କାପଡ଼ାଗନ୍ଦା'ରେ ତ୍ରିଭୂତାକୃତି ଚିତ୍ର ସମେତ ଗୋଲାକୃତିର ଚିତ୍ର ଅଙ୍କିତ ହୋଇଥାଏ । ଏହାକୁ କୁଇ ଭାଷାରେ 'କାନକା' କୁହାଯାଏ ଯାହାର ଅର୍ଥ ଆଖି । ଡଙ୍ଗରିଆଙ୍କ ମେରିଆ ଘରେ ନିୟମରାଜାଙ୍କର ଦୁଇଟି ଆଖି ରହିଥାଏ । ଏଣୁ ଡଙ୍ଗରିଆମାନେ ନିୟମ ରାଜାଙ୍କ ଆଖିକୁ ନିଜ ଚଦରରେ ସ୍ଥାନିତ କରିଥାନ୍ତି । ଏହା ସମେତ 'କାପଡ଼ାଗନ୍ଦା'ରେ ଅନେକ ଛୋଟ ଛୋଟ ଛାଟ ବା ଷ୍ଟ୍ରୋକ୍ ଚିତ୍ରିତ ହୋଇଥାଏ । ଏହାକୁ କୁଇ ଭାଷାରେ 'କେରି' କୁହାଯାଏ ଯାହାର ଅର୍ଥ 'ସୀମା' । ସବୁଜ ଓ ହଳଦୀ ରଙ୍ଗର ଧାଡ଼ିଧାଡ଼ି ଷ୍ଟ୍ରୋକ୍‌ମାନ 'କାପଡ଼ାଗନ୍ଦା'ରେ ଚିତ୍ରିତ ହୋଇଥାଏ ।

ଡଙ୍ଗରିଆମାନେ ଏସବୁ ଚିତ୍ରକୁ ପ୍ରିଣ୍ଟିଂ (ମୁଦ୍ରଣ) କରି ନଥାନ୍ତି । ବରଂ ରଙ୍ଗୀନ ସୂତାରେ ଏସବୁ ଚିତ୍ରକଳାକୁ ବୁଣିଥାନ୍ତି । ଏହି ବୁଣିବା କୌଶଳକୁ ଡଙ୍ଗରିଆମାନେ ପାରମ୍ପରିକ ଉପାୟରେ ପିଢ଼ି ପରେ ପିଢ଼ି ସୂତ୍ରରେ ପୂର୍ବ ପୁରୁଷମାନଙ୍କ ଠାରୁ ଶିକ୍ଷାଲାଭ କରିଥାନ୍ତି । ବୁଣିବା କାମ ବିଶେଷକରି ପରିବାରର ଅବିବାହିତ ପିଉସୀ ଏବଂ ବୃଦ୍ଧାମାନେ ଯୁବତୀମାନଙ୍କୁ ଶିକ୍ଷା ଦେଇଥାନ୍ତି ।

ଡଙ୍ଗରିଆ ସମାଜରେ କେହି ମୃତ୍ୟୁବରଣ କଲେ ସେତେବେଳେ ସେମାନେ ବଣଡଙ୍ଗର ଯାଇନଥାନ୍ତି । ଘରେ ବସିଥିବା ସମୟରେ ଯୁବତୀମାନେ କାପଡ଼ାଗନ୍ଦା ବୁଣା କାମ କରିଥାନ୍ତି । ଦିନତମାମ ଡଙ୍ଗରରେ ବୁଲାବୁଲି କରି ଫେରିବା ପରେ ସନ୍ଧ୍ୟା ବେଳକୁ ମହିଳା ଓ ଯୁବତୀମାନେ କାପଡ଼ାଗନ୍ଦା ବୁଣା କାମରେ ଲାଗନ୍ତି । ଗୋଟିଏ କାପଡ଼ାଗନ୍ଦା ବୁଣା କାମ ଶେଷ କରିବାକୁ ସେମାନଙ୍କୁ ତିନିରୁ ଚାରି ମାସ ଲାଗିଥାଏ । ସେମାନେ କେବେ ବି ଅନବରତ ଭାବେ କାପଡ଼ାଗନ୍ଦା ବୁଣି ନଥାନ୍ତି । ମାତ୍ର ବର୍ତ୍ତମାନ 'ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା' (ଡିକେଡିଏ) ମାଧ୍ୟମରେ କାପଡ଼ାଗନ୍ଦା ବୁଣା କାମରେ ସେମାନଙ୍କୁ ଅଧିକ ପ୍ରୋତ୍ସାହନ ଯୋଗେଇ ଦିଆ ଯାଉଛି । ଫଳରେ ବୁଣାକାମ ଅଧିକ ତ୍ୱରାନ୍ୱିତ ହୋଇପାରିଛି ।

ଡଙ୍ଗରିଆ କନ୍ଧଙ୍କ 'କାପଡ଼ାଗନ୍ଦା' କେବଳ ଖାଲି ଏକ ଚଦର ନୁହେଁ । ଏହା ସହିତ ସେମାନଙ୍କ ସଂସ୍କୃତି ଓ ପରମ୍ପରା ଯୋଡ଼ି ହୋଇ ରହିଛି । ବିଭିନ୍ନ ପ୍ରକାର ପର୍ବପର୍ବାଣି ସମୟରେ ଡଙ୍ଗରିଆ ଯୁବକ, ଯୁବତୀମାନେ 'କାପଡ଼ାଗନ୍ଦା'କୁ ଶରୀରର ଉପର ଅଂଶରେ ଘୋଡ଼େଇ ହୋଇଥାନ୍ତି । ଯୁବକ, ଯୁବତୀମାନେ ନିଜନିଜର ଜୀବନ ସାଥୀ ବାଛିବା ଅବସରରେ 'କାପଡ଼ାଗନ୍ଦା'କୁ ଶରୀରରେ ଘୋଡ଼େଇ ହୋଇଥାନ୍ତି । ଡଙ୍ଗରିଆ ଧାଙ୍ଗଡ଼ା (ଯୁବକ)ଟି ନିଜ ମନ ପସନ୍ଦର ଜୀବନ ସାଥୀ ବାଛିଲା ବେଳେ ସେ ନିଜ କାନ୍ଧରୁ 'କାପଡ଼ାଗନ୍ଦା' ବାହାର କରି ସମ୍ପୃକ୍ତ ଯୁବତୀର ବେକାରେ ପକାଇ ଦିଏ । ଫଳରେ ସେହି ଯୁବତୀଟି ସମ୍ପୃକ୍ତ ଯୁବକର ଜୀବନସାଥୀ ପାଲଟିଯାଏ । ଯଦି ଯୁବତୀଟି ଯୁବକଙ୍କୁ ପସନ୍ଦ କରି ନଥାଏ, ସେ ନିଜ କାନ୍ଧରୁ 'କାପଡ଼ାଗନ୍ଦା' ଓହ୍ଲାଇ ଯୁବକକୁ ଫେରାଇ ଦିଏ । ଏଭଳି କ୍ଷେତ୍ରରେ ସେମାନଙ୍କ ମଧ୍ୟରେ ବିବାହ ହୋଇ ନଥାଏ । ଯଦି ଯୁବକଜଣକ ଯୁବତୀଟିକୁ ଅଧିକ ମାତ୍ରାରେ ପସନ୍ଦ କରିଥାଏ, ସେ ପୁନର୍ବାର ମଧ୍ୟ 'କାପଡ଼ାଗନ୍ଦା'କୁ ସମ୍ପୃକ୍ତ ଯୁବତୀ କାନ୍ଧରେ ପକାଇଥାଏ । ଏଭଳି ବାରମ୍ବାର କାପଡ଼ାଗନ୍ଦା ପକାଇବା ଫଳରେ ଯୁବତୀଟି ସମ୍ପୃକ୍ତ ଯୁବକକୁ ବିବାହ କରିବାକୁ ଏକପ୍ରକାର ବାଧ୍ୟ ହୋଇଥାଏ ।

'କାପଡ଼ାଗନ୍ଦା'ରେ ନିୟମ ରାଜାଙ୍କର ପ୍ରତିନିଧି ବିଦ୍ୟମାନ ହୋଇଥିବାରୁ ଏହାକୁ ପବିତ୍ର ବୋଲି ମନେ କରାଯାଏ । ଏହାକୁ ବିଭିନ୍ନ ପର୍ବପର୍ବାଣି ଓ ଧାର୍ମିକ କାର୍ଯ୍ୟକ୍ରମରେ ବ୍ୟବହାର କରା ଯାଇଥାଏ । ଏଣୁ ଡଙ୍ଗରିଆ କନ୍ଧ ସମାଜରେ 'କାପଡ଼ାଗନ୍ଦା'ର ଏକ ସାଂସ୍କୃତିକ ଓ ଧାର୍ମିକ ଗୁରୁତ୍ୱ ରହିଛି । ମାତ୍ର ଆଧୁନିକତା ଆଳରେ ଏସବୁ ପରମ୍ପରା ଏବେ ହଜିଯିବାକୁ ବସିଲାଣି । ତଥାପି ଡଙ୍ଗରିଆ ସମାଜରେ 'କାପଡ଼ାଗନ୍ଦା'ର ଏକ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ପର୍ବପର୍ବାଣି, ବିବାହ କାର୍ଯ୍ୟ ଏବଂ ଉତ୍ସବ, ମହୋତ୍ସବ ସମୟରେ ଏହା ଖୋଜା ପଡ଼ିଥାଏ । 'କାପଡ଼ାଗନ୍ଦା' ବିନା ଡଙ୍ଗରିଆ ସମାଜ କଥା ଭାବିବା ଏକପ୍ରକାର ମୂର୍ଖାମୀ ବୋଲି ମନେ ହେବ ।




ବଣ୍ଡାଙ୍କ ପୋଷାକ

ଏବେ କିନ୍ତୁ ଡଙ୍ଗରିଆ କନ୍ଧଙ୍କ ଏହି ବୟନ ଶିଳ୍ପ ବିପଦରେ ରହିଛି । ଆଗ ଭଳି ଆଉ ଡଙ୍ଗରିଆମାନେ 'କାପଡ଼ାଗନ୍ଦା' ବୁଣିବାକୁ ପସନ୍ଦ କରୁନାହାନ୍ତି । ତା'ଛଡ଼ା ଏଭଳି ସମୟସାପେକ୍ଷ କାର୍ଯ୍ୟରେ ଯୁବଗୋଷ୍ଠୀ ନିୟୋଜିତ ହେବାକୁ ଉଚିତ୍ ମଣୁନାହାନ୍ତି । ଫଳରେ ଡଙ୍ଗରିଆ କନ୍ଧଙ୍କ ଏହି ବୟନ ଶିଳ୍ପ ଏବେ ବୁଡ଼ିଯିବାକୁ ବସିଲାଣି । ଡଙ୍ଗରିଆଙ୍କ ମଧ୍ୟରେ ନୂଆ ବୁଣାକାର ସୃଷ୍ଟି କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ତାଲିମ ଶିବିରର ଆୟୋଜନ କରିବାକୁ ନିକଟରେ 'ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା' (ଡିକେଡିଏ) ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛି । ରାଜ୍ୟ ସରକାର ଏହା ଉପରେ ବିଚାର କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କଲେ ଡଙ୍ଗରିଆ କନ୍ଧଙ୍କ ଏହି ପ୍ରାଚୀନ ଓ ପାରମ୍ପରିକ ବୟନ ଶିଳ୍ପକୁ ମୃତ୍ୟୁ ମୁଖରୁ ଉଦ୍ଧାର କରାଯାଇ ପାରିବ ।

## କୁଟିଆ କନ୍ଧଙ୍କ 'ରେଠା' ଓ 'ଉରମ୍'

କୁଟିଆ କନ୍ଧ ଜନଜାତିର ଲୋକମାନେ କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ ଓ କୋଟଗଡ଼ ବ୍ଲକ ଏବଂ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ବସବାସ କରନ୍ତି । କୁଟିଆ କନ୍ଧମାନେ ପ୍ରାଚୀନ ଜନଜାତି (ପିଭିଟିଜି) ଶ୍ରେଣୀର । ଓଡ଼ିଶାରେ ବସବାସ କରୁଥିବା ୧୩ଟି ପ୍ରାଚୀନ ଜନଜାତି ଗୋଷ୍ଠୀଙ୍କ ମଧ୍ୟରୁ କୁଟିଆ କନ୍ଧମାନେ ସ୍ୱତନ୍ତ୍ର । ଏମାନେ କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ ବ୍ଲକର ବେଲଘର ଅଞ୍ଚଳର ୫ଟି ଗ୍ରାମ ପଞ୍ଚାୟତ (ବେଲଘର, ଗୁମ୍ମା, ଝିରିପାଣି, ଲଙ୍କାଗଡ଼, ବିଲାମାଳ) ଏବଂ କୋଟଗଡ଼ ବ୍ଲକର ୨ଟି ପ*ାୟତ (ସୁବର୍ଣ୍ଣଗିରି, ଦୁର୍ଗାପାଙ୍ଗା) ଅଞ୍ଚଳରେ ବସବାସ କରୁଛନ୍ତି ।

କୁଟିଆ କନ୍ଧମାନଙ୍କର ଉତ୍ପତ୍ତି ନେଇ ଏକ କିମ୍ବଦନ୍ତୀ ରହିଛି । କନ୍ଧମାନେ ତିନି ଭାଇ । ସମୟକ୍ରମେ ଜଣେ ଡଙ୍ଗର ଭିତରକୁ ଚାଲିଗଲା । ସେ ହେଲା ଡଙ୍ଗରିଆ କନ୍ଧ । ଆଉ ଜଣେ 'କୁଟି' ଅର୍ଥାତ୍ ଗାତ ଭିତରେ ରହିଲା । ସେ ହେଲା କୁଟିଆ କନ୍ଧ । ଅନ୍ୟ ଜଣେ ସମତଳ ଅଞ୍ଚଳକୁ ଚାଲି ଆସିବାରୁ ସେ ହେଲା ଦେଶିଆ କନ୍ଧ । ଆଜି ମଧ୍ୟ କୁଟିଆ କନ୍ଧର ଘର ଭୂମି ତୁଳନାରେ ନିମ୍ନରେ ଥାଏ ।

ପର୍ବପର୍ବାଣି ଋତୁରେ କୁଟିଆ କନ୍ଧ ଯୁବତୀମାନେ ଏକ ସ୍ୱତନ୍ତ୍ର ପ୍ରକାର କପଡ଼ା ବ୍ୟବହାର କରିଥାନ୍ତି । ଏହା 'କପ୍ତା ଲୁଗା' ନାମରେ ପରିଚିତ । କୁଟିଆ କନ୍ଧ ମହିଳାମାନେ ଅଣ୍ଟାରୁ ଆଣ୍ଠୁ ପର୍ଯ୍ୟନ୍ତ ଏକ ହସ୍ତତନ୍ତ ଲୁଗା ବା ଶାଢୀ ପରିଧାନ କରିଥାନ୍ତି । ଏହାକୁ କୁଟିଆ କନ୍ଧ ଭାଷାରେ 'ରେଠା' (କମତାଙ୍ଗା) କୁହାଯାଏ । ରେଠାର ରଙ୍ଗ କଳା କିମ୍ବା ଗାଢ଼ ଖଇରିଆ କିମ୍ବା ନୀଳ ରଙ୍ଗର ହୋଇଥାଏ । ଓଡ଼ିଆରେ ଏହାକୁ 'କପ୍ତାଲୁଗା' କୁହାଯାଏ । କୁଟିଆ କନ୍ଧ ମହିଳାମାନେ ବେକରୁ ଅଣ୍ଟା ଉପରକୁ ଅର୍ଥାତ୍ ଛାତି ଉପରେ ଅନ୍ୟ ଏକ ମୋଟା କପଡ଼ା (ଆପ୍ରୋନ୍) ଢାଙ୍କିଥାନ୍ତି । ଅଣ୍ଟାରୁ ଉପର ଅଂଶ ବକ୍ଷ ଦେଶରେ ପରିଧାନ କରୁଥିବା ଏହି ବସ୍ତ୍ରକୁ 'ଉରମ' (ଉରୁଣୀ) କୁହାଯାଏ । 'ଉରମ' ସାଧାରଣତଃ ନାରଙ୍ଗୀ କିମ୍ବା ଧୂସର ରଙ୍ଗର ହୋଇଥାଏ । ମୋଟା ଗାମୁଛା ଭଳି ଏହା ଦିଶେ । ବଣ୍ଡା ରମଣୀଙ୍କ ଭଳି କୁଟିଆ କନ୍ଧ ଧାଙ୍ଗିଡ଼ିମାନେ ଉରମ ଉପରେ ବିଭିନ୍ନ ପ୍ରକାର ମାଳି ପରିଧାନ କରିଥାନ୍ତି । ଏହି ପାରମ୍ପରିକ ମାଳିକୁ କୁଟିଆ କନ୍ଧ ଭାଷାରେ 'ସାସ୍‌କା' କୁହାଯାଏ ।

କୁଟିଆ କନ୍ଧଙ୍କ ଏହି ବସ୍ତ୍ରକୁ ନେଇ ଏକ ଲୋକ କଥା ରହିଛି । ଯେତେବେଳେ କୁଟିଆ କନ୍ଧମାନେ ସାପାଂଗଡ଼ାରୁ ସୃଷ୍ଟି ହୋଇ ପୃଥିବୀ ପୃଷ୍ଠକୁ ଆସିଲେ ସେତେବେଳେ ସେମାନେ କପଡ଼ା ପରିଧାନ କରୁ ନଥିଲେ । କିନ୍ତୁ କାଳକ୍ରମେ କୁଟିଆ କନ୍ଧ ମା' ତା' ପୁଅ ଆଗରେ ଉଲଗ୍ନ ହେବାକୁ ଅନିଚ୍ଛୁକ ହେବା କଥା ଦେବୀ ରାଣୀଆଡୁ ଜାଣିଲେ ।




କୁଟିଆ କନ୍ଧ ପାଇଁ ଲୁଗା ବୁଣିବାକୁ ଦେବୀ ରାଣୀଆଡୁ ଜଣେ ଡମ୍ବ ଲୋକକୁ ନିର୍ଦ୍ଦେଶ ଦେଲେ । ଦେବୀ ସମ୍ପୃକ୍ତ ଡମ୍ବ ବ୍ୟକ୍ତିକୁ କହିଲେ, "ତତେ ଏମିତି ଏକ ଗଛ ଦେବି ଯେଉଁଠି ଅନ୍ୟ ଗଛ ଭଳି ଫୁଲରୁ ଫଳ ହେବନି ବରଂ ଫୁଲରୁ ଫୁଲ ହେବ ।" ଦେବୀ ରାଣୀଆଡୁ ଉକ୍ତ ଡମ୍ବ ଲୋକକୁ ଏକ କପା ଗଛ ବରଦାନ କରିଥିଲେ । ଏହି ବସ୍ତ୍ର କପାରୁ ବୁଣା ଯାଉଥିବାରୁ ଏହାକୁ କପ୍ତାଲୁଗା କୁହାଗଲା ।
ଏମାନଙ୍କ ବସ୍ତ୍ରର ଧଡ଼ିରେ ଧାନଗଛ, ଗଛଲଗା, ପକ୍ଷୀ ଓ ବିଭିନ୍ନ ଫୁଲର ଚିତ୍ର ରହିଥାଏ । ବିଭିନ୍ନ ପର୍ବପର୍ବାଣି ସମୟରେ କୁଟିଆ କନ୍ଧ ଧାଙ୍ଗିଡ଼ିମାନେ ।

## ସାନ୍ତାଳମାନଙ୍କ 'ଝେଲଖେଣ୍ଡି'

ସାନ୍ତାଳମାନେ ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାରେ ବସବାସ କରିଥାନ୍ତି । ଏହାବ୍ୟତୀତ ଓଡ଼ିଶାର ଅନ୍ୟାନ୍ୟ ସ୍ଥାନରେ କମ୍ ସଂଖ୍ୟାରେ ଦେଖିବାକୁ ମିଳନ୍ତି । ଓଡ଼ିଶା ବାହାରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆସାମ ଆଦି ରାଜ୍ୟରେ ଏବେ ବହୁ ସଂଖ୍ୟାରେ ବାସ କରନ୍ତି । ସାନ୍ତାଳମାନେ ସମଗ୍ର ଦେଶରେ ଦ୍ୱିତୀୟ ବୃହତ୍ତମ ଜନଜାତି ଗୋଷ୍ଠୀ । ସାନ୍ତାଳମାନେ ମଧ୍ୟ ନିଜର ପରିଧାନ ପାଇଁ ସ୍ୱତନ୍ତ୍ରତା ଲାଭ କରିଛନ୍ତି ।

ସାନ୍ତାଳମାନେ ଏକ ସ୍ୱତନ୍ତ୍ର ପାରମ୍ପରିକ କପଡ଼ା ପରିଧାନ କରିଥାନ୍ତି । ଏହାକୁ 'ଝେଲଖେଣ୍ଡି' କହନ୍ତି । ଏହା ବିଶେଷକରି ନାଲି, ଧଳା କିମ୍ବା ସବୁଜ ରଙ୍ଗର ଗାରଟଣା ଶାଢି ହୋଇଥାଏ । ପ୍ରକୃତରେ ଏହି ଶାଢୀର ନାଁ ହେଉଛି 'ଖେଣ୍ଡି' । ଏହି ଶାଢି ଅଧିକ ଲମ୍ବା (ଦୀର୍ଘ) ହୋଇଥିବାରୁ ଏହାର ନାମ 'ଝେଲଖେଣ୍ଡି' ହୋଇଥାଏ । ସାନ୍ତାଳୀ ଭାଷାରେ 'ଝେଲ୍'ର ଅର୍ଥ ଲମ୍ବା । ଏହି ଶାଢୀ ତେର ହାତ ପର୍ଯ୍ୟନ୍ତ ଲମ୍ବା ରହୁଥିବାରୁ ଏହାକୁ ଝେଲ୍‌ଖେଣ୍ଡି କୁହାଯାଏ । ସ୍ୱତନ୍ତ୍ର ଭାବେ କପା ତୁଳା ଭିଣାଯାଇ ସେଥିରୁ ପ୍ରସ୍ତୁତ ସୂତାରେ ଏହି ଶାଢି ବୁଣାଯାଏ ।

'ଖେଣ୍ଡି' ସହ 'ପନ୍‌ଛି' ମଧ୍ୟ ସାନ୍ତାଳମାନଙ୍କର ଅନ୍ୟ ପ୍ରମୁଖ ପାରମ୍ପରିକ ଶାଢୀ । ପରମ୍ପରା ଅନୁସାରେ ଝେଲ୍‌ଖେଣ୍ଡି ଶାଢୀର ଧଡ଼ି ସବୁଜ ଓ ଦେହ ସମ୍ପୂର୍ଣ୍ଣ ଧଳା ଓ ମୋଟା ହୋଇଥାଏ । ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଉପଖଣ୍ଡ ଅନ୍ତର୍ଗତ ହାଟବାଦଲା ଏବଂ ଝାଡ଼ଖଣ୍ଡର ଘାଟଶିଳା ଅଞ୍ଚଳରେ ସାନ୍ତାଳ ପୁରୁଷ ଓ ମହିଳାଙ୍କ ପାଇଁ ପ୍ରଚୁର ପରିମାଣରେ ଧୋତି ଓ ଶାଢି ମିଳିଥାଏ । ଏହି ଶାଢୀକୁ ସାନ୍ତାଳ ପୁରୁଷ ଓ ମହିଳାମାନେ ବିଭିନ୍ନ ପ୍ରକାର ଯାନିଯାତରା, ପର୍ବପର୍ବାଣି ଓ ବିବାହ କାର୍ଯ୍ୟରେ ପରିଧାନ କରିଥାନ୍ତି । ସାନ୍ତାଳୀମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିବାବେଳେ ଏହି ଶାଢୀ ପିନ୍ଧିଥାନ୍ତି ।

ସାନ୍ତାଳ ମହିଳାମାନେ ବିଭିନ୍ନ ରଙ୍ଗର ଶାଢି ପିନ୍ଧିଥାନ୍ତି । ଧଳା ରଙ୍ଗର ସୂତାକୁ 'ପେନେ' କୁହା ଯାଉଥିବା ବେଳେ ହଳଦିଆ ରଙ୍ଗର ସୂତାକୁ 'ସସଙ୍ଗ', ସବୁଜ ରଙ୍ଗର ସୂତାକୁ 'ହରିଆଲ୍', ନାଲି ରଙ୍ଗର ସୂତାକୁ 'ଆରିଅର' କୁହାଯାଏ ।

ସାନ୍ତାଳ ପୁରୁଷମାନେ ଧଳା, ସବୁଜ, ନାଲି ରଙ୍ଗର ପଟାପଟା ଦାଗ ଥିବା ଧୋତି

ପିନ୍ଧନ୍ତି, ଯାହାକୁ 'ପେନେକାଚା' କୁହାଯାଏ । ଏହାର ଲମ୍ବ ୭ ଫୁଟ ହୋଇଥିବା ବେଳେ ଓସାର ୪ ଫୁଟ୍ ହୋଇଥାଏ । ସାନ୍ତାଳ ପୁରୁଷମାନେ ଏକ ସ୍ୱତନ୍ତ୍ର ଗାମୁଛା ବ୍ୟବହାର କରନ୍ତି, ଯାହାର ନାମ 'ଫୁଟାକାଚା' । ଏହି ଗାମୁଛାର ଲମ୍ବ ୫ ଫୁଟ ଏବଂ ଓସାର ୨ ଫୁଟ ହୋଇଥାଏ ।

ସାନ୍ତାଳମାନେ ନିଜେ ପୋଷାକ ତିଆରି କରି ନଥାନ୍ତି । ସେମାନେ ଅନ୍ୟ ତନ୍ତବାୟ ସମ୍ପ୍ରଦାୟର ଲୋକ (ପାତ୍ରତନ୍ତି)ଙ୍କ ଠାରୁ ନିଜ ପସନ୍ଦ ମୁତାବକ ପୋଷାକ କିଣିଥାନ୍ତି । ଆଧୁନିକତାର ପ୍ରଭାବରେ ଏହି ଏହି ଶାଢୀରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଲାଣି । ଖେଣ୍ଡି ଶାଢୀ କପା ସୂତା ବ୍ୟତୀତ ଟସର ସୂତାରେ ମଧ୍ୟ ତିଆରି ହୋଇଥାଏ । ଏଣୁ ଏହି ଶାଢୀର ଦାମ୍ ପାଞ୍ଚଶହ ଟଙ୍କାରୁ ଆରମ୍ଭ କରି ପାଞ୍ଚ ହଜାର ଟଙ୍କା ପର୍ଯ୍ୟନ୍ତ ହୋଇଥାଏ । ସାନ୍ତାଳମାନଙ୍କର ଏହି ଖେଣ୍ଡି ଶାଢିକୁ ମୟୂରଭଞ୍ଜ, କେନ୍ଦୁଝର ଏବଂ ସିଂହଭୂମି ଜିଲ୍ଲାରେ ବୁଣାଯାଇଥାଏ ।

## ଗଦବାଙ୍କ 'କେରଙ୍ଗ ଶାଢି'

ନାଲି, ଧଳା ଓ ନୀଳ ରଙ୍ଗର ପଟାପଟା ଚିହ୍ନ ଥିବା କେରଙ୍ଗ (କିସ୍‌ଲାଗ) ଶାଢି ହିଁ ଗଦବା ମହିଳାଙ୍କର ପରିଚୟ । ଏ ପ୍ରକାର କପଡ଼ା ପିନ୍ଧିଥିବା ମହିଳାମାନଙ୍କୁ ଖୁବ୍ ଦୂରରୁ ଚିହ୍ନିହୁଏ । ଗଦବାଙ୍କ ପାରମ୍ପରିକ କେରଙ୍ଗ ଶାଢିର ଦେଶବିଦେଶରେ ବି ପରିଚୟ ରହିଛି । ଗଦବାମାନେ କେରଙ୍ଗ ଶାଢିକୁ ହାଟବଜାରରୁ ନ କିଣି ବରଂ ନିଜେ ବୁଣିଥାନ୍ତି ।

କୋରାପୁଟ ଜିଲ୍ଲାର ଲମତାପୁଟ, ବୈପାରୀଗୁଡ଼ା, ନନ୍ଦପୁର, ସେମିଳିଗୁଡ଼ା ଆଦି ବ୍ଲକରେ ଗଦବା ଜନଜାତିର ଲୋକେ ବସବାସ କରନ୍ତି । ଗଦବାମାନେ ଯେଉଁ ସ୍ୱତନ୍ତ୍ର ପୋଷାକ ପରିଧାନ କରନ୍ତି, ତାହାର ନାମ ହେଉଛି 'କିସଲାଗ' । ସ୍ଥାନୀୟ ଅଞ୍ଚଳରେ ଏହାକୁ 'କେରଙ୍ଗ' ବୋଲି କହନ୍ତି । ନାଲି, ନୀଳ ଏବଂ ଧଳା ରଙ୍ଗର ପଟାପଟା ଗାର ଥିବା ଏହି ଖଦି କପଡ଼ା ଗଦବାମାନଙ୍କର ଅତି ପ୍ରିୟ । ପର୍ବପର୍ବାଣି ଏବଂ ନୃତ୍ୟ ପରିବେଷଣ ସମୟରେ ଗଦବା ମହିଳାମାନେ 'କିସଲାଗ' ପରିଧାନ କରିଥାନ୍ତି । କିସ୍‌ଲାଗର ଲମ୍ବ ଦୁଇରୁ ତିନି ଫୁଟ ହୋଇଥିବାବେଳେ ଓସାର ଦେଢ଼ ଫୁଟ ହୋଇଥାଏ । ଗଦବା ପୁରୁଷମାନେ ଯେଉଁ କପଡ଼ା ପିନ୍ଧନ୍ତି, ତାକୁ 'ଗାମ୍‌ଚା' କୁହାଯାଏ । ଗଦବାମାନେ ନିଜେ ନିଜର କପଡ଼ା ପ୍ରସ୍ତୁତ କରିଥାନ୍ତି । ସେମାନେ ଅନ୍ୟମାନଙ୍କଠାରୁ କପଡ଼ା କିଣି ନଥାନ୍ତି । ଆଧୁନିକତା ପ୍ରଭାବରେ ଗଦବା ଯୁବକ, ଯୁବତୀମାନେ ବଜାରରୁ ବିଭିନ୍ନ ପ୍ରକାର କପଡ଼ା କିଣି ପନ୍ଧିଲେଣି । କିନ୍ତୁ ପର୍ବପର୍ବାଣି ଓ ନୃତ୍ୟ ସଙ୍ଗୀତ ପରିବେଷଣ ସମୟରେ ଗଦବା ସେମାନଙ୍କର ପାରମ୍ପରିକ କେରଙ୍ଗ ଶାଢୀ ପିନ୍ଧିବା ବାଧ୍ୟତାମୂଳକ ହୋଇଥାଏ । କେରଙ୍ଗ ଶାଢି ଗଦବାଙ୍କ ସାଂସ୍କୃତିକ ଓ ସାମାଜିକ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।


କପଡ଼ାଗଡ଼ା
ଡଙ୍ଗରିଆ କନ୍ଧ

କେରଙ୍ଗ ଗଛର ସୂତାରୁ କେରଙ୍ଗ ଶାଢି ବୁଣା ଯାଇଥାଏ । ପ୍ରାକୃତିକ ରଙ୍ଗରେ ଚିତ୍ରିତ ଏହି ଶାଢି ଖୁବ୍ ଆକର୍ଷଣୀୟ ହୋଇଥାଏ । କେରଙ୍ଗ ନାମକ ଏକ ଛୋଟ ଗଛର ଛାଲି ସଂଗ୍ରହ କରି ସ୍ଥିର ପାଣିରେ କିଛି ଦିନ ବତୁରାଇ ଓ ଶୁଖାଇ ଗଦବା ପୁରୁଷମାନେ ସେଥିରୁ ସୂତା ବାହାର କରିଥାନ୍ତି । କେରଙ୍ଗ ଗଛ ଦେଖିବାକୁ ନଳିତା ଗଛ ଭଳି । ନଳିତାକୁ ଲୋକେ ବିଲବାଡ଼ିରେ ଚାଷ କରୁଥିବାବେଳେ କେରଙ୍ଗ ଆପଣା ଛାଏଁ ଜଙ୍ଗଲରେ ବହୁ ପରିମାଣରେ ବଢିଥାଏ । ଗଦବାମାନେ ଜଙ୍ଗଲରୁ କେରଙ୍ଗ ଗଛ ସଂଗ୍ରହ କରି ତାକୁ ପାଣିରେ ବତୁରେଇ ରଖନ୍ତି । କିଛିଦିନ ପରେ ଏହାକୁ କାଠରେ ପିଟି ପିଟି ସେଥିରୁ ଝୋଟ ବାହାର କରନ୍ତି । ଏହି ଝୋଟକୁ ବଳି ସୂତା ପ୍ରସ୍ତୁତ କରନ୍ତି ଏବଂ ସୂତାରୁ ଲୁଗା ବୁଣନ୍ତି । 'କେରଙ୍ଗ' ଶବ୍ଦଟି ଗଦବା ଭାଷାର ନୁହେଁ । କୋରାପୁଟର ଦେଶିଆ ଭାଷାରେ 'କେରଙ୍ଗ' କୁହାଯାଉଥିବା ବେଳେ ଗଦବା ଭାଷାରେ ଏହାକୁ 'କିସ୍‌ଲାଗ' କୁହାଯାଏ ।

କେରଙ୍ଗ ସୂତା କପା ସୂତା ଭଳି ଏତେ କୋମଳ ନୁହେଁ କି ଶକ୍ତ ନୁହେଁ । କେବଳ ମହିଳାମାନେ କେରଙ୍ଗ ଶାଢି ବୁଣିଥାନ୍ତି । ପାରମ୍ପରିକ ତନ୍ତ ସହାୟତାରେ ଏ ଶାଢି ବୁଣା ଯାଇଥାଏ । ଲୁଗା ବୁଣାବୁଣି ପାଇଁ ଗଦବା ମହିଳାମାନେ କୁର୍ଣ୍ଣୁ, ସାଇଗୁଡ଼ାଇ, ଟେଗ୍‌ନି, ଜେରା, କୁଟିଆଦାଣ୍ଡି (ତନ୍ତ) ଭଳି ପାରମ୍ପରିକ ତନ୍ତ ସାମଗ୍ରୀ ବ୍ୟବହାର କରନ୍ତି । ଗଦବା ମହିଳାମାନେ 'ଝିନାକାଠି' ସହାୟତାରେ ସୂତା ବୁଣିଥାନ୍ତି । ଗଦବା ମହିଳାମାନେ ସୂତାକୁ ନାଲି ଓ ନୀଳ ପ୍ରାକୃତିକ ରଙ୍ଗରେ ରଙ୍ଗେଇଥାନ୍ତି । ଏହି ଦୁଇଟି ରଙ୍ଗକୁ ଗଦବା ମହିଳାମାନେ ଜଙ୍ଗଲରୁ ସଂଗୃହୀତ ଫଳ, ପତ୍ର, ମଞ୍ଜି ଓ ଛାଲିରୁ ପ୍ରସ୍ତୁତ କରିଥାନ୍ତି । କୌଣସି ରାସାୟନିକ ଦ୍ରବ୍ୟ ବ୍ୟବହାର କରି ନଥାନ୍ତି ।

ଗଦବା ମହିଳାମାନେ କେରଙ୍ଗ ଶାଢୀକୁ ଦୁଇଟି ଖଣ୍ଡରେ ପିନ୍ଧିଥାନ୍ତି । କିନ୍ତୁ ଏହା ଉପରକୁ ଗୋଟିଏ ଶାଢୀ ଭଳି ଦିଶିଥାଏ । ପୂର୍ବରୁ ଗଦବା ସ୍ତ୍ରୀଲୋକମାନେ ସବୁ ସମୟରେ କେରଙ୍ଗ ପିନ୍ଧୁଥିଲେ । ମାତ୍ର, ବର୍ତ୍ତମାନ କେବଳ ପର୍ବପର୍ବାଣି ଓ ଯାନିଯାତ୍ରା ସମୟରେ ଏହାକୁ ପରିଧାନ କରିଥାନ୍ତି । ଗଦବାମାନେ କେରଙ୍ଗରେ ବ୍ୟବହାର କରୁଥିବା ପ୍ରାକୃତିକ ରଙ୍ଗ ଏତେ ଦୀର୍ଘସ୍ଥାୟୀ ଯେ, ଏହା ଶହେ ବର୍ଷ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଥାଏ । ଏ ରଙ୍ଗ ଏତେ ଶୀଘ୍ର ଫିକା ପଡ଼ି ନଥାଏ ।

ଝିଅ ବାହାଘର ବେଳେ ଗଦବାମାନେ କେରଙ୍ଗ ଉପହାର ଦେଇଥାନ୍ତି । ଗଦବାମାନେ ଏ ଶାଢିକୁ ଅନ୍ୟକୁ ବିକ୍ରି କରିବା ଉଦ୍ଦେଶ୍ୟରେ ବୁଣି ନଥାନ୍ତି ।

## ବଣ୍ଡାମାନଙ୍କ 'ରିଙ୍ଗା'

ବଣ୍ଡାମାନେ ମାଲ୍‌କାନଗିରି ଜିଲ୍ଲାର ଖଇରପୁଟ ବ୍ଲକରେ ବସବାସ କରିଥାନ୍ତି । ଅତୀତରେ ବଣ୍ଡା ବସ୍ତ୍ର ପରିଧାନ କରୁ ନଥିଲା । ଶରୀରକୁ କେବଳ ବିଭିନ୍ନ ପ୍ରକାର ମାଳି ଦ୍ୱାରା ଘୋଡ଼ାଉଥିଲା । ପରେ ପରେ ଏମାନେ ଏକ ପ୍ରକାର ଛୋଟ କପଡ଼ା ପିନ୍ଧିଲେ । ଏହାକୁ 'ରିଙ୍ଗା' କୁହାଗଲା । ରିଙ୍ଗାର ଆକାର ଆଠରୁ ଦଶ ଇଞ୍ଚ ଓସାର ଏବଂ ଦୁଇରୁ ତିନି ଫୁଟ ଲମ୍ବ ହୋଇଥାଏ । ରିଙ୍ଗାକୁ ବଣ୍ଡା ଭାଷାରେ 'ନିଡ଼କ' କୁହାଯାଇଥାଏ ।

ବଣ୍ଡା ଘାଟିରେ ମିଳୁଥିବା ସୀତାକୁଡ଼ି ଏବଂ କେରଙ୍ଗ ଗଛର ଛାଲିରୁ ସୂତା ପ୍ରସ୍ତୁତ କରାଯାଇଥାଏ । ଗଦବାଙ୍କ ଭଳି ବଣ୍ଡାମାନେ ସୀତାକୁଡ଼ି କିମ୍ବା କେରଙ୍ଗ ଗଛକୁ ପାଣିରେ କିଛିଦିନ ବୁଡ଼ାଇ ରଖି ସେଥିରୁ ଝୋଟ


ସାନ୍ତାଳଙ୍କ ପରିଧାନ

ପ୍ରସ୍ତୁତ କରିଥାନ୍ତି । ସୀତାକୁଡ଼ି ଏବଂ କେରଙ୍ଗ ଗଛ ଦେଖିବାକୁ ନଳିତା ଗଛ ଭଳି । ସୀତାକୁଡ଼ି ଏବଂ କେରଙ୍ଗ ଗଛରୁ ଝୋଟ ବାହାର କରିବା ପରେ ଏହାକୁ ଖରାରେ କିଛି ଦିନ ଶୁଖାଇ ଦିଅନ୍ତି । ପରେ ଏହି ଝୋଟରେ ନୀଳ, କଳା, ନାଲି, ସବୁଜ, ନାରଙ୍ଗୀ ଭଳି ବିଭିନ୍ନ ପ୍ରକାର ପ୍ରାକୃତିକ ରଙ୍ଗ ଦେଇଥାନ୍ତି । କାଠ ଓ ବାଉଁଶରେ ନିର୍ମିତ ପାରମ୍ପରିକ ହସ୍ତତନ୍ତରେ ବଣ୍ଡା ରମଣୀମାନେ ରିଙ୍ଗା ବୁଣିଥାନ୍ତି । ଲୁଗା ବୁଣାବୁଣି କାମରେ ବଣ୍ଡା ପୁରୁଷମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ନଥାନ୍ତି । ବଣ୍ଡାମାନେ ରିଙ୍ଗା ବୁଣିବା ପାଇଁ ଗୁନୁରୁ, ବୁଡେନ୍, ସେଲୋନଇ, ତୁନୁକ, ଡାଇପନା ଆଦି ତନ୍ତ ସାମଗ୍ରୀର ବ୍ୟବହାର କରିଥାନ୍ତି ।

ବଣ୍ଡା ମହିଳାମାନେ ଅଣ୍ଟା ତଳକୁ ଯେଉଁ ଛୋଟ କପଡ଼ା ପରିଧାନ କରିଥାନ୍ତି, ତାକୁ ରିଙ୍ଗା କୁହାଯାଉଥିବାବେଳେ ପୁରୁଷକମାନେ ଏକ କୌପୀନ ପିନ୍ଧନ୍ତି, ତାହାକୁ 'ଗାମ୍ଚା' କହନ୍ତି । ମହିଳାମାନେ ନିଜ ଶିଶୁଙ୍କୁ ବୋହିବା ପାଇଁ ବେକରେ ଏକ କପଡ଼ାର ଝୁଲା ବ୍ୟବହାର କରିଥାନ୍ତି । ବାହାଘର ଓ ବିଭିନ୍ନ ପର୍ବପର୍ବାଣି ସମୟରେ ବଣ୍ଡା ମହିଳାମାନେ ରିଙ୍ଗା ପରିଧାନ କରିଥାନ୍ତି । ବିଶେଷକରି ହାଟକୁ ଗଲାବେଳେ ବଣ୍ଡା ପୁରୁଷ ଓ ମହିଳାମାନେ ସେମାନଙ୍କର ଏହି ପାରମ୍ପରିକ ପୋଷାକ ପରିଧାନ କରିଥାନ୍ତି । ବଣ୍ଡା ମହିଳାମାନେ ରିଙ୍ଗା ପିନ୍ଧି ଖଇରପୁଟ ନିକଟସ୍ଥ ଅନ୍‌କାଡେଲି ହାଟକୁ ସଉଦା କରିବାକୁ ଆସନ୍ତି ।

## ଓରାମ୍, କିଶାନ୍‌ଙ୍କ 'ମାଇଶାଢ଼ି'

ସୁନ୍ଦରଗଡ଼ ଜିଲ୍ଲାରେ ବସବାସ କରୁଥିବା ଓରାମ୍, କିଶାନ ସମ୍ପ୍ରଦାୟର ଆଦିବାସୀମାନେ ଏକ ସ୍ୱତନ୍ତ୍ର ଖଦଡ଼ ଶାଢ଼ି ପରିଧାନ କରିଥାନ୍ତି । ଏହାକୁ 'ମାଇଶାଢ଼ି' କୁହାଯାଏ । ପଡ଼ୋଶୀ ଛତିଶଗଡ଼ର ତପକେରା ଅଞ୍ଚଳର ମହାକୁଳ ଜାତିର ଲୋକମାନେ ଏ ଧରଣର 'ମାଇଶାଢ଼ି' ବୁଣିଥାନ୍ତି । ଓରାଂ, କିଶାନ୍ ସମ୍ପ୍ରଦାୟର ଆଦିବାସୀମାନେ ଛତିଶଗଡ଼ର ମହାକୁଳ ଲୋକଙ୍କ ଠାରୁ ଏ ଶାଢ଼ି କିଣିଥାନ୍ତି । ଏ ଶାଢ଼ି ଅତି ମୋଟା ହୋଇଥାଏ । କରମା, ହୋଲି, ଆମଗୁଡ଼ି, ନୂଆଖାଇଁ ଭଳି ପର୍ବପର୍ବାଣି ପାଳନ ସମୟରେ ଓରାଂ, କିଶାନ ମହିଳାମାନେ ଏହି ଖଦଡ଼ ଶାଢ଼ି ପରିଧାନ କରିଥାନ୍ତି ।

## ଡିଡାୟୀଙ୍କ 'କିସାଲୁ'

ଓଡ଼ିଶାର ପୂର୍ବଘାଟ ପର୍ବତମାଳା ଅନ୍ତର୍ଗତ ମାଲ୍‌କାନଗିରି ଜିଲ୍ଲାରେ ଡିଡାୟୀ ସମ୍ପ୍ରଦାୟର ଆଦିବାସୀମାନେ ବସବାସ କରିଥାନ୍ତି । ବିଭିନ୍ନ ପର୍ବପର୍ବାଣି ଓ ଯାନିଯାତରା ସମୟରେ ଡିଡାୟୀମାନେ ଏକ ସ୍ୱତନ୍ତ୍ର ହସ୍ତତନ୍ତ ଖଦଡ଼ ଶାଢ଼ି ପରିଧାନ କରିଥାନ୍ତି । ଏହାକୁ 'କିସାଲୁ' କୁହାଯାଏ । ଏକ ଜଙ୍ଗଲୀ ଗଛର ବକଳରୁ ସୂତା ପ୍ରସ୍ତୁତ କରି ଡିଡାୟୀମାନେ 'କିସାଲୁ' ଶାଢ଼ି ବୁଣିଥାନ୍ତି । କିସାଲୁ ଶାଢ଼ି ସାନ୍ତାଳୀଙ୍କ ଝେଲଖଣ୍ଡି ଭଳି ଅତି ଦୀର୍ଘ ହୋଇଥାଏ । ଏହାର ରଙ୍ଗ ଧଳା, ଲାଲ୍ କିମ୍ବା ଧୂସର ହୋଇଥାଏ ।

## ଲାଞ୍ଜିଆ ସଉରାଙ୍କ 'କାବ୍'

ଓଡ଼ିଶାର ପୂର୍ବଘାଟ ପର୍ବତମାଳା ଅନ୍ତର୍ଗତ ରାୟଗଡ଼ା ଓ ଗଜପତି ଜିଲ୍ଲାରେ ଲାଞ୍ଜିଆ ସଉରାମାନେ ବସବାସ କରନ୍ତି । ଅନ୍ୟ ଜନଜାତିଙ୍କ ଭଳି ଲାଞ୍ଜିଆ ସଉରାଙ୍କର ସ୍ୱତନ୍ତ୍ର ପରିଧାନ ରହିଛି । ଲାଞ୍ଜିଆ ସଉରାମାନେ ନିଜେ ପୋଷାକ ବୟନ କରି ନଥାନ୍ତି । ପୋଷାକ ପାଇଁ ସେମାନେ ପଡ଼ୋଶୀ ପାଣ, ଡମ୍ ସମ୍ପ୍ରଦାୟ କିମ୍ବା ଆନ୍ଧ୍ର ପ୍ରଦେଶର ବୁଣାକାରଙ୍କ ଉପରେ ନିର୍ଭର କରିଥାନ୍ତି । ତେବେ ଲାଞ୍ଜିଆ ସଉରାମାନେ ନିଜନିଜ ଦେବଦେବୀଙ୍କ ସମ୍ମାନାର୍ଥେ ଏବଂ ପର୍ବପର୍ବାଣି ଅନୁସାରେ ନିଜନିଜର ପୋଷାକ ପରିଧାନ କରିଥାନ୍ତି ।

ପୁରୁଷମାନଙ୍କ ସ୍ୱତନ୍ତ୍ର ପରିଧାନ ଶୈଳୀରୁ ହିଁ ଲାଞ୍ଜିଆ ସଉରାଙ୍କୁ ସହଜରେ ଚିହ୍ନି ହୋଇଯାଏ । ଲାଞ୍ଜିଆ ସଉରା ପୁରୁଷମାନେ ସେମାନଙ୍କ ଛୋଟ କୌପୀନ ଏବଂ ତଳକୁ ଝୁଲି ରହୁଥିବା ଲମ୍ବା କପଡ଼ା ଏବଂ ମୁଣ୍ଡରେ ପିନ୍ଧୁଥିବା ପକ୍ଷୀଙ୍କ ପର ଟୋପି ପାଇଁ ପରିଚିତ । ସଉରା ପୁରୁଷମାନଙ୍କର ଆଗ ପଟେ କିମ୍ବା ପଛ ପଟେ ଲମ୍ବା କପଡ଼ା ତଳକୁ ଝୁଲି ରହୁଥିବାରୁ ଏହା ଲାଞ୍ଜର ଭ୍ରମ ସୃଷ୍ଟି କରିଥାଏ । ଏଣୁ ଏମାନଙ୍କୁ ଲାଞ୍ଜିଆ ସଉରା କୁହାଯାଏ । ଲାଞ୍ଜିଆ ସଉରା ପୁରୁଷମାନେ ତିନିଖଣ୍ଡ କପଡ଼ା ପରିଧାନ କରିଥାନ୍ତି । ସେଗୁଡ଼ିକ ହେଉଛନ୍ତି– ଉଲିଆ କାବ୍, ରେରେଡ଼ୁଲ କାବ୍ ଏବଂ ଜାରିନା କାବ୍ । ଉଲିଆ କାବ୍ ହେଉଛି ଧଳା ରଙ୍ଗର ଏକ ଲମ୍ବା ଖଦି କପଡ଼ା ଏବଂ ଏହାର ନିମ୍ନ ଭାଗ ନାଲି ରଙ୍ଗର ହୋଇଥାଏ । ଉଲିଆ କାବ୍‌ର ଲମ୍ବ ୬ ଫୁଟ ହୋଇଥିବାବେଳେ ଓସାର ପାଖାପାଖି ୧୦ ଇଞ୍ଚ୍ ପର୍ଯ୍ୟନ୍ତ ହୋଇଥାଏ । ଏହା ପୁରୁଷମାନଙ୍କ ଆଗପଟେ ଅଣ୍ଟାର ତଳକୁ ଗୋଡ଼ ପର୍ଯ୍ୟନ୍ତ ଝୁଲି ରହିଥାଏ । ସେହିଭଳି ଲାଞ୍ଜିଆ ସଉରା ମହିଳାମାନେ ଦୁଇଟି କପଡ଼ା ପରିଧାନ କରନ୍ତି । ସେଗୁଡ଼ିକ ହେଲେ– ଗାତୁନ୍ କାବ୍ ଓ ଜାରିନା ପାଲ୍‌ନା କାବ୍ । ଲାଞ୍ଜିଆ ସଉରା ମହିଳାମାନେ ଦୁଇ ଖଣ୍ଡ କପଡ଼ା ପିନ୍ଧିଥାନ୍ତି । ଗୋଟିଏ କପଡ଼ା ଅଣ୍ଟା ତଳେ ପିନ୍ଧିଥାନ୍ତି ଏବଂ ଏହାକୁ ସେମାନେ ଅଣ୍ଟାରେ ଗୁଡ଼ାଇଥାନ୍ତି । ଏହି କପଡ଼ାଟି ଆଣ୍ଠୁ ଉପରକୁ ରହିଥାଏ । ଏହି କପଡ଼ାର ଲମ୍ବ ୩ ଫୁଟ ଓ ଓସାର ୨ ଫୁଟ୍ ହୋଇଥାଏ । ଅନ୍ୟ କପଡ଼ାଟି ଛାତି ଉପରେ ଘୋଡ଼େଇ ଥାନ୍ତି । ସ୍ଥଳବିଶେଷରେ ମହିଳାମାନେ ଛାତି ଉପରେ ବ୍ଲାଉଜ୍ ମଧ୍ୟ ପିନ୍ଧିଥାନ୍ତି । ଲାଞ୍ଜିଆ ସଉରା ପୁରୁଷମାନେ ମହିଳାମାନଙ୍କ ପରି ବିଭିନ୍ନ ଅଳଙ୍କାର ପିନ୍ଧିଥାନ୍ତି । ମହିଳାମାନେ କାନରେ କରାଯାଇଥିବା କଣାରେ ଗୋଲାକୃତି କାଠକୁ ଅଳଙ୍କାର ଭାବେ ବ୍ୟବହାର କରିଥାନ୍ତି ।

## ଗଣ୍ଡମାନଙ୍କ ଧଳା ଧୋତି ଓ ନୀଳ ସାର୍ଟ

ଓଡ଼ିଶାର ନୂଆପଡ଼ା ଓ ନବରଙ୍ଗପୁର ଜିଲ୍ଲାରେ ଗଣ୍ଡ ସମ୍ପ୍ରଦାୟର ଆଦିବାସୀ ବହୁଳ ସଂଖ୍ୟାରେ ବସବାସ କରନ୍ତି । ଗଣ୍ଡମାନେ ନିଜର ପୋଷାକ ନିଜେ ତିଆରି କରନ୍ତି ନାହିଁ । ସେମାନେ ଡମ୍, ପାଣି ଆଦି ଦଳିତ ସମ୍ପ୍ରଦାୟଙ୍କ ଠାରୁ ପୋଷାକ କିଣିଥାନ୍ତି । ଗଣ୍ଡମାନେ ଧଳା ରଙ୍ଗର ଧୋତି, ଗଞ୍ଜି ଏବଂ ଗାମୁଛା ପରିଧାନ କରନ୍ତି । ପର୍ବପର୍ବାଣି, ଯାନିଯାତ୍ରା ଓ ବିବାହ ଉତ୍ସବ ସମୟରେ ଗଣ୍ଡ ପୁରୁଷମାନେ ନୀଳ କିମ୍ବା କଳା ରଙ୍ଗର ସ୍ୱତନ୍ତ୍ର ସାର୍ଟ ପରିଧାନ କରନ୍ତି । ଧୋତିକୁ ଅଣ୍ଟାରେ ଗୁଡ଼େଇ ଗୋଟିଏ ମୁଣ୍ଡକୁ ପଛରେ କଛା ଭିଡ଼ିଥାନ୍ତି । ଗଣ୍ଡ ମହିଳାମାନେ ଖଦଡ଼ ଶାଢ଼ି ପରିଧାନ କରନ୍ତି । ମହିଳାମାନେ ଶାଢ଼ିର ଗୋଟିଏ ଅଂଶକୁ ଅଣ୍ଟାରେ ପିନ୍ଧି ଶାଢ଼ିର ବଳକା ଭାଗକୁ ବେକରେ ଗୁଡ଼େଇ ଛାତିକୁ ଆବୃତ୍ତ କରିଥାନ୍ତି ।

ଆଦିବାସୀମାନେ ନିଜର ପୋଷାକ ଓ ପରିଧାନ ପାଇଁ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର । କିନ୍ତୁ ମିଛ ଆଧୁନିକତାର ଆଳରେ ଏବେ ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରା ବିପନ୍ନ ହୋଇ ପଡ଼ିଛି । ଏହା ସହିତ ବିପନ୍ନ ହୋଇଛି ସେମାନଙ୍କ ପରିଧାନ । ଆଜି ଆଦିବାସୀ ମହିଳାମାନେ ଅନ୍ୟ ସାଧାରଣ ବର୍ଗର ମହିଳାଙ୍କ ଭଳି ପଲିଷ୍ଟର, ଟେରିକଟନ୍ ଶାଢ଼ି ପିନ୍ଧୁଛନ୍ତି । ଯୁବକ ଓ ପୁରୁଷମାନେ ପ୍ୟାଣ୍ଟ, ସାର୍ଟ ଓ ଜିନ୍‌ସ୍ ପିନ୍ଧିଲେଣି । କିନ୍ତୁ ପର୍ବପର୍ବାଣି ଓ ସାଂସ୍କୃତିକ ଅନୁଷ୍ଠାନ ସମୟରେ ପାରମ୍ପରିକ ପୋଷାକ ପିନ୍ଧିବାକୁ ଭୁଲୁନାହାନ୍ତି । ଏହା ହିଁ ଗୋଟିଏ ଛୋଟିଆ ଆଶ୍ୱାସନା, ଆମ ସମସ୍ତଙ୍କ ପାଇଁ ।




**Jayadurga Homecare Products Pvt. Ltd.**
**Mancheswar, Bhubaneswar**
**Customer Care : 9861049796, 9238349796**

ପ୍ରସଙ୍ଗ-୪

# କୋୟା ଜନଜାତି ସମୃଦ୍ଧ ସଂସ୍କୃତି



# କୋୟା ଲୋକସଂସ୍କୃତି ଓ ସାହିତ୍ୟ


**ଡକ୍ଟର ଦେବାଶିଷ ପାତ୍ର**

ସହଯୋଗୀ ପ୍ରଫେସର

ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର,

ବାଲେଶ୍ୱର-୭୫୬୦୮୯,

ଫୋନ:୭୯୭୮୯୦୩୩୪୫




ଲେଖକ ଡ. ଦେବାଶିଷ ପାତ୍ର

ସଂସ୍କୃତି ହେଉଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକମାନଙ୍କର ଏକ ବିଶେଷ ଗୁଣ; ଯାହା ସେମାନଙ୍କ ଭାଷା, ଧର୍ମ, ସାମାଜିକ ଚଳଣି, ସଂଗୀତ, କଳା, ସାହିତ୍ୟ ଦ୍ୱାରା ପ୍ରତିଭାତ । ତେଣୁ ସଂସ୍କୃତିର ବ୍ୟାପକତାକୁ ଅନୁଭବ କରି କୁହାଯାଇପାରେ ପରମ୍ପରାକୁ ଅତିକ୍ରମ କରିବାର ଏହା ଏକ ଅବିଚ୍ଛିନ୍ନ ଇତିବୃତ୍ତ । ମାତ୍ର ଜନଜାତିର ସଂସ୍କୃତି କ୍ଷେତ୍ରକୁ ବିଚାର କଲେ ମନେହୁଏ ସେମାନେ ପ୍ରଥାବଦ୍ଧ ମୂଳଦୁଆ ଉପରେ ଛିଡ଼ାହୋଇ ଜାତୀୟ ଯୋଗସୂତ୍ରରୁ ବିଚ୍ଛିନ୍ନ ହୋଇ ଏକ ନିରବଚ୍ଛନ୍ନ ଧାରାରେ ବାଟ ଚାଲନ୍ତି । ଅନ୍ୟ ସାଂସ୍କୃତିକ କ୍ଷେତ୍ର ଠାରୁ ଜନଜାତିର ସାଂସ୍କୃତିକ କ୍ଷେତ୍ର ସାମୂହିକ କାର୍ଯ୍ୟଧାରା ଓ ମାନସିକତା ଉପରେ ପର୍ଯ୍ୟବେସିତ । ବୋଧହୁଏ ଏହି କାରଣରୁ ସେମାନଙ୍କ ସଂସ୍କୃତିର ଅନେକ ପ୍ରତିବନ୍ଧକ ସତ୍ତ୍ୱେ ଅଧୋଗମନ ଘଟିନାହିଁ । ଲୋକସଂସ୍କୃତି ଓ ଲୋକସାହିତ୍ୟ ମଧ୍ୟ ପରସ୍ପର ସମ୍ପର୍କିତ । କାରଣ ଲୋକସାହିତ୍ୟ ହେଉଛି ଲୋକସଂସ୍କୃତିର ଉପାଦାନ । ପୁନଶ୍ଚ ଆଦିବାସୀର ଜୀବନ ଦର୍ଶନ ଭୂକୈନ୍ଦ୍ରିକ ଓ ଅରଣ୍ୟର ଭାବକେନ୍ଦ୍ର ସହିତ ନିବିଡ଼ ଥିବାରୁ ତା'ର ସଂସ୍କୃତି ଓ ସାହିତ୍ୟରେ ପ୍ରକୃତିର ନିରବଚ୍ଛିନ୍ନ ପ୍ରବାହ ଦେଖିବାକୁ ମିଳେ । ଓଡ଼ିଶାର ଜନଜାତିକ ସଂସ୍କୃତି ଓ ସାହିତ୍ୟ ଏକାପରି ମନେ ହେଉଥିଲେ ବି ସେଥିରେ ଅନେକ କିଛି ପ୍ରଭେଦ ରହିଛି । ସେହି ବିଭିନ୍ନତା ହିଁ ତାଙ୍କର ବୈଶିଷ୍ଟ୍ୟ । ଅତଏବ ଓଡ଼ିଶାର ଜନଜାତିଙ୍କ ମଧ୍ୟରୁ ଆମେ 'କୋୟା' ଜନଜାତିଙ୍କ ସଂସ୍କୃତି ଓ ସାହିତ୍ୟ ବିଷୟରେ ଚର୍ଚ୍ଚା କରିବା ଯାହା ତାଙ୍କର ସ୍ୱତନ୍ତ୍ରତା ଦର୍ଶାଇବାକୁ ଯଥେଷ୍ଟ ।

ଓଡ଼ିଶାର ଜନଜାତି ତାଲିକାରେ ଏକଚାଳିଶତମ ସଂଖ୍ୟାରେ ଚିହ୍ନିତ 'କୋୟା' ଜନଜାତି ମାଲକାନଗିରି ଏକ ପ୍ରମୁଖ ଜନଜାତି ଗୋଷ୍ଠୀ । ପ୍ରତ୍ନତାତ୍ତ୍ୱିକ ଗବେଷଣା କହେ ତାଙ୍କ ପୂର୍ବପୁରୁଷ ଛତିଶଗଡ଼ର ବସ୍ତର ଜିଲ୍ଲାରେ ଥିବା 'କୋଇ' ଏବଂ 'ଗଣ୍ଡୱାନା' ଅଞ୍ଚଳରୁ ପ୍ରାଚୀନ ସମୟରୁ ଆସି ମାଲକାନଗିରିରେ ବସତି ସ୍ଥାପନ କରିଛନ୍ତି । ତେବେ ଆନ୍ଧ୍ରପ୍ରଦେଶରେ ସେମାନେ 'କୋୟାରାଜୁ' ଏବଂ ଛତିଶଗଡ଼ରେ ସେମାନେ 'ମାଡ଼ିଆ' ଭାବରେ ପରିଚିତ ।

କୋୟାମାନେ ନିଜକୁ 'କୋଏତୁର' ବୋଲି କହିଥାନ୍ତି; ଯାହାର ଅର୍ଥ 'ମଣିଷ' । ଶ୍ରେଣୀ ବିଭାଗ ଦୃଷ୍ଟିରୁ କୋୟାମାନେ ଚାରିଭାଗରେ ବିଭକ୍ତ; ଯଥା: (୧) ଗଡ୍ଡେର, (୨) ମେଟାତର, (୩) ଗମ୍ପିନାର, (୪) ବଡ଼ଭୂମ । ତେବେ କୋୟା ସମାଜରେ ପାଞ୍ଚପ୍ରକାର ପାରିବାରିକ ସଂଜ୍ଞା ଦେଖିବାକୁ ମିଳେ, ସେସବୁ ହେଲା- ମାଡ଼କାମି, ମାଡ଼ି, ପଡ଼ିଆମୀ, କଓ୍ୱାସୀ, ସୋଢ଼ି । ଗୋତ୍ର ଦୃଷ୍ଟିରୁ କୋୟାମାନଙ୍କର ଅନେକ ଉପଜାତି ରହିଛି; ଯଥା- ବାର୍ସେ, ଓଡ଼ି, ନାକାଲୋଡ଼, ମୁଦୁରିକ ଇତ୍ୟାଦି ।

ଗ୍ରାମୀଣ ବ୍ୟବସ୍ଥା ଓ ଗ୍ରାମଗୁଡ଼ିକର ଅବସ୍ଥିତି ବିଚାର କଲେ କୋୟାମାନଙ୍କର ସ୍ୱାତନ୍ତ୍ରତା ବାରି ହୋଇପଡ଼େ । କାରଣ କୋୟା ଗାଁଗୁଡ଼ିକ ଅନ୍ୟ ଆଦିବାସୀ ଗାଁ'ଠାରୁ ଆକାରରେ ବଡ଼ । ପ୍ରତି ଘରର ଚାରିପଟେ ବାଡ଼ ବୁଲିଥାଏ । ଗାଁ'ର ଗୋଟିଏ ମୁଣ୍ଡରେ ଥାଏ ପଥର ଓ କାଠର ସ୍ମୃତି ସ୍ତମ୍ଭ । ଗାଁ'ର ମଧ୍ୟ ଭାଗରେ ଥାଏ ଧାଂଡ଼ୀବସା । ତେବେ ଗାଁ ବସାଇଲା ବେଳେ ପ୍ରଥମେ 'ବିଜାଗୁଡ଼ି' ବା ଗ୍ରାମଦେବତୀଙ୍କ ପୀଠ ଗାଁ'ର ଏକ ସ୍ଥାନରେ ବିଶେଷ କରି ମଧ୍ୟ ଭାଗରେ ପ୍ରତିଷ୍ଠା କରାଯାଇଥାଏ ।

ପ୍ରତିଟି ଗାଁରେ ରହିଥାଏ ପାରମ୍ପରିକ ଗ୍ରାମ ସଭା ବା କୁଳ ପଞ୍ଚାୟତ । ଯାହାର ମୁଖ୍ୟ ହେଉଛନ୍ତି 'ପେଦା' । ଧାର୍ମିକ ମୁଖ୍ୟ 'ପେର୍ମା'ଙ୍କ ସ୍ଥାନ ତାଙ୍କ ତଳକୁ । ଏହି ପଦବୀ ବଂଶାନୁକ୍ରମିକ । ଏମାନଙ୍କ ବ୍ୟତୀତ 'ୱାଡ଼େ', 'ବେଜୁଣୀ', 'କୋତଓ୍ୱାଲ' ଆଦି ବିଭିନ୍ନ ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ସହଯୋଗ କରିଥାନ୍ତି ।

କୋୟା ସମାଜରେ ବିବାହ, ସନ୍ତାନ ଜନ୍ମ ଓ ନାମକରଣ, ମୃତକଙ୍କ ଦାହ ସଂସ୍କାର ଆଦି ସାମାଜିକ ନିୟମ ଅନୁଯାୟୀ ପାଳିତ ହୁଏ । ବିବାହରେ 'କନ୍ୟାଝୋଲା' ପ୍ରଥା, ନାମକରଣରେ ଶିଶୁଟିକୁ ପୂର୍ବଜଙ୍କ ନାମ ପ୍ରଦାନ ଓ ପୂର୍ବପୁରୁଷଙ୍କୁ 'ଡୁମା' ଭାବରେ ପୂଜା କରିବା ବିଧି ରହିଛି । କୋୟାମାନେ ଅତ୍ୟନ୍ତ ଧର୍ମବିଶ୍ୱାସୀ । ସେମାନେ ବିଜାଗୁଡ଼ି ଓ ଗୁଡ଼ିମାତାଙ୍କୁ ପୂଜା କରିବା ସହ ବିଜାପାଣ୍ଡୁ, ଶିକ୍‌ଡୁପାଣ୍ଡୁ, ଭୀମଡୁପାଣ୍ଡୁ ଆଦି ପର୍ବ ପାଳନ କରନ୍ତି । ଏପରିକି ସେମାନେ ମୁତ୍ୟାଲାମ୍ମା, କାନ୍ନାମରାଜୁ, ବାଲରାଜୁ ଓ ପୋତୁରାଜୁଙ୍କୁ ପୂଜା କରିଥାନ୍ତି । ପ୍ରମୁଖ ପର୍ବପର୍ବାଣି ମଧ୍ୟରେ ରହିଛି ଚଇତି ପରବ, ପୁଷ୍ ପରବ ଓ ବଡ଼ଯାତ୍ରା । ତେବେ ଚଇତି ପରବର ବେଷ୍ଟଶିକାର କୋୟାମାନଙ୍କର ସବୁଠାରୁ ବଡ଼ ଉତ୍ସବ ।

ସାଂସ୍କୃତିକ ସ୍ୱତନ୍ତ୍ରତା ସହିତ କୋୟାମାନଙ୍କର ନିଜର ଭାଷା ରହିଛି 'କୋୟାମାଟା' । ଯଦିଓ ସେମାନେ ଓଡ଼ିଆ ଓ ଦେଶିଆ ଭାଷାରେ କଥାବାର୍ତ୍ତା କରିଥାନ୍ତି । କୋୟାମାଟା ହେଉଛି ଦ୍ରାବିଡ଼ ଭାଷା ପରିବାର ଅନ୍ତର୍ଭୁକ୍ତ 'ଗଣ୍ଡି' ଭାଷାର ଏକ ଉପଭାଷା । ଛତିଶିଗଡ଼ ସୀମାରେ ଏହା ହିନ୍ଦୀ ମିଶ୍ରିତ ହୋଇଥିବାବେଳେ ଆନ୍ଧ୍ରସୀମାରେ ତେଲଗୁ ମିଶ୍ରିତ । ତେବେ 'କୋୟାମାଟା'ର କୌଣସି ଲିପି ନାହିଁ ।

ସଂସ୍କୃତିପ୍ରେମୀ କୋୟା ଜନଜାତିଙ୍କର ରହିଛି ନିଜସ୍ୱ ଲୋକନୃତ୍ୟ । ଏହି ନୃତ୍ୟ ସଂପୂର୍ଣ୍ଣ ମୌଳିକ ଏବଂ ତାହା 'କୋୟାନୃତ୍ୟ' ଭାବରେ ପରିଚିତ । ଅନେକତ୍ର କୋୟା ନୃତ୍ୟ ସହିତ 'ଢେମ୍‌ସା ନୃତ୍ୟ' ମଧ୍ୟ ଦେଖିବାକୁ ମିଳେ । ଏକକାଳୀନ ୧୫-୨୦ ଜଣ ପୁରୁଷ ଓ ସ୍ତ୍ରୀ ପର୍ବପର୍ବାଣି ଏବଂ ଉତ୍ସବ ସମୟରେ



ଦଳଗତ ନୃତ୍ୟ ପରିବେଷଣ କରନ୍ତି । ପୁରୁଷମାନେ ମୁଣ୍ଡରେ ଗୟଳଶିଙ୍ଗ ଲଗାଇ ନୃତ୍ୟ ସମୟରେ ଢୋଲ ବଜାଇଥାନ୍ତି । ଯୁବତୀମାନେ ମୁଣ୍ଡରେ ଏକ ସ୍ୱତନ୍ତ୍ର ପଟି 'ଆଡ୍‌କାଟ୍' ପିନ୍ଧିବା ସହ ପଇସାମାଳି ବେକରେ ପକାଇ ହାତରେ ଘୁଙ୍ଗୁର ବାଡ଼ିଧରି ନୃତ୍ୟ କରନ୍ତି । ତେବେ ମାଲକାନଗିରି ଜିଲ୍ଲାର ଇରାଲ୍‌ଗୁଣ୍ଡି ଓ କୋୟାଗିରି ଗାଁ ଏହି ନୃତ୍ୟ ପାଇଁ ପ୍ରସିଦ୍ଧ ।

ସେମାନଙ୍କ ସଂସ୍କୃତି କୃଷିଭିତ୍ତିକ ଅର୍ଥନୀତି ଆଧାରିତ । ପୋଡୁଚାଷ, ସୋପାନଚାଷ ଓ ସ୍ଥାନାନ୍ତରିତ କୃଷି କରିବା ସହିତ ସେମାନେ ଅରଣ୍ୟଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି । ଶିକାର ପ୍ରିୟ ଏହି ଜାତି ଅନେକ ସମୟରେ ଶିକାର କରିବା ସହିତ ପଶୁପାଳନ, ହସ୍ତଶିଳ୍ପ ଓ କୃଷି ଶ୍ରମିକ ଭାବରେ କାର୍ଯ୍ୟ କରିଥାନ୍ତି ।

୨୦୧୧ ଜନଗଣନା ଅନୁଯାୟୀ ଓଡ଼ିଶାରେ କୋୟା ଲୋକସଂଖ୍ୟା ହେଉଛି ୧,୪୭,୧୩୭ । ସେଥି ମଧ୍ୟରୁ କେବଳ ମାଲକାନାଗିରି ଜିଲ୍ଲାରେ ୧,୪୫,୬୫୨ କୋୟାଲୋକ ରହିଛନ୍ତି । ୧୦୦୦ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ୧୦୭୨ ଏବଂ ସାକ୍ଷରତା ହାର ଶତକଡ଼ା ୨୯.୮୭ । କୋୟାମାନଙ୍କର ଏବେ ବି ବିଶ୍ୱାସ ରହିଛି ଯେ ସେମାନେ ହେଉଛନ୍ତି ଓଡ଼ିଶାର ପୁରାତନ ଜନଜାତି । ତେବେ କୋୟା ଜନଜାତିର ସଂସ୍କୃତିର ଅନ୍ୱେଷଣ କାଳରେ ମନେହୁଏ ସେମାନଙ୍କ ଜୀବନର ବ୍ୟାପ୍ତି ଯେତିକି ତା'ଭିତରେ ରହିଛି ଠିକ୍ ସେହିପରି ସେମାନଙ୍କ ମୌଖିକ ପରମ୍ପରାରେ ରହିଛି ତାଙ୍କ ଜୀବନାନୁଭବର ଚିତ୍ର । ଏପରିକି ସେମାନଙ୍କ ସଂସ୍କୃତିର ଦୃଶ୍ୟ ଓ ଅଦୃଶ୍ୟମୟ ଜଗତ ସେ ସାହିତ୍ୟରେ ରୂପାୟିତ । ଅତଏବ ତାଙ୍କ ମନୋଜଗତର କଳ୍ପନା ଓ ସାମୂହିକ ସ୍ମୃତି ହିଁ ତାଙ୍କ ମୌଖିକ ସାହିତ୍ୟର ଚଳନ୍ତି ଦସ୍ତାବିଜ୍ ଯାହା ଆଲୋଚନା କରିବା ପ୍ରାସଙ୍ଗିକ ମନେହୁଏ ।

କୋୟା ଲୋକସାହିତ୍ୟ ପରମ୍ପରାରେ ସ୍ୱଜାତି ମାନସିକତା ଅତି ମାତ୍ରାରେ ପ୍ରତିଫଳିତ । ଏହା ଅତ୍ୟନ୍ତ ଆବେଗପୂର୍ଣ୍ଣ ଓ ସେମାନଙ୍କ ଚିତ୍ତବିନୋଦନର ପ୍ରମୁଖ ମାଧ୍ୟମ । ଗବେଷଣା କାଳରେ କୋୟା ଜନଜାତି ମୌଖିକ ସାହିତ୍ୟର ବହୁବିଧ ରୂପ ଦେଖିବାକୁ ମିଳିଛି, ସେଗୁଡ଼ିକ ହେଉଛି- ମିଥ୍, କିମ୍ବଦନ୍ତୀ, ଲୋକକାହାଣୀ, ଲୋକଗୀତ, ଲୋକୋକ୍ତି । ତେବେ କୋୟାମାନଙ୍କର ନିଜସ୍ୱ ଲୋକନାଟକ ନାହିଁ, ସେମାନେ କୌଣସି ପର୍ବପର୍ବାଣିରେ 'ଦେଶିଆନାଟ' ମଞ୍ଚସ୍ଥ କରିଥାନ୍ତି । କୋୟାର ଏହି ଲୋକସାହିତ୍ୟର ମୂଳ ବିଭାଗ ସହିତ ଅନେକ ଉପବିଭାଗ ମଧ୍ୟ ରହିଛି ସେସବୁ ପ୍ରସଙ୍ଗକ୍ରମେ ଏଠାରେ ଉପସ୍ଥାପନ କରାଗଲା ।

## ମିଥ୍ ଓ କିମ୍ବଦନ୍ତୀ

ଜନଜାତି ମିଥ୍ ପରମ୍ପରାରେ 'ଲୋକ ମିଥ୍' ଏକ ଗୁରୁତ୍ୱପୂର୍ଣ୍ଣ ବିଭବ । ଯେଉଁଥିରେ ସେମାନଙ୍କ ସମାଜର ପ୍ରକୃତି, ଗଛଲତା, ପଶୁପକ୍ଷୀ, ସୂର୍ଯ୍ୟ-ଚନ୍ଦ୍ର ପରି ଅନେକ ଈଶ୍ୱରୀୟ ସତ୍ତାର ଅନୁଭବ କରିହୁଏ । ପ୍ରକୃତରେ ଆଦିବାସୀ ସମାଜ ସେମାନଙ୍କ ଅସ୍ତିତ୍ୱର ମୂଳ ଖୋଜି ଖୋଜି ମିଥ୍ ଓ କିମ୍ବଦନ୍ତୀ ରୂପରେ ଅନେକ ମୌଖିକ କାହାଣୀ ସୃଷ୍ଟି କରିଛନ୍ତି ଯାହା ତାଙ୍କ ସଂସ୍କୃତିର ଏକ ଅଂଶ । ଅନେକ ସମୟରେ ତାହା ରହସ୍ୟମୟ, ମନୋରଂଜନଧର୍ମୀ ଏବଂ ପ୍ରଭାବଶାଳୀ । ଆମେ କୋୟା ଜନଜାତିରେ ଅନେକ ଲୋକମିଥ୍ ଓ କିମ୍ବଦନ୍ତୀର ବ୍ୟବହାର ଦେଖୁ ଯାହା ସେମାନଙ୍କ ସୃଷ୍ଟି ସମ୍ବନ୍ଧୀୟ, ଲୋକପୁରାଣ ସମ୍ବନ୍ଧୀୟ ଏବଂ ଭାରତୀୟ ପୁରାଣ ଚରିତ୍ରର ଆଞ୍ଚଳିକ ରୂପାୟଣ । ବିଶେଷକରି ପର୍ବପର୍ବାଣୀ ଓ ଧାର୍ମିକ ଉତ୍ସବମାନଙ୍କରେ ଏ ସମସ୍ତର ବ୍ୟବହାର ହୋଇଥାଏ ଅତ୍ୟନ୍ତ ସ୍ୱାଭାବିକ ଓ ସ୍ୱଚ୍ଛନ୍ଦ ଭାବରେ । ଏପରିକି ଏହି ମିଥ୍‌ରେ ସ୍ୱପ୍ନ, କଳ୍ପନା ଓ ମନୋରାଜ୍ୟର କାହାଣୀ ମଧ୍ୟ ରୂପାୟିତ ହୋଇଥାଏ । କୋୟା ସଂପ୍ରଦାୟର ଏହି ଲୋକମିଥ୍ କିମ୍ବଦନ୍ତୀ ଅନୁଶୀଳନ କାଳରେ ଭାରତୀୟ ପୁରାଣର ଚରିତ୍ରମାନଙ୍କର ଆଞ୍ଚଳିକ ରୂପ ରାମା, ଭୀମା ରୂପରେ ସେମାନଙ୍କ ଭିତରେ ଆସ୍ଥାନ ଜମାଇଥିବାର ଦେଖିବାକୁ ମିଳିଛି । ତେବେ ଶତାଧିକ ମିଥ୍ ଓ କିମ୍ବଦନ୍ତୀର କାହାଣୀ ଅନେକ ଭାବରେ ବିଭକ୍ତ କରା ଯାଇପାରେ । ଯଥା-

(କ) ସୃଷ୍ଟି ସମ୍ବନ୍ଧୀୟ ମିଥ୍ (ବିଶ୍ୱସୃଷ୍ଟି, ମାଟି, ଆକାଶ, ମେଘ, ପବନ, ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ସୃଷ୍ଟି ଓ ତାହାର କାରଣ ପରି ଅନେକ କଥା)

(ଖ) ଫୁଲ, ଗଛଲତା ଓ କୃଷି ସମ୍ବନ୍ଧୀୟ ମିଥ୍ (ଗଛର ଉତ୍ପତ୍ତି, ଘାସର ସୃଷ୍ଟି, ଫୁଲର ମହକ, ଧୂଆଁପତ୍ରର ସୃଷ୍ଟି, ସଲପଗଛ, ତେନ୍ତୁଳିଗଛ ଆଦିର





ଉତ୍ପତ୍ତି ପଛର କାରଣ ସମ୍ବନ୍ଧୀୟ କାହାଣୀ)

(ଗ) ପଶୁପକ୍ଷୀର ସୃଷ୍ଟି (ଜିଆ, ମହୁମାଛି, ପିମ୍ପୁଡ଼ି, ବିଛା, କୁମ୍ଭୀର, ମାଛ, କାଉ, ହାତୀର ସୃଷ୍ଟି ରହସ୍ୟ ଓ କାର୍ଯ୍ୟ-କାରଣ ସମ୍ପର୍କିତ କଥା)

(ଘ) ମଣିଷର ବିଶ୍ୱ (ମଣିଷ ସୃଷ୍ଟିର କାରଣ, ଜନ୍ମ-ମୃତ୍ୟୁ, ମଣିଷର ଅଙ୍ଗପ୍ରତ୍ୟଙ୍ଗ ସମ୍ପର୍କୀତ କଥା)

(ଙ) ସାମାଜିକ ଅନୁଷ୍ଠାନ (ପୂଜା-ପାର୍ବଣ, ନୃତ୍ୟ-ଗୀତର ଉତ୍ପତ୍ତି ଓ ଉପଯୋଗୀତାର କାହାଣୀ)

(ଚ) ଚଳଣି ସମ୍ବନ୍ଧୀୟ (ନିଆଁର ବ୍ୟବହାର, ବସ୍ତ୍ରର ବ୍ୟବହାର, ମାଟିପାତ୍ରର ବ୍ୟବହାର ସମ୍ପର୍କିତ)

କୋୟା ସମାଜରେ ପ୍ରଚଳିତ ଗଳ୍ପାଂଶଗୁଡ଼ିକରୁ ସ୍ପଷ୍ଟ ଯେ ଏହା ସରଳ ଓ ନିରାଡ଼ମ୍ବର । ମାତ୍ର ସେମାନଙ୍କ ଦୃଷ୍ଟିରେ ଏହି ମିଥ୍ ଓ କିମ୍ବଦନ୍ତୀ ପବିତ୍ର ଗଳ୍ପ ଭାବରେ ସ୍ୱୀକୃତ । ଏହା 'ଲୋକାୟତ' ବା 'ଲୋକଇଲାକା'ର ଭୌଗୋଳିକତା, ବିଶ୍ୱାସ, ଦେବ-ଦେବୀ ଓ ଚଳଣୀ ସହିତ ଜଡ଼ିତ । ତେବେ କୋୟାମାନଙ୍କ ଦ୍ୱାରା ବ୍ୟବହୃତ ଅନେକ ମିଥ୍ ଓ କିମ୍ବଦନ୍ତୀରୁ ଦୁଇଟି ଏଠାରେ ଉପସ୍ଥାପନ କରାଗଲା ।

**୧. ଶିକାର ଛାଡ଼ି ଚାଷ କରିବା :**

ମଣିଷ ଯେତେବେଳେ କୃଷିକର୍ମ ଜାଣିନଥିଲା ସେତେବେଳେ ସେ ଫଳମୂଳ ଖାଇ ଜୀବନ ଧାରଣ କରୁଥିଲା । ପାଣ୍ଡୁ ପ୍ରଥମେ କ୍ଷେତ କରି ପୃଥିବୀରେ ଶସ୍ୟ ଉପୁଜାଇଲେ । ଫସଲ ଅମଳ ବେଳେ ପାଣ୍ଡୁଙ୍କୁ ସାହାଯ୍ୟ କରିବା ପାଇଁ ପରିବାର ଲୋକେ ଆସିଲେ । ହଠାତ୍ ସୂର୍ଯ୍ୟ ଆଉ ଚନ୍ଦ୍ର ଆକାଶରେ ଦେଖା ଦେବାରୁ ପାଣ୍ଡୁ ଆଉ ତା'ର ପରିବାର ଗୁମ୍ଫା ଭିତରେ ଲୁଚିଲେ ।

ଶୁକ୍ରା କୋୟା ଜଙ୍ଗଲରେ ଶିକାର କରୁଥିଲା । ସେ ଜଙ୍ଗଲରୁ ଫେରିଲା ବେଳେ କ୍ଷେତ ପାଖରେ ଧାନବିଡ଼ା ଓ ଦାଆ ଦେଖି ସେଠାରୁ କିଛି ଧାନ ସଂଗ୍ରହ କଲା । ପରେ ଜମିରେ ଧାନ ବୁଣିଲା । ଫସଲ ହେବାରୁ ଖାଇବାରେ କିଛି ଅସୁବିଧା ହେଲା ନାହିଁ । ସେହି ଦିନରୁ କୋୟାମାନେ ଶିକାର ଛାଡ଼ି କୃଷିକାମରେ ମନ ଦେଲେ । **(ଚିଡ଼ିପାଲ୍ଲୀ, ମାଲକାନଗିରିରୁ ସଂଗୃହୀତ)**

**୨. ଫୁଲର ମହକ :**

ଦେବଡଙ୍ଗରରେ ମଙ୍ଗଳା ନାମକ କୋୟା ଜାତିର ଧନୀ ଲୋକଟିଏ ରହୁଥିଲା । ତା'ର ଏକ ସୁନ୍ଦର ବଗିଚା ଥିଲା । ମାତ୍ର ସେଥିରେ ଫୁଟୁଥିବା ଫୁଲର ମହକ ନଥିଲା । ମଙ୍ଗଳା ଈଶ୍ୱରଙ୍କ ପାଖରେ ନିବେଦନ କଲା ଫୁଲରେ ବାସ୍ନା ଭରିବା ପାଇଁ ।

ଈଶ୍ୱର ଗୋଟିଏ ମାଟି ପାତ୍ରରେ ସୁବାସିତ ପାଣି ଭରି ତାକୁ ନେଇ ସବୁଗଛରେ ଛିଞ୍ଚିଦେବାକୁ ନିର୍ଦ୍ଦେଶ ଦେଲେ । ମଙ୍ଗଳା ସେହି ପାତ୍ରକୁ ଆଣି କାରିଆକୁ ଦେଇ କହିଲା, "ଯା ସବୁଗଛରେ ଛିଞ୍ଚିଦେଇ ଆସିବୁ ।" କାରିଆ ହାତରୁ ମାଟିପାତ୍ର ଖସି ଭାଙ୍ଗିଲା ବେଳେ ଅଳ୍ପ କିଛି ସୁବାସିତ ପାଣି ଆଞ୍ଜୁଳାରେ ଧରି ପକେଇଲା ଆଉ ସାଧା ପାଣିରେ ମିଶେଇ ଛିଞ୍ଚିଲା । ତେଣୁ ପାଣିରେ ସୁବାସ ଅଳ୍ପ ଥିବାରୁ କେତେକ ଫୁଲରେ ମହକ ଅଛି ତ' ଆଉ କେତେକ ଫୁଲରେ ନାହିଁ । **(ତମସାପଲ୍ଲୀ, ମାଲକାନାଗିରିରୁ ସଂଗୃହୀତ)**

ସେହିପରି 'ବାଲିସାଗର', 'ବାଳୀପର୍ବତ' ତାଡ଼କାରେଉ, ଦେବଡ଼ଙ୍ଗର, ସପ୍ତଶାଳ ଭେଦ ଇତ୍ୟାଦିକୁ ନେଇ କୋୟାର କିମ୍ବଦନ୍ତୀ ବେଶ୍ ଆବେଗପୂର୍ଣ୍ଣ ମନେହୁଏ । ଏପରିକି ମିଥ୍ ଓ କିମ୍ବଦନ୍ତୀର କଥାରୂପ ଓ କାବ୍ୟରୂପର ପ୍ରଚଳନ କୋୟା ବାଚିକ ପରମ୍ପରାରେ ଅନେକ ସାର୍ଥକତା ଭରିଦେଇଥିବା ପରି ମନେହୁଏ । ପୁଣି ମନେହୁଏ ସେସବୁ କୋୟାର ସମ୍ପତ୍ତି ହୋଇ ରହିନାହିଁ ବରଂ ଓଡ଼ିଶାର ଭୌଗୋଳିକତା ଭିତରେ ବ୍ୟବହୃତ ହୋଇ ସେ ସମସ୍ତ ଓଡ଼ିଆ ସର୍ବସ୍ୱ ହୋଇଯାଇଛି ।

## ଲୋକକଥା ପରମ୍ପରା

ଜନଜାତିଗୋଷ୍ଠୀର ଆବିଷ୍କାରୀ ମନ ସମଗ୍ର ବିଶ୍ୱକୁ ଉପହାର ସୂତ୍ରରେ ଦେଇଆସିଛି ଅନେକ ଲୋକକାହାଣୀ । ସେହିସବୁ କାହାଣୀରେ ରହିଛି ସେମାନଙ୍କ ସଂସ୍କୃତି ଓ ପରମ୍ପରାର ଶହଶହ ଭାବବିନ୍ୟାସ । ଆବଶ୍ୟକ ସ୍ଥଳେ ଗପଗୁଡ଼ିକ ରସୋତୀର୍ଣ୍ଣ କରିବା ପାଇଁ ମଝିରେ ପଦ୍ୟାକୃତି ବଚନିକା ଓ ଲୋକଗୀତ । କହିବାକୁ ଗଲେ ଜନଜାତିର ଲୋକକଥା ବା ଲୋକକାହାଣୀ ହେଉଛି ସେମାନଙ୍କ ପରମ୍ପରାର ମହାଭାଷ୍ୟ; କାରଣ ସେମାନଙ୍କ ସାମାଜିକ ଜୀବନ, ଧର୍ମ, ପ୍ରଥା-ପରମ୍ପରା, କୌଳିକ ବୃତ୍ତି ଓ ଚତୁଃପାର୍ଶ୍ୱର ଜଗତ ସେହି ଲୋକକଥାରେ ରୂଢ଼ିମନ୍ତ । ପ୍ରତ୍ୟେକ ଜନଜାତିର ଲୋକକଥା ପରି କୋୟାର ଲୋକକଥା ସମୂହକୁ ମଧ୍ୟ ଆମେ ବିଭିନ୍ନ ଭାଗରେ ବିଭକ୍ତ କରିପାରିବା ।

(୧) ପଶୁ-ପକ୍ଷୀ ସମ୍ପର୍କୀତ କାହାଣୀ

(୨) ଧର୍ମ ଓ ଲୋକଶିକ୍ଷା ସମ୍ପର୍କିତ କାହାଣୀ

(୩) ରହସ୍ୟ ଓ ଅଲୌକିକ କାହାଣୀ

(୪) ହାସ୍ୟ ଓ ମନୋରଂଜନଧର୍ମୀ କାହାଣୀ

ସେମାନଙ୍କର ପ୍ରଚଳିତ ଗଳ୍ପ ଧାରାର ଅନୁଶୀଳନରୁ ମନେହୁଏ ବ୍ୟକ୍ତି ଓ ସମାଜ ଭିତରେ ଐକ୍ୟ ସ୍ଥାପନର ପ୍ରତିଷ୍ଠା ପାଇଁ ଗଳ୍ପଗୁଡ଼ିକର ସୃଷ୍ଟି । ଜୀବ,ଜଡ଼ ପ୍ରତି ସମଦୃଷ୍ଟି, ଲୋକତନ୍ତ୍ରର କୌଳିକ ଆଦର୍ଶ ଅନୁସରଣ, ସାମାଜିକ ପରିବର୍ତ୍ତନ, ନୀତିଶିକ୍ଷା କାରଣରୁ ସେମାନଙ୍କ ମୌଖିକ ଗଳ୍ପ କଳା ଚିର ଅମର ହେଇରହିବା ସହ ଅସୀମିତ ଦୃଷ୍ଟିଭଙ୍ଗୀ ପ୍ରଦାନ କରିବାରେ ସମର୍ଥ ହୋଇଛି । କୋୟା ସମାଜରେ ପ୍ରଚଳିତ ଲୋକକାହାଣୀ ଭିତରୁ କେତୋଟି ପ୍ରମୁଖ କାହାଣୀ ହେଲା - ଚନ୍ଦ୍ରଚୂଡ଼ ସାପକଥା, ମଣିଷଖିଆ ରାକ୍ଷାସ, ମାଡ଼କଥା, ଶିକାରୀ, ବାଉଁଶ ମଲାଙ୍ଗର କରାମତି, ଗେରପାନେ ପାଇଲା, ମାଙ୍କଡ଼ କଥା, ପଣ୍ଡିତ ତଡ଼ା ଖାଇଲେ, ବିଲୁଆକଥା, ଅବୁଝା ରାଣୀ, ବୁଢ଼ା-ବୁଢ଼ୀ ଗପ, ପଞ୍ଚୁପାଣ୍ଡବ କଥା, ଚିଙ୍ଗୁଡ଼ି ମାଛ କଥା ଇତ୍ୟାଦି ।

କୋୟା ସମାଜରେ ଯେଉଁ ଲୋକକାହାଣୀ ଗୁଡ଼ିକ ବ୍ୟବହୃତ ସେଥିରୁ ଅନେକ କାହାଣୀ ଓଡ଼ିଆ ଲୋକକାହାଣୀର ସମଧର୍ମୀ । ତେବେ କେତେଗୁଡ଼ିଏ କାହାଣୀରୁ ସେମାନଙ୍କର ମୌଳିକତା ବାରି ହୋଇପଡ଼େ । ତେବେ କୋୟାର ଅନେକ କାହାଣୀ ମଧ୍ୟରୁ ଏଠାରେ ଅଳ୍ପ କେତୋଟି ସଂକ୍ଷେପରେ ପ୍ରଦାନ କରାଯିବା ପ୍ରାସଙ୍ଗିକ ମନେହୁଏ ।

### ୧. ବୁଢ଼ା-ବୁଢ଼ୀ ଓ କୁକୁଡ଼ା :

ତମସାପଲ୍ଲୀ ଗାଁରେ ଦୁଇଜଣ ବୁଢ଼ା-ବୁଢ଼ୀ ରହୁଥିଲେ । ବୁଢ଼ୀ ଅନେକ କୁକୁଡ଼ା ପାଳିଥିଲା । ତାକୁ ବିକି ସେହି ପଇସାରେ ଘର କରଣା ଜିନିଷ ଆଣିବ ବୋଲି ବୁଢ଼ୀ ଭାବୁଥିଲା । କିନ୍ତୁ ବୁଢ଼ାର ମନଥିଲା କୁକୁଡ଼ା ମାଂସ ଖାଇବା ପାଖରେ । ସେଥିପାଇଁ ସେ ଗୋଟିଏ ଉପାୟ ପାଞ୍ଚିଲା ।

ଦିନେ ବୁଢ଼ା ବୁଢ଼ୀ ପାଖକୁ ଯାଇ କହିଲା: ଆମ ବିଲପାଖ ମହୁଲଗଛରେ ଥିବା ଦେବତାଙ୍କୁ ଆମ ଘରକୁ ଆଣିଲେ ଆମର ଦୁଃଖର ଦିନ ଘୁଞ୍ଚିବ ।

'ସେ ଦେବତାଙ୍କୁ କେମିତି ଆଣିବା' - ବୁଢ଼ୀ ପଚାରିଲା । ବୁଢ଼ା କହିଲା - 'ସବୁଦିନ କୁକୁଡ଼ା ମାରି ତାକୁ ରାନ୍ଧି ଠାକୁରଙ୍କୁ ଦେଲେ, ସେ ସନ୍ତୁଷ୍ଟ ହୋଇ ଘରକୁ ଆସିବେ ।'

ବୁଢ଼ୀ ଏହି କଥା ଶୁଣି ସବୁଦିନ କୁକୁଡ଼ା ରାନ୍ଧି ମହୁଲଗଛ ତଳେ ରଖି କହେ, 'ହେ ଦେବତା ତୁମେ ମାଂସ-ଭାତ ଖାଇ ସନ୍ତୁଷ୍ଟ ହୁଅ ଆଉ ଆମ ଘରକୁ ଆସ ।'

ବୁଢ଼ୀ ଏତିକି କହି ଘରକୁ ଫେରେ । ବୁଢ଼ା ସେଠାରେ ପହଞ୍ଚି ମାଂସ-ଭାତ ଖାଏ । ଶେଷରେ ଦିନେ ବୁଢ଼ୀ ବୁଢ଼ାକୁ କହିଲା, 'ଆଜି ଶେଷ କୁକୁଡ଼ାର ମାଂସ ଅର୍ପଣ କରିବି ଆଉ ଦେବତାଙ୍କୁ ଘରକୁ ଧରି ଆସିବି ।'

ବୁଢ଼ୀ ମହୁଲଗଛ ତଳେ ଖାଦ୍ୟ ଅର୍ପଣ କରି ଧ୍ୟାନରେ ଠାକୁରଙ୍କୁ ଡ଼ାକିଲା । କହିଲା, 'ଆଜି ତମକୁ ନିଶ୍ଚେ ଘରକୁ ନେବି । ବୁଢ଼ୀର ଆଖି ବନ୍ଦ ଦେଖି ବୁଢ଼ା ମାଂସ-ଭାତ ଖାଇ ବୁଢ଼ୀର ବୋଝ ଭିତରେ ପଶିଗଲା ।

ବୁଢ଼ାକୁ ମୁଣ୍ଡାଇ ବୁଢ଼ୀ ଚାଲିଥାଏ । ବାଟରେ ଆସୁଥିବା ପିଲା କହିଲେ, 'ଦେଖ ବୁଢ଼ୀ କେମିତି ବୁଢ଼ାକୁ ମୁଣ୍ଡାଇ ଚାଲିଛି ।' ବୁଢ଼ୀ ପ୍ରଥମେ ମନାକଲା । ପରେ ଜାଣି ପାରିଲା ଘଟଣା କ'ଣ । ବୁଢ଼ା କେମିତି ଫନ୍ଦିକରି ସବୁ କୁକୁଡ଼ା ଖାଇଛି ।

ରାଗରେ ବୁଢ଼ୀ ବୋଝଟାକୁ ମୁଣ୍ଡରୁ ତଳକୁ କଚାଡ଼ି ଦେଲା, ବୁଢ଼ା ତଳେ କଚାଡ଼ିହେଇ ମରିଗଲା ।

### ୨. ଛେଳି-ମାଙ୍କଡ଼ କଥା :

ବଣ ଭିତରେ ଗୋଟିଏ ଗଛରେ ମାଙ୍କଡ଼ ଓ ତା'ର ପରିବାର ରହୁଥାନ୍ତି । ସେଇ ଗଛ ତଳେ ଛେଳିର ପରିବାର ମଧ୍ୟ ଥାଆନ୍ତି । ଦୁଇ ପରିବାର ଭିତରେ ମିତ୍ରତା ଥିଲା । କ୍ରମଶଃ ମାଙ୍କଡ଼ ଛୁଆ ଓ ଛେଳିଛୁଆ ଯେତେବେଳେ ବଡ଼ ହେଲେ ଦୁଇ ପରିବାର ଭିତରେ ଛୁଆଙ୍କୁ ନେଇ ଈର୍ଷାଭାବ ଆସିଲା । ପରସ୍ପରର ପିଲା









ଯେ ବୁଦ୍ଧିଆ ଏହିକଥା ନେଇ ସମୟ ସମୟରେ ଯୁକ୍ତି ଝଲେ ।

ଦିନକର ଘଟଣା ଛେଳିଛୁଆ ଜଙ୍ଗଲ ଭିତରେ ବୁଲୁବୁଲୁ ବନଦେବୀଙ୍କ ଏକ ମନ୍ଦିର ଦେଖିଲା । ଭିତରକୁ ଯାଇ ଭକ୍ତମାନେ ଦାନ ଦେଇଥିବା ଟଙ୍କାପଇସା ଖାଇ ଘରକୁ ଆସିଲା । ସକାଳକୁ ମା'କୁ କହିଲା, 'ମୁଁ ଯେଉଁ ମଳତ୍ୟାଗ କରିବି ତାକୁ ଧ୍ୟାନ ଦେଇ ରଖିବୁ ।' ସତକୁ ସତ ଛେଳିଛୁଆର ମଳରୁ ଟଙ୍କା, ପଇସା ବାହାରିଲା । ତା'ପରିବାର ଲୋକେ ଖୁସି ହେଲେ । ଛେଳିଛୁଆ କହିଲା, 'ମୁଁ ମନ୍ଦିର ପାଖରୁ ଚରିବୁଲି ଖାଇଥିବାରୁ ଏମିତି ହେଲା'

ଏହି ଦୃଶ୍ୟ ଗଛରେ ବସିଥିବା ମାଙ୍କଡ଼ ଦେଖୁଥିଲା । ତା'ଛୁଆକୁ କହିଲା, 'ଯା'ତୁ ମନ୍ଦିର ପାଖରୁ ଖାଇ ଆସିବୁ ହେଲେ ତୋ ମଳରେ ଏମିତି ଟଙ୍କା ପଇସା ବାହାରିବ । ଆମର ଆଉ ଅଭାବ ରହିବ ନାହିଁ ।'

ମାଙ୍କଡ଼ ଛୁଆ ଝଲିଲା । ମନ୍ଦିର ଭିତରେ ଥିବା କଦଳୀ, ଫଳ ଖାଇ ଆସିଲା । ତହିଁ ପରଦିନ ତା' ମଳକୁ ଧ୍ୟାନ ଦେଇ ଲକ୍ଷ୍ୟ କରୁଥାଏ ମାଙ୍କଡ଼ । ମାତ୍ର ଟଙ୍କା, ପଇସା ନାହିଁ । ରାଗରେ ମାଙ୍କଡ଼ ତା'ଛୁଆକୁ ମାରିଲା ଓ ଛୁଆଟି ମରିଗଲା ।

### ୩. ମଣିଷଖିଆ ରାକ୍ଷସ :

ବହୁବର୍ଷ ପୂର୍ବରୁ କାମବେଡ଼ା ନାମକ ଗୋଟେ ଗାଁ ଥିଲା । ସୁନ୍ଦର ପରିବେଶ କାରଣରୁ ଗାଁର ଲୋକେ ସୁଖ ଶାନ୍ତିରେ ରହୁଥିଲେ । ହଠାତ୍ ସେହି ଗାଁରେ ଦିନେ ମଣିଷଖିଆ ରାକ୍ଷସଟିଏ ପହଞ୍ଚିଲା । ତା'ଆଗରେ ମଣିଷ-ପଶୁ ଯିଏ ବି ପଡ଼ିଲେ ସମସ୍ତଙ୍କୁ ଖାଇ ଦେଉଥିଲା । ଲୋକେ ଭୟରେ ଘରୁ ବାହାରିଲେ ନାହିଁ । ରାଜାଙ୍କ ପାଖରେ ଏକଥା ପହଞ୍ଚିଲା । ରାଜା ତାଙ୍କ ପାରିଷଦଙ୍କ ସହିତ ଆଲୋଚନା କରି ଘୋଷଣା କଲେ ଯେଉଁ ଲୋକଟି ରାକ୍ଷସକୁ ମାରିପାରିବ ତାକୁ ପୁରସ୍କାର ପ୍ରଦାନ କରାଯିବ ।

ଦିନେ ଜଣେ ଗୁଣିଆ ରାକ୍ଷସଟିକୁ ମାରିବା ପାଇଁ ତା' ଗାଁଲୋକଙ୍କ ସାହାଯ୍ୟ ମାଗିଲା । ଲୋକଙ୍କୁ କହିଲା, 'ପାହାଡ଼ ଉପରକୁ ଯାଇ ବାଉଁଶର ଏକ ଘେରି କରି ତା'ରି ଭିତରେ ଦୁଇଟି ହାଣ୍ଡିରେ ଭାଲିଆ ମିର ତେଲ ପ୍ରସ୍ତୁତ କରି ରଖିଥିବ, ତା'ପରେ ମୁଁ ବୁଝିବି ।' ଲୋକେ ପାହାଡ଼ ଉପରେ ବାଉଁଶ ଘେରି କରି ତା'ଭିତରେ ତେଲହାଣ୍ଡି ରଖି ଆସିଲେ ।

ଗୁଣିଆ ମନ୍ତ୍ରବଳରେ ରାକ୍ଷସକୁ ପାହାଡ଼ ଉପରକୁ ଡାକି ତେଲ ପିଇବାକୁ କହିଲା ଏବଂ ଦେହରେ ବୋଳିବାକୁ କହିଲା । ଖାରର ତେଲ ବଢ଼ିବାରୁ ରାକ୍ଷସ ଦେହରେ ତେଲ ବୋଳିଥିବାରୁ ଆଉ ପିଇଥିବାରୁ ତା'ଦେହ ଫାଟିବାକୁ ଲାଗିଲା । ରାକ୍ଷସ ଆଉ ସହି ନପାରି ଧାଇଁଲା, ମାତ୍ର ବାଉଁଶ ଘେରି ଭିତରୁ ବାହାରି ପାରିଲା ନାହିଁ । ଗୁଣିଆର ମନ୍ତ୍ର ପ୍ରଭାବରେ ଘେରି ଭିତରେ ଏକ ବିରାଟ ଗର୍ତ୍ତ ହେଇଗଲା ଏବଂ ରାକ୍ଷସ ସେଥିରେ ପଡ଼ି ମରିଗଲା । ରାଜା ଗୁଣିଆକୁ ପୁରସ୍କାର ଦେଲେ । ଗାଁ'ଲୋକେ ପୂର୍ବଭଳି ଆନନ୍ଦରେ ଆନନ୍ଦରେ ରହିଲେ ।

### ୪. ବାଉଁଶ ମଲାଙ୍ଗର କରାମତି :

ମାଲକାନାଗିରି ଅଞ୍ଚଳରେ କୋୟା ଗାଁଟିଏ ଥିଲା । ସେହି ଗାଁରେ ଗୋଟିଏ ପରିବାରରେ ସ୍ୱାମୀ, ସ୍ତ୍ରୀ ରହୁଥାନ୍ତି । ଦିନେ ସ୍ତ୍ରୀଲୋକଟି ଭାତ, ତରକାରୀ ରାନ୍ଧି ସ୍ୱାମୀଙ୍କୁ ଦେବା ପାଇଁ ଝଷଜମିକୁ ଗଲା । ସେ ଦିନ ସେ ମାଛ ତରକାରୀ ରାନ୍ଧିଥିଲା । ରାସ୍ତାରେ ଗଲାବେଳେ ବର୍ଷା ହେବାରୁ ସେ ବାଉଁଶବୁଦା ତଳେ ଛିଡ଼ା ହେଲା । ସେହି ବାଉଁଶବଣରେ ମଲାଙ୍ଗ ଲଟା ମାଡ଼ିଥାଏ । ସେହି ମଲାଙ୍ଗର କିଛି ଅଂଶ ଯେମିତି ମାଛ ତରକାରୀରେ ପଡ଼ିଛି ତତ୍କ୍ଷଣାତ୍ ରନ୍ଧାମାଛ ବଞ୍ଚି ଉଠିଲା ।

ବର୍ଷା ଛାଡ଼ି ଯିବାରୁ ଖାଦ୍ୟ ନେଇ ସ୍ୱାମୀ ପାଖରେ ପହଞ୍ଚିଲା ସ୍ତ୍ରୀ ଲୋକଟି । ତରକାରୀରେ ମାଛ ଖେଳୁଥାଏ । ସ୍ତ୍ରୀ ଠାରୁ ସମସ୍ତ କଥା ଶୁଣିଲା ପରେ ଦୁହେଁ ଆସି ମଲାଙ୍ଗ ଲଟାକୁ ଦେଖି ତା'ର ଔଷଧୀୟ ଗୁଣ ବିଷୟରେ ଜାଣିଲେ ଏବଂ ଭଙ୍ଗା ହାଡ଼ ଯୋଡ଼ିବା, କଟା ସ୍ଥାନରେ ଲଗାଇବା ସହ ମଲାଙ୍ଗର ବ୍ୟବହାର ଶିଖିଲେ ।





## ଲୋକଗୀତ ପରମ୍ପରା



କୋୟା ଜନଜାତିର ଲୋକଗୀତ ପରମ୍ପରା ଅତ୍ୟନ୍ତ ଉଚ୍ଚକୋଟୀର, ମାତ୍ର ତାହା ବୌଦ୍ଧିକତା ଆଧାରିତ ନୁହେଁ । ଅନୁଭବର ସରଳ ପ୍ରଭାବ କାରଣରୁ ତାହା ସାଙ୍ଗିତିକତାରେ ଭରା । ସେମାନଙ୍କର ଏହି ଲୋକଗୀତ ସଂଗୀତ ଠାରୁ ଭିନ୍ନ ନୁହେଁ । ବାଦ୍ୟ ଓ ନୃତ୍ୟର ତାଳେ ତାଳେ ତାହା ଗାନ କରାଯାଏ । ଲୋକପ୍ରଥା ଓ ଲୋକାଚାର ଆଧାରିତ ଗୀତଗୁଡ଼ିକ ପ୍ରାତ୍ୟହିକ ଜୀବନଚର୍ଯ୍ୟା ଉପରେ ଗୁରୁତ୍ୱ ଦେଇଥାଏ । ଏପରିକି ଗୀତଗୁଡ଼ିକର ଗଠନଶୈଳୀ ଉପରେ ଗୁରୁତ୍ୱ ନ ଦେଇ ଗୀତର ସରଳତା ଓ ସୌନ୍ଦର୍ଯ୍ୟ ଏଥିରେ ପ୍ରତିବିମ୍ବିତ ହୋଇଥାଏ ।

କୋୟା ସମାଜରେ ବ୍ୟବହୃତ ଲୋକଗୀତକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇପାରେ ତାହାର ବ୍ୟବହାର ସମୟ ଓ ଗାନ ଯୋଗ୍ୟତାକୁ ନେଇ । ସେଗୁଡ଼ିକ ହେଲା- ଜନ୍ମଗୀତ, ବିବାହଗୀତ, ପ୍ରେମଗୀତ, ଶିଶୁଗୀତ, ପରବଗୀତ, ଶିକାରଗୀତ, କୃଷିଭିତ୍ତିକଗୀତ, ମୃତ୍ୟୁକାଳୀନ ଗୀତ ଇତ୍ୟାଦି । ଅଧିକାଂଶ ଗୀତରେ ଥିବା ସାମାଜିକ ରୀତିନୀତି ଆଧାରରେ ସେମାନଙ୍କ ସଂସ୍କୃତି, ପରମ୍ପରା ଓ ଅସ୍ମିତାର ଅସ୍ତିତ୍ୱ ନିର୍ଦ୍ଧାରଣ କରାଯାଇପାରେ । ତେବେ ଏହି ଗୀତ ସମୂହ ବିଭିନ୍ନ ବୟସର ପୁରୁଷ ଓ ସ୍ତ୍ରୀ ଗୀତର ବ୍ୟବହାର ଯୋଗ୍ୟତା ନେଇ ଗାନ କରିଥାନ୍ତି । ପ୍ରକୃତରେ ସେମାନଙ୍କର ଏହି ବାଚିକ ପରମ୍ପରା ଲୋକସାହିତ୍ୟର ଅନ୍ୟ ବିଭାଗ ଠାରୁ ଅତ୍ୟନ୍ତ ଜନପ୍ରିୟ । କାରଣ ଅନେକ ସମୟରେ ଏହି ଗୀତଗୁଡ଼ିକ ଅତ୍ୟନ୍ତ ପବିତ୍ର ପୂର୍ବକ ଧର୍ମୀୟ ଉତ୍ସବ ଓ ରୀତି-ନୀତି ସ୍ଥଳରେ ଗାନ କରାଯାଇଥାଏ । କୋୟା ଲୋକଗୀତର ସଂଗ୍ରହ କାଳରେ ଅନୁଭବ ହୋଇଛି ମାଲକାନଗିରି ପଡ଼ିଆ, କାଲିମେଲା ବ୍ଲକ ଅଞ୍ଚଳର କୋୟାଗୀତ ଏବଂ ଜିଲ୍ଲାର କୋରୁକୋଣ୍ଡା, ମାଥିଲି, ଗୁମ୍ମାବ୍ଲକ ଅଞ୍ଚଳର କୋୟାଗୀତ ମଧ୍ୟରେ କିଛି କିଛି ପ୍ରଭେଦ ରହିଛି । ବଙ୍ଗୀୟ ଶରଣାର୍ଥୀ ଏହିସବୁ ଅଞ୍ଚଳରେ ରହୁଥିବା କାରଣରୁ ଏବଂ 'ଦେଶିଆ ଭାଷା'ର ବହୁଳ ବ୍ୟବହାର ଯୋଗୁ ଲୋକଗୀତରେ ସେସବୁ ଶବ୍ଦ କିଛି କିଛି ମାତ୍ରାରେ ମିଶ୍ରିତ ହୋଇଛି । ତଥାପି କୋୟା । ଲୋକଗୀତ ବଞ୍ଚିରହିଛି ସେମାନଙ୍କ ଜୀବନଚର୍ଯ୍ୟାରେ । ସେହି ଲୋକଗୀତମାନଙ୍କରୁ ଅଳ୍ପ କିଛିର ଉଦାହରଣ ଏଠାରେ ପ୍ରଦାନ କରାଗଲା ।

### ୧. ପିଲା ନାମକରଣ ଗୀତ :

ରେ ରେ ରେ ଲାୟ ରେ ରେ ରେ ଲା
ନାନ୍ଧାଲ ମୁକେ ନୁନିଲେ
ନାନ୍ଧାଲ ମୁକେ ନୁନିଲେ, ନିଓ୍ୱା



ପେଦେଡ଼ କେଲ୍ଲାଲେ
ମିରଓ୍ୱା ଇତ୍‌କେଲ୍ ଯଗୀକନା
ମାତଲେ, ନିଓ୍ୱା ପେଦେଡ଼େ କେଲ୍ଲାଲେ ।

(କୌଣସି ଝିଅପିଲାର ନାମକରଣ ବେଳେ ମହିଳାମାନେ ଏହି ଗୀତ ଗାଆନ୍ତି । ଝିଅର ବାପା ଓ ମାଆର ପୂର୍ବଜଙ୍କ ନାମ ଉଚ୍ଚାରଣ କରି ଝିଅଟିକୁ ଦୋଳିରେ ଝୁଲାଯାଏ । ଯେଉଁ ନାମର ଉଚ୍ଚାରଣ ଶୁଣି ଝିଅଟି ଶୋଇପଡ଼େ; ତାକୁ ସେହି ନାମ ଦିଆଯାଏ ।)

### ୨. ମହୁଲପରବ ଗୀତ :

ରେ ରେ ରେ ଲାୟରେ ରେ ରେ ରେ ଲା
କସା ଦାଦାନ୍ ମୁତେନାଦ ନାଲୁମୁଲାକୁ
ପାଣ୍ଡୁର ପାଣ୍ଡୁର
ଇତାଟିନ୍ ମିକିଲନ୍ଦା ଉସିମନା
ଉମତାକେ ଉସିତା ପିସକ୍ ଲାଙ୍ଗିତା
ନାଟିନ୍ ପିକି ପହାଡ୍ ନାଦିକ୍ ମୁନ୍
ନାଟେନ୍ ପିକି ନାକତାତା ପିନେ ଲାଙ୍ଗିତା

(ଆମ ଗାଁ'ର ଯୁବତୀମାନେ ଲନ୍ଦାକୁଟିବା ଜାଣିନାହାନ୍ତି, ଗଛ କାଟିବା ଜାଣି ନାହାନ୍ତି । କିଛିବି କାମଧନ୍ଦା ଠିକ୍ ଭାବରେ ଜାଣିନାହାନ୍ତି । ଠାକୁର କିପରି ସନ୍ତୁଷ୍ଟ ହେବେ ତୁ ମା' ବୁଝିବୁ ।)

### ୩. ବାହାଘର ଗୀତ :

ରେ ରେ ରେ ଲାୟ ରେ ରେ ରେ ଲା
ରେ ରେ ରେ ଲାୟ ରେ ରେ ରେ ଲା
ନିମା ପୋଏ ନିମା ପୋଏଲ୍ ବାଲେଲି
ନିମା ମୁଦାଲ୍ ମୁଦାଲ୍ ପେଦେରୁ
ୟା ୟି ୟି ୟି ଲୋ ନାନୋ ବାୟୋ
ନିମାୟୋ ବାୟା ନାନା ବାୟା
ୟା ୟି ୟି ୟି ଲୋ ନାନୋ
ରେ ରେ ରେ ଲାୟ ରେ ରେ ରେ ଲା

(ବାହାଘର ସମୟରେ ଗାନ ହେଉଥିବା ଏହି ଗୀତରେ ଝିଅଟିକୁ ତା'ସାଥିମାନେ କହୁଛନ୍ତି, ତୁ ଆମକୁ ଛାଡ଼ି ଚାଲିଯାଉଛୁ ।


SUPRATIK INFRAVENTURES
LIFESTYLE Project - II
Limited 2 & 3 BHK
Flat Available
RERA
APPROVED
7205330222
sales@supratikinfraventures.com
Follow us on :
/ supratikinfraventures
www.supratikinfraventures.com
Branch Office : Alupur, Near Laxminarayan Temple
O. T. Road, Balasore - 756001

ନୂଆଘର ନୂଆ ସଂସାର ପାଇ ଆମକୁ ଭୁଲିଯିବୁ ନାହିଁ ତ !)

### ୪. ଶିକାର ଗୀତ :

ରେ ରେ ରେ ଲାୟ ରେ ରେ ରେ ଲା
ବାରେ କୋରୁ କୋରୁଲି କୋରୁମାର୍ ମାମାୟା
କୋରୁ ୟଲଡ୍ ୱାତା ମାମାୟା
ଲୁପୁକୋରୁ କାରୁଲି କୋରୁ ୱାଇ ମାମାୟ
କୋରୁ ୟଲତ ୱାତା ମାମାୟା
ଅଡ଼ମ୍ କିଟେରେ ଭଲି ଅଡ଼ସ କିଟେର ଉଲି
ଆଦେର ୱିନ୍ କେପାଲୀ ଆଦେଇ ୱିନ୍ କପାଲୀ
ଗାଙ୍ଗାରେଙ୍ଗା ୱିନ୍ଦୁରି ଗାଙ୍ଗାରେଙ୍ଗ ୱିନ୍ଦୁଲି
କିସୁ ମିନଗୁଡ଼ କାଡୁଲି କି ମିନଗୁଡ୍ କାଡୁଲି
ସୁରଇନା ୱିତିମାଲି ସୁରୁଇଦା ୱିଡ଼ିସାଲି
କେଡ଼ା କୋଡୁମ୍ ୟାକୁମ୍
ରେ ରେ ରେ ଲାୟ ରେ ରେ ରେ ଲା

(ବେଣ୍ଟ ଶିକାରରୁ ଧାଂଡ଼ାମାନେ ଶିକାରକୁ କାନ୍ଧରେ ପକାଇ ନାଚି ନାଚି ଫେରିଲାବେଳେ ଧାଂଡ଼ୀମାନେ ଏହି ଗୀତ ଗାଇଥାନ୍ତି ତାଙ୍କୁ ସ୍ୱାଗତ କରିବାପାଇଁ । 'ଆସ, ମଇଁଷି ଶିଙ୍ଗ ହଲେଇ ନାଚିବା, ହରିଣ ଶିଙ୍ଗ ଧରି ନାଚିବା, ଧନୁଶର ଆଜି ଟିକ୍ ଟିକ୍ କରୁଥିଲା, ସେହି ତୀରରେ ଶିକାର କରି କୋୟାମାନେ ଆଜି ଫେରିଛନ୍ତି ।)

### ୫. ପ୍ରେମଗୀତ :

ନିମାଇଙ୍ଗା ନିମାନାନୀ
ତୁମୁଡ଼ି ମୁସେ ଗାମିଡ଼ ୱେଇ
ରେଲା ପୁଙ୍ଗାର ମୟୀ ନୁନୀ
ତୁମୁଡ଼ି ମୁସେ ଗାମିଡ଼ ୱେଇ
ନିକିଙ୍ଗ ୱଡ଼ିସି ମାନେ ନୁନୀ
ତୁମୁଡ଼ି ମୁସେ ଗାମିଡ଼ ୱେଇ
ଜିୟା ଲଦିନିଙ୍କୁ ନୁନି
ତୁମୁଡ଼ି ମୁସେ ଗାମିଡ଼ ୱେଇ
ମୁରଟ ପୁଙ୍ଗାରମୟା ନୁନି
ତୁମୁଡ଼ି ମୁସେ ଗାମିଡ଼ି ୱେଇ
ଡ଼ୋଲକେ ମାତକେ ନି ତୋଡ଼େ
ତୁମୁଡ଼ି ମୁସେ ଗାମିଡ଼ ୱେଇ ।

(ଏହି ଗୀତ ଧାଂଡ଼ା-ଧାଂଡ଼ୀବସାରେ କିମ୍ବା ପର୍ବପର୍ବାଣି ସମୟରେ ଧାଂଡ଼ା ଧାଂଡ଼ୀ ପ୍ରେମ ନିବେଦନ ଉଦ୍ଦେଶ୍ୟରେ ଗାଇଥାନ୍ତି - 'ହେ ! ପ୍ରିୟତମ, ହସ ହସ ମୁହଁକୁ ଓଢ଼ଣୀ ଖୋଲି ଦେଖ । ଅରଖଫୁଲ ପରି ତୋ ମୁହଁ, ତୋତେ ଛାଡ଼ି ରହି ପାରିବିନି ପ୍ରିୟତମା । ଜୀବନ ଦେଇ ମୋତେ ପାଇଛୁ, ପଳାସଫୁଲର ରସ ସହିତ ତୋ ସ୍ନେହ ମୋତେ ଦେଉଥା; ମରିଲେ ବଞ୍ଚିଲେ ତୋ ସହିତ ।')

ଏହିପରି ଅନେକ ଲୋକଗୀତ କୋୟା ସମାଜରେ ପ୍ରଚଳିତ ଅଛି । ମାତ୍ର ଯୁବପିଢ଼ି ଏହିପ୍ରକାର ଲୋକଗୀତରୁ ଦୂରେଇ ଯାଇ ଦେଶିଆ ଲୋକଗୀତର ବିପୁଳ ବ୍ୟବହାର କରୁଥିବା କାରଣରୁ କୋୟାର ଏହି ମୌଖିକ ପରମ୍ପରାରେ ଅବଲୁପ୍ତ ନ ହେବ କିଏ କହିବ ।

## ଲୋକୋକ୍ତି

ମୌଖିକ ପରମ୍ପରା ଯେ ଲୋକୋକ୍ତିର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଶେଷ କରି ଏହି ଲୋକୋକ୍ତିଗୁଡ଼ିକୁ ଆଦିବାସୀ ସମାଜରେ ବାକ୍‌ନା କହିଥାନ୍ତି । ଏହା ସେମାନଙ୍କର ବୌଦ୍ଧିକ ବିଚାରଧାରାକୁ ପ୍ରୋତ୍ସାହିତ କରିଥାଏ । ବିଶେଷ




କରି ବୁଦ୍ଧି ପରୀକ୍ଷା, ମନୋରଂଜନ, ରହସ୍ୟପୂର୍ଣ୍ଣ ପ୍ରକାଶଭଙ୍ଗୀ ଓ ଲୋକଶିକ୍ଷା ପାଇଁ ଏହାର ଉପଯୋଗ ହୋଇଥାଏ । କୋୟା ଲୋକ ସମାଜରେ ଏହିଭଳି ଲୋକୋକ୍ତିର ବ୍ୟବହାର ରହିଛି । ପ୍ରସଙ୍ଗକ୍ରମେ ସେମାନେ ଢ଼ଗଢ଼ମାଳି, ପହେଳି, ନାଁ'ଦିଆ ଇତ୍ୟାଦି ବ୍ୟବହାର କରିଥାନ୍ତି । ବିଶେଷ କରି ବୟସ୍କ ପୁରୁଷ ଓ ନାରୀ ତଥା ଅଭିଜ୍ଞତା ସଂପନ୍ନ ଲୋକେ ଏସବୁ ପ୍ରୟୋଗ କରନ୍ତି । ନିମ୍ନରେ ସେହି ଲୋକୋକ୍ତିରୁ କିଛି ଉପସ୍ଥାପନ କରାଗଲା ।

### ଢଗଢ଼ମାଳି

୧. କିଛି ଇଲିୱା ଉମା ପେଇତିତ୍ (ନିଆଁ ନଥାଇ ଧୂଆଁ ବାହାରିବା) ।
୨. ନନଲକ୍ ଆୟ ପରକ ଆୟଗଟି କେତାନାଦ୍ (ଅଲଣା କଥା) ।
୩. ମାଡ଼ା ତାରିସ୍‌ଦି ତାପା ତିସାନନ୍ (ଗଛକୁ ଚଢ଼ାଇ ମୂଳ ହାଣିଦେବା) ।
୪. କୁଜ୍‌ଡ଼ା ପଡ଼ି ଇତାଗେ କିଛି ଲିକାନନ୍ (ଅତି ଆଶା ମୃତ୍ୟୁର କାରଣ) ।
୫. ତାଡ଼ାମ୍ ଆଗ୍ କାଛାନନ୍ ୱାଡ଼େ ଆସ ୱିଷାମ୍ ଡ଼ିପାନନ୍ (ସାପ ହେଇ କାମୁଡ଼ିବା, ଗୁଣିଆ ହେଇ ବିଷ ଝାଡ଼ିବା) ।
୬. କାଇକ୍ କାଆଲକ୍ ମେଲେଙ୍କ, ବୁକାମେଇଲିତା (ହାତଗୋଡ଼ ଚଳିଲେ ପାଟି ପାକୁପାକୁ ହେବା) ।

ଏହିପରି ଅନେକ ଢ଼ଗଢ଼ମାଳି ଆଜି ବି କୋୟା ଗାଁ'ମାନଙ୍କରେ ବ୍ୟବହୃତ ହୋଇ ସେମାନଙ୍କ ଲୋକଦୃଷ୍ଟିର ପରିଚୟ ବହନ କରୁଛି ।

ପ୍ରକୃତରେ କୋୟାର ଲୋକସଂସ୍କୃତି ହିଁ ସେମାନଙ୍କ ଲୋକସାହିତ୍ୟର ମୂଳଦୁଆ । ଯାହା ସେମାନଙ୍କ ଅନ୍ତର୍ଦୃଷ୍ଟି ଓ ଲୋକ ଚେତନାର ମିଳିତ ଇସ୍ତାହାର । କୋୟାର ଲୋକସାହିତ୍ୟ ଅନ୍ତର୍ଗତ ମିଥ୍, କିମ୍ବଦନ୍ତୀ, ଲୋକକାହାଣୀ, ଲୋକଗୀତଗୁଡ଼ିକ ସଂକ୍ଷିପ୍ତ ହେଲେ ହେଁ ଭାବଗର୍ଭକ, ଶାଣିତ, ରସଧର୍ମୀ ଓ ଚିତ୍ରଧର୍ମୀ । ପୁନଶ୍ଚ ଏହା ଏତେ ପରିମାଣରେ ସଂସ୍କୃତିର ବାହକ ଯେ, ତାହା ତାଙ୍କ ସଂସ୍କୃତିର ସରଂକ୍ଷଣରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି । ଯଦି ଆମେ ଏହି ଜନଜାତିବର୍ଗର ଲୋକସାହିତ୍ୟର ସଂରକ୍ଷଣ ଓ ପ୍ରସାର ନକରିପାରିବା ତେବେ ସେମାନଙ୍କ ସଂସ୍କୃତି ସହିତ ସେମାନଙ୍କ ବିଶ୍ୱଦୃଷ୍ଟି ଯେ ଦିନେ ଅବଲୁପ୍ତ ହୋଇଯିବ ଏହା ନିଃସନ୍ଦେହରେ କୁହାଯାଇପାରେ ।

#### ସହାୟକ ଗ୍ରନ୍ଥସୂଚୀ :


୧. **Tribal Heritage of India : Vol-I, S.C. Dube (Ed.), Vikash Publishing House, New Delhi, ୧୯୭୭**
୨. ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଜନଜାତି ସଂସ୍କୃତି ଓ ସାହିତ୍ୟ, ପାତ୍ର, ଦେବାଶିଷ, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ୨୦୧୫
୩. କୋୟା ଲୋକସାହିତ୍ୟ, ପଟେଲ ପରମାନନ୍ଦ (ସଂ), ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର, ୨୦୧୫

PVC HDPE Pipes & Fittings

OHM PIPES PVT. LTD.





“An ISO 9001-2015 Certified Company”

**OHM PIPES, Symbol of Trust**

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com

# ବିହନ ବୁଣାର ପର୍ବ



# ବାଲିଯାତ୍ରା


## ସବ୍ୟସାଚୀ ବିଷୋୟୀ

କଣ୍ଟାମାଳ, ନବରଙ୍ଗପୁର-୭୬୪୦୭୨
ଫୋନ:୯୩୪୮୩୩୮୬୭୬


ଫଟୋ ସୌଜନ୍ୟ : ଲେଖକ

**ଜନଜାତି ସଂସ୍କୃତି ଓ ପରମ୍ପରାରେ ଅନେକ ଯାନିଯାତ୍ରା ଓ ପର୍ବପର୍ବାଣି ରହିଛି । ତା ଭିତରେ ଏ ବାଲିଯାତ୍ରାରେ ହିଁ ମଣିଷ ଏବଂ ଦେବତାଙ୍କୁ ଏକାକାର କରେ । ଅନେକ ପର୍ବ ଓ ଯାତ୍ରା ଭିତରୁ ସବୁଠାରୁ ଅଧିକ ଆକର୍ଷଣୀୟ ଓ ଆଡ଼ମ୍ବର ସହକାରେ ପାଳନ ହେଉଥିବା ଯାତ୍ରାର ନାଁ : ବାଲିଯାତ୍ରା । ବାଲିଯାତ୍ରା ସମ୍ପର୍କରେ ସବ୍ୟସାଚୀଙ୍କ ଉପସ୍ଥାପନା**



▲ ଫଟୋ ସବ୍ୟସାଚୀ ବିଷୋୟୀ

କେବେ ଦିନେ ଆମ ଗାଁ ବାଲିଯାତ୍ରାରେ ଆମେ ବାଲିଫୁଲ ବାନ୍ଧିଥିଲୁ ଫୁଲମତୀ ସହ । କିନ୍ତୁ ଫୁଲମତୀ ସେଦିନ ସେ ଅଚାନକ ତାଙ୍କ ଗାଁ ବାଲିଯାତ୍ରା ଦେଖିବା ଯିବା ପାଇଁ ଆମନ୍ତ୍ରଣ କଲେ । ମୋ ମନରେ ଆନନ୍ଦର ଜୁଆର । ମୋ ବାଲ୍ୟବାନ୍ଧବୀ, ମୋ ବାଲିଫୁଲ ସହ ଭେଟ ହେବ ଅନେକ ବର୍ଷ ପରେ, ତା' ବି ବାଲିଯାତ୍ରାରେ ! ଭୀମା ରୈଲାକୁ ସାକ୍ଷୀ ରଖି ମୁଁ ତାଙ୍କ କାନରେ ଆଉ ସେ ମୋ କାନରେ ଖୋସିଥିଲୁ ବାଲିଗଜା । ସେବେଠୁ  ଆମେ ଦୁହେଁ ବାଲିଫୁଲ ।

ରାତି ପାହିବା ମାତ୍ରେ ବାହାରି ପଡ଼ିଲି ବାଲିଫୁଲଙ୍କ ଗାଁ । ଗାଁରେ ଅନତିଦୂରରୁ ଶୁଭୁଥିଲା ଡମ୍ ବାଜା । ନିଶାନ୍, ଢୋଲ, ଟିଡ଼ିବିଡ଼ି ଓ ପିତ୍ତଳ ମହୁରୀର ନାଦରେ ପରିବେଶ ଲାଗୁଥିଲା ପବିତ୍ର । ଉତ୍ତୁରି ଆସୁଥିଲେ ସ୍ୱର୍ଗରୁ, ପବନରୁ, ପାଣିରୁ, ପାହାଡ଼ରୁ, ଗଛରୁ ଦେବୀ ଓ ଦେବତାମାନେ ।

ଆମ ସଂସ୍କୃତିରେ ଆମ ପରମ୍ପରାରେ ଅନେକ ଯାନିଯାତ୍ରା ଓ ପର୍ବପର୍ବାଣି ଭିତରେ ଏ ବାଲିଯାତ୍ରାରେ ହିଁ ମଣିଷ ଏବଂ ଦେବତା ଏକାକାର ହୁଅନ୍ତି । ଲୋକ ପରମ୍ପରାରେ କିଛି ପର୍ବ ଓ ଯାତ୍ରା ରହିଛି । ଆମ ଅଞ୍ଚଳରେ ଚୈତ୍ର ପରବ, ଉମୁସ୍ ପରବ, ନୂଆଁ ପରବ, ଦିଆଲି ପରବ ଓ ପୁଷ୍ ପରବ ଭଳି ଆହୁରି ଅନକେ ଛୋଟ, ବଡ଼ ପରବ ପାଳନ କରାହୁଏ । ଯାହା ପ୍ରତ୍ୟେକ ମଣିଷ ବ୍ୟକ୍ତିଗତ ଭାବେ ନିଜ ନିଜ ପରିବାରବର୍ଗଙ୍କ ସହ ପାଳନ କରନ୍ତି । ଯାତ୍ରା ଗୁଡ଼ିକ ମଧ୍ୟରେ ମଣ୍ଡେଇ, ବଜାର, କଳସୀ, ବିହନ ଯାତ୍ରା, ଅଷାଢ଼ ଖେନ୍ଦା ଯାତ୍ରା, ଦଶରା, ବୋଏଲାନୀ ଯାତ୍ରା ଓ ବାଲିଯାତ୍ରା ଆଦି ରହିଛି । ତା ଭିତରେ ବଜାର ଦୁଇ ପ୍ରକାରର ରହିଛି: ଦଶରା ବଜାର ଓ ଚୈତ୍ର ବଜାର । ବୋଏଲାନୀ ଯାତ୍ରା ମଧ୍ୟ ଦୁଇ ପ୍ରକାରର ରହିଛି । ଗୋଟିଏ ସାନ ବୋଏଲାନୀ ଓ ଅନ୍ୟଟି ବଡ଼ ବୋଏଲାନୀ । ତେବେ ଏ ସବୁ ପର୍ବ ଓ ଯାତ୍ରା ଭିତରେ ସବୁଠାରୁ ଅଧିକ ଆକର୍ଷଣୀୟ ଓ ଆଡ଼ମ୍ବର ସହକାରେ ପାଳନ କରାଯାଏ **ବାଲିଯାତ୍ରା** ।

ବାଲିଯାତ୍ରା ଅନେକ ପ୍ରକାରର ରହିଛି । ମାଟିକୁ ନେଇ ବାଲିଯାତ୍ରା ହୁଏ । ଆଦିବାସୀ ପରମ୍ପରାରେ ପ୍ରତ୍ୟେକ ଗାଁରେ ମାଟି ଭିନ୍ନ ଭିନ୍ନ । ଗାଁର ପ୍ରଥମ ବାସିନ୍ଦା ମୁତାବକ ତଥା ମାଟି ପୂଜାରୀର ସମ୍ପ୍ରଦାୟକୁ ଧରି ନିର୍ଦ୍ଧାରିତ ହୁଏ ଗାଁର ମାଟି । ପରଜା ମାଟି, ଭତରା ମାଟି, ଗୋଣ୍ଡ ମାଟି, କନ୍ଧମାଟି, ଗୋରି ମାଟି, କାବ୍ରି ମାଟି, ସିଂହାସନ ମାଟି ଇତ୍ୟାଦି ଭାବରେ ବିଭାଗୀକରଣ କରାଯାଇଛି । ଅଧିକନ୍ତୁ ବାଲିଯାତ୍ରା ପରଜା ମାଟି ଓ ଭତରା ମାଟି ଥିବା ଗାଁମାନଙ୍କରେ ଅନୁଷ୍ଠିତ ହୁଏ ।

ବାଲିଯାତ୍ରା ସ୍ଥାନ ବିଶେଷରେ ଭିନ୍ନ ଭିନ୍ନ ରହିଛି । ଯେପରିକି 'ପରଜାବାଲି' ତିନିବର୍ଷରେ ଥରେ ନଅ ଦିନ ପାଇଁ ହୁଏ (ନଅଦିନ ପାଇଁ କୁହାଯାଏ କିନ୍ତୁ ମାସେରୁ ଅଧିକ ସମୟ ଲାଗେ ସବୁ ବିଧାନକୁ ପାଳନ କରୁକରୁ), 'ଭତରା ବାଲି' ବା 'ପାଟ୍ ବାଲି' ବାର ବର୍ଷରେ ଥରେ ତିନିମାସ ପାଇଁ ହୁଏ, ଘରବାଲି ପୂଜାରୀ ପରିବାର ତଥା ଦେବୀ ଦେବତା ଥିବା ପୁରୁଖା ପରିବାରରେ ସମୟ ସୁବିଧା ଦେଖି ତିନି ବର୍ଷ କିମ୍ୱା ବାରବର୍ଷ ବ୍ୟବଧାନରେ ପାଳନ କରାହୁଏ । ଏହାସହ ସ୍ଥାନ କାଳ ପାତ୍ର ଦେଖି ଭୋଦବାଲି ପ୍ରତିବର୍ଷ ଭାଦ୍ରବ ମାସରେ ହୁଏ । ତେବେ ବାଲିଯାତ୍ରା ଭିନ୍ନ ଭିନ୍ନ ହେଲେ ମଧ୍ୟ ସେହି ସମାନ ଦେବୀ ଦେବତାମାନଙ୍କୁ ପୂଜା କରାଯାଏ । ଏହାର ଉଦ୍ଦେଶ୍ୟ ମଧ୍ୟ ସମାନ ।

ମୋର ବାଲିଫୁଲଙ୍କ ଗାଁରେ ପରଜା ବାଲି ଅନୁଷ୍ଠିତ ହୁଏ । ବାଲିଯାତ୍ରାର କେତେକ ବିଧି ରହିଛି । ଏହି ବାଲିଯାତ୍ରା ଚାଲୁଥିବା ସମୟରେ କିଛି ନିର୍ଦ୍ଦିଷ୍ଟ ଦିନ ରହିଥାଏ ଯେଉଁ ସବୁଦିନମାନଙ୍କରେ ଗାଁ ଅଧିକ ଉତ୍ସବ ମୁଖର ହୁଏ । ଗଦନା ହାଣ୍ଡି ବସେଇବା ଦିନ, ଭୀମା ଜନ୍ମ ଦିନ, ନାଧରାନୀ ବା ନାମକରଣ ଦିନ, ବାଲି ରାପିବା ଦିନ, ବାରୁ ବୁଣିବା ଦିନ, ମୁଖ୍ୟ ବାଲିଯାତ୍ରାର ପୂର୍ବ ଦିନ ଓ ଏସବୁ ଭିତରେ ପଡୁଥିବା ସବୁ ମଙ୍ଗଳବାର ଦିନ ଯାହାକୁ ଯୋଗାଡ଼ ବୋଲି ମଧ୍ୟ କୁହାଯାଏ ।

'ବାଲି' ଶବ୍ଦ 'ବାରୁ'ରୁ ଆସିଛି । 'ବାରୁ'ର ଅର୍ଥ ବିହନ । ବିହନକୁ ବୁଣାଗଲା ପରେ ଅଙ୍କୁରିତ ଗଜାକୁ ଗାଁର ମୁଖ୍ୟ ଦେବୀଙ୍କୁ ଅର୍ପଣ କରିବାର ପ୍ରକ୍ରିୟା ହେଉଛି ବାଲିଯାତ୍ରା ।

ଆଦିବାସୀଙ୍କ ମୁଖ୍ୟ ଦେବତା ହେଉଛନ୍ତି ଭୀମା । ଭୀମା ହେଉଛନ୍ତି ଆଦି ପୁରୁଷ । ସେ ହେଉଛନ୍ତି କୃଷି ଓ କୃଷକର ଦେବତା । ଚାଷକାର୍ଯ୍ୟ କରିବା ପାଇଁ ଯେଉଁ ଉପାଦାନ ଗୁଡ଼ିକ ଆବଶ୍ୟକ ଥିଲା ତାହା ଭୀମା ଦେବତା ନିର୍ମାଣ କରିଥିଲେ । ଖାଦ୍ୟୋପଯୋଗୀ ବାରୁ ବା ବିହନର ସନ୍ଧାନ କରି ଆଦିବାସୀ ସଭ୍ୟତାରେ କୃଷିର ଉପଯୋଗୀତାକୁ ପ୍ରତିପାଦନ କରିଥିଲେ । ତେଣୁ ତାଙ୍କୁ ସମ୍ମାନ ଓ କୃତଜ୍ଞତା ଜ୍ଞାପନ କରିବା ପାଇଁ ବାଲିଯାତ୍ରା ପାଚୀନ କାଳରୁ ଅନୁଷ୍ଠିତ ହୁଏ ।

ଚାରି ପ୍ରକାର ବାଲିଯାତ୍ରା ଅନୁଷ୍ଠିତ ହେଉଥିଲେ ହେଁ ପରଜା ବାଲି ଓ ପାଟ ବାଲି ହେଉଛି ମୁଖ୍ୟ ଏବଂ ସାମୁହିକ ଯାତ୍ରା । ପରଜା ବାଲିର ଚିତ୍ରସବୁ ଆଖି ଆଗରେ ଝଲସି ଯାଉଥିଲା । ଆମ ଅଂଚଳ ହେଉଛି କୃଷି ପ୍ରଧାନ । ଏଠାକାର ସବୁ ପ୍ରକାର ଜନଗୋଷ୍ଠୀ କୃଷି ସହ ଓତଃପ୍ରୋତ ଭାବେ ଜଡ଼ିତ । ଯେଉଁମାନେ ଚାଷୀ ସେମାନଙ୍କ ବିଚାର ପରେ ବାଲିଯାତ୍ରା ଆରମ୍ଭ ପାଇଁ ଦିନ ଧାର୍ଯ୍ୟ ହୁଏ । ଯାହାର ଯେତେ ଜମି ସେତେ ଚାନ୍ଦା । ଖୁସି ଖୁସି ସମସ୍ତେ ମାନି ଯାଆନ୍ତି ଓ ଦେଇ ଦିଅନ୍ତି ମଧ୍ୟ । ଭଲ ଦିନଟେ

ଦେଖି ଶୁଭଖମ୍ବା ମହୁଲ ଖମ୍ବା ଜଂଗଲରୁ ଆଣି ପୋତାଯାଏ । ପରେ ପୂଜାରୀ ଘରେ ସ୍ୱତନ୍ତ୍ର ଅସ୍ଥାୟୀ ବୋଲି କୁଡ଼ିଆ ନିର୍ମାଣ ହୁଏ ।

ଭିତରେ ଗୋଟିଏ ବଖରା ଓ ଗୋଟିଏ ବାରଣ୍ଡା କରାଯାଏ । ବାଲି କୁଡ଼ିଆ ତିଆରି କରିବା ପରେ ବାଲିଯାତ୍ରା ସୂତ୍ରଧର ଗୁରୁମାଇଁଙ୍କୁ ଡକାଯାଏ ।

ଗୁରୁମାଇଁ ଶବ୍ଦର ଅର୍ଥ ହେଉଛି ସବୁ ଦେବୀ ଦେବତାଙ୍କୁ ଏକତ୍ର କରିବା ଓ ସେମାନଙ୍କୁ ସନ୍ତୁଷ୍ଟ କରିବାର ପୁରୋଧା ବ୍ୟକ୍ତି । ଗୁରୁମାଇଁ ଶବ୍ଦରେ ହିଁ ଏହାର ଅର୍ଥ ନିହିତ ରହିଛି ଯେ ଗୁରୁ ମୁଖ୍ୟ ଜଣେ ନାରୀ । ପୁରୁଷ ଗୁରୁମାଇଁ କ୍ୱଚିତ୍ ଦେଖିବାକୁ ମିଳନ୍ତି କିଛି ଗାଁରେ । ଆଦିବାସୀ ସମାଜ ହେଉଛି ନାରୀ ପ୍ରଧାନ ସମାଜ । ଦେବୀ ଦେବତାଙ୍କ ପୂଜା ବା ସେବା କରିବା ପାଇଁ ପୁରୁଷର ଭୂମିକା ଯେତିକି ଜଣେ ନାରୀର ମଧ୍ୟ ସେତିକି । ତେଣୁ ବାଲିଯାତ୍ରା ଭଳି ବଡ଼ ଅନୁଷ୍ଠାନରେ ଜଣେ ନାରୀ ସେବିକା ରୂପେ ଦେବୀ ଦେବତାଙ୍କୁ ପୂଜା କରନ୍ତି ଗୁରୁମାଇଁ । ବାଲିଯାତ୍ରା ବିଧି ବିଧାନର ସବୁ ଦାୟିତ୍ୱ ଗୁରୁମାଇଁଙ୍କ ଉପରେ ।

ଗୁରୁମାଇଁଙ୍କୁ ନୂଆ କନିଆଁ ଭଳି ଆମନ୍ତ୍ରିତ କରାଯାଏ । ଆଦିବାସୀ ପରମ୍ପରାରେ ନୂଆ ଭୁଆଷୁଣିଙ୍କୁ ଆଣିବା ସମୟରେ ସାନ ମାଆଲା / ମାଙ୍ଗନୀ, ବଡ଼ ମାଆଲା କରାଯାଏ । ଗୁରୁମାଇଁଙ୍କୁ ଆଣିବାକୁ ମଧ୍ୟ ସାନ ମାଆଲା, ବଡ଼ ମାଆଲା କରାଯାଏ । ଦୁଇଥର ଗାଁର ପୁରୁଷ ଓ ମହିଳାମାନେ ଯାଇ ଗୁରୁମାଇଁଙ୍କୁ ନୂଆ ଶାଢ଼ି, ଚୁଡ଼ି, ମାଳି, ଲିଆମୁଆଁ, ମଦ, ଚାଉଳ ଭାତିଆ ସହ ଆମନ୍ତ୍ରଣ କରନ୍ତି । ଦିଶାରୀଙ୍କ ପରାମର୍ଶ କ୍ରମେ ଗୋଟିଏ ଶୁଭ ଦିନ ଦେଖି ଗୁରୁମାଇଁଙ୍କୁ ଏକ ଶୋଭାଯାତ୍ରାରେ ବାଜାମହୁରୀ ସହ ଗାଁକୁ ଅଣାଯାଏ । ବାଲି କୁଡ଼ିଆକୁ ଦିଶାରୀ ପ୍ରତିଷ୍ଠା କରେ । ଗୁରୁମାଇଁ ଆସିବା ପରେ ଆରମ୍ଭ ହୁଏ ବାଲିଯାତ୍ରା । ବାଲି କୁଡ଼ିଆ ଭିତରେ ଦୁଇଟି ହାଣ୍ଡି ବସାଯାଏ । ସେହି ହାଣ୍ଡି ଦୁଇଟିକୁ 'ଗଦନା ହାଣ୍ଡି' କୁହାଯାଏ । ଗାଁର ରଇତ ମାନେ ଚାଉଳ ଚକନି ଆଣି ସେହି ଗଦନା ହାଣ୍ଡିରେ ସବୁଦିନ ଢାଳନ୍ତି ।

ବିଭିନ୍ନ ଦେଶିଆ ତଥା ପରଜା ଭାଷାର ମନ୍ତ୍ର ସହିତ ଗୁରୁମାଇଁ ଆରମ୍ଭ କରନ୍ତି ଦେବ ନିଇତା । ପାଦରେ ଝପ (ଘୁଙ୍ଗୁର), ହାତରେ ମଜୁର ମୁଠା (ମୟୂର ପୁଚ୍ଛ) ଓ ହାତରେ ମନ୍ତୁରା ଚାଉଳ ଧରି ନାଚି ଯାଆନ୍ତି ସମବେତ ଗ୍ରାମବାସୀଙ୍କ ଗହଣରେ । ପିତଳ ମହୁରୀର 'ଦେବତା ଚେଗାଏନି ପାର' ବାଜୁଥାଏ । ମନ୍ତ୍ରରୁ ଚାଉଳକୁ ଫିଙ୍ଗି ଦିଅନ୍ତି ସେମାନଙ୍କ ଉପରେ । ମାଟି ଉପରେ ଗଡ଼ି ଯାଆନ୍ତି ଧାଙ୍ଗଡ଼ା ଧାଙ୍ଗଡ଼ିମାନେ । ସେମାନଙ୍କ ଦେହରେ ଆବିର୍ଭାବ ହୁଅନ୍ତି ବିଭିନ୍ନ ଦେବୀ ଦେବତା ପୁରୁଷମାନଙ୍କ ଦେହରେ ଆସନ୍ତି ବାରଭାଇ ଭୀମା: ବୁଢ଼ାଭୀମା, ଝାକଡ଼ା ଭୀମା, ଟଏଁଲା ଧରୁ ଭୀମା, ଖୋଜରାଏନି ଭୀମା, ରଣ୍ଡଲୁ ଭୀମା, ନାଙ୍ଗା, ଭୀମା, ପିଲା ଭୀମା, ଲାଡ୍ରା ଭୀମା, ଟେଣ୍ଡକାଫାଶୁ ଭୀମା, ଶାର୍ଙ୍ଗୀଧରୁ ଭୀମା, ତୁମାଧରୁ ଭୀମା, ନଙ୍ଗଲ ଧରୁଭୀମା, ଧାନବୁନୁ ଭୀମା, ମାଆଲୋ କାରିଆ ଏବଂ ଗ୍ରାମ ବିଶେଷରେ କିଛି ଦେବତା ।

ଠିକ୍ ସେହିଭଳି ଧାଙ୍ଗଡ଼ୀମାନଙ୍କ ଦେହରେ ଆସନ୍ତି ପଦରଘସାଏନୀ, ଦାଣ୍ଡ ଧାରନୀ, ଚକ ଧାରନୀ, କଳା ଧାରନୀ, ବାମନନ୍ଦୀ, ଗୁମାନନ୍ଦୀ, ନିଶାନନ୍ଦୀ, ରଏଲା, କନ୍ଦନୀ, ଫୁଲ ଧାଙ୍ଗଡ଼ୀ, ଲାଡ୍ରି ସାତଧାଙ୍ଗଡ଼ୀ, ବାଆଡ଼ି ମାତା ଏଭଳି ଅନେକ ।

ଏହି ଦେବୀ ଦେବତାମାନେ ସବୁ ଗାଁର ବାଲିଯାତ୍ରାରେ ଆସନ୍ତି । ଏମାନେ ହେଉଛନ୍ତି ବାଲିଯାତ୍ରାର ମୁଖ୍ୟ ଦେବୀ ଦେବତା । କିନ୍ତୁ ଏହା ସହିତ ଏହି ଅଂଚଳର ଲୋକ ଦେବୀ ଦେବତା ମଧ୍ୟ ଏହି ଯାତ୍ରାରେ ସାମିଲ ହୁଅନ୍ତି ସେମାନେ ହେଲେ ବୁଢ଼ାରଜା, ଚାଉଁରିଆ, ଭୈରବ, ଜେନା, ମାଉଲି, ଦାମଲଦେଇ, ଇଂଲାଜିନୀ, ବୈଞ୍ଜାରନୀ, ପାଟଖଣ୍ଡା, ଖଡ଼ିଆ, ମାଡ଼ିଆ, ଡାବାଦେଇ, ଲିଟିଲିଟାଏନୀ, ପେଣ୍ଡାହାଣ୍ଡାଏନୀ...ଏମାନେ ରଇତ ପରିବାରର ଝିଅ, ବୋହୂ ଓ ପୁଅମାନଙ୍କ ଦେହରେ ସବାର ହୁଅନ୍ତି । ଯେଉଁ ଦେବାଦେବୀଙ୍କ ବୟସ, ରୂପ ଓ ରଙ୍ଗ ଯେମିତି ଥାଏ ଠିକ୍ ସେହି ସମାନ ଧାଙ୍ଗଡ଼ା ଧାଙ୍ଗଡ଼ିଙ୍କ ଦେହରେ ଶିରା ଲାଗେ । ପ୍ରତିଦିନ ଉପରବେଳା ଓ ରାତ୍ରିରେ ସେମାନେ ନାଚନ୍ତି




ଡମ୍ ବାଜା


ବାଲି ସଂଗ୍ରହ ସମୟରେ ଟାଙ୍ଗଡ଼ା

ଯିଏ ଯାହାର ଅସ୍ତ୍ର ତଥା ସେମାନଙ୍କ ପସନ୍ଦର ସାମଗ୍ରୀ ଧରି । ବାରଭାଇ ଭୀମାଙ୍କ ଗୋଟିଏ ଭଉଣୀ ଲାତ୍ରୀଙ୍କ ପାଇଁ ଡିଙ୍କି, ଛୋଟ କୁଲା ସବୁ କରାଯାଏ ।

ପରଜା ବାଲି ପାଞ୍ଚ ଛ'ଦିନ ଚାଲିବା ପରେ ଜନ୍ମ ନିଅନ୍ତି ପିଲା ଭୀମା ବା ଲାତ୍ରା ଭୀମା । ଆଦିବାସୀ ପରମ୍ପରା ମୃତାବକ ଭୀମା ଜନ୍ମ ହେବା ପରେ ତିନି ଦିନରେ କଷା ଦିଆ ଯାଇ ନାମରକଣ ଉତ୍ସବ ପାଳନ ହୁଏ । ସେଇଦିନ ରାତ୍ରିରେ ଦେଶିଆ ନାଟ ହୁଏ ।

ବାଲି କୁଡ଼ିଆ ନିକଟରେ ବେଲ କଣ୍ଟାର ଦୋଳି କରାଯାଇଥାଏ । ସେଇ ଦୋଳିରେ ଦେବତାମାନେ ପ୍ରତିଦିନ ଝୁଲନ୍ତି । ଗୁରୁମାଇଁ ଓ ମାଟି ପଜ୍ଜାରୀ ନୀତି ନିୟମରେ ସବୁଦିନ ଧୂପ, ଦୀପ, ନଡ଼ିଆ, ପଣା ଆଦି ଦେଇ ପୂଜା କରନ୍ତି । ସବୁ ଦେବୀ ଦେବତା ଆସିବା ପରେ ଆରମ୍ଭ ହୁଏ ବାଲିଯାତ୍ରାର ମୁଖ୍ୟ ପ୍ରକ୍ରିୟା । ବାଲି ହେଉଥିବା ଗାଁର ଯେତିକି ଜମିଥିବା ଜମି ମାଲିକ ସେହି ଗାଁର ହେଉ କିମ୍ବା ଅନ୍ୟ ଗାଁର ମଧ୍ୟ ହେଉ) ସମସ୍ତଙ୍କ ଘରକୁ ଯାଇ ବିହନ ସଂଗ୍ରହ କରନ୍ତି ଗୁରୁମାଇ ଓ ସବୁ ଆସିଥିବା ଦେବୀ ଦେବତା । ଏହାକୁ 'ବିହନ ଛିନା' ବୋଲି କୁହାଯାଏ । ଧାନ, କାନ୍ଦୁଲ, ବିରି, କୋଳଥ, ଶିମ୍ବ, ମକା, ମାଣ୍ଡିଆ, ସୁଆଁ ଯେତିକି ପ୍ରକାରର ଶସ୍ୟ ଚାଷ ହୋଇଥିବ । ଏସବୁକୁ ସଂଗ୍ରହ କରି ଗୋଟିଏ ଜାଗାରେ ରଖାଯାଏ । ବିହନ ଛିନା ସରିବା ପରେ ଦିଶାରୀଙ୍କ ନିର୍ଦ୍ଦେଶରେ ବାଲି ସଂଗ୍ରହ କରାଯାଏ ।  ଏହାକୁ 'ବାଲି ରାପା' ବୋଲି ମଧ୍ୟ କୁହନ୍ତି । ପୂର୍ବରୁ ସୁନ୍ଦର ସୁନ୍ଦର ବାଉଁଶ ଚାଙ୍ଗୁଡ଼ି ତିଆରି କରି ଗାଁର ସମସ୍ତ ବ୍ୟକ୍ତି ଏକ ବିରାଟ ପଟୁଆରରେ ନଦୀକୁ ଯାଇ ବାଲି ସଂଗ୍ରହ କରନ୍ତି । ଆଦିବାସୀ ବିଶ୍ୱାସରେ ଜଳର ଦେବୀ ହେଉଛନ୍ତି ଜଳକାମନୀ, ଯେଉଁମାନେ ପାତାଳରେ ରୁହନ୍ତି । ନଦୀ ଭିତରେ ବାଲିକୁ ମଣିଷ ଆକୃତି କରି କଳା ଗୁଣ୍ଡ ରତା ଗୁଣ୍ଡ ଦିଆଯାଏ । ଜଳକାମନାକୁ କୁକୁଡ଼ା ଅଣ୍ଡା, ଧୂପ, ଦୀପ, ମଦ, ପଣା ଦେଇ ଶୁଭ ବାଲି ଗରୁମାଇ ସଂଗ୍ରହ କରନ୍ତି । ପରେ ଯିଏ ଯାହାର ଚାଙ୍ଗୁଡ଼ିରେ ଆଣି ବାଲି କୁଡିଆ ପାଖରେ ଦୁଇଦିନ ଶୁଖାଯାଏ ।  ଏହି ଶୁଖୁଥିବା ସମୟରେ ମାମୁଁ ଓ ଭଣଜାକୁ ବଳଦ କରି ସେହି ବାଲି ଉପରେ ହଳ କରାଯାଏ । ଢେଲ ଚପା ହୁଏ । ପୂର୍ବରୁ ବିଭିନ୍ନ ପ୍ରକାର କୃଷି ଉପଯୋଗୀ ଜିନିଷ ଯଥା-କୋଡିକି, ନଙ୍ଗଳ, ମଟୁଲା, ଚିମ୍‌ଟା, ଟାଙ୍ଗୀଆ, ଇଲା(ଦା'), କପର, ଜୁଆଡ଼ ଇତ୍ୟାଦି ସିମିଳି କାଠରେ ତିଆରି ହୋଇଥାଏ ।

ଏହାପରେ ଆରମ୍ଭ ହୁଏ ବାରୁ ବୁଣା ପର୍ବ । ବାରୁ ବୁଣିବାର ନଅଦିନ ପରେ ବାଲି ବୋଏଲାନୀ ବା ବାଲିଯାତ୍ରା ହୁଏ ।  ବାରୁ ବୁଣିବା ଦିନ ଏକ ବଡ଼ ଉତ୍ସବହୁଏ । ସବୁ ଚାଙ୍ଗୁଡ଼ିରେ ବାଲି ଭର୍ତ୍ତି କରି ସେଇଠି ବିଭିନ୍ନ ପ୍ରକାର ସଂଗୃହୀତ ଶସ୍ୟ ସହିତ ମକା ମଂଜି ବୁଣାଯାଏ । ରାତିର ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହୁଏ । ଏହି ବାରୁ ବୁଣିବା ଦିନ ଠାରୁ ବାଲିଯାତ୍ରା ପର୍ଯ୍ୟନ୍ତ ଗ୍ରାମବାସୀ ବିଭିନ୍ନ ପ୍ରକାରର ନୀତି ନିୟମ ମାନନ୍ତି । ସେହି ନିୟମ ଗୁଡ଼ିକ  ହେଉଛି, ମଦ ପିଇଥିବା ବ୍ୟକ୍ତି ବାଲି କୁଡ଼ିଆକୁ ଯିବ ନାହିଁ, ମୁଣ୍ଡରେ ପଗଡ଼ି  କିମ୍ବା କିଛି ମଧ୍ୟ ବାନ୍ଧିବ ନାହିଁ । ଗାଁରେ କିଏ ବି କୌଣସି ଶସ୍ୟ ଭାଜିବେ ନାହିଁ, ହଳ କରିବେ ନାହିଁ ଇତ୍ୟାଦି ଇତ୍ୟାଦି । ବାରୁ ବୁଣିବା ଦିନଠାରୁ ଗୁରୁମାଇଁ ଗୋଟିଏ କୁଲା ଉପରେ ଧନୁକୁ ରଖି, ଆଉ ଗୋଟିଏ କାଠିରେ ଧନୁ ଉପରେ ଘସନ୍ତି । ଏହି ଧ୍ୱନି ସହ ସବୁ ଦେବୀ ଦେବତାଙ୍କୁ ପରଜା ଗୀତ ମାଧ୍ୟମରେ ଆମନ୍ତ୍ରଣ କରାଯାଏ ।

ଆଲୋ ରାଜା...ଆଲୋ ଧନୀ
ଆସ ପାଟେ ବସ
ଆସ ଆସ ମାଁ ପାଟେ ବସ...
ଆଜି ତୁଇ ଆସ ମାଁ ପରିଦେଶିଆନି
ଲିଟିଲିଟାଏନି
ଆସ ଆସ ବୁଢ଼ା ଭୈରବ, ବୁଢ଼ା ରଜା
ଆସ ପାଟେ ବସ ତୂଇ
ଆସ ବାରଭାଇ ଭୀମା ତୁମେ
ଆସ ଫୁଲର ତଳିତି ଆସ
ନାଗା ଭୀମା, ଉଣ୍ଡଲୁଭୀମା, ଝାଙ୍ଗଡ଼ା ଭକୀମା.
ଖୋଜରାଏନି ଭୀମା, ଲାତ୍ରା ଭୀମା
ଟେଣ୍ଡକା ଫାସୁ, ଠେଙ୍ଗୁଆ ଭୀମା
ପିଲା ଭୀମା, ଟୋଏଁଲା ଭୀମା,


ବାଲି କୁଡ଼ିଆ


ମାଟି ଗୁଡ଼ିରେ ବାଲିଯାତ୍ରା ପହଞ୍ଚିବା ସମୟର ଦୃଶ୍ୟ


ବାଲି ଗଜା

ଏଡି ବାଲିଯାତ୍ରା ସମୟରେ ନୂଆଁ ଖମ୍ବ ସବୁ ସ୍ଥାପନ କରାଯାଏ ।

ବାଲିଯାତ୍ରା ପାଇଁ ବନ୍ଧୁବାନ୍ଧବ ସମସ୍ତଙ୍କୁ ଆମନ୍ତ୍ରଣ କରାଯାଏ । ବିଭିନ୍ନ ହାଟ ବଜାରରେ ଡକାଯାଏ । ମାଟି ଗୁଡ଼ିକୁ ସୁନ୍ଦର ଭାବରେ ସଜେଇ ଦିଅନ୍ତି । ଦୋକାନ ବଜାର ବସେ । ବାଲିଯାତ୍ରାର ପୂର୍ବଦିନ ଏକ ଗୁରୁତ୍ୱପୂର୍ଣ୍ଣ ଦିନ । ଏହି ଦିନରେ ପୂଜାରୀ ଘରେ ବା ବାଲି କୁଡ଼ିଆ ପାଖରେ ମାଲଖମ୍ ସ୍ଥାପନ କରାଯାଏ । ଜଙ୍ଗଲରୁ ଗୋଟିଏ ମହୁଲ ଗଛକୁ ସୁନ୍ଦର ଖମ୍ବଟିଏ ପ୍ରସ୍ତୁତ କରାଯାଏ । ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ସହ ଗୁରୁମାଇ, ଗ୍ରାମବାସୀ, ଶିରା ପୂଜାରୀ ଏକ ବିରାଟ ପଟୁଆରରେ ମାଲଖମ୍ ଆଣିବାକୁ ଯାଆନ୍ତି । ପୂର୍ବରୁ ପ୍ରସ୍ତୁତ କରି ରଖା ହୋଇଥିବା ମାଲଖମକୁ ପୂଜା କରାଯିବା ପରେ ସେଥିରେ ବିଭିନ୍ନ ପ୍ରକାର କଣ୍ଟା ବନ୍ଧାହୁଏ । ଗାଁର ଧାଙ୍ଗଡାମାନେ ଏହି ମାଲଖମକୁ ବୋହିବା ପରେ ଗୁରୁମାଇ ସେହି କଣ୍ଟା ଉପରେ ବସି ବାଲି କୁଡ଼ିଆ ପାଖକୁ ଆସନ୍ତି । ପୋଢ଼ କିମ୍ବା ଘୁଷୁରି ବଳୀ ଦେଇ ସେହି ମାଲଖମ୍ ସ୍ଥାପନ ହୁଏ । ରାତିରେ ଦେବୀ ଦେବତାମାନେ ନାଚିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୁଏ ।

ବାଲିଯାତ୍ରା ମୁଖ୍ୟ ଆକର୍ଷଣ ହେଉଛି ବାରୁବୋଏଲାନୀ ବା ବାଲି ବିସର୍ଜନ । ବୁଣା ଯାଇଥିବା ବାରୁ ନଅ ଦିନରେ ସୁନ୍ଦର ହୋଇ ଫୁଲ ଭଳି ଦେଖାଯାଏ । ଗାଁର ସମସ୍ତ ମହିଳା ଏହାକୁ ମୁଣ୍ଡରେ ବୋହି ଏକ ବିରାଟ ପଟୁଆର ସହ ହଜାର ହଜାର ସଂଖ୍ୟାରେ ଲୋକ ମାଟି ଗୁଡ଼ିକୁ ଯାଆନ୍ତି । ଲାଠି, ପାଲକି, କୁର୍ତି, ଗାଦି ଆଦି ତିଆରି ହୋଇଥିବା ବିଭିନ୍ନ କୃଷି ଉପଯୋଗୀ କୋଡ଼ିକି, ନଙ୍ଗଳ, ମୁଟଲା, ଚିମ୍ଟା, ଟାଙ୍ଗିଆ, ଇଲା(ଦା), କପର, ଜୁଆଡ଼ି, ରଥ, ତୋଲି ସବୁ ପଟୁଆରରେ ଯାଏ । ବିଭିନ୍ନ ପ୍ରକାରର ଲୋକବାଦ୍ୟ, ନୃତ୍ୟ ସବୁ ସାମିଲ ହୁଅନ୍ତି । ମାଟି ଗୁଡ଼ିରେ ପଟୁଆର ପହଂଚିବା ପରେ ତୁରନ୍ତ ସେଇଠୁ ଭୀମା, ରୈଲା, କନ୍ଦନୀ ସବୁ ଖୋଜିବାକୁ ଯାଆନ୍ତି ଭୀମା, ରୈଲା ଖୁଟା । ମହୁଲ କାଠରେ ପ୍ରସ୍ତୁତ ଏହି ଦୁଇଟି ଖମ୍ବ ହେଉଛନ୍ତି ପ୍ରକୃତି ଓ ପୁରୁଷର ପ୍ରତିକ । ଏହି ଦୁଇଟି ଖମ୍ବକୁ ପୋଖରୀ ପାଣିରେ ଲୁଚେଦଇ ଦିଆହୁଏ । ଭୀମା, ରୈଲା ଏ ଖମ୍ବକୁ ଖୋଜିକି ବୋହି ଆଣନ୍ତି । ଏହି ଦୁଇଟି ଖମ୍ବ ଆଣିବା ପରେ ମାଟି ଗୁଡ଼ି ପାଖରେ ଘୁଷୁରି ବଳୀ ଦେଇ ସ୍ଥାପନ କରାହୁଏ । ବିଭିନ୍ନ ଗ୍ରାମରୁ ଆସିଥିବା ଶିରା, ଲାଠି, ପାଲକି ସବୁ ନାଚନ୍ତି । ବାଲିଯାତ୍ରା ଦିନ ବିରାଟ ଉତ୍ସବହୁଏ । ରାତିରେ ତିନିଚାରୋଟି ଦେଶିଆ ନାଟହୁଏ ।

ବାଲିଯାତ୍ରାର ପରଦିନ ବାସିବାଲି ଓ ରୈଲା ମାରା ଅନୁଷ୍ଠିତ ହୁଏ । ବାସିବାଲି ଦିନ ସକାଳୁ ଗୀତ୍‌କୁଡିଆ ଓ ଗୀତକୁଡିଆଣୀମାନଙ୍କ ଆସର ଜମେ । ସ୍ଥାପନ ହୋଇଥିବା ଭୀମା ଖୁଟା ପାଖରେ ନୂଆକରି ବାରୁଗଜାକୁ କାନରେ ଖୋସି ବାଲିଫୁଲ ମାରସାଦ, ମୈତ୍ର ସଙ୍ଗୀତ, ସମୁଦି ବାନ୍ଧନ୍ତି ।



ପାଲକି

ବୁଢ଼ା ଭୀମା, ଖେଚଡ଼ା ଭୀମା
ଲାଡ୍ରୀ ଭୀମା ମାଁ ଗୋ ରୈଲା କନ୍ଧନୀ
ଆସ ଆସ ମାଁ ପାଟେ ବସ ।

କୁହାଯାଏ ପ୍ରତି ବାରୁ ବା ବାଲି ଗଜାରେ ବିଭିନ୍ନ ଦେବୀ ଦବେତାମାନେ ଆସନ୍ତି । ସେମାନଙ୍କୁ ପ୍ରତିଦିନ ନିଷ୍ଠାର ସହ ଫୁଲଧାଙ୍ଗଡ଼ିମାନେ ହଳଦି ପାଣି ଦିଅନ୍ତି । ଯାହା ଫଳରେ ଶସ୍ୟ ସବୁ ଗଜାହୁଏ । ଏ ଭିତରେ ଗାଁର ସବୁ ଦେବୀ ଦେବତାଙ୍କ ଆସ୍ଥାନରେ ବଳି ଦିଆଯାଏ । କଳାଧାରନୀଙ୍କୁକଳା ଗାଈ, ପଦର ଘସିଆଣିଙ୍କୁ ଘୁଷୁରି, ମାଟି ଗୁଡ଼ିରେ ମେଣ୍ଢା, ଜଲକାମନୀଙ୍କୁ କୁକୁଡ଼ା ଅଣ୍ଡା ଏହି ଭଳି ବଳି ସବୁ ଦିଆଯାଏ । ଆମ ଅଞ୍ଚଳରେ ଯୋଗିନୀ ପରମ୍ପରା ପ୍ରାଚୀନ କାଳରୁ ପ୍ରଚଳିତ । ଗାଁକୁ ସୁରକ୍ଷା ଦେବା ପାଇଁ ଗାଁର ବିଭିନ୍ନ ଦିଗରେ ଯୋଗିନୀ ଖୁଟା ବା ଖମ୍ବ ସବୁ ଥାଏ । ଯେଉଁ ଖମ୍ବ ସବୁ ନଷ୍ଟ ହୋଇ ଯାଇଥାଏ

ଏହିଦିନ ଭୀମା ଓ ରୈଲାଙ୍କୁ ବିବାହ କରାଯାଏ । ତେଲ ହଳଦି ଲେପନ କରି ପାଣି କରାନ୍ତି । ସାମ୍ନାରେ ଗୋଟିଏ ପରତା(ଚାଙ୍ଗଡ଼ା)କୁ ଓଲଟା ରଖି ଭୀମା ରୈଲାଙ୍କୁ ଆଗରେ ଧରି ଧନୁ ତୀର ସହ ସେହି ପରତାକୁ ବିନ୍ଧେ । ତୀର ବିନ୍ଧିବା ମାତ୍ରକେ ରୈଲା ବେହୋସ ହୋଇଯାଏ । ଏହାପରେ କାଦ ହାଣ୍ଡି ବିସର୍ଜନ କରି ସବୁ ଦେବୀ ଦେବତାଙ୍କୁ ବିଦାୟ ଦିଆହୁଏ । ଉପର ବେଳାରେ ବାଗଜା ବା ବାଲିଗଜାକୁ ଗୁରୁମାଇଁ ଗାଁ ସାରା ଘରକୁ ଘର ଯାଇ ସମସ୍ତଙ୍କ କାନରେ ପିନ୍ଧନ୍ତି । ଏହା ବଦଳରେ ତାଙ୍କୁ ଗାଁ ଲୋକ କିଛି ଟଙ୍କା, ଶାଢ଼ି, ଚୁଡ଼ି ଉପହାର ସ୍ୱରୂପ ଦିଅନ୍ତି । ଏହାର ପରଦିନ ଗୁରୁମାଇଁଙ୍କୁ ଗାଁର କିଛି ଲୋକ ତାଙ୍କ ଘରକୁ ଛାଡ଼ିବାକୁ ଯାଇ ବିଦାୟ ଦିଅନ୍ତି ।




## ଧାନରୁ ସୃଷ୍ଟି ବାଲି ଓ ଭୀମା ଦେବତା ମିଥ୍

ସମ୍ପୂର୍ଣ୍ଣ ଭାବେ ବାଲିଯାତ୍ରା ହେଉଛି କୃଷି ଭିତ୍ତିକ ଯାତ୍ରା । ଯାହା ଆଦିବାସୀ ସମାଜର ସବୁଠାରୁ ବଡ଼ ଯାତ୍ରା । ବାଲିଯାତ୍ରାର ମୁଖ୍ୟ ଦେବତା ହେଉଛନ୍ତି ଭୀମା । ଭୀମା ହେଉଛନ୍ତି କୃଷିର ଦେବତା । ସେ ହିଁ ଆରମ୍ଭ କରିଥିଲେ କୃଷି କାର୍ଯ୍ୟ । ବଣଜଙ୍ଗଲରେ ପରିପୂର୍ଣ୍ଣ ଆଦିଭୂମିରେ ଖାଦ୍ୟର ମୁଖ୍ୟ ଆଧାର ଥିଲା ଜଙ୍ଗଲର ଫଳ ଓ କନ୍ଦମୂଳ । ଏହାବ୍ୟତୀତ ଆଉ କିଛି ଖାଇବା ପଦାର୍ଥ ହିଁ ନଥିଲା । ବଣ ମଣିଷରୁ ମଣିଷ ହେବାର କ୍ରମବିକାଶ ଘଟୁଥିବା ସମୟରେ ଭୀମା ଦେବତାଙ୍କ ଜନ୍ମ । ଆଦି ସଭ୍ୟତାକୁ ସଜେଇବାରେ ଶ୍ରେଷ୍ଠ ତଥା ପ୍ରଥମ ବିଧାଣୀ ଭୀମା ଦେବତା । ଜଙ୍ଗଲ ବିଭିନ୍ନ ଜୀବଜନ୍ତୁ ଓ ପକ୍ଷୀମାନଙ୍କୁ ମାରିକି ଖାଉଥିଲେ । ଭୀମା ତୀରରେ ଜଙ୍ଗଲି ଜନ୍ତୁ ଶୀକାର କରୁକରୁ ତୀରଟି କନ୍ଧ ବୁଢ଼ାର ଝିଅ ରୈଲା ଦେହରେ ବାଜିଲା । ତୀର ବାଜିବା କ୍ଷଣି ହିଁ ବେହସ ହୋଇଗଲା ।


ବାଲି ଝିବା ଦୃଶ୍ୟ


ମାଲଖମ୍

ସେ ତୀର ସନ୍ଧାନରେ ଆସୁଆସୁ କନ୍ଧ ବଢ଼ାର ସାନ ଝିଅ କନ୍ଧନୀ ରୈଲାକୁ ଚେତା ଫେରାଉଛି । ଦୁହିଁଙ୍କୁ ଦେଖୁ ଦେଖୁ ମନକରି ଦେଲେ ଭୀମା । କନ୍ଧ ବୁଢ଼ାକୁ ପ୍ରସ୍ତାବ ଦେବାରୁ କନ୍ଧ ବୁଢ଼ା ରାଜି ହେଲା ନାହିଁ । କନ୍ଧବୁଢ଼ା ସର୍ତ୍ତ ରଖିଲା: "ଯିଏ ଆମ ମଣିଷ ସମାଜକୁ ଚିରସ୍ଥାୟୀ ସଂରକ୍ଷିତ କରି ରିବା ଭଳି ଖାଦ୍ୟର ସନ୍ଧାନ ଦବ ତାକୁ ମୋ ଝିଅମାନଙ୍କୁ ଦେବି ।" ଭୀମା ଏହି ସର୍ତ୍ତରେ ରାଜି ହେଲେ ଓ ବୁଲିଲେ ପାହାଡ଼ ପାହାଡ଼, ଜଙ୍ଗଲ ଜଙ୍ଗଲ । ଚାଲୁ ଚାଲୁ ଭୀମାଙ୍କୁ ଜଙ୍ଗଲ ଭିତରେ ପ୍ରବଳ ଶୋଷ କଲା । ଗୋଟିଏ ସନ୍ତସନ୍ତିଆ ସ୍ଥାନରେ ପାଣି ପିଉଥିବା ସମୟରେ ଢୁଙ୍ଗଢୁଙ୍ଗା ବା କାପନି କଣ୍ଟା । ତାଙ୍କ ଆଖିରେ ପଶିଲା । ଆଖି ମଳୁମଳୁ ଦେଖିଲା କିଛି ଚଢ଼େଇ ସେ ଢୁଙ୍ଗଢୁଙ୍ଗାର ଫଳକୁ ନିଜ ଥଣ୍ଟରେ ଫଳ ଫଳି ଖାଉଛି । ଭୀମାଙ୍କୁ ମଧ୍ୟ ପ୍ରବଳ ଭୋକ ହେଉଥାଏ । ସେ ଢୁଙ୍ଗଢୁଙ୍ଗାର ଫଳକୁ ଖାଇଲେ । ତାଙ୍କୁ ଭଲ ଲାଗିଲା । ଆଉ କିଛି ମୁଠା ଆଣି ତାକୁ କିଛି ଦିନଯାଏଁ ରଖିଲେ ଓ ସବୁବେଳେ ଖାଇଲେ । ବହୁତ ରହିବା ପରେ ମଧ୍ୟ ଏହା ନଷ୍ଟ ହେଲାନାହିଁ । ତେଣୁ ଏହାର ପାଚି ଓ ପରିମାଣ ବଢ଼େଇବା ଉଦ୍ଦେଶ୍ୟରେ କାଠର କୋଡ଼ିକି, ନଙ୍ଗଳ, ମୁଟଲା, ଚିମ୍‌ଟା, ଟାଙ୍ଗିଆ, ଇଲା(ଦା), କପର, ଜୁଆଡ଼ି ସବୁ ତିଆରି କରି ମାଟିଖଳି ସେ ସଂରକ୍ଷିତ କରିବାକୁ ଢୁଙ୍ଗଢୁଙ୍ଗାକୁ ବୁଣିଲେ ଗୋଟିଏ ସ୍ଥାନରେ । ପରବର୍ତ୍ତୀ ସମୟରେ ଏ ଢୁଙ୍ଗଢୁଙ୍ଗା ଧାନରୁ ଆଉ କଣ୍ଟା ହେଲାନାହିଁ । ସୁନ୍ଦର ଧାନ ହେଲା । ଭୀମା ଖୁସିହେଲେ ଓ ସମସ୍ତଙ୍କୁ ଏହି କୌଶଳ ଶିଖାଇଲେ । କନ୍ଧ ବୁଢ଼ା ପରେ ରୈଲା ଓ କନ୍ଧନୀକୁ ଭୀମା ସହ ବିବାହ କରେଇଲା । ଧାନକୁ ପ୍ରଥମେ ସନ୍ଧାନ କରି କୃଷି କାର୍ଯ୍ୟ କଲା । ଆଦିବାସୀ ସଭ୍ୟତାରେ ଭୀମାଙ୍କୁ ପ୍ରଥମ ଦେବତା ଓ ରୈଲା କନ୍ଧନୀକୁ ପ୍ରଥମ ଦେବୀ ରୂପେ ପୂଜା କରାଯାଏ । ସେମାନଙ୍କ ସ୍ମୃତିରେ ତଥା କୃଷି କାର୍ଯ୍ୟର ଅଗ୍ରଗତି ପାଇଁ ବାଲିଯାତ୍ରା ପାଳନ ହୁଏ ।

ବାଲିଫୁଲଙ୍କ ସହ ପୁଣି ଆମେ ବାଲିଗଜା ପିନ୍ଧାପିନ୍ଧି ହେଲୁ ପରସ୍ପର । ଆମ ସମ୍ପର୍କକୁ ଅତୁଟ ରଖିବାକୁ ସଂକଳ୍ପ ମଧ୍ୟ ନେଲୁ ।

ଆଇନକାନୁନ



**ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପର୍କିତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।**

## ଆଇନ ପରାମର୍ଶ - ୨୦




**ଆଡ୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ**
ଭୁବନେଶ୍ୱର ବାର୍ ଏସୋସିଏସନ୍
ଫୋନ : ୯୩୦୯୧୧୯୬୨୫


# ଆଇନଗତ ବିଜ୍ଞପ୍ତି (Legal Notice) କ'ଣ ?

ସମସ୍ତେ କେବେ ନା କେବେ ଆଇନଗତ ବିଜ୍ଞପ୍ତି ବା ଲିଗାଲ୍ ନୋଟିସ୍ କଥା ଶୁଣିଥିବେ । ଆସନ୍ତୁ ଜାଣିବା ଆଇନଗତ ବିଜ୍ଞପ୍ତି ବା ଯାହାକୁ ଆମେ ଲିଗାଲ୍ ନୋଟିସ୍ କହୁଛେ, ତାହା ପ୍ରକୃତରେ କ'ଣ ?

### ଆଇନ୍‌ଗତ ବିଜ୍ଞପ୍ତି (Legal Notice)

- ଆଇନ୍‌ଗତ ବିଜ୍ଞପ୍ତି ବା ଲିଗାଲ୍ ନୋଟିସ୍ ହେଉଛି କୌଣସି ବ୍ୟକ୍ତି ବା ସଂସ୍ଥା ସହ କଥା ହେବାର ଏକ ଫର୍ମାଲ୍ ବା ଆଇନ୍‌ଗତ ପଦ୍ଧତି ।
- ଯେତେବେଳେ ଆଇନ୍‌ଗତ ବିଜ୍ଞପ୍ତି (Legal Notice) ଦିଆଯାଏ, ସେତେବେଳେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ କରାଯାଏ ।
- ଆଇନ୍‌ଗତ ବିଜ୍ଞପ୍ତି (Legal Notice) ଦ୍ୱାରା ବ୍ୟକ୍ତି ବା ସଂସ୍ଥା ବିରୋଧରେ ହେବାକୁ ଯାଉଥିବା କାର୍ଯ୍ୟାନୁଷ୍ଠାନ କଥା ସେମାନଙ୍କୁ ସୂଚିତ କରା ଯାଇଥାଏ ।
- କେତେକ କେସ୍‌ରେ ଆଇନ୍‌ଗତ ବିଜ୍ଞପ୍ତି ବା (Legal Notice) କୁ ଆଇନ୍ ରୂପରେ ଦିଆ ଯାଇଥିବା ଧମକ ମଧ୍ୟ ବୁଝା ଯାଇଥାଏ ।
- ବେଳେବେଳେ ଆଇନ୍‌ଗତ ବିଜ୍ଞପ୍ତି ବା (Legal Notice) ପଠାଇବା ଦ୍ୱାରା କୋର୍ଟ ପ୍ରକ୍ରିୟା ଆବଶ୍ୟକ ହୋଇନଥାଏ । କାରଣ କୋର୍ଟ ବାହାରେ ମଧ୍ୟ ଦୁଇପକ୍ଷ ମଧ୍ୟରେ ଆପୋଷ ବୁଝାମଣା ହୋଇ ଯାଇଥାଏ ।
- ଆଇନ୍‌ଗତ ବିଜ୍ଞପ୍ତି ବା (Legal Notice) ଦ୍ୱାରା କେସ୍‌କୁ ସମାଧାନର ମାଧ୍ୟମ ବୋଲି ଧରାଯାଏ । ଏହାଦ୍ୱାରା ଦୁଇପକ୍ଷଙ୍କ ପଇସା, ସମୟ ବଞ୍ଚିଥାଏ ।
- ସିଭିଲ୍ ପ୍ରୋସିଜର୍ କୋର୍ଟର ସେକ୍‌ସନ ୮୦ ପାଇଁ କେବଳ ସିଭିଲ୍ କେସ୍‌ରେ ଆଇନ୍‌ଗତ ବିଜ୍ଞପ୍ତି ବା (Legal Notice) ଫାଇଲ୍ କରାଯାଏ ।

### ଲିଗାଲ୍ ନୋଟିସ୍ (Legal Notice) ରେ ଥିବା ଜରୁରୀ ବିଷୟ:

- କେଉଁଥିପାଇଁ ଅଭିଯୋଗ ହେଉଛି ତା'ର ତଥ୍ୟ ବା ସମସ୍ତ ବିଷୟ ଆଇନ୍‌ଗତ ବିଜ୍ଞପ୍ତି ବା (Legal Notice)ରେ ପ୍ରଦତ୍ତ ଥାଏ ।
- ପକ୍ଷ ଦ୍ୱାରା ମଗା ଯାଇଥିବା ସମାଧାନ ମଧ୍ୟ ଥାଏ ।
- ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରା ଯାଇଥିବା ଆଇନ୍‌ଗତ ବିଜ୍ଞପ୍ତି ବା (Legal Notice) ଦୁଇ ପକ୍ଷ ମଧ୍ୟରେ ଏକ ମାଧ୍ୟମ ଭାବେ କାମ କରିଥାଏ ।
- ଆଇନଗତ ବିଜ୍ଞପ୍ତି ଦ୍ୱାରା ଯଦି ଦୁଇ ପକ୍ଷ ଚାହାଁନ୍ତି ତେବେ କୋର୍ଟ ବାହାରେ ମଧ୍ୟ ଆପୋଷ ବୁଝାମଣା ହୋଇଥାଏ ।
- ଆଇନଗତ ବିଜ୍ଞପ୍ତି ବା (Legal Notice) ରେ ନାମ ଓ ଠିକଣା ବ୍ୟତୀତ ସମସ୍ୟାର ବର୍ଣ୍ଣନା ଥାଏ ।
- ନୋଟିସ ପଠାଉଥିବା ବ୍ୟକ୍ତିର ରହୁଥିବା ଠିକଣା ସହ ବ୍ୟକ୍ତିର ସମାଧାନର ବାଟ ଓ ସମାଧାନ ପାଇଁ ଲିଗାଲ୍ ବେସ୍ ବା ବିସ୍ତୃତ ପରିଚୟ ଥାଏ ।

### ଲିଗାଲ୍ ନୋଟିସ୍‌କୁ କେମିତି ଫାଇଲ୍ କରିବା:

- Legal Notice ତିଆରି ପାଇଁ ଏକ ଅଭିଜ୍ଞ ଓକିଲଙ୍କ ଆବଶ୍ୟକତା ରହିଛି । ଯିଏ କାନୁନ୍‌ର ଉପଯୁକ୍ତ ଭାଷା ପ୍ରୟୋଗ କରି ଆପଣଙ୍କ ସମସ୍ୟାକୁ ଶୀଘ୍ର ସମାଧାନ କରିଥାନ୍ତି ।
- Legal Notice ନିଜେ ଡ୍ରାଫ୍ଟ କରି ଏହାକୁ ଅନୁମୋଦନ (Authorised) କରି ଅନ୍ୟ ପକ୍ଷକୁ ପଠାଇପାରିବେ ।
- Legal Noticeରେ ଲେଖା ହୋଇଥିବା ଶବ୍ଦ ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏହି ଶବ୍ଦ କେସ୍‌କୁ କୋର୍ଟରେ ପହଁଞ୍ଚାଇବାରେ ସାହାଯ୍ୟ କରିଥାଏ । ତେଣୁ ଅଭିଜ୍ଞ ଓକିଲଙ୍କ ଦ୍ୱାରା ହିଁ Legal Notice କରିବା ଉଚିତ୍ । କାରଣ ସେ ଆପଣଙ୍କୁ ସଠିକ୍ ମାର୍ଗ ଦର୍ଶାଇ ପାରିବେ ।



HIGHLAND
A Highland Group Entity




Highland De La Mer Pvt. Ltd,
founded and promoted by
Mr. Pratik Jena is making a mark in
the export market of frozen shrimp
with good and world class
quality materials.

# HIGHLAND DE LA MER PVT. LTD

Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
**www.highlanddelamer.in**


ଦ୍ୱି-ପ୍ରଚ୍ଛଦ
ଆମ ମାଟିର ସ୍ୱର
ପ୍ରଚ୍ଛଦ କଳ୍ପନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ମଡେଲ୍ : ଶିବାଙ୍ଗିଧାରା ବନ୍ଦନା ସାହୁ
ଉଚ୍ଚତା : ୫ ଫୁଟ୍ ୭ ଇଞ୍ଚ୍
ବୃତ୍ତି : ଲେଖିକା
ଶିକ୍ଷା : ସମାଜ ବିଜ୍ଞାନରେ ସ୍ନାତକୋତ୍ତର
ରୁଚି : ରୋଷେଇ, ଚିତ୍ରକଳା
ପ୍ରଚ୍ଛଦ ଫଟୋଗ୍ରାଫି : ସୁଧାଂଶୁ ଶେଖର ସାହୁ
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କମ୍ପ, ସୋନପୁର
ମେକ୍‌ଅପ୍ ଓ କଷ୍ଟ୍ୟୁମ୍ : ସୁବାସିନୀ ସାହୁ
ସ୍ଥାନ : ବୈଦ୍ୟନାଥ ନଗର, ଯାଜପୁର

କ୍ୟାଲେଣ୍ଡର

# ଫେବୃଆରୀ - ୨୦୨୩

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | | | | |

୦୫/୦୨/୨୦୨୩ : ମାଘ ପୂର୍ଣ୍ଣିମା, ଅଗ୍ନ୍ୟୁତ୍ସବ
୧୮/୦୨/୨୦୨୩ : ମହାଶିବରାତ୍ରି (ଜାଗର)
୨୧/୦୨/୨୦୨୩ : ଶ୍ରୀମା'ଙ୍କ ଜୟନ୍ତୀ
୨୮/୦୨/୨୦୨୩ : ରାଷ୍ଟ୍ରୀୟ ବିଜ୍ଞାନ ଦିବସ

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | | | | |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଅପ୍ରେଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | | | | | | |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

ଧାରାବାହିକ କାବ୍ୟ

# ଦ୍ରୌପଦୀ-୨୪

## ପ୍ରଫୁଲ୍ଲ କୁମାର ମହାନ୍ତି

ବିବାହ କଣ ଖାଲି ଯୌନ ସମ୍ଭୋଗ
ଆଉ କଣ ନାହିଁ କିଛି ଜୀବନ ବିଭବ
କେମିତି ବଞ୍ଚିବି ମୁଁ ଦେହସର୍ବସ୍ୱ ହୋଇ
କଣ ହେବ ମୋର ପ୍ରେମଭରା ମନ
କେମିତି ବାଣ୍ଟିବି ମୁଁ ପ୍ରକୃତିର ଦାନ
ପାଞ୍ଚ ପୁରୁଷଙ୍କୁ ପାଞ୍ଚଖଣ୍ଡ ହୋଇ ?
ଦ୍ରୌପଦୀ ବସିଥିଲା ଝରା ଫୁଲ ପରି
ଭାବନାର ନିକାଞ୍ଚନ ତିମିରିତ ଛାଇ
କାମନା ବିଚ୍ୟୁତ ହୋଇ ଅଶାନ୍ତ କୋଣରେ
ଭାବିଲା ପ୍ରାର୍ଥନା କଲେ ହାଲ୍‌କା ହେବ ମନ
କିନ୍ତୁ କାହାକୁ ପ୍ରାର୍ଥନା କିଏ ତାର ଇଷ୍ଟଦେବ
ମୋର ତ ସେଇ ଜଣେ ସାଥିସଖା ବନ୍ଧୁ ଈଶ୍ୱର
ଯାହାଙ୍କ ମୁକୁଟ କରି ପିନ୍ଧିବାର ଶୁପ୍ତ ଆଶା
ମଉଳିଛି କେଉଁଦିନୁ ତଥାପି ଭରସା
ସେ ହିଁ ଦେଖାଇବେ ମତେ ପଥ ସମତଳ
ନଥିବ ପଥର କଣ୍ଟା ସ୍ୱର୍ଣ୍ଣ ଶତଦଳ
ପାଲଟିବ ଝରାଫୁଲ ମହୁଆ ସଞ୍ଚୀରେ
ମନେମନେ ଚିନ୍ତା କଲା ବିଧୁରା ଦ୍ରୌପଦୀ
ସଖା ମୋର ଆତ୍ମାର ସାରସ ଦିଅ ମତେ
ପ୍ରତ୍ୟୟର ଅମ୍ଳାନ ପରଶ
ଅଚଳ ବାଟୋଇ ମୁଁ ଦେଖାଅ ପାନ୍ଥିକା
ଖୋଲିଦିଅ ବନ୍ଦ ଦ୍ୱାର ଆଶାର ଝରକା:
ହଟିଗଲା ନିବିଡ଼ ଅନ୍ଧାର ମନର ଓଠ ଧାରେ
ଫୁଟିଗଲା ହସ ପାଇଲା ନିର୍ଦ୍ଦେଶ
ଘଟଣାର ଭ୍ରମ ଡେଇଁ ଚାଲିବରେ ଏକା
ପାଞ୍ଚ ଜୀବନ ନେଇ ହେବରେ ବିରାଟ
ମିଶାଇବ ନିଜ ପ୍ରାଣ କରି ପ୍ରସାରିତ
ପାଞ୍ଚ ପୃଥିବୀ ମିଶି ହେବରେ ଧ୍ରୂପଦୀ
ପଞ୍ଚସ୍ୱରେ ମିଶାଇବ ପ୍ରେମର ଲହର ।

ସେପାଖରେ ଦ୍ରୁପଦ ଦମ୍ପତି ପାଇଲେ ସମ୍ମତି
ବିଜ୍ଞ ବିଦ୍ୱାନ ଋଷି ପାଞ୍ଚାଳ ଜନତା
କହିଲେ ପାଞ୍ଚାଳ ଧନ୍ୟ ପାଇଗଲା ପଞ୍ଚ ଜାମାତା
ବୀରଶ୍ୱେର ହସ୍ତୀନା କୁମାର ହେଲେ ଦ୍ରୌପଦୀର ପତି
ଉଲ୍ଲାସରେ ଦ୍ରୁପଦ ନୃପତି ସଜାଇଲେ ଧ୍ୱଜ
ଫୁଲ ଗନ୍ଧ ଆଲୋକରେ ହର୍ଷିତ ପାଞ୍ଚାଳ
ପାଣ୍ଡବ ଜୀବିତ ବାଣୀ କଲେ ପ୍ରଚାରିତ
ଭାରତର ସବୁ ରାଜାମାନେ ଚକିତ ଚିନ୍ତିତ
ଭାବିଲେ ସତ୍ୟର ଜୟ ନା ମିଥ୍ୟାର ବିଲୟ !
ରାଜପୁତ୍ର ବେଶ ପେଷାକରେ ହସ୍ତୀନା କୁମାର
ଯୋଗ ଦେଲେ ରାଜଭୋଜୀ ଦୌପଦୀ ସହିତ ।
ଡକା ହେଲା ରାଜସଭା
ପାଣ୍ଡବଙ୍କ ନ୍ୟାର୍ଯ୍ୟ ଅଧିକାର ପାଇଁ
ଦ୍ରୁପଦ ପଠାଇଲେ ରାଜପୁରୋହିତ
ପାଣ୍ଡବଙ୍କ ରାଜ୍ୟ ଦାବି ଚିଟାଉ ସହିତ
ରାଜବିଧି ନିୟମରେ ପୂର୍ଣ୍ଣ ପଟୁଆରେ ।

ଭୋଜୀ ମଉଜର କୋଳାହଳ
ନୃତ୍ୟ ସଂଗୀତର ଯମକ ଉଚ୍ଛାଳ
ରାଜ ମର୍ଯ୍ୟାଦାର ଗୌରବ ବେଛଳ
ଭିତରେ ଦ୍ରୌପଦୀ ଥିଲେ ସୂର୍ଯ୍ୟର ଭ୍ରମ ପରି
ଦ୍ୱନ୍ଦ୍ୱ ଅବସାଦର ନୀରବ ନନ୍ଦିକା
ମୁଖରେ ଥିଲା ହସ ଆତ୍ମାରେ ଉଦାସୀ
ମିଛ ମିଛ ଖେଳରେ ସତର ପ୍ରଲେପ ବୋଳି
ପାଣ୍ଡବ ପତ୍ନୀର ଗର୍ବ ଆବେଶରେ
ମନେମନେ ଖୋଜୁଥିଲେ ଅର୍ଜ୍ଜୁନ ସହିତ
ଏକ ଏକାନ୍ତ ସାକ୍ଷାତ ।


ଅପରାହ୍ନ ଛାଇ ଆରପଟେ ସାଦା ପୋଷାକରେ
ଅର୍ଜ୍ଜୁନ ଚାହିଁଥିଲେ ବିଦାୟୀ ସୂର୍ଯ୍ୟକୁ
ଆକାଶୀ ଭେଳାର ଅନ୍ଧାରୀ ଯାତ୍ରାକୁ
ନୀଳ ଆକାଶର ସାଗର ଢେଉରେ ଚିନ୍ତିତ ମନରେ
ଦୂରରୁ ଦେଖି ଦ୍ରୌପଦୀ ଇତସ୍ତତଃ ହେଲେ
କାହିଁକି ଅର୍ଜ୍ଜୁନ ଅସ୍ତସୂର୍ଯ୍ୟର ନିମଗ୍ନ ଦର୍ଶକ !
ଅବିନ୍ୟସ୍ତ ବେଶଭୂଷା ମନରେ ସନ୍ତାପ
ଭାବିଲେ ପଚାରିବେ କାହିଁକି ଛାଡ଼ିଲେ
ନିଜ ଯୋଗ୍ୟ ଅଧିକାର ମାତାର ବାକ୍ୟରେ ?



ନା ନା ଏ ସମୟ ନୁହେଁ ଅନୁକୂଳ
ମୋର ଦ୍ୱିଧା ସନ୍ଦେହ ମୋଚନ ପାଇଁ ।
ଅବଶ୍ୟ ପଚାରିବି ଦିନେ
ଗାଣ୍ଡିବ ଯଦି ଏକା ଅର୍ଜ୍ଜୁନର
ଗାଣ୍ଡିବ ବିଜୟଧ୍ୱନି ଯଦି ନୁହେଁ ଆବହସଙ୍ଗୀତ
ତୀର ଜିଣା ପୁରସ୍କାର କିପରି ବଣ୍ଟା ହେବ
ପାଞ୍ଚଭାଗ ହୋଇ କେଉଁ ନ୍ୟାୟ ବଳେ !
ହେ ଅର୍ଜ୍ଜୁନ ତୁମେ କଣ ଜିଣିଥିଲ ମତେ
ଏମିତି ଭାଗ ହେବା ପାଇଁ ମା'ଙ୍କ କଥାରେ ?

ଦ୍ରୌପଦୀ ଅଟକିଗଲା ଚିନ୍ତାନତ ଦେହମୁହଁ
ଅପସରି ଗଲା ପଶ୍ଚିମା ସୂର୍ଯ୍ୟ ପରି
ନିଜ ସଂକୋଚର ଅନ୍ଧାରୀ ଗୁହାକୁ ।

♥ 'ଚିତ୍ରକାବ୍ୟ', ଶିଶୁ ବିହାର
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୮୦୩୬୨୩



▶ ଡ. ପ୍ରଫୁଲ୍ଲ କୁମାର ମହାନ୍ତି

## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

ପ୍ରଫୁଲ୍ଲ କୁମାର ମହାନ୍ତି



# ମୋର ମୃତ୍ୟୁ ପରେ

## ଚନ୍ଦ୍ର କୁମାର ମହାନ୍ତି

କିଏ ମନେ ପକେଇବ ଜାଣିନି,
କିଏ ଘୃଣାରେ ମନରୁ ପୋଛି ଦେବ
କହି ପାରୁନି;

ମୋର ଆସିବା ଆଉ ଯିବା ଭିତରେ
କାହାକୁ କଣ ଦେଇଛି
କିମ୍ବା କାହା ଠାରୁ କଣ ପାଇଛି
ତାର ହିସାବ
ସେମାନଙ୍କ ପାଖରେ ଛାଡ଼ି ଦେଇଛି ।

ଲାଭ ହେଉ କିମ୍ବା କ୍ଷତି ହେଉ
କିମ୍ବା କିଛି ବି ନହେଉ
ଖାଲି ଜାଣିଛି ଯାହାବା ସଞ୍ଚିତ
ସବୁ ମୂଷାଗାତରୁ ଯାଇଛି ।

ସାଙ୍ଗରେ ନେବାକୁ କିଛି ନାହିଁ,
ମନ, ଚୈତନ୍ୟ ଯାହାସବୁ
ଜଳିଲା ଚୁଲିର ଅଙ୍ଗାର ପରି ଏଠି ପଡ଼ି ରହିଛି,
ଘଷି ମାଜି ଯେତେ ସଫା କଲେ ବି
ସେଇ ଏକା ଚେହେରାର ପ୍ରତିଛବି,
ପିଠିକୁ ଆଖି ନପାଇବାର ଅସହାୟତାରେ
ମୁଁ ବୁଡ଼ି ଯାଇଛି ।

ତେବେ ହେଲା କଣ ?
ହେଲି କଣ ?
କୁଢ଼ିବା ମାଡ଼ିବା ପରି
କିମ୍ବା ପବନକୁ ହାତରେ ଭିଡ଼ିବା ପରି
ସବୁ ଶେଷର ଅବଶେଷ ପାଲଟିଛି ।

ଖୋଳିଲା ଗାତର ମାଟି
ସେଇ ଗାତକୁ ଅକୁଳାଣ ପରି
ଉଚ୍ଚାରିତ ଶବ୍ଦ ସବୁ
ଦୋହରାଇବା ପାଇଁ ଅଭାବ ପଡୁଛି ।

ଏଇ ଭାଗ୍ୟ ଓ ଭବିତବ୍ୟକୁ ନେଇ ଚାଲିଯିବି;
ମୁଁ ଉତ୍ତାନପାଦ,
ସବୁରିଙ୍କର ମୋ ପରି ଏକା ଭାଗ୍ୟ
ଯେମିତିକି ଗୀର୍ଜା ଘଣ୍ଟା ଶବ୍ଦ ।
ପାଞ୍ଜିର ପୁରୁଣା ପୃଷ୍ଠା ପରି
ସମସ୍ତେ ତ ମୂଲ୍ୟହୀନ ମରିଲା ଅତୀତ ।

ଆଜି ଅନୁଭବରେ ମୁଁ ନୁହେଁ
କିମ୍ବା ମୋର କେହି ପୂର୍ବସୁରୀ ନୁହଁନ୍ତି ।
ହେବା ପାଇଁ ତୁମର ଦୃଷ୍ଟାନ୍ତ,
ଯେତେ ଯାହା କଲି
ନିଜ ବାଟ ଭୁଲି
ଅବାଟରେ ମହାଜନ ପାଦଚିହ୍ନ ମାଡ଼ି
ସବୁତକ ବିଫଳ ପ୍ରୟାସ ।

ମୁଁ ଆଜି ଛାଡ଼ି ଗଲି ତୁମ ପାଇଁ ତେଣୁ
ମୋର ଏହି ଶେଷ ଅବସୋସ
ଆଣିବାକୁ କ୍ରାନ୍ତି
ତୁମେ ହୋଇ ତୁମର ଦୃଷ୍ଟାନ୍ତ ।
(ମୃତ୍ୟୁର ତିନିଦିନ ପୂର୍ବରୁ କବି ଲେଖିଥିବା ଏ କବିତାଟି କବିପୁତ୍ର ଉତ୍ପଳ ମହାନ୍ତିଙ୍କ ସୌଜନ୍ୟରୁ ମିଳିଛି)

❤ ଆଡ଼୍‌ଭୋକେଟ, 'ସଂକେତ',
ବିବେକାନନ୍ଦମାର୍ଗ, ବାଲେଶ୍ୱର-୭୫୬୦୦୧

▶ଚିତ୍ର : ଶିଳ୍ପୀ ବିସ୍ମିତା ଓଝା



# ମୋ ଘରର ଛାତ ଉପରେ ଗଙ୍ଗାଧର

ପ୍ରଶାନ୍ତ ଦାସ

॥ ଏକ ॥

ଏବେ ଏବେ ଗଙ୍ଗାଧର
ମୋ ଘରର ଶୀତସକାଳର
ଖୋଲା ଛାତ ଉପରେ ।

ଖରାର ଉଷୁମ ବାହାନାରେ
ଆଖି ପାଉନଥିବା
ପୂର୍ଣ୍ଣିମାର ଗାଁ ଆଡେ ଅନାଏ ।

ଛାତି ତଳୁ ତାର ଉତୁରି ଆସେ
ପୂର୍ଣ୍ଣିମାର ଦେହ ମନ ଓ
ବୟସର ଗନ୍ଧ ।

ଶୀତ ଶୋଷ ଅଟକାଇ ଦିଏ
ଗଙ୍ଗାଧରର ବଳକା ନିଃଶ୍ୱାସ ।

ଗାଁ ଗୋହିରୀର ଧୂଳି ଉଡା ସ୍ମୃତିର
ଅତୀତରୁ ସାଉଁଟେ
ବିତି ଯାଇଥିବା ଦିନ ।

ଛାତରେ ଫୁଟିଥିବା ବର୍ଣ୍ଣିଳ
ଫୁଲକଢି
ପୂର୍ଣ୍ଣିମାର ଲାବଣ୍ୟ ପିତୁଳା ଦେହ
ଦେଖାଦିଏ
ଗଙ୍ଗାଧର ସାମ୍ନାରେ ।
ମିଶିଯାଏ ଗୋଟାପଣେ
ଛାତିରେ ଦେହରେ
ରକ୍ତରେ ମାଂସରେ ।

॥ ଦୁଇ ॥

ପୂର୍ଣ୍ଣିମା ଏବେ ବି
ଗଙ୍ଗାଧରର ଶିହରଣ
ଅସରନ୍ତି ଆସକ୍ତି
ପରିପକ୍ୱ ବୟସର ପାଗଳପଣ ।

କଳ୍ପନାର କୋମଳ ଶେଯରେ
ଅନେକ ସ୍ୱପ୍ନ
ଅନେକ ସମ୍ଭାବନା
ଅନେକ ପ୍ରବଣତା ।

ଗଙ୍ଗାଧର ଉଡିଯାଏ
ପୂର୍ଣ୍ଣିମାର ଗାଁ ଆଡେ ।

॥ ତିନି ॥

କିଛିକିଛି ବ୍ୟକ୍ତ ଅବ୍ୟକ୍ତ
ଲିଖିତ ଅଲିଖିତ
କାହାଣୀ ପେଡି ଖୋଲନ୍ତି
ସମ୍ପର୍କମାନଙ୍କ ଡେଣା ।

ଗଙ୍ଗାଧରକୁ କିଏ ଜଣେ
ଟାଣି ନେଇଯାଏ ପୂର୍ଣ୍ଣିମା ପାଖକୁ ।

ଆଖିରେ ସ୍ୱପ୍ନ ବସେ
ଝାପ୍‌ସା ଦିଶେ
ପୂର୍ଣ୍ଣିମାର ଅଧା ପଣତ
ଅଧା ଅଧା ଲାଜମୁହଁ ।
ଶୀତସକାଳର ଖରା ହୋଇ
ବିଛେଇ ପଡିଛି
ଘର ଆଗରେ । ବାରଣ୍ଡାରେ ।

॥ ଚାରି ॥

ନଇଁ ପଡ଼ିଥିବା ଚାଳରେ କୁଟା ନାହିଁ
ବାଡ଼ରେ ରସି ଯାଇଥିବା ବତା
ଘରର ଟିଣକବାଟ ମେଲା ।

ମୂକ ପାଲଟିଯାଏ ଗଙ୍ଗାଧର ।

ଏକ ଉଷୁମ ସକାଳର
ଉଦିତ ସୂର୍ଯ୍ୟ
ଗଙ୍ଗାଧରର ହାତ ଧରେ
ବାଟ ଓଗାଳେ ।


ଅମାବାସ୍ୟାର ମୁଠାଏ ଅନ୍ଧାର
ବିଛୁଡି ପଡ଼େ ଛାତରେ ।
ଅନ୍ଧାର ଭିତରେ ଅନ୍ଧାର ହୋଇଯାଏ
ଗଙ୍ଗାଧର
ନିଜ ଅଜାଣତରେ ।

(ବନ୍ଧୁ ଗଙ୍ଗାଧର ବିଶ୍ୱାଳଙ୍କୁ ଉତ୍ସର୍ଗ)

ମଣିଷ ଘର, ବାଗ୍ ବୃନ୍ଦାବନ,
ବାଲେଶ୍ୱର-୭୫୬୦୦୧,
ଫୋନ:୯୯୩୭୯୩୨୫୭୦




ଚିତ୍ର : ଶିଳ୍ପୀ ମାନମୟୀ ରଥ



କବି ପ୍ରଶାନ୍ତ ଦାସ

# କାଲି ଯେବେ ମୁଁ ନଥିବି

## ସୁଧୀର ମେହେର



▶ ଚିତ୍ର : ଶିଳ୍ପୀ ସସ୍ମିତା ମିଶ୍ର

କାଲି ଯେବେ ମୁଁ ନ ଥିବି,
କ'ଣ ସବୁ ଘଟିବ ସତରେ !

ଆକାଶରେ
ଘୋଟି ଆସିବ କି କଳା ମେଘ,
କିଏ ଜଣେ
ଫେରନ୍ତା ବସ୍‌କୁ ଅପେକ୍ଷା କରି କରି
ହୁଏତ ଭିଜୁଥିବ ବର୍ଷାରେ ।

କାଲି ଯେବେ ମୁଁ ନଥିବି
ହୁଏତ ଝାଉଁଳି ପଡ଼ିଥିବେ
ଫୁଟିବାକୁ ଅପେକ୍ଷାରେ ଥିବା
ଫୁଲକଢ଼ି ସବୁ,
ମେଞ୍ଚା ମେଞ୍ଚା ଲୁହରେ
ବୋଝିଲା ବୋଝିଲା ଲାଗୁଥିବ
ସେମାନଙ୍କ ସକାଳ ।

ପଞ୍ଜୁରୀର
କଥାକୁହା ବଣି ବି ବନ୍ଦ କରି ଦେଇଥିବ
ରାମ ନାମ,
ଅଥୟ ମନ ତା'ର ଖୋଜି ହେଉଥିବ କାହାକୁ
ରୁଚୁ ନଥିବ
ସୁନା ପଞ୍ଜୁରୀ, ରୂପା ଥାଳିଆର ଭାତ ।

ଦୁନିଆର ଦ'ଅକ୍ଷରକୁ
ବୁଝି ନଥିବା ପିଲାଟା କିନ୍ତୁ
ସେମିତି ଗାରେଇ ଚାଲିଥିବ ସିଲଟରେ...
ଅଥଚ....ସଭିଏଁ ଦେଖି ବି ଆଖି ବୁଜି ଦେଉଥିବେ



▶ କବି ସୁଧୀର ମେହେର

ହାତ ଧରି ଗାରକୁ ସଳଖି ଦେବା ପାଇଁ
ବଳ ନଥିବ କାହା ଦିହରେ ।

ଫି'ଦିନ ଅଧରାତି ଯାଏଁ
କବାଟ କୋଣରେ ବାଟ ଜଗିଜଗି
ଘୁମେଇ ପଡୁଥିବା ହଳେ ଆଖିରୁ
କିନ୍ତୁ ଗାୟବ୍ ଯାଇଥିବ ନିଦ,
ବଢ଼ି ପାଣିରେ ବୁଡ଼ି ଯାଇଥିବ
ତା'ର ଫଳିଲା ଫୁଲିଲା ସଂସାର ।

ଖୋଲା ଆକାଶ ତଳେ
କାନ୍‌ଭାସ୍ ବିଛେଇ
ସୂର୍ଯ୍ୟୋଦୟ ଚିତ୍ର ଆଙ୍କୁଥିବା
ପୁଅ ଆଖିରୁ ଝରି ପଡୁଥିବ ଟୋପାଟୋପା ଲୁହ,
ଲୁହରେ ଭିଜି
ବିଭତ୍ସ ଦିଶୁଥିବ ତା'ର ନୂତନ ସୂର୍ଯ୍ୟୋଦୟ ।

କାଲି ଯେବେ ମୁଁ ନଥିବି
ବେଶ୍ କିଛି ଘଟି ଯାଉଥିବ
ସଭିଙ୍କ ଅଲକ୍ଷ୍ୟରେ
କେହି କିଛି ଟେର୍ ନପାଇଲେ ବି
ଜଣେ କିନ୍ତୁ ଟିକିନିଖି ଲେଖି ନେଉଥିବ
ତା'ଭଙ୍ଗା ଛାତିରେ
ମଶାଣିର ଡହଡହ ନିଆଁ
ଦିଶି ଯାଉଥିବ ତା' ଆଖି ଆଗରେ ।

♥ ଚିଟୈଗୁଡ଼ା, ଜୁନାଗଡ଼, କଳାହାଣ୍ଡି-୭୬୬୦୧୪
ଫୋନ:୯୫୮୩୫୮୮୮୮୭

# ଦେଓମାଳି ! ତମେ ଅନେକ ଦିନ ପରେ

## ଡକ୍ଟର କମଳାକୃଷ୍ଣ ତ୍ରିପାଠୀ

ଅନେକ ଦିନ ପରେ
ଦେଖାହେଲା, ତମ ସହ । ଦେଓମାଳି !
ଭାବି ନଥିଲି ଏମିତି ଏକ ଅବେଳରେ
ଦେଖା ହେବ, ଅଚାନକ !

କେତେ ନୟାନ୍ତ ନ ହୋଇଛି ଦେଖିବା ପାଇଁ
ତମ ଚିର ସବୁଜ ହସକୁରା ନିରୁତାପଣକୁ !

ତମର ପାଖତଡ ହେଲେ
ନିଃଶ୍ୱାସ ଭିତରେ ସଂଚରିଯାଏ
ମହମହ ହୋଇ ମହକୁଥିବା ଜୀବନର ବାସ୍ନା ।
ତମ ଦେହ ଛୁଁ ନ ଛୁଉଁଣୁ
ଶିରିଶିରେଇ ଯାଏ ପଛେଇ ଯାଇଥିବା ଅୟୁତେ ସ୍ୱପ୍ନର
କିଶଳୟି ନିରାଜନା ।

ତମେ ଏମିତି ଇଲାକାରେ ତିଆରିଛ ଯେ ଉଆସ
ପ୍ରତି ମୁହୂର୍ତ୍ତ ପାହାନ୍ତିଆ ନିଦର ନିଃସର୍ତ୍ତ ଏକାମ୍ରକାନନ
ବିନା ଝର୍କା ବିନା ଦୁଆରର ମହଲରେ
ଏକା ଏକା ନନ୍ଦନବନ ।
ଖୋଲା ଆଖି ବନ୍ଦ୍ ହୋଇଯାଏ ତମରି ସ୍ୱର୍ଶରେ
ବନ୍ଦ୍ ଆଖି ସେମିତି ମସ୍‌ଗୁଲ୍ ଥାଏ ତମ ଆକର୍ଷରେ !

ତମ ଘରର ପ୍ରଥମ ପାହାଚ ଲାଗେ
ଅନନ୍ତ ଆକାଶ ଆଡକୁ ନମ୍ର ଉତ୍ତରଣ,
କୋଳର ଛାତିଏ ଗାଲିଚାରେ ହଜିଯାଏ
ଦହଗଂଜ ଜୀବନର ଝଂଜା ବଇଶାଖ
ଲୋହିତ ବସନ୍ତ ଆଉ ମୁଖର ଶ୍ରାବଣ ।
କେବଳ ଅନୁଭବୁଥାଏ ନିରବ ଆଶ୍ଲେଷ



▶ ଚିତ୍ର : ଶିଳ୍ପୀ ଚିତ୍ରା ପାତ୍ର, ଝାରସୁଗୁଡ଼ା

ମାଟି ଆଉ ଆକାଶର ବିଲଗ୍ନ ମିଶ୍ରଣ !

ମନେ ଅଛି ଦେଓମାଳି !
ସେଦିନର ଦଗ୍ଧ ଅପରାହ୍ନ ?
ଦଲକା ଦଲକା ପବନରେ କୃଷ୍ଣଚୂଡ଼ା ଆଙ୍କିଥିଲା
ଆଷାଢର ପ୍ରଥମ ସଂଜରେ ପାଟଳ ଅଳତା
ଧଡିଧାଡି କରକାରେ କିଏ ଜଣେ ପିନ୍ଧାଇଥିଲା
ପାଦରେ ପାଉଁଜି,
ଧଳାଧଳା ମେଘମାଳା ଝୁଂଟିଥିଲ
ଘଂଚକଳା ତାରୁଣ୍ୟ ଗଭାରେ
ଅପଲକେ ଅନାଇ ରହିଥିଲି ମୁଁ
ପ୍ରଲମ୍ବିତ ପିଠିରେ ଆଉଜି !

ଆଜି ମୁହଁ ସଂଜରେ ପାଦ ଚିପି ଚିପି ଆସେ
ଆଡେଇବା ପାଇଁ ଅଲରା ବାଳ ପରି ପଣତକୁ
କାଳେ ତମେ ସାଇତି ଦେଇଥିବ
ଅଦେଖା ସ୍ମୃତିକୁ ବୁଢ଼ିଆଣୀ କୁହୁକ ପେଡିରେ ,
ଅଥଚ ସେଇ ପାହାଡ଼ିଆ ଧାଂଡି ସାଜି
ତମେ ଆସି ପଛଆଡୁ ଆଶ୍ଲେଷି ନେଇଛ
ମୁଚୁକି ହସର ଛନଛନ ବାହୁବନ୍ଧନୀରେ !

ଦେଓମାଳି !
ତମେ ଅନେକ ଦିନ ପରେ ,
ସେଇ ରୂପ ସେଇ ରଂଗ ସେଇ ସ୍ପନ୍ଦନରେ !!

♥ 'ସର୍ଜନାଳୟ, ଲିଙ୍କ୍ ରୋଡ, ୨ୟ ଗଳି
ଜୟପୁର, କୋରାପୁଟ
ଫୋନ: ୯୯୩୭୦୧୪୮୬୩



▶ ଫଟୋ ଡକ୍ଟର କମଳାକୃଷ୍ଣ ତ୍ରିପାଠୀ

# ଏସବୁ ଏଇଠି ଥାଉ

## ନର୍ମଦା ନୀଳୋତ୍ପଳା



▶ ଚିତ୍ର : ଶ୍ରୀ ଓଜଶ୍ରୀ ମହାପାତ୍ର

ତୁମ ପାଖରେ ଥାଉ
ପ୍ରଶଂସାପତ୍ର ଫଳକ ଉତ୍ତରୀୟ ଫୁଲତୋଡ଼ା

ବାକି ଯାହା ରହିଲା
ନର୍ଦ୍ଦମା ପରି ଦୁର୍ଗନ୍ଧ ନଜର
ରକ୍ତର ଅଣଦେଖା ଭାବ
ମୋ ଭାଗରେ ଥାଉ

ମୁକ୍ତ ମଞ୍ଚରେ ଅଭିନୟ କରୁଥିବା ବେଳେ କଳାକାର
ଚିଲେଇ ଚିଲେଇ ଛାତି ଫଟେଇ ବୋଝକୁ ବଖାଣୁଥାଏ
ଚୁପ୍ ଚୁପ୍ କାନ୍ଦୁଥାଏ
ସତରେ କଣ ବୟସ ପାକଳ ହୋଇଗଲେ
ବୋଝ ଭାରି ହୋଇଯାଏ ?
ସବୁ ଅନାଦରକୁ ଗୁନ୍ଥିଦିଅ ମାଳାଟିଏ କରି
ଲମ୍ବେଇ ଦିଅ ମୋ ଗଳାରେ

ଅନାବନା ଆବର୍ଜନା ସବୁ
ଗୋଟେ ଫାଶରେ ବନ୍ଧା ହୋଇ ପଡ଼ିଛି ସିନ୍ଦୁକରେ
ମୋ ପାଖରେ କେଉଁ କାଳରୁ
ତୁମେ ଏସବୁ କେବେ ବି ଗ୍ରହଣ କରିବନି
ସେସବୁ ମୋ ପାଖରେ ଥାଉ

ବାକି ଯାହା ରହିଲା
ସୁହାଇଲା ପରି ତୁମକୁ
ଏସବୁ ଏଇଠି ଥାଉ

ତୁମେମାନେ ମୋତେ କଣ ଆରାମ ଦେଇପାରିବ ?

ମୋ ସାଙ୍ଗରେ ଆରାମ ନଥିବା ଭଲ
କଣ ସବୁ ଗୋଟେଇ ସାଉଁଟି ନେଇଯିବି
କେଉଁଠୁ କାହାଠୁ
ଥାକ ଥାକ ଶାଢ଼ି ଡ୍ରେସ୍ ଥୁଆ ହୋଇଛି ଆଲମାରିରେ
ହରକ ରକମ ମୁହଁ ସଜା ସାମଗ୍ରୀ
ଗହଣା ଗାଣ୍ଠି ଓ ଛତା ଜୋତା
ଏସବୁ ଏଇଠି ଥାଉ

ତୁମ ପ୍ରେମକୁ ପ୍ରତ୍ୟାଖ୍ୟାନ କଲି
ଅସ୍ତଗାମୀ ସୂର୍ଯ୍ୟର ଆକାଶ
ଭ୍ରମିତ କରେ ମାୟା ଦେଖାଏ
ଗୋଟେ ରଙ୍ଗୀନ ଦୁନିଆକୁ ନେଇଯାଏ
ଥରକୁ ଥର

ପ୍ରତି ସକାଳରେ ମାଟି ଖୋଳୁଥାଉ
ମାଟି ମନସ୍କ ହେଉ
ମାଟି ଲୋଡ଼ା ହୁଏ ଗଛ ପାଇଁ
ମଣିଷ ପାଇଁ ମଧ୍ୟ
ଗଛ କଅଁଳୁଥାଏ
କିନ୍ତୁ ମଣିଷର ଚେର ଉପୁଡ଼ିଯାଏ
ଏସବୁ ଏଇଠି ଥାଉ
ସବୁଜିମା ଶସ୍ୟ କାକଳି ବସନ୍ତ
ଫୁଲମାନଙ୍କର ହସ
ସୁନ୍ଦର ଦିଶିବ ମାଟି
କୋଳେଇବ କଅଁଳୁଥିବ



▶ ଚିତ୍ର ନର୍ମଦା ମହାପାତ୍ର

♥ ସାଇସର୍ଜନା, ବାଲିକୁଦା, କଟକ-୭୫୪୦୧୧
ଫୋନ: ୮୭୭୩୧୯୧୯୬୮

# ମୋହ

## ରାଜଶ୍ରୀ ମହାପାତ୍ର

ଅନ୍ଧାର ଲିଭେଇ ସାରିଲାଣି ଶେଷ ରବିର ବ୍ୟାପ୍ତ ଆହବ
ଅସ୍ତଗିରିର ଆକାଶରେ ବିଷାଦର ସ୍ୱର
କୁହୁଡ଼ିରେ ଲୁଚିଗଲାଣି ମୁହଁ
ଝାପ୍‌ସା ଝାପ୍‌ସା ଦିଶୁଛି ତୁମ ଫେରିବାର ବାଟ

ଡେମ୍ଫରୁ ଝରିପଡୁଛି ପତ୍ର
ମାଟିର କୋଳରେ ତା'ର ଶେଷ ଅଭିସାର
କି ଅନନ୍ୟ ଏ ବିରାଗର ରାଗ
ଧୀରେ ପୋଛି ହୋଇଯାଉଛି ଆଖିରୁ ତୁମ ପାଦଚିହ୍ନ

ଝାଉଁବଣର ଆକାଶରେ ଲୁହ ଢାଳି ଲୁଚିଗଲାଣି ଚାନ୍ଦ
ଯୋଜନ ଯୋଜନ ଦୂରରେ ଥାଇ ବି କାହିଁକି ଅସ୍ଥିର ହୁଏ ଚକୋର
ଏଠି ନିଶାର୍ଦ୍ଧରେ ଜଳୁଛନ୍ତି ନିରବ ମୁହୂର୍ତ୍ତ

ସ୍ମୃତି ଆୟତ୍ତ କରିଛି ଜହ୍ନ ପରି କାନ୍ଦିବାର ସୂକ୍ଷ୍ମତମ କଳା
ଜୀବନ୍ତ ବି ତା ଠାରେ ହସର ପସରା
ଜୀବନର ସବୁ ଅତୃପ୍ତିରେ
ବେଳେବେଳେ ଲାଗେ ମତେ,
ସତେକି ସେ ଐଶ୍ୱର୍ଯ୍ୟମୟ ଅନୁଲିପ୍ତ, ସ୍ୱର୍ଣ୍ଣାଭ ପ୍ରତିମା

ସବୁ ବୁଝେ, ସବୁ ଜାଣେ, ତଥାପି ଅଝଟ
ଏ ଅନ୍ଧାରରେ ଦିଶିଯାଏ ଯା'ର ମୁହଁ,
ସମସ୍ତଙ୍କ ଅଲକ୍ଷ୍ୟରେ ସେ କହେ,
ନିଜେ ଜଳି ଆଉଜଣକୁ ଜଳେଇବାର ନାମ ମୋହ
ଏହା ହିଁ ତ ପ୍ରେମ !

♥ କୁଞ୍ଜକାନ୍ତ(ଉତ୍ତର),ପୋ/ଜି: ଢେଙ୍କାନାଳ-୭୫୯୦୦୧
ଫୋନ:୮୨୮୦୦୫୮୪୪୦



▲ଫଟୋ ରାଜଶ୍ରୀ ମହାପାତ୍ର

# ଧଳା ଶାଢ଼ି

## ସ୍ନେହାଶିଷ ମହାନ୍ତି

ଚମ୍ପା ନୁହଁ,
ଟଗର କି ମଲ୍ଲୀ ଦେହ ପରି ଶାଢ଼ିର ରଙ୍ଗ
କିନ୍ତୁ ମନର ରଙ୍ଗ ଯଥେଷ୍ଟ ଧୂସର...

ବାଇଶି ବର୍ଷୀୟା ଦେହଟାରେ
ସାପ ପରି ଧଳା ରଙ୍ଗର ଶାଢ଼ି
ମୋଡ଼ିମାଡ଼ି ଅଣନିଃଶ୍ୱାସୀ କରି,
ଦେଲାଣି ସାରି...
ସୀମାରୁ ଆସିଛି କଫିନ୍
ସହିଦର ଛାତିରୁ କଳାକଳା ରକ୍ତର ଦାଗ
ପୋଛିନିଏ ଶାଢ଼ି, ଲିଭିଯାଏ ସିଂଥିର ସିନ୍ଦୂର
ହଲିଲା ପାଣିରେ ମୁହଁ ଦେଖି ଆଖି କାନ୍ଦେ,
ଲୋଟିଯାଏ ଘାସ ପରେ...
ଅବଶିଷ୍ଟ କ୍ଷତାକ୍ତ ମନକୁ ସନ୍ତର୍ପଣେ ସାଉଁଟି
ଗଣ୍ଠିଲି କରି ମଥା ପରେ ଥୋଇଦିଏ ଶାଢ଼ି....

ରାତିହେଲେ ଶାଢ଼ି କାନ୍ଦେ ପ୍ରତିଦିନ
କଇଁ କଇଁ କାନି ତାର ଭିଜେ
ଜହ୍ନର ଜ୍ୟୋତ୍ସ୍ନା ଠାରୁ ଶାଢ଼ି ଦିଶେ ଅଧିକ ଉଜ୍ଜ୍ୱଳ
କିନ୍ତୁ, ଯେତେ ଲୁହ ପୋଛିଲେ ବି ଡେରିହୁଏ
ଏ ରାତି ପାହି ହେବାକୁ ସକାଳ..

ସକାଳର ସୂରୁଜକୁ ସାକ୍ଷୀ ରଖି
ବାରିପଟ ବାଉଁଶରେ ନିଇତି ସୁଖେ ଶାଢ଼ି
ଶାଢ଼ି ସାଥେ ଯେତେ ଓଦା ସ୍ମୃତି
ଝୁଲୁଥାଏ ବାଇଆବସା ପରି ପବନରେ,
ପ୍ରିୟର ପରାଣ ଓ ପ୍ରେମଭରା ଚିଠିର
ସେଇ ଶେଷତମ ଇତି... ।

♥ ବାରିପଦା, ମୟୂରଭଂଜ
ଫୋନ: ୭୦୦୮୭୦୨୮୮୧



▲ଫଟୋ ସ୍ନେହାଶିଷ ମହାନ୍ତି

## ରକ୍ତ

### ସିପୁନୁ ଜେନା

ରକ୍ତ କ'ଣ ରଙ୍ଗରେ ତିଆରି ଯେ
ତମେ ଖେଳିବ ରକ୍ତ ହୋଲି
ମନ କ'ଣ ଉଡ଼ନ୍ତା ଚଢ଼େଇ ଯେ
ତମେ ଦବ ମାନସିକ ନିର୍ଯ୍ୟାତନା ।

ରକ୍ତର ମୂଲ୍ୟରେ କେତେ ଯେ ଇତିହାସ ଲେଖା
ମୂଲ୍ୟ କେହି ବୁଝିବାକୁ ଅକ୍ଷମ
ନିଜ ଗୋଡ଼ରେ କୁରାଢ଼ି ଚୋଟ
ସକାଳକୁ ନିଜ ବିଭତ୍ସ ରୂପରେ
ଭୟଭୀତ ଅସ୍ତବ୍ୟସ୍ତ ।

ସମୟ ସୂତାର ନଟେଇ ନୁହେଁ ଯେ
ଛିଡ଼ିଯିବ ଆମ ଭିତରୁ
ଭଙ୍ଗା ଘର ଭୟରେ ଭାଙ୍ଗିଯିବ
ଗଢ଼ିଦେବ ଭବ୍ୟ ପ୍ରାସାଦ !

ଧର୍ମର ଧଳା ଚାଦରରେ
କଳଙ୍କ କଳା ଟିକା ଲଗେଇ
ବୁଲିବ ଦୁନିଆ ସାମ୍ନାରେ
ରାତିକୁ ରଙ୍ଗ କରି ମାଖିବ
ସ୍ୱପ୍ନର ଚଲା ବାଟରେ ।

ସୂର୍ଯ୍ୟ କିରଣର କ୍ଷଣିକ ବିତରଣକୁ
ଡାକି ପାରିବ କି ସତର ଛାଉଣୀକୁ
ମିଛର ଖୋଳପା ପିନ୍ଧେଇ
ଇତିହାସର ରକ୍ତିମ ଅଧ୍ୟାୟକୁ !

ରକ୍ତର ରଙ୍ଗକୁ ଦେଖିବାରେ
ଦୃଶ୍ୟପଟ୍ଟ ବଦଳି ଯିବ ଯଦି
ଗତି ବଦଳିବ ଭିନ୍ନ ମୋଡ଼ରେ
ଛାତିକୁ ପଥର କରି ସ୍ୱପ୍ନ ଦେଖୁଥିବା ମଣିଷ
ଜ୍ୟୋତ୍ସ୍ନା ଭିଜା ରାତିରେ ହଜିଯିବ
ଆଗାମୀ ଭବିଷ୍ୟତ ଆକଳନରେ !

ତର୍କାବେଢ଼ା, କଡ଼ଲା, ମେରାମଣ୍ଡଳୀ
ଜିଲ୍ଲା:ଢେଙ୍କାନାଳ-୭୫୯୧୨୧
ଫୋନ:୮୭୬୩୦୭୦୫୩୫



## ସମ୍ବିଧାନ ପାରୁନି

### ଆଲୋକ କୁମାର ରାୟ

ମୁଁ ଆଉ ପାରୁନି,
ତୁମ ପ୍ରଦତ୍ତ ସ୍ୱତନ୍ତ୍ରତା ଓ ସମାନତା ସମୂହର
ଗୁରୁଭାର ବହନ କରି ଜିଇଁବାର
ମଧୁ ପାନ କରିବାକୁ
ହେ ମୋର ପ୍ରିୟ ସମ୍ବିଧାନ !

ମୋତେ ସମ୍ବିଧାନିକ ଦାୟିତ୍ୱ ନିର୍ବାହ
ଓ କର୍ତ୍ତବ୍ୟ ସମ୍ପାଦନରୁ ଅବ୍ୟାହତି ଦେଇ
ନିରସ୍ତ୍ର କର ସବୁଦିନ ପାଇଁ ।

ସାତ ଦଶକ ଅତିକ୍ରାନ୍ତ ପରେ
ତୁମ ମୁଣ୍ଡ ବାଳ ପାଚି କାଶତଣ୍ଡି ପରି
ହସି ହସାଉଥିବା ମୁହୂର୍ତ୍ତେ,
ମୁଁ ଅବୁଝା, ଖଡ଼ି ଛୁଇଁ ରହିଗଲି
ନା ନିଜର ଉତ୍ତରଣକୁ ନିର୍ଦ୍ଦିଷ୍ଟ ଦିଶା ଦେଲି,
ନା ଅପରର ଭାବାବେଗକୁ କୋଳେଇ ଧରିଲି !

ଅମୂଲ୍ୟ, ଅନନ୍ୟ ଅଧିକାରରେ
ବଳିୟାନ ହୋଇ ମୁଁ ଅପଦାର୍ଥ
ଧରାକୁ ଯାହା ସରା ମଣିଲି ।
ଭୁଲିଗଲି, ଭୁଲିବାର ଅଭିନୟ କରି
ମୋର ସାମାଜିକ ଦାୟବଦ୍ଧତା
ନିଜେ ବଂଚି ଅନ୍ୟକୁ ବଞ୍ଚିବାର
ସମ ସୁଯୋଗ ଦେବା ପରି ମୌଳିକ ସତ୍ୟକୁ ।

ମୋତେ ପୁନଶ୍ଚ ମୂଷିକ ହୋଇ
ଜୀବନ ଓ ଜୀବିକା ପାଇଁ
ବାରଦ୍ୱାର ଶୁଣ୍ଡିପିଣ୍ଡା ହେବାର
ମରହଟ୍ଟା ଯୁଗର ସୁଯୋଗ ମିଳୁ ।
ମୋ' ମୁହଁରେ ଲଗାମ ହାତରେ ବେଡ଼ି
ହେବା ପାଇଁ ସ୍ୱତନ୍ତ୍ର ନିୟମ ହେଉ ।
ଛଡ଼ାଇ ନିଅ ମୋ ଠାରୁ କବଚ, କୁଣ୍ଡଳ
ଅର୍ଜୁନ ହାତରେ ମରି ମୁଁ ଅଭାଗା
ନର୍କରେ ନିଜ ଜାଗା ସୁନିଶ୍ଚିତ କରିବାକୁ
କାୟୋମନୋବାକ୍ୟରେ ଇଚ୍ଛେ ପ୍ରତ୍ୟାଶା ।

କଟକ
ଫୋନ: ୯୪୩୭୦୬୮୦୦୩





# ଗୋଲାପଜାମୁ

**ଶକ୍ତିପ୍ରଭା ମିଶ୍ର**
ଅମୃତା, ୩୨, ମୈତ୍ରୀ ଜନପଦ
ନହରକଂଟା, ଭୁବନେଶ୍ୱର-୭୫୨୧୦୧
ଫୋନ:୯୪୩୯୩୬୬୧୫୫

ଚିତ୍ର: ସଞ୍ଜୟ କୁମାର ରାଉଳ

ଅସ୍ତବ୍ୟସ୍ତ ହୋଇ ମୀନା ଘର ଭିତରକୁ ପଶିଯିବା ବେଳେ ମାଲିକାଣୀ ତା' ମୁହଁକୁ ଟିକେ ଗମ୍ଭୀର ହୋଇ ଚାହିଁବାରୁ ସେ କହିଲା, "ଜାଣିଛ ମା', କାଲି ଆମ ଘରେ ଭୀଷଣ ଗଣ୍ଡଗୋଳ । ସେଥିପାଇଁ କାମକୁ ଆସିପାରିଲିନି ।"

"କାହିଁକି, ତୋ ସ୍ୱାମୀ ପୁଣି କ'ଣ କଲା କି ?"

"ମୋ ସ୍ୱାମୀ କଥା କାହିଁକି କହୁଛ ମା' ? ତାକୁ ପଅରଦିନ ରାତିରେ କୁଆଡ଼େ ଯାଇଥିଲୁ ପଚାରିବାରୁ କହିଲା, ସୁର ଜୋର୍ କରି ରାତିରେ ରଖିଦେଲା । ଚୁଲୀ ମୁଣ୍ଡରୁ କାଠ ଫାଳିଆଟେ ଉଠେଇ ଆଣି ତା' ଆଡ଼କୁ ଯେମିତି ମାଡ଼ିଗଲି ସାଙ୍ଗେ ସାଙ୍ଗେ ଝିଅ ରାଣ ଖାଇ କହିଲା, 'ସତ କହୁଛି ଲୋ, ସୁର ପାଖକୁ ଫୋନ ଲଗେଇ ଦେଉଛି, ଏଇଠି ମିମାଂସା ହେଇଯିବ । ସବୁବେଳେ ଏମିତି ଅବିଶ୍ୱାସ କରନା । ସୁରକୁ ଫୋନ ଲଗେଇବାରୁ ସେପଟୁ ଖାଲି କହିଲା ଆଉଟୁ ଅଫ୍ ରିଚି ।" ଦୀର୍ଘଶ୍ୱାସ ମାରି ମୀନା ଚୁପ୍ ପଡ଼ିଗଲା ଢେର ବେଳ ।

"ଆଲୋ, ଏ ସୁର କିଏ ବା ?"

ହସିଦେଇ ମୀନା କହିଲା, "ଯା'ର ମାଉସୀ ପୁଅ ଭାଇ । ଗୋଟେ ବଡ଼ ହୋଟେଲରେ କାମ କରେ ।"

ଏଇ କିଛିଦିନ ଧରି ମୀନାର ବାରମ୍ବାର କାମ ବନ୍ଦ କରିବାର ଅସଲ କାରଣଟି ଯାହା ହେଉ ନା କାହିଁକି ତା' ଶୁଖିଲା ମୁହଁକୁ ଦେଖିଲେ ଆଗର ଦମ୍ଭସବୁ ଆଉ ବର ପାଖରେ କାଟୁ କରୁ ନଥିବା ପରି ମନେ ହେଉଥିଲା ମାଲିକାଣୀଙ୍କୁ । ତାଙ୍କର ମନେ ପଡ଼ିଗଲା ଆର ବରଷର କଥାଟିଏ ।

ସେଦିନ ଗପିବ ବୋଲି ଚଟାଣ ଉପରେ ବସିପଡ଼ି ମୀନା କହିଥିଲା, "ମା' ତମ ଶାଶୁଘର କୋଉଠି କି ?" ମାଲିକାଣୀ କହିଲେ, "ହଠାତ୍ କାହିଁକି ପଚାରିଲୁ ଏ କଥା ?" "ନାଇଁମ' ସେ ଦାଶ ବାବୁ ଘର ମା' କହୁଥିଲେ ତମ ଶାଶୁଘର ଆଉ ତାଙ୍କ ବାପଘର ଗାଁ ଗୋଟେ ଆଡ଼େ ? ସେମାନଙ୍କର ସେଠି କୁଆଡ଼େ ବହୁତ ନୀତି ନିୟମ, ବାଛବିଚାର ? ଆମ ସାଇରେ ବି ସେ ଆଡ଼ରୁ କେତେ ଲୋକ ଆସି ଭଡ଼ାରେ ଅଛନ୍ତି । ନିଜ ଝିଅ ବୋହୂକୁ ବହୁତ ଆକଟରେ ରଖନ୍ତି । ଆମ ଏ ପଟର ଝିଅ ସେମାନଙ୍କୁ ଧରି  ଚଳିବା ମୁସ୍କିଲ ମା' । ତମେ କେମିତି ଚଳିଲ ମଁ ସେଠି ? ହଁ, ତମ ପାଠପଢ଼ା ବାବୁମାନଙ୍କ ଘରେ କ'ଣ ଅସୁବିଧା ଅଛି ଯେ ?"

ହଠାତ୍ ଏମିତି ପ୍ରଶ୍ନଟିଏ ପଚାରି ମୀନା ସତେ ଯେମିତି ଉଖାରି ଆଣିଲା ତାଙ୍କର ବକଳ ବସା କ୍ଷତକୁ । କେମିତି ସେ ଦେଖେଇଥାନ୍ତେ ପୁରୁଣା ଦିନର ଦୁଃଖମାନଙ୍କୁ ? କେମିତି ବା ତାକୁ କହିଥାନ୍ତେ ଘରକୁ ସଜାଡ଼ି ରଖିବା ପାଇଁ, ପରିବାରର ସବୁ ସଦସ୍ୟଙ୍କୁ ଗୋଟିଏ ମାଳାରେ ବାନ୍ଧି ରଖିବା ପାଇଁ ତାଙ୍କୁ ଯେ କେତେ ଲୁହ ପିଇବାକ ନ ପଡିଛି । କଥା



## କାହାଣୀ ପଛର କାହାଣୀ

ପରକୀୟା ପ୍ରୀତି ଆଜିର ସମାଜରେ ଏକ କ୍ରମବର୍ଦ୍ଧିଷ୍ଣୁ ବ୍ୟାଧିର ଆକାର ଧାରଣ କଲାଣି । ସମାଜ ନିର୍ଦ୍ଧାରିତ ସ୍ୱାମୀ-ସ୍ତ୍ରୀ ସଂପର୍କର ବାହାରକୁ ଯାଇ ଅନ୍ୟ ନାରୀ ସହିତ ସଂପର୍କ ରଖିବାରେ ରୋମାଞ୍ଚ ତ ନିଶ୍ଚୟ ଥାଏ କିନ୍ତୁ ଏପରି କ୍ଷଣିକ ରୋମାଞ୍ଚ ପ୍ରତିଷ୍ଠିତ ପାରିବାରିକ ଢାଞ୍ଚା ପ୍ରତି ଖାଲି ଏକ ଆହ୍ୱାନ ହୋଇ ଠିଆ ହୁଏନି ବରଂ ତାହା ପ୍ରକଟିତ ହେଲେ ପାରସ୍ପରିକ ବିଶ୍ୱାସକୁ ଯେଉଁ କ୍ଷତ ପହଞ୍ଚାଇଥାଏ ତାହା କେବେ ବି ଶୁଖିବା ସମ୍ଭବ ନୁହେଁ । ଏହାର ଏକ ସୁଦୂର ପ୍ରସାରୀ ପ୍ରଭାବ ପରିବାର, ସ୍ୱାମୀ-ସ୍ତ୍ରୀ ଓ ଆଗକୁ ଯାଇ ପୁତ୍ର କନ୍ୟାମାନଙ୍କ ପାଇଁ ମଧ୍ୟ ଘାତକ ସାବ୍ୟସ୍ତ ହୁଏ । ଏହି ପରକୀୟା ପ୍ରୀତି ଅନେକ ହିଂସା ଓ ହତ୍ୟାକାଣ୍ଡର ବି କାରଣ ସାଜିଥାଏ ।

ଭାରତୀୟ ପିଙ୍ଗଳ କୋର୍ଡ଼ର ଧାରା ୪୯୭ ପ୍ରତ୍ୟାହୃତ ହେବା ପରେ ଏହି ସାମାଜିକ ବ୍ୟାଧି ପାଇଁ କୌଣସି ନ୍ୟାୟିକ କଟକଣା ନରହିବା ଏପରି ବ୍ୟବହାରକୁ ଯେ ପ୍ରକାରାନ୍ତରେ ପ୍ରୋତ୍ସାହିତ କରୁଛି ତାହାକୁ ଆମେ ଅସ୍ୱୀକାର କରିପାରିବା ନାହିଁ । ଏ ପ୍ରକାର ସାମାଜିକ ଅସଂଗତି ମୋତେ ଗଭୀର ଭାବେ ବ୍ୟଥିତ କରିଛି । ଏକ ସଚେତନ ଗାଳ୍ପିକା ହିସାବରେ ମୁଁ ଏହି ବ୍ୟାଧି ଉପରେ ଆଲୋକପାତ କରିଛି ମୋର ଗଳ୍ପ 'ଗୋଲାପଜାମୁ' ମାଧ୍ୟମରେ ।

ବଦଳାଇବାକୁ ଯାଇ ସେଦିନ ମୀନାକୁ ସେ ପଚାରିଥିଲେ, "ମୁଁ ତ ଶୁଣିଛି ତୁ କୁଆଡ଼େ ତୋ ଶାଶୁ ଘରକୁ କେବେ ବି ଯାଉନୁ ? ତୋ ସ୍ୱାମୀ ତୋ ବାପା ଘରେ ସବୁବେଳେ ରହୁଛି ? ତା' ନିଜ ଲୋକଙ୍କୁ ଦେଖିବାକୁ ତା'ର ଇଚ୍ଛା ହେଉନି ? ତୁ ତାକୁ ଛାଡୁନୁ ନା ସେ ତା' ଇଚ୍ଛାରେ ଯାଉନି ?"

"କାହିଁକି ଛାଡ଼ିବି ଯେ ? ଆମ ଦୁହିଁଙ୍କର ବାହାଘର କଥା ଉଠେଇଲାରୁ ସେମାନେ ତ ପୁଅକୁ ସିଧା କହିଦେଲେ, 'ଛୋଟ ଜାତିର ଝିଅକୁ ଭଲ ପାଇଛୁ ଯେତେବେଳେ ତା'ରି ସାଥିରେ ଘର କରି ରହ । ଆମ ଘର ଦୁଆର ମାଡ଼େନା । ଆମ ତିନି ପ୍ରାଣୀଙ୍କର ଦୁଃଖସୁଖ ସବୁ ତ ବୁଝିଲେ ମୋ ବାପା ମା' । ଇଏ ସେମାନଙ୍କ ଘରକୁ ଯିବ କ'ଣ ପାଇଁ ?"

"କିନ୍ତୁ ତୁ ତା'କୁ ବାହା ହୋଇଛୁ ଯେତେବେଳେ ତା' ଖୁସି ଦେଖିବା ବି ତ ତୋ' କାମ । ତାକୁ ତା' ଘରକୁ ଯିବାକୁ ମନା କରିବା ବେଳେ ସେ ତୋତେ କିଛି କହିଲାନି ?"

ମୀନା କହିଲା, "ହଁ ମା', କେତେଦିନ ସାଙ୍ଗରେ ଲାଗିଲା । ଭାବିଥିଲା ମୋତେ ଡରେଇ ତା' କାମ ହାସଲ କରିଦେବ । ହେଲେ ମୁଁ ତାକୁ ଜମା ଛାଡ଼ିଲିନି । ସଫା ସଫା କହିଦେଲି ସେଠିକୁ ଯଦି ଯିବୁ ମୋତେ ଛାଡ଼ିଦେ ।"

"ସେ ମାନିଗଲା ତୋ କଥାକୁ ?"

"ହଇଏ ମା', ତମର ଯୋଉ କଥା ନା... । ଯୁବତୀ ନାରୀକୁ ଛାଡ଼ି କୋଉଠି ରହି ପାରିଲାଣି ପୁରୁଷ ?"

ହଠାତ୍ ମାଲିକାଣୀଙ୍କର ମୁହଁଟି ଶୁଖି ଯାଉଥିବା ଦେଖି ମୀନା କହିଲା, "କ'ଣ ଏମିତି ଭାବୁଛ ମା' ?" ପ୍ରକୃତିସ୍ଥ ହୋଇ ସେ ମୀନାକୁ କହିଲେ, "ଏତିକି ଜାଡ଼ରେ ମୁଁ ଅଧାକାମ ସାରିବା ପରେ ଆସି ମୁହଁ ଦେଖାଉଛୁ ତୁ ?"

"ମା', କହିଲି ପରା କାଲି ଠାରୁ ଆମ ଦୁହିଁଙ୍କ ଭିତରେ ଜୋରରେ ଗଣ୍ଡଗୋଳ ଲାଗିଛି ।"

ମାଲିକାଣୀ କହିଲେ, "ଗଣ୍ଡଗୋଳ ଲାଗିବନି ? ପୁରୁଷ ପିଲାଟା ସିଏ, ତୋ ଖୁସି ପାଇଁ ସେ ଯେତେବେଳେ ତା' ଘର ପରିବାରର ସବୁ ଲୋକଙ୍କୁ ଭୁଲିଗଲା ତୁ ସେମିତି ତା' ଖୁସି ଦେଖି କାମ କରିବା କଥା ନା ନାହିଁ ? ନାରୀର ସ୍ନେହ ନ ପାଇଲେ ପୁରୁଷ ବାଟବଣା ହେବା ସ୍ୱାଭାବିକ କଥା । ତୁ ତ କଥା କଥାକେ ତା' ଉପରକୁ ଠେଙ୍ଗା ବାଡ଼ି ଉଠାଉଛୁ । ବିନା କାରଣରେ ତାକୁ ଅବିଶ୍ୱାସ କରୁଛୁ ।"

ମୀନା ଟିକିଏ ଏପଟ ସେପଟ ଆଖି ଘୁରେଇ ଆଣି କହିଲା, "ବାବୁ ଘରେ ନାହାଁନ୍ତି କି ?"

"ନା, ଟୁର୍‌ରେ ଯାଇଛନ୍ତି ।"

"ଶନିବାର ରବିବାର ପରା ବାବୁଙ୍କର ଅଫିସ ଛୁଟି ? ଏଇ ସମୟରେ ସେ ତୁମ ପାଖରେ ନ ରହି ଟୁର୍‌ରେ କ'ଣ ପଳଉଛନ୍ତି ?"

"ତୁ ତ ଭଲକଥା କହୁଛୁ ? ମୋ ପାଖେ ରହିବେ ବୋଲି କ'ଣ ଅଫିସ୍ କାମ କରିବେନି ସିଏ ?"

ଆଜିକାଲି ଯୁଗରେ ନିଜ ଲୋକଙ୍କୁ ବି ଆଉ ବିଶ୍ୱାସ କରିବା ଠିକ୍ ନୁହେଁ ମା' । ଆମ ସାଇର ଗୋଟେ ଝିଅ ମଞ୍ଜୁ ସମସ୍ତଙ୍କୁ ଯାଇ କହୁଛି ତା' ମାଲିକ ମାଲିକାଣୀ କୁଆଡ଼େ ଏଇ କଲୋନୀର ଜଣେ ଚିହ୍ନା ବାବୁଙ୍କୁ ଆଉ ଗୋଟିଏ ସୁନ୍ଦରୀ ଝିଅ ସହିତ ହୋଟେଲ୍‌ରେ ଦେଖିଛନ୍ତି । ବୁଝିଲ ମା' ଏଗୁଡ଼ାକ ଆମ ଛୋଟ ଜାତିରେ ଘଟୁଥିଲା ହେଲେ ଏବେ ପାଠପଢ଼ା ବଡ଼ବାବୁ ମାନେ ବି ଘରେ ସ୍ତ୍ରୀକୁ ବସେଇ ବାହାରେ ପର ଝିଅଙ୍କୁ ଧରି ସେମିତି ଲଟରପଟର ହେଉଛନ୍ତି । ପୁରୁଷ ଜାତିକୁ ଜମା ବିଶ୍ୱାସ ନାହିଁ ମା'। ବାବୁଙ୍କୁ ଗୋଡ଼େ ଗୋଡ଼େ ଜଗିଥାଅ । ନହେଲେ କେତେବେଳେ ନେଡ଼ିଗୁଡ଼ କହୁଣିକୁ ବୋହିଯିବ ଜାଣି ପାରିବନି ।"

"କ'ଣ ଏମିତି ଇଆଡୁ ସିଆଡୁ ବାଜେକଥା ଗୁଡ଼ା ଗପୁଛୁ ତୁ ? କୋଉ ବାବୁଙ୍କୁ କୋଉ ମାଲିକ

ମାଲିକାଣୀ କହିଲେ, "ଗଣ୍ଡଗୋଳ ଲାଗିବନି ? ପୁରୁଷ ପିଲାଟା ସିଏ, ତୋ ଖୁସି ପାଇଁ ସେ ଯେତେବେଳେ ତା' ଘର ପରିବାରର ସବୁ ଲୋକଙ୍କୁ ଭୁଲିଗଲା ତୁ ସେମିତି ତା' ଖୁସି ଦେଖି କାମ କରିବା କଥା ନା ନାହିଁ ? ନାରୀର ସ୍ନେହ ନ ପାଇଲେ ପୁରୁଷ ବାଟବଣା ହେବା ସ୍ୱାଭାବିକ କଥା । ତୁ ତ କଥା କଥାକେ ତା' ଉପରକୁ ଠେଙ୍ଗା ବାଡ଼ି ଉଠାଉଛୁ । ବିନା କାରଣରେ ତାକୁ ଅବିଶ୍ୱାସ କରୁଛୁ ।"

ଦେଖିଲେ ? ସବୁ ମିଛ । ଏସବୁ ବାଜେ କଥାରେ ମୁଣ୍ଡ ପୁରାନା । ଯା' କାମ ଆରମ୍ଭ କରେ ।"

କଲୋନୀରୁ କଥା ଯାଇ ଆମ ବସ୍ତିରେ ଘୁରିଲାଣି । ଆଉ ତମେ ଏଇଠି ଥାଇ କିଛି ଜାଣୁନ ? ତୁମେ ବି ଭଲ ସ୍ତ୍ରୀ ହେଇଛ ମା' ! ସ୍ତ୍ରୀ ହେଲେ ସ୍ୱାମୀ ଉପରେ ସବୁବେଳେ ଟିକେ ନଜର ରଖିବା ନିହାତି ଦରକାର ଏକଥା ଜାଣିନ ? ବାବୁଙ୍କର ବି କେତେବେଳେ ପାଦ ଖସିନଯିବ ଏକଥା କିଏ କହିପାରିବ ?"

"ମୀନା , ବାବୁଙ୍କ ନାଁରେ ଏମିତି କଥା କହିବାକୁ ତୋର ସାହସ କେମିତି ହେଲା ? ଯାହାଙ୍କ ଘରେ କାମ କଲେ ପେଟକୁ ଦୁଇଗୁଣ୍ଡା ଖାଦ୍ୟ ପାଉଛୁ ତାଙ୍କ ନାଁରେ ଏମିତି କଥା କେମିତି କହି ପାରୁଛୁ ତୁ ? ବାହାରିଯା' ମୋ ଘରୁ ?"


"ପଳେଇବି ମା' । କିନ୍ତୁ ଯାହା ଭାବିକି ଆସିଛି ତାହା କହିଦେଇ ଯିବି । ମୁଁ କ'ଣ ଏ କଥାକୁ ସତ ଭାବିଥାନ୍ତି କି ମା' ? କିନ୍ତୁ ମୋ ବର କହିବାରୁ... ।"

"ଇନଟ୍ରେଷ୍ଟିଙ୍ଗ୍, ତୋ ବର କ'ଣ କହିଲା ମୁଁ ଟିକେ ଶୁଣେ ତ ?"

"ଗତକାଲି ସିଏ ଟିଫିନି ବାକ୍ସଟେ ମୋ ଆଡ଼କୁ ବଢ଼େଇ ଦେଇ କହିଲା, 'ନେ, ତୋ ଝିଅ ପାଇଁ ସୁର ଏଇଟା ଦେଇଛି । ଝିଅ ଇସିକୁଲକୁ ଗଲାବେଳେ ଏଇଥିରେ ତାକୁ ଟିଫିନ୍ ପୁରେଇ ଦେବୁ ।' ଟିଫିନି ଡବାକୁ ଦେଖି ମୁଁ ଚମକି ଉଠି କହିଲି, 'ଆରେ, ଇଏ ତ ଆମ ବାବୁଙ୍କର ଟିଫିନି ଡବା, ସୁର ପାଖକୁ କେମିତି ଆସିଲା ?' ସିଏ କହିଲା, 'ଭଲକଥା କହୁଛୁ ତୁ ? ଏକାଭଳିଆ ଟିଫିନ ଡବା କ'ଣ ଆଉ କାହା ପାଖରେ ରହିବା ମନା ?' ମୁଁ କହିଲି, 'ହଁ... ଯେ ।' ସେ ପୁଣି କହିଲା, 'ଆଲୋ ହେ ଏ ଟିଫିନ ଡବାର ଗୋଟେ ମଜାଦାର କାହାଣୀ ଅଛି, ଶୁଣିବୁ ?"

"ମୁଁ କହିଲ, କହ...।"

ସେ କହିଲା, 'ସୁର ମତେ କହିଲା ଦୁଇଦିନ ତଳେ ଜଣେ ବାବୁ ଗୋଟେ ସୁନ୍ଦରୀ ଝିଅଟେ ଧରି ହୋଟେଲକୁ ଆସିଥିଲେ । ସେଦିନ ତାଙ୍କ ରୁମ୍‌ର ଦାୟିତ୍ୱ ମୋ ଉପରେ ଥିଲା । ଦୁହେଁ ଖାଇବା ମଗେଇଲେ ଆଉ ମଦ ବି । ଡେରି ରାତି ଯାଏଁ ତାଙ୍କର ପିଆପିଇ, ହସଖୁସି ଚାଲିଥିଲା । ସକାଳେ ରୁମ୍ ସଫା କରିବା ବେଳେ ସେମାନେ ଛାଡ଼ି ଯାଇଥିବା ଏଇ ଟିଫିନ ଡବାଟିକୁ ପାଇଲି । ରିସେପେସନ୍‌ରେ ପଚାରି ଜାଣିଲି ସେମାନେ ରୁମ୍ ଛାଡ଼ି ସାରିଲେଣି । ବାବୁଙ୍କୁ ଫୋନ୍ କରି ପଚାରିବାରୁ ସେ କହିଲେ, ଡଷ୍ଟବିନରେ ଫୋପାଡ଼ି ଦିଅ । ଡବାଟିକୁ ଫୋପାଡ଼ିବାକୁ ମୋ ହାତ ଗଲାନି । ମୁଁ ତାକୁ ମୋ ରୁମ୍‌କୁ ନେଇ ଆସିଲି । ବୁଝିଲୁ ଭାଇ, ସେ ମହିଳା ଜଣକ ବାବୁର ସ୍ତ୍ରୀ ନଥିଲା ଏକଥା ତ ପକ୍କା ।'



ମୁଁ ତାକୁ  ପଚାରିଲି, 'ତୁ କେମିତି ଜାଣିଲୁ କିରେ ?'

ସୁର କହିଲା, 'ଆରେ... ବାବୁଟା ପଚାଶେ ଉପରେ ହେବା ବେଳେ ଝିଅଟା କୋଡ଼ିଏ ଟପିବନି ପରା । ତା' ଝିଅ ବୟସର ହେବ ।'

'ଲୋକଟା ଦ୍ୱିତୀୟ ବିବାହ କରିଥାଇପାରେ ।'

'ନାଇଁବେ, ସ୍ୱାମୀ ସ୍ତ୍ରୀଙ୍କ ଯୋଡ଼ି ଅଲଗା । ଯଦି ସେମାନେ ସ୍ୱାମୀସ୍ତ୍ରୀ ତେବେ ଘରୁ ଟିଫିନ ଆଣି ହୋଟେଲକୁ କାହିଁକି ଆସିବେ ? ପୁଣି ଟିଫିନ ଡବାରେ ଥିବା ଘର ଖାଦ୍ୟକୁ ନଖାଇ ହୋଟେଲ ଖାଇବା କାହିଁକି ଖାଇବେ ? ନିଜ ଘର ଖାଦ୍ୟକୁ ଅଣଦେଖା କରି ସ୍ତ୍ରୀଟିଏ ଟଙ୍କା ଖର୍ଚ୍ଚ କରି ହୋଟେଲ ଖାଦ୍ୟ ଖାଇବନି । ସ୍ତ୍ରୀ ମାନଙ୍କୁ କେବେ ନିଜ ଜିନିଷ ଛାଡ଼ିବା ଦେଖିଛୁ ? ଏମାନେ ପରା ସେପ୍ଟିପିନ୍‌ଟେ ଯଦି କୋଉଠି ଛାଡ଼ି ଯାଇଥିବେ ଚାରିଦିନ ମୁଣ୍ଡ ଖାଇଯିବେ ସ୍ୱାମୀର । ଇଏ ପକ୍କା କଲ୍ ଗାର୍ଲ । ମୋର ଯାହା ମନେହେଉଛି ଅଫିସ୍ ଯିବାବେଳେ ବାବୁର ସ୍ତ୍ରୀ ଟିଫିନ୍ ସଜାଡ଼ି ପଠେଇଥିବ । ଆଉ ତାକୁ ଧରି ଏ ବାବୁ ଅଫିସରୁ ସିଧା ହୋଟେଲରେ ହାଜର ।'

ମା', ସଙ୍ଗେ ସଙ୍ଗେ ମୁଁ କହିଲି, "ତା' ମାନେ ତୁ କହୁଛୁ ଆମ ବାବୁ ଆଉ ଗୋଟେ ଝିଅ ସହିତ ହୋଟେଲରେ ରାତି କାଟୁଥିଲେ ?"

ମୋ ବର କହିଲା, 'ତୋ ବାବୁଙ୍କ ନାଁରେ ତ ମୁଁ କିଛି କହିନି । ତୁ ଯଦି ଜୋର୍‌ରେ କହୁଛୁ ଏଇ ଟିଫିନ ଡବା ତୋ ବାବୁଙ୍କର... ତେବେ ହେଇପାରେ ।'

'ରାଗି ତ ଗଲି ମୁଁ । କହିଲି ମୋ ବାବୁଙ୍କୁ ତୁ ମୋ ଠାରୁ ବେଶୀ ଜାଣିଛୁ ?'

'ବାଡ଼ିପୋଡ଼ା କ'ଣ କହିଲା ଜାଣିଛ ମା' ?' କହିଲା, 'ବାବୁ ପାଇଁ ତ ଭାରି ଦରଦ ତୋର । ସେଠିକି କାମ କରିବାକୁ ଯାଉଛୁ ନା ଘ... କରିବାକୁ ?'

ଏଡ଼େ ବଡ଼ କଥା ସିଏ ମୋତେ କହିଦେବ ଆଉ ତାକୁ ଶୁଣି ମୁଁ ଚୁପ ରହିଯିବି ? ଝାମ୍ପି ପଡ଼ିଲି ତା' ଉପରକୁ । କହିଲି, 'ଅଲପେଇଶା, ପାଟିକୁ ଯାହା ଆସୁଛି କହିଯାଉଛୁ ? କ'ଣ କହିଲୁ, ମୁଁ ଯାଉଛି... । ମା', ସିଏ ବି ମତେ ଝିଙ୍କିଆଣି ଦୁଇ ଚାରି ପାହାର ପକେଇଦେଲା । ମୁଁ କି ଆଉ ଛାଡ଼ିବା ଜନ୍ତୁ । ଦୁହେଁ ହାତାହାତି ହେଇଗଲୁ । ପାଟିତୁଣ୍ଡ ଶୁଣି ସାଇ ପଡ଼ିଶା ଲୋକ ଗଦା ହେଲେ । ସେ ମଞ୍ଜୁ କୋଉଠି ଥିଲା ଆମ ଭିତରେ ପଶି ମୋ ବର ଠିକ୍ କଥା କହୁଛି କହିବାରୁ ବାଧ୍ୟ ହୋଇ ମୁଁ ତୁନି ପଡ଼ିଲି ।"

ଏକ ଅଜଣା ଭୟରେ ମାଲିକାଣୀଙ୍କ ମୁହଁ ସେତେବେଳକୁ ଶେତା ପଡ଼ି ଯାଉଥାଏ । ଅସ୍ତବ୍ୟସ୍ତ ହୋଇପଡୁଥାନ୍ତି ସିଏ । ଦୁଇ ଚାରିଥର ଛେପ ଢୋକି ସେ ପୁଣି ପଚାରିଲେ, "ମଞ୍ଜୁ କ'ଣ କହିଲା ତୋତେ ?'

– ମା ', 'ମଞ୍ଜୁ କହିଲା ତୁ ତୋ ମାଲିକାଣୀକୁ କାଳେ କହିଦେବୁ ସେଥିପାଇଁ ମୁଁ ବାବୁଙ୍କ ନାଁ କହିନଥିଲି ।'

ମାଲିକାଣୀ ପୁଣିଥରେ ପଚାରିଲେ, "କିଏ ତାଙ୍କ ନାଁରେ ମିଛରେ କିଛି କହିଦେଲେ ମୁଁ କ'ଣ ବିଶ୍ୱାସ କରିଯିବି ? ବିଶ୍ୱାସର ମୂଳଦୁଆ ଉପରେ ସମ୍ପର୍କ ଠିଆ ହୋଇଥାଏ । ମଞ୍ଜୁ ହୁଏତ ମିଛ କହୁଥିବ ? କିଛି ପ୍ରମାଣ ନ ଦେଖି ତା' କଥାକୁ ତୁ ଆଖିବୁଜି କେମିତି ବିଶ୍ୱାସ କରିଗଲୁ ?"

ହାତରେ ଧରିଥିବା ବ୍ୟାଗ୍ ଭିତରୁ ଟିଫିନ୍ ଡବାଟିକୁ ବାହାର କରି ମାଲିକାଣୀଙ୍କ ହାତକୁ ବଢ଼ାଇ ଦେବା ବେଳେ ମୀନା କହିଲା, "ମୁଁ ବି କୋଉ ବିଶ୍ୱାସ କରିଲି କି ମା' ? ମଞ୍ଜୁର କଥା ସତ କି ମିଛ ଜାଣିବା ପାଇଁ ସେଇ ସାଙ୍ଗେ ସାଙ୍ଗେ ସୁରକୁ ଫୋନ୍ ଲଗେଇ ଏଇ ଟିଫିନ୍ ଡବାରେ ସେଦିନ କ'ଣ ଜଳଖିଆ ଥିଲା ପଚାରିଥିଲି । ସୁର ଯାହା କହିଲା ଆଉ ନ ମାନିବା ପାଇଁ ମୋ ପାଖରେ କିଛି ଚାରା ନ ଥିଲା ମା' । କାରଣ ବାବୁଙ୍କ ଟିଫିନି ବାକ୍ସରେ ମୁଁ ପରା ସେଦିନ ଭର୍ତ୍ତି କରିଥିଲି ଛେନା ପରଠା, କାଙ୍କଡ଼ ଭଜା ଆଉ ତାଙ୍କର ପସନ୍ଦର ମିଠା ଗୋଲାପଜାମୁ ।"

# ଅଗ୍ନି ପରୀକ୍ଷା



## ଡ. ସୁଜାତା ଶୁଭଦର୍ଶିନୀ ନାୟକ

**ଅତିରିକ୍ତ ଉପଜିଲ୍ଲାପାଳ, କଟକ ସଦର, କଟକ-୭୫୩୦୦୧, ଫୋନ: ୭୦୦୮୩୬୫୮୯୯**


**ଚିତ୍ର: ସଞ୍ଜୟ କୁମାର ରାଉଳ**

ମତେ ଆଜି ଫେରିବାକୁ ପଡୁଛି ନର୍କକୁ ଯେଉଁଠିକି ମୋତେ ନଷ୍ଟ ଚରିତ୍ର, ପାପିନୀ ଦୋଟାରୁଣୀ, କଳିଙ୍କିନୀ ବୋଲି କହି ଅପମାନିତ ଓ ଲାଞ୍ଛିତ କରି ବାହାର କରି ଦିଆ ଯାଇଥିଲା । ମୁଁ ମରି ପାରିଲିନି ସେଥିପାଇଁ ବଞ୍ଚିଛି । ନହେଲେ ବଞ୍ଚିବାରେ କୌଣସି ଲାଳସା ନାହିଁ ମୋର । ମତେ ଯିବାକୁ ପଡୁଛି ଆଜି ମୋ ଝିଅ ପାଇଁ, ମୋ ବୃଦ୍ଧ ଏବଂ ରୋଗଗ୍ରସ୍ତ ବାପା, ମାଆଙ୍କ ମାନସିକ ସ୍ଥିତି ପାଇଁ, ନହେଲ ଯିବାକୁ ମୋର କାଣିଚାଏ ବି ଇଚ୍ଛା ନାହିଁ ।

ମୁଁ ପ୍ୟାକିଂ କରୁ କରୁ ବାପା ବୋଉ ଆସି ପହଞ୍ଚିଲେ ମୋ ପାଖରେ । ବାପା କହିଲେ, "ମାଆ ମୋର । ଜାଣିଛୁ ? ତୋ ରାଶିରେ ଗୋଟେ ଖରାପ୍ ବେଳା ଥିଲା କଟି ଯାଇଛି । ଏବେ ଦେଖିବୁ, ସବୁ ଠିକ୍ ହେଇଯିବ ।" ମୁଁ କ'ଣ କହିବି କିଛି ଭାବି ପାରିଲିନି । ମାଟି କଣ୍ଢେଇ ପରି ମୋ ପାଖେ ମଧ୍ୟ କିଛି ଭାଷା ନଥିଲା, ପ୍ରକାଶ କରିବାକୁ ।

ବୋଉ ବାପାଙ୍କୁ କହିଲା, "ଆଜିର ଦିନ ପାଇଁ ମୁଁ କେତେ ଠାକୁରଙ୍କୁ ନ ଡ଼ାକିଛି ? ଯାହା ହେଉ, ଡେରିରେ ହେଲେ ମଧ୍ୟ, ଭଗବାନ୍ ମୋ ଡାକ ଶୁଣିଲେ ।"

ବୋଉ କଥା ଶୁଣି ମୁଁ ଭାବିଲି, "ଭଗବାନ୍ ମୋ ଡାକ କାହିଁକି କେବେ ଶୁଣନ୍ତିନି ? ମୁଁ ସବୁଦିନ, ସବୁ ମୁହୂର୍ତ୍ତରେ ତାଙ୍କୁ ଡାକି ଆସୁଛି ମତେ ମୁକ୍ତି ଦେବାକୁ ଏ ସଂସାରରୁ । ମତେ ପୁରା ସଂସାରଟା ଏବେ ବିଷମୟ ଓ ସବୁ କିଛି ପ୍ରତାରଣାଭରା ଲାଗୁଛି ।"

ଭାଉଜ ଆସି ଖବର ଦେଲେ, "ଦୀପ୍ ଆସି ଗଲେଣି । ଡ୍ରଇଂ ରୁମ୍‌ରେ ବସିଛନ୍ତି ।" ବୋଉ କହିଲା ତାଙ୍କୁ ଏ ଘରକୁ ଡାକି ଆଣିବାକୁ । ଦୀପକ ଆସି ଗୋଟେ ସୋଫାରେ ବସି ପଡ଼ିଲେ । ମତେ ପଚାରିଲେ, "ଶ୍ୟାମା । ପ୍ୟାକିଂ ସରିଗଲାଣି ?" ମୁଁ କହିଲି, "ହଁ ଏବେ ସବୁ ମୋ ଝିଅ ବସିଛି ।" ଅମାନିଆ ଲୁହ ଧାରକୁ ଶତ ଚେଷ୍ଟା କରି ମଧ୍ୟ ରୋକି ପାରିଲିନି । ଫୁଲେଇ ଝିଅ ତା ବାପାଙ୍କୁ ଦେଖି କ'ଣ ସବୁ ଚାପି ଚାଲିଥାଏ ନନ୍‌ଷ୍ଟପ୍ ।

ସକାଳ ଜଳଖିଆ ଖାଇ ପିଇ ସମସ୍ତଙ୍କୁ ପ୍ରଣାମ କରି, ଆମେ ମାଆ, ଝିଅ ବାହାରି ପଡ଼ିଲୁ ମୋ ଶାଶୁ ଘର ଅଭିମୁଖେ ମୋ ସ୍ୱାମୀ ଦୀପକଙ୍କ ସହିତ । ଭାଇ ଆସି ଚୁପ୍ କରି ମୋ କାନ ପାଖେ କହିଲା, "କିନ୍ତୁ ଅସୁବିଧା ହେଲେ କହିବୁ । ମୁଁ ସାଙ୍ଗେ ସାଙ୍ଗେ ପହଞ୍ଚିଯିବି ।"

ଥରଟେ ପଛକୁ ଚାହିଁ ଦେଖିଲି ବାପା, ବୋଉ, ଭାଇ, ଭାଉଜ, ଭାଇଙ୍କ କୁନି ଝିଅ, ସମସ୍ତେ ଲୁହ ପୋଛି ଚାଲିଛନ୍ତି ।

ଦୀପକ ବାଟରେ ଗାଡ଼ିକୁ ରଖି ମତେ ଓ ଝିଅକୁ କୁଣ୍ଢେଇ ପକେଇବାକୁ ଚେଷ୍ଟା କରି କହିଲେ, "ମତେ କ୍ଷମା କରିଦିଅ ଶ୍ୟାମା । ମୋର ବଡ଼ ଭୁଲ୍ ହେଇଯାଇଛ ।"

ନିଜକୁ ଯଥାସାଧ ଛଡ଼େଇ ଆଣି ମୁଁ କହିଲି, "ଠିକ୍ ଅଛି । ତମେ ଆଗକୁ ଅନେଇ ଗାଡ଼ି ଚଲାଅ ।"

ଦୀପକଙ୍କର କ୍ଷମା ମାଗିବାଟା ମତେ ସେଦିନ କେମିତି କେମିତି ଲାଗିଲା । ଅତି ବିଦ୍ରୂପ କରି ଥରଟେ ହସି ଦେଲି ମୁଁ । ମନେ ପଡ଼ିଗଲା ସେ କାଳରାତ୍ରୀ କଥା । ସେଦିନ ସଂଧ୍ୟାରେ ଆମେ ଦୁହେଁ ଝିଅକୁ ନେଇ ରେଷ୍ଟୁରାଣ୍ଟ ଆସିଥିଲୁ, ମୋ ଶାଶୁ, ଶ୍ୱଶୁରଙ୍କ ସହ ଗୋଟେ ରାତି ପାଇଁ ତାଙ୍କ ବାପଘର ଯିବା ପରେ । ଦିକ୍ଷାନ୍ତ ଗ୍ରୁପ୍ ଅଫ୍ ହୋଟେଲ୍ ଆଣ୍ଡ ରେଷ୍ଟୁରାଣ୍ଟକୁ ପଢ଼ି ମୁଁ କହି ପକେଇଥିଲି, "ଏଇଟା ତେବେ ଅନିସ୍ ଦିକ୍ଷାନ୍ତଙ୍କ ହୋଟେଲ ?"

ଦୀପକ ପଚାରିଲେ, "ସେ କିଏ ?"

– ସିଏ ଗୋଟେ ଲମ୍ବା ଷ୍ଟୋରି । ମନେ ଅଛି, ମୁଁ ତୁମକୁ କହୁଥିଲି, ସିଭିୟର୍ ସାଇକ୍ଲୋନିକ ଷ୍ଟର୍ମ, ଫନି ସମୟରେ, ମାନେ ଆମ ବାହାଘରର ଠିକ୍ ପନ୍ଦର ଦିନ ପୂର୍ବରୁ ରାଜଧାନୀ ଟ୍ରେନରେ ଦିଲ୍ଲୀରୁ ଓଡ଼ିଶା ଆସୁଥିବା ବେଳେ, ଆମ ଟ୍ରେନ ୱେଷ୍ଟ ବେଙ୍ଗଲର ଖଡ଼ଗପୁର ଷ୍ଟେସନରେ ରହି ଯାଇଥିଲା । ତାପରେ କାଳେ ଷ୍ଟେସନ୍‌ରେ ମୋର କିଛି ଅସୁବିଧା ହେବ ବୋଲି ଭାବି, ଜେ.ଏନ୍.ୟୁ.ର ଜଣେ ସିନିୟର୍ ମୋତେ ବୁଝେଇ ସୁଝେଇ ତାଙ୍କ ଘରକୁ ନେଇଗଲେ । ତାଙ୍କ ଘରେ ପହଞ୍ଚି ମୁଁ ଜାଣିଲି ଯେ ସେ ଜଣେ ରାଜକୁମାର । ଏଇ ହୋଟେଲ୍‌ଟି ତାଙ୍କର ନିଶ୍ଚୟ । ଏହା ବିଷୟ ସେ ମତେ ସେତେବେଳେ କହିଥିଲେ ।

"ତାଙ୍କ ଘରକୁ ଯିବା କ'ଣ ଦରକାର ଥିଲା ? ଷ୍ଟେସନ୍‌ରେ ଲେଡିଜ୍ ୱେଟିଙ୍ଗ୍ ରୁମ୍‌ରେ ବି ରହି ହେଇଥାନ୍ତା ନା ଜେ.ଏନ୍.ୟୁରେ ସେ ପୁରା ତୁମର ଜଣେ ଜିଗ୍‌ରି ଦୋସ୍ତ ଥିଲେ ?"

"ୱେଟିଙ୍ଗ୍ ରୁମ୍‌ରେ ରହିବା ଏତେ ନିରାପଦ ନଥିଲା ସେତେବେଳେ । କରେଣ୍ଟ୍ ରହିଲାନି, ଖାଇବା ପିଇବାକୁ ମିଳିନଥାନ୍ତା, ମୋବାଇଲ୍ ନେଟ୍‌ୱର୍କ ରହୁନଥିଲା, ଟ୍ରେନ ଲାଇନ୍ ବି କିଛି ଦିନ ପାଇଁ କ୍ଲିୟର୍ ନଥିଲା । ସେ ନଥିଲେ ମୁଁ ହଇରାଣ ହେଇ ଯାଇଥାନ୍ତି, ଯଦିଓ ଆଗରୁ ସେ ମୋର ସାଙ୍ଗ ନଥିଲେ । ପ୍ରଥମଥର ପାଇଁ ମୁଁ ଟ୍ରେନ୍‌ରେ ହିଁ ତାଙ୍କ ସହ କଥା ହେଇଥିଲି, ଯେତେବେଳେ କି ଟ୍ରେନ୍‌ର ଜଣେ କର୍ମଚାରୀ ଖରାପ୍ ଇଣ୍ଟେନସନ୍‌ରେ ଆସି ମୋ କମ୍ପାର୍ଟମେଣ୍ଟ୍‌ରେ ଶୋଇବାକୁ ଚେଷ୍ଟା କଲା, ସେତେବେଳେ ସେଠି ମୋ ଛଡ଼ା କେହି ନଥିଲେ ଏବଂ ପୂରା ବଗିରେ ଖୁବ୍ କମ୍ ଲୋକ ଥିଲେ ।"

"ରାଜଧାନ ଟ୍ରେନ୍‌ରେ କେହି ନଥିବା କଥାଟା ବିଶ୍ୱାସ ଯୋଗ୍ୟ ନୁହେଁ । ତାଙ୍କ ଘରେ ତମେ କେତେ ଦିନ୍ ରହିଲ ?"

"ସିଭିଅର୍ ସାଇକ୍ଲୋନିକ୍ ଷ୍ଟର୍ମ ଫନି ପାଇଁ କେହି ଲୋକ ନଥିଲେ । ତାଙ୍କ ଘରେ ମୁଁ ଗୋଟେ ଦିନ ଓ ଦୁଇ ରାତି ରହିଥିଲି । ଜାଣିଛ, ଅନିସ୍ ରାଜକୁମାର ହେଲେ କ'ଣ ହେଲା ମତେ ଦିନ, ରାତି ଜଗି ବସିଥିଲେ ।"



**ଗଳ୍ପ ପଛର କାହାଣୀ**

**ସୁନ୍ଦର ଏକ ସଂସାର ଗଢ଼ିବାର ସ୍ୱପ୍ନ ନେଇ ନାରୀଟିଏ ଚାଲିଯାଏ ତାର ଶାଶୁଘର, ତାର ବାପା, ମାଆ, ଭାଇ, ଭଉଣୀ, ସାଙ୍ଗ, ସାଥୀମାନଙ୍କୁ ସବୁଦିନ ପାଇଁ ପର କରି, ନିଜର କ୍ୟାରିୟରକୁ ଜଳାଞ୍ଜଳି ଦେଇ । ନିଜ କର୍ମ ଓ କର୍ତ୍ତବ୍ୟ ଦ୍ୱାରା ଚେଷ୍ଟା କରେ ଚାରି ଆଡ଼େ ବିଞ୍ଚି ଦେବାକୁ ମୁଠା ମୁଠା ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା । କିନ୍ତୁ ବାସ୍ତବରେ, ତା ସଂସାରକୁ ଆଗେଇ ନେବାକୁ, ସେ ଅନେକ ଥର ହୁଏ ଅପମାନିତ ଓ ଲାଞ୍ଛିତ । କ୍ରୋଧ ଓ ସନ୍ଦେହ ରୂପକ ଭଉଁରୀ ଭିତରେ ସେ ତିଳ ତିଳ ହୋଇ ଜଳିଯାଏ । ନିଜର ସତୀତ୍ୱ ପ୍ରମାଣ କରିବାକୁ ଆଜି ବି ତାକୁ ଦେବାକୁ ପଡ଼େ ଅଗ୍ନି ପରୀକ୍ଷା । ଏହି କଥାବସ୍ତୁକୁ ନେଇ ମୋର ଏଇ କ୍ଷୁଦ୍ର ଗଳ୍ପ 'ଅଗ୍ନି ପରୀକ୍ଷା' ।**

ଡ. ସୁଜାତା ଶୁଭଦର୍ଶିନୀ ନାୟକ

ଠିକ୍ ସେତିକିବେଳେ ୱେଟର୍ ଆସି ପହଞ୍ଚିଲା ଓ ମେନୁ ବିଷୟରେ ପଚାରିଲା । ନିଜ ପସନ୍ଦ ମୁତାବକ ଆମେ ଖାଇବା ଅର୍ଡ଼ର୍ କଲୁ । ଖାଇବା ଜିନିଷ ଆସିବା ପରେ ଝିଅର ଏକା ଜିଦ୍ ସେ ନିଜ ହାତରେ ଖାଇବ । ମୁଁ ପୂରା ବ୍ୟସ୍ତ ହେଇଗଲି ଯେ, ତିନିବର୍ଷ ପୂରିନି ହାତରେ ଖାଇଲେ ସବୁ ନିଜ ଡ୍ରେସ୍‌ରେ ପକେଇବ । ମୋ ଠୁଁ ସେ ଦୀପକଙ୍କ କଥା ବେଶୀ ମାନେ । ସେ ଗୋଟେ ପ୍ଲାନ୍ କଲେ । ସେଇଠୁ ବାପ-ଝିଅ ଖୁଆ ଖୋଇ ହେଲେ । ଦୀପକ ଟାକ୍‌ଟ୍ ଫୁଲି ତାକୁ ପେଟ ପୁରା ଖୁଆଇ ବି ପାରିଲେ ।

ଆମ ଟେବୁଲ୍ ପଛପଟେ କାହାର କଥାବାର୍ତ୍ତା ମତେ ପୂରା ଚିହ୍ନିଲା ଚିହ୍ନିଲା ପରି ଲାଗିଲା । ବୁଲି ପଡ଼ି ଦେଖିଲି ଅନିସ୍ ଫୋନ୍‌ରେ କାହା ସହ କଥା ହେଉଥିଲେ । ତାଙ୍କୁ ଏମିତି ଦେଖିବି ବୋଲି ମୁଁ ଭାବି ପାରି ନଥିଲି । ଫୋନ୍ କାଟି ସେ ଆମ ଟେବୁଲ୍ ପାଖକୁ ଆସିଲେ ଓ ଗୋଟେ ଚେୟାର୍ ଭିଡ଼ି ନେଇ ବସି ପଡ଼ିଲେ । ମତେ କହିଲେ, “ହେଲୋ ଶ୍ୟାମା । କେମିତି ଅଛ ?” ମୁ କହିଲି, “ମୁଁ ଭଲ ଅଛି ।” ତାପରେ ମୁଁ ଦୀପକ ଓ ଆମ ଝିଅକୁ ଚିହ୍ନେଇ ଦେଲି । ଆମ ସମସ୍ତଙ୍କୁ ଦେଖି ଖୁସି ହେଲେ ଅନିସ୍ ବି । ଦୀପକଙ୍କ ସହ ତାଙ୍କ ଜବ୍ ଓ ପୋଷ୍ଟିଙ୍ଗ୍ ବିଷୟରେ କଥା ହେଲେ । ଦୀପକ୍ ତାଙ୍କୁ ଜଣେଇଲେ, କେମିତି ସେ ପରିବାରକୁ ଭୁବନେଶ୍ୱରରେ ଛାଡ଼ି ଏମ୍.କେ.ସି.ଜି. ହସ୍‌ପିଟାଲ୍, ବରହମପୁରରେ ମେଡ଼ିସିନ୍ ସ୍ପେସିଆଲିଷ୍ଟ ଭାବେ କାର୍ଯ୍ୟରତ । ବହୁତ୍ ଅସୁବିଧା ବି ହେଉଛି ତାଙ୍କୁ ସାରା ସପ୍ତାହ ଏକୁଟିଆ ରହିବା । କେବଳ ରବିବାର ଦିନ ତାଙ୍କ ପରିବାର ସହ ରହିବାକୁ ସୁଯୋଗ ମିଳୁଛି । ଅନିସ୍ ଯେତେବେଳେ କଥା ଦେଲେ, ସେ ସପ୍ତାହେ ଭିତରେ ଦୀପକଙ୍କର ଟ୍ରାନ୍‌ସଫର୍ କରିବାକୁ ଚେଷ୍ଟା କରିବେ, ସେତେବେଳେ ହିଁ ମୁଁ ପଚାରି ଜାଣି ପାରିଲି, ଯେ ସେ ସାଧାରଣ ନିର୍ବାଚନରେ ଜିତି ମନ୍ତ୍ରୀ ପଦ ମଧ୍ୟ ପାଇଛନ୍ତି ବିଧାନସଭାରେ । ଅବିବାହିତ ଅନିସ୍ ଏବେ କେବଳ ଦେଶ ସେବାରେ ମଗ୍ନ । ସେଦିନ ହୋଟେଲ୍‌ରେ କେହି ଆଉ ବିଲ୍ ଦେଲେନି କି ପଇସା ନେଲେନି ଆମ ଠୁଁ ।

ବାଟରେ ଆସିବା ବେଳେ ଦୀପକ ମତେ ପଚାରିଲେ, “ଏ ଅନିସ୍ ଭଲ ଲୋକଟି ଭଳି ଲାଗୁଛି ।”

ମୁଁ କହିଲି, “ହଁ । ଯାହା କହିଲ, ଶତ ପ୍ରତିଶତ ସତ ।”

“କିନ୍ତୁ ମୋ ସ୍ତ୍ରୀ କେବେ ତାକୁ ହୃଦୟ ଦେବାକୁ ଚେଷ୍ଟା କରିନି ତ ?”

“କରେକ୍ଟ । ୱାନ୍ ଟାଇମ୍ ହି ୱାଜ୍ ମାଇଁ ବିଗେଷ୍ଟ କ୍ରସ୍ ।” ମୁଁ ହସି ହସି କହିଲି ।

“ତେବେ ତାକୁ ବାହା ହେଲନି ?” ମୁଁ ଏଥର ତାଙ୍କ ପ୍ରଶ୍ନରେ ଆଶ୍ଚର୍ଯ୍ୟ ହେଇ ତାଙ୍କୁ ଅନେଇ ରହିଲି ।

“କାହିଁକି ଏମିତି କହିଲ ଦୀପକ୍ ?” କିଛି ସମୟ ରହିଯାଇ ମୁଁ ଦୀପକଙ୍କୁ ପଚାରିଲି । ପୁଣି କହିଲି, “ମୋ ଜୀବନର ସବୁଠୁଁ ବଡ଼ ଆଚିଭ୍‌ମେଣ୍ଟ ହେଉଛ ତମେ । ମୁଁ ବହୁତ ଖୁସି ଯେ, ମୁଁ ତୁମ ପରିବାରର ସଦସ୍ୟ ହେଇ ପାରିଛି ।”

“ହଁ ତୁମେ ତ ଏସବୁ ପାଇ ପାରିଛ । ହେଲେ, ମୁଁ ଭାବୁଛି, ମୁଁ କ'ଣ ପାଇଛି ? ଦୀପିକା ମୋ ଝିଅ ତ ?” ତାଙ୍କର ଏମିତି ପ୍ରଶ୍ନରେ ମୁଁ ହତବାକ୍ ହେଇଗଲି । କ'ଣ ଉତ୍ତର ଦେବି କିଛି ବୁଝି ପାରିଲିନି । ମୋ ପାଟି ଖନି ମାରି ଯାଉଥାଏ । ମୁଁ ପଚାରିଲି, “ଏମିତି କ'ଣ କହୁଛ ?” ଦୀପକ କିଛି ଉତ୍ତର ଦେଲେନି । ଜାଣିଲି ସେ ସଂଦେହରେ ଜର୍ଜରିତ । ଘରେ ପହଞ୍ଚି ତାଙ୍କ ଗୋଡ଼ ଧରି କହିଲି ତାଙ୍କ ସବୁ ଭାବନା ଭୁଲ୍ । ଦୀପିକା କେବଳ ତାଙ୍କ ଝିଅ । ରାଣ, ନିୟମ ମଧ୍ୟ ପକେଇଲି ବିଶ୍ୱାସ ଦେବାକୁ । କିନ୍ତୁ ତାର କିଛି ପ୍ରଭାବ ପଡ଼ିଲାନି । ସେ ଆସି ଝିଅକୁ ଜୋର୍‌ରେ ଠେଲିଦେଲେ । ଝିଅ ନିଦରୁ ଉଠିପଡ଼ି ବହୁତ୍ ଜୋର୍‌ରେ କାନ୍ଦିବାକୁ ଲାଗିଲା ।

ମୁଁ ବଡ଼ ପାଟିରେ ପଚାରିଲି, “ତମର କ'ଣ ମୁଣ୍ଡ ଖରାପ ହେଲାଣି ? ଝିଅକୁ ଏମିତି ଆଉ ଦିନେ ବ୍ୟବହାର କରିବନି । ଲାଜ ନାହିଁ, ତମେ ତମ ଝିଅକୁ ସନ୍ଦେହ କରୁଛ, ତମ ଅସ୍ତିତ୍ୱକୁ ସନ୍ଦେହ କରୁଛ, ତମ ଛାୟାକୁ ସନ୍ଦେହ କରୁଛ ?”

ସେ ବି ବଡ଼ ପାଟିରେ କହିଲେ, “ନା । ମୁଁ ସନ୍ଦେହ କରୁନି । ମୁଁ ଅନିସ୍‌ର ଝିଅକୁ ଘୃଣା କରୁଛି । ତାକୁ ମୋ ପାଖକୁ ଆଣିବ ତ, ମୁଁ ତାକୁ ତଳେ କଚାଡ଼ି ଦେବି ।”

ମୁଁ ବାଉଳି ଚାଉଳି ହେଇ କାନ୍ଦିବାକୁ ଲାଗିଲି । କହୁଥାଏ, “ସେମିତି କୁହନି ଦୀପକ, ସେମିତି କୁହନି । ବଡ଼ କଷ୍ଟ ଲାଗୁଛି ।”

“କଷ୍ଟ ତ ମତେ ଲାଗିବା କଥା । ଗୋଟେ ପାପୀ, କଳଙ୍କିନୀ, ଦୋଚାରୁଣୀକୁ ମୁଁ ମୋ ସ୍ତ୍ରୀ ଭାବେ ଘରେ ରଖିଛି ଓ ସେ ତା ପାପକୁ ଚାଲାକିରେ ମୋ ବେକରେ ଝୁଲେଇଛି ।”

ମୁଁ କ'ଣ କରିବି କିଛି ବୁଝି ପାରୁନଥାଏ, ସେମିତି ସାରା ରାତି ଝିଅକୁ କୋଳରେ ଧରି ବସିଥାଏ । ତାର କେତେ ବା ଜୀବନ । ସେ ବି ବୁଝିପାରୁନଥାଏ, ତାର ବାପା ତା ଉପରେ କାହିଁକି ଆଜି ଏତେ ରାଗୁଛନ୍ତି । ମୁଁ ଅପେକ୍ଷା କରିଥାଏ, କେତେବେଳେ ସକାଳ ହେବ ଓ ମୋ ଶାଶୁ ଶ୍ୱଶୁର ଘରେ ପହଞ୍ଚିବେ । ଦୀପକ୍ ସାରା ରାତି କାହା କାହାକୁ ଫୋନ୍ ଲଗେଇ ଚାଲିଥାନ୍ତି । କେତେବେଳେ ବଡ଼ ପାଟିରେ ଓ କେତେବେଳେ ଧୀର ସ୍ୱରରେ ଗପୁଥା'ନ୍ତି । ରାତି ପାହି ଆସ୍ତେ ସକାଳ ହେଲା । ମୋ ଶାଶୁ ଶ୍ୱଶୁର ଆସି ପହଞ୍ଚିଗଲେ । ସେମାନେ ଡ୍ରଇଂ ରୁମ୍‌ରେ ବସିଥା'ନ୍ତି । ମୁଁ ଦୌଡ଼ିଗଲି ତାଙ୍କ ପାଖକୁ । ଶାଶୁଙ୍କୁ କହିଲି, “ଦେଖନ୍ତୁ ମାମା । ଏ ଆପଣଙ୍କ ନାତୁଣୀ । ଦୀପକଙ୍କର ଆଖି, ନାକ, ପାଟି ଯାର । ଆପଣ ହିଁ କୁହନ୍ତି ଯେ ତା ଫଟୋ ଆପଣଙ୍କର ଝିଅମାନଙ୍କର ଛୋଟ ବେଳର ଫଟୋ ସହ ମିଶି ଯାଉଛି । ଆଉଥରେ କୁହନ୍ତୁ ମାମା । ମତେ ଶୁଣିବାକୁ ଇଚ୍ଛା ହେଉଛି ।” ମୁଁ ପୁରା ପାଗେଳି ହେଇ ଯାଇଥିଲି କାନ୍ଦି କାନ୍ଦି ସାରା ରାତି । ଶାଶୁ, ଶ୍ୱଶୁର, ଦୀପକଙ୍କ ଭିତରୁ କାହାରି ହୃଦୟ ଟିକେ ବି ତରଳିଲାନି ।

ଦୀପକ ମତେ କହିଲେ, “ମୁଁ ପ୍ରମାଣ କରିଦେବି ଯେ, ସେ ମୋ ଝିଅ ନୁହେଁ । ତମେ ଅନିସ୍ ଠାରେ ଦୁଇ ରାତି, ଗୋଟେ ଦିନ ବାହାଘରର ଠିକ୍ ପନ୍ଦର ଦିନ ପୂର୍ବରୁ ଥିଲ । ବାହାଘରର ଦୁଇ ମାସ ଭିତରେ ଟେଷ୍ଟ୍ କରି ଖବର ଦେଲେ ଯେ ତମେ ପ୍ରେଗ୍‌ନାଣ୍ଟ ବୋଲି । ବାହାଘରର ଠିକ୍ ଆଠମାସ ପରେ ଏ ଝିଅ ଜନ୍ମ ହେଲା, ପ୍ରିମାଚ୍ୟୁଅର୍ଡ଼ ବେବୀ ଭାବେ । ମୁଁ ନିଜେ ଜଣେ ଡାକ୍ତର୍ । ପ୍ରିମାଚ୍ୟୁଅର୍ଡ଼ ବେବୀ କ'ଣ ଏତେ ହେଲ୍‌ଦୀ ହୁଏ, ତମେ କ'ଣ ମତେ ବୋକା ଭାବିଛ ?”

“ନାଁ ଦୀପକ । ସେମିତି କୁହନି । ଅନିସ୍ ସହ ମୋର କୌଣସି ସମ୍ପର୍କ ନାହିଁ । ଏ କେବଳ ତୁମରି ଝିଅ ।”

“ମୁଁ ତ ପ୍ରମାଣ କରି ସାରିଛି ମୋ କଥା । ଏବେ ତମେ ବି ପ୍ରମାଣ କର, ତମେ କେତେ ସତୀ, ଏ

**ହଁ ତୁମେ ତ ଏବୁ ପାଇ ପାରିଛ । ହେଲେ, ମୁଁ ଭାବୁଛି, ମୁଁ କ'ଣ ପାଇଛି ? ଦୀପିକା ମୋ ଝିଅତ ? ତାଙ୍କର ଏମିତି ପ୍ରଶ୍ନରେ ମୁଁ ହତବାକ୍ ହେଇଗଲି । କ'ଣ ଉତ୍ତର ଦେବି କିଛି ବୁଝି ପାରିଲିନି । ମୋ ପାଟି ଖନି ମାରି ଯାଉଥାଏ । ମୁଁ ପଚାରିଲି, 'ଏମିତି କ'ଣ କହୁଛ ?' ଦୀପକ କିଛି ଉତ୍ତର ଦେଲେନି । ବାଟରୁ ତିନି ବୋତଲ୍ ହ୍ୱସ୍‌କି ଆଣିଲେ । ଘରେ ପହଞ୍ଚି ଗୋଟେ ପରେ ଗୋଟେ ବୋତଲ୍ ପିଇବାକୁ ଲାଗିଲେ । ତାଙ୍କ ଗୋଡ଼ ଧରି କହିଲି ତାଙ୍କ ସବୁ ଭାବନା ଭୁଲ୍ । ଦୀପିକା କେବଳ ତାଙ୍କ ଝିଅ । ରାଣ, ନିୟମ ମଧ୍ୟ ପକେଇଲି ବିଶ୍ୱାସ ଦେବାକୁ । କିନ୍ତୁ ତାର କିଛି ଅସର୍ ପଡ଼ିଲାନି । ସେ ଆସି ଝିଅକୁ ଜୋର୍‌ରେ ପେଲିଦେଲେ । ଝିଅ ନିଦରୁ ଉଠିପଡ଼ି ବହୁତ୍ ଜୋର୍‌ରେ କାନ୍ଦିବାକୁ ଲାଗିଲା ।**

ଝିଅ କେତେ ମୋର ?"

ମୁଁ କ'ଣ କହିବି, କ'ଣ କରିବି କିଛି ଭାବି ନପାରି ମୋ ଶାଶୁଙ୍କ ପାଦ ତଳେ ବସି ପଡ଼ିଲି । କହିଲି, "କୁହନ୍ତୁ ମାମା । ମୁଁ କେମିତି ପ୍ରମାଣ କରିବି ? ଏ ତ ତ୍ରେତୟା ଯୁଗ ନୁହେଁ କି ମୁଁ ସତୀ ସୀତା ନୁହେଁ । ଅଗ୍ନି ପରୀକ୍ଷା କେମିତି ଦେବି ମୁଁ ?"

ଦୃଢ଼ ଗଳାରେ ମୋ ଶାଶୁ କହିଲେ, "ମୁଁ କ'ଣ କହିବି ? ତୋ ସ୍ୱାମୀ ବେଶୀ କହି ପାରିବ ଏ ବିଷୟରେ । ସେ କେବେ କାହାକୁ ସନ୍ଦେହ କରେନି । ତତେ କାହିଁକି କରୁଛି ?"

ତାପରେ ମୋ ଶାଶୁ ବେଶ୍ ଗମ୍ଭୀର ଭାବରେ କହିଲେ, "ମୁଁ ଭାବୁଛି ଶ୍ୟାମା । ତୁ ଏବେ ତୋ ବାପଘରକୁ ପଳେଇବାଟା ଠିକ୍ ହେବ ।"

ମୁଁ ଆହୁରି ଡରିଗଲି । କହିଲି, "ସବୁ ସମାଧାନ ନକରି ମତେ ଛାଡ଼ନ୍ତୁନି ବାପା । ଆପଣ ତ କହୁଥିଲେ, ମୁଁ ଆପଣଙ୍କ ଝିଅ ପରି । ଆଜି ଆପଣ ଆପଣଙ୍କ ଝିଅ କଥା ସମାଧାନ କରନ୍ତୁ ବାପା ।"

ମୋ ଶ୍ୱଶୁର ଉଠି ପଡ଼ି ସେ ସ୍ଥାନରୁ ଚାଲିଗଲେ । ମୋ ଶାଶୁ ମଧ୍ୟ ଚାଲିଗଲେ । ଦୀପକ୍ କହିଲେ, ଅଧଘଣ୍ଟାଏ ଭିତରେ ରେଡ଼ି ହେବାକୁ, ଡ୍ରାଇଭର୍ ଯାଇ ବାପଘରେ ଛାଡ଼ି ଦେଇ ଆସିବ, ନହେଲେ ସେମାନେ ଘରୁ ବାହାର୍ କରି ମା ଝିଅଙ୍କୁ, ଗେଟ୍‌ରେ ତାଲା ପକେଇ ଦେବେ । ମୁଁ କେବଳ କାନ୍ଦୁଥାଏ । ଝିଅର ଚାରିଖଣ୍ଡ ଓ ମୋର ଦୁଇ ଖଣ୍ଡ ଡ୍ରେସ୍ ଗୋଟେ ବ୍ୟାଗ୍ ଭିତରେ ଧରି ଚାଲି ଆସିଲି ଝିଅକୁ ଧରି ଗାଡ଼ି ପାଖକୁ । ପଛକୁ ଅନେଇଲି । କେହି ବି ବାହାରକୁ ଆସି ନଥିଲେ । ଡ୍ରାଇଭର ବି ମତେ ଚୁପ୍‌ଚାପ୍ ଘରେ ଛାଡ଼ିଦେଲା । ଘରେ ସମସ୍ତଙ୍କୁ ଦେଖି ଭୋ ଭୋ ହୋଇ କାନ୍ଦି କାନ୍ଦି ବାରମ୍ବାର ଚେତା ବୁଡ଼ୋଉଥାଏ । ଭାଇ, ଭାଉଜ ମୋ ଠାରୁ ସବୁ ବୁଝିଲେ, ବ୍ୟସ୍ତ ହେଲେ, ବାପା ବୋଉଙ୍କୁ କିଛି ନକହିବାକୁ କହିଲେ । ହେଲେ ବାପା, ବୋଉ ଆସ୍ତେ ଆସ୍ତେ ସବୁ ଅନୁମାନ କରିନେଲେ । ବି.ପି. ହାଇ ହେଇ ତାଙ୍କ ଦେହ ଖରାପ୍ ହେଇଗଲା ।

ମୋ ଫ୍ରେଣ୍ଡ୍ ସର୍କଲ ଓ ବନ୍ଧୁବାନ୍ଧବ ଜାଣି ଯାଇଥାନ୍ତି ଏକଥା । ପରୋକ୍ଷ ଭାବେ ମୋ ଚରିତ୍ର ସଂହାର କରି ଚାଲିଥାନ୍ତି ସୋସିଆଲ୍ ମିଡ଼ିଆରେ । ମୁଁ ପ୍ରଥମେ ଜାଣି ପାରିଲିନି, ଏସବୁ କଥା ସେମାନଙ୍କୁ କହିଲା କିଏ ? ମୁଁ ପ୍ରଥମେ ଅନିସ୍‌ଙ୍କୁ ସନ୍ଦେହ କଲି । କିନ୍ତୁ ଅନିସ୍‌ଙ୍କ ଭଳି ଭଦ୍ରଲୋକ କାହା ଚରିତ୍ରକୁ ନେଇ ଏମିତି କହି ପାରିବେ ବୋଲି ମୋର ବିଶ୍ୱାସ ହେଲାନି । ତାପରେ ମୁଁ ଜାଣିଲି ଯେ, ଦୀପକ ନିଜେ ଏସବୁ ପ୍ରଚାର କରୁଛନ୍ତି । ମୁଁ ସବୁ ଦେଖି ଆଉ ବଞ୍ଚିବାକୁ ଇଚ୍ଛା କଲିନି । ସମସ୍ତେ ଶୋଇବାକୁ ଗଲା ପରେ ମୁଁ ଗୋଟେ ବୋତଲ୍ ଫିନାଇଲ୍ ପିଇଦେଲି । ହେଲେ, ମୋ ଘରଲୋକ ସାଙ୍ଗେ ସାଙ୍ଗ ମତେ ଡାକ୍ତରଖାନା ନେଇ ଆଡ଼ମିଶନ୍ କରି ମତେ ଭଲ



କରିଦେଲେ ।

ତାପର ଠାରୁ ଘରେ ସମସ୍ତେ ଚୁପ୍‌ଚାପ୍ ରହୁଥିଲେ । କିଛିଦିନ ବିତିଗଲା ପରେ ଦିନେ ବାପା ଭାଇକୁ ଡାକି କହିଲେ, ଡିଭୋର୍ସ କେସ୍ ଫାଇଲ୍ କରିବା ପାଇଁ ଓକିଲ ପରାମର୍ଶ କରିବାକୁ ।

ମ୍ୟୁଚୁଆଲ୍ ଡିଭୋର୍ସ କେସ୍ ଫାଇଲ୍ ହେଲା । ମୁଁ କାଉନସେଲିଂକୁ ଗଲି । ସେଠି ମଧ୍ୟ ଦୀପକଙ୍କ ଆକ୍ଷେପ ମତେ ବ୍ୟଥିତ କଲା । କାଉନସିଲର୍ ପ୍ରପୋଜାଲ୍ ଦେଲେ, ଡି.ଏନ୍.ଏ. ଟେଷ୍ଟ କରିବାକୁ ବାପ ଝିଅଙ୍କର । କାଳେ ମୁଁ ମ୍ୟାନିପୁଲେସନ କରିବି ବୋଲି ଦୀପକ୍ ସବୁଦିନ ଯାଇ ବସୁଥିଲେ, ଫୋରେନ୍‌ସିକ୍ ଲ୍ୟାବ୍‌ରେ । ଦୁଇଦିନ ତଳେ ରିପୋର୍ଟ ଆସିଛି ଯେ, ଦୀପିକା ଦୀପକଙ୍କ ଝିଅ ବୋଲି ।

\+ \+ \+ \+

ମୁଁ ମୋ ଭାବନା ରାଜ୍ୟରୁ ଫେରି ଆସିଲି, ଦୀପକଙ୍କ ଗାଡ଼ିର ସଡ଼ନ୍ ବ୍ରେକ୍‌ରେ । ସେ ମୋତେ ପଚାରିଲେ, "ଶ୍ୟାମା । କ'ଣ ଭାବୁଛ ?"

"କିଛି ନାହିଁ ।"

"ମୁଁ ତୁମ ବିଷୟରେ ଓ ଆମ ଝିଅ ବିଷୟରେ ଏତେ କଥା କହି ପାରିଲି ? ମତେ କ୍ଷମା କରି ଦେଇଛ ନା ଶ୍ୟାମା ?"

"ନା ଏ ଜନ୍ମରେ ତ କେବେ ନୁହେଁ । ସେ କଳଙ୍କିତ ଅଧ୍ୟାୟକୁ ମୁଁ କେବେ ଭୁଲି ପାରିବିନି । ମୁଁ କେବଳ ତମକୁ ଘୃଣା କରୁନି । ତମ ଝିଅକୁ ମଧ୍ୟ । ତମ ଦୁହିଁଙ୍କ ପାଇଁ ମୁଁ ମୋ କ୍ୟାରିୟର୍‌କୁ ଜଳାଞ୍ଜଳି ଦେଇ ଦେଇଥିଲି, ଯାହାକୁ ବି ଏବେ ମୁଁ ସଜାଡ଼ିବାକୁ ଚାହିଁବି । ତମେ କେବଳ ମୋ ହୃଦୟକୁ କଷ୍ଟ ଦେଇନ, କ୍ରୁଶବିଦ୍ଧ କରିଛ ମୋତେ ।" ଭାବିଲି, ଆଜି ସିନା ଡି.ଏନ୍.ଏ. ଟେଷ୍ଟ ହେଲା ବୋଲି ମୋ କଥା ବିଶ୍ୱାସ କଲେ । କିନ୍ତୁ ଅନେକ ସନ୍ଦେହ ପାଇଁ ଡି.ଏନ୍.ଏ. ଟେଷ୍ଟ ନଥାଏ, ସେମିତି ସମୟ ଆସିଲେ କ'ଣ କରାଯିବ ?

ନିର୍ଲଜଙ୍କ ପରି ଦୀପକ କହୁଥାନ୍ତି, "କ୍ରୁଶବିଦ୍ଧ ତ ଯୀଶୁଖ୍ରୀଷ୍ଟ ହେଇଥିଲେ । କିନ୍ତୁ ସେ ସମସ୍ତଙ୍କୁ କ୍ଷମା କରି ଦେଇଥିଲେ ।" ହସୁଥା'ନ୍ତି ମଧ୍ୟ ।

ମୁଁ ଖାଲି ତାଙ୍କୁ ଥରେ ଚାହିଁଲି । କଥା କହିବାକୁ ମୋଟେ ଇଚ୍ଛା ହେଲାନି । ସେ ମତେ ଦେଖି ଷ୍ଟିଅରିଂ ଛାଡ଼ି ଗୋଟେ ହାତରେ ନାକ ଓ ଆଉ ଗୋଟେ ହାତରେ କାନ ଧରି ପକେଇଲେ ।

ମୁଁ ବଡ଼ ପାଟିରେ କହିଲି, "ଷ୍ଟିଅରିଂକୁ କଣ୍ଟ୍ରୋଲ କର । ନହେଲେ ଗାଡ଼ି କୁଆଡ଼େ ଗଡ଼ିଯିବ ଯେ ।"


"ମୁଁ ତେବେ ଏଇଠି ଗାଡ଼ି ରଖି ହେଉଛି ।"

ମୁଁ ପଚାରିଲି, "କାହିଁକି ?"

ସେ ଗୋଟେ ଛୋଟ ନିରୀହ ଶିଶୁଟେ ଭଳି କହିଲେ, "ଶ୍ୟାମା ନିକଟରେ ବଡ଼ ଭୁଲ୍ କରିଛି ମୁଁ । ଏମିତି କ୍ୱଚିତ କେହି ସଇତାନ କରିଥା'ନ୍ତି । ସେଥିପାଇଁ ଭାବୁଛି, କାନ ଧରି ଶହେଥର ଉଠ୍‌ବସ୍ ହେଇଥା'ନ୍ତି ଏଇ ରାସ୍ତା କଡ଼ରେ ।"

ମୁଁ ଆଉ ନ ହସିକି ରହି ପାରିଲିନି । କହିଲି, "ଘରକୁ ଚାଲ, ତମ କଥା ବୁଝିବି । ଡେରି ହେଲାଣି ।"

ଦୀପକଙ୍କୁ ଥରେ ଚାହିଁଲି । ତାଙ୍କ ଝିଅକୁ ଗେହ୍ଲା କଲି । ପୁଣି ଭାବି ବସିଲି, ସତରେ କ'ଣ ମୁଁ କେବେ ଦୀପକଙ୍କ ଠାରୁ ଦୂରରେ ରହି ପାରିଥା'ନ୍ତି ? ମୁହୂର୍ତ୍ତକରେ ପୁଣି ହଜିଗଲି ମୁଁ ଏ ମିଛ ମାୟା ସଂସାରର ଜୀବନ ଭିତରେ ।



HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com

# ଶେଷଦେବଙ୍କ ସଫଳତା



# ଆଦିବାସୀ ପରିବାରର ପୁଅ ଗାଈ ଚରାଳିରୁ ବୈଜ୍ଞାନିକ ଡକ୍ଟର ଶେଷଦେବ କିସାନ୍


**କନ୍ଦର୍ପ ବେହେରା**

ସା/ପୋ- ଡଇଁଚା, ଭାୟା- ରେଢ଼ାଖୋଲ
ଜି- ସମ୍ବଲପୁର, ପିନ୍-୭୬୮୧୦୬
ଫୋନ:୭୦୭୭୫୭୯୩୧୭


ଫଟୋ ସୌଜନ୍ୟ : ଲେଖକ



▲ଲେଖକ କନ୍ଦର୍ପ ବେହେରା

ସେ କେବେ ଭାବି ନ ଥିଲେ ବୈଜ୍ଞାନିକ ହୋଇ ସାରା ଭାରତରେ ନାଁ ରଖିବେ ବୋଲି । ଗୋଟିଏ ଅଖ୍ୟାତ ପଲ୍ଲୀରେ ଜନ୍ମ ଲାଭ କରିଥିଲେ ସେ । ଏବେ ସେଇ ଗାଁଟି ପ୍ରସିଦ୍ଧ ହୋଇ ଗଲାଣି କେବଳ ତାଙ୍କରି ସୁନାମ ପାଇଁ । ଛୋଟ ବେଳୁ ବାପା ମାଆଙ୍କୁ ହରାଇ ଥିଲେ । ନିଜର କଠିନ ଅଧ୍ୟବସାୟ ବଳରେ ସେ ଆଜି ଜଣେ ଯୁବ ବୈଜ୍ଞାନିକ ଭାବରେ ସାରା ଭାରତ ବର୍ଷରେ ବେଶ୍ ଚର୍ଚ୍ଚିତ । ସତରେ ଇଚ୍ଛାଶକ୍ତି ଥିଲେ ସୁଯୋଗ ଆପେ ଆପେ ଆସିଥାଏ । କୌଣସି ପ୍ରତିକୂଳତା ପ୍ରତିଭାକୁ ବିକଶିତ ହେବାରେ ଅଟକାଇ ପାରେନା । ବରଂ ପ୍ରତିଭା ଯେ କୌଣସି ଖରାପ ପରିସ୍ଥିତିକୁ ମଧ୍ୟ ମୁକାବିଲା କରି ଫିଟି ଆସିଥାଏ । ଏହା ଯୁଗେ ଯୁଗେ ପ୍ରମାଣିତ ହୋଇ ଆସିଛି । ହଁ ପ୍ରତିଭାର ଅପମୃତ୍ୟୁ କିମ୍ବା ହତ୍ୟା ମଧ୍ୟ କରାଯାଇ ପାରେନା । ସେ ନିଜର ପଥ ବାଛେ ଓ ଆଗୁସାର ହୁଏ । ଏପରି ଏକ ପ୍ରତିଭା ହେଉଛନ୍ତି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକ ବଳମ୍ ପଂଚାୟତ ଅଧୀନସ୍ଥ ବଲାସିଂଘା ଗ୍ରାମର **ଡକ୍ଟର ଶେଷଦେବ କିସାନ୍ ।**

ଛୋଟ ବେଳୁ ବାପା ମାଆକୁ ହରାଇ ଅଭାବ ଅନଟନ ଓ ଦାରିଦ୍ର୍ୟ ଭିତରେ ବଢ଼ିଥିଲେ ମଧ୍ୟ ସେ କେବେ ଭାଙ୍ଗି ପଡି ନାହାନ୍ତି । କେବଳ ନିଜର ଅସାଧାରଣ ପ୍ରତିଭା,ମନୋବଳ ଓ ଇଚ୍ଛାଶକ୍ତି ବଳରେ ଜର୍ମାନୀର ଗଟିଜେନ୍‌ସି ବିଶ୍ୱବିଦ୍ୟାଳୟରେ ରିସର୍ଚ୍ଚ ଆସୋସିଏଟ୍ ଭାବରେ କାମ କରିପାରିଛନ୍ତି ।

ଶେଷଦେବଙ୍କ ଚଲାପଥରେ ଅନେକ ସଂଘର୍ଷ ଆସିଛି । ଅଭାବ ଅନାଟନ ମଧ୍ୟରେ ଥାଇ ମଧ୍ୟ କେବେ ବି ଭାଙ୍ଗି ପଡିନାହାନ୍ତି । ତାଙ୍କ ସ୍ଥିତି ଏପରି ହୋଇଥିଲା ଯେ ଘରେ ଖାଇବାକୁ ନ ଥିବାରୁ ମଧ୍ୟାହ୍ନ ଭୋଜନରେ ଆକୃଷ୍ଟ ହୋଇ ବିଦ୍ୟାଳୟକୁ ଯାଉଥିଲେ । ଅନେକ ସମୟରେ ରାତିରେ ଉପବାସରେ ମଧ୍ୟ ରହିବାକୁ ପଡୁଥିଲା ତାଙ୍କୁ । ଆର୍ଥିକ ଅନଟନ ଯୋଗୁଁ ଘରେ ପ୍ରାୟ ଦୁଇ ଓଳି ଚୁଲି ଜଳୁ ନ ଥିଲା । ତାଙ୍କୁ ଯେତେବେଳେ ମାତ୍ର ଏକ ବର୍ଷ ହୋଇଥିଲା ମାଆ ଆରପାରିକି ଚାଲିଗଲେ । କ୍ଷୀର ଛାଡି ନ ଥିବା ଶିଶୁଟି ମାତୃହରା ହୋଇଗଲା । ମାଆ ଠାରୁ ଯେତିକି ସ୍ନେହଶ୍ରଦ୍ଧା ପାଇବା କଥା ଭାଗ୍ୟରେ ଜୁଟି ନ ଥିଲା । ବାପାକୁ ମଧ୍ୟ ହରାଇଲେ ଅଳ୍ପ ବୟସରୁ । ଏମିତି ବହୁ ଘାତ ପ୍ରତିଘାତ ଓ ସଂଘର୍ଷ କରି ପଢ଼ା ପ୍ରତି ଲୟ ରଖିଥିଲେ । ଆଜି ସେ ଜଣେ ଯୁବ ବୈଜ୍ଞାନିକ ଭାବରେ ଓଡିଶାର ଗୌରବ ବୃଦ୍ଧି କରିଛନ୍ତି । ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକ୍ କେଲୋ ବଳମ୍ ପଂଚାୟତ ଅନ୍ତର୍ଗତ ବଲାସିଂଘା ଗ୍ରାମର ପୁଅ ହେଲେ ଶେଷ କିସାନ୍ । ଅତି ଗରିବ ଆଦିବାସୀ ପରିବାରରେ ୧୯୯୪ ମସିହା ମାର୍ଚ୍ଚ ମାସ ୪ ତାରିଖରେ ଜନ୍ମ ହୋଇଥିଲେ ସେ । ବାପାଙ୍କ ନାମ ବିପିନ୍ କିସାନ୍ ଓ ମାତାଙ୍କ ନାମ ଦୁଃଖି କିସାନ୍ । ଗାଆଁରେ ଥିବା ଆଶ୍ରମ ବିଦ୍ୟାଳୟରେ ସେ ପ୍ରଥମରୁ ପଂଚମ ଶ୍ରେଣୀ ଯାଏଁ ପାଠ ପଢ଼ିଲେ । ବିଦ୍ୟାଳୟରେ ଗୋଟିଏ ଓଳି ମଧ୍ୟାହ୍ନ ଭୋଜନ ଖାଇ ପାଠ ପଢ଼ିବାକୁ ଯାଉଥିଲେ । ଆଦିବାସୀ ସଂପ୍ରଦାୟର ପିଲା ହୋଇଥିବାରୁ ଭଲ ଭାବରେ ଓଡିଆ କହି ପାରୁ ନଥିଲେ ସେ । ପ୍ରାଥମିକ ଶ୍ରେଣୀରେ ପାଠ ପଢୁଥିବା ସମୟରେ ଚାଷ କାମରେ ବାପାଙ୍କୁ ମଧ୍ୟ ସାହାଯ୍ୟ କରୁଥିଲେ । ଥରେ ବାପା ଜମିରେ ହଳ ଧରୁଥିଲେ । ଶେଷ ବାପାଙ୍କ ପାଇଁ ପଖାଳଭାତ ଧରି ହିଡରେ ବହୁ କଷ୍ଟରେ ଯାଉଥିଲେ । ହିଡରୁ ଖସିଗଲେ ପଖାଳ ଭାତ ପଡିଯିବ । ବାପା ରାଗି କରି ଗାଳିଦେବା ଭୟରେ ବହୁ କଷ୍ଟରେ ପଖାଳ ଭାତକୁ ବାପାଙ୍କ ପାଖରେ ପହଂଚାଉଥିଲେ । ସେ ଦିନର ଏ ଅଭୁଲା ସ୍ମୃତିକୁ ସେ ମନା ପକାଇ କହୁଥିଲେ । ବଡଭଉଣୀ ଅଞ୍ଜୁ କିସାନ୍ ମଧ୍ୟ ରୋଗାଗ୍ରସ୍ତ ଥିଲେ । ତାଙ୍କର ଶେଷ ସମୟ ପର୍ଯ୍ୟନ୍ତ ଔଷଧ କିଣି ତାର ଚିକିତ୍ସା କରୁଥିଲେ । ୨ବର୍ଷ ତଳେ ଭଉଣୀର ଅକାଳ ବିୟୋଗରେ ସେ ଭାଙ୍ଗି ପଡିଥିଲେ । ସାରା ବିଶ୍ୱରେ କରୋନା ମହାମାରୀ ଯୋଗୁଁ ସେ ଜର୍ମାନରୁ ଭାରତ ଆସି ପାରି ନଥିଲେ କି ଭଉଣୀର ମୁଖ ଦର୍ଶନ ମଧ୍ୟ କରିପାରି ନଥିଲେ ଶେଷ । ଶେଷରେ ଭଉଣୀ ଅବେଳରେ ଝରି ପଡିଲେ । ଗାଁର ଜାତିସମାଜ ଭଉଣୀର ଶୁଦ୍ଧି କ୍ରିୟାକର୍ମ କରିଥିଲେ ।

ବାପାଙ୍କ ଠାରୁ ହଳ ଛଡାଇ ନେଇ ମଧ୍ୟ ହଳ କରିଛନ୍ତି ଶେଷ । ଛୋଟ ସମୟରୁ ହିଁ ସେ ମେଧାବୀ ଛାତ୍ର ଥିଲେ । ପ୍ରଥମରୁ ପଂଚମ ଶ୍ରେଣୀ ପଢ଼ିବା ମଧ୍ୟରେ ତାଙ୍କର ସୃଜନଶୀଳ ଶକ୍ତି ସ୍ପଷ୍ଟ ବାରି ହୋଇପଡିଥିଲା । ପରେ ପରେ ଗ୍ରାମବାସୀ ଓ ଶିକ୍ଷକ ପିଲାଟିର ଧୀଶକ୍ତି ବିଷୟରେ ଜାଣି ତାକୁ ଭଲ ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ପରାମର୍ଶ ଦେଲେ । ହେଲେ ତାଙ୍କ ପାଖରେ ଅର୍ଥ ପ୍ରତିବନ୍ଧକ ସାଜିଥିଲା । ଶେଷରେ ଗ୍ରାମବାସୀ ଯଥାସାଧ୍ୟ ସାହାଯ୍ୟ ସହଯୋଗ କରିଥିଲେ ।

ପଂଚମ ଶ୍ରେଣୀ ପରେ ପରେ ଗୋଶାଳା ଠାରେ ପାଠ ପଢ଼ିବା ପାଇଁ ନାକଟିଦେଉଳ ବ୍ଲକର ଜଗନ୍ନାଥପ୍ରସାଦ ଠାରେ ନବୋଦୟର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା ।

ଥରେ ଶେଷଙ୍କର ଶିକ୍ଷକ ଶେଷକୁ କହିଲେ, "ରେ ବାବୁ, ତୁ ନବୋଦୟ ପାଇଁ ପ୍ରବେଶିକା ଦେବୁ ନାହିଁ । ଯେତେ ପରୀକ୍ଷା ଦେଲେ ମଧ୍ୟ ଆମ ବିଦ୍ୟାଳୟରୁ କେହି ବି କୃତକାର୍ଯ୍ୟ ହେଉନାହାନ୍ତି ।

କିଛି ମୂଲ୍ୟ ନାହିଁରେ ବାବୁ । ହେଲେ ଶେଷ ଶିକ୍ଷକଙ୍କ କଥାକୁ ଜମା ଶୁଣିଲାନି । ତାଙ୍କ ବିଦ୍ୟାଳୟର ଜନୈକ ଶିକ୍ଷକ ତାଙ୍କ ବାଇକ୍‌ରେ ବସାଇ ଜଗନ୍ନାଥପ୍ରସାଦ ଉଚ୍ଚ ବିଦ୍ୟାଳୟକୁ ନେଲେ ପ୍ରବେଶିକା ପରୀକ୍ଷା ଦେବା ପାଇଁ । ଗୋଡରେ ଚପଲ ମଧ୍ୟ ନାହିଁ । ଗେଟ୍ ସାମ୍ନାରେ ଶେଷ ଖାଲି ପାଦରେ ଠିଆ ହୋଇଥାନ୍ତି । ସବୁ ପିଲାମାନଙ୍କର ଅଭିଭାବକ ଥିବା ବେଳେ ଶେଷର କେହି ବି ନ ଥିଲେ ଅଭିଭାବକ । ତାଙ୍କୁ ଛାଡି କୌଣସି କାମରେ ବାହାରି ଗଲେ ଶିକ୍ଷକ ଯେ ଆଉ ଫେରି ନ ଥିଲେ । ଜଗନ୍ନାଥପ୍ରସାଦ ଉଚ୍ଚ ବିଦ୍ୟାଳୟର ବାହାରେ ଛୋଟ ହୋଟେଲ ରହିଛି । ବାହାରେ ସବୁ ପିଲା ହୋଟେଲରେ ଟିଫିନ୍ କରି ପରୀକ୍ଷା ହଲ୍‌କୁ ପ୍ରବେଶ କରୁଥିବା ବେଳେ ଚପଲ ପିନ୍ଧି ନ ଥିବା ତଥା ଚିରାଫଟା ପ୍ୟାଂଟ୍ ସାର୍ଟ ପିନ୍ଧିଥିବା ଓ ହାତରେ ଟଙ୍କାଟିଏ ବି ନ ଥିବା ଶେଷ ସେମିତି ଚାହିଁ ରହିଥିଲେ ଅନ୍ୟ ପିଲାମାନଙ୍କୁ ତଥା ଅଭିଭାବକମାନଙ୍କୁ । ପରୀକ୍ଷା ହଲ୍‌କୁ ପ୍ରବେଶ କଲେ । ପରୀକ୍ଷା ଶାନ୍ତି ଶୃଙ୍ଖଳା ସହ ଚାଲିଲା । ପରୀକ୍ଷା ହଲ୍‌ର ଠିକ୍ ସମୟ ପୂର୍ବରୁ ପରୀକ୍ଷା ଖାତାକୁ ପିଲାମାନେ ଦାଖଲ କରି ଫେରିଗଲେ । ଶେଷରେ ଶେଷ ହିଁ ଏକା ରହିଗଲେ । କାହିଁକି ନା ୧୦ମିନିଟ୍‌ର ସମୟ ବହୁ ମୂଲ୍ୟବାନ୍ । ପରୀକ୍ଷକ ଶେଷ ପାଖକୁ ଆସି କହିଲେ, "ବାବୁ ତୋର ନାମ ଶେଷ ବୋଲି ତୁ ଶେଷରେ ଖାତା ଦେବୁ ନା କଣ ?" ଶେଷ କହିଲା, "ହଁ ସାର୍ ।" ପରୀକ୍ଷା ସରିଲା ପରେ ରେଜଲ୍ଟ ବାହାରିଲା । ଶେଷ କିସାନ୍ ୧୦୦ମାର୍କରୁ ୧୦୦ ମାର୍କ ରଖିଥିଲେ ଜବାହାର ନବୋଦୟ ପରୀକ୍ଷାରେ। ଏମିତି ତାଙ୍କର ପ୍ରତିଭାର ବିକାଶ ହୋଇଥିଲା ଖୁବ୍ କମ୍ ବୟସରୁ । ପାଠ ପଢାରେ ଗ୍ରାମବାସୀ ଓ ଶିକ୍ଷକମାନେ ଯଥାସାଧ୍ୟ ସାହାଯ୍ୟ କରିଥିଲେ ତାଙ୍କୁ । ଜବାହାର ନବୋଦୟ ବିଦ୍ୟାଳୟ ଗୋଶାଳାରେ ନାମ ଲେଖାଇ ପାଠ ପଢିଲେ ସେ । ସେଠି ବହୁତ କଟକଣା ପାଠ ପଢାରେ ରାତି ୯ଟା ପରେ କେହି ପାଠ ପଢି ପାରୁ ନ ଥିଲେ । ରାତି ହେଲେ ନବୋଦୟ ବିଦ୍ୟାଳୟର ବଲବ୍ ଗୁଡିକ ବନ୍ଦ ରଖିଥାନ୍ତି କର୍ତ୍ତୃପକ୍ଷ ଯା ଫଳରେ ରାତିରେ ଛାତ୍ରଛାତ୍ରୀମାନେ ବେଶି ସମୟ ପାଠ ପଢାରୁ ବଂଚିତ ହୋଇଥାନ୍ତି । ଶେଷ ମହମବତୀ ସାହାଯ୍ୟରେ ଲୁଚିଛପି ପାଠ ପଢୁଥିଲେ । କଟକଣାରେ ସେ ଡରି ଯାଉଥିଲେ । ସାର୍ କଣ କହିବେ ମହମବତୀ ଜାଳି ପାଠ ପଢିଲେ ତାଙ୍କର ଭାରି ଭୟ । ସେଇ ଭୟ ଓ ଆଶଙ୍କା ମଧ୍ୟରେ ସେ ପାଠ ପଢାରେ ଲାଗି ପଡିଲେ । ତଥାପି ଭୟ ଭରି ରହିଥିଲା ତାଙ୍କ ମନରେ । ଜବାହାର ନବୋଦୟ ବିଦ୍ୟାଳୟରେ ପାଠ ପଢୁଥିବା ସମୟରେ ସେ







ଘୋର ଅଭାବରେ ଚଳୁଥିଲେ । ଯା ଫଳରେ ପ୍ରତିମାସରେ ସେ ଘରକୁ ଆସି ଗାଁରେ ମୂଲ ମଜୁରି ଲାଗି ଯାହା ପଇସାପତ୍ର ହେଲା ନେଇକି ଯାଆନ୍ତି । ଏମିତି ପାଠ ପଢା ତାଙ୍କର । ଏମିତି ଅନେକ ଝଡଝଞ୍ଜା ଘାତପ୍ରତିଘାତ ଭିତରେ ସେ ମାଟ୍ରିକ୍ ପରୀକ୍ଷାରେ ୯୨ ପ୍ରତିଶତ ରଖି ପାଶ୍ କଲେ । ଯୁକ୍ତ ୨ ବିଜ୍ଞାନରେ ସେ ୮୫ ପ୍ରତିଶତ ମଧ୍ୟ ରଖିଥିଲେ । ନିଜର କଠିନ ଅଧ୍ୟବସାୟ ଓ ସାଧନା ବଳରେ ସେ ପାହାଚ ପରେ ପାହାଚ ଅତିକ୍ରମ କରି ଚାଲିଲେ । ପାଠ ପଢିବା ପାଇଁ ଅର୍ଥ ବାଧକ ସାଜିଥାଏ ବୋଲି ସେ କେବେ ବି ଭାବି ନ ଥିଲେ । ଯୁକ୍ତ ଦୁଇ ପରେ ପରେ ତାଙ୍କ ଗ୍ରାମର ଜଣେ ଶିକ୍ଷିତ ବ୍ୟକ୍ତି ଏନ୍.ଇ.ଏସ୍.ଟି ପରୀକ୍ଷା ଦେବା ପାଇଁ ଅର୍ଥ ଯୋଗାଡ କରି ତାଙ୍କୁ ଦେଲେ । ସେ ଅର୍ଥରେ ଶେଷଦେବ ଫର୍ମ କିଣି ପକାଇଲେ । ଶେଷରେ ପରୀକ୍ଷା ଦେଇ ସର୍ବଭାରତୀୟ ସ୍ତରରେ ୧୬ ତମ ରେଙ୍କ୍‌ରେ ସଫଳତା ପାଇଲେ । ପାଠ ପଢିବା ପାଇଁ ଯେଉଁ ଇଚ୍ଛା ତାଙ୍କର ଥିଲା ତାଙ୍କୁ ତାହା ଭାଙ୍ଗି ଦେଉଥାଏ । ୨୦୦୬ରେ ବାପାଙ୍କର ଧମନୀରେ ରକ୍ତ ଜମାଟ ବାନ୍ଧିବାରୁ ସେ ଭାଙ୍ଗି ପଡିଲେ । ବୁର୍ଲା ଡାକ୍ତରଖାନାକୁ ବାପାଙ୍କୁ ନେଲେ । ସେ ସେଠି ତାଙ୍କୁ ଚିକିତ୍ସା କଲେ ହେଲେ ବାପା ବଂଚିପାରିଲେ ନାହିଁ । ବୁର୍ଲାରେ ଯେଉଁ ଭଳି ଭାବରେ ଶେଷ ବାପାଙ୍କୁ ସିଢି ଚଢି ଭିନ୍ନଭିନ୍ନ ବିଭାଗକୁ ଦେଖେଇବାକୁ ନେଉଥିଲେ ତାହା ହୃଦୟ ବିଦାରକ ମନେହୁଏ । ମାତ୍ର ୧୬ ନା ୧୭ ବର୍ଷର ପିଲା ଏପରି ସଂଗ୍ରାମ କରିବା କମ୍ କଥା ନୁହଁ । ପଛରେ କେହି ବି ନ ଥାନ୍ତି । ମାଆ ତ ଛୋଟ ସମୟରୁ ଆର ପାରିରେ । କିଛି କଥା କହିପାରୁ ନ ଥାନ୍ତି ଡାକ୍ତରଖାନାରେ । ତଥାପି ବାପାଙ୍କୁ ବଂଚାଇବା ପାଇଁ ଶତ ପ୍ରତିଶତ ଚେଷ୍ଟା କରୁଥାନ୍ତି । କାହିଁକି ନା ଶେଷଙ୍କର ବାପା ହିଁ ସବୁକିଛି । ବାପା ବଂଚିଗଲେ ସେ ନିଶ୍ଚୟ ଆଗକୁ ଯିବାରେ ଅସୁବିଧା ହେବ ନାହିଁ । ସେଇ ଆଶାରେ ସେ ଥାଆନ୍ତି ।



ହେଲେ ବିଧିର ବିଧାନ ବଡ ବିଚିତ୍ର । ବହୁ ଚେଷ୍ଟା ପରେ ମଧ୍ୟ ଚିକିତ୍ସା କରୁ କରୁ ଶେଷରେ ବାପା ତାଙ୍କର ଆରପାରିକି ଚାଲିଗଲେ । ଏଭଳି ହୃଦୟ ବିଦାରକ ଦୃଶ୍ୟ ଆଖିରେ ନ ଦେଖିଲେ କେହି ବି ବିଶ୍ୱାସ କରିପାରିବେନି । ଏକଲା ପଥର ଯାତ୍ରୀ ହୋଇ ଗଲେ ଏଇ ଛୋଟ ବାଳକ ଶେଷ ଦେବ କିସାନ୍ । ବାପାଙ୍କର ଶୁଦ୍ଧିକ୍ରିୟା କର୍ମ ପରେ ପରେ ସେ ଆଗକୁ କିପରି ସଫଳତାର ଶୀର୍ଷରେ ପହଂଚିବେ, ଶପଥ ନେଲେ । ତଥାପି ଦୃଢ ଇଚ୍ଛା ଶକ୍ତି ଓ ଆତ୍ମବିଶ୍ୱାସ ଯୋଗୁଁ ପଛକୁ ଫେରି ନ ଚାହିଁ ଆଗକୁ ଆଉ ଦୁଇ ପାଦ ବଢାଇଲେ । ତଥାପି ବାପା ଓ ମାଆଙ୍କର ମୃତ୍ୟୁ ତାଙ୍କୁ ଶକ୍ତ ଧକ୍କା ଦେଇଥିଲା ।





ଏହା ପରେ ପରେ ଭୁବନେଶ୍ୱର ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ୍‌ରେ ନାମ ଲେଖାଇବାର ସୁଯୋଗ ପାଇଲେ । ନାଁ ଲେଖାଇଲେ ସିନା ଘରେ ଛାଡି ଆସିଥିବା ରୋଗାଗ୍ରସ୍ତ ଭଉଣୀ ଚିନ୍ତାରେ ରହିଗଲେ ସେ । ଘର କହିଲେ କେବଳ ଭଉଣୀ । ତାଙ୍କର ଦେଖାରଖା କେବେ କେବେ ଗାଁର ପଡିଶାମାନେ କରିଥାନ୍ତି । ଅର୍ଥାଭାବ ତାଙ୍କର ପିଛା ଛାଡୁ ନ ଥାଏ । ଭଉଣୀର ଚିକିତ୍ସା ପାଇଁ ପ୍ରତି ମାସରେ ୪ରୁ ୬ ହଜାର ଅର୍ଥର ଆବଶ୍ୟକ ପଡୁଥାଏ । ବାଧ୍ୟ ହୋଇ ଭୁବନେଶ୍ୱରରେ ପିଲାମାନଙ୍କୁ ଟିଉସନ୍ ପଢାଇଲେ । ଗୋଟେ ଓଳି ଖାଇଲେ ଆଉ ଗୋଟେ ଓଳି ଭୋକରେ ଜୀବନ ବିତେ ଶେଷଙ୍କର । ମଝିରେ ମଝିରେ ଘରକୁ ଆସିଲେ କିଛି ମୁଗ ଧରି ଯାଇଥାନ୍ତି । ରାତିରେ ଭାତ ଖାଇବାକୁ ତାଙ୍କ ପାଖରେ ଅର୍ଥର ଘୋର ଅଭାବ । ଏଇ ଅଭାବୀ ଭିତରେ ରାତିରେ ମୁଗ ସିଝା ଖାଇ ଜୀବନ ବିତିଯାଏ ତାଙ୍କର । ସାଙ୍ଗ ସାଥୀମାନଙ୍କୁ ଏସବୁ କଥା କହି ନ ଥାନ୍ତି ସେ ଜମାରୁ । କହିଲେ କିଛି ଲାଭ ହେବ ନାହିଁ ବୋଲି ସେ ଜାଣନ୍ତି । ଏମିତି ପାଠପଢା ଚାଲିଲା ଭୁବନେଶ୍ୱରରେ ତାଙ୍କର । ଏହା ମଧ୍ୟରେ ଜର୍ମାନରେ ରିସର୍ଚ୍ଚ କରିବା ପାଇଁ ସୁଯୋଗ ମିଳିଲା ।

ଶେଷଦେବ ଜର୍ମାନର ଗଟିଜେସ୍ଥିତ ଜର୍ଜ ଅଗଷ୍ଟ ବିଶ୍ୱ ବିଦ୍ୟାଳୟରେ ଜଣେ ରିସର୍ଚ୍ଚ ଆସୋସିଏଟ୍ ଭାବରେ କାମ କରିବାର ସୁଯୋଗ ପାଇଲେ । ଏହି ବିଶ୍ୱ ବିଦ୍ୟାଳୟରୁ ସେ ମାସକୁ ୨.୫ ଲକ୍ଷ ଫେଲୋସିପ୍ ପାଇଲେ । ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶେଷଙ୍କୁ ନିଜର ନବୀନ ନିବାସକୁ ଡାକି ସହଯୋଗର ହାତ ବଢାଇଲେ । ମୁଖ୍ୟମନ୍ତ୍ରୀ ଶେଷଙ୍କୁ ସଂବର୍ଦ୍ଧନା ମଧ୍ୟ ଦେଇଥିଲେ । ସାରା ରାଜ୍ୟର ସମସ୍ତଙ୍କ ପାଇଁ ସେ ଉଦାହରଣ ପାଲଟିଛନ୍ତି ଏହା ନିଃସନ୍ଦେହରେ କୁହା ଯାଇପାରେ ।





## ଗାଁରେ ଗରିବ ପିଲାଙ୍କୁ ପଢିବାର ସୁଯୋଗ ଦେଲେ ଶେଷଦେବ

ଗାଁରେ ତିଆରି କରିଥିବା ଘରେ ପାଖାପାଖି ୧୦୦ ଜଣ ପିଲାଙ୍କୁ ପାଠ ପଢାଇବାର ସୁଯୋଗ ଦେଇଛନ୍ତି ଶେଷଦେବ କିସାନ୍ । ଏଥିପାଇଁ ୨ ଜଣ ଶିକ୍ଷିତ ଯୁବକଙ୍କୁ ଦରମା ଦେଇ ସେ ନିୟୋଜିତ କରିଛନ୍ତି । ତିଆରି କରିଥିବା କୋଠାଟି ଉତ୍ସର୍ଗ କରିଛନ୍ତି ପିଲାଙ୍କ ପାଠ ପାଇଁ । ଆଗକୁ ଗରୀବ ଛାତ୍ରଛାତ୍ରୀମାନେ ଅର୍ଥ ଅଭାବରୁ ପାଠ ପଢିବାର ସୁଯୋଗ ନ ପାଇଲେ ସେ ପାଠ ପଢାଇବେ ବୋଲି ଜଣା ପଡିଛି । ପାଠ ପଢାରେ ଅର୍ଥ ବାଧକ ନୁହେଁ ବୋଲି ଡକ୍ଟର ଶେଷ କିସାନ୍ ମଧ୍ୟ ପ୍ରକାଶ କରିଛନ୍ତି । କେବଳ ଦୃଢ ଅଧ୍ୟବସାୟ, ଇଚ୍ଛାଶକ୍ତି ଥିଲେ ସବୁ ସଫଳତା ମିଳିବ ବୋଲି କହନ୍ତି ସେ ।

## ପ୍ରଥମେ କୋର୍ଟ ବିବାହ କଲେ ଶେଷଦେବ କିସାନ୍

ଗତ ୨୦୨୨ ମସିହା ନଭେମ୍ବର ୧୦ ତାରିଖ ୩ଟା ସମୟରେ ରେଢାଖୋଲ ସବ୍‌ରେଜେଷ୍ଟ୍ରି କାର୍ଯ୍ୟାଳୟ ପରିସରରେ ବାଲେଶ୍ୱରର ଜୟଶ୍ରୀ ଜେନାଙ୍କୁ ରେଜେଷ୍ଟ୍ରି ବିବାହ କରିଥିଲେ । ଏହି ବିବାହ ସମୟରେ ଶେଷ କିସାନଙ୍କ ଶାଶୁ ଏବଂ ଅଜା ଶ୍ୱଶୁର ଉପସ୍ଥିତ ଥିଲେ । ଡଃ ଶେଷ କିସାନଙ୍କ ଓକିଲ ପରୀକ୍ଷିତ ଦାସଙ୍କ ସହ ସବ୍ ରେଜିଷ୍ଟ୍ରାର ଦେବାଶିଷ ପାତ୍ର ଏବଂ ସାକ୍ଷ୍ୟ

ଭାବରେ ସୁନନ୍ଦ ପ୍ରଧାନ, ରମଣୀ ରଞ୍ଜନ ମେଣ୍ଡୁଲୀ ଏବଂ ପ୍ରଫୁଲ୍ଲ କର୍ଣ୍ଣ ଉପସ୍ଥିତ ଥିଲେ । ଆଇନ୍ ସହାୟତାରେ ସେ ଏଇ ରେଜେଷ୍ଟ୍ରି ବିବାହ କରିଥିଲେ ବୋଲି ପ୍ରକାଶ କରିଥିଲେ । ରେଜେଷ୍ଟ୍ରି ଅଫିସ୍ ପରିସରରେ କେକ୍ କାଟି ଉଭୟେ ଉଭୟଙ୍କୁ ଫୁଲମାଳ ଦେଇ ବିବାହ କରଥିଲେ । ଭିସା ପାଇଁ ଅସୁବିଧା ହେଉଥିବାରୁ ସେ ପ୍ରଥମେ ରେଜେଷ୍ଟ୍ରି ବିବାହ କରିଥିବା ଜଣା ପଡ଼ିଛି ।



## ଶେଷରେ ଶେଷଦେବ କଲେ ବିବାହ


ଦୀର୍ଘ ଦିନର ପ୍ରତୀକ୍ଷା ପରେ ଶେଷରେ ଜର୍ମାନୀରେ ବୈଜ୍ଞାନିକ ଭାବରେ କାର୍ଯ୍ୟରତ ବଲାସିଂଘା ମାଟିର ଯୁବ ବୈଜ୍ଞାନିକ ଡକ୍ଟର ଶେଷଦେବ କିସାନ୍ ନଭେମ୍ବର ୨୨ ତାରିଖରେ ରେଢାଖୋଲ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ହିନ୍ଦୁଧର୍ମର ରୀତିନୀତି ଅନୁଯାୟୀ ବୈଦିକ ରୀତିରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ସେ ବାଲେଶ୍ୱର ଜୟଶ୍ରୀ ଜେନାଙ୍କ ହାତ ଧରି ଏକ ଇତିହାସ ରଚିଛନ୍ତି । ବାହାଘରର ସାଜସଜ୍ଜା ତୋରଣ ବେଶ୍ ଆକର୍ଷଣୀୟ ହେବା ସହ ଚଳଚ୍ଚିତ୍ର ହେଉ ବା କ୍ରିକେଟ୍ ଖେଳାଳି ଯେମିତି ବାହାଘରରେ ସୁସଜ୍ଜିତ କରିଥାନ୍ତି ଠିକ୍ ସେଇପରି ରେଢାଖୋଲ ମାଟିରେ ଆକର୍ଷଣୀୟ ତୋରଣ ଦେଖିବାକୁ ମିଳିଥିଲା । ଦୁଇ ଦିନ ଧରି ରେଢାଖୋଲ ମାଟିକୁ ରାଜ୍ୟର ବିଭିନ୍ନ ଅଂଚଳରୁ ଡକ୍ଟର ଶେଷ କିସାନଙ୍କ ଫ୍ୟାନ୍‌ମାନଙ୍କର ଆଗମନ ଦେଖିବାକୁ ମିଳିଥିଲା ।

ରେଢାଖୋଲ କଲ୍ୟାଣ ମଣ୍ଡପରେ ମଧ୍ୟ ଉଭୟଙ୍କ ବିଭିନ୍ନ ଭଙ୍ଗୀର ଫଟୋ ସହିତ ସାଜସଜା କରାଯାଇଥିଲା । ରେଢାଖୋଲର ସୁନନ୍ଦ ପ୍ରଧାନ ଏବଂ ତାଙ୍କ ପତ୍ନୀ ସୌଦାମିନୀ ପ୍ରଧାନ ପୁଅର ପିତା ମାତା ଭାବରେ ଦାୟିତ୍ୱ ତୁଲାଇଥିଲେ । ବାଲେଶ୍ୱର ବାଲିଆପାଳ ବ୍ଲକ୍ ଖଗଡାପାଳ ଗ୍ରାମର ଗୋପାଳକୃଷ୍ଣ ଜେନା ଏବଂ ସୁଚିତ୍ରା ଜେନାଙ୍କ ଜ୍ୟେଷ୍ଠକନ୍ୟା ଜୟଶ୍ରୀ ଜେନାଙ୍କୁ ସେ ବିବାହ କରିଛନ୍ତି । ଜୟଶ୍ରୀ ଜେନା ପୂର୍ବରୁ ରଜ କୁଇନ୍‌ରେ ଫାଇନାଲିଷ୍ଟ ଥିଲେ ବୋଲି ଶେଷ ପ୍ରକାଶ କରିଛନ୍ତି । ସେ ନୃତ୍ୟ ଏବଂ ସଙ୍ଗୀତକୁ ଭଲ ପାଆନ୍ତି । ଜୟଶ୍ରୀ ବିବିଏ ପାଠ ପଢ଼ିଛନ୍ତି । ସେମାନଙ୍କ ବିବାହ ଆଗରୁ ହେବାର ଥିଲେ ମଧ୍ୟ ଲକ୍ ଡାଉନ୍ ଯୋଗୁଁ ୨ ବର୍ଷ ହେଲା ବିବାହ ବନ୍ଧନରେ ବାନ୍ଧି ହୋଇ ପାରି ନ ଥିଲେ । ଜୟଶ୍ରୀଙ୍କୁ ସେ ପାଇ ବହୁତ ଆନନ୍ଦିତ ବୋଲି ପ୍ରକାଶ କରିଛନ୍ତି । ବାଲେଶ୍ୱର ଝିଅ ହେଲେ ମଧ୍ୟ ଗୁଣବତୀ ଓ ଉଚ୍ଚଶିକ୍ଷିତା । ସେମାନଙ୍କ ବିବାହ ମେଟ୍ରିମୋନି ମାଧ୍ୟମରେ ହୋଇଥିବା ଶେଷ ପ୍ରକାଶ କରିଛନ୍ତି । କନ୍ୟା ଘର ମଧ୍ୟ ଏଥିପାଇଁ ସ୍ୱୀକୃତି ପ୍ରଦାନ କରିଥିଲେ । "ଜର୍ମାନୀରେ ବିବାହ ପାଇଁ ବହୁତ ଝିଅ ମୋତେ ପସନ୍ଦ କରିଥିବା ବେଳେ ଓଡିଶାର ଝିଅକୁ ବିବାହ କରିବି ବୋଲି ମନସ୍ଥ କରିଥିଲି", ଡକ୍ଟର ଶେଷ ପ୍ରକାଶ କରନ୍ତି । ତାଙ୍କର ଏହି ବିବାହରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ ।

## ଡଃ ଶେଷ କିସାନ୍ ଫାର୍ମା ଲିମିଟେଡ୍

ଏହି ବାହାଘର ଅବସରରେ ଶେଷଦେବ ଏକ ସାମ୍ବାଦିକ ସମ୍ମିଳନୀ ଡକାଇ ଡକ୍ଟର ଶେଷ କିସାନ୍ ଫାର୍ମା ଲିମିଟେଡ୍ ନାମକ ଏକ ଔଷଧ କଂପାନୀ କରିବାକୁ ଘୋଷଣା କରିଛନ୍ତି । ରାଜ୍ୟ ସରକାର ମଧ୍ୟ ଏଥିପାଇଁ ଆର୍ଥିକ ସହାୟତା ପ୍ରଦାନ କରିବେ ବୋଲି ଜଣା ପଡିଛି । ଏହି କଂପାନୀ ଦ୍ୱାରା ବହୁତ କମ୍ ମୂଲ୍ୟରେ ଔଷଧ ଲୋକମାନଙ୍କ ପାଖରେ ପହଂଚାଇବାର ଲକ୍ଷ୍ୟ ରହିଛି । ଏପରିକି ଲୋକମାନଙ୍କୁ ହେଉଥିବା ବ୍ଲଡ୍ ପ୍ରେସର, ଆଣ୍ଟିବାୟୋଟିକ୍, ମଲ୍‌ଟି ଭିଟାମିନ୍, ଗ୍ୟାଷ୍ଟ୍ରିକ୍, ଉଚ୍ଚ ରକ୍ତଚାପ ତଥା ମଧୁମେହ ରୋଗୀମାନଙ୍କର ଉପଚାର ପାଇଁ ଜେନେରିକ୍ ମେଡିସିନ୍ ଯୋଗାଇ ଦେବେ । ଭବିଷ୍ୟତରେ ୪୦୦ ରୁ ୧୦୦୦ ଜେନେରିକ୍ ମେଡିସିନ୍ ପ୍ରଡକ୍ଟ ବାହାର କରିବେ । ଖୁବ୍ ଶିଘ୍ର ଏହି କଂପାନୀରୁ ଔଷଧ ବଜାରରେ ଉପଲବ୍ଧ ହେବ ବୋଲି ସୂଚନା ଦେଇଛନ୍ତି ଶେଷ କିସାନ । ତାଙ୍କର କଂପାନୀର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ ହେବ । ଏପରିକି ସମସ୍ତ ଜିଲ୍ଲାରେ ଏହାର ଶାଖା କାର୍ଯ୍ୟାଳୟ କରାଯିବାକୁ ଲକ୍ଷ୍ୟ ରଖିଥିବା ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । କଂପାନୀର ଲାଭାଂଶ ଗରୀବ ଲୋକମାନଙ୍କ ପାଇଁ ଖର୍ଚ୍ଚ ହେବ । ଏହି କଂପାନୀର ଦାୟିତ୍ୱ ତାଙ୍କ ପତ୍ନୀ ତୁଲାଇବେ ବୋଲି ସେ ଜଣାଇଛନ୍ତି ।





# କଣ୍ଟା ବାଉଁଶର ଦେବୀ ମା କଣ୍ଟା ବାଉଁଶୁଣୀ

# ଦାମନଯୋଡ଼ିର ଦେବୀ
# 'ମା କଣ୍ଠା ବାଉଁଶୁଣୀ'


**ବିଜୟ କୁମାର ଜେନା**

କ୍ୱାର୍ଟର ନଂ ଟୁ-ବି/୩୦୫, ନାଲକୋ ଟାଉନଶିପ୍,
ଦାମନଯୋଡ଼ି, କୋରାପୁଟ-୭୬୩୦୦୮,
ଫୋନ: ୯୪୩୭୪୩୩୬୫୪


ଫଟୋ ସୌଜନ୍ୟ : ଲେଖକ ଓ ଗୁଗୁଲ



▲ଲେଖକ ବିଜୟ କୁମାର ଜେନା

ପ୍ରକୃତି କୋଳରେ ବଞ୍ଚି ଚଳି ଓ ବଢ଼ିଥିବା ଆଦିମ ଅଧିବାସୀ ବା ଆଦିବାସୀଙ୍କର ସବୁକିଛି ସେଇ ପ୍ରକୃତି । ଖାଦ୍ୟ ପାନୀୟ ବାସଗୃହ ଦେବୀ ଦେବତା ସବୁ ସେଇ ପ୍ରକୃତି ପଣତରୁ ଖୋଜି ନିଅନ୍ତି । ସେଇ କ୍ରମରେ କୋରାପୁଟ ଜିଲ୍ଲାର ଦାମନଯୋଡି'ର ଏକ ସ୍ଥାନ ସିନ୍ଧିପାର, ଯେଉଁଠି କଣ୍ଠା ବାଉଁଶ ଜଙ୍ଗଲ ଭିତରେ ଏକ ବାଉଁଶ ବୁଦାରେ ପୂଜା ପାଆନ୍ତି ଦେବୀ, ମା କଣ୍ଠା ବାଉଁଶୁଣୀ ନାମରେ ।

ପୂଜା ପାଉଥିବା ବାଉଁଶ ଗଛକୁ ମିଶେଇ ଘେରି ରହିଛି ଗୋଟେ ଛୋଟ ବାଉଁଶ ଜଙ୍ଗଲ । ଅବଶ୍ୟ ବର୍ତ୍ତମାନ ଏହି ବାଉଁଶ ଜଙ୍ଗଲ'ଟି ନାଲକୋ ଦାମନଯୋଡି ଟାଉନସିପ ସୀମା ଭିତରେ ମିଶି ଯାଇଛି, କିନ୍ତୁ ମା କଣ୍ଠା ବାଉଁଶୁଣୀଙ୍କ ଆସ୍ଥାନ ଓ ବାଉଁଶ ବଣ ପୂଳାକ ସେମିତି ଅକ୍ଷୁର୍ଣ୍ଣ ରହିଛି - ଯାହା ଯେମିତି ଆଗରୁ ଥିଲା । ଦୈନିକ ଅନେକ ଲୋକ ଆସନ୍ତି ମାଆ'ଙ୍କ ଦର୍ଶନ ପାଇଁ । ପୌଷ ମଙ୍ଗଳବାର ମାନଙ୍କରେ ଶହ ଶହ ଲୋକ ଆସିଥାନ୍ତି । ନଡ଼ିଆ କଦଳୀ ମନ୍ଦାର ଫୁଲ ସହ ଛେଳି ମେଣ୍ଢା କୁକୁଡା ଇତ୍ୟାଦି ବଳି ଭୋଗ ଅର୍ପଣ କରନ୍ତି ।

ଏଠାରେ ମା କଣ୍ଠା ବାଉଁଶୁଣୀ ପୀଠ'ର ଆବିର୍ଭାବ କେବେ କେମିତି ହେଲା ପୁଣି ବାଉଁଶ ଗଛକୁ ଘେରି ପୂଜା କରିବା ପରମ୍ପରା କଥା ଭିତରେ କେତୋଟି ଆଦିବାସୀ ଜୀବନଚର୍ଯ୍ୟା ମିଶି ରହିଛି ଓ ରହିଛି ସୁନ୍ଦର କିମ୍ବଦନ୍ତୀ'ଟିଏ ।

ସିନ୍ଧିପାର ଗାଆଁର ମୁଖିଆ, ବଡ଼ ନାୟକ ଘରର ଏକମାତ୍ର ଝିଅ କାଜୋଡ଼ି । କାଜୋଡ଼ିର ବଙ୍କା ଖୋଷା ଆଉ ଢେମସା ନାଚରେ ମୁଗ୍ଧ ହେଲା ଦେଓମାଳି ତଳ କୋଟିଆ ଗାଆଁର ଯୁବକ ବିର୍ଶୁ । ରୀତିନୀତିରେ ଦୁହେଁ ବାହା ହେଲେ ଆଉ କାଜୋଡ଼ି ବିର୍ଶୁ ଘରକୁ ବୋହୂ ହେଇ ଚାଲିଗଲା । ତାପରେ ଆସିଲ ପୁଷ ମାସ । ଏହି ସମୟରେ ବାହାହୋଇ ଯାଇଥିବା ଝିଅମାନେ ତାଙ୍କ ବାପ ଘରକୁ ଫେରନ୍ତି, ଜୋଇଁ ବି ସାଙ୍ଗରେ ଆସନ୍ତି ପୁନେଇଁ ଖିଆ । ପୁଷ ପୁନେଇଁ ପରେ ଦୁହେଁ ଫେରନ୍ତି - ବାପଘରୁ ସାଙ୍ଗରେ ନିଅନ୍ତି, ନୂଆ ଅମଳ ହେଇଥିବା ଧାନର ଚାଉଳ, ମାଣ୍ଡିଆ କାନ୍ଦୁଲ ବିରି ଶିମ୍ୱମଞ୍ଜି ପାଚିଲା ବୋଇତାଲୁ ନୂଆ ବଡ଼ି, ମୁଆଁ ଇତ୍ୟାଦିର ଭାର । କାଜୋଡ଼ି କାହିଁକି ବା ବାଦ୍ ପଡନ୍ତା ! ଖଗଲା ନାଗୁଳ ମାଳି ଇତ୍ୟାଦି ଅଳଙ୍କାର ସଜ ହେଇ ବାହାରିଲା ସେ, ଆଉ ସାଙ୍ଗରେ ଧନୁ ତୀର ସରାମ କାନ୍ଧରେ ବାନ୍ଧି ବେଶ ପରିପାଟୀ ସହ ବାହାରିଲା ବିର୍ସୁ ।

"ମାଇଜି ସାଙ୍ଗରେ ବେଣ୍ଟକୁ ଯାଉଛୁ କିରେ ବିର୍ସୁ ? ଚଇତ ମାସ ହେଇ ଗଲାଣି କି ?" ଗାଆଁ ମୁଣ୍ଡରେ ପଚାରିଦେଲା ଗବୁରୁ, ବିର୍ସୁ'ର ବଡ଼ ବପା ପୁଅ ଭାଇ ।

"ନାଇଁରେ ସିନ୍ଧିପାର ଯାଉଛି ପୁନେଇଁ ଖାଇ । ଦୂର ବାଟ ତ ବାଟରେ ବାଘ କି ବାରହା ଦିଶିବ ବୋଇଲେ କେମିତି ହେବି ଯେ..!! ସେଥିପାଇଁ ଏ ଧନୁ ତୀର ।" ଯାଉ ଯାଉ ଗବୁରୁକୁ କୈଫତ ଦେଲା ବିର୍ସୁ ।

କେତେ ଦୂର ଗଲା ପରେ ଦୁହେଁ ପହଞ୍ଚିଲେ କୁନ୍ଦୁଲିରେ । ଥକା ମାରିବାକୁ ମହୁଲ ଗଛ ମୂଳେ ବସିଛନ୍ତି, ମେଣ୍ଢା ପଲ ଅଡ଼େଇ ଅଡ଼େଇ ଯାଉଥିବା ବୁଢ଼ାଟିଏ ଯାଙ୍କୁ ନିରେଖି ଚାହିଁଲା । "ବାବୁ, ବେଣ୍ଟ'ରୁ ଆସିବା ବେଳେ ମିଳିବ ବୋଇଲେ, ମୋର ଲାଗି ବାଘତେଲ ଟିକେ ଆଣି ଦେ - ଆଣ୍ଠୁ ଗଣ୍ଠି ବଥା କରୁଛି; ଟିକେ ଟିକେ ଲଗେଇବି ଆଉରି ତୋତେ ହେତେଇବି ।" ବିର୍ସୁ'କୁ ଲକ୍ଷ୍ୟ କରି କହିଲା ବୁଢ଼ା ।

"ନାଇଁ ନାଇଁ ବେଣ୍ଟ ନାଇଁ - ମୁଇଁ ମାଇଜିକୁ ନେଇକରି ସିନ୍ଧିପାର ଗାଁ ଯାଉଛି ଶଶୁର ଘର ।" ମେଣ୍ଢାଚରାଳୀ ବୁଢ଼ାକୁ କଇଫତ୍ ଦେଲା ବିର୍ସୁ ।

ଏଇଠି ବିର୍ସୁ ଆଉ କାଜୋଡ଼ି ତାଙ୍କ ବାଟଚଲା ଜାରି ରଖି ଥାଆନ୍ତୁ । ଆମେ ଦେଖିବା କୋରାପୁଟ ଆଦିବାସୀ ପରମ୍ପରା'ରେ 'ବେଣ୍ଟ' କେମିତି ଓ କଣ କରନ୍ତି । ହୁଏତ ସ୍ଥଳ ବିଶେଷରେ କିଛି କିଛି ଭିନ୍ନ ଥାଇପାରେ । କିନ୍ତୁ ସାଧାରଣ ଭାବରେ ବେଣ୍ଟ କହିଲେ - ଶୀକାର, ଯାହାକି ଚୈତ୍ର ମାସ ସାରା ହେଉଥିବା 'ଚୈତ ପରବ'ର ଗୋଟେ ଅଂଶ ବିଶେଷ । ଏବେ ତ ସରକାର ଶୀକାରକୁ ଅବୈଧ ଘୋଷଣା କରି ସାରିଛନ୍ତି । ତଥାପି ପରମ୍ପରା ପାଳନ କରିବା ପାଇଁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଗାଆଁ ଲୋକେ କେବଳ ଚୈତ ପରବ ସମୟରେ ବେଣ୍ଟକୁ ବା ଶୀକାର କରିବାକୁ ଆଜିକାଲି ଯାଆନ୍ତି ।

ସରକାରୀ ତାଗିଦ୍ ହେଉ କିମ୍ବା ପାରମ୍ପରିକ ବେଣ୍ଟ'ର ନିୟମ ଅନୁସାରେ ଏସବୁ ଶୀକାରରେ ବନ୍ଧୁକ ଗୁଳିଗୋଳା ଚଳିବ ନାହିଁ । କେବଳ ପୁରୁଷ ଲୋକେ ଦଳରେ ଯାଇ ଗୋଡ଼େଇ ଗୋଡ଼େଇ ଶୀକାର କରନ୍ତି । ବାଡ଼ି ଠେଙ୍ଗା ଧନୁ ତୀର ତେଣ୍ଟା ବର୍ଚ୍ଛା ଇତ୍ୟାଦି ପାରମ୍ପରିକ ଅସ୍ତ୍ର କେବଳ ବ୍ୟବହାର ହୁଏ ।



ଚୈତ୍ର ମାସ ଖରାରେ ପଶୁପକ୍ଷୀମାନେ ପାଣି ପିଇବାକୁ ଜଙ୍ଗଲ ମଧ୍ୟରେ ଖୋଜି ଖୋଜି ପାଣି ମିଳୁଥିବା ସ୍ଥାନକୁ ଆସନ୍ତି । ସେଇଠି ଛକି ଥାଆନ୍ତି ଏ ବେଣ୍ଟିଆମାନେ । ବାର୍‌ହା କୁଟୁରା ଜିଆଦ ଠାରୁ ଆରମ୍ଭ କରି ଝିଙ୍କ ଶାଳିଆପତନି ପର୍ଯ୍ୟନ୍ତ – ଯାହା ମିଳିଲା ତାକୁ ଗୋଡ଼େଇ ଗୋଡ଼େଇ ଅସ୍ତ୍ର ପ୍ରହାର କରନ୍ତି ଧନୁରେ ତୀର ଯୋଖି ମାରନ୍ତି । ସେଇଟା ହୁଏ ତାଙ୍କ ଚଇତ ଶୀକାର ।

ଏପଟେ ଗାଆଁ ମୁଣ୍ଡରେ ମାଇଜି ଟୁକେଲ ବା ମହିଳାମାନେ ହଳଦୀପାଣି କିମ୍ବା ଗୋବରପାଣି ହାଣ୍ଡିରେ ଧରି ଅପେକ୍ଷା କରିଥାନ୍ତି । ବେଣ୍ଟ ସରିଲା ପରେ, ଯଦି ଶୀକାର ମିଳିଥାଏ ତାହେଲେ, ବେଣ୍ଟିଆମାନଙ୍କ ମଧ୍ୟରୁ ପ୍ରଥମେ ହିରୋ ମାର୍କା ଟୋକା ବା ଧାଙ୍ଗଡାଟିଏ କାନ୍ଧରେ ସର୍ଗୀ ବା ଶାଳଗଛ'ର ଡାଳ ଖଣ୍ଡେ ଧରି ସଦର୍ପରେ ଦୌଡ଼ି ଦୌଡ଼ି ଗାଆଁ ମୁଣ୍ଡକୁ ଆସେ । ଅପେକ୍ଷାରତ ମାଇଜି ଟୁକେଲମାନେ ସେ ଧାଙ୍ଗଡା ଉପରକୁ ହଳଦୀ ପାଣି ଛାଟି, ତାକୁ ସ୍ୱାଗତ କରନ୍ତି । ସର୍ଗି ଡାଳ ସେଇଠି ପୋତା ହୁଏ, ତା ଉପରେ ରଖାଯାଏ ସେ'ଦିନର ଶୀକାର । ଶୀକାରକୁ ଘେରି ଆରମ୍ଭ ହୋଇଯାଏ ଢେମ୍‌ସା ନାଚ । ମହୁଲି ସଲପ ନିଶାରେ ଝୁମି ଝୁମି ଅନେକ ରାତି ପର୍ଯ୍ୟନ୍ତ ନାଚ ଗୀତ ଚାଲେ । ସେଇ ଦିନ ରାତିରେ, ନହେଲେ ତହିଁ ଆରଦିନ ସକାଳୁ ଶୀକାରକୁ କାଟି ଭାଗ ବଣ୍ଟରା ହୁଏ କିମ୍ବା ଗୋଟିଏ ସ୍ଥାନରେ ରୋଷେଇ ହୁଏ । ଚୈତ ପରବର ବେଣ୍ଟ ଶୀକାରକୁ ଗାଆଁ ସାରା ସମସ୍ତେ ବାଣ୍ଟି ଖାଆନ୍ତି ।



ଯଦି ବେଣ୍ଟିଆମାନଙ୍କୁ ଶୀକାର ନ ମିଳେ, ବିଫଳ ହୋଇ ନିରାଶରେ ଫେରନ୍ତି । ଜଣେ ଧାଙ୍ଗଡାକୁ ବାଧ କରି ଗାଆଁ ମୁଣ୍ଡକୁ ପଠାନ୍ତି; ସେତେବେଳେ ତା କାନ୍ଧରେ ଥାଏ ମହୁଲ ଗଛର ଡାଳ ଖଣ୍ଡେ । ମହୁଲ ଡାଳ ଦେଖିଲା ମାତ୍ରେ ଏପଟେ ଧାଙ୍ଗିଡି ମାନେ ସଜିଲ କରନ୍ତି ଗୋବର ପାଣି । ଗୋବର ପାଣି ଛାଟି ନିପାରୁଆ ଧାଙ୍ଗଡାମାନଙ୍କୁ ଅପମାନିତ କରାଯାଏ । ଆଉ କି ନାଚ ଗୀତ – ଗାଆଁ ବାହାରେ କରିଥିବା ଅସ୍ଥାୟୀ ଚାଳଘର ବା ଗୁଡ଼ା'ରେ ରାତି କଟେଇ ଅପେକ୍ଷା କରନ୍ତି ତହିଁ ଆରଦିନକୁ, ଆଉ ଥରେ ବେଣ୍ଟ ।

ଶାଳଗଛ ଡାଳ ଧରି ଗାଆଁ ଭିତରକୁ ପଶିବାକୁ ଧାଙ୍ଗଡାମାନଙ୍କ ମଧ୍ୟରେ ଯେମିତି ପ୍ରତିଯୋଗିତା ଲାଗିଯାଏ । କିନ୍ତୁ ମହୁଲଗଛ ଡାଳ ନେଇ ଗାଆଁ ଭିତରକୁ ଯିବାକୁ କେହି ରାଜି ହୁଅନ୍ତି ନାହିଁ । ଅପମାନର ଗୋବର ପାଣି କାହାକୁ ବା ଦରକାର୍ ! ! ତଥାପି ଜଣେ କିଏ କୁଂଥ କୁଂଥ ହେଇ ଗାଆଁ ଆଡ଼େ ଦୌଡ଼େ – ଦୂରରୁ ମହୁଲ ଡାଳଟିକୁ ଛାଟି ଫୋପାଡ଼ି ଦେଇ ଗୁଡ଼ା'କୁ ଫେରି ଆସେ । ଏମିତି ଚୈତ୍ର ମାସ ସାରା ଚାଲେ ।

ଯା ଭିତରେ ବିର୍ସୁ ଓ କାଜୋଡ଼ି ପହଞ୍ଚି ଯାଇଥିଲେ ସିନ୍ଧିପାର ଗାଆଁ ପାଖା ପାଖି । ବିର୍ସୁ'ର ଶଶୁର ଘର ଗାଆଁ । ଗାଆଁ ଟୋକାଟୋକଳି ସବୁ ଶଳା କି ଶାଳୀ ହେବେ – ଟାପରା କରିବେ ।



ଗାଁଆ ପଟୁ ଆସୁଥିଲେ କିଛି ଧାଙ୍ଗଡା, ଦେଖିଦେଲେ ତାଙ୍କ ଗାଆଁ ଜୋଇଁଟିଏ, ଶଶୁର ଘରକୁ ଆସୁଛି ପୁଣି ଆବଶ୍ୟକତାରୁ ଅଧିକ ଧନୁ ତୀରରେ ସଜିଲ ହେଇ । ଜଣେ କହିଲା, "ତୁମ ଆଡ଼େ ଚଇତ ମାସ ହେଇ ଗଲାଣି କି, ବେଣ୍ଟ'କୁ ବାହାରିଲ ଯେ ? ଆମର ତ ଏଠି ପୁଷ ମାସ ଚାଲିଛି ।" ହେ ହେ ହେ ହେଇ ହସିଲେ ବାକି ସବୁ । ଆଉ ଜଣେ କହିଲା, "ତୁମ ଗାଆଁ ପଟେ ବେଳ ସିନା ଆଗେ ବାହାରେ (ପ୍ରଥମେ ସୂର୍ଯ୍ୟୋଦୟ ହୁଏ) ହେଲେ ଚଇତ ମାସ ବି ଆଗେ ଆସୁଛି କି ? କେଜାଣି ଆସୁଥିବ ।" ହି ହି ହି ହସିଲେ ବାକି ସବୁ । "ହଉ ଯାଆ ଶୀଘ୍ର, ଆମ ସାଇରେ ବାରହା ମାତିଛି, ତୁମେ ଗଲେ ଏକା ମାରି ପାରିବ ।" ଆଉ ଜଣେ କହିଲା । ହୋ ହୋ ହୋ ହୋଇ ହସିଲେ ସବୁ, ତାପରେ ଚାଲିଗଲେ ନିଜ ବାଟରେ ।

ବିର୍ସୁ ଦେଖିଲା ଆଉ ଏ ଧନୁ ତୀର ସବୁ ସାଙ୍ଗରେ ନେଇକି ଶଶୁର ଘର ଗାଆଁ ଭିତରକୁ ପଶି ହେବ ନାହିଁ । ପୁଣି କିଏ କେତେ କଥା ଶୁଣେଇବେ । ତେଣୁ ସେ, ସେଇଠି ଗୋଟେ ବୁଦା ମୂଳେ, ଅଳ୍ପ ଟିକେ ମାଟି ଝାଟି ଆଡେଇ ଦେଇ ଧନୁ ଓ ତୀର'କୁ ଲୁଚେଇ ରଖିଦେଲା ଓ ଉପରେ ଅଳ୍ପ ମାଟି ଓ ଶୁଖିଲା ଡାଳ ପତ୍ର ଘୋଡ଼େଇ ଦେଇ ନିଶ୍ଚନ୍ତରେ କାଜୋଡ଼ି ସହ ଚାଲିଲା ଗାଆଁ ଭିତରକୁ ।

କିଛିଦିନ ସିନ୍ଧିପାର'ରେ କଟେଇ ସାରି ଦୁହେଁ ଯଥାରୀତି ବାହୁଡ଼ିଲେ । ଧନୁ ତୀର ଯେଉଁଠି ଲୁଚେଇ ରଖିଥିଲେ ସେଇଠି ମାଟି ଘାସ ଆଡ଼େଇ ଦେଖି ବିର୍ସୁ ଅବାକ୍ । ଧନୁ ହେଇଥିବା ବାଉଁଶ ବତା ଖଣ୍ଡକରୁ ଚେର ବାହାରି ପତ୍ର ଗଜା ମାରିଲାଣି । କେଉଁ ଦିନର ଶୁଖିଲା ବାଉଁଶ'ର ଧନୁ - ଏଠି କଞ୍ଚା ବାଉଁଶ ଗଛକୁ ପରିବର୍ତ୍ତିତ ହୋଇଯାଇଛି ! ଡାକିଲା କାଜୋଡ଼ିକୁ- "ଦେଖ ତ କଣ ଏଇଟା ଏମିତି ହେଇଗଲା ?" କାଜୋଡ଼ି ପାଦରେ ମାଟି ଆଡ଼େଇ ତୀର ଖୋଜିଲା ବେଳକୁ ତୀର ପାଲଟି ଯାଇଛି ଲିଙ୍ଗ ଆକାରର ଗୋଟେ ଅଦ୍ଭୁତ ରୂପରେ । ସେଇଠୁ ହିଁ ଡାକ ପକେଇଲା କାଜୋଡ଼ି - "ଏ ବାଆ ! ଏ ମାଆ ! ! ଏ ଦାଦାମାନେ - ଟିକେ ଆସ ତ ! !"

କେବଳ ବଡ଼ ନାୟକ ଘର ଲୋକ ନୁହେଁ, ଧୀରେ ଧୀରେ ପୁରା ଗାଆଁଟା ସାରା ଲୋକେ ଜମା ହେଇଗଲେ ସେଇଠି । ସବୁ ଦେଖିଲେ ଧନୁରୁ ଚେର ଗଜା ବାହାରି ଆସିଥିବା ସେ ଅଦଭୂତ ବାଉଁଶ ଗଛକୁ ଓ ଲିଙ୍ଗକୃତିରେ ପରିବର୍ତ୍ତିତ ସେ ତୀରକୁ । ଆସିଲେ ଦିଶାରୀ ଆସିଲେ ଗାଆଁର ପ୍ରତିପତ୍ତିଶାଳୀ ଦାମୀ ଘର ଲୋକ । ଗଣନା ଆଲୋଚନା ବିଚାର ପରେ ଜଣା ପଡ଼ିଲା ଯେ ସେଇଟି ଗୋଟିଏ ଦେବୀ ଆସ୍ଥାନ ସ୍ଥଳ । ଏହି ଧନୁ ତୀର ମାଧ୍ୟମରେ ଏବେ ଏ ଦେବୀ ସାଧାରଣ ଲୋକଙ୍କ ସମ୍ମୁଖରେ ଆବିର୍ଭୂତ ହେଲେ ।

ଏହା ଶୁଣି ଚମକୃତ ହେଲେ ସମସ୍ତେ । ଦିଶାରୀ ସମେତ ବଡ଼ ନାୟକ, ଦାମୀ, ଜାନି ପୁଣି ତାଙ୍କ ବନ୍ଧୁ ବାନ୍ଧବମାନେ ସମସ୍ତେ ମିଶି ସେଇଠି ଅଧିଆ ପଡିଲେ । କେମିତି କଣ ପୂଜା ପାଇବେ ସବୁ ଗୋଟି ଗୋଟି ଜଣା ପଡ଼ିଲା । ଛେଳି ମେଣ୍ଢା କୁକୁଡା ଇତ୍ୟାଦି ବଳି ଭୋଗ ଲାଗିଲା । ସେଇ ଦିନ ଠାରୁ ଦେବୀଙ୍କ ନାଆଁ ହେଲା 'କଣ୍ଟା ବାଉଁଶୁଣୀ ମା' । ଏବଂ ଆବିର୍ଭୁତ ହୋଇଥିବା ସେଇ ମଙ୍ଗଳବାର ଯାହାକି ପୁଷ ପୁନେଇଁ ପୂର୍ବ ବା ପୁଷ ମାସର ଶେଷ ମଙ୍ଗଳବାରକୁ ଦେବୀଙ୍କ 'ବାର୍ଷିକ ଉତ୍ସବ' ଦିନ ଭାବରେ ମାନିଲେ ଓ ଆଜି ପର୍ଯ୍ୟନ୍ତ ପାଳିତ ହେଇ ଆସୁଅଛି । କେବଳ ସେଇ ଗୋଟାଏ ଦିନ, ଦିନରେ କୌଣସି ଭୋଗ ଲାଗେ ନାହିଁ ରାତିରେ ପୂଜା ଭୋଗ ହୁଏ ଓ ବିଶେଷ ଭାବରେ ପ୍ରସ୍ତୁତ ଅନ୍ନ ଭୋଗ ବର୍ଷକୁ ଥରେ ହେବାର ପରମ୍ପରା ରହିଛି ।

ରୀତିନୀତିରେ ବିଶ୍ୱାସ କରି ସ୍ଥାନୀୟ ଲୋକେ ସବୁ କିଛି ପାଳନ କଲେ । ଯାହା ଫଳରେ ସେଠାରେ ଧିରେ ଧିରେ କଣ୍ଟା ବାଉଁଶ ଗଛ ସଂଖ୍ୟା ବଢ଼ିଲା ଓ ଦେବୀଙ୍କ ଉତ୍ପତ୍ତି ସ୍ଥଳ ଓ ଲିଙ୍ଗ ରହିଥିବା ସ୍ଥାନକୁ ଘେରି ରହିଗଲା । ଦେବୀଙ୍କ ସ୍ୱପ୍ନାଦେଶ ଅନୁସାରେ- ସେତିକି ସ୍ଥାନ ତାଙ୍କ ଘର; କେହି ଯଦି ସେ ବାଉଁଶ ଜଙ୍ଗଲ ଭିତରେ ଗଛ ଡାଳ କାଟିବ ତାର ଘୋର ଅନିଷ୍ଟ ହେବ । କେବଳ ବର୍ଷକୁ ଥରେ ପୌଷ ଶେଷ ମଙ୍ଗଳବାର ପୂର୍ବ ଦିନ ସେଠାରେ ଅଳ୍ପ କିଛି ଡାଳପତ୍ର ସଫା କରିବାକୁ ଅନୁମତି ଅଛି- ଯେମିତି କି ଦେବୀଙ୍କ ପୂଜା ଓ ବାର୍ଷିକ ଉତ୍ସବ ସୁରୁଖୁରୁରେ ସମାପନ ହେଇ ପାରିବ ।



କିଏ କେବେ ଏହି ବାଉଁଶ ଜଙ୍ଗଲ ଭିତରେ ଥିବା ଗଛମାନଙ୍କରୁ ଡାଳ କାଟିଛି ବା ଗଛ ହାଣି ଜାଗା ସଫା କରିବାକୁ ଚେଷ୍ଟା କରିଛି ଓ ସେମାନଙ୍କର କଣ କଣ ଅସୁବିଧା ହୋଇଛି - ସେସବୁର ରହିଛି ଲମ୍ବା ତାଲିକା । ବର୍ତ୍ତମାନ ସେଠାକାର ପୂଜକ ପରିବାର ଦାମୀ ବା ବଡ଼ ନାୟକ ପରିବାର ଲୋକେ ଶୁଣେଇବେ । ଆହୁରି ଶୁଣେଇବେ ପୌଷ ପର୍ବ, ତିନି ବର୍ଷରେ ଥରେ ହେଉଥିବା ବିଶେଷ ଘଟ ପର୍ବର ବିଭିନ୍ନ ନୀତି ବିଷୟରେ ।

ପ୍ରସଙ୍ଗ-୭

# ବାଉଁଶର ବୈଚିତ୍ର୍ୟ





ଲେଖକ ବିଜୟ ଉପାଧ୍ୟାୟ

# ଦେଶିଆମାନଙ୍କ ବାଉଁଶ କାରିଗରୀ

**ବିଜୟ ଉପାଧ୍ୟାୟ**

ମାର୍ଫତ: ରୀତା କରନ୍, ଅଧ୍ୟକ୍ଷା: ବିଜୁ ପଟ୍ଟନାୟକ କଲେଜ, କୁନ୍ଦ୍ରା, ଜୟପୁର, କୋରାପୁଟ-୭୬୪୦୦୨

ଫୋନ:୯୬୬୮୨୨୨୭୬୨

ଫଟୋ ସୌଜନ୍ୟ : ଲେଖକ ଓ ଗୁଗୁଲ୍


ଅବିଭକ୍ତ କୋରାପୁଟ ଜିଲ୍ଲାରେ ବାସ କରୁଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟକୁ ସାମଗ୍ରିକ ଭାବେ ଦେଶିଆ ବୋଲି ଅଭିହିତ କରାଯାଏ । ଆମ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କୁ କୁହାଯାଏ 'ଗୁଡ଼ିଆ' । ଅବଶ୍ୟ ସାମାନ୍ୟ ତାଚ୍ଛଲ୍ୟ ସହକାରେ ଏ ଶବ୍ଦ ବ୍ୟବହାର କରିଥାନ୍ତି ସେହି ଆଦିବାସୀମାନେ । ଦେଶିଆମାନେ ଯେଉଁ ଆବଶ୍ୟକ ପରିବେଶ ଓ ସଂସ୍କୃତି ଭିତରେ ବଢ଼ି ଆସିଛନ୍ତି, ସେଥିରେ ସ୍ୱାଭାବିକ ଭାବେ ସୃଷ୍ଟି ବା ପ୍ରକୃତି ଅର୍ଥାତ୍ ପ୍ରକୃତିର ପ୍ରତିଟି ଉପାଦାନ ବିଶେଷ ଭାବେ ବୃକ୍ଷ ହେଉଛି ଦେବତା । ପୁଣି ଯେଉଁ ବୃକ୍ଷ ବା ଗଛ ଯେତେ ଉପକାରୀ, ସଂସ୍କୃତିଗତ ଭାବେ ସେ ଗଛର ସ୍ଥାନ ସେତେ ଉପରେ । ସୁତରାଂ ମହୁଲ, ସର୍ଗୀ, ସଲପ ଓ ଆମ୍ବ ଇତ୍ୟାଦିର ସ୍ଥାନ ସ୍ୱତନ୍ତ୍ର । କିନ୍ତୁ ଦୈନନ୍ଦିନ ଜୀବନର ବ୍ୟବହାର ଉପଯୋଗିତା ଓ ଅର୍ଥନୈତିକ ଭୂମିକା ଯୋଗୁଁ ବାଉଁଶ ବା ଦେଦୁର୍ ହେଉଚି ଆଦିବାସୀର ଜୀବନ । ଉଦ୍ଭିଦ ବିଜ୍ଞାନୀ ଦୃଷ୍ଟିରେ ଏହା ସାମାନ୍ୟ ତୃଣ ପରିବାରର

ରେବତୀ ଆମ ମାଟିର ସ୍ୱର

ଅନ୍ତର୍ଭୁକ୍ତ । କାଗଜ ଓ ପ୍ଲାଇଉଡ଼ର୍ ଶିଳ୍ପପତି ତଥା ଏସବୁକୁ ଲିଜ୍ ଦେଉଥିବା ସରକାରଙ୍କ ଦୃଷ୍ଟିରେ ଏହା ମୁନାଫା ଓ ରୟାଲ୍‌ଟି ଆଣି ପାରୁଥିବା ଏକ ଲଘୁ ବନଜାତ କଂଚାମାଲ । ଗଡ଼ିଆ ଲୋକମାନଙ୍କ ପାଇଁ ଘର ଓ ବାଡ଼ ତିଆରି ଲାଗି ଏହା ଏକ ବଢ଼ିଆ ସାମଗ୍ରୀ ଓ ଗୃହୋପକରଣର କଂଚାମାଲ । ଅଥଚ ଆଦିବାସୀ ପାଇଁ ଏହା ହେଉଛି ସତରେ ଜୀବନ, ତେଣୁ ଦେବତା ।

ପ୍ରତି ୩ ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ବଡ଼ ପରବ ସମୟରେ ଏବଂ ପ୍ରତି ବର୍ଷ ଦଶରା ସମୟରେ ଗୋଟିଏ ବଡ଼ ବାଉଁଶର ଦଣ୍ଡ ବା ଲାଠିକୁ ଦେବତା ରୂପେ ନୀତି ନିୟମରେ ପୂଜା କରି ବିଭିନ୍ନ ଅଂଚଳରୁ ମାନେମ୍ କୋଣ୍ଡା ତଥା ଜୟପୁରକୁ ନିଆ ଯାଇଥାଏ । କିଛିହେଲେ ଖୁଣ ନଥିବା ଲମ୍ବା ମୋଟ ବାଉଁଶଟିଏ ଏଥିପାଇଁ ନିର୍ବାଚନ କରାଯାଏ । ତା'ପରେ ସେଥିରେ ବିଭିନ୍ନ ପ୍ରକାରର ବାନା ଖଞ୍ଜି ଓ ମନ୍ତ୍ର ପଢ଼ି ଦିଶାରି, ନାୟକ ଓ ଗୁରୁମାଈମାନେ ତାହାକୁ ଜୀବନ୍ୟାସ ଦେଇ ଦେବତାରେ ପରିଣତ କରିଥାନ୍ତି । ଗାଁ ତଥା ଅଂଚଳଯାକର ଲୋକ ପାରମ୍ପରିକ ବାଦ୍ୟର ତାଳେ ତାଳେ ନାଚଗୀତ ମଧ୍ୟରେ ଏହି ବାଉଁଶକୁ ଜୟପୁର ମାନମ୍ କୋଣ୍ଡା, ମାଲକାନଗିରି ତଥା ମାରିବେଡ଼ା (ମାଉଲିମା ମନ୍ଦିର)କୁ ବୋହି ନେଇଥାନ୍ତି । ମାଲକାନ୍‌ଗିରିର ଚେଡେଙ୍ଗା ଏହି ବାଉଁଶ ଯୋଗାଇଥାଏ । ଅଞ୍ଚଳର ସବୁଠାରୁ ବଡ଼ଲାଠି ଓ ସେଥିଲାଗି ବିଶେଷ ମର୍ଯ୍ୟାଦାର ଅଧିକାରୀ ହୁଅନ୍ତି ସେ ଗାଁର ଲୋକେ । ଆଉ ତାହା ମଧ୍ୟ ଏଇଥିପାଇଁ ଯେ ଐତିହାସିକ ଭାବେ ଚେଡ଼େଙ୍ଗାର ବାଉଁଶ ଜଙ୍ଗଲ ଦେଉଚି ସବୁଠାରୁ ପୁରୁଣା ଓ ବଡ଼ ବାଉଁଶ ଜଙ୍ଗଲ । ତାକୁ ନେଇ ଅନେକ ଅନେକ ଲୋକକଥା ଓ ପ୍ରବାଦ କାଳକ୍ରମେ ଗଢ଼ି ଉଠିଛି । ଆଉ ମଧ୍ୟ ଏହି ବାଉଁଶ ନାମକୁ ଆଶ୍ରୟ କରି ଗଢ଼ି ଉଠିଛି କେତେ ଗାଁ- ବାଉଁଶ ବାହାଲ, ବାଉଁଶଗୁଡ଼ା ଓ ବେଦୁରପାଲି ଇତ୍ୟାଦି ।

ଏହାର ମୂଳ କାରଣ ହେଉଚି ଆଦିବାସୀ ଜୀବନର ବାଉଁଶର ଉପଯୋଗିତା । ବ୍ୟବହାର ଉପଯୋଗୀ କରିବା ପାଇଁ ହେଲେ ବାଉଁଶ ଉପରେ ଯେଉଁ କାରିଗରୀ କରିବାକୁ ପଡ଼େ, ସେଥିରେ ଦକ୍ଷତାରେ ପ୍ରଥମ ହେଉଛନ୍ତି କନ୍ଧ । ତାପରେ କୋୟା, ଭୂମିୟା, ପରଜା ଏବଂ ଅନ୍ୟ ସମସ୍ତ ସମ୍ପ୍ରଦାୟ । ଏପରିକି ଡମ ସମ୍ପ୍ରଦାୟ(ଦଳିତ ଗୋଷ୍ଠୀର) ମଧ୍ୟ ଏଥିରେ ଯଥେଷ୍ଟ ପାରଙ୍ଗମ । ନବରଙ୍ଗପୁର ଓ କଳାହାଣ୍ଡି ସୀମାରେଖାରେ ଅବସ୍ଥିତ ପ୍ରାୟ ୪ଖଣ୍ଡ ଜଙ୍ଗଲ ଗାଁ ଅର୍ଥାତ୍ କୌଣସି ଜଙ୍ଗଲରେ ବସତି ସ୍ଥାପନ କରି ଜଙ୍ଗଲବାସୀ ଗାଁର ମାନ୍ୟତା ପାଇଥିବା ଗାଁଗୁଡ଼ିକର ଅଧିବାସୀମାନେ ହେଉଛନ୍ତି ମୁଖ୍ୟତଃ କନ୍ଧ । ମଇଦଲପୁରରେ ଆମ୍ ପାଣି ଘାଟି ମଧ୍ୟରେ ଅବସ୍ଥିତ ଏହିସବୁ ଗାଁର କନ୍ଧମାନେ ମାତ୍ର ୨ରୁ ୩ ଏକର ଜଙ୍ଗଲଜମି ଚାଷ କରି ୪/୫ମାସର ଖୋରାକ ସଂଗ୍ରହ କରିଥାନ୍ତି । ବାକି ଆଠ ମାସ ସେମାନେ ଏଇ ବାଉଁଶ କାରିଗରୀ ଦ୍ୱାରା ହିଁ ଜୀବିକା ନିର୍ବାହ କରିଥାନ୍ତି । ଯେକୌଣସି କନ୍ଧ ଗାଁର କାହାରି ଘରକୁ ଗଲେ ଜଣେ ଦେଖିବ ବୁଢ଼ାମାନେ କାଟରା ଓ



ଛୁରୀରେ ବାଉଁଶକୁ ସରୁ ସରୁ କରି ଚାଞ୍ଛି ବିଭିନ୍ନ ଓସାର ବିଶିଷ୍ଟ ପାତିଆ ତିଆରି କରିବାରେ ବ୍ୟସ୍ତ । ହାତରେ ଥିବା ଏହି ଛୋଟ ସାଇଜ୍‌ର ଧାରୁଆ ଛୁରିକୁ ଏତେ କୁଶଳ ଭାବେ ସେମାନେ ବ୍ୟବହାର କରନ୍ତି ଯେ ଯେପରି କି ତାହା ତାଙ୍କର ଦେହର ଅଙ୍ଗ । ଠିକ୍ ବାଲେଶ୍ୱରରେ ଗୋଲା ବା କେଉଟ ସମ୍ପ୍ରଦାୟ ଦିନରାତି ଜାଲ ବୁଣିବା ଭଳି । କଥା କହୁଥିବେ ହାତ ଚାଲିଥିବ । ମୟୂରଭଞ୍ଜ, କେନ୍ଦୁଝର ଅଞ୍ଚଳର ମୁଣ୍ଡା ଓ ସାନ୍ତାଳମାନଙ୍କ ଶାଳପତ୍ର ସିଲାଇ ମଧ୍ୟ ଏହିପରି ଅବଲୀଳା କ୍ରମେ ଚାଲିଥାଏ । ଏହିସବୁ ବାଉଁଶପାତିଆରୁ କମ୍ ବୟସରେ ଅନ୍ୟ ପରିବାର ସଦସ୍ୟମାନେ ବିଶେଷକରି ସ୍ତ୍ରୀମାନେ ବିଭିନ୍ନ ଜିନିଷ ଭିତରେ ମୁଖ୍ୟ ହେଉଛି ଆଦିବାସୀ ସମାଜରେ ବ୍ୟବହାର ଉପଯୋଗୀ କୃଷି ଉପକରଣ, ମାଛଧରା ଉପକରଣ, କ୍ରୀଡ଼ା ଉପକରଣ ଇତ୍ୟାଦି । ମଇଦଲପୁରର ସାପ୍ତାହିକ ରବିବାର ହାଟରେ ଏସବୁ ଉପଲବ୍ଧ ହଏ ।

ଖାଲି ଏଇ ଗୋଟିଏ ଅଞ୍ଚଳରେ ଯେ ଏହି ବାଉଁଶ ସ୍ଥାନୀୟ ଆଦିବାସୀମାନଙ୍କୁ ଅଧା ବର୍ଷର ଅର୍ଥନୈତିକ ସହଯୋଗ ଯୋଗାଇଥାଏ, ତାହା ନୁହେଁ, ଅବିଭକ୍ତ କୋରାପୁଟ ଜିଲ୍ଲା ଯାକ ଏଇ ଦୃଶ୍ୟ । କୋୟା ଗାଁମାନଙ୍କରେ ସବୁ ଡୋକ୍ରା କୁଜ କାଢ଼ି ବସିଥିବେ ଖଣ୍ଡିଏ ଲେଖା ଲେଙ୍ଗୁଟି ପିନ୍ଧି ଓ ବାଉଁଶ ଛୁଞ୍ଚି ଚାଲିଥିବେ । ଭୂମିୟା ପରିବାରର ମଧ୍ୟ ବିଭିନ୍ନ ଉପକରଣ ଆବଶ୍ୟକତା ଅନୁଯାୟୀ ତିଆରି ହୋଇଥାଏ । ଯେପରିକି ଶସ୍ୟ ଅମଳ-ଆଦାୟ ସମୟରେ ତିଆରି ହୁଏ ଜିଗାଡ଼ି ଓ କାଉଡ଼ି ବା ବାଉଁଶ ବୁଣା କରେଇ ବା ଆମର କିମ୍ୱା କଲ୍‌କି ବା ଡୁଡ଼ି । ଗୋଟିଏ ବାଉଁଶକୁ ୬/୭ଫାଳ କରି ଏହି ଅମାର ତିଆରି ହୁଏ । ବଜାରରୁ ଏହା କିଣିନେବା ପରେ ଘରେ ମାଟି ଓ ଗୋବର ଦ୍ୱାରା ଏହାର



ଫାଙ୍କମାନଙ୍କୁ ଲେପି ପୂରଣ କରାଯାଇଥାଏ । ଏଥିରେ ୩୦ ପୌଟିରୁ ଊର୍ଦ୍ଧ୍ୱ ଧାନ ରହିପାରେ । କଳକି ବା ଡୁଡ଼ି ଅମାର ଠାରୁ ଛୋଟ ଯେଉଁଥିରେ ପ୍ରାୟ ୬ ରୁ ୮ପୌଟି ଧାନ ଧରିଥାଏ । ଏହା ଆଉ ଟିକିଏ ପତଳା ପାତିଆରେ ତିଆରି ହୁଏ । ଧାନ ରଖି ସାରିବା ପରେ ତାରି ଉପର ଅଂଶକୁ 'ପିରି' ବା ପାଳ ବା ଜଙ୍ଗଲ ଘାସ ଦ୍ୱାରା ନିବୁଜ କରି ମାଟି ଓ ଗୋବର ଦ୍ୱାରା ଲିପି ଦିଆଯାଏ । ଏସବୁ ଠାରୁ ଛୋଟ ଆଉ ଏକ ପ୍ରକାର ଡାଲା ତିଆରି ହୋଇ ହାଟ ବଜାରକୁ ଆସେ ଯାହାକୁ କୁହାଯାଏ 'କରଲି' ଯେଉଁଥିରେ ୨୫ରୁ ୩୦କେ.ଜି. ପର୍ଯ୍ୟନ୍ତ ଧାନ କରିଥାଏ । ମୂଳିଆ ମଜୁରିଆ ଶ୍ରେଣୀର କେତେକ ପରିବାର ତଥା ଛୋଟ ଚାଷୀମାନେ ଏହା ବ୍ୟବହାର କରିଥାନ୍ତି ।

ବର୍ଷାଦିନରେ ବଜାରକୁ ଆସେ ଚାତଡ଼ି ଓ ଛାତୋଡ଼ି । ସରୁସରୁ ବାଉଁଶ ପାତିଆରୁ ଏହା ଟୋପି ଆକାରରେ ତିଆରି ହୁଏ । ଚାତଡ଼ିର ସାଇଜ୍ ଟିକିଏ ଛୋଟ । ଛାତୋଟି ସାମାନ୍ୟ ବଡ଼ ଛତା ଭଳି ମୁଣ୍ଡ ଉପରେ ରହିପାରେ ଓ ଗୋଟିଏ ରଶି ଦ୍ୱାରା ବେକ ସହ ସଂଯୁକ୍ତ ହୋଇଥାଏ । ଏହି ଛାତୋଡି ସହ କେତେକ ସ୍ଥାନରେ ସର୍ଗୀ (ଶାଳ) ବା ସିଆଡ଼ି ପତ୍ର ସିଲାଇ କରାଯାଇଥାଏ । ପୁଣି ଏଥିରୁ ବର୍ଷାଦିନେ ବିଭିନ୍ନ ମାଛଧରା ଉପକରଣ ମଧ୍ୟ ପ୍ରସ୍ତୁତ ହୋଇଥାଏ । ଯେପରିକି ଡୁଟି ବା ମାଛଧରା ଖାଳେଇ, ମୁଣ୍ଡି କକରଲି ଯେଉଁଥିରେ ପାଣି ବାହି ଛୋଟ ଛୋଟ ଖାତଖଣା ବା କିଆରୀରୁ ପାଣି ଶୁଖାଯାଏଏ ଚାଦର୍ ବା ଏକ ପ୍ରକାରରେ ଖଇଁଚି, ବିସର୍ ବା ସରୁସରୁ ଲମ୍ବା ବାଉଁଶକାଠି ଓ ରଶି ଦ୍ୱାରା ପ୍ରସ୍ତୁତ ମାଛଧରା ପଟା । ବିସରର ଲମ୍ବା ୧୦ରୁ ୧୫ଫୁଟ୍ ପର୍ଯ୍ୟନ୍ତ ହୋଇଥାଏ ଏବଂ ନଦୀ ବା ଝୋଲା ବା ଗାଡ଼ରୁ ଛୋଟବଡ଼ ମାଛ ଧରିବା ପାଇଁ ପାଣି ସୁଅରେ ଏହାକୁ ବସାଇ ରଖାଯାଏ । ସ୍ଥଳବିଶେଷରେ ବଡ଼ ନଦୀର ଓସାର ଅନୁଯାୟୀ ୫/୬ଟି ବିସର ଯୋଡ଼ାଯାଇ ମାଛ ଧରାଯାଏ । ବାନ୍ଦର୍ ମଧ୍ୟ ବିଭିନ୍ନ ପ୍ରକାରର ହୋଇଥାଏ । ଗୋଲ୍ ହୋଇ କିମ୍ବା ଲମ୍ବା, ମୁହଁ ପଟ ଖୋଲା ଓ ପଛପଟ ସରୁ- ମଝିରେ ଥାଏ ଶିଙ୍ଗା ବା କବାଟ ଠିକ୍ ଖଇଞ୍ଛ ଭଳି । ଅନ୍ୟଟି ଚାରିକୋଣିଆ । ଏଇଭଳି ଦୁଇ ପ୍ରକାରର ବାନ୍ଦର ଏଠାରେ ପ୍ରଚଳିତ ହୁଏ ।

ବାକି ବର୍ଷଯାକ ଯେଉଁସବୁ ବାଉଁଶ ତିଆରି ଜିନିଷ ତିଆରି ଓ ବିକ୍ରି ହୁଏ, ସେସବୁ ହେଉଛି ଛପା ବା ପତଳା ବାଉଁଶ ପାତିଆ ପ୍ରସ୍ତୁତ ମସିଣା । ଏହାର ଆଦର ସବୁଠୁ ବେଶି । ବାଉଁଶ ଖଟିଆ ଉପରେ ପଡ଼ିବା ଉଦ୍ଦେଶ୍ୟରେ ଏହା ବିଭିନ୍ନ ସାଇଜ୍‌ର ହୋଇଥାଏ । ଏହା ଆଦିବାସୀ ପଲ୍ଲୀର ଘରେଘରେ ବସାଉଠା ଓ ଶୋଇବା ପାଇଁ ତଥା ଅତିଥି ଅଭ୍ୟାଗତମାନଙ୍କ ପାଇଁ ବ୍ୟବହାର ହୋଇଥାଏ ।



ଦ୍ୱିତୀୟରେ ଚାଙ୍ଗଡ଼ା, ଯାହାକି ଗୋଟିଏ ପ୍ରକାର ଛୋଟ ଡାଲା । ଏହା ପାତିଆରୁ ପ୍ରସ୍ତୁତ ହୋଇଥାଏ । ପୁଣି ଆଉ ପ୍ରକାର ଡାଲା ସରୁକାଠି ଦ୍ୱାରା ମଧ୍ୟ ପ୍ରସ୍ତୁତ ହୋଇଥାଏ । ଚାଉଳ ପତ୍ର ଧୋଇବା ପାଇଁ ଗୋଟିଏ ପ୍ରକାର ଛୋଟ ଚାଙ୍ଗଡ଼ା ତିଆରି ହୁଏ ଯାହାକୁ କୁହାଯାଏ ଚୁର୍କି । ଚୁଡ଼ା ଓ ମୁଢ଼ି ଖାଇବା ଲାଗି ଏହାକୁ ଆଉ ଟିକିଏ ସାନ କରି ମଧ୍ୟ ତିଆରି କରାଯାଏ । ବର୍ଷଯାକ ମିଳୁଥିବା ୩ୟ ପ୍ରକାର ଗୃହୋପକରଣ ହେଉଛି ଚାଟ୍‌ନା ବା ଝୁଡ଼ି । ଏହା ୫/୬ପ୍ରକାର ଓ ବିଭିନ୍ନ ଆକାରର ହୋଇଥାଏ ଏବଂ ତିଆରି ହୋଇଥାଏ ଟିକିଏ ମୋଟା ବାଉଁଶ ପାତିଆରେ । ଗୋବର ଚାଟ୍‌ନା (ଗୋବର ଉଠାଇବା ପାଇଁ), ମାଟି ଉଠା ଚାଟ୍‌ନା, ପୁଣି ପନିପରିବା ତୋଳିବା ଓ ବିକିବା ପାଇଁ ପରିବା ଚାଟ୍‌ନା ତିଆରି ହୋଇଥାଏ । ଜଙ୍ଗଲରୁ ବାରୁ ବା କାଠ ଆଣିବା ପାଇଁ ଅନ୍ୟପ୍ରକାର ଚାଟ୍‌ନା ବା ଯେଉଁ ଝୁଡ଼ି ବ୍ୟବହାର ହୁଏ, ତାହାକୁ କୁହାଯାଏ ଜିଗାଡ଼ି । କେଉଁଠି କେଉଁଠି ଏହାକୁ ନିଗାଡ଼ି କାଉଡ଼ି ମଧ୍ୟ କୁହାଯାଇଥାଏ ।

୪ର୍ଥ ପ୍ରକାର ଉପକରଣ ହେଉଛି ଚାଲ୍‌ନି ବା ବିଭିନ୍ନ ପ୍ରକାର ଚାଲୁଣି । ଶସ୍ୟରୁ ଗୋଡ଼ି, ବାଲି ବାହାର କରିବା ପାଇଁ ଛୋଟ ଚାଲ୍‌ନି ଏବଂ ଧାନରୁ







ଗୋଡ଼ି ବାଲି ବାହାର କରିବା ପାଇଁ ବଡ଼ ଚାଲ୍‌ନି ।

୫ମରେ ହେଉଚି ପାଛୁଡ଼ା ପାଛୁଡ଼ି କାମରେ ଆସୁଥିବା କୁଲା ଓ କୁଲେଇ । ୬ଷ୍ଠରେ ବାଉନି ବା ଝାଡୁ ଯାହା ଖୁବ୍ ସରୁ ବାଉଁଶ କାଠିରୁ ତିଆରି ହୋଇଥାଏ । ୭ମରେ ବିଂଚନା ବା ବିଂଚଣା । ଏ ସବୁକୁ ଛାଡ଼ି ଆଦିବାସୀର ସବୁ ଦିନିଆ କାମରେ ଲାଗୁଥିବା ଅଥଚ ବଜାରରେ ମିଳି ପାରୁ ନଥିବା କିଛି ଜିନିଷ ତିଆରି ହୁଏ ଯାହାକି ବ୍ୟକ୍ତିଗତ ଭାବେ ଲୋକ ବଡ଼ ସଉକରେ ତିଆରି କରିଥାନ୍ତି । ଏଥିରୁ ମୁଖ୍ୟ ହେଉଚି ଦୁନବା ଧନୁ ଯାହା ତିଆରି ହୁଏ ପାକଳ, ନିଦା ଜଙ୍ଗଲ ବାଉଁଶରୁ । ପାକଳ ପାଣି ବାଉଁଶରୁ ତିଆରି ହୁଏ ତୀର, ଯାହାକୁ କୁହାଯାଏ କାଣ୍ଡଶର । ପୁଣି ପନ୍ତି ବା ଧନୁର ଗୁଣ, ଯାହା ଡଙ୍ଗର ବାଉଁଶ ଓ ରଶି ଦ୍ୱାରା ତିଆରି ହଏ । ପୁଣି ତିଆରି ହୁଏ ବିଟା ବା ଡୁଇଲ ନାମକ, ବାଉଁଶ ଠିପି ଯାହା ତୀର ଅଗ୍ରଭାଗରେ ଖଞ୍ଜା ହେବା ପାଇଁ ତିଆରି ହୁଏ ଓ ପକ୍ଷୀ ଶୀକାରରେ ବ୍ୟବହାର ହୁଏ । ମିରିଗୁଲି ବା ବାଉଁଶ ତିଆରି ପାଣି ବାହିବା ଯନ୍ତ୍ର ବଡ଼ ଚାଙ୍ଗଡ଼ା ସାଇଜର ହୋଇଥାଏ ଓ ତାହାର ଦୁଇପଟେ ଚାରୋଟି ରଶି ଲାଗିଥାଏ । ଗିରା ବା ଡଙ୍ଗା ସାଇଜର ନିର୍ମିତ ବାଉଁଶ କାଠି ଓ ରଶିର ବଡ଼ ବିସର୍ ମଧ୍ୟ ତିଆରି କରାଯାଏ । ଗିରି ଗଳିରେ ପାଣି ବାହିଦେବା ପରେ ଏହି ଗିରା ଦ୍ୱାରା ବେଢ଼ାରୁ ମାଛ ମରା ଯାଇଥାଏ । ଶିରା ହେଉଛି ସଲପ ପାରିବା ବାଉଁଶ ଯାହା ପାକଳ, ମୋଟା ତଥା ଶାଖା ପ୍ରଶାଖା ଯୁକ୍ତ ହୋଇଥାଏ । ଉପରକୁ ଉଠି ପାରିବା ଭଳି ଶାଖା ରଖି ଏହାକୁ ପ୍ରସ୍ତୁତ କରାଯାଏ । ସୁରୁଡ଼ି ବା ଆଡ଼ବଂଶୀ ହେଉଚି କନ୍ଧ ସମାଜରେ ବ୍ୟବହୃତ ବିଶେଷ ଧରଣର ବଂଶୀ । ଅନେକଥର ବୁଢ଼ାବୁଢ଼ୀ ଲୋକ ଅଭିଯୋଗ କରିଥାନ୍ତି ଯେ ଭଲ ସୁରୁଡ଼ିଟିଏ ତିଆରି କରିବା ପାଇଁ ଉପଯୁକ୍ତ ପାକଳ ବାଉଁଶ ଆଉ ମିଳୁନାହିଁ । ସେଥିପାଇଁ ଅନେକ ସ୍ଥାନରେ ବହୁ ପୁରୁଣା ସୁରୁଡ଼ିକୁ ସୂତାଗୁଡ଼ି ହୋଇ ବ୍ୟବହାର ହେବାର ଦେଖାଯାଏ । ଏପରିକି ଫାଟି ଯାଇଥିଲେ ମଧ୍ୟ ତାକୁ କଟା ଗୁଡ଼ାଇ ବାଦକମାନେ ବ୍ୟବହାର କରିବା ଦେଖା ଯାଇଥାଏ ।

ଜାପିପେଢ଼ି ହେଉଚି ସରୁ ବାଉଁଶରେ ଘଞ୍ଚ ବୁଣେଇ ହୋଇଥିବା ଏକ ପ୍ରକାର ବାକ୍ସ ଯାହା ପଇସାପତ୍ର ତଥା ଅନ୍ୟାନ୍ୟ ମୂଲ୍ୟବାନ୍ ଜିନିଷ ରଖିବା ପାଇଁ ବ୍ୟବହାର କରାଯାଇଥାଏ । ଏଥିରେ ଦାମୀ ଲୁଗାପଟା ଓ ଅଳଙ୍କାର ପତ୍ର ମଧ୍ୟ ରଖାଯାଏ । ତେବେ ଏହାର ପ୍ରଚଳନ ଧୀରେ ଧୀରେ କମି ଯାଉଛି ।





ଜୁଲ୍‌ନି ବା ଝୁଣା ହେଉଚି ଆଦିବାସୀ ବାଉଁଶ କାରିଗରୀର ଆଉ ଏକ ସୁନ୍ଦର ନମୁନା । ଏହା ବିଭିନ୍ନ ପ୍ରକାରର ହୋଇଥାଏ ଓ ଆଦିବାସୀ କଳାକାରର ସୃଜନଶୀଳତାକୁ ସୁନ୍ଦର ଭାବେ ପ୍ରକାଶ କରିଥାଏ । ସେହିପରି ପେଣ୍ଡମ୍ ତିଆରି ଶକ୍‌ଲା ସ୍ୱତନ୍ତ୍ର ଭାବେ ତିଆରି ହୁଏ ବାଉଁଶ ପାତିଆରୁ । ଏହା ୪ଫୁଟ୍‌ରେ ୪ଫୁଟ୍ ଚାରିକୋଣିଆ ଅଳ୍ପ ଫାନ୍ଦ ଥିବା ଏକ ଡାଲା ଯେଉଁଥିରେ ମାଣ୍ଡିଆ ବା ଚାଉଳ ପେଣ୍ଡମ୍ ଶୁଖାଯାଏ । କେହିକେହି ଏଥିରେ ଧାନ ମଧ୍ୟ ଶୁଖାଇଥାନ୍ତି । ପୁଣି ତିଆରି ହୁଏ ଡେଗ୍‌ନା ଶିଡ଼ି, ଯାହା ସଲପ ଗଛ ଉପରକୁ ଚଢ଼ିବା ପାଇଁ ବ୍ୟବହାର ହୁଏ ।

ସର୍ବଶେଷ ପଦାର୍ଥଟି ହେଉଛି ମୃତ୍ୟୁ ପରେ ବ୍ୟବହୃତ କୋକେଇ ବା ଡାଣ୍ଡିଆ । ପ୍ରାୟ ୧୦ଫୁଟ୍ ଲମ୍ବରେ ୨ଟି ବାଉଁଶକୁ ନେଇ ସମାନ୍ତର ଭାବେ ରଖି ସିଡ଼ି ଭଳି ତାହା ମଝିରେ ବାଉଁଶ ଫାଳ ଖଞ୍ଜା ଯାଇ ବାନ୍ଧି ଦିଆଯାଏ । ଏହା ଶବ ବୋହିବା ପାଇଁ ବ୍ୟବହାର କରାଯାଏ ଓ ଥରେ ବ୍ୟବହାର ହେଲା ପରେ ମଶାନ୍‌ରେ ଫୋପାଡ଼ି ଦିଆଯାଏ । ଏହିପରି ଜୁଲନି ଠାରୁ ଡାଣ୍ଡିଆ ପର୍ଯ୍ୟନ୍ତ ଅର୍ଥାତ୍ ଆଦିବାସୀର ଜନ୍ମ ଠାରୁ ମୃତ୍ୟୁ ଯାଏଁ ବାଉଁଶର ଆବଶ୍ୟକତା ଅବ୍ୟାହତ ଓ ଅବାରିତ ।

ବାଉଁଶ ବୁଣେଇର ଏହି ଲୋକପ୍ରିୟ ଶିଳ୍ପ କ୍ରମେ କମି ଯିବାରେ ଲାଗିଛି । କାରଣ ବାଉଁଶ ସମ୍ପଦ ବିଭିନ୍ନ କାରଣରୁ ଧୀରେ ଧୀରେ ଲୋପ ହେବାକୁ ବସିଛି । ବିଶେଷକରି ଫରେଷ୍ଟ କର୍ପୋରେସନ୍ ତଥା ଓଡ଼ିଶା ସରକାରଙ୍କ ବାଉଁଶ ଲିଜ୍ ନୀତି ଫଳରେ ବିଭିନ୍ନ କାଗଜକଳ ଓ ଟିମ୍ବର କମ୍ପାନୀମାନେ ମନଇଚ୍ଛା ବାଉଁଶ କଟିଂ କରିବା ଦ୍ୱାରା ଏବଂ ଠିକ୍ ଭାବେ ବାଉଁଶ ରୋପଣ ନକରିବା ଦ୍ୱାରା ଏହି ପରିସ୍ଥିତି ଦେଖାଦେଇଛି । ସାମାଜିକ, ଅର୍ଥନୈତିକ, ରାଜନୈତିକ ଏବଂ କଳାତ୍ମକ ଦିଗରେ ବାଉଁଶ ଉପରେ ନିର୍ଭରଶୀଳ ଆଦିବାସୀ ବାଉଁଶ ପାଇଁ ଅନେକ ସଂଗ୍ରାମ ବି କରିଛି ଓ କରୁଛି । କାରଣ ଏହା ତା' ପାଇଁ କେବଳ ଏକ ଶିଳ୍ପ ବା କଳାର ପ୍ରଶ୍ନ ନୁହେଁ, ଜୀବନ ଓ ଜୀବିକାର ପ୍ରଶ୍ନ । ଆଉ ଯେଉଁଠି ଯେଉଁଠି କଳାର ସାମାଜିକ ଉପଯୋଗିତା ଯେତେ ଅଧିକ, ସେଠି ସେହି କଳାର ବିକାଶ ମଧ୍ୟ ସେତେ ଦୀର୍ଘସ୍ଥାୟୀ । ସୁତରାଂ ଆଦିବାସୀର ବାଉଁଶ ବୁଣେଇ ପ୍ରସଙ୍ଗ ଆଲୋଚିତ ହେଲାବେଳେ ଏହା ଉପରେ ଆଦିବାସୀର ଅଧିକାର ଯେ ଏକାନ୍ତ ପ୍ରାଥମିକ, ଏହା ଆମକୁ ମାନି ନେବାକୁ ପଡ଼ିବ ।

ପ୍ରସଙ୍ଗ-୮

# କର୍ମର କୁରୁକ୍ଷେତ୍ର : କରମ



# ଲୋକନୃତ୍ୟ : କରମା


## ପତିତପାବନ ଗିରି

ପାଳଗୁଡ଼ା, ଅଶନା, ବିଶୋଇ, ମୟୂରଭଞ୍ଜ
ଫୋନ:୭୬୦୬୯୯୫୬୯୯


ଫଟୋ ସୌଜନ୍ୟ : ଲେଖକ



◀ ଲେଖକ ପତିତପାବନ ଗିରି

ମଣିଷ ଜୀବନ ଜଞ୍ଜାଳମୟ ଓ ଦୁଃଖପୂର୍ଣ୍ଣ ଅଟେ । ଜୀବନକୁ ଟିକିଏ ସରସ ସୁନ୍ଦର କରି ଗଢ଼ି ତୋଳିବା, ସମସ୍ତଙ୍କର ହୋଇ ଜୀବନ ବଞ୍ôବା ତଥା ବଞ୍ଚିବାର ମହତ୍ୱକୁ ଉପଲବ୍ଧି କରିବା ପାଇଁ ଆମ ଦେଶରେ ବିଭିନ୍ନ ଲୋକ-ପରମ୍ପରା ଓ ଲୋକ-ସଂସ୍କୃତିମାନ ଗଢ଼ି ଉଠିଛି । 'କରମା ଲୋକନୃତ୍ୟ' ସେଥିରୁ ଅନ୍ୟତମ ଅଟେ । ଆମ ଦେଶର ମଧ୍ୟପ୍ରଦେଶ, ଛତିଶଗଡ଼, ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ପ୍ରମୁଖ ରାଜ୍ୟରେ କର୍‌ମା ଲୋକନୃତ୍ୟ ଦେଖିବାକୁ ମିଳେ । ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼ ଆଦି ଜିଲ୍ଲାରେ କୁଡୁମୀ ସମ୍ପ୍ରଦାୟ ମଧ୍ୟରେ ଏହି ଲୋକନୃତ୍ୟ ସୀମିତ ଥିଲେ ମଧ୍ୟ ସମୟକ୍ରମେ ଏହା କମାର, କୁମ୍ଭାର, ସାନ୍ତାଳ, ଗୁଞ୍ଜ, ଖଡ଼ିଆ, ଗଣ୍ଡ, ଭୂମିଜ, ଭୂୟାଁ, ଓରାମ ଆଦି ସମ୍ପ୍ରଦାୟ ମଧ୍ୟରେ ପ୍ରଚଳିତ ହେଉଥିବାର ଦେଖିବାକୁ ମିଳେ । ଅବଶ୍ୟ ଖାଦ୍ୟପେୟ, ବେଶ ଓ ପୋଷାକ, ଭାଷା, ବିବାହ ତଥା ବୃତ୍ତିଗତ ସଂସ୍କୃତି



ସହିତ ଏକତା ଓ ସାମ୍ୟତା ଥିବା ଜନଜାତି ଗୋଷ୍ଠୀଙ୍କ ମଧ୍ୟରେ ଏହି ଲୋକନୃତ୍ୟ ବଞ୍ଚି ରହିଛି ।

ଶରତ ଋତୁରେ ଭାଦ୍ରବ ମାସର ଏକାଦଶୀ ତିଥି ଦିନ କରମା ପର୍ବ ପାଳିତ ହୁଏ । କରମା ପରବ ସହିତ କରମା ନୃତ୍ୟ ଜଡ଼ିତ । ଭଣ୍ଡାର ଘରେ ଗଚ୍ଛିତ ଶସ୍ୟ କୌଣସି କାରଣରୁ ଗଜା ହେଲେ, ଏହି ମାସରେ ଗାଈ ପ୍ରଥମେ ଛୁଆ ଦେଲେ, ନିଜ ବଂଶରେ କୌଣସି ସନ୍ତାନ ଜନ୍ମ ନେଲେ କିମ୍ବା ଘର ବାଡ଼ିରେ କରମା ଗଛ ଅଙ୍କୁରିତ ହେଲେ ଏହି ପର୍ବ ପାଳନ କରାଯାଏ । ଭଲ ଶସ୍ୟ ଅମଳ, ସ୍ୱାସ୍ଥ୍ୟ ସମ୍ପଦର ଉନ୍ନତି ତଥା ସନ୍ତାନ ସନ୍ତତି ଏବଂ ପରିବାରର କଲ୍ୟାଣ ପାଇଁ ହିଁ ଏହି ପର୍ବ ପାଳନ କରାଯାଏ । ଭଲ ଚାକିରୀ, ରୋଗରୁ ରକ୍ଷା, ବିବାହ, ଉତ୍ତମ ବୃଷ୍ଟି ପାଇଁ ତଥା ଦେଶ ଓ ଜାତିର ଉନ୍ନତି ପାଇଁ ମଧ୍ୟ ଏହିପର୍ବ ପାଳିତ ହୁଏ । କରମା ପର୍ବ ମୁଖ୍ୟତଃ ଏକ କୃଷି ଭିତ୍ତିକ ପର୍ବ । କରମା ପର୍ବରେ କିଶୋର, କିଶୋରୀ ମାନେ ହିଁ ମୁଖ୍ୟତଃ ଭାଗ ନେଇଥାନ୍ତି । ପୂଜାରେ ଉପବାସ ରହୁଥିବା ବ୍ୟକ୍ତିମାନଙ୍କୁ 'ବାରୁଆତି' ବା ବ୍ରତଚାରୀ କୁହାଯାଏ । ଏମାନେ ଦିନସାରା ଉପବାସ ରହି କଠିନ ସଂଯମତା ପୂର୍ବକ କରମା ପୂଜାରେ ଭାଗ ନିଅନ୍ତି ।

କରମା ପର୍ବ ପାଳନର ବହୁ ଆଗରୁ ପୂର୍ବ ପ୍ରସ୍ତୁତି ସରିଥାଏ । ଘରଦ୍ୱାର ଲିପାପୋଛା ହୁଏ । କାନ୍ଥରେ ଝୋଟି ଚିତ୍ର ଅଙ୍କାଯାଏ, ହାଟ ବଜାରରୁ ଚୂଡ଼ା, ଗୁଡ଼, ଖଇ, ଘିଅ, ମହୁ, ନଡ଼ିଆ, ବିଭିନ୍ନ ଫଳ, ନୂଆ କୁଲା, ନୂଆ ଡାଲା, ଟୋକେଇ, ଲୁଗାପଟା ଆଦି କିଣା ହୁଏ । ଆତ୍ମୀୟସ୍ୱଜନ,ପରିବାରର ବନ୍ଧୁବାନ୍ଧବ, ସାଙ୍ଗସାଥୀ, ସାହିପଡ଼ିଶାକୁ ଖବର ଦିଆଯାଏ ।

ପର୍ବ ପାଳନର ତିନି ଦିନ ବା ସାତ ଦିନ ପୂର୍ବରୁ ଗାଁର ପ୍ରାପ୍ତ ବୟସ୍କା କିଶୋରୀ, ଅବିବାହିତା କନ୍ୟା, ନିକଟସ୍ଥ ନଦୀ ବା ପୋଖରୀକୁ ନୂଆ ଡାଲା ଧରି ଗୀତ ଗାଇ ଗାଇ ଗାଧୋଇବାକୁ ଯାଇଥାନ୍ତି । ଗାଧୋଇ ସାରିବା ପରେ ସେହି ଡାଲାରେ ବାଲି ଭର୍ତ୍ତି କରି ଘରକୁ ଆସନ୍ତି । ଏହି ବାଲି ଭର୍ତ୍ତି ଡାଲାକୁ 'ଜାଓ୍ୱା ଡାଲା' କୁହାଯାଏ । ବାଲି ଭର୍ତ୍ତି ଡାଲାକୁ ପ୍ରଥମେ ପୂଜା କରି ସେଥିରେ ଧାନ, ମୁଗ, ବିରି, ରାଶି, କୋଳଥ, ତିଳ, ପ୍ରଭୃତି ଶସ୍ୟ ମଧ୍ୟରୁ ଯେକୌଣସି ବୀଜକୁ ବପନ କରାଯାଏ । ଏଥିରେ ବେଜଡ଼ ବ ଅଯୁଗ୍ମ ସଂଖ୍ୟକ ବୀଜ ବପନ କରାଯାଏ । ତା'ପରେ ସେହି ଡାଲାକୁ ଘରର ଇଷ୍ଟ ଦେବତା ବା ଇଷ୍ଟ ଦେବୀଙ୍କ ଆସ୍ଥାନ ନିକଟରେ ରଖି ତା' ଉପରେ ହଳଦୀ ମଖା କନା ଡାଙ୍କି ଦିଆଯାଏ । ପ୍ରତିଦିନ ସାକଳ ଓ ସଞ୍ଜରେ ସେହି ଡାଲାଟିକୁ ଧୂପଦୀପ ଦେଇ ପୂଜା କରି ତା' ଚାରିପଟେ ସେମାନେ ଗୀତ ଗାଇ ଗାଇ ନୃତ୍ୟ କରିଥାନ୍ତି । ଏହି ପ୍ରଥାଟିକୁ 'ଜାଓ୍ୱା ପରିକ୍ରମା' କୁହାଯାଏ । କର୍ମା ପୂଜା (ଭାଦ୍ରବ ଏକାଦଶୀ ତିଥି) ଦିନ ଏହି ଜାଓ୍ୱାଡାଲା ଗୁଡ଼ିକରେ ବପନ କରାଯାଇଥିବା ବୀଜଗୁଡ଼ିକ ଗଜା ହୋଇ ସାରିଥାଏ । କେତେକ ଡାଲାରେ ଛୋଟ ଛୋଟ ଚାରାଗଛ ମଧ୍ୟ ଅଙ୍କୁରିତ ହୋଇ ସାରିଥାଏ । କାଳେ ଗୀତ ଓ ନୃତ୍ୟର ଶବ୍ଦ ଶୁଣି ଏଗୁଡ଼ିକ ଶୀଘ୍ର ଶୀଘ୍ର ବଢ଼ିଥାନ୍ତି । କରମା ପୂଜା ଦିନ ପୂଜା ମଣ୍ଡପରେ ଏହି ଡାଲା ଗୁଡ଼ିକୁ ସୁସଜ୍ଜିତ କରି ରଖାଯାଏ । ଗାଁର ମୁଖିଆ ବା ମୁଖ୍ୟ ପୂଜକ ଏହି ପୂଜା କାର୍ଯ୍ୟ ସମ୍ପାଦନ କରନ୍ତି ।

କର୍ମା ପୂଜା ପୂର୍ବଦିନ ଗାଁ ମୁଖିଆଙ୍କ ସହିତ ମୁଖ୍ୟ ପୂଜକ, ଗ୍ରାମବାସୀ ଏବଂ ବ୍ରତଚାରୀ (ବାରୁଆତି)ମାନେ କରମ ଗଛ ବା କଇମ ଗଛ (Naucea Parvi Folia)କୁ ଆବାହନ କରିବାକୁ ଯାଇଥାନ୍ତି । ଶ୍ରୀଜଗନ୍ନାଥଙ୍କ ଦାରୁ ଅନୁକୂଳ ଭଳି ପ୍ରଥମେ କରମ ଗଛକୁ ଫୁଲ, ଚନ୍ଦନ, ସିନ୍ଦୂର, ହଳଦୀ, ଧୂପ,ଦୀପ ଦେଇ ପୂଜା କରାଯାଏ । ତାକୁ ନୂଆ ଅସ୍ତ୍ର ପିନ୍ଧାଇ ଦିଆଯାଏ । କେହି କେହି ଗବେଷକ ଏହି ଗଛକୁ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ବା ବୃକ୍ଷରୂପୀ ଶ୍ରୀକୃଷ୍ଣ ବୋଲି ସମ୍ବୋଧନ କରନ୍ତି । ଏହି ଗଛଟି ହିଁ ଅବିବାହିତ କନ୍ୟାମାନଙ୍କର ସ୍ୱାମୀ, ଦେବତା ବା ମାଲିକ ରୂପେ ଗୃହୀତ ହୋଇ ବିଭିନ୍ନ ବିପଦରୁ ରକ୍ଷା କରେ । ଆଦିବାସୀ ସମାଜରେ ଯୁବକ ଯୁବତୀମାନେ ବିବାହ ପୂର୍ବରୁ ବୃକ୍ଷକୁ ବାହା ହେବାର ପରମ୍ପରା ଅଛି । ଶାରଳା ମହାଭାରତରେ ଧୃତରାଷ୍ଟ୍ର ପ୍ରଥମେ ସାହାଡ଼ା ବୃକ୍ଷକୁ ବିବାହ କରି ତା'ପରେ ଗାନ୍ଧାରୀଙ୍କୁ ସ୍ତ୍ରୀ ରୂପେ ଗ୍ରହଣ କରିଥିବା କଥା ବର୍ଣ୍ଣିତ ହୋଇଛି ।

କରମା ପୂଜା ଦିନ ନୂତନ ବାଉଁଶରେ ଏକ ସୁନ୍ଦର ମଣ୍ଡପ ତିଆରି କରାଯାଏ । ପୂଜା ମଣ୍ଡପକୁ କଇଁଫୁଲ, ଜହ୍ନିଫୁଲ ତଥା ଅନ୍ୟାନ୍ୟ ଫୁଲରେ ସୁସଜ୍ଜିତ କରାଯାଏ । ଏହା 'ରାସ' ମଣ୍ଡପ ଭଳି ମନେହୁଏ । ଅବଶ୍ୟ କେତେକ ସ୍ଥାନରେ ରାସପୂର୍ଣ୍ଣିମାରେ ମଧ୍ୟ ଏହି କର୍ମା ନୃତ୍ୟ ଅନୁଷ୍ଠିତହୁଏ । କର୍ମା ପୂଜା ଦିନ ସନ୍ଧ୍ୟାରେ ଗାଁ ମୁଖିଆ, ମୁଖ୍ୟ ପୂଜକ, ଗ୍ରାମବାସୀ, ବନ୍ଧୁବାନ୍ଧବ ତଥା ବ୍ରତଚାରୀ (ବାରୁଆତି) ମାନେ ମାଦଳ ଓ ବଂଶୀ ବଜାଇ, ଶଙ୍ଖ ହୁଳହୁଳି ଦେଇ ନାଚି ନାଚି ଗୀତ ଗାଇ ଗାଇ କରମା ଦେବତା ବା ଦାରୁବ୍ରହ୍ମଙ୍କୁ ଆଣିବାକୁ ଯାଆନ୍ତି । ଏତିକି ବେଳେ ବ୍ରତଚାରୀମାନେ ଗୀତ ଗାଆନ୍ତି– 'ଉପାସିନୀ ପାର୍ବତୀ ବନକେ ଯାଇବ ଗୋ / ପାହାଡ଼ ପର୍ବତେର ଡାଳ ଭାଙ୍ଗିବ ଗୋ / କର୍ମା ଗାଡ଼ିବ ଗୋ / ସବେ ନାଚିବ ଗୋ / ଯମୁନା ନଦୀର ପାଣି ଛାଣିବ ଗୋ / ସବେ ସାଚିବ ଗୋ / ହାମ୍ରା କରମ୍ ସାଧିବ ଗୋ ।'

କର୍ମା ପୂଜାର ପୂର୍ବ ଦିନରୁ ଚିହ୍ନଟ ହୋଇ ଅନୁକୂଳରେ ଥିବା କଇମ ଗଛ



ବା କରମ ଗଛ (Nauclea Parvi Folia) ର ଡାଳଟିଏ ଆଣି କରମ ପୂଜା ମଣ୍ଡପରେ ସ୍ଥାପନ କରାଯାଏ । କରମା ପୂଜା ମଣ୍ଡପକୁ କର୍‌ମା ଆଖଳା ମଧ୍ୟ କୁହାଯାଏ । କର୍‌ମା ଡାଳ ଆଣିଲା ବେଳେ କୁମାରୀମାନେ ଗୀତ ଗାଆନ୍ତି– ‘ଘର ଦୁଆର ସଜାରେ ସଜା / ଆଜି ପରା କରମ୍ ପୂଜା’ । କରମା ପୂଜା କୁମାର ଓ କୁମାରୀମାନଙ୍କୁ ମୁଖ୍ୟତଃ ଜହ୍ନିଫୁଲ, କଇଁଫୁଲର ନୈସର୍ଗିକ ସୌନ୍ଦର୍ଯ୍ୟରେ ଅଧିକ ଆକର୍ଷିତ କରେ । ବସ୍ତୁତଃ ଦେହ ଓ ମନର ଆକର୍ଷଣରେ ପ୍ରଲୁବ୍ଧ କରେ । ସେଇ ସୁବର୍ଣ୍ଣ ଫୁଲର ସ୍ତବକିତ ପାଖୁଡ଼ା ଜୀବନର ପ୍ରତିଟି ମୁହୂର୍ତ୍ତର ସ୍ପନ୍ଦନକୁ ପରମ ଓ ପ୍ରକୃତିର ଅଧିକ ସନ୍ନିକଟ କରାଏ । ଯେମିତି କେଉଁ ଅଭିଜାତ ଦ୍ରବ୍ୟର ସୁରଭିକୁ ଖୋଜି ବସେ ନବଯୌବନ । ମାଟି ଗନ୍ଧରେ ସେ ମହକ ଖୋଜି ପାଇ ସେ ପୁଣି ଆତ୍ମହରା ହୁଏ । ସେ ପୁଣି ଏ ପୃଥିବୀର ଅର୍ଥ ବୁଝେ । ତା’ ପ୍ରଣୟିନୀର ସଜଳ କଜଳ ଆଖିରେ ଏକ ସହଜାତ କବିତ୍ୱକୁ ଅନୁଭବ କରିହୁଏ । ଏତିକି ବେଳେ ନିଜ ଆତ୍ମୀୟକୁ ଦେଖି କିଶୋରୀଟିଏ କହେ– ‘ଭାଦର ମାସେ କରମ ସାଙ୍ଗୋ/ ଝିଙ୍ଗା ଫୁଲ ଫୁଟଲି ଝାଙ୍କେ / ଅହତରି ଦିହା ମକେ / ଗାନ୍ଥି ଦିହା ମକେ / ଝିଙ୍ଗା ଫୁଲେକ୍  ମାଲାଲେଗମ୍ ଆଖଳାକେ ।’ କରମା ନୃତ୍ୟରେ ମୁଖ୍ୟତଃ କୁଡୁମୀ ଜାତିର ଲୋକଭାଷାର ପ୍ରଭାବ ଦେଖିବାକୁ ମିଳେ । କୁଡୁମୀ ଭାଷା ହିନ୍ଦୀ–ବଙ୍ଗଳା– ଓଡ଼ିଆ ଭାଷାର ଏକ ସମ୍ମିଳିତ ଭାଷା । କୋଶଳୀ ଭାଷା ଭଳି ଏହା ଏକ ସ୍ୱତନ୍ତ୍ର ଭାଷା ।

ସବୁ କାଳର କବିତାରେ ଲେଖାର ବ୍ୟଞ୍ଜନା ହେଉଛି ଏକ ସରସ ସୁନ୍ଦର ଜୀବନ । ମୃତ୍ୟୁଞ୍ଜୟୀ ମଣିଷଟି ସବୁବେଳେ ଜୀବନର କଳାତ୍ମକ ଚେତନାକୁ ଅଶ୍ରୁ ଓ ଉପମାରେ ପ୍ରକାଶ କରିବାକୁ ଚାହିଁଛି । କରମା ଡାଳ ଆଣିଲା ବେଳେ ଖୁବ୍ ଉଦାର ତଥା ସମ୍ବେଦନଶୀଳ ମନରେ ଗାଁ କିଶୋରଟିଏ ଗାନ କରେ–

‘ଆଜିରେ କରମ୍ ରାଜା ଘରେ ଦୁଆରେ / କାଲିରେ କରମ୍ ରାଜା କାଂଶ ନଦୀର ପାରେ ।’



ଯମୁନା ନଦୀ ହିଁ କାଂଶ ନଦୀ ବା କଂସର ନଦୀ ଅଟେ । କରମା ନାଚର ଉତ୍ପତ୍ତି ହିଁ ଯମୁନା କୂଳ ଓ କଦମ୍ବ ମୂଳ ଅଟେ । ରାଧାକୃଷ୍ଣ ଭାବ ସମ୍ପଦ ହିଁ ଜୀବନର ବଡ଼ ସମ୍ପତ୍ତି । ଗୀତ, ନୃତ୍ୟ, ବାଦ୍ୟ,ଳ ପୂଜା, ପାର୍ବଣ ସବୁମୂଳରେ ଚିରନ୍ତନ ମଣିଷ ସେହି କଳା ପ୍ରବଣ କବି ମନରେ ଏକ ସରସ – ଜୀବନର ମୁଦ୍ରା ଫୁଟି ଉଠିଛି ଯେମିତି । ଅନ୍ୟ



ଦୃଷ୍ଟିରେ ଦେଖିଲେ କଦମ୍ବ ଗଛ, କରମ ଗଛ, ଜୀବନର ପ୍ରତୀକ ଅଟନ୍ତି । ଯମୁନା ନଦୀ ସମୟର ପ୍ରତୀକ ଅଟନ୍ତି । ଜୀବନ ଓ ସମୟ ଅଛି ବୋଲି ତ ଆମେ କର୍ମ କରୁଛୁ । ଜୀବନ ସରିଗଲେ କର୍ମ କରିବାର ସୁଯୋଗ ଆଉ ମିଳିବ ନାହିଁ । କର୍ମ ହିଁ ଜୀବନର ମୁକ୍ତିପଥ । ଆଜି କରମ ରାଜା ଘର ଦୁଆରେ ପୂଜା ପାଉଛନ୍ତି । ଆସନ୍ତା କାଲି ତାଙ୍କୁ କେଉଁ ନଈ କୂଳରେ ବିସର୍ଜନ କରିଦିଆଯିବ । ଜୀବନ ଯେତେବେଳେ ମୋହନ ବଂଶୀ ପରି ପ୍ରିୟ ଲାଗେ ଜଣେ ତାମସୀ ରାଧା ପରି କେତେ ଯମୁନା, କେତେ କଦମ୍ବ ବଣ, କେତେ ଜନପଦ ପାରି ହୋଇ ସେଇ ସେଇ ଜନ୍ମପୀଠରେ ପହଞ୍ଚିବାକୁ ଚାହେଁ, ଯେଉଁଠି ଆନନ୍ଦ ଓ ଆତ୍ମାର ନିତ୍ୟରାସ ସଂଘଟିତ ହେଉଥାଏ ।

କରମା ପୂଜା ଦିନ ଗାଁର ମୁଖ୍ୟ ପୂଜକ କରମା ପୂଜାର ମହତ୍ୱ ବିଷୟରେ ବ୍ରତଚାରୀମାନଙ୍କୁ ଶିକ୍ଷା ଦିଅନ୍ତି । ଲୋକବିଶ୍ୱାସ ଅନୁସାରେ- ପୂର୍ବ ଯୁଗରେ ଦେବରାଜ ଇନ୍ଦ୍ରଙ୍କ ଦ୍ୱାରା ଏହି ପୂଜା ସ୍ୱର୍ଗରେ ଅନୁଷ୍ଠିତ ହେଉଥିଲା । ଏହି ପୂଜା ପାଇଁ ମର୍ତ୍ତ୍ୟରୁ କଓ୍ୱା ଫୁଲ (କଇଁଫୁଲ) ଲୋଡ଼ା ହେଉଥିଲା । ସ୍ୱର୍ଗର ପରୀମାନେ ଆସି ଏହି ଫୁଲ ମର୍ତ୍ତ୍ୟରୁ ସଂଗ୍ରହକ ରୁଥିଲେ । ଆମ ରାଜ୍ୟର ରାଜା ଦିନେ ଦେଖିଲେ ତାଙ୍କ ବଗିଚା ସନ୍ନିକଟ ସରୋବରରେ ଗୋଟିଏ ହେଲେ କଇଁଫୁଲ ନାହିଁ । କେହି ଯେମିତି ତାକୁ ଚୋରି କରି ନେଉଛି । ରାଜା ତାଙ୍କ ମନ୍ତ୍ରୀଙ୍କୁ ତୁରନ୍ତ ଫୁଲ ଚୋରି କରୁଥିବା ବ୍ୟକ୍ତିକୁ ଧରିବା ପାଇଁ ଆଦେଶ ଦେଲେ । ଚୋର ଧରାପଡ଼ିଲା । ସ୍ୱର୍ଗର ଜଣେ ପରୀ ରାଜାଙ୍କ ଦରବାରକୁ ଆସି ନିଜ ଭୁଲ ସ୍ୱୀକାର କଲେ । ସେ କରମା ପୂଜାର ମହିମା ଓ ନୀତି ନିୟମ ବିଷୟରେ ରାଜାଙ୍କୁ ଜଣାଇଲେ । ରାଜା ଏଥିରେ ସମ୍ମତି ପ୍ରକାଶ କଲେ । ସେ ପୂର୍ବରୁ ଅପୁତ୍ରିକ ଥିଲେ । କରମା ପୂଜା କରି କରମ ଦେବତାଙ୍କ ଆଶୀର୍ବାଦରୁ ତାଙ୍କର 'କରମୁ' ଓ 'ଧରମୁ' ନାମକ ଦୁଇପୁତ୍ର ଜନ୍ମିଲେ । ବଡ଼ ହେଲା ପରେ ଯୁବରାଜ 'ଧରମୁ' ନିଜ ସାମ୍ରାଜ୍ୟର ସୁଶାସନ ଓ ଜନକଲ୍ୟାଣ ପାଇଁ ଗୁରୁତ୍ୱ ଦେଲା । ଯୁବରାଜ 'କରମୁ' ବିଭିନ୍ନ ସାମ୍ରାଜ୍ୟ ବିଜୟ କରି ବହୁ ଧନ ସମ୍ପଦ ନିଜ ରାଜ୍ୟକୁ ଆଣିଲା । ନୌବାଣିଜ୍ୟ, କୃଷି, ଶିଳ୍ପରେ ତାଙ୍କ ସାମ୍ରାଜ୍ୟ ପ୍ରାଚୁର୍ଯ୍ୟପୂର୍ଣ୍ଣ ହୋଇଉଠିଲା । ଥରେ ଯୁବରାଜ 'କରମୁ' ସାମ୍ରାଜ୍ୟ ବିଜୟରେ ଯାଇ ଅପର୍ଯ୍ୟାପ୍ତ ଧନସମ୍ପଦ ଧରି ନିଜ ରାଜଧାନୀକୁ ଫେରୁଥିଲେ । ଏହି ସମୟରେ ରାଜ୍ୟବାସୀ କରମା ପୂଜାରେ ମଗ୍ନଥିଲେ । ସେମାନେ ଯୁବରାଜଙ୍କୁ ଯଥାଯୋଗ୍ୟ ସ୍ୱାଗତ ସମ୍ବର୍ଦ୍ଧନା କଲେ ନାହିଁ । ଫଳରେ କ୍ରୋଧ ଜର୍ଜରିତ ହୋଇ ଯୁବରାଜ 'କରମୁ' ସମସ୍ତ ପୂଜା ମଣ୍ଡପକୁ ଧ୍ୱଂସ କରିଦେଲେ, ବହୁ ପ୍ରଜାଙ୍କୁ ହତ୍ୟା କଲେ । ଏହାର ପରିଣତି ସ୍ୱରୂପ ସେ ବିଶାଳ ସାମ୍ରାଜ୍ୟକୁ ହରାଇ ବସିଲେ । ଅକାଳ ମରୁଡ଼ି ହେତୁ ବହୁ ଧନଜୀବନ କ୍ଷତି ଘଟିଳା । ବିଭିନ୍ନ ରୋଗ ଦେଖାଗଲା । ରାଜ ନିଜ ଭୁଲ ବୁଝିପାରି କରମା ସାଇଁଙ୍କୁ ପ୍ରାର୍ଥନା କଲେ । ତାଙ୍କୁ ପୂଜା କରି ପୁଣି ନିଜର ସୁଖ ସାମ୍ରାଜ୍ୟ ଫେରି ପାଇଲେ । ନିଜ ସୌଭାଗ୍ୟ ଫେରି ପାଇ ସେ ଶପଥ କଲେ ଯେ-

'ହମାରା କରମ୍ ଭାଇର ଧରମ୍ ।'

ଅର୍ଥାତ୍ ମୁଁ ଭଲ  କର୍ମ କଲେ ମୋ ରାଜ୍ୟର ଜାତି ଭାଇମାନଙ୍କର ମଙ୍ଗଳ ହେବ, ଅଶେଷ କଲ୍ୟାଣ ଘଟିବ, ନୈତିକ ବଳ ଓ ଧର୍ମବଳ ବଢ଼ିବ । ସମସ୍ତେ ସୁଖ ଶାନ୍ତିରେ ରହିବେ । କର୍‌ମା ପୂଜା ପରେ କାମା ଡାକକୁ ଛୁଇଁ ସମସ୍ତ ବ୍ରତଚାରୀ, ବନ୍ଧୁବାନ୍ଧବ, ସାହି ପଡ଼ିଶା ତଥା ଗ୍ରାମବାସୀ ମାନବ ଜାତିର ଅଶେଷ କଲ୍ୟାଣ କରିବାକୁ ଶପଥ ନିଅନ୍ତି । ବିଶ୍ୱର ସୁଖଶାନ୍ତି ପ୍ରାର୍ଥନା କରନ୍ତି । ତା'ପରେ ମଦ ହାଣ୍ଡିଆ, ଖଇଚୁଡ଼ା, ଗୁଡ଼ମହୁ ଭୋଗ ବଣ୍ଟାହୁଏ । ନାଚଗୀତ ଗାଁର ଆବାଳ ବୃଦ୍ଧବନିତା, ଯୁବକ, ଯୁବତୀ, ସମସ୍ତେ ସକ୍ରିୟ ଅଂଶ ଗ୍ରହଣ କରନ୍ତି । ପ୍ରତ୍ୟେକଙ୍କ ଭିତରେ ଯେମିତି ଚୈତନ୍ୟ ପୁରୁଷ ଉଦୟ ହୁଅନ୍ତି ।

କରମା ନାଚରେ ମୁଖ୍ୟତଃ ମାଦଳ ଓ ବଂଶୀ ବ୍ୟବହୃତ ହୁଏ । ଝୁମର୍ ଗୀତ ଗାନ କରାଯାଏ । ଏହି ନୃତ୍ୟରେ ଧାଡ଼ି ହୋଇ ବିଭିନ୍ନ ପଙ୍‌କ୍ତିରେ ନୃତ୍ୟ କରାଯାଏ । କେତେକ କ୍ଷେତ୍ରରେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ନୃତ୍ୟ ଅଭିନୟ କରାଯାଏ । ବେଳେବେଳେ ଏକକ ନୃତ୍ୟ ମଧ୍ୟ ଅଭିନୀତ ହୁଏ । ପ୍ରଥମେ ଜଣେ ଗୀତର ସୁର୍ ଆରମ୍ଭ କରନ୍ତି । ତା'ପରେ ଦଳର ସମସ୍ତ ସଭ୍ୟ ଏହାକୁ ଗାନ କରିଥାନ୍ତି । ଏହି ନୃତ୍ୟର ଗୋଟିଏ ଗୀତ ହେଲା- 'ଆମି ଆଗେ ପୂଜେ ବସୁମତୀ / ତାହା ପରେ ଭଗବତୀ / ଭାଦ୍ରବର ଏକାଦଶୀ ଦିନେ ଗୋ ।'

ଭାଦ୍ରବ ମାସର ଏକାଦଶୀ ତିଥିରେ କରମା ପୂଜା ହୁଏ, ଏହି ପୂଜାରେ ପ୍ରଥମେ ବସୁମାତା ବା ଧରିତ୍ରୀ ମାଆଙ୍କୁ ପୂଜା କରାଯାଏ । ଏହାପରେ ଭଗବତୀ ବା ମା' ଦୁର୍ଗା, ଅପର୍ଣ୍ଣା, ଅନ୍ନପୂର୍ଣ୍ଣାଙ୍କୁ ପୂଜା କରାଯାଏ । ଯିଏ ଅପର୍ଣ୍ଣା ସେହିଁ ଶ୍ରୀକୃଷ୍ଣ । ଯିଏ କୃଷ୍ଣ ସେ ସ୍ୱୟଂ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ । ଏକ କର୍‌ମା ଗୀତ ଅଛି- 'ସଖୀ ସଙ୍ଗେ ଗେଲେ ରହଁ ନଦୀଆ କେ ଧାରେ / ଅହୋରେ ଅହୋରେ ନାଗରେ ଟାନ ନାଇଁ ଆଞ୍ଚରେ ।' ଅର୍ଥାତ୍ ସଖୀମାନଙ୍କ ସହିତ ଯେତେବେଳେ ଯମୁନାକୁ ଗଲି, ସେତେବେଳେ ନଟବର ନାଗର ଶ୍ରୀକୃଷ୍ଣ ମୋର ପଣତକୁ ଟାଣି ଧରିଲେ । ଅନ୍ୟ ଏକ ଗୀତ ଅଛି 'ଭାଦର ମାସୀ ଏକାଦଶୀ କରମା ଗାଡ଼ିବ ଗୋ / କରମ୍ ରାଜା କେ ଦୁଃଖ ଜାନାବ ଗୋ / ସାଇଁର ଲାଗି ଗୋ ଉପାସ ରହିବ ।'

ଅର୍ଥାତ୍ ଭାଦ୍ରବ ମାସରେ କରମ ପୂଜା କରିବି, ସ୍ୱାମୀ, ସନ୍ତାନଙ୍କ କଲ୍ୟାଣ ପାଇଁ ଠାକୁରଙ୍କୁ ପ୍ରାର୍ଥନା କରିବି । ସତରେ, ଜୀବନରେ କେତେ ଗହଳ ଚହଳ ଅଛି । ପ୍ରଚୁର ନିର୍ଜନତାବି ରହିଛି । ହୁଏତ ରାଜତନ୍ତ୍ର ଶାସନ ସମୟରେ ମଧ୍ୟ ଯୁଗୀୟ ଉଚ୍ଚନୀଚ ଭାବ, ଉଗ୍ର ଜାତିପ୍ରଥା, ଛୁଆଁ ଅଛୁଆଁ ଭେଦଭାବ ହେତୁ ସେ ସମୟର କିଛି ଅବହେଳିତ ବର୍ଗ ଶିକ୍ଷା, ଅର୍ଥନୀତି ତଥା ଧାର୍ମିକ କ୍ଷେତ୍ରରେ ମୁଖ୍ୟସ୍ରୋତରେ ସାମିଲ ହୋଇପାରି ନଥିଲେ । ଫଳରେ ସମାଜର ସବର୍ଣ୍ଣ ସାମନ୍ତବାଦର ଘୃଣ୍ୟ ଆଦର୍ଶରେ ଚାପି ହୋଥଇ ଏମାନେ ଦିନ, ଦରିଦ୍ର୍ୟ, ଅନୁନ୍ନତ ସଂଖ୍ୟାଲଘୁ ଜୀବନ ବଂଚିବା ଭିତରେ 'କରମା' ଭଳି ଲୋକ ପରମ୍ପରାର ଆଶ୍ରୟ ଲୋଡ଼ିଥିଲେ । କର୍‌ମା ନାଚରେ ଯେଉଁସବୁ ଗୀତ ଗାନ



କରାଯାଏ, ସେଥିରେ ଆମ ମଣିଷ ସ୍ଥିତିର ଗଭୀର ଚେତନା, ସ୍ମୃତି, ସ୍ୱପ୍ନ, କଳ୍ପନା, କର୍ମପ୍ରେରଣା, ଉଜ୍ଜ୍ୱଳ ଭବିଷ୍ୟତର ସମ୍ଭାବନା ଓ ସ୍ୱୀକୃତିକୁ ସଠିକ୍ ଛୁଇଁ ହୁଏ । ଏକ ଉଦାର ଭାବାବେଗ ହିଁ ବ୍ୟକ୍ତି ଓ ବସ୍ତୁର ଦ୍ୱନ୍ଦ୍ୱକୁ ଦେଖାଇଦିଏ । କଳା, ସଙ୍ଗୀତ, ନୃତ୍ୟ, ଧର୍ମ ଓ ଦର୍ଶନର ସଂଜ୍ଞାକୁ ଏହା ସଠିକ୍ ଚିହ୍ନାଇଦିଏ । ବୋଧହୁଏ ଏ ପୃଥିବୀରେ ଜନ୍ମିଥିବା ପ୍ରତ୍ୟେକ ମଣିଷ ଶିଶୁମାନବୋଚିତ ଗୁଣ ନେଇ ଧରାପୃଷ୍ଠରେ ଜନ୍ମି ନଥାଆନ୍ତି । ବିଭିନ୍ନ ସାମାଜିକ ସମ୍ପର୍କ ଓ ପାରିବେଶିକ ସ୍ଥିତି ସଂଘର୍ଷରୁ ହିଁ ସେମାନେ ମାନବଧର୍ମୀ ଗୁଣ ସମ୍ପନ୍ନ ହୋଇଥାନ୍ତି । ହୁଏତ ସୁସାମାଜିକ ସଂଗଠନ ହିଁ ମଣିଷର ପ୍ରକୃତି, ବିଶ୍ୱାସ, ଭଲପାଇବା, ବ୍ୟକ୍ତିତ୍ୱ ଓ ପ୍ରତିଭାର ଆଭିମୁଖ୍ୟକୁ ନିର୍ଦ୍ଧାରିତ କରିଥାଏ । ପ୍ରତ୍ୟେକ ବ୍ୟକ୍ତିର ଏକ ସ୍ୱତନ୍ତ୍ର ଜୈବିକ ପରିସୀମା ଓ ସାଂସ୍କୃତିକ ପରିସୀମା ଅଛି ବୋଲି କରମା ଗୀତ ଏବଂ କର୍‌ମା ନୃତ୍ୟ ଆମକୁ ସୂଚେଇଦିଏ । ଏକ ଗୀତରେ ଅଛି- 'ଗାଁରେ ସାରସା ହରି / ମଦନେ ଝୁମର ଲାଗେ ଭାରି / ମାଦଳ କରେ ରାଏଁ ରାଏଁ ମାଦଳ ତ ଘରେ ନାଇଁ ।'

କରମା ନୃତ୍ୟରେ ଯେଉଁସବୁ ଗୀତ ଗାନ କରାଯାଏ ତାହା ଶାସ୍ତ୍ରୀୟ ଓ ଲୌକିକ ଭେଦରେ ବହୁବିଧ । ଜୀବନର ବିଭିନ୍ନ ରୂପ, ଭିନ୍ନ ଭିନ୍ନ ଅବସ୍ଥା, ପରିସ୍ଥିତି, ଜନ୍ମମୃତ୍ୟୁ, ବିବାହ, ପ୍ରେମ, ବିରହ, ଏସବୁରେ ଗଭୀର ଇନ୍ଦ୍ରିୟାନୁଭୂତି କରମା ଗୀତରେ ଅଧିକ ପ୍ରଭାବଶାଳୀ ମନେହୁଏ । କରମା ଗୀତର ନିଝୁମ ସ୍ୱର ଯେମିତି ଯୁଗ ପରେ ଯୁଗ ଗଡ଼ି ଆସିଛି । ମୂଳ ଭାବନାକୁ ଅକ୍ଷୁର୍ଣ୍ଣ ରଖି କେଉଁଠି କେମିତି ଗୀତର ସ୍ରଷ୍ଟା ଧାଡ଼ିଟିଏ କି ପଦେ ଛନ୍ଦରେ କିଛି ପରିବର୍ତ୍ତନ ଆଣିଛି । ସାହିତ୍ୟ ଯୁଗାଶ୍ରୟୀ । ଯୁଗ ଚାହିଦା ଓ ରୁଚି ଅନୁସାରେ ସାହିତ୍ୟ, ସଙ୍ଗୀତ, ଶିଳ୍ପ, ଅର୍ଥନୀତି ପ୍ରତିଷ୍ଠିତ ହୁଏ । ଲୋକ କ୍ଷେତ୍ରରେ ମଧ୍ୟ ଏହି ପରିବର୍ତ୍ତନ ଘଟେ, ଘଟୁଛି ମଧ୍ୟ । ଅନ୍ୟ ଏକ ଗୀତ ଅଛି- 'ରିମିଝିମି ପାନି ବରଷି ଗେଲା ଛତା ଧରା ହୋ ଛୋଟ ଦିଅର / ପାନ ପତରୀ ଶାଢ଼ି ଭିଜି ଗେଲ' ।

ଭାଉଜଟିଏ ଛୋଟ ଦିଅରକୁ ସାନ ଭାଇ ବୋଲି ଭାବିଛି । କିନ୍ତୁ କାମନାର ବର୍ଷାରେ ଭିଜିଗଲା ବେଳେ କ୍ଷୁଦ୍ରତା କବଳରୁ ରକ୍ଷା ପାଇବା ପାଇଁ ଏକ ବିକଳ୍ପ ପନ୍ଥା ଖୋଜୁଛି । କରମା ଗୀତରେ ପାରିବାରିକ ଓ ସାମାଜିକ ଜୀବନର ସ୍ୱାମୀ-ସ୍ତ୍ରୀ, ଦିଅର-ଭାଉଜ, ପିତା-ପୁତ୍ର, ଶାଶୁ-ଶ୍ୱଶୁର, ଭାଇଭଉଣୀ, ନଣନ୍ଦ-ଭାଉଜ, ମାମୁଁ-ଭଣଜା,ଶାଳୀ-ଭିଣୋଇ, କକା-ଖଡ଼ୀ, ପୁଅ-ପୁତୁରା, ସାହିପଡ଼ିଶାଙ୍କ ସମ୍ପର୍କ ଖୁବ୍ ଅନ୍ତରଙ୍ଗ ଭାବେ ସ୍ଥାନ ପାଇଥାଏ । ଏହା ବିଶ୍ୱ ଜୀବନ ସହିତ ସଂଯୋଗିତ ହୋଇ ଈଶ୍ୱରଙ୍କ ଇଚ୍ଛା ଓ ଆଶୀର୍ବାଦକୁ ପୂର୍ଣ୍ଣ କରିବା ପାଇଁ ସଂକଳ୍ପ ନେଇଥାଏ । ସାହିତ୍ୟ ଏକ ପ୍ରକାଶମାନ ସାମାଜିକ ରୂପ । ଏଣୁ ନୃତ୍ୟ, ଗୀତ, ସଙ୍ଗୀତ, ସିନେମା, ଚିତ୍ରକଳା, ଅଭିନୟ ସବୁକ୍ଷେତ୍ରରେ ଏହାର ଅବିକଳ ପ୍ରତିଫଳନ ଦେଖିବାକୁ ମିଳେ । ଏ କରମା ଗୀତରେ ଅଛି - 'ଆଗୋ ବାବୁର କାକା/ କେମିତି କାଟାବ ରାତି ଏକା ଏକା ।' ସ୍ୱାମୀଟିଏ ଘରେ ନାହିଁ । ବାବୁର କକାଙ୍କୁ ନାରୀଟିଏ ନିଜ ମନପ୍ରାଣ ଢାଳି ଦେବାକୁ ଚାହୁଁଛି । କରମା ଗୀତରେ ରାମସୀତା, ରାଧାକୃଷ୍ଣ, କୁରୁପାଣ୍ଡବଙ୍କ ବ୍ୟକ୍ତି ଜୀବନର ଚିତ୍ତ-ସଂଘର୍ଷକୁ ଯେମିତି ଦେଖି ହୁଏ, ଚଳନ୍ତି ସମୟର ନରନାରୀ, ଯୁବକ ଯୁବତୀମାନଙ୍କୁ ମଧ୍ୟ ସେମିତି ଭେଟି ହୁଏ । କଳାର ଉଦ୍ଦେଶ୍ୟ ହେଲା, ଜୀବନକୁ କଲ୍ୟାଣ କାମୀ ମାନବିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରିବା ଏବଂ ମଣିଷ ଜାତି ପାଇଁ ଏକ ବୃହତର ତାତ୍ପର୍ଯ୍ୟପୂର୍ଣ୍ଣ ସାମାଜିକ ଜୀବନକୁ ରୂପ ଦେବା ।

ଫରାସୀ କବି ଡନ୍ ଲେଭୀ ଯଥାର୍ଥରେ କହିଛନ୍ତି-'The Poetry is not exactly the life, But the shadows of the life.'

କଳା ଓ କବିତାର ଜୀବନ ଅବିକଳ ଜୀବନ ନୁହେଁ, ଏହା ଜୀବନରେ ପ୍ରତିଛବି ମାତ୍ର । ଲୋକ ଗୀତ, ଲୋକନୃତ୍ୟ ହେଉଛି ଜୀବନର ଗୋଟେ ମମତାମୟ ଅଙ୍କୁରୋଦ୍‌ଗମ୍ । ଜୀବନର ବୈଚିତ୍ର୍ୟମୟ ରୂପ ଉଦ୍‌ଘାଟନ କରିବା ହିଁ ଏହାର ମୂଳ ଲକ୍ଷ୍ୟ । କରମା ନୃତ୍ୟରେ ମଧ୍ୟ ଜୀବନର ବର୍ହିବିଶ୍ୱର ଚିତ୍ର ଅପେକ୍ଷା ଅର୍ନ୍ତବିଶ୍ୱର ଚିତ୍ର ଅଧିକ ପ୍ରତିଫଳିତ ।

କରମା ପୂଜା ପର ଦିନ ସକାଳୁ ସକାଳୁ ଗାଁ ମୁଖିଆ, ମୁଖ୍ୟ ପୂଜକ ଏବଂ ବ୍ରତଚାରୀମାନଙ୍କ ସହିତ ଏକାଠି ହୋଇ ଆତ୍ମୀୟ ସ୍ୱଜନ, ଜ୍ଞାତିକୁଟୁମ୍ବ ସମସ୍ତେ କରମ ଦେବତାଙ୍କୁ ପାଣିରେ ବିସର୍ଜନ କରିବା ପାଇଁ ଗୀତ ଗାଇ ଗାଇ ନାଚି ନାଚି ନିକଟସ୍ଥ ନଦୀ, ନାଳ, ପୋଖରୀ ଆଦି ଜଳାଶୟକୁ ଗମନ କରନ୍ତି । ଏତିକି ବେଳେ ଗୀତ ଗାଆନ୍ତି- 'ଯାଅ ଯାଅ କରମ୍ ରଜା ଇହା ଡାଳି ଘାଟରେ / ଆନବ ଘୁରାଇ ଫିରାଇ ତକେ ଆର ବଛରେ ।'

କରମା ପୂଜାରେ ବ୍ୟବହୃତ ଘଟ, ନଡ଼ିଆ, ଶସ୍ୟ, କରମ ଡାଳ, ବିଭିନ୍ନ ଫଳ, ଫୁଲ, କାକୁଡ଼ି, ଧୂପ ଆଦିକୁ ପାଣିରେ ବିସର୍ଜନ କରାଯାଏ । ବିସର୍ଜନ ପରେ ସମସ୍ତେ ସ୍ନାନ ସାରି ଘରକୁ ଫେରନ୍ତି । 'ପାନ୍ନା' ପାଇଁ ପୂଜାରେ ବ୍ୟବହୃତ କ୍ଷେତରେ ତିନୋଟି ଶାଖା ଥିବା ଧାନ ଗଛକୁ ଆଣି ନିଜ ଘରର ଇଷ୍ଟ ଦେବତାଙ୍କ ଆସ୍ଥାନ ପାଖରେ ସିନ୍ଦୂର, ହଳଦୀ, ଚାଉଳ ଗୁଣ୍ଡ ଦେଇ ପବିତ୍ର ଭାବରେ ରଖନ୍ତି । ତାଙ୍କୁ 'ଲକ୍ଷ୍ମୀମାତା' ରୂପେ ପୂଜା କରନ୍ତି । ତା' ପରଦିନ ରାତିରେ ଭୋଜିଭାତ ହୁଏ । ପୁଣି ନାଚଗୀତ ହୁଏ । ଏହି ପରମ୍ପରାକୁ 'ଆଖଳା ଭାତା' କୁହାଯାଏ ।ଏହି ଦିନ ପର୍ବର ସମାପ୍ତି ଘୋଷଣା ହୁଏ । ପ୍ରତ୍ୟେକ ବ୍ୟକ୍ତିଙ୍କୁ କର୍ମ ହିଁ ମୂଳ ବୋଲି ଗ୍ରହଣ କରିବା ଉଚିତ ବୋଲି ଏହି ପର୍ବ ଆହ୍ୱାନ ଦିଏ । କର୍ମ ସର୍ବସ୍ୱ ଉପଭୋକ୍ତାବାଦୀ ଯୁଗରେ ଏହା ବ୍ୟକ୍ତିକୁ ନୂଆ ଜୀବନର ସନ୍ଧାନ ଦିଏ । 'ଦେଶ୍ କରମ୍' ନୃତ୍ୟ ବ୍ଲକ୍ ବା ଜିଲ୍ଲାସ୍ତରରେ ଅନୁଷ୍ଠିତ ହୋଇଛି । ବ୍ୟୟବହୁଳ ଜୀବନରେ ଏକୁଟିଆ ଜଣେ ବ୍ୟକ୍ତି ବା ଗୋଟିଏ ପରିବାର ପୂର୍ବ ବର୍ଷ ଭଳି ଏହାକୁ ସମ୍ପାଦନା କରିବା ଏବେ ସମ୍ଭବ ନୁହେଁ । କର୍‌ମା ନୃତ୍ୟ ଓ ଗୀତର ମଧ୍ୟ ଐତିହ୍ୟ ଓ ପରମ୍ପରା ପ୍ରୀତିର ପ୍ରବଣତା ଫୁଟି ଉଠିଥାଏ । ସାମ୍ପ୍ରତିକ ଜୀବନ ଜିଜ୍ଞାସା ଓ ଯୁଗବୋଧକୁ ଏହା ନୂଆ ରୂପ ଦିଏ । କରମା ନୃତ୍ୟ ବିଶ୍ୱଭାବନାର କଥା ଆଙ୍କିଥାଏ ।

# ଶିବପ୍ରିୟ ଅରଖ



# ଅନନ୍ୟ ଅରଖ


**ଶ୍ୱେତା ରାଉତ**

ରାଉତ କମ୍ପ୍ଲେକ୍ସ, କଟକ ରୋଡ଼
ଭୁବନେଶ୍ୱର-୭୫୧୦୦୬,
ଫୋନ: ୯୪୩୯୭୨୬୦୬୦


ଫଟୋ ସୌଜନ୍ୟ : ଗୁଗୁଲ୍



◄ ଲେଖିକା ଶ୍ୱେତା ରାଉତ

ପ୍ରକୃତିର ଅନନ୍ୟ ଉପହାର ଫୁଲକୁ କିଏ ବା ଭଲ ନ ପାଏ । ତା'ର ରଙ୍ଗ, ରୂପ, ମହକ ନିକଟରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ମଥାନତ କରେ । ଏ ଫୁଲ ବ୍ରହ୍ମାଙ୍କର ଅନନ୍ୟ ଉପୁତ୍ତି ଭାବେ ପୌରାଣିକ ମାନ୍ୟତା ରହିଥିଲେ ମଧ୍ୟ ବିଜ୍ଞାନ ନିଜର ଗବେଷଣାରୁ କିଛି ଅଲଗା କହେ । ଏକ ଆମେରିକା ୱେବ୍‌ସାଇଟ୍ 'ସାଇନ୍ସ ଡେଲି' ଆଧାରରୁ ଜଣାଯାଏ ଯେ ପୁଷ୍ପ ବିଜ୍ଞାନୀମାନେ ଗବେଷଣା କରି କହିଛନ୍ତି, ଫୁଲ ପୃଥିବୀକୁ ୧୪୯-୨୫୬ ମିଲିୟନ୍ ବର୍ଷ ପୂର୍ବରୁ ଆସିଛି । ହିନ୍ଦୁ ମାନ୍ୟତା ଅନୁସାରେ ଦେବାଦେବୀଙ୍କ ଆରାଧନାରେ ବ୍ୟବହୃତ ପ୍ରଥମ ଓ ପବିତ୍ର ସରଞ୍ଜାମ ଭାବେ ଫୁଲ ବ୍ୟବହାର ହୋଇଥାଏ, ଏହାକୁ ପୂଜା କୁହାଯାଏ । 'ପୂ'ର ଅର୍ଥ ପୁଷ୍ପମ୍ ଏବଂ 'ଜା'ର ଅର୍ଥ ଜପ, ବା ଦେବତାମାନଙ୍କ ପବିତ୍ର ନାମର ଜପ । ଯେହେତୁ ଫୁଲ ପ୍ରକୃତିରୁ ପ୍ରାପ୍ତ ଅତି ମନୋହର, ସୁଗନ୍ଧଯୁକ୍ତ, ସୁକୋମଳ ଜିନିଷଟିଏ, ତେଣୁ ତାକୁ ଈଶ୍ୱରଙ୍କୁ ସମର୍ପିତ କରିବାରେ ଭକ୍ତ ଆନନ୍ଦ ଲାଭ କରେ ଓ ଈଶ୍ୱର ମଧ୍ୟ ତୃପ୍ତ ହୋଇଥାନ୍ତି । ନିଜର ଗଭୀର ପ୍ରେମ, ବିନମ୍ରତା, ଶ୍ରଦ୍ଧା, ସମର୍ପଣର ଭାବକୁ ଫୁଲ ମାଧ୍ୟମରେ ଅର୍ପଣ କରି ଆମେ ଈଶ୍ୱରଙ୍କ ପ୍ରତି ଭକ୍ତିଭାବ ପ୍ରକଟ କରନ୍ତି । ବିଭିନ୍ନ ସ୍ୱରୂପରେ ଈଶ୍ୱରଙ୍କୁ ବିଭିନ୍ନ ଫୁଲ ପ୍ରଦାନ କରାଯାଇଥାଏ । ପ୍ରତ୍ୟେକ ଦେବତାଙ୍କର ଏକ ପ୍ରିୟ ଫୁଲ ରହିଛି । ଯେମିତି କି ବିଷପାନ କରିଥିବା ନୀଳକଣ୍ଠ ଶିବଙ୍କୁ ସମସ୍ତ ଉପବିଷ ଫୁଲ ବା କ୍ଷୀରଯୁକ୍ତ ଫୁଲ ପ୍ରିୟ ହୋଇଥାଏ । ମହାଦେବଙ୍କ ଅନେକ ଉପବିଷଯୁକ୍ତ ଫୁଲ ମଧ୍ୟରୁ ଗୋଟିଏ ପ୍ରିୟ ଫୁଲ ହେଉଛି ଅର୍କ ବା ଅରଖ ଫୁଲ । ତେବେ ଆସନ୍ତୁ ଜାଣିବା ଅରଖ ସମ୍ବନ୍ଧରେ କିଛି ରୋଚକ କଥା ।

## ଅରଖର ବିଭିନ୍ନ ନାମ

ଅରଖର ବନସ୍ପତିକ ନାମ 'କାଲୋଟ୍ରୋପିସ୍ ଗିଗେଣ୍ଟିଆ' । ପୁଷ୍ପଚୟନ ଓ ଔଷଧୀୟ ବ୍ୟବହାରରେ ପ୍ରୟୋଗ ବଶତଃ ଆୟୁର୍ବେଦ ବିଶେଷଜ୍ଞମାନେ ତଥା ବନସ୍ପତି ବିଜ୍ଞାନୀମାନେ ଅରଖର ଏପରି ନାମକରଣ କରିଛନ୍ତି । ଭାରତୀୟମାନେ ନାମାନୁସାରେ ଏହାର ମହତ୍ତ୍ୱକୁ ଆହୁରି ବଢ଼ାଇଥାନ୍ତି, ସେଥିପାଇଁ ଏହାକୁ 'ଅର୍କ' (ଅରଖ) କହିଥାନ୍ତି । 'ଅର୍କ'ର ଅର୍ଥ ସୂର୍ଯ୍ୟ, ଯିଏ ତେଜ, ଔଜଲ୍ୟ, ଶକ୍ତି, ସମାର୍ଥ୍ୟ, ନିରୋଗ ଏବଂ ପବିତ୍ର ଉର୍ଜାକୁ ପ୍ରତିପାଦନ କରନ୍ତି । ଫୁଲର ରଙ୍ଗ ଧଳା ହୋଇଥିବା ହେତୁ କୁହାଯାଏ ଶୁକ୍ଳାର୍କ, ଶ୍ୱେତାକୁସୁମ, ରଜରକା । ପ୍ରକୃତିକୁ ସୁନ୍ଦରତା ପ୍ରଦାନ କରି ଅଳଙ୍କାର ସଦୃଶ ଶୋଭା ପାଉଥିବାରୁ କୁହାଯାଏ ସଦାପୁଷ୍ପା, ଗଣରୂପା । ସୂର୍ଯ୍ୟର ପ୍ରଖର ଶକ୍ତିର ଉଷ୍ଣତାକୁ ଆତ୍ମସାତ କରିଥିବାରୁ କୁହାଯାଏ ଅର୍କ, ଅଲାର୍କ, ଶ୍ୱେତାର୍କ (ଧଳା ଅରଖ), ରାଜାର୍କ ଭାସ୍କରା, ରବି ଇତ୍ୟାଦି । ଅରଖରୁ କ୍ଷୀର ବାହାରୁଥିବାରୁ କୁହାଯାଏ କ୍ଷୀରିଣୀ, କ୍ଷୀରପର୍ଣ୍ଣୀ, କ୍ଷୀରଲତା । ଏହାର ଫଳ ପାଚିବା ପରେ ଆପେ ଆପେ ଫାଟି ଚାରିଆଡ଼େ ପଡୁଥିବାରୁ କୁହାଯାଏ 'ଅସଫୋଟା, ବିକିରଣା' ଏବଂ ଫଳରୁ ତୁଳା ବାହାରୁଥିବାରୁ କୁହାଯାଏ 'ତୁଳାଫଳା' । ଏମିତି ଅରଖର ୯୩ଟି ପର୍ଯ୍ୟାବାଚୀ ନାମ ରହିଥିବା ବେଳେ ମୁଖ୍ୟ କେତୋଟି ପରିଚିତ ନାମ ହେଉଛି ବାସୁକା, ମଦାର, ଅର୍ଥ, ଆକ୍, ଅର୍କୌଆ, ଆଙ୍କଡା ଓ ଅରଖ । ଏହାକୁ ବିଭିନ୍ନ ସ୍ଥାନରେ ବିଭିନ୍ନ ନାମରେ ଜାଣିଥାନ୍ତି ଯଥା- ଓଡ଼ିଆରେ - ଅରଖ, ବଙ୍ଗଳାରେ- ଆକନ୍ଦ, ଅର୍କ, ରୁଇ, ସଂସ୍କୃତରେ- ଅକା, ଝୁଲଫାଲା, ବିକିରାନା, ଅକଉନା, ଅଲାର୍କ, ଅସଫୋଟା, ପଞ୍ଜାବୀରେ- ଆକ୍, ଆଙ୍କଡ଼ା, ତେଲୁଗୁରେ- ଜିଲେଡୁ, ମଣ୍ଡରାମ, ହିନ୍ଦୀରେ - ଆକ୍, ମଦାର, ରୂଇ, ଅର୍କୌଆ ଓ ଆଙ୍କଡ଼ା ।

## ପରିଚୟ

ଅରଖ ଫୁଲ 'କାଲୋଟ୍ରୋପିସ୍' ପରିବାର ଅନ୍ତର୍ଗତ ଏକ ସପୁଷ୍ପକ ଗୁଳ୍ମ ଜାତୀୟ ଉଦ୍ଭିଦ । ଏହା ମୁଖ୍ୟତଃ ମାଲେସିଆ, ଥାଇଲାଣ୍ଡ, ଇଣ୍ଡୋନେସିଆ, କାମ୍ବୋଡିଆ, ଫିଲିପାଇନ୍ସ, ଶ୍ରୀଲଙ୍କା, ଚୀନ ଓ ଭାରତରେ ଦେଖାଯାଏ । ଏହାର ବୃକ୍ଷ ଛୋଟ ଓ ଛାୟାଦାର ହୋଇଥାଏ । ଅରଖର ପତ୍ରଗୁଡ଼ିକ ବରଗଛ ପତ୍ର ପରି ମୋଟା ହାଲୁକା ସବୁଜ । ଅଠାଳିଆ, କ୍ଷୀରଯୁକ୍ତ ହୋଇଥାଏ । ଏହାର ଫୁଲଗୁଡ଼ିକ ପାଞ୍ଚପାଖୁଡ଼ା ବିଶିଷ୍ଟ ଏବଂ ମଝିରେ ଏକ ମୁକୁଟ ଉଠିବା ଭଳି ରହିଥାଏ । ଅରଖ ଫୁଲ ପେନ୍ଥା ପେନ୍ଥା ହୋଇ ଫୁଟେ ଓ ଏହାର ରଙ୍ଗ ଫିକା ବାଇଗଣୀ ଓ ଧଳା ରଙ୍ଗର ହୋଇଥାଏ । ଏହି ଫୁଲରେ କୌଣସି ମହକ ନଥାଏ କିନ୍ତୁ ଦେଖିବାକୁ ଖୁବ୍ ଆକର୍ଷକ ଓ ଦୀର୍ଘଦିନ ଧରି ଗଛରେ ସତେଜ ରହିଥାଏ, ଶୀଘ୍ର ମଉଳେ ନାହିଁ । ଅରଖର ଫୁଲ କିମ୍ବା ଡାଳକୁ ଭାଙ୍ଗିଲେ ଏଥିରୁ କ୍ଷୀର ବାହାରେ ଯାହା ବିଷାକ୍ତ ହୋଇଥାଏ ଏବଂ ଆଖିରେ ପଡ଼ିଗଲେ ଆଖି ନଷ୍ଟ ହେବାର ସମ୍ଭାବନା ଥାଏ । ଏହା ବୁଦା ଭଳି ଝଙ୍କାଳିଆ ଓ ୪ ମିଟିର ପର୍ଯ୍ୟନ୍ତ ବଢିଥାଏ । ଏହାର ଫଳ ଭିତରେ କପାତୁଳା ପରି ତୁଳା ରହିଥାଏ ଓ ତୁଳା ଭିତରୁ ମଞ୍ଜି ବାହାରେ । ଫଳ ଶୁଖି ଫାଟିଗଲା ପରେ ତୁଳା ଉଡ଼ିଯାଏ ଓ ମଞ୍ଜି ଚାରିଆଡ଼େ ପଡ଼ି ପୁଣି ସେଠାରେ ଗଛ ଉଠିଥାଏ । ଆମ ଭାରତରେ ମହାଦେବଙ୍କ ଅତିପ୍ରିୟ ଫୁଲ

ଭାବେ ଅରଖ ପୂଜା ପାଉଥିବା ବେଳେ, କମ୍ବୋଡିଆରେ ଶବ ଶୋଭାଯାତ୍ରାରେ ଶ୍ରଦ୍ଧାଞ୍ଜଳି ଭାବେ ବ୍ୟବହାର କରାଯାଏ । ଗ୍ରୀଷ୍ମ ସମୟରେ ଏହା ଅଧିକ ଫୁଲ ଫୁଟାଇଥାଏ । ଲୋକମାନଙ୍କ ମନରେ ଏକ ଭ୍ରାନ୍ତ ଧାରଣା ଅଛି ଯେ, ଅରଖ ଏକ ବିଷଯୁକ୍ତ ଗଛ, ଯାହା ମଣିଷକୁ ମାରି ଦେଇପାରେ, କିନ୍ତୁ ଆର୍ୟୁର୍ବେଦ ସଂହିତା ଅନୁସାରେ ଯଦିଓ ଏହା ଏକ ଉପବିଷ ଗୁଳ୍ମ, ଏହାର ଅଧିକ ମାତ୍ରା ମଣିଷକୁ କ୍ଷତି କରାଏ, ନଚେତ୍ ଅରଖ ଏକ ଅମୂଲ୍ୟ ଔଷଧ ଭାବେ ଅନେକ ରୋଗ ଦୂର କରିଥାଏ । ସଠିକ୍ ମାତ୍ରା ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ନେବା ଜରୁରୀ । ଅରଖ ଫୁଲର ସୌନ୍ଦର୍ଯ୍ୟ ଓ ତା'ର ରଙ୍ଗ ଖୁବ୍ ଆକର୍ଷକ ଯାହା ପ୍ରକୃତିକୁ ଅନନ୍ୟ ସୁନ୍ଦରତା ପ୍ରଦାନ କରେ । ଅରଖର ଧଳାରଙ୍ଗ ଫୁଲ ଖୁବ୍ ଶୁଭଙ୍କର ହୋଇଥାଏ ବୋଲି ଅନେକ ଲୋକ ନିଜ ପ୍ରାଙ୍ଗଣରେ ଲଗାଇଥାନ୍ତି ।



## ଅରଖର ପ୍ରଜାତି ଓ ପ୍ରକାର

ଅରଖ ଏକ ପ୍ରାକୃତିକ ଫୁଲ, ଯାହାର ଏ ପର୍ଯ୍ୟନ୍ତ ଶଙ୍କରୀକରଣ କରାଯାଇ କିଛି ନୂଆ ପ୍ରଜାତି ଉତ୍ପନ୍ନ କରାଯାଇନାହିଁ । ପ୍ରାଚୀନ କାଳରୁ ଏଭଳି ଉପବିଷ ଗୁଳ୍ମଜାତୀୟ ବୃକ୍ଷକୁ ଏହାର ବିଭିନ୍ନ ଆକାର ବା ବିଭିନ୍ନ ଭାଗର ରଙ୍ଗ-ରୂପ ଅନୁସାରେ ଫୁଲ ଆଧାରରେ ବର୍ଗୀକୃତ କରାଯାଇଛି । ଏହାକୁ ମୁଖ୍ୟତଃ ତିନୋଟି ପ୍ରଜାତିରେ ବର୍ଗୀକୃତ କରାଯାଇଛି । ଯଥା- ରକ୍ତାର୍କ, ଶ୍ୱେତାର୍କ ଓ ରାଜାର୍କ ।

## ରକ୍ତାର୍କ

ଏହି ଅରଖର ଫୁଲଗୁଡ଼ିକ ବାହାର ପାର୍ଶ୍ୱରୁ ଧଳା, ଛୋଟ ଗୀନା ଭଳି ଏବଂ ଭିତର ପାର୍ଶ୍ୱ ଲାଲ୍ ଓ ବାଇଗଣୀ ରଙ୍ଗ ମିଶ୍ରିତ ହୋଇଥାଏ । ଏଥିରୁ କମ୍ କ୍ଷୀର ବାହାରିଥାଏ ।

## ଶ୍ୱେତାର୍କ

ଏହି ଫୁଲ ରକ୍ତାର୍କ ଠାରୁ ସାମାନ୍ୟ ବଡ଼, ହାଲୁକା ହଳଦିଆଯୁକ୍ତ, ଧଳା ପାଖୁଡ଼ା ବିଶିଷ୍ଟ ହୋଇଥାଏ । ଏହାର କେଶର ମଧ୍ୟ ସମ୍ପୂର୍ଣ୍ଣ ଧଳା । ଏହାକୁ ଅରଖ ବ୍ୟତୀତ 'ମଦାର ଓ ଶ୍ୱେତାର୍କ' କୁହାଯାଏ । ଏଥିରୁ ଅଧିକ କ୍ଷୀର ବାହାରିଥାଏ ଓ ମହାଦେବ ଶିବ ଓ ଶ୍ରୀଗଣେଶଙ୍କ ପ୍ରିୟ ଫୁଲ ବୋଲି ମାନ୍ୟତା ରହିଛି ।

## ରାଜାର୍କ

ଏଥିରେ ଗୋଟିଏ ଡାଳରେ ମାତ୍ର ୪ଟି ପତ୍ର ରହିଥାଏ । ଏହାର ଫୁଲ ଚାନ୍ଦି ରଙ୍ଗ ଭଳି ଦେଖାଯାଏ ଓ ଏହା ଅତ୍ୟନ୍ତ ଦୁର୍ଲ୍ଲଭ ପ୍ରଜାତିର ଅରଖ ହୋଇଥାଏ । ଚରକ ସଂହିତାରେ ବର୍ଣ୍ଣିତ ଅରଖକୁ ମୁଖ୍ୟତଃ ଦୁଇ ପ୍ରକାର କୁହାଯାଇଛି ଯଥା ଅର୍କ ଓ ଅଲାର୍କ ।

ବନସ୍ପତି ବିଜ୍ଞାନୀମାନେ ଅରଖର ରଙ୍ଗ-ରୂପର ଭିନ୍ନତା ଦୃଷ୍ଟିରୁ ଅର୍କ ଓ ଅଲାର୍କକୁ ଭିନ୍ନ ଦୃଷ୍ଟିରେ ପରିଚିତ କରାଇଥାନ୍ତି । ଅର୍କ ପ୍ରଜାତିର ଅରଖକୁ 'କେଲୋଟ୍ରୋପିସ୍ ପ୍ରୋସେରା ଏଚ୍ ଓ ଏଲ୍' ବାଇଗଣୀ ରଙ୍ଗ ବିଶିଷ୍ଟ ଚିହ୍ନଟ କରାଇଥାନ୍ତି । ଅଲାର୍କ ପ୍ରଜାତିର ଅରଖ ଶ୍ୱେତରଙ୍ଗ ବିଶିଷ୍ଟ ହୋଇଥାଏ । ଯାହାକୁ ମଦାର ବା ମନ୍ଦରା କୁହାଯାଇଥାଏ । ଚରକ ସଂହିତାରେ ଆଚାର୍ଯ୍ୟ ସୁଶ୍ରୁତ ରଙ୍ଗ ଆଧାରରେ ଅରଖକୁ ବର୍ଗୀକରଣ କରି କହିଛନ୍ତି, ଦ୍ରବ୍ୟ ବା ଔଷଧି ସଂଗୃହିତ ଅରଖକୁ 'ଅର୍କ' ବା ଅଳଙ୍କରଣ ବୃକ୍ଷ ଭାବେ ମଦାର ରୂପରେ 'ଅଲାର୍କ'କୁ ଚୟନ କରାଯାଇଛି । ଅରଖକର ଆଉ ଏକ ପ୍ରକାର ବୃକ୍ଷ ରହିଛି 'ପ୍ରୋସେରା' ପ୍ରଜାତିର । ଏହାକୁ 'ଆପୁଲ ଅଫ୍ ସୋଡମ୍', 'କିଙ୍ଗସ୍ ବ୍ରାଉନ୍ ରବର ବସ୍' ମଧ୍ୟ କୁହା ଯାଇଥାଏ । ଅରଖ ଫୁଲ ପରି ଦେଖିବାକୁ ଏବଂ ଆକାର ଓ ରଙ୍ଗରେ ସାମାନ୍ୟ ଫରକ ରହିଥାଏ । ଧଳାରଙ୍ଗର ଅରଖକୁ ଭାରତୀୟମାନେ 'ଶ୍ୱେତାର୍କ ଗଣପତି' ମଧ୍ୟ କହିଥାନ୍ତି । ତେବେ ଆସନ୍ତୁ ଜାଣିବା ଏହାକୁ ଶ୍ୱେତାର୍କ ଗଣପତି କାହିଁକି କୁହାଯାଏ ।

## ଶ୍ୱେତାର୍କ ଗଣପତି

ହିନ୍ଦୁ ସଂସ୍କୃତିରେ ଧଳା ରଙ୍ଗର ଅରଖ ମୂଳରେ ପ୍ରଭୁ ଶ୍ରୀଗଣେଶ ଆସ୍ଥାନ କରନ୍ତି ବୋଲି ବିଶ୍ୱାସ ରହିଛି । ବନସ୍ପତି ତନ୍ତ୍ର ଅନ୍ତର୍ଗତ ଏହି ଶ୍ୱେତାର୍କ ଗଣପତି ବୃକ୍ଷ ମଧ୍ୟପ୍ରଦେଶ ଏବଂ ଅନ୍ୟ ରାଜ୍ୟମାନଙ୍କରେ ବହୁଳ ଦେଖିବାକୁ ମିଳେ । ଏହି ବୃକ୍ଷକୁ ଗୃହର ବାସ୍ତୁ ଦୋଷ ଦୂର କରିବା ପାଇଁ ଲଗାଯାଇଥାଏ । ଏହି ଅରଖ ଫୁଲ ସମ୍ପୂର୍ଣ୍ଣ ଧଳାରଙ୍ଗର ଓ ବୁଦା ସଦୃଶ ବୃକ୍ଷଟି ସାକ୍ଷାତ ଗଣେଶଙ୍କ ପରି ହୋଇଥାଏ । ରବି ପୁଷ୍ୟା, ନକ୍ଷତ୍ର ଦିନ ପ୍ରାତଃ ଶୁଭ ମୁହୂର୍ତ୍ତରେ ରୋପଣ କରିବା ଶ୍ରେଷ୍ଠ ମନାଯାଇଥାଏ । ଶ୍ୱେତାର୍କ ଗଣପତି ନିକଟରେ ଧୂପ, ଦୀପ, ଲଡୁ ପ୍ରସାଦର ଭୋଗ, ଦୁବ, ଅକ୍ଷତ ଅର୍ପଣ କରି ପୂଜା କଲେ ମନୋସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି । ଶ୍ରୀଗଣେଶଙ୍କ ମନ୍ତ୍ର ଉଚ୍ଚାରଣ କରି ଶ୍ୱେତାର୍କ ଗଣପତି ନିୟମିତ ପୂଜା କଲେ ଘରେ ସୁଖ ସମୃଦ୍ଧି ପ୍ରାପ୍ତ ହୋଇଥାଏ । ଏହି ଫୁଲ ଓ ପତ୍ର ମହାଦେବଙ୍କର ମଧ୍ୟ ଅତିପ୍ରିୟ ହୋଇଥାଏ । ମହାଦେବ ଶିବଙ୍କ ନିକଟରେ ଅର୍କ ଫୁଲ ସମର୍ପଣ କଲେ ନିଜ ଗୃହରେ ସର୍ବସୁଖ ପ୍ରାପ୍ତ ହୋଇଥାଏ, ସକରାତ୍ମକ ଉର୍ଜା ପରିବାରଜନଙ୍କୁ ପ୍ରଭାବିତ କରିଥାଏ । ବାସ୍ତୁ ଅନୁସାରେ ଅରଖ ବୃକ୍ଷକୁ ଘରର ଅଗ୍ନି କୋଣ ବା ଦକ୍ଷିଣ-ପୂର୍ବ ମଧ୍ୟରେ ଲଗା ଯାଇପାରେ ଏବଂ ଶ୍ୱେତାର୍କ ବୃକ୍ଷ ଘରର ମୁଖ୍ୟ ରାସ୍ତା କଡରେ କିମ୍ବା ଘର ସମ୍ମୁଖରେ ଲଗାଇଲେ ଘର ପ୍ରତି କୌଣସି ନକାରାତ୍ମକ ଶକ୍ତି, କଳାଯାଦୁ, ଭୂତପ୍ରେତ ଭୟ ରହିନଥାଏ । ଶ୍ୱେତାର୍କକୁ



ସବୁବେଳେ ଘରର ଡାହାଣ ପାର୍ଶ୍ୱରେ ଲଗାଇବା ଉଚିତ୍ । ଶ୍ୱେତାର୍କ ଲଗାଇବା ଦିନ ମୁଖ୍ୟତଃ ପୂର୍ଣ୍ଣିମା କିମ୍ବା ଏକାଦଶୀ ହୋଇଥିବା ଆବଶ୍ୟକ । ଅରଖ ଫୁଲକୁ ରବି ପୁଷ୍ୟା ନକ୍ଷତ୍ର ଦିନ ଲାଲ କପଡ଼ାରେ ଗୁଡାଇ ଘରେ ରଖିଲେ ଘରେ ସୁଖ, ଶାନ୍ତି, ସମୃଦ୍ଧି ଆସିଥାଏ । ଏହାର ଜଡ଼କୁ ଗୋମୂତ୍ରରେ ଘୋରି ତିଳକ କରି ଲଗାଇଲେ ଭାଗ୍ୟୋଦୟ ହୋଇଥାଏ । ଶ୍ୱେତାର୍କ ଫଳରୁ ବାହାରୁଥିବା ତୁଳାରେ ସଳିତା କରି ତିଳ ତେଲ ସହିତ ମାତା ଲକ୍ଷ୍ମୀଙ୍କ ନିକଟରେ ଲଗାଇ ସାଧନା କଲେ ମାଆଙ୍କ ଅପାର କରୁଣା ଲାଭ ହୁଏ । ପିଲାମାନଙ୍କୁ ଅଧିକ ଦୃଷ୍ଟି ହେଉଥିଲେ ନଜରବଟ୍ଟୁ ଭାବେ ଅରଖ ଚେର, ରସୁଣ, ଫିଟିକିରି ଏବଂ ମୟୂରପୁଚ୍ଛକୁ ଏକତ୍ର ମିଶାଇ ବାନ୍ଧିଲେ ଏହା ହେଉଁରିଆ ଭଳି କାମ ଦେଇଥାଏ । ଶ୍ୱେତାକର ଚେର ବା ଜଡ଼କୁ 'ଓଁ ନମୋଃ ଅଗ୍ନିରୂପାୟ ହ୍ରୀଂ ନମଃ' ମନ୍ତ୍ର ଉଚ୍ଚାରଣ କରି ନିଜ ପାଖରେ ରଖିଲେ ଯାତ୍ରାରେ ଦୁର୍ଘଟଣାର ଭୟ ରହିନଥାଏ । ଲୋକମାନଙ୍କ କଳା ଦୃଷ୍ଟି ବେଳେବେଳେ ପିଲାଙ୍କ ଦେହ ଖରାପ କରାଇଥାଏ । ଏଥିରୁ ମୁକ୍ତି ପାଇବାକୁ ହେଲେ ଗୁରୁ-ପୂଷ୍ୟା ନକ୍ଷତ୍ର ଦିନ ଶ୍ୱେତ ଅରଖର ୧୧ଟି ଫୁଲକୁ ମାଳ ଗୁନ୍ଥି ପିନ୍ଧାଇଲେ ପିଲା ଆରୋଗ୍ୟ ରହିଥାଏ । କେହି କେହି ଘରର ବାସ୍ତୁଦୋଷ କଟିବା ପାଇଁ ଶ୍ୱେତାର୍କ ଗଣପତିର ମାଳା ମୂଖ୍ୟ ଦ୍ୱାରରେ ଟଙ୍ଗାଇଥାନ୍ତି ।

## ଅରଖ ଫୁଲର ପୌରାଣିକ ମାନ୍ୟତା

ପ୍ରାଚୀନ କାଳରେ ଅୟୋଦଧୌମ୍ୟ ନାମକ ଜଣେ ଋଗ୍ ବେଦୀୟ ଋଷି ଥିଲେ । ତାଙ୍କର ଜଣେ ପରମ ଆଜ୍ଞାକାରୀ ଶିଷ୍ୟ ଥିଲେ ଉପମନ୍ୟୁ ଅର୍କ । ଏକଦା ଧୌମ୍ୟ ଋଷି ନିଜ ଶିଷ୍ୟ ଉପମନ୍ୟୁ ଅର୍କର ପରୀକ୍ଷା ନେବାକୁ ଚିନ୍ତା କଲେ ଓ ଗାଇ ଚରେଇବାକୁ ପରାମର୍ଶ ଦେଲେ । ଅର୍କ ଗାଇ ଚରେଇବାକୁ ସକାଳେ ଯାଇ ସନ୍ଧ୍ୟାରେ ଫେରୁଥିଲେ । ଦିନସାରା ଭିକ୍ଷା କରି କିଛି ଖାଇ



## ଅରଖର ଔଷଧୀୟ ଉପଯୋଗ



ଅରଖ ଏକ ଉପବିଷ ଉଦ୍ଭିଦ ହୋଇଥିଲେ ମଧ୍ୟ ଏହା ଅନେକ ରୋଗରୁ ଉପଶମ ଦେଇଥାଏ । ଆୟୁର୍ବେଦ ବିଶେଷଜ୍ଞମାନେ ଅରଖରୁ ଅନେକ ଔଷଧର ସମ୍ଭାବନା ପାଇଛନ୍ତି ଏବଂ ପ୍ରୟୋଗ ମଧ୍ୟ କରିଛନ୍ତି । ଏହା ସହିତ ଅରଖକୁ ଘରୋଇ ଉପଚାରରେ ମଧ୍ୟ ବହୁଳ ବ୍ୟବହାର କରାଯାଇତାଏ ଯଥା- ଅରଖ ପତ୍ରକୁ ଗରମ କରି କୌଣସି ମାଡ ହୋଇଥିବା ବା ଚୋଟ ଲାଗିଥିବା ସ୍ଥାନରେ ବାନ୍ଧିଲେ ଯନ୍ତ୍ରଣା କମ୍ ହେବା ସହିତ ଫୁଲା ମଧ୍ୟ କମ୍ ହୋଇଥାଏ । ଅରଖ ଫୁଲକୁ ଜୀରା ଓ ଗୋଲମରିଚ ସହିତ ମିଶାଇ ଖାଇବାକୁ ଦେଲେ ପିଲାମାନଙ୍କର କାଶ କମିଯାଇଥାଏ । ଅରଖ ଫଳ ଭିତରେ ଥିବା ତୁଳାକୁ ରକ୍ତ ଝରୁଥିବା ସ୍ଥାନରେ ଲଗାଇଲେ ରକ୍ତସ୍ରାବ ବନ୍ଦ ହୋଇଥାଏ । ଅରଖ ପତ୍ରକୁ ଆଣ୍ଠୁ ଗଣ୍ଠି ଦରଜ, ଚର୍ମ ରୋଗ, ଫୁଲାରୋଗ, ଆଲର୍ଜୀ, କୁଣ୍ଡିଆ ରୋଗ ଆଦିରୁ ମୁକ୍ତି ପାଇବାକୁ ଉପଯୋଗ କରାଯାଇଥାଏ । ପାଦ ତଳେ ଅରଖ ପତ୍ର ରଖି ମୌଜା ପିନ୍ଧି ବୁଲାବୁଲି କଲେ ରକ୍ତଚାପ ନିୟନ୍ତ୍ରଣ ରହିଥାଏ । ଏହାକୁ ଅର୍ଶରୋଗ ପାଇଁ ମଧ୍ୟ ବ୍ୟବହାର କରାଯାଇଥାଏ । କେହି କେହି ପତ୍ରକୁ ବାଟି ମଲମ ଭଳି ବ୍ୟବହାର କରିଥାନ୍ତି । ଅରଖ ଫୁଲର ରସକୁ ସେବନ କଲେ ଶ୍ୱାସ ସମ୍ବନ୍ଧୀୟ ରୋଗ ଭଲ ହୋଇଥାଏ । ମୁହଁର ଦାଗ, ବ୍ରଣ ଦୂର କରିବା ପାଇଁ ଅରଖ କ୍ଷୀର ସହିତ ହଳଦୀ ମିଶାଇ ପ୍ରଭାବିତ ସ୍ଥାନରେ ଲଗାଇଲେ ଉପଶମ ମିଳିଥାଏ । ଯଦି ପାଦରେ ଛାଲ ପଡ଼ିଥାଏ, ଅରଖ କ୍ଷୀର ଲଗାଇଲେ ଉପଶମ ମିଳିଥାଏ । ଅରଖ ଏକ ଉପବିଷ ହୋଇଥିବାରୁ ବ୍ୟବହାର କରିବା ପୂର୍ବରୁ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ସଠିକ୍ ମାତ୍ରାନୁସାରେ ବ୍ୟବହାର କରିବା ଉଚିତ୍, ନଚେତ୍ ଏହା ଶରୀର ପ୍ରତି କ୍ଷତି ମଧ୍ୟ କରାଇଥାଏ ।

ନେଉଥିଲେ । ଧୌମ୍ୟ ଋଷି ଜାଣିବା ପରେ ତାଙ୍କୁ ନିବେଦନ କରିବା ବିନା କୌଣସି ଆହାର ଗ୍ରହଣ କରିବେ ନାହିଁ ବୋଲି ଅର୍କଙ୍କୁ କହିଲେ । ଗୁରୁଭକ୍ତ ଅର୍କ ଗୁରୁଙ୍କ ଆଜ୍ଞା ଅନୁସାରେ ଭିକ୍ଷା ନ କରି ଜଙ୍ଗଲରେ ସାରାଦିନ ଉପାସ ରହି ଗାଇ ଚରେଇବାକୁ ଲାଗିଲେ । କିଛିଦିନ ଏମିତି କଟିବା ପରେ ଉପମନ୍ୟୁ ନିଜର କ୍ଷୁଧା ସମ୍ବରଣ କରିନପାରି ଏକ ବୁଦା ବୃକ୍ଷରୁ କିଛି ପତ୍ର ଆଣି ଖାଇଦେଲା ଏବଂ କିଛି ସମୟ ପରେ ସେ ଅନ୍ଧ ହୋଇଗଲା । ସେଦିନ ସେ ଆଶ୍ରମକୁ ଫେରିଲା ନାହିଁ । ଗୁରୁ ଧୌମ୍ୟ ଶିଷ୍ୟମାନଙ୍କ ସହ ଖୋଜାଖୋଜି କରିବା ପରେ ଦେଖିଲେ ଉପମନ୍ୟୁ ଏକ କୂଅରେ ପଡ଼ିଯାଇଛି । ଗୁରୁଙ୍କ ସ୍ୱର ଶୁଣି କୂଅ ଭିତରେ ଅଛି ବୋଲି ଉପମନ୍ୟୁ ଜଣାଇବାରୁ, ଗୁରୁ ତାଙ୍କୁ ବାହାରକୁ ବାହାର





କଲେ ଓ ଆରୋଗ୍ୟ ଦେବତା ଅଶ୍ୱିନୀକୁମାରଙ୍କୁ ପ୍ରାର୍ଥନା କରି ଚକ୍ଷୁ, ଫେରି ପାଇବାକୁ ଗୁହାରୀ କରିବାକୁ ପରାମର୍ଶ ଦେଲେ । ଧୌମ୍ୟଙ୍କ ପରାମର୍ଶ କ୍ରମେ ଅର୍କ ଗଭୀର ପ୍ରାର୍ଥନା କଲେ ଓ ଅଶ୍ୱିନୀକୁମାର ତାଙ୍କ ପ୍ରାର୍ଥନାରେ ପ୍ରସନ୍ନ ହୋଇ ଏକ ପୁଆ (ଚେର) ଖାଇବାକୁ ଦେଲେ । ଅର୍କ, ଗୁରୁଙ୍କୁ ନିବେଦନ ବିନା କିଛି ବି ଗ୍ରହଣ କରିବେ ନାହିଁ ବୋଲି କହିଲେ ଏବଂ ଗୁରୁଙ୍କୁ ପ୍ରଥମେ ନିବେଦନ କରିବା ପରେ ସେ ଗ୍ରହଣ କରିବେ କହି ଅଶ୍ୱିନୀକୁମାରଙ୍କୁ ବିନତୀ କଲେ । ଅର୍କଙ୍କର ଗୁରୁଭକ୍ତି ଦେଖି ଅଶ୍ୱିନୀ କୁମାର ଓ ଧୌମ୍ୟ ଦୁହେଁ ଖୁବ୍ ପ୍ରଶଂସା କଲେ ଓ ଅଶ୍ୱିନୀକୁମାର ବର ଦେଲେ: "ତୁମର ଦାନ୍ତ ସବୁ ସ୍ୱର୍ଣ୍ଣ ହୋଇଯିବ, ତୁମ ଆଖି ଠିକ ହୋଇ ପୁଣି ଦେଖି ପାରିବ, ଅନେକ ରୋଗର ଦୂରୀକରଣ ପାଇଁ ତୁମେ କଲ୍ୟାଣକାରୀ ହେବ ।" ଦେଖୁ ଦେଖୁ ଠିକ୍ ସେମିତି ହିଁ ହୋଇଗଲା । ମହାଦେବଙ୍କ ପରମ ଭକ୍ତ ଧୌମ୍ୟ ଋଷି ନିଜ ପରମ ଶିଷ୍ୟଙ୍କୁ ପରୀକ୍ଷାରେ ସଫଳ ହେବାର ଦେଖି ଖୁବ୍ ଆନନ୍ଦିତ ହେଲେ ଏବଂ ଉପମନ୍ୟୁଙ୍କୁ ବରଦାନ ଦେଲେ: "ମୋର ପ୍ରିୟ ଶିଷ୍ୟ ଉପମନ୍ୟୁ ଅର୍କ, ସମଗ୍ର ବେଦଶାସ୍ତ୍ର, ଧର୍ମଶାସ୍ତ୍ର, ତୁମର ବୁଦ୍ଧିମତାକୁ ପଶଂସା କରି ବର୍ଣ୍ଣନା କରିବେ । ତୁମେ ଯେଉଁ ବିଷାକ୍ତ ପତ୍ର ଖାଇ ତୁମର ଦୃଷ୍ଟିଶକ୍ତି ହରେଇଲ ପଛେ ଗୁରୁଙ୍କ ଅବମାନନା କଲ ନାହିଁ । ସେଇ ବୃକ୍ଷ ତୁମର ନାମାନୁସାରେ 'ଅର୍କ' ନାମରେ ନାମିତ ହେବ ଏବଂ ଏକ କଲ୍ୟାଣକାରୀ ଔଷଧି ଭାବେ ସମଗ୍ର ଜଗତର ମଙ୍ଗଳ କରିବ ।" ଅର୍କ ତତ୍‌କ୍ଷଣାତ୍ ଦିପ୍ତୀମୟ କାନ୍ତି ପରି ଫୁଟିବାକୁ ଲାଗିଲା । ଋଷି ଧୌମ୍ୟ ଥିଲେ ମହାଦେବଙ୍କ ପରମ ଭକ୍ତ । ତେଣୁ ଅର୍କ ତାଙ୍କର ପ୍ରିୟ ଶିଷ୍ୟ ହୋଇଥିବାରୁ ମହାଦେବ 'ଅର୍କ'ଙ୍କୁ ଅତି ଆଦରରେ ନିଜ ଶିରରେ ଧାରଣ କଲେ ଏବଂ କହିଲେ, 'ଅର୍କ' ତୁମେ ଅନନ୍ତ କାଳ ପାଇଁ ମୋର ପ୍ରିୟ ହେଲ । ଯେଉଁ ଭକ୍ତ ଅରଖ ଫୁଲ ସମର୍ପିତ କରି ମୋତେ ସ୍ମରଣ କରିବ, ମୁଁ ଅବଶ୍ୟ ତା'ର କଲ୍ୟାଣ କରିବି, ତାକୁ ରୋଗବ୍ୟାଧିରୁ ମୁକ୍ତି ମିଳିବ ।" ସେଦିନଠୁ ଅରଖ (ଅର୍କ) ଶିବଙ୍କର ପ୍ରିୟ ଫୁଲ ଭାବେ ଶିରମଣ୍ଡନ କରୁଛି ।

ହିନ୍ଦୁ ସଂସ୍କୃତିରେ ଅରଖକୁ ଏକ ପବିତ୍ର ବୃକ୍ଷର ମାନ୍ୟତା ଦିଆଯାଏ । ମହାଦେବ ଶିବଙ୍କଠୁ ଆରମ୍ଭ କରି ରୁଦ୍ରାବତାର ଶ୍ରୀହନୁମାନ ଓ ବିଘ୍ନ ବିନାଶନ ଶ୍ରୀଗଣେଶଙ୍କ ଅତ୍ୟନ୍ତ ପ୍ରିୟ ପୁଷ୍ପ ଭାବେ ଚୟନ କରାଯାଇଥାଏ ଅନେକ ସନ୍ଦର୍ଭରେ 'ଅରଖ'ର ପ୍ରୟୋଗ କରାଯାଇ ସୂର୍ଯ୍ୟ, ଇନ୍ଦ୍ର, ତାମ୍ର, ସ୍ଫଟିକ ଆଦି ଏବଂ ବୃକ୍ଷ ରୂପରେ ଅରଖକୁ ଏକ ପବିତ୍ର ବୃକ୍ଷ କୁହାଯାଇଛି । ଅରଖର ଧଳାରଙ୍ଗର ଫୁଲ (ଶ୍ୱେତାର୍କ)କୁ ଲକ୍ଷ୍ୟ କଲେ ଜଣାଯାଏ ଏହା ସ୍ୱତନ୍ତ୍ର ଶ୍ରୀଗଣେଶଙ୍କ କାୟା ସଦୃଶ ହୋଇଥାଏ, ତେଣୁ ଏହାକୁ ଶ୍ୱେତାର୍କ ଗଣପତି କୁହା ଯାଇଥାଏ ।

ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



# ୧୮ ପ୍ରଜ୍ଞାପୀଠରେ ତେତିଶ ବର୍ଷ


**ଜୟନ୍ତୀ ରଥ**

'ସାଇସୁଧା', ୩୬୫/୩୦୨୫, ଶିଶୁ ବିହାର,
ପଟିଆ କିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬


ଫଟୋ ସୌଜନ୍ୟ : ସୂର୍ଯ୍ୟ ଦେଓ

**'ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ': ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । 'ରେବତୀ'ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।**


◀ ଲେଖିକା ଜୟନ୍ତୀ ରଥ

କ୍ରମେ ଉଚ୍ଚତର, ମହତ୍ତର ଜୀବନ ସହିତ ସଂଯୁକ୍ତ ହୋଇ ଯାଉଥିଲା ବେବି ।

ଏକଦା ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, କେନ୍ଦ୍ର ସୂଚନା ପ୍ରସାରଣ ବିଭାଗ ମନ୍ତ୍ରୀ, ସୁସାହିତ୍ୟିକା ନନ୍ଦିନୀ ଶତପଥୀଙ୍କ ସହିତ ସାକ୍ଷାତ ଓ ଆଳାପ ବିନିମୟର ସୁଯୋଗ ପାଇଥିଲା ବେବି । ମାଧ୍ୟମ ଥିଲେ ଇନ୍ଦୁଭୂଷଣ କର । ଓଡ଼ିଶାର ଲେଖିକାମାନଙ୍କର ଗଳ୍ପକୁ ନେଇ ଏକ ସ୍ୱତନ୍ତ୍ର ସଂକଳନ କରିବାର ନିଷ୍ପତ୍ତି ନେଇଥିଲା ସାହିତ୍ୟ ଏକାଡ଼େମୀ ।  ଏଇ ସଂକଳନଟିର ସମ୍ପାଦନା ଦାୟିତ୍ୱ ସଚିବ ନ୍ୟସ୍ତ କରିଥିଲେ ବେବି ଉପରେ । ପ୍ରାୟ ସବୁ ବିଶିଷ୍ଟ ଗାଳ୍ପିକାଙ୍କ ସହ ବେବି ଡାକ ଯୋଗେ, ଫୋନ୍ ଯୋଗେ ଯୋଗାଯୋଗ କରିଥିଲା । "ନନ୍ଦିନୀ ଶତପଥୀଙ୍କ ଠୁ ଗପ କେମିତି ଆସିବ ? ଫୋନ୍‌ରେ ତାଙ୍କୁ ଗପ ମାଗିବାଟା ଆସ୍ପର୍ଦ୍ଧା ହେବ, ତମେ ନିଜେ ଯାଅ । ତାଙ୍କୁ ଦେଖାକରି ଗପଟିଏ ମାଗିଆଣ," କହିଥିଲେ କର ମହାଶୟ । ଅଗତ୍ୟା ବେବି ଯାଇଥିଲା ସେ ରହୁଥିବା କ୍ୱାର୍ଟରକୁ । ମନରେ ଯୁଗପତ୍ ଭୟ, ଆଶଙ୍କା, ଆଗରୁ ସମୟ ସ୍ଥିରୀକୃତ ହୋଇ ନାହିଁ । ସହାୟକ କବାଟ ଖୋଲିଲା ।

ଭିତରକୁ ଯାଇ କିଛି ସମୟ ପରେ ଆସି କହିଲା- "ଆଜି ଦେଖା ହୋଇ ପାରିବ ନାହିଁ । ମା'ଙ୍କ ଦେହ ଭଲ ନାହିଁ । ଆଉ ଦିନେ ଆସନ୍ତୁ ।"

ବେବିର ଜିଦ୍ । ସେ ଶୂନ୍ୟ ହସ୍ତରେ ଫେରିବ ନାହିଁ । ସଂକଳନ ପାଇଁ ସମସ୍ତ ଗପ ସଂଗ୍ରହ ସରିଛି କେବଳ ଶ୍ରୀମତୀ ଶଥପଥୀଙ୍କ ଗପ ଛଡ଼ା । ସେ ସହାୟକଙ୍କୁ କହିଲା- "ଯାଅ, ମ୍ୟାଡାମ୍ କୁହ, ଆଜି ନହେଲେ ମୁଁ ଆଉ ଆସି ପାରିବିନି ।"

ସହାୟକ ପୁଣି ଥରେ ପ୍ରଶ୍ନ ନେଇ ଆସିଲେ ।

"ଆପଣ କିଏ ?"

ସବୁଠୁ ଛୋଟ ଅଥଚ ସବୁଠୁ କଠିନ ଏଇ ପ୍ରଶ୍ନ । ନିଜର କି ପରିଚୟ ଦେବ ସେ ! ପ୍ରତିଷ୍ଠାର ଉତ୍ତୁଙ୍ଗ ଶିଖରରେ ପହଞ୍ଚିଥିବା ଜଣେ ନାରୀଙ୍କ ପାଖରେ ସେ କେତେ ସାମାନ୍ୟ । ଟିକେ ଇତସ୍ତତଃ ହେବା ପରେ କହିଲା ମୁଁ ଜୟନ୍ତୀ । ଫେରିଗଲା ସହାୟକ । ଅଳ୍ପ ସମୟ ପରେ ଉଭା ହେଲେ ନନ୍ଦିନୀ । ଅସୁସ୍ଥତା ଯୋଗୁଁ ନିସ୍ତେଜ ଦିଶୁଥିଲେ । କିନ୍ତୁ ସ୍ୱରର ତେଜ ମଉଳି ନଥିଲା । କହିଲେ- "ତମ ନିଜ ନାଁ କହିଲ । ସେଥିପାଇଁ ମୁଁ ଆସିଲି । ଯଦି କାହାର ଝିଅ, କାହାର ଭଉଣୀ କି କାହାର ସ୍ତ୍ରୀ ଭାବରେ ପରିଚୟ ଦେଇଥାନ୍ତ, ଆସି ନଥାନ୍ତି । ସବୁବେଳେ ସବୁଠି ନିଜ ପରିଚୟ ନେଇ ବଞ୍ଚିବ ।"

ଡାକିଲେ ଭିତରକୁ । ପଚାରି ବୁଝିଲେ ତା'ର ଯିବାର ଉଦ୍ଦେଶ୍ୟ । ତା'ପରେ ଗପି ଚାଲିଲେ ଅନର୍ଗଳ ।

ସେଦିନର ସେଇ ଗୃହ ପ୍ରବେଶ ଏକ ବିଶାଳ ହୃଦୟକୁ ପ୍ରବେଶର ଦ୍ୱାର ଉନ୍ମୁକ୍ତ କରି ଦେଇଥିଲା ବେବି ପାଇଁ । ତାଙ୍କ ଆକର୍ଷଣରେ ଟାଣି ହୋଇ ବହୁଥର ସେ ଯାଇଥିଲା ତାଙ୍କ ପାଖକୁ ।

ନନ୍ଦିନୀ ଦୃଢ଼ମନା ନାରୀ- ଏହା ତ ଜାଣନ୍ତି ସମସ୍ତେ । ତେବେ ତାଙ୍କ ଭିତରେ ଥିବା ପ୍ରେମିକା ପତ୍ନୀର ଅସ୍ତିତ୍ୱ, ସ୍ନେହଶୀଳା ଜନନୀ, ପିତାମହୀର ଅସ୍ତିତ୍ୱକୁ ସମସ୍ତେ ବୁଝି ନଥିଲେ । କଥା କହୁକହୁ ସେ କେତେ ପ୍ରସଙ୍ଗ ବି ଆଣୁଥିଲ । ଇତିହାସ-ସାହିତ୍ୟ-ରାଜନୀତି ଓ ବ୍ୟକ୍ତିଗତ ସମ୍ପର୍କ । ତାଙ୍କ ଜୀବନର ଅନୁଭୂତି ଶୁଣି ଚମତ୍କୃତ ହେଉଥିଲା ବେବି । ଅଭିଭୂତ ହେଉଥିଲା । ତାଙ୍କୁ ଅନୁରୋଧ କରିଥିଲା- "ଆପଣ ଆତ୍ମଜୀବନୀ ଲେଖନ୍ତୁ । ଆପଣଙ୍କ ଜୀବନ ଓଡ଼ିଶାର ଲକ୍ଷ ଲକ୍ଷ ଝିଅଙ୍କୁ ପ୍ରେରଣା ଦେବ ଆଗକୁ ବଢ଼ିବା ପାଇଁ ।"

"ନା । ଆତ୍ମଜୀବନୀ ଲେଖିବି ନାହିଁ । ଏମିତି ତ ଜୀବନ ନାହିଁ ଯେଉଁଠି ଚାବି ନାହିଁ । ଭୁଲ ନାହିଁ । ଦୋଷ ତ୍ରୁଟି ନାହିଁ । ମୋ ଜୀବନରେ ଭୁଲ୍ ଅଛି । ଯଦି ଆତ୍ମଜୀବନୀ ଲେଖିବାକୁ ଯାଇ ମୁଁ ସେଗୁଡ଼ିକ ଲେଖିବି ନାହିଁ, ତେବେ ମୁଁ ନ୍ୟାୟ ଦେବି ନାହିଁ ଲେଖିବାକୁ । ନିଜକୁ ସୁନ୍ଦର ଓ ନିର୍ଦ୍ଦୋଷ ଦେଖେଇବାକୁ ଯାଇ ମିଥ୍ୟାର ଆଶ୍ରୟ ନେବି ନାହିଁ । ନହେଲେ ନହେଉ ପଛେ ଆତ୍ମଜବନୀ, ଅସତ୍ୟ କହିବି ନାହିଁ ।"

ରୋକ୍‌ଠୋକ୍ ସିଧାସଳଖ କଥା । ତେବେ ଭିତରେ ପ୍ରବାହିତ ହେଉଥିଲା ସ୍ନେହର ମୃଦୁ ଶୀତଳ ସ୍ରୋତ ।

ଜୀବନର ଅପରାହ୍ନରେ ନିଃସଙ୍ଗତା ଭିତରେ ମନେ ପକଉଥିଲେ ବାପା ପ୍ରସିଦ୍ଧ କବି କାଳିନ୍ଦୀ ଚରଣଙ୍କୁ । କକେଇ ବିପ୍ଳବୀ ଭଗବତୀ ଚରଣଙ୍କୁ । ସ୍ୱାମୀ ଦେବେନ୍ଦ୍ରନାଥଙ୍କୁ ।

ପରସ୍ତ ପରସ୍ତ ଖୋଲି ଦେଇ ଯାଉଥିଲେ ସ୍ମୃତିର ପାଖୁଡ଼ା । କହୁଥିଲେ- "ମୋ ବାପା  ମୋ ଜୀବନର ସବୁଠାରୁ ବଡ଼ ଆଦର୍ଶ । ମୋତେ ବହୁତ ଭଲ ପାଉଥିଲେ । କିନ୍ତୁ ମୋର ସାମାନ୍ୟ ଭୁଲ୍



ଦେଖି ସହୁ ନଥିଲେ । History of Oriya literature ରେ କବି ମାୟାଧର ମାନସିଂହ ବାପାଙ୍କ ପ୍ରତି ଉଚ୍ଚ ମତ ଦେଇ ନଥିଲେ । ସେଥିପାଇଁ ମୁଁ ଏଣୁତେଣୁ କହି ଦେଇଥିଲି ରାଗିକରି । ବାପାଙ୍କ କାନରେ ପଡ଼ିଲା । ମୋତେ ଚେତେଇ ଦେଇଥିଲେ: କୁନି (ତାଙ୍କ ଡାକ ନାମ) ମାୟାଧର ତୋ' ବାପାର ସାଙ୍ଗ । ତାଙ୍କ ବିଷୟରେ କିଛି କହିଲା ବେଳେ ଏଇ କଥାଟି ମନେରଖିବୁ । ବାପା ମୋ ପାଖକୁ ଚିଠି ଲେଖିଲା ବେଳେ ସବୁବେଳେ ଠିକଣାରେ ଲେଖୁଥିଲେ ନନ୍ଦିନୀ ଶତପଥୀ, ଏମ୍.ଏ । ମୋତେ ବଡ଼ ଆଶ୍ୱସ୍ତି ଲାଗୁଥିଲା । ମୁଁ ଥରେ କହିଥିଲି, ବାପା ଏଇ.ଏମ୍.ଟା କାହିଁକି ଲେଖୁଚ ? ବାପା କହିଥିଲେ ଏଇ ଏମ୍.ଏ ଡିଗ୍ରୀଟା ପରିଶ୍ରମ କରି ପାଇଚୁ । ତୋ' ନିଜର ଅର୍ଜନ । କବି ଲୋକ । ତାଙ୍କ ଖିଆଲ । ସେ କାହା କଥା ଶୁଣନ୍ତିନି । ଏମିତି କେତେ କାମ କରନ୍ତି । ଆମେ ସବୁ ଭାଇ ଭଉଣୀମାନେ ଆଲୋଚନା କରୁ, ହସୁ ।"

କହୁଥିଲେ କେତେ ନିରୋଳା ବ୍ୟକ୍ତିଗତ କଥା ।

- ଗସ୍ତରେ କୁଆଡ଼େ ଯାଇଥିଲେ ସେ (ସ୍ୱାମୀ) । ଅପେକ୍ଷା କରି ବସିଥାଆନ୍ତି ଫେରିବା ବାଟକୁ । କାଳେ ନ ଖାଇ ଶୋଇଯିବି । କ'ଣ ବା ଖାଏ । ଖଣ୍ଡେ ପରଟା, ଟିକେ ଆଳୁଭଜା, ରାତିରେ । ଦିନରେ ଭାତ, କ୍ଷୀର, ଆଳୁଭଜା, ସେଇତକ ନ ଖୁଆଇବା ପର୍ଯ୍ୟନ୍ତ ସେ ମୋତେ ଛାଡ଼ନ୍ତି ନାହିଁ ।

ଆମେ ଆଗରୁ ରହୁଥିବା କ୍ୱାର୍ଟରର ବଗିଚାରେ ବହୁତ ଆମ୍ବଗଛ ଥିଲା । କେଉଁ ଆମ୍ବ ଗଛର ସ୍ୱାଦ କେମିତି ସେ ଜାଣିଥିଲେ । ସେ ସବୁଦିନ ସକାଳୁ ଗଛ ତଳକୁ ଯାଇ ଦେଖନ୍ତି । ତଳେ ପଡ଼ିଥିବା ଆମ୍ବ ଗୋଟେଇ ଆଣନ୍ତି । ସବୁ ଆମ୍ବକୁ ଧୋଇ ପୋଛି କାଗଜରେ ଗୁଡ଼େଇ ଟେବୁଲ ଡ୍ରୟାରରେ ରଖନ୍ତି ।  ଡ୍ରୟାର ଖୋଲି ମଝିରେ ମଝିରେ ଗଣୁଥାନ୍ତି । ଠିକ୍ ଅଛି ନା ନାଇଁ । ଯଦି ତାଙ୍କ ହିସାବରୁ କମ୍ ଥାଏ ତ ପାଟି କରି କହ୍ନାନ୍ତି- କୁଆଡ଼େ ଗଲା ? ଦି'ଟା ଆମ୍ବ ଏଠୁ କିଏ ନେଲା ? ମୋତେ ବଡ଼  ବ୍ୟସ୍ତ ଲଗେ । କହେ- ଆମ୍ବ ଦି ଚାରିଟା କିଏ ନେଲେ ନେଲା । ଏତେ ପାଟି କରୁଚ କ'ଣ ପାଇଁ ?

କହୁଥାନ୍ତି, ସ୍ୱାମୀଙ୍କର ଅବୋଧପଣକୁ ମନେ ପକେଇ ହସୁଥାନ୍ତି । ସେ ହସରୁ ଝରୁଥାଏ ଦାମ୍ପତ୍ୟର ମଧୁର ଝର ।

ସ୍ୱାମୀ ଦେବେନ୍ଦ୍ର ରାଜନୀତିରେ ଥିଲେ । ଏମ୍.ପି. ହୋଇଥିଲେ । ତେବେ ରାଜନୀତିର ଜଟିଳ ଜ୍ୟାମିତି ଠୁ ଦୂରରେ ଥିଲେ । ପତ୍ନୀଙ୍କର ପ୍ରତିଯୋଗୀ ନଥିଲେ କଦାପି ।

ଢେଙ୍କାନାଳର ବୋହୂ ଭାବେ ଦୁଇ ଦୁଇ ଥର ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ ନନ୍ଦିନୀ । ଥରେ ପରାସ୍ତ କରିଥିଲେ ବିଶିଷ୍ଟ ସର୍ବୋଦୟ ନେତ୍ରୀ ମାଳତୀ ଚୌଧୁରୀଙ୍କୁ । ଆଉଥରେ ଢେଙ୍କାନାଳର ରାଜା କାମାକ୍ଷା ପ୍ରସାଦ ସିଂହଦେଓଙ୍କୁ । ବିଧାନସଭା ନିର୍ବାଚନ ପ୍ରଚାର । ଗାଁକୁ ଗାଁ ଘରକୁ ଘର ବୁଲି ଭୋଟ ପାଇଁ ପ୍ରଚାର କଲାବେଳେ ନନ୍ଦିନୀଙ୍କ ସାଥିରେ ଥିଲେ ଦେବେନ୍ଦ୍ର ବାବୁ ଓ ତାଙ୍କ ପରିବାରର ଅନ୍ୟମାନେ । କେତେ ଭାଗରେ ବିଭକ୍ତ ଥିଲା ତାଙ୍କ ଜୀବନ । ରାଜନୀତି, ସମାଜସେବା, ସାହିତ୍ୟ, ଆଧ୍ୟାତ୍ମିକ ଅନସନ୍ଧିତ୍ସା, ପରିବାର ପରିଚାଳନା, ପ୍ରଶାସନ । ସେଇ ଭିତର କେତେ ସୂକ୍ଷ୍ମ ଭାବରେ ଖୋଦିତ ହୋଇ ରହିଥିଲା ତାଙ୍କ ସ୍ୱାମୀଙ୍କ ସ୍ମୃତି । ଆଲମାରୀରେ ସାଇତି ରଖିଥିଲେ ଦୁଇଟି ଫଟୋ । ଖଇରିଆ ରଙ୍ଗ ଦେହରେ ନାଲି କୁମ୍ଭପକା ବରହମ୍ପୁରୀ ପାଟ । ମୁଣ୍ଡରେ ଓଢ଼ଣା, ମୁହଁରେ ସ୍ମିତ ହସ । ପରିଣତ ବୟସରେ ବି ଦିଶୁଥିଲେ ଆଭାମୟୀ । ବେବିର ଆଖି ସହଜରେ ଲେଉଟି ନଥିଲା ସେ ଫଟୋରୁ । ସେ ଜିଦ୍ କରି ସେଇ ଫଟୋରୁ ଗୋଟିଏ ନେଇ ଆସିଥିଲା । ଦେବେନ୍ଦ୍ର ବାବୁ ଚାଲିଗଲା ପରେ ସେ ବଡ଼ ନିଃସଙ୍ଗ ଅନୁଭବ କରୁଥିଲେ ।

କଥାବାର୍ତ୍ତା ବେଳେ ଫେରି ଯାଉଥିଲେ ଇତିହାସକୁ । ରୀତିମତ ପରୀକ୍ଷା ନେଉଥିଲେ ତା'ଠୁ ।

- ଆମ ଓଡ଼ିଶାରେ ଭୌମକର ନାମରେ ଏକ ରାଜବଂଶ ରାଜୁତି କରୁଥିଲେ । ଜାଣ ?

- ହଁ । ସେଇ ବଂଶରେ ଏକାଦି କ୍ରମେ ଛଅ ଜଣ ନାରୀ ରାଜ୍ୟ ଶାସନ କରିଥିଲେ ।

- ସେମାନଙ୍କ ବିଷୟର କିଛି କହି ପାରିବ ?

ତ୍ରିଭୁବନ ମହାଦେବୀ, ପୃଥ୍ୱୀ ମହାଦେବୀ, ଦଣ୍ଡୀ ମହାଦେବୀ, ଗୌରୀ ମହାଦେବୀ, ବକୁଳ ମହାଦେବୀ, ଧର୍ମ ମହାଦେବୀ- ଏଇ ଛଅଟି ନାଁ କେବଳ କହିଦେଲେ ଚଳିବ ନାହିଁ । ନନ୍ଦିନୀ ସ୍ୱୟଂ ଜଣେ ସାମ୍ରାଜ୍ଞୀ । ଏକଦା ଓଡ଼ିଶାର ସର୍ବୋଚ୍ଚ ଶାସନକର୍ତ୍ତ୍ରୀ । ବିଚକ୍ଷଣା ରାଜନେତ୍ରୀ । କ'ଣ କହିବ ବେବି ଏ ରାଣୀମାନଙ୍କ ବିଷୟରେ ।

- ଏ ରାଣୀମାନେ (ଦଣ୍ଡୀ ମହାଦେବୀଙ୍କୁ ଛାଡ଼ିଦେଲେ) ସମକାଳର ଶକ୍ତିଶାଳୀ ରାଜବଂଶ, ନାଗବଂଶ, ସୋମବଂଶ, ଭଞ୍ଜ ବଂଶର କନ୍ୟା ଥିଲେ ।  ସ୍ୱୀୟ ପତିଙ୍କ ଦେହାବସାନ ପରେ କ୍ଷମତା ରାଜନୀତିରେ ନିଜ ସ୍ଥିତି ସାବ୍ୟସ୍ତ କରିବା ପାଇଁ ପିତୃପକ୍ଷର ସାହାଯ୍ୟ ନେଉଥିଲେ । ଏମାନେ ବହୁ ପ୍ରଜାମଙ୍ଗଳ କାରୀ କାର୍ଯ୍ୟ କରୁଥିଲେ । ବୃଷ୍ଟିଜଳ ସଞ୍ଚୟ କରିବା ପାଇଁ ବିଶାଳ ଜଳାଗାର ନିର୍ମାଣ କରିବାର ଦୂରଦୃଷ୍ଟି ଥିଲା ଏଇ ବଂଶର ରାଣୀ ତ୍ରିଭୁବନ ମହାଦେବୀଙ୍କର । ଜଳ ସଂଚୟ ସହିତ ଜଳ ଶୋଧନ କାର୍ଯ୍ୟ ତଦାରଖ କରିବା ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ କରିଥିଲେ । ତାଙ୍କୁ କୁହା ଯାଉଥିଲା ମଳିନ



ଅମ୍ବୁବାହ । ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ- ଏ ସମସ୍ତ ଧର୍ମମତର ପ୍ରଚାର ଓ ପ୍ରସାର ଦିଗରେ ଭୌମକର ବଂଶୀୟା ରାଣୀମାନଙ୍କର ପ୍ରଭୂତ ଅବଦାନ ଥିଲା । ଶିଳାଲେଖରେ ଏମାନଙ୍କ ରୂପର ସୁନ୍ଦର ବର୍ଣ୍ଣନା ରହିଛି । କାହାକୁ ସ୍ୱର୍ଣ୍ଣ ଯଷ୍ଟି ତ କାହାକୁ ସଭାପଦ୍ମିନୀ ରାଜହଂସୀ ବିଶେଷଣ ଦିଆ ଯାଇଛି । ବିଶାଳ ରାଜ୍ୟର ସୁରକ୍ଷା ପାଇଁ ଦଣ୍ଡୀ ମହାଦେବୀ ବିବାହ କରି ନଥିଲେ । ଆଜୀବନ କୁମାରୀ ରହିଥିଲେ । ବିବାହ କରିଥିଲେ ଗୋଟିଏ ପକ୍ଷକୁ ସମର୍ଥନ କରିବାକୁ ସେ ବାଧ୍ୟ ହୋଇଥାନ୍ତେ ।

ବେବିର ବର୍ଣ୍ଣନା ଶୁଣି ସ୍ମିତ ହସର ଧାରଟିଏ ବିଜୁଳି ପରି ଝଲସି ଉଠିଲା ନନ୍ଦିନୀଙ୍କ ମୁହଁରେ ।

"ଯାଅ । ଭିତରକୁ ଯାଅ । ଆହୁରି ବହୁତ ତଥ୍ୟ ପାଇବ, ଯାହା ସାଧାରଣ ଲୋକ ଜାଣିନାହାନ୍ତି । ତମେ ଇତିହାସର ଛାତ୍ରୀ । ଅନୁସନ୍ଧାନ କର । ଉପନ୍ୟାସ ଲେଖ ଏ ରାଣୀମାନଙ୍କୁ ନେଇ । ଉପନ୍ୟାସ ଲେଖ ରାଣୀ ଶୁକଦେଈଙ୍କୁ ନେଇ । ସ୍ୱାମୀହନ୍ତା ଖୋର୍ଦ୍ଧା ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରିବା ପରେ ତାଙ୍କୁ ମୁକ୍ତ କରି ଦେଇଥିଲେ । ଆଉ ଜଣେ ନାରୀ ତାଙ୍କ ଭଳି ବୈଧବ୍ୟ ଯନ୍ତ୍ରଣା ଭୋଗୁ, ସେ ଚାହୁଁ ନଥିଲେ ।

ଲେଖ ସାହସ, ପ୍ରେମ, ତ୍ୟାଗ, ବଳିଦାନର କଥା । ଲେଖ ବିଦ୍ରୋହର କଥା । ବିଦ୍ରୋହୀ ହୁଅ । ପ୍ରଚଳିତ ପ୍ରଥା ଯାହା ମାନବିକ ନୁହେଁ ତା' ବିରୁଦ୍ଧରେ ସ୍ୱର ଉଠାଅ । ଅଶୋକଙ୍କ କଳିଙ୍ଗ ଯୁଦ୍ଧ ସମୟରେ କିଏ କଳିଙ୍ଗର ରାଜା ଥିଲେ ଆବିଷ୍କାର କର ।"

ଇତିହାସରୁ ଫେରି ଆସୁଥିଲେ ଜୀବନ ପାଖକୁ । "ଶୁଣ କବିତାଟିଏ ଲେଖିଚି । ମୋ ମନ ରଖିବା ପାଇଁ ଭଲ ହୋଇଛି ବୋଲି କହିବନି । କେତେ ଉଚ୍ଚକୋଟୀର କବିତା ଲେଖୁଛନ୍ତି କବିମାନେ । ତମେ ସେସବୁ ପଢୁଥିବ । ଖାଲି ଶୁଣ ମୋର ଇଚ୍ଛା ହେଉଛି ତମକୁ ଶୁଣେଇବାକୁ ।" ଏତିକି କହି ସେ ପୂର୍ବ ରାତିରେ ଶୋଇବାକୁ ଯିବା ପୂର୍ବରୁ ଲେଖିଥିବା କବିତାଟି ଆବୃତ୍ତି କଲେ । କବିତା ପାଠ ସରିବା ପରେ ବେବି ଚୁପ୍ ରହିଲା ।

"ତମକୁ ଭଲ ଲାଗିଲାନି ନା ! ମୁଁ ଜାଣେ ପରା, ଭାରି ପିଲାଳିଆ ହୋଇଛି", କହି ଛୋଟ ଝିଅଟିଏ ପରି ହସିବାକୁ ଲାଗିଲେ । ବେବି ବି ହସିଲା ତାଙ୍କ ସହିତ । ପ୍ରକୃତ ସ୍ରଷ୍ଟା ଜାଣେ ତା'ର ଦୁର୍ବଳତା, ତାକୁ କହିବା ଦରକାର ନାହିଁ । ସେ ତାଗିଦ୍ ନକରିଥିଲେ ବି କବିତାଟି ଭଲ ହୋଇଛି ବୋଲି ବେବି କହି ନଥିଲା ।

ପାଗଟା ମେଘୁଆ ଥିଲା । ଦୁହେଁ ମୁହାଁମୁହିଁ ବସିଥିଲେ । ଝରକା ବାଟେ ସେ ବାହାରକୁ ଚାହୁଁଥିଲେ । ବେବି ତାଙ୍କ ମୁହଁକୁ ଚାହିଁ ରହିଥିଲା ।

ତାଙ୍କ ଜୀବନର ଗଡ଼ାଣି ବେଳେ ଉଠାଣି ବେଳେ ଜହ୍ନ, ଜ୍ୟୋତ୍ସ୍ନା, ପକ୍ଷୀ, ପ୍ରଜାପତି, ନଦୀ, ପର୍ବତ- ଏସବୁ ଦେଖି ବିମୁଗ୍ଧ ହେବାର, ବିଭୋର ହେବାର ଅବସର ତାଙ୍କୁ ଜୁଟି ନଥିଲା । କ୍ଷମତା ରାଜନୀତିରେ ସଂପୃକ୍ତ ଥାଇ ସେ ନିଜ ରୁଚି, ନିଜ ଅନୁରାଗ ପ୍ରତି ସମୟ ଦେଇ ପାରୁ ନଥିଲେ । ପ୍ରବୃତ୍ତି ଥିଲା ଶକ୍ତ ସାରସ୍ୱତ ଭିତ୍ତିଟିଏ ଥିଲା । ତେଣୁ ସବୁ ଜଂଜାଳ ଭିତରେ ବି ସୃଜନ ପ୍ରକ୍ରିୟା ଅନ୍ତରକୁ ଅସ୍ଥିର କରୁଥିଲା । ସେଇ ଅସ୍ଥିରତାରୁ ଜନ୍ମ ନେଇଥିଲା କାଳଜୟୀ ଗପ କେତୋଟି । ସେଇ ପ୍ରକ୍ରିୟାରେ ପରିଚାଳିତ ହୋଇ ସମ୍ପାଦନା କରିଥିଲେ କିଛିକାଳ ଦୁଇଟି ପତ୍ରିକା – 'ଧରିତ୍ରୀ', 'କଳନା' । ସକ୍ରିୟ ରାଜନୀତିରୁ ଓହରି ଯିବା ପରେ ସେ ସାହିତ୍ୟ ସହ ସଂପୃକ୍ତ ହେବାକୁ ସମୟ ପାଇଲେ ।

ମହାଶ୍ୱେତା ଦେବୀ, ଅମୃତା ପ୍ରୀତମ୍, ତସଲିମା ନସ୍‌ରିନ୍‌ଙ୍କ କୃତିର ଅନୁବାଦ କଲେ । ଉଚ୍ଚାଙ୍ଗ ଅନୁସୃଜନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଲେ । ପରିଣତ ବୟସରେ କବିତା ମନସ୍କ ହୋଇ ଭଲ



କବିତାଟିଏ ଲେଖି ନପାରିବାର ଅକ୍ଷମତାକୁ ସ୍ୱୀକାର କରି ହସିଲା ବେଳେ ସେ ସତରେ ଅପୂର୍ବ ଦିଶୁଥିଲେ ।

ଗଳ୍ପ ଚୟନ କରିବା ପାଇଁ ନନ୍ଦିନୀ ତାକୁ ଦୁଇଟି ସଂକଳନ ଦେଇଥିଲେ । 'ସପ୍ତଦଶୀ', 'କେତୋଟି କଥା' । ଦୁଇଟି ସଂକଳନର ପ୍ରତିଟି ଗପ ଏକୁ ଆରେକ ଭଳି । କେଉଁଟି ସବୁଠୁ ଭଲ ତାହା ବିଚାର କରିବା ତା' ପକ୍ଷେ କଷ୍ଟକର ଥିଲା । ସମ୍ବଳ ଶୂନ୍ୟ ମଣିଷର ଅସହାୟତା, ନିଃସଙ୍ଗତା, ସାଂପ୍ରତିକ ସମାଜରେ ନାରୀର ଦୁଃସ୍ଥିତି ଏମିତି କେତେ ପ୍ରସଙ୍ଗକୁ ନେଇ ଚମତ୍କାର ଆଲେଖ୍ୟ ଏଇ ଗପଗୁଡ଼ିକ । ଗୋଟିଏ ଗଳ୍ପର ଶୀର୍ଷକ ଥିଲା 'ଏକକ' । ବେବି ପଚାରିଥିଲା- "ଆପଣ କେମିତି ଲେଖିଲେ ଏ ଗପ ?" ଏ ପ୍ରଶ୍ନ ଶୁଣି ଓଲଟା ପ୍ରଶ୍ନ କରିଥିଲେ- "କିଏ ଏକକ ନୁହେଁ କହିଲ ?"

ବହୁବର୍ଷ ପରେ ଆଜି ବି ନନ୍ଦିନୀଙ୍କର ଏଇ ପ୍ରତିପ୍ରଶ୍ନ ପ୍ରତିଧ୍ୱନିତ ହୁଏ ତା'ର କର୍ଣ୍ଣ ଗହ୍ୱରରେ ।

ତାଙ୍କ 'ଭସାମେଘ' ଗଳ୍ପର ନାୟିକା ସ୍ୱାମୀ ଦ୍ୱାରା ଅତ୍ୟାଚାରିତ, ନିର୍ଯ୍ୟାତିତା । ବର୍ଷବର୍ଷ ଧରି ମାନସିକ ରୋଗୀ ଭାବେ ଚିକିତ୍ସାଧୀନା । ହସ୍‌ପିଟାଲରେ ଥାଇ ସେ ଖବର ପାଏ ତା'ର ପୁଅର ବିବାହ ସଂପର୍କରେ । ଆନନ୍ଦରେ ପୁଲକିତ ହୋଇଉଠେ ତାର ମନ । ସେ ସଂପୂର୍ଣ୍ଣ ସୁସ୍ଥ ବୋଲି ହସପିଟାଲ କର୍ତ୍ତୃପକ୍ଷ ତା' ଘରକୁ ଚିଠି ଦିଅନ୍ତି । ଖବରପାଇ ପୁଅବୋହୂକୁ ସାଙ୍ଗରେ ନେଇ ହସପିଟାଲ ଆସେ । ମାଆର ସବୁ ଆଶା, କଳ୍ପନା ଧୂଳିସାତ୍ ହୁଏ । ପୁଅ ତାକୁ ସାଙ୍ଗରେ ଫେରିଯିବାକୁ ଡାକେ ନାହିଁ । ପୁଅର ପ୍ରତ୍ୟାଖ୍ୟାନକୁ ଆଦରି ମାଆ ବୋହୂକୁ ସ୍ନେହଭରା ସ୍ୱରରେ ପଚାରେ– "ମୋ ପୁଅ ତତେ ଦେଖିପାରେ ତ ?" ଆଃ- କି କରୁଣ, କି ମର୍ମଦାହୀ ଏ ଶବ୍ଦର ଗୁଂଜନ । ନିଜ ଅଭିଶପ୍ତ ଭାଗ୍ୟ ତା'ର ବୋହୂ ପାଖକୁ ପ୍ରଲମ୍ବିତ ନହେଉ । ଜୀବନର ସବୁ ଅପ୍ରାପ୍ତି, ଅବିଚାର ସତ୍ତ୍ୱେ ମାଆଟି ମନରେ ଏଇ ଆଶା ଅଛି ।

ଏଇ ଅନବଦ୍ୟ କାହାଣୀର ସ୍ରଷ୍ଟାଙ୍କୁ ସଶ୍ରଦ୍ଧ ପ୍ରଣାମ କରେ ବେବି ଯେତେବେଳେ ସେ ସ୍ମୃତିକୁ ଆସନ୍ତି । ତାଙ୍କ ନିର୍ଦ୍ଦେଶ ମୁତାବକ ଭୌମକର ବଂଶୀୟା ମହାରାଣୀମାନଙ୍କର ଶାସନକୁ ନେଇ ଉପନ୍ୟାସଟିଏ ଲେଖିପାରି ନଥିବାରୁ ନିରବରେ ତାଙ୍କୁ କ୍ଷମା ପ୍ରାର୍ଥନା କରେ ।

ଭାବେ ଫେରିଆସନ୍ତା କି ସମୟ । ସାରା ପୃଥିବୀକୁ ପଛରେ ରଖି କଫି ପିଉ ପିଉ ଏକାଠି ବସି ଉଚ୍ଚାଙ୍ଗ ଗଳ୍ପ / କବିତା ସଂପର୍କରେ ତାଙ୍କ ସହ ମତ ବିନିମୟ କରନ୍ତା । ମନ ଖୋଲି ଗପନ୍ତା ଜୀବନର ରହସ୍ୟକୁ ନେଇ । ଜନ୍ମ, ଜନ୍ମାନ୍ତର ଦର୍ଶନକୁ ନେଇ । ସେ ତାକୁ ଆବ୍‌ଦାରି ଦେଖେଇ କହନ୍ତେ 'ବହିମେଳାକୁ ଆସିବା ଆଗରୁ ମୋ ପାଖକୁ ଆସ । ମୋ'ଠୁ ଟଙ୍କା ନେଇ ନିଜ ଖୁସିରେ ବହିକିଣ । ମାଆ ପାଖରେ ଅଳି ଅଝଟ କରନ୍ତି ପିଲାମାନେ । ତମେ କି ଝିଅ । ତମର କିଛି ଅଳି ନାହିଁ ।'

ନା ସେଇ ସମୟ ଆସେ ନାହିଁ । ସେଇ ସମୟ ଆସିବ ନାହିଁ ।

# ମହକେ ମାଣ୍ଡିଆ



ଉତ୍ତମ ସ୍ୱାସ୍ଥ୍ୟ ପାଇଁ, ଶାଗ ଏବଂ ପନିପରିବା ସହିତ ବିଭିନ୍ନ ପ୍ରକାରର ଶସ୍ୟର ବ୍ୟବହାର ମଧ୍ୟ ଜରୁରୀ । ଶସ୍ୟ ଖାଇବା ଦ୍ୱାରା ଶରୀରକୁ ଅତ୍ୟାବଶ୍ୟକ ପୁଷ୍ଟିକର ଖାଦ୍ୟ ମିଳିବା ସହିତ ଅନେକ ରୋଗରୁ ସୁରକ୍ଷା ମିଳିଥାଏ । ଯେତେବେଳେ ଆମେ ଏଠି ଶସ୍ୟ ବିଷୟରେ ଆଲୋଚନା କରୁଛେ, ସେତେବେଳେ ଆମ ଓଡ଼ିଆଙ୍କ ଦେଶୀୟ ଖାଦ୍ୟ ମାଣ୍ଡିଆ ବା ରାଗିକୁ ଅଣଦେଖା କରିପାରିବା ନାହିଁ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅଧ୍ୟୟନରେ ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ଜଣା ପଡ଼ିଛି ।

ଆଗରୁ ଏହା ଆମ ଓଡ଼ିଶାର ପଛୁଆ ଅଞ୍ଚଳରେ ଥିବା ଆଦିବାସୀ ଏବଂ ଗରିବ ଗୁରୁବା ଲୋକମାନଙ୍କ ମୁଖ୍ୟ ଖାଦ୍ୟ ଥିବା ବେଳେ, ବିଶେଷତଃ ଗଂଜାମ ଜିଲ୍ଲାରେ ଚାଷୀ ଏବଂ ଗରିବ ଲୋକମାନେ ସକାଳୁ ସକାଳୁ କାମଧାମ ପାଇଁ ଖେତକୁ ବାହାରିଲା ବେଳେ ଭାତ ଏବଂ ମାଣ୍ଡିଆ ଜାଉକୁ ମିଶେଇ ଖାଆନ୍ତି, ବିଲକାମ ବେଳେ ଦୁଇପହରର ଖାଇବାରେ ବି ନିଅନ୍ତି । କିଛିବର୍ଷ ପୂର୍ବପର୍ଯ୍ୟନ୍ତ ସେମାନେ ମାଣ୍ଡିଆ ଜାଉକୁ ମୁଖ୍ୟ ଖାଦ୍ୟ ଭାବରେ ବହୁଳ ବ୍ୟବହାର କରୁଥିଲେ, ଆଉ ଆର୍ଥିକ ସ୍ୱଚ୍ଛଳ ଥିବା ଲୋକେ ଏଇ ଦେଶୀୟ ଶସ୍ୟ ମାଣ୍ଡିଆ ଖାଇବାକୁ ନାକ ଟେକୁଥିଲେ । ହେଲେ ସମୟ ବଦଳିଛି । ମାଣ୍ଡିଆ ଖାଇବା ଦ୍ୱାରା ତାର ଉପକାରିତା ବିଷୟରେ ଲୋକେ ଜାଣିଲେଣି । ଏବେ ଆସ୍ତେ ଆସ୍ତେ ସମୟକ୍ରମେ ଆମ ଓଡ଼ିଶା ସରକାର 'ମିଲେଟ ମିଶନ' ଦ୍ୱାରା ପ୍ରଚାର ପ୍ରସାର ମାଧ୍ୟମରେ ମାଣ୍ଡିଆର ବହୁଳ ବ୍ୟବହାର ପାଇଁ ପ୍ରୋତ୍ସାହନ ଦେଉଛନ୍ତି ।

ଏଥର ଏ ପୃଷ୍ଠାରେ ଆମେ ମାଣ୍ଡିଆ ଖାଇବାର ଉପକାର ବିଷୟରେ ଜାଣିବା । ଏହାସହିତ, କେଉଁ ଉପାୟରେ ଆମର ଏହି ଦେଶୀୟ ଖାଦ୍ୟକୁ ବ୍ୟବହାର କରାଯାଇ ପାରିବ ଜାଣିବା ଏବଂ ଅତ୍ୟଧିକ ବ୍ୟବହାର ଦ୍ୱାରା କେଉଁ ପ୍ରକାର ଅସୁବିଧା ହୁଏ ତା ମଧ୍ୟ ଆମେ ଜାଣିବା ।

## ପ୍ରତିଦିନ ମାଣ୍ଡିଆକୁ ଖାଦ୍ୟରୂପେ ଗ୍ରହଣ କରନ୍ତୁ

୧. ଡାଇବେଟିସ୍ ରୋଗକୁ ନିୟନ୍ତ୍ରଣ ରଖିବାରେ ସହାୟକ ହେଇଥାଏ ।

୨. ରକ୍ତହୀନତା ଦୂର କରି ହିମୋଗ୍ଲୋବିନ ବୃଦ୍ଧି କରିବାରେ ସାହାଯ୍ୟ କରେ ।

୩. ଭରପୁର ପ୍ରୋଟିନ ରହିଥିବାରୁ ମେଦବୃଦ୍ଧି ରୋକିବାରେ ସାହାଯ୍ୟ କରିଥାଏ । ତେଣୁ ମୋଟା ହେବା ସମସ୍ୟା ଦେଖା ଯାଏନି । ଅବଶ୍ୟ ଏଥିପାଇଁ କେତେ ପରିମାଣର ମାଣ୍ଡିଆ ଖାଇ ପାରିବେ ସ୍ୱାସ୍ଥ୍ୟ ବିଶେଷଜ୍ଞ ସାହାଯ୍ୟ ନେଲେ ଭଲ ।

୪. ପ୍ରଚୁର ପରିମାଣର ଆଣ୍ଟି ଅକ୍ସିଡେଣ୍ଟ ଥିବରୁ ଅନିଦ୍ରା, ଡିପ୍ରେସନ, ଚିଡ଼ିଚିଡ଼ାପଣ ଏବଂ ଏବଂ ଥକାପଣ ଦୂର ହେଇଥାଏ ।

୫. ମାଣ୍ଡିଆ ଖାଇବା ଦ୍ୱାରା ଆମର କାଲସିୟମ ଅଭାବ ଦୂର ହୋଇଥାଏ ।

୬. ପ୍ରତ୍ୟେକ ଦିନ ମାଣ୍ଡିଆ ଖାଇବା ଦ୍ୱାରା ଅଜୀର୍ଣ୍ଣ ରୋଗ ଦୂର ହେଇ ଆମ ଶରୀରର ଜୀର୍ଣ୍ଣଶକ୍ତି ବୃଦ୍ଧି ହେବାରେ ସହାୟକ ହେଇଥାଏ ।

୭. ଯେଉଁମାନଙ୍କ ଆଖିତଳ କଳାଦାଗ, ପାଚିରୋଗ ସମସ୍ୟା, ବିଭିନ୍ନ ପ୍ରକାର ଚର୍ମରୋଗ ସମସ୍ୟା ଥାଏ, ସବୁଦିନ ମାଣ୍ଡିଆ ଖାଇବା ଦ୍ୱାରା ମାଣ୍ଡିଆରେ ଥିବା ଲାଇସିନ ନାମକ ଔଷଧୀୟ ଗୁଣ ଥିବା ଯୋଗୁଁ ତ୍ୱଚା ସମସ୍ୟା ଦୂର ହେଇ ଚର୍ମରେ ଚମକ ଆସେ ଏବଂ ତ୍ୱଚାର ଢିଲାପଣ ଦୂର ହୋଇଥାଏ ।

## ମାଣ୍ଡିଆକୁ ବନାନ୍ତୁ ନିତିଦିନିଆ ସ୍ୱାଦିଷ୍ଟ ଖାଦ୍ୟ

**ଏହି ଉପାୟରେ ମାଣ୍ଡିଆକୁ ସ୍ୱାଦିଷ୍ଟ ଖାଦ୍ୟ ଭାବେ ବ୍ୟବହାର କରନ୍ତୁ:**

ମାଣ୍ଡିଆ ଜାଉ କିମ୍ବା ମାଣ୍ଡିଆ କ୍ଷୀରି

ମାଣ୍ଡିଆ ହାଲୁଆ

ସୁସ୍ୱାଦୁ ଇଡ଼ିଲି

ଏହା ବ୍ୟତୀତ ମାଣ୍ଡିଆ ଦ୍ୱାରା ତିଆରି କେକ୍ ଅତ୍ୟନ୍ତ ସ୍ୱାଦିଷ୍ଟ ହେଇଥାଏ । ଆପଣ ମାଣ୍ଡିଆର ଦୋସା ମଧ୍ୟ ବନେଇ ଖାଇ ପାରିବେ । ମାଣ୍ଡିଆ ରୋଟି ତିଆରି କରି ପ୍ରତିଦିନ ଖାଇପାରିବେ । ପରଟା ତିଆରି ପାଇଁ ମାଣ୍ଡିଆ ମଇଦା ମଧ୍ୟ ବ୍ୟବହାର କରାଯାଇପାରେ ।

ପୁନଶ୍ଚ ଆପଣ ମାଣ୍ଡିଆ ଲଡୁ ତିଆରି କରିପାରିବେ, ଯାହାକି ଜାତୀୟ ସ୍ତରରେ ବଡ଼ବଡ଼ ମଲରେ ପ୍ୟାକେଜ୍ ଫୁଡ୍ 'ରାଗିବଲ୍' ଭାବରେ ମିଳୁଛି । ମାଣ୍ଡିଆ ଚକୁଳି ତିଆରି କରା ଯାଇପାରେ । ଆପଣ ରାଗିରେ ନିର୍ମିତ ଏକ ଫେସ୍ ମାସ୍କ ବ୍ୟବହାର କରିପାରିବେ ।

ମାଣ୍ଡିଆରେ ଲାଭ ଜାଣିବା ପରେ ଏହା ସ୍ପଷ୍ଟ ଯେ ଆପଣ ନିଶ୍ଚିତ ଭାବରେ ଏହାକୁ ବ୍ୟବହାର କରିବାକୁ ଚାହାଁନ୍ତି । ଏପରି ପରିସ୍ଥିତିରେ ଆମେ ମାଣ୍ଡିଆର ବ୍ୟବହାର ସମ୍ବନ୍ଧୀୟ ସୂଚନା ଦେଉଛୁ । ତେଣୁ ଏହି ଉପାୟରେ ମାଣ୍ଡିଆ ବ୍ୟବହାର କରନ୍ତୁ ।

## ଚାଲନ୍ତୁ ପ୍ରଥମେ ମାଣ୍ଡିଆ ବିଷୟରେ କିଛି ଜାଣିବା

ମାଣ୍ଡିଆ ବା ରାଗି କଣ ?

ମାଣ୍ଡିଆ ବା ରାଗି ହେଉଛି ଭାରତରେ ତଥା ଆଫ୍ରିକାର ବିଭିନ୍ନ ସ୍ଥାନରେ ଉତ୍ପାଦନ ହେଉଥିବା ଏକ ମୁଖ୍ୟ ଖାଦ୍ୟଶସ୍ୟ । ଏହାର ସାଇଣ୍ଟିଫିକ୍ ନାମ ହେଉଛି ଇଲେଉସିନ୍ କୋରାକାନା । ଏହା ଭାରତର ଏକ ମୁଖ୍ୟ ଶସ୍ୟ ଅଟେ । ଏହା ପ୍ରାୟତଃ ଭାରତର କର୍ଣ୍ଣାଟକ ରାଜ୍ୟରେ ଉତ୍ପାଦିତ ହୁଏ । ଏହା ଭିନ୍ନ ଭିନ୍ନ ନାମରେ ମଧ୍ୟ ଜଣାଶୁଣା- ହିନ୍ଦୀରେ ରାଗି / ମାଣ୍ଡୁଆ / ମଙ୍ଗଲ ଏବଂ ତାମିଲରେ କେଜଭାରାଗୁ । ଏଥିସହିତ, କନ୍ନଡ଼ ଏବଂ ତେଲୁଗୁ ଭାଷାରେ ଏହାକୁ ରାଗି ମଧ୍ୟ କୁହାଯାଏ । ଏଥିରେ ଫାଇବର, ପ୍ରୋଟିନ, ପୋଟାସିୟମ୍ ଏବଂ କ୍ୟାଲ୍ସିୟମ୍ ଭଳି ଅନେକ ଜରୁରୀ ପୋଷକ ତତ୍ତ୍ୱ ଭରପୂର ଥାଏ । ଏହାର ସ୍ୱାସ୍ଥ୍ୟ ଉପକାରିତା ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

## ମାଣ୍ଡିଆର ଉପକାରିତା

ଶାରୀରିକ ସମସ୍ୟା ଉପରେ ମାଣ୍ଡିଆ ଖାଇବାର ଲାଭକୁ ପର୍ଯ୍ୟାୟ କ୍ରମେ ବର୍ଣ୍ଣନା କରାଯାଇଛି । ଏଥିସହିତ, ମନେରଖନ୍ତୁ ଯେ ରାଗି କୌଣସି ଶାରୀରିକ ସମସ୍ୟାର ଉପଶମ ନୁହେଁ । ଏହାକୁ କେବଳ ଶାରୀରିକ ସମସ୍ୟାକୁ ଅଟକେଇବା ପାଇଁ ଏବଂ ଉତ୍ତମ ସୁସ୍ଥ ଖାଦ୍ୟ ଭାବରେ ବ୍ୟବହାର କରାଯାଇ ପାରିବ ।

## ୧. ଆଣ୍ଟିଅକ୍ସିଡାଣ୍ଟ

ଯଦି ଆମେ ମାଣ୍ଡିଆର ଉପକାରିତା ବିଷୟରେ କହିବା, ତେବେ ଏହା ଆଣ୍ଟିଅକ୍ସିଡାଣ୍ଟ ଗୁଣରେ ଭରପୂର । ବାସ୍ତବରେ, ମାଣ୍ଡିଆରେ ଅନେକ ଔଷଧୀୟ ତତ୍ୱ ଅଛି, ଯେପରିକି ଟେନନ୍, ପଲିଫେନୋଲ୍ସ ଏବଂ ଫ୍ଲାଭୋନାଏଡ୍, ଯାହା ଆଣ୍ଟିଅକ୍ସିଡାଣ୍ଟର କାମ କରିଥାଏ ଆଉ ଏହାର ଫ୍ରି ରେଡ଼ିକାଲ୍ସ ପ୍ରଭାବ ଯୋଗୁଁ ଆମ ଶରୀରରେ ସୃଷ୍ଟି ହୋଇଥିବା ହୃଦ୍‌ଘାତ, ବାର୍ଦ୍ଧକ୍ୟ ଜନିତ ସମସ୍ୟା ଆର୍ଥ୍ରାଇଟିସ୍‌ର ଆଶଙ୍କା ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଏଭଳି ପରିସ୍ଥିତିରେ ମାଣ୍ଡିଆରେ ଥିବା ଭରପୁର ଆଣ୍ଟିଅକ୍ସିଡାଣ୍ଟ ଔଷଧୀୟ ଗୁଣ ମାଣ୍ଡିଆର ନିତିଦିନ ଖାଦ୍ୟରେ ବ୍ୟବହାର ଯୋଗୁଁ ରୋଗୀର ବିଭିନ୍ନ ସମସ୍ୟା ଦୂର ହେଇ ଲାଭଦାୟକ ପ୍ରମାଣିତ ହେଇଥାଏ ।

## ୨. ଆଣ୍ଟି-ଇନ୍‌ଫ୍ଲାମେଟୋରୀ

ମାଣ୍ଡିଆ ଖାଇଲେ ବିନ୍ଧା ଛିଟିକା ଜନିତ ସମସ୍ୟା ଦୂର ହୋଇଥାଏ । ବାସ୍ତବରେ, ମାଣ୍ଡିଆରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ଥିବା ଦେଖିବାକୁ ମିଳିଛି । ଏଣୁ ଏହାର ପ୍ରଭାବରେ ହାତଗୋଡ଼ ବିନ୍ଧା ଛିଟିକା ଜନିତ ସମସ୍ୟା ଦୂର ହୋଇପାରେ । ଏପରିକି ମଧୁମେହ, ଆର୍ଥ୍ରାଇଟିସ୍, ଆଲର୍ଜି, ହୃଦ୍‌ରୋଗ ଇତ୍ୟାଦିରୁ ଉପଶମ ମିଳିଥାଏ । ଏପରି ପରିସ୍ଥିତିର ବିନ୍ଧା ଛିଟିକା ଜନିତ ସମସ୍ୟାର ପ୍ରଭାବକୁ ହ୍ରାସ କରିବା ପାଇଁ ମାଣ୍ଡିଆକୁ ଦୈନନ୍ଦିନ ଖାଦ୍ୟରେ ବ୍ୟବହାର କରାଯାଇପାରେ ।

## ମଧୁମେହ ପାଇଁ ମାଣ୍ଡିଆ

ଯଦି ଆମେ ମଧୁମେହର ସମସ୍ୟା ବିଷୟରେ କହିବା, ତେବେ ରାଗିକୁ ମଧୁମେହ ଖାଦ୍ୟରେ ଅନ୍ତର୍ଭୁକ୍ତ କରାଯାଇପାରେ । ବାସ୍ତବରେ, ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଏଥିରେ ଆଣ୍ଟି ଡାଇବେଟିସ୍ ଗୁଣ ରହିଛି, ଯାହା ଟାଇପ୍-୨ ମଧୁମେହର ଆଶଙ୍କା ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଏଥିସହିତ, ଏହା ଏକ କମ୍ ଗ୍ଲାଇସେମିକ୍ ଖାଦ୍ୟ ପଦାର୍ଥ, ଯାହା ରକ୍ତରେ ଗ୍ଲୁକୋଜ୍‌କୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇପାରେ । ଏପରି ପରିସ୍ଥିତିରେ, ରାଗି ମଧୁମେହ ରୋଗୀଙ୍କ ପାଇଁ ଉପକାରୀ ବୋଲି କୁହାଯାଉଛି ।

## ୪. କର୍କଟ ବିରୋଧୀ

କର୍କଟ ରୋଗକୁ ରୋକିବାରେ ମାଣ୍ଡିଆ କିଛି ପରିମାଣରେ ସହାୟକ ହୋଇପାରେ । ବାସ୍ତବରେ, କିଛି ଅତ୍ୟାବଶ୍ୟକ ଆମିନୋ ଏସିଡ୍ ଯେପରିକି ମିଥୋନନ୍, ସିଷ୍ଟାଇନ୍ ଏବଂ ଲାଇସେନ୍ ମାଣ୍ଡିଆରେ ଉପସ୍ଥିତ, ଯାହା କର୍କଟ ରୋଗକୁ ରୋକିବାରେ ସହାୟକ ହୋଇପାରେ । କେବଳ ଏତିକି ନୁହେଁ, ଏଥିରେ ଥିବା ଡାଏଟାରୀ ଫାଇବର ମଧ୍ୟ କର୍କଟ ରୋଗକୁ ରୋକିବାରେ ସାହାଯ୍ୟ କରିଥାଏ । ଏଥିସହିତ, ଅନୁସନ୍ଧାନରୁ ଜଣାଯାଇଛି ଯେ ଏହା ସ୍ତନ କର୍କଟ ହେବାର ଆଶଙ୍କା ହ୍ରାସ କରିବାରେ ମଧ୍ୟ କିଛି ମାତ୍ରାରେ ସହାୟକ ହୋଇପାରେ ମାଣ୍ଡିଆ । ତଥାପି, ଏହାକୁ କର୍କଟ ରୋଗର ଉପଶମ ଭାବି ଭୁଲ କରନ୍ତୁ ନାହିଁ, ଏହା କେବଳ କର୍କଟ ରୋଗକୁ ରୋକିବାରେ ସାହାଯ୍ୟ କରିଥାଏ । ଅନ୍ୟପକ୍ଷରେ, ଯଦି କାହାର କର୍କଟ ରୋଗ ଅଛି, ତେବେ ଚିକିତ୍ସା କରିବା ଅତ୍ୟନ୍ତ ଜରୁରୀ ଅଟେ ।



## ୫. ଓଜନ ହ୍ରାସ ପାଇଁ ମାଣ୍ଡିଆ

ଯଦି ଆମେ ମାଣ୍ଡିଆର ଉପକାରିତା ବିଷୟରେ କହିବା, ତେବେ ଏହା ମଧ୍ୟ ଓଜନ ହ୍ରାସକାରକ ଖାଦ୍ୟର ଏକ ଅଂଶ ହୋଇପାରେ ବୋଲି କହି ହେବ । ଏହି ସମ୍ବନ୍ଧୀୟ ଅନୁସନ୍ଧାନରେ ଉଲ୍ଲେଖ କରାଯାଇଛି ଯେ ଓଜନ ନିୟନ୍ତ୍ରଣ କରିବାରେ ରାଗିର ବ୍ୟବହାର ସହାୟକ ହୋଇପାରେ । ବାସ୍ତବରେ, ଏଥିରେ ଟ୍ରାଇପଟୋଫୋନ ନାମକ ଏକ ଆମିନୋ ଏସିଡ୍ ଥାଏ, ଯାହା ଭୋକ କମାଇ ଓଜନ ନିୟନ୍ତ୍ରଣ କରିବାରେ ସହାୟକ ହୋଇପାରେ । ଏଥିସହ, ଅନୁସନ୍ଧାନରୁ ଜଣା ପଡ଼ିଛି ଯେ ମାଣ୍ଡିଆ ହେଉଛି ଏକ ଉଚ୍ଚ-ଫାଇବର ଖାଦ୍ୟ., ଯାହା ମୋଟାପଣର ଆଶଙ୍କା ହ୍ରାସ କରିବାରେ ସାହାଯ୍ୟ କରିଥାଏ । ତଥାପି, ମାଣ୍ଡିଆ ଖାଇବା ସହିତ ନିୟମିତ ବ୍ୟାୟାମ ମଧ୍ୟ ଆବଶ୍ୟକ ।



## ୬. ହୃଦୟ ପାଇଁ ମାଣ୍ଡିଆ

ହୃଦୟକୁ ସୁସ୍ଥ ରଖିବା ପାଇଁ ମାଣ୍ଡିଆ ଖାଇ ପାରିବେ । ବାସ୍ତବରେ, ମାଣ୍ଡିଆରେ ଲୁହା ଏବଂ ମ୍ୟାଗ୍ନେସିୟମ ପରି ପୋଷକ ତତ୍ୱ ରହିଥାଏ, ଯାହା ହୃଦ୍‌ଘାତର ଆଶଙ୍କାକୁ କିଛି ମାତ୍ରାରେ ହ୍ରାସ କରିପାରେ । ଏହାବ୍ୟତୀତ ଏହା କୋଲେଷ୍ଟ୍ରଲ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରି ହୃଦ୍‌ରୋଗର ଆଶଙ୍କାକୁ କମ୍ କରିଥାଏ । ଏଭଳି ପରିସ୍ଥିତିରେ ହୃଦୟକୁ ସୁସ୍ଥ ରଖିବା ପାଇଁ ରାଗିକୁ ଖାଦ୍ୟରେ ଅନ୍ତର୍ଭୁକ୍ତ କରନ୍ତୁ ।



## ୭. କୋଲେଷ୍ଟ୍ରଲ ପାଇଁ ମାଣ୍ଡିଆ

ମାଣ୍ଡିଆ କୋଲେଷ୍ଟ୍ରଲ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇପାରେ । କୋଲେଷ୍ଟ୍ରଲ ହେଉଛି ମହମ ପରି ପଦାର୍ଥ ଯାହା ଶରୀରର କୋଷରେ ଉପସ୍ଥିତ । ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ ମାନବ ଶରୀର ପାଇଁ କୋଲେଷ୍ଟ୍ରୋଲ ମଧ୍ୟ ଆବଶ୍ୟକ । କିନ୍ତୁ ଶରୀରରେ ଅଧିକ ମାତ୍ରାରେ କୋଲେଷ୍ଟ୍ରଲ ହେଲେ, ହୃଦ୍‌ରୋଗ ହେବାର ଆଶଙ୍କା ବଢ଼ିପାରେ । ଏପରି ପରିସ୍ଥିତିରେ, କୋଲେଷ୍ଟ୍ରଲ ହ୍ରାସ କରିବା ପାଇଁ ଖାଦ୍ୟରେ ମାଣ୍ଡିଆ ଅନ୍ତର୍ଭୁକ୍ତ କରିବା ଏକ ଯୁକ୍ତିଯୁକ୍ତ ବିକଳ୍ପ ହୋଇପାରେ । ଏଥିରେ ଥିବା ଫାଇଟିକ୍ ଏସିଡ୍ ଏବଂ ଡାଏଟାରୀ ଫାଇବର କୋଲେଷ୍ଟ୍ରଲ ହ୍ରାସ କରିବାରେ ସହାୟକ ହେବ ।

## ୮. ଅସ୍ଥି ପାଇଁ ମାଣ୍ଡିଆ



ହାଡ଼ ପାଇଁ ମାଣ୍ଡିଆର ଉପକାର ମଧ୍ୟ ବହୁତ ଭଲ । ବାସ୍ତବରେ, ମାଣ୍ଡିଆରେ ଭଲ ପରିମାଣର କ୍ୟାଲ୍‌ସିୟମ୍ ମଧ୍ୟ ମିଳିଥାଏ । ଏକ ଅନୁସନ୍ଧାନରୁ ଜଣାଯାଇଛି ଯେ ଚାଉଳ ଅପେକ୍ଷା ରାଗିରେ ୩୦ଗୁଣ ଅଧିକ କ୍ୟାଲସିୟମ ମିଳିଥାଏ । ସେହି ସମୟରେ, ହାଡ଼ ପାଇଁ କ୍ୟାଲସିୟମ ଏକ ଅତ୍ୟାବଶ୍ୟକ ପୁଷ୍ଟିକର ଖାଦ୍ୟ ଭାବରେ ବିବେଚନା କରାଯାଏ, ଯାହା ହାଡ଼ର ସ୍ୱାସ୍ଥ୍ୟକୁ ବଜାୟ ରଖିପାରେ, ସେମାନଙ୍କୁ ମଜବୁତ କରିପାରେ ଏବଂ ହାଡ଼ ଭାଙ୍ଗିବାର ଆଶଙ୍କା ମଧ୍ୟ ହ୍ରାସ କରିଥାଏ । ଏଥିସହିତ, କ୍ୟାଲସିୟମର ଉପସ୍ଥିତି ହେତୁ ଶିଶୁ, ଗର୍ଭରେ ବଢୁଥିବା ଶିଶୁ ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ମାଣ୍ଡିଆ ଏକ ସୁସ୍ଥ ଖାଦ୍ୟ ଅଟେ । କ୍ୟାଲସିୟମ ଅଭାବକୁ ରୋକିବା ପାଇଁ, କ୍ୟାଲସିୟମଯୁକ୍ତ ଖାଦ୍ୟ ଭାବେ ମାଣ୍ଡିଆକୁ ଅନ୍ତର୍ଭୁକ୍ତ କରିବା ଏକ ଭଲ ବିକଳ୍ପ ହୋଇପାରେ ।


## ୯. ପ୍ରୋଟିନ ପାଇଁ ମାଣ୍ଡିଆ



ଶରୀର ପାଇଁ ଅନେକ ପୋଷାକ ତତ୍ତ୍ୱ ଜରୁରୀ ଏବଂ ପ୍ରୋଟିନ ମଧ୍ୟ ସେହି ଜରୁରୀ ପୋଷକ ତତ୍ତ୍ୱ ମଧ୍ୟରୁ ଅନ୍ୟତମ । ମାଂସପେଶୀ ଏବଂ ହାଡ଼ ଗଠନ ଏବଂ ସେମାନଙ୍କୁ ସୁସ୍ଥ ରଖିବାରେ ପ୍ରୋଟିନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହାବ୍ୟତୀତ ପ୍ରୋଟିନ ଶରୀରକୁ ଶକ୍ତି ଯୋଗାଇବା ପାଇଁ ମଧ୍ୟ କାମ କରିଥାଏ । ଏପରି ପରିସ୍ଥିତିରେ, ଶରୀରକୁ ଆବଶ୍ୟକ ପ୍ରୋଟିନ୍ ଦେବା ପାଇଁ, ଆପଣ ପ୍ରୋଟିନ୍ ସମୃଦ୍ଧ ଖାଦ୍ୟ ଭାବେ ମାଣ୍ଡିଆକୁ ଅନ୍ତର୍ଭୁକ୍ତ କରିପାରିବେ । ମାଣ୍ଡିଆ ପ୍ରୋଟିନରେ ଭରପୁର ଅଟେ, ଯେଉଁଥିପାଇଁ ଏହାର ବ୍ୟବହାର ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ।

## ୧୦. ଚର୍ମ ପାଇଁ ମାଣ୍ଡିଆ

ମାଣ୍ଡିଆର ଉପକାର କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ ବରଂ ଚର୍ମ ପାଇଁ ମଧ୍ୟ ଏହା ଭଲ କାମ କରେ । ବାସ୍ତବରେ, ମାଣ୍ଡିଆରେ ଥିବା ଫେରୁଲିକ୍ ଏସିଡ୍ UV ବିକିରଣ ଦ୍ୱାରା ଚର୍ମକୁ କ୍ଷତିରୁ ରକ୍ଷା କରିପାରେ । କେବଳ ଏତିକି ନୁହେଁ, ଏହାର ଆଣ୍ଟି-ଏଜିଙ୍ଗ୍ ଗୁଣ ମଧ୍ୟ ରହିଛି, ଯାହାଦ୍ୱାରା ମୁହଁ ଏବଂ ଶରୀରର ତ୍ୱଚା ବା ଚର୍ମ ଉପରେ ଅକାଳ ବୃଦ୍ଧାବସ୍ଥାର ପ୍ରଭାବକୁ ହ୍ରାସ କରିପାରେ । ମାଣ୍ଡିଆ ଏକ ଫେସ୍ ମାସ୍କ ଭାବରେ ବ୍ୟବହାର କରାଯାଇପାରେ ।



## ମାଣ୍ଡିଆର ପାର୍ଶ୍ୱ ପ୍ରତିକ୍ରିୟା

ଏଥିରେ କୌଣସି ସନ୍ଦେହ ନାହିଁ ଯେ ମାଣ୍ଡିଆର ଲାଭ ଅନେକ, କିନ୍ତୁ କେତେକ କ୍ଷେତ୍ରରେ ମାଣ୍ଡିଆ ମଧ୍ୟ ଅସୁବିଧା କରିପାରେ । ଅବଶ୍ୟ, ଏହାର ଅତ୍ୟଧିକ ବ୍ୟବହାର ହେତୁ ଏହି ଅସୁବିଧା ଉପୁଜିପାରେ । ଯଦିଓ ଏହାର କଣ ସବୁ ଅସୁବିଧା ରହିଛି ତାହା ସଠିକ୍ ଅନୁସନ୍ଧାନ ସାପେକ୍ଷ, ତଥାପି ସତର୍କତା ସ୍ୱରୂପ ଆମେ ଏଠାରେ କିଛି ସମ୍ଭାବ୍ୟ ଅସୁବିଧା କଥା ଜଣାଉଛୁ ।

ଯେହେତୁ ଆମେ ପୂର୍ବରୁ ସୂଚନା ଦେଇଛୁ ଯେ ମାଣ୍ଡିଆ କ୍ୟାଲସିୟମର ଉତ୍ସ ଅଟେ, ସୁତରାଂ ଏହାର ଅତ୍ୟଧିକ ବ୍ୟବହାର ଦ୍ୱାରା କିଡନୀରେ ପଥର ହୋଇପାରେ ।

ମାଣ୍ଡିଆରେ ଫାଇବର ମଧ୍ୟ ମିଳିଥାଏ । ଏଭଳି ପରିସ୍ଥିତିରେ ଫାଇବରରେ ଭରପୁର ଖାଦ୍ୟ ଖାଇବା ଦ୍ୱାରା ପେଟ ସମସ୍ୟା ଯେପରିକି ଗ୍ୟାସ୍, ଫ୍ଲାଟୁଲେନ୍ସ ଏବଂ ପେଟ ଫାଟିଯାଏ ।

ଏହାବ୍ୟତୀତ, ଯଦି କାହାର ମାଣ୍ଡିଆରେ ଆଲର୍ଜି ଥାଏ, ତେବେ ଏହାର ବ୍ୟବହାର ଆଲର୍ଜି ସୃଷ୍ଟି କରିପାରେ ।

ମାଣ୍ଡିଆର କିଛି ଉପକାର କଥା ତ ଜାଣିଲେ । ଆଶା କରାଯାଏ, ଯେଉଁମାନେ ଏ ପର୍ଯ୍ୟନ୍ତ ଏହି ପୁଷ୍ଟିକର ଖାଦ୍ୟକୁ ନିଜ ଖାଦ୍ୟରେ ଅନ୍ତର୍ଭୁକ୍ତ କରିନାହାଁନ୍ତି, ସେମାନେ ଏହି ଲେଖାରେ ଦିଆ ଯାଇଥିବା ମାଣ୍ଡିଆର ଉପକାର ଜାଣିବା ପରେ ନିଶ୍ଚିତ ଭାବରେ ମାଣ୍ଡିଆ ବା ରାଗି ଖାଇବେ । ଯଦି ମାଣ୍ଡିଆକୁ ଏକ ସନ୍ତୁଳିତ ଆହାର ଭାବେ ବ୍ୟବହୃତ କରାଯାଏ, ତେବେ ସ୍ୱାସ୍ଥ୍ୟରେ ମାଣ୍ଡିଆର ଉପକାର ଦେଖିବାକୁ ମିଳିବ । ଅତଏବ, ଆମ ଶରୀରର ଲାଭ ପାଇଁ ଏହାକୁ ନିତିଦିନିଆ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବା ନିହାତି ଜରୁରୀ ।



ପ୍ରସ୍ତୁତି: **ରବୀନ୍ଦ୍ର କୁମାର ବିଶ୍ୱାଳ**
ଭୁବନେଶ୍ୱର, ଫୋନ: ୯୯୩୭୨୮୮୫୫୪

# ARYAVART ANCIENT ACADEMY

KHORDHA

Affiliated to CBSE, New Delhi - 1530380, Code No. 16137


# ADMISSION GOING ON

FROM

## NURSERY TO STD IX

## AND CLASS XI

An affordable Day-cum-resdential school focusing on holistic development of child.








**TOLL-FREE NO. : 1800-120-22-3333**

**KHORDA, BHUBANESWAR, PIN- 752056**

ରୋଷେଇଶାଳ

# ମାଣ୍ଡିଆ ବ୍ୟଞ୍ଜନ

**ସମ୍ବେଦନା ମିଶ୍ର**
ପ୍ଲଟ୍ ନଂ-୯୫୯/୧୦, ସମ୍ବିତ ଭିଲ୍ଲା, ଘାଟିକିଆ,
ଭୁବନେଶ୍ୱର-୭୫୧୦୦୩
ଫୋନ: ୯୯୩୭୭୨୩୫୭୯

ଫଟୋ ସୌଜନ୍ୟ : ଲେଖିକା



## ମାଣ୍ଡିଆ ଲଡ୍ଡୁ




**ଆବଶ୍ୟକ ସାମଗ୍ରୀ :** ମାଣ୍ଡିଆ ଚୁନା ୨୦୦ଗ୍ରାମ, ଗୁଜୁରାତି ଗୁଣ୍ଡ ୪ ଚାମଚ, ଗୁଡ଼ ୨୦୦ ଗ୍ରାମ, ଭଜା ବାଦାମ ୫୦୦ଗ୍ରାମ, ଗୁଆଘିଅ, ଚିମୁଟାଏ ଲୁଣ ଓ ଆବଶ୍ୟକ ମୁତାବକ ରିଫାଇନ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ୍ ଚୁଲି ଲଗାଇ ସେଥିରେ ଏକ କଡ଼େଇ ବସାଇ ଗରମ କରନ୍ତୁ । କଡ଼େଇ ଗରମ ହୋଇଗଲେ ଆଞ୍ଚକୁ ପୁରା ସିମ୍ କରି ମାଣ୍ଡିଆ ଚୁନାକୁ ୪/୫ ମିନିଟରେ ଭାଜନ୍ତୁ । ମାଣ୍ଡିଆ ଚୁନା ଭାଜି ହୋଇଗଲେ ସେଥିରୁ ଆପେ ଆପେ ବାସନା ବାହାରେ । ତା'ପରେ ସେଥିରେ ଲୁଣ, ତେଲ ପକାଇ କିଛି ସମୟ ଭାଜନ୍ତୁ ଓ ଚୁଲିରୁ ଓହ୍ଲାଇ ଦିଅନ୍ତୁ । ଅନ୍ୟ ଏକ କଡ଼େଇରେ ଗୁଡ଼କୁ ଗରମ କରନ୍ତୁ ଓ ପାଗ କରନ୍ତୁ । ଗଡ଼ ଭଲ ଭାବରେ ରାନ୍ଧି ହୋଇ ପାଗ ହେବାପରେ ସେଥିରେ ଭଜା ମାଣ୍ଡିଆ ଚୁନାକୁ ମିଶାଇ ଲଡ୍ଡୁ ପାଇଁ ଆଣ ପ୍ରସ୍ତୁତ କରନ୍ତୁ । ଏହା ବେଶୀ ଶୁଖିଲା କିମ୍ବା ବେଶୀ ପାଣିଆ ଯେପରି ନହୁଏ ସେଥିପ୍ରତି ଧ୍ୟାନ ରଖିବେ । ତା'ପରେ ଚୁଲିକୁ ବନ୍ଦ କରି ଗରମ ଥିବା ଅବସ୍ଥାରେ ସେଥିରେ ଗୁଜୁରାତି ଗୁଣ୍ଡ, ଭଜା ବାଦାମ ଓ ଗୁଆଘିଅ ୨ ଚାମଚ ପକାଇ ଭଲ ଭାବରେ ମିଶାଇ ଦିଅନ୍ତୁ । ମିଶ୍ରଣ ଉଷୁମ ଥିବା ଅବସ୍ଥାରେ ଦୁଇ ହାତରେ ଗୁଆଘିଅକୁ ଲଗାଇ ଲଡ୍ଡୁ ପ୍ରସ୍ତୁତ କରନ୍ତୁ । ଏହି ଲଡ୍ଡୁ ସ୍ୱାଦିଷ୍ଟ ହେବା ସହିତ ଦେହ ପାଇଁ ମଧ୍ୟ ହିତକାରୀ ।

## ମିଠା ମାଣ୍ଡିଆ ପୁରୀ

**ଆବଶ୍ୟକ ସାମଗ୍ରୀ :** ୧ କପ୍ ଅଟା, ୧ କପ୍ ମାଣ୍ଡିଆ ଚୁନା, ଗ୍ରାଇଣ୍ଡିଂ ହୋଇଥିବା ଚିନି ୧/୨କପ୍, ଗ୍ରାଇଣ୍ଡିଂ ହୋଇଥିବା ନଡ଼ିଆ ୩/୪କପ, ଗୁଜୁରାତି ଗୁଣ୍ଡ ୧ଚାମଚ, ଲୁଣ ସ୍ୱାଦ ଅନୁସାରେ ଓ ତେଲ ଆବଶ୍ୟକତା ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ଅଟା ଓ ମାଣ୍ଡିଆ ଚୁନା ନେଇ ତାକୁ ଭଲ ଭାବରେ ମିଶାଇ ଦିଅନ୍ତୁ । ସେହି ମିଶ୍ରଣରେ ଚିନି, ନଡ଼ିଆ, ଗୁଜୁରାତି ଗୁଣ୍ଡ ଓ ଲୁଣ ଏବଂ ୩ ଚାମଚ ତେଲ ଦେଇ ଯେମିତି ପୁରି ପାଇଁ ଅଟା ଚକଟାଯାଏ ଠିକ୍ ସେହିପରି ଆବଶ୍ୟକତା ଅନୁସାରେ ଅଳ୍ପ ପାଣି ଦେଇ ଚକଟି ଦିଅନ୍ତୁ । ଚକଟା ହୋଇଥିବା ମାଣ୍ଡିଆକୁ ଓଦା କପଡ଼ାରେ କିଛି ସମୟ ପାଇ ଘୋଡ଼ାଇ ରଖନ୍ତୁ । ତା'ପରେ ସେହି ମାଣ୍ଡିଆ ଚକଟାକୁ ବାହାର କରି ଛୋଟ ଛୋଟ ଗୋଳା ତିଆରି କରନ୍ତୁ ଏବଂ ପୁରି ସାଇଜରେ ବେଲନ୍ତୁ । କଡ଼େଇରେ ତେଲ ଗରମ କରନ୍ତୁ । ସେଥିରେ ବେଲା ହୋଇଥିବା ପୁରିକୁ ପକାଇ ଛାଣନ୍ତୁ । ପୁରୀଗୁଡ଼ିକ ଫୁଲି ଦୁଇପଟ ଭଲ ଭାବରେ ସିଝିଗଲା ପରେ ପ୍ଲେଟ୍‌କୁ ବାହାର କରି ଦିଅନ୍ତୁ । ପ୍ରସ୍ତୁତ ହୋଇଯିବ ମିଠା ମିଠା ମାଣ୍ଡିଆ ପୁରୀ ।





# ସ୍ୱୟଂଭୂ

## ଶିବକଥା ଓ ଶିବଗାଥାରେ ବର୍ଣ୍ଣିତ ଏକ ମହାର୍ଘ୍ୟ ସଂକଳନ

ଚତୁର୍ଦ୍ଦଶ ଭୁବନର ସଦା ମଙ୍ଗଳମୟ କର୍ତ୍ତା ତୁମେ,
ହେ ମହାଶିବ ।
ତୁମେ ଓଁ କାର, ଅନଘ, ଅଗାଧ, ଆଶୁତୋଷ ଆଦିନାଥ ।
ତୁମେ ବି ନଟରାଜ, ନୀଳକଣ୍ଠ, ନାଗଭୂଷଣ, ନୃତ୍ୟପ୍ରିୟ ।
ତୁମେ ମଧ୍ୟ ପରମଜ୍ୟୋତି, ପରମେଶ୍ୱର, ପଶୁପତି, ପିନାକି ।
ତୁମେ ନିତ୍ୟ, ତୁମେ ଚନ୍ଦନ, ଏକ ଅନୁପମ ସାଧନ ।
ତୁମେ ପ୍ରାଣର ପ୍ରାଣସ୍ୱରୂପ, ଜୀବନ ଓ ଜଗତର କାରଣ ।
ତୁମେ ସତ୍ୟ, ଶିବ ଓ ସୁନ୍ଦର ।
ସଂସାରର ସଂଚାଳକ, ସଂସ୍ଥାପକ ଓ ପରିପାଳକ ମଧ୍ୟ ତୁମେ ।
ନର-ସୁର-ଅସୁର-ଦାନବ-ଯକ୍ଷ-ପିଶାଚ, ସବୁରି ଦେବାଧିଦେବ ।
ସକଳ ଇନ୍ଦ୍ରିୟ ଶକ୍ତିର ପ୍ରକାଶକ ।

ତୁମେ ବେଦର ଓଁ କାର, ଶବ୍ଦର ଝଙ୍କାର ।
ସବୁ ମାୟା ଓ ଛାୟାର ଅତୀତ ।
ତ୍ୟାଗ ତୁମର ଭୂଷଣ, ଆଶୁ ଆଶୀର୍ବାଦ ତୁମର ସଂପତ୍ତି ।
ସଂସାରର ସକଳ ଭୟ ଓ ବିପତ୍ତି ନାଶ କରୁଥିବାରୁ ତୁମେ ଶିବ ।
ତୁମେ ତର୍କ ଓ ସ୍ତବର ଉର୍ଦ୍ଧ୍ୱରେ ।
ନିତ୍ୟ ଆନନ୍ଦର ଅପାର ମହାସିନ୍ଧୁରେ
ସକଳ ପ୍ରାଣର ପ୍ରାଣସ୍ୱରୂପ ତୁମେ ।
ସବୁ ସୁଖ, ସଂପଦ ଓ ଐଶ୍ୱର୍ଯ୍ୟକୁ ତୁଚ୍ଛ କରି
ଜୀବଙ୍କ ଅକ୍ଷୟାନନ୍ଦ ପାଇଁ ତୁମେ ସାଜିଛ ନୀଳକଣ୍ଠ ।
ତୁମେ କାହା ଠାରୁ ଜାତ ନୁହେଁ, ନିଜେ ହିଁ ଭୂମିରୁ ପରିପ୍ରକାଶ
ହୋଇଥିବାରୁ ତୁମେ - **ସ୍ୱୟଂଭୂ** ॥

ଅନୁପମ ଶିବକଥା, ଶିବଗାଥା ଏବଂ ଓଡ଼ିଶା - ଓଡ଼ିଶା ବାହାରର ବହୁ ପ୍ରସିଦ୍ଧ ଶୈବପୀଠଗୁଡ଼ିକ ଉପରେ ଆଲେଖ୍ୟକୁ ନେଇ ପ୍ରକାଶ ପାଇଛି ଏହି ସଂଗ୍ରହଣୀୟ ସଂକଳନ : **ସ୍ୱୟଂଭୂ** ।
୮୦ ଜଣ ବିଶିଷ୍ଟ ଲେଖକ/ଲେଖିକାଙ୍କ ଲେଖାରେ ସମୃଦ୍ଧ ହୋଇଛି ଏହାର ପୃଷ୍ଠା ।

**ହାଡ଼ବୋର୍ଡ଼ ବାଇଣ୍ଡିଂ ସହ ୩୮୮ + ୪୦ ପୃଷ୍ଠା ରଙ୍ଗୀନ ଫଟୋଚିତ୍ର ସହିତ**
**ମୂଲ୍ୟ : ୬୦୦ ଟଙ୍କା**

**ପ୍ରାପ୍ତିସ୍ଥାନ :**
**ଏ.କେ. ନାୟକ ଏଜେନ୍ସି,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୮୬୧୦୪୬୧୭୯)
**ନାରାୟଣୀ ବୁକ୍ ଷ୍ଟଲ୍,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୬୬୮୧୮୬୯୨୬)
**ମାଧବ ବୁକ୍ ଷ୍ଟୋର୍,** ଭରତିଆ ଟାୱାର, ବାଦାମବାଡ଼ି, କଟକ (୯୩୪୮୮୨୮୭୮୩)
**ନିରଂଜନ ବେହେରା,** BSNL ଅଫିସ୍ ସାମ୍ନା, ଲିଙ୍କରୋଡ଼, କଟକ (୯୪୩୭୨୫୫୭୪୪)
**ଲୋକସଂପର୍କ ବିଭାଗ,** ରୁଚି ଉଦ୍ୟୋଗ, ମଧୁପାଟଣା, କଟକ (୮୧୧୪୩୭୪୭୦୫)

**ପ୍ରକାଶକ:**
**ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମନ୍ଦିର**
**ରଜତ ଜୟନ୍ତୀ ମହୋତ୍ସବ କମିଟି**
ରୁଚି ପରିସର, ଶିଳ୍ପାଂଚଳ
ମଧୁପାଟଣା, କଟକ-୭୫୩୦୧୦
ଯୋଗାଯୋଗ: ୯୪୩୭୨୨୬୭୯୭

*** ରୁଚି ଅନୁଷ୍ଠାନରୁ ବିଶେଷ ରିହାତି ମୂଲ୍ୟରେ ପୁସ୍ତକ ଉପଲବ୍ଧ ***

# ସାହିତ୍ୟିକର ଶିଷ୍ଟାଚାର

ସାହିତ୍ୟ ହେଉଛି ଶାଶ୍ୱତ ଓ ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତିର ଏକ ଅବାରିତ ଧାରା । ସାହିତ୍ୟ ହେଉଛି ସତ୍ୟ-ଶିବ ଓ ସୁନ୍ଦର । ଉର୍ଦ୍ଧ୍ୱତର ଚେତନାର ସାହିତ୍ୟ ହେଉଛି ଏକ ଅସୀମ ବ୍ୟାପ୍ତି । ସାହିତ୍ୟ ହିଁ ଜଣେ ମାନବକୁ ସ୍ରଷ୍ଟାର ଆସନରେ ବସାଏ । ସାହିତ୍ୟର ଐଶ୍ୱରୀୟ ପ୍ରେରଣାରେ ସାଧାରଣ ମାନବଟିଏ ମହାମାନବରେ ପରିଣତ ହୁଏ । ପ୍ରତିଷ୍ଠା, ମର୍ଯ୍ୟାଦା ଓ ଅନନ୍ୟପଣରେ ସାହିତ୍ୟ ହିଁ ଜଣକୁ ଅସାଧାରଣ କରିପାରେ । ସାହିତ୍ୟ ସମ୍ପୂର୍ଣ୍ଣ ଏକ ଭିନ୍ନ ଜଗତ । ଦୈବୀ ପ୍ରେରଣା ବିନା ଜଣେ ଏ ଜଗତରେ ନା ପ୍ରବେଶ କରିପାରେ ନା ଅଧିଷ୍ଠିତ ହୋଇ ଆଗେଇ ପାରେ ! ଏଠି କେବଳ ଈଶ୍ୱରୀୟ ଇଚ୍ଛାରେ ହିଁ ଜଣେ ଆସିପାରେ । ପ୍ରତିଷ୍ଠା ପାଇପାରେ । ସେଇଥିପାଇଁ ତ, ସାହିତ୍ୟର ଭାଷା ଗୋଟିଏ । ତାହା ହେଉଛି ସତ୍ୟର ଭାଷା, ମାନବତାର ଭାଷା । ମାନବୀୟତାର ଜାତି, ଧର୍ମ ଓ ଭାଷା ହିଁ ସାହିତ୍ୟର ପୃଥିବୀ । ସୁତରାଂ ସାହିତ୍ୟର ସ୍ରଷ୍ଟାଟିଏ ବା ଆମର ସାହିତ୍ୟିକଟିଏ ସବୁବେଳେ ଉଚ୍ଚାରଣ ଓ ଆଚରଣରେ ଏକ ହେବା ଉଚିତ୍ । ସାହିତ୍ୟିକର ସ୍ୱଭାବ ସବୁବେଳେ ମାନବଜାତିକୁ ପ୍ରେରିତ କରୁଥିବା ଦରକାର । ଜଣେ ସର୍ଜନାକାର ତାର ଆଚରଣ ଓ ଶିଷ୍ଟାଚାର ବଳରେ ପାଠକମହଲ ବା ତାର ଅନୁଗାମୀଙ୍କ ମଧ୍ୟରେ ତିଷ୍ଠି ରହିପାରେ ତମାମ୍ ଜୀବନ ।

ଥରେ କଥା ପ୍ରସଙ୍ଗରେ ପ୍ରଫୁଲ୍ଲ ସାର୍ (ଭାଷାବିତ୍ ଡକ୍ଟର ପ୍ରଫୁଲ୍ଲ କୁମାର ତ୍ରିପାଠୀ)କହିଲେ, "କୃଷ୍ଣ, ଆମେ ଲେଖକମାନେ ନିଜର ଲେଖାଟିକୁ ପ୍ରକାଶ କରୁଥିବା ପତ୍ରପତ୍ରିକାର ବିକ୍ରେତା ବା ବହିପତ୍ର ଦୋକାନୀଙ୍କୁ ସମ୍ମାନସୂଚକ କଥାବାର୍ତ୍ତା କରିବା ଉଚିତ୍ ନୁହେଁ କି ? ଏପରିକି ସେମାନଙ୍କ ସାମ୍ନାରେ ନହୋଇ ସେମାନେ ନଥିବା ସମୟରେ ବି ଆମେ ସେମାନଙ୍କୁ ସମ୍ମାନ ଦେଖେଇ କଥାଭାଷା ହେବା ଉଚିତ୍ ମନେହୁଏ ।" ସାର୍‌ଙ୍କର ଏ ପ୍ରଶ୍ନଟି ମୋ ଭିତରେ ଗଭୀର ଭାବେ ରେଖାପାତ କଲା । ପ୍ରଥମେ ମୁଁ ନିଜର ସ୍ୱଭାବକୁ ବଦଳାଇବାକୁ ଚେଷ୍ଟା କଲି । ବିଭିନ୍ନ ସ୍ଥାନରେ ସେମାନଙ୍କ ବିଷୟରେ ଲେଖିଲା ବେଳେ କି ସେମାନଙ୍କ ସହିତ କଥାବାର୍ତ୍ତା କହିବା ବେଳେ ମୁଁ 'ଆପଣ' ଲଗେଇ ସମ୍ବୋଧନ କରିବା ଆରମ୍ଭ କଲି । ମୁଁ ଧିରେ ଧିରେ ଅଭ୍ୟସ୍ତ ହେବା ସହ ଏଥିରୁ ମୁଁ ଏକ ଆତ୍ମିକ ଆନନ୍ଦ ମଧ୍ୟ ପ୍ରାପ୍ତ କରୁଥିବା ଅନୁଭବ କଲି ।



ଆଜି ଏ ପ୍ରସଙ୍ଗଟିକୁ ଆପଣମାନଙ୍କ ସାମ୍ନାରେ ଉତ୍‌ଥାପନ ନକରି ଆଉ ରହି ପାରିଲିନି । କାରଣ ଅଧୁନା ସାହିତ୍ୟ-ପୃଥିବୀ ଓ ସାହିତ୍ୟିକ-ମହଲରେ ନାନାଦି ବିଭ୍ରାଟ ଦୃଷ୍ଟିଗୋଚର ହେଉଥିଲେ ହେଁ ପ୍ରତିକାର ଦିଗରେ କିଛି କରି ହେଉନାହିଁ । କେବଳ ମନ ଭିତରେ କଷ୍ଟ ହିଁ ଜାତ ହେଉଛି । ଲେଖାଲେଖି କରୁଥିବା ଆମେ ସାହିତ୍ୟିକମାନେ ଯଦି ଆମମାନଙ୍କ ସ୍ୱଭାବ ଓ ଆଚରଣକୁ ଶୁଦ୍ଧ ଓ ସଂଶୋଧିତ ନକରିବୁ, ତେବେ କରିବେ ଆଉ କିଏ ? ଆମେ ସାଧାରଣ ମଣିଷଟିଏ ଠାରୁ ଭିନ୍ନ ଓ ଉଚ୍ଚତର ଚିନ୍ତା ବା ଚେତନାର ବୋଲି ଦାବି କରୁଛୁ । ଅଥଚ ଆମ ପାଖରେ ଶିଷ୍ଟାଚାର ନାହିଁ, ଏ କିପରି ବିଡ଼ମ୍ବନା ! ଶିଷ୍ଟାଚାର ଜାଣିନଥିବା ଜଣେ ବ୍ୟକ୍ତି କିପରି ସାହିତ୍ୟିକ ବୋଲାଇବ ! ଏବେ ତ ଆମ ସ୍ୱଭାବ ଓ ବ୍ୟବହାର ସାଧାରଣ ମଣିଷ ଠାରୁ ବି ନ୍ୟୂନ, ଏହା ଲଜ୍ଜାଜନକ ନୁହେଁ କି ?

ଅନେକ ସମୟରେ ଲକ୍ଷ୍ୟ କରାଯାଏ, କୌଣସି ଜଣେ ବରିଷ୍ଠ ବା ଅଗ୍ରଜ ଲେଖକଙ୍କ ଅନୁପସ୍ଥିତିରେ ଥୋକେ କନିଷ୍ଠ ଲେଖକ ଅସମ୍ମାନଜନକ ଭାଷା ପ୍ରୟୋଗ କରି କଥା  ହୁଅନ୍ତି । କେବେ କେବେ 'ନାମ' ଧରି ମଧ୍ୟ କଥାଭାଷା ହୁଅନ୍ତି । ସାମ୍ନାରେ ଦେଖାହେଲେ ଜଣେ ଲେଖକ 'କୃଷ୍ଣଭାଇ' କି 'କୃଷ୍ଣ ସାର୍' କି 'କୃଷ୍ଣ ବାବୁ' ସମ୍ବୋଧନ କରୁଥିବା ବେଳେ ସେଇ ଲେଖକର ଅନୁପସ୍ଥିତିରେ 'ସେ କୃଷ୍ଣଟା କଣ ଲେଖେ ?'...ଭଳି ବ୍ୟବହାର କରନ୍ତି । ଆମେ 'ବିଭୂତି ପଟ୍ଟନାୟକ କ'ଣ ଲେଖନ୍ତି' ବୋଲି ଲେଖିଲେ ଆମର ହିଁ ମାନ ବଢ଼ିବ । ଠିକ୍ ସେମିତି 'ସୋନ୍‌ପୁର ଦୋକାନୀ କେଉଁଠୁ ପତ୍ରିକା ମଗାଏ' ନ ଲେଖି 'ମଗାଏ' ବଦଳରେ 'ମଗାନ୍ତି' ଲେଖିଲେ ଆମର ହିଁ ମାନ ବଢ଼ିବ । ଯେଉଁମାନେ ପତ୍ରିକା ବିକୁଛନ୍ତି ସେମାନଙ୍କୁ ମର୍ଯ୍ୟାଦା ଦେବାର ଅଭ୍ୟାସ କରିବାକୁ ହେବ । କଥାଟି ସାମାନ୍ୟ । କିନ୍ତୁ ଏହାର ପ୍ରଭାବ ସୁଦୂରପ୍ରସାରୀ । ଯେକୌଣସି ବ୍ୟକ୍ତିଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଉଭୟ ସ୍ଥଳେ ସମାନ ମର୍ଯ୍ୟାଦା ଦେବା ଉଚିତ । ଅନୁପସ୍ଥିତ ବ୍ୟକ୍ତି ପ୍ରତି ତୁଚ୍ଛ ଭାବ ଦେଖାଇବାର କୁସଂସ୍କାରରୁ ଆମେ କେବେ ଆଉ ନିଜକୁ ମୁକୁଳାଇବା ? ଅନ୍ୟ କାହାକୁ ତ କେବେ ନୁହେଁ, ନିଜର ଅତୀତକୁ ସୁଦ୍ଧା ଅନୁକରଣ ନକଲେ ସଭିଏଁ ଉପକାର ପାଇବେ । ମୁଁ ଯଦି ଅଜୟ ସ୍ୱାଇଁଙ୍କୁ 'ଅଜୟ ଭାଇ' ଡାକୁଛି ତେବେ ସେ ଉପସ୍ଥିତ ନଥିବା ବେଳେ ବି ମୁଁ ସେଇ 'ଅଜୟ ଭାଇ' ହିଁ ଡାକିବି । 'ସେ ଅଜୟ କୁଆଡ଼େ ଗଲା' ବୋଲି କହିବି ନାହିଁ । ଏ ଶିଷ୍ଟାଚାର ଆମକୁ ଶିଖିବାର ଅଛି ।

ଥରେ ଜଣେ ଅପେକ୍ଷାକୃତ ତରୁଣ ଲେଖକ ଆଉ ଜଣେ ତାଙ୍କ ଠାରୁ ବୟସ ଓ ସାଧନାରେ ବରିଷ୍ଠ ଲେଖକଙ୍କୁ ଅତି ଅସମ୍ମାନଜନକ ଭାଷା ଓ ଭାବ ପ୍ରୟୋଗ କରି କୌଣସି ଏକ କଥାକୁ ନେଇ ଗାଳି ଦେଉଥିବାର ଦେଖି ଖରାପ ଲାଗିଥିଲା । ମନରେ ଆସିଲା, ଆମେ କେଉଁ ସଭ୍ୟ ଯୁଗରେ ଅଛୁ ? ଭୁଲ ଯାହାର ବି ଥାଉନା କାହିଁକି, ଆମେ ଶିଷ୍ଟାଚାର ଭୁଲି ବୟସ ଜ୍ଞାନ ଭୁଲି ଜଣେ ନିଜଠୁ ବୟସ୍କ ଲେଖକଙ୍କୁ ଅସମ୍ମାନ କଲେ, ଆମେ ନିଜେ ହିଁ ତ ଭୁଲ୍ କଲୁ । ଏଣୁ ସବୁବେଳେ ନିଜକୁ ସତ୍ ଓ ଉଚିତ ମାର୍ଗରେ ପରିଚାଳିତ କରି ନେବାର ଏକ ଭାବନା ଆମ ଭିତରେ ରହୁ । ଅନୁରୂପ ଭାବେ ବରିଷ୍ଠ ଲେଖକଙ୍କ ଆଚରଣ ଓ ଉଚ୍ଚାରଣ ମଧ୍ୟ ଆପତ୍ତିଜନକ ହେବା ଅନୁଚିତ । ଏଇ ଶିଷ୍ଟାଚାର ଆମ ସମସ୍ତଙ୍କର ସାହିତ୍ୟିକ ସ୍ୱଭାବ ହୋଇ ପାରିଲେ, ଆମ ଭିତରେ ବଳବତ୍ତର ରହିଲେ, ସାହିତ୍ୟ ବାତାବରଣ ସୁନ୍ଦର ହୋଇଉଠିବ ।

କୃଷ୍ଣକୁମାର ମହାନ୍ତି


SMILE GOLD JEWELLERS
SG
SMILE GOLD JEWELLERS
Festival Season Offer
Flat Making Charges 399
Flat Making Charges 499
ZERO
Making on advance deposits
Pay 11 months equally, after the 11th month you will be eligible to buy gold ornament for the same amount with absolutely free making charges. T&C Apply.
• Lowest Gold price in Odisha • Free Gold Testing
• Guarantee for Purity • Life time free Servicing
Plot No B38, Fancy Market, Saheed Nagar,
BBSR, 9438019696, 9438029797


HIGHLAND
A Highland Group Entity
A state of the art shrimp processing plant
Our Certifications :
FSSC 22000
BRCGS
Best Aquaculture Practices
Follow us on :
/ highlandagro
Product Profile
Headless (HL)
PUD
PD
Karikadi
Easy Peel
PDTO
/highlandagro
HIGHLAND AGRO FOOD PVT. LTD.
Plot No. 347-358, Gadabhanga, Khantapada, Balasore, Odisha, India - 756043
Email : info@highlandgroups.com
Website : www.highlandgroups.com